## ସୂଚୀପତ୍ର


| କ୍ର.ନଂ | ସୂଚୀପତ୍ର | ପୃଷ୍ଠା |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ମାନବତାର ସେବା ସମ୍ବନ୍ଧରେ ପବିତ୍ର କୁରୁଆନ୍‌ର ଶାଶ୍ୱତ ଶିକ୍ଷା | ୩ |
| ୩ | ମାନବ ସେବା ସମ୍ବନ୍ଧରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ ଙ୍କ ପବିତ୍ର ଶିକ୍ଷା | ୪ |
| ୪ | ମାନବ ସେବା ସଂକ୍ରାନ୍ତରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ପବିତ୍ର କଥନ | ୫ |
| ୫ | ମାନବତାକୁ ସମ୍ମାନ ଜଣାଇବା ଓ ମାନବ ଜାତିକୁ ଶ୍ରଦ୍ଧା କରିବା ସମ୍ବନ୍ଧରେ ପବିତ୍ର କୋରାନ୍ ଶିକ୍ଷା | ୬ |
| ୬ | ମାନବ ଜାତି ସହିତ ସହାନୁଭୂତି ଓ ମାନବତାର ସେବା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ମୂଲ୍ୟବାନ ଉପଦେଶ | ୮ |
| ୭ | ବିଶ୍ୱ ଜଗତ ପାଇଁ କରୁଣାର ଅବତାର ରୂପେ ହଜ୍‌ରତ୍ ମୁହମ୍ମଦ୍ ସଲ୍ଲମ୍ (ମହିଳା, ଶିଶୁ, ଦାସ ଓ ପଶୁମାନଙ୍କ ପ୍ରତି ସଦ୍ ବ୍ୟବହାର ପରିପ୍ରେକ୍ଷୀରେ) | ୧୪ |
| ୮ | ତୃତୀୟ ବିଶ୍ୱଯୁଦ୍ଧର ଧ୍ୱଂସ ମୂଖରୁ ମାନବତାକୁ ରକ୍ଷା କରିବା ନିମନ୍ତେ ଯମାତ୍ ଅହେମଦୀୟାର ଉଲ୍ଲେଖନୀୟ ସେବାମୂଳକ କାର୍ଯ୍ୟ | ୨୧ |
| ୯ | ଯମାତ୍ ଅହେମଦୀୟାର ମାନବ ସେବା ସମ୍ବନ୍ଧରେ ଅନ୍ୟ ବ୍ୟକ୍ତି ବିଶେଷଙ୍କର ମନ୍ତବ୍ୟ | ୨୮ |
| ୧୦ | ହୋମିଓପାଥିକ୍ ଚିକିତ୍ସା ମାଧ୍ୟମରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥ ର:ଅ ଙ୍କ ମହତ୍ୱପୂର୍ଣ୍ଣ ସେବା | ୩୧ |
| ୧୧ | ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ପଂଚମ ଅ:ବ ଙ୍କ ବିଶ୍ୱବ୍ୟାପୀ ପ୍ରୟାସ | ୩୬ |


**ସମ୍ପାଦକୀୟ**

# ହଜ୍‌ରତ୍ ମସିହ୍ ମଉଦ୍ ଆ:ସ "ମାନବ ଜାତିର ସେବକ"

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜକୁ 'ମାନବ ସେବକ' ବୋଲି ବିବେଚନା କରିଛନ୍ତି । କିନ୍ତୁ ଏହି ସମ୍ମାନର ଅଧିକାରି ଆପଣ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଅଟନ୍ତି । ଆପଣ ବାହ୍ୟ ଦୃଷ୍ଟିରୁ ପ୍ରଜାଙ୍କର ପର୍ଯ୍ୟାପ୍ତ ସେବା କରିବା ସହ ଏପରି ଏକ ଜମାଅତର ଭିତିପ୍ରସ୍ତର ରଖିଛନ୍ତି ଯାହା ଏକଶତ ପଂଚବିଂଶ ବର୍ଷରୁ ଭୌତିକ ଏବଂ ଆଧ୍ୟାତ୍ମିକ ମାନବୀୟ ସେବାରେ ଦିବାନିଶି ନିୟୋଜିତ ଓ ପ୍ରଚେଷ୍ଟାରତ । ଅତଏବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରକୃତ ପଦ ମର୍ଯ୍ୟାଦା ଏକ ଆଧ୍ୟାତ୍ମିକ ସେବକ ରୂପେ ବିବେଚିତ ।

ପ୍ରକାଶ ଥାଉ ଯେ ଉକ୍ତ ବିଷୟ ସମ୍ବନ୍ଧୀୟ ଏକ ହଦିସ୍ "ୟୁଫିଜୁଲ ମାଲ, ହତ୍‌ତା ଲା ୟକବଲହୁ ଅହଦ୍" (ବୁଖାରି କିତାବୁଲ୍ ଅମ୍ବିୟା ବାବ୍ ନୁଜୁଲେ ଇସା ଇବ୍‌ନେ ମରିୟମ୍) ଅର୍ଥାତ୍ ଆସିବାକୁ ଥିବା ମସିହ୍ ଅର୍ଥ ବାଂଟିବେ ମାତ୍ର ଲୋକମାନେ ଏହାକୁ ଗ୍ରହଣ କରିବେ ନାହିଁ ।

ଯଦି ଏହା ଆଧ୍ୟାତ୍ମିକ ଧନ ଓ ରତ୍ନ ହୋଇଥାଏ ତେବେ ପୁଣ୍ୟଶ୍ଳୋକ ମୁହମ୍ମଦ ମୁସ୍ତଫା ସ:ଆ:ସ ଙ୍କ ଭବିଷ୍ୟତବାଣୀ ଅକ୍ଷରେ ଅକ୍ଷରେ ସତ୍ୟସିଦ୍ଧ ପ୍ରମାଣିତ । କାରଣ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅସରନ୍ତି ଓ ଅସୀମ ଧନରତ୍ନ ବଂଟନ କରିଛନ୍ତି ମାତ୍ର ଦୁନିଆ ଏହାକୁ ସାଦରେ ଗ୍ରହଣ କରିନାହିଁ ।

ସୁତରାଂ ଯଦି ଉକ୍ତ ହଦିସ୍‌ର ସାର ମର୍ମ ପାର୍ଥିବ ଧନରତ୍ନ ବୋଲି ଧରାଯାଏ ତେବେ ଉକ୍ତ ଭବିଷ୍ୟତ ବାଣୀ ଏଯାବତ ସତ୍ୟ ପ୍ରମାଣିତ ହୁଏନାହିଁ କାରଣ ମୌଲବୀଗଣ ଧନ ଆଶାରେ ଆକାଶକୁ ଚାହିଁ ବସିଛନ୍ତି । ଅପେକ୍ଷାରତ ଯେ ଅଙ୍ଗିକୃତ ଓ ପ୍ରତିଶ୍ରୃତ ମସିହ୍ କେବେ ଆସିବେ ଏବଂ ସେମାନଙ୍କୁ ଧନୀ ଓ ଧର୍ନାଢ଼୍ୟ କରିଦେବେ ।.....
ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରିଛନ୍ତି:-

"ଆମ୍ଭର ଅନେକ ମୌଲବୀବୃନ୍ଦଙ୍କୁ ଏହା ଧୋକା ଲାଗିଛି ଯେ ମେହେଦୀଙ୍କ ଯୁଦ୍ଧ ସମୁହରୁ ସେମାନଙ୍କୁ ଅନେକ ଧନରତ୍ନ ମିଳିବ ଏପରିକି ସେମାନେ ଏହାକୁ ଗଛିତ କରିପାରିବେ ନାହିଁ । ପୁଣି ଯେହେତୁ ଆଜିର ସମୟରେ ଅନେକ ମୌଲବୀ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଅଟନ୍ତି । ତେଣୁ ଦିନରାତି ସେମାନେ ଏଭଳି ଏକ ମେହେଦୀର ଅପେକ୍ଷାରେ ଅଛନ୍ତି ଯାହାଙ୍କ ଦ୍ୱାରା ସମ୍ଭବତଃ ସେମାନଙ୍କର ପାର୍ଥିବ ଆବଶ୍ୟକତା ପୂରଣ ହେବ । ଅତଏବ ଯେ, ଏପରି ମେହେଦିଙ୍କ ଆଗମନକୁ ଅସ୍ୱୀକାର କରେ ତେବେ ମୌଲବୀ ମାନେ ଉକ୍ତ ବ୍ୟକ୍ତିର ଶତ୍ରୁ ହେବା ସହ ତାକୁ ତୁରନ୍ତ କାଫିର(ଅମାନ୍ୟକାରୀ) ର ଆଖ୍ୟା ଦେଉଛନ୍ତି ଏବଂ ଇସ୍‌ଲାମ୍ ପରିସର ବାହାରେ ମନେ କରୁଛନ୍ତି । ସୁତରାଂ ଏହି କାରଣ ସମୁହରୁ ମୁଁ ମଧ୍ୟ ସେମାନଙ୍କ ଚକ୍ଷୁରେ କାଫିର୍ ଅଟେ । କାରଣ ମୁଁ ଏପରି ହତ୍ୟାକାରୀ ମେହଦି ଓ ହତ୍ୟାକାରୀ ମସିହ୍‌ର ଆଗମନର ସମ୍ମତି ଜଣାଏ ନାହିଁ ବରଂ ଏପରି ଅଶ୍ଳୀଳ ବିଶ୍ୱାସ ସମ୍ବନ୍ଧୀୟ ମତବାଦ ସମୂହକୁ ଅତ୍ୟନ୍ତ ଅପସନ୍ଦ ଓ ଘୃଣା ଚକ୍ଷୁରେ ଦେଖୁଅଛି ।" *(ମସିହ୍ ହିନ୍ଦୁସ୍ତାନ୍ ମେ, ରୁହାନି ଖଜାଏନ୍, ଖଣ୍ଡ-୧୫, ପୃଷ୍ଠା-୧୨)*

ଏହିପରି ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରନ୍ତି ଯେ-

"ଆପଣମାନଙ୍କ ବିଶ୍ୱାସ ମତବାଦ ଅନୁଯାୟୀ ଆପଣଙ୍କର କପୋଳକଳ୍ପିତ ମସିହ୍ ଆବିର୍ଭାବ ହୋଇ ସମସ୍ତ ଅମାନ୍ୟକାରୀଙ୍କୁ ହତ୍ୟାକରି ସେମାନଙ୍କର ସମସ୍ତ ଧନରତ୍ନ ତୁମମାନଙ୍କୁ ଦେଇଦେବେ ଏବଂ ସମସ୍ତ ପାର୍ଥିବ ଆଶା ଓ ଆବଶ୍ୟକତା ପୂରଣ କରିବେ । ମୋର ଆବିର୍ଭାବ ଏଥି ସକାଶେ ହୋଇନାହିଁ ଯେ ମୁଁ ସାଂସାରିକ ଘୃଣ୍ୟ ଧନ ଓ ରତ୍ନରେ ତୁମମାନଙ୍କୁ ମଜ୍ଜାଇବି ଏବଂ ପାର୍ଥିବ ଆଶା ଓ ଆକାଂକ୍ଷା ପୁର୍ତି ନିମନ୍ତେ ପଥ ଉନ୍ମୁକ୍ତ କରିଦେବି । ନୁହଁ ବରଂ ବର୍ତମାନର ସାଂସାରିକ ମୋହ କ୍ରମଶଃ ହ୍ରାସ କରି ଇଶ୍ୱର ଆଡ଼କୁ ପ୍ରବର୍ତାଇବି । ଅତଏବ, ବାସ୍ତବରେ ମୋର ଆଗମନ ଦ୍ୱାରା ଆପଣମାନଙ୍କର (ମୌଳବାଦୀ ମୌଲବୀ ମାନଙ୍କର) ବିଶେଷ କ୍ଷତି ସାଧନ ହୋଇଛି । ସତେ ଯେପରି ତେରଶତ ବର୍ଷର ଅପେକ୍ଷାରତ ଧନ ଓ ରତ୍ନ ପ୍ରାପ୍ତିର ସର୍ବ ଆଶା ଓ ଅଭିଳାଷା ଧୁଳିସାତ ହୋଇଯାଇଛି । ଅଥବା ଏହା କୁହ ଯେ କରୋଡ କରୋଡ ଟଙ୍କାର କ୍ଷତି ଘଟିଛି ।"

(ତରୟାକୁଲ୍ କୁଲୁବ୍, ରୁହାନି ଖଜାଏନ୍ ଖଣ୍ଡ-୧୫, ପୃଷ୍ଠା-୧୫୯)

ପ୍ରକାଶ ଥାଉ ଯେ ଇସ୍‌ଲାମ୍ ଧର୍ମ ଅଧ୍ୟାତ୍ମିକ ଦୃଢ଼ୀକରଣ ନିମନ୍ତେ ଧନ ଓ ଜୀବନର ତ୍ୟାଗ ମଧ୍ୟ ଲୋଡ଼ିଥାଏ । ଯେପରିକି ପବିତ୍ର କୋରାନ୍‌ର ସୁରାଃ ତୌବା ଆୟତ ନଂ-୧୧୧ ରେ ଅଲ୍ଲାଃ ବର୍ଣ୍ଣନା କରିଛନ୍ତି ଯେ-

ଇନ୍ନଲ୍ଲାହଶ୍‌ତରା ମିନଲ୍ ମୁଉମିନୀନା ଅନ୍‌ଫୁସହୁମ୍ ୱ ଅମ୍‌ୱାଲହୁମ୍ ବିଅନ୍ନ ଲହମୁଲ୍ ଯନ୍ନଃ ଅର୍ଥାତ୍-ଅଲ୍ଲାଃ ବିଶ୍ୱାସିମାନଙ୍କଠାରୁ ସେମାନଙ୍କର ଧନ ଓ ଜୀବନ (ଏହି ପ୍ରତିଶ୍ରୃତି ସହ) କ୍ରୟ କରିଛନ୍ତି ଯେ ସେମାନଙ୍କୁ ବୈକୁଣ୍ଠ ପ୍ରାପ୍ତ ହେବ ।

ପୁଣ୍ୟଶ୍ଳୋକ ମୁହମ୍ମଦ ସ:ଆ:ସ ଙ୍କ ସାହାବିମାନେ (ସଖାମାନେ) ଇସ୍‌ଲାମ୍ ନିମନ୍ତେ ଆଧ୍ୟାତ୍ମିକବାଦର ଦୃଢ଼ୀକରଣ ଏବଂ ସର୍ବଦା ବଜାୟ ରଖିବା ପାଇଁ ନିଃଶ୍ୱାର୍ଥପର ଧନ ଜୀବନ ତ୍ୟାଗ କରିଛନ୍ତି । ଅତଏବ ପ୍ରକୃତ ଜୀବନ ପରକାଳ ଜୀବନ ଅଟେ । ଏହି ସାଂସାରିକ ଜୀବନ ଓ ପାର୍ଥିବ ଧନ ରତ୍ନ ନିମିତ ଓ ନିରସ ମାତ୍ର । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ବର୍ଣ୍ଣନା କରୁଛନ୍ତି- "ୱ ଇନ୍ନା ଦାରଲ୍ ଆଖିରତା ଲହିୟଲ ହୟଓ୍ୱାନ୍ ଲଓ କାନୁ ୟଅଲ୍‌ମୂନ୍ । ଅର୍ଥାତ୍-ପ୍ରକୃତ ଜୀବନ ପରକାଳର ଜୀବନ ଅଟେ । କାଳେ ସେମାନେ ଏହି କଥା ବୁଝିପାରନ୍ତେ ।

ପୁନଶ୍ଚ ଅଲ୍ଲାଃତାଲା ବର୍ଣ୍ଣନା କରୁଛନ୍ତି:- "ବଲ୍ ତୁସିରୁନଲ ହୟାତଦ୍ ଦୁନିଆ ୱଲ୍ ଆଖିରତୁ ଖଇରୁଁ ୱ ଅବ୍‌କା । ଅର୍ଥାତ୍- ତୁମ୍ଭେମାନେ ସାଂସାରିକ ଜୀବନକୁ ଅଗ୍ରାଧିକାର ଦେଉଛ ଯେବେକି ପରକାଳ ସର୍ବୋକୃଷ୍ଟ ଓ ଚିରଞ୍ଜିବୀ । ଇଶ୍ୱରଙ୍କ ପ୍ରେରିତ ଦୂତ ମାନଙ୍କର ଆଗମନ ଏଥି ସକାଶେ ହୋଇଥାଏ ଯେ ଶିର୍କ, ଅବିଶ୍ୱାସ, ମିଥ୍ୟା ବିଶ୍ୱାସ ତତ୍ୱ ଏବଂ କୁଚିନ୍ତାଧାରାର ଦୁରୀକରଣ କରି ସୃଷ୍ଟିର ସ୍ରଷ୍ଟାଙ୍କ ସହ ସମ୍ପର୍କ ନିବିଡ଼ କରାଇ ପରକାଳର ପଥ ସହଜ ଓ ସୁଗମ କରିଥାନ୍ତି ଅତଏବ ଏହି ପରିପ୍ରେକ୍ଷିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜକୁ ମାନବ ସେବକ ବୋଲି ବିବେଚିତ କରିଛନ୍ତି ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆପଣ ମାନବ ସମାଜର କିପରି ସେବା କରିଛନ୍ତି ତାହା ଏକ ଅସରନ୍ତି ପ୍ରବନ୍ଧ ଅଟେ । ଆପଣଙ୍କ ମାନବ ସମାଜ ସେବା ସମ୍ବନ୍ଧୀୟ କିଛି ଗୋଟି ମୁଖ୍ୟ ଉଦାହରଣ ନିମ୍ନରେ ପ୍ରଦତ କରାଗଲା ।

ଆପଣ ନିଜର ମହାମୁନିବ, ପୁଣ୍ୟ ଶ୍ଳୋକ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଙ୍କ ଅନୁରୂପ ରୁପେ ସମଗ୍ର ବିଶ୍ୱ ଓ ମାନବ ସମାଜ ନିମନ୍ତେ ପ୍ରେରିତ ହୋଇଛନ୍ତି । ଆପଣ ଗୋଟିଏ ପକ୍ଷେ ଇସ୍‌ଲାମ୍ ଧର୍ମ ମଧ୍ୟେ କାଳକ୍ରମେ ପ୍ରବେଶିତ ଓ ଜନ୍ମିତ କୁବିଶ୍ୱାସତତ୍ୱ, ଧାରଣା ସମୁହ ଓ ଅବାନ୍ତର କୁପ୍ରଥା ରେ ସଂସ୍କାର ଓ ସୁଧାର ଆଣିଲେ । ଅପରପକ୍ଷେ ଅନ୍ୟାନ୍ୟ ଧର୍ମ ସମୂହର ତ୍ରୁଟି, ଅନ୍ୟାନ୍ୟ ଧର୍ମାବଲମ୍ବି ମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଲେ ଏବଂ ସେମାନଙ୍କୁ ଅତ୍ୟନ୍ତ ପ୍ରେମ ଓ ପ୍ରକୃତ ସହାନୁଭୂତି ଦ୍ୱାରା ସେମାନଙ୍କର ମାର୍ଗ ଦର୍ଶନ କରାଇଲେ ।

ମୁସଲ୍ମାନଗଣ, ଯେଉଁମାନେ କି ମସିହ୍ (ଇଶା ମହିହ୍ଙ୍କ) ଜିବିତ ଥିବାର ବିଶ୍ୱାସ ପୋଷଣ କରୁଥିଲେ ସେମାନଙ୍କର ଏଭଳି ଭାଷଣ ଭୂଲ୍ ବୋଲି ପ୍ରମାଣ କରିଲେ ଏବଂ ସେମାନଙ୍କ ମଧ୍ୟରେ ସୁଧାର ଆଣିଲେ । ଏବଂ ପର୍ଯ୍ୟାପ୍ତ ପ୍ରମାଣ ସହ ଇଶା ମସିହ୍ଙ୍କ ମୃତ୍ୟୁ ପ୍ରକଟିତ ହୋଇଯାଇଥିବା ସାବ୍ୟସ୍ତ କରିଲେ । ଉକ୍ତ ବିଷୟଟି ମୁସଲ୍ମାନମାନଙ୍କ ମଧ୍ୟରେ ଏଭଳି ଏକ ଭ୍ରାନ୍ତ ମତବାଦ ଥିଲା ଯଦ୍ୱାରା ମୁସଲମାନମାନଙ୍କୁ ଖ୍ରିଷ୍ଟିୟାନ୍ ମାନଙ୍କ ମୁକାବିଲାରେ ପ୍ରତ୍ୟେକ ସ୍ଥଳରେ ପରାଜୟର ସ୍ୱାଦ ଆସ୍ୱାଦନ କରିବାକୁ ପଡୁଥିଲା । ଏବଂ ମାତ୍ରାଧିକ ମୁସଲ୍ମାନମାନେ ଖ୍ରୀଷ୍ଟଧର୍ମରେ ଦିକ୍ଷିତ ହେଉଥିଲେ । କାରଣ ଉକ୍ତ ବିଶ୍ୱାସ ତତ୍ୱ ହଜ୍ରତ୍ ଇଶା ମସିହ୍ ଆ:ସଙ୍କ ପଦ ମର୍ଯ୍ୟାଦାକୁ, ହଜ୍ରତ୍ ମୁସ୍ତଫା ସ:ଆ:ସଙ୍କ ପଦ ମର୍ଯ୍ୟାଦା ଠାରୁ ଉନ୍ନତତର ବୋଲି ସାବ୍ୟସ୍ତ କରିଥାଏ । ଉକ୍ତ ଭୟାବହ ବିଶ୍ୱାସ ତତ୍ୱକୁ ଖଣ୍ଡନ କରିଲେ । ପୁଣି ଇସ୍ଲାମ୍ ତରବାରି ମୁନ ଦ୍ୱାରା ବ୍ୟାପିଛି ବୋଲି ଥିବା ବିଶ୍ୱାସତତ୍ୱକୁ ସୁଧାରିଲେ । ଉପରୋକ୍ତ ତତ୍ୱ ପ୍ରକୃତରେ ଇସ୍ଲାମ୍ ବିରୁଧରେ ଖ୍ରୀଷ୍ଟିୟାନ୍ ଭାଇମାନଙ୍କର ଗୋଟିଏ ଅଭିଯୋଗ ଥିଲା । ଏବେ ମଧ୍ୟ ଅଛି, ମାତ୍ର ଦୁଃଭାର୍ଗ୍ୟବଶତଃ କେତେକ ମୁସଲ୍ମାନଙ୍କ ମଧ୍ୟରେ ଏପରି ବିଶ୍ୱାସ ତତ୍ୱ ପ୍ରଚଳିତ ହୋଇଅଛି । ପ୍ରକାଶ ଥାଉ ଯେ ଅବତାରଗଣ ସଂସାରକୁ ଇଶ୍ୱରଙ୍କ ମୂଖ ଦର୍ଶନ କରାଇଥାନ୍ତି । ଯେଉଁ ସମୟରେ ହଜ୍ରତ୍ ମସହି୍ ମଉଦ୍ ଆ:ସ ପ୍ରେରିତ ହେଲେ ସେ ସମୟରେ ଇଶ୍ୱର ସଂସାରର ଚକ୍ଷୁରୁ ଲୁକ୍କାୟିତ ହୋଇଯାଇଥିଲା । ଏବଂ ଏଭଳି ଭାବରେ ଗୁପ୍ତ ହୋଇଥିଲା ଯେ ଲୋକମାନଙ୍କର ଇଶ୍ୱର ସହ ପ୍ରକୃତ ସମ୍ବନ୍ଧ କିଛି ନଥିଲା । ହଜ୍ରତ୍ ମିର୍ଜା ସାହେବ୍ ନିଶାନ (ନିଦର୍ଶନ) ଦେଖାଇ ଇଶ୍ୱରଙ୍କୁ ତାର ଗୁଣ ସମୂହ ସହ ଦୁନିଆ ଆଗରେ ପ୍ରକାଶ କରିଲେ ।” *(ହଜ୍ରତ୍ ମୁସ୍ଲେହ ମଉଦ୍ ର:ଅ ଙ୍କ ବକ୍ତୃତା, ୨୮ ଡିସେମ୍ବର ୧୯୨୭ ଜଲ୍ସା ସାଲାନା ଅବସରରେ)*

ଏବଂ ଅବତାରମାନଙ୍କ ସମ୍ବନ୍ଧରେ ଏହା ପ୍ରକାଶ ଥାଉ ଯେ ମୁସଲ୍ମାନଙ୍କ ମଧ୍ୟରେ ସୁନ୍ନି ସଂପ୍ରଦାୟ ଅଓଲିୟାଉଲ୍ଲା ଏବଂ ସୁଫିଗଣ ଏବଂ ଏମାନଙ୍କ ସମ୍ପର୍କିୟଙ୍କୁ ଛାଡ଼ିଦେଲେ ଅନ୍ୟାନ୍ୟ ଅବତାରଗଣଙ୍କ ପଦମର୍ଯ୍ୟାଦା ବିରୁଦ୍ଧରେ ଥିଲେ । କେତେକ ଅବତାର ମାତ୍ର ସମ୍ଭାବନା ପର୍ଯ୍ୟନ୍ତ ଅବତାର ଥିଲେ । ଅନେକ ଅବତାରମାନଙ୍କ ଆଡକୁ ପାପ ସୂଚାଉଥିଲେ ଏବଂ ଏପରି କରିବାରେ କୌଣସି ଦୋଷ ଓ ଦୁର୍ବଳତା ବୋଲି ଭାବୁନଥିଲେ । ହଜ୍ରତ୍ ଇବ୍ରାହୀମ୍ ଆ:ସଙ୍କ ବିଷୟରେ କହୁଥିଲେ ଯେ ଆପଣ ତିନିଗୋଟି ମିଥ୍ୟା କହିଛନ୍ତି ଏବଂ ହଜ୍ରତ୍ ୟୁସୁଫ୍ ଆ:ସଙ୍କ ବିଷୟରେ କୁହନ୍ତି ଯେ ଆପଣ ଚୋରି କରିଥିଲେ । ହଜ୍ରତ୍ ଇଲିୟାସ୍ ଆ:ସଙ୍କ ବିଷୟରେ କହନ୍ତି ଯେ ଆପଣ ଅଲ୍ଲାତାଲାଙ୍କ ଠାରୁ ନାରାଜ ହୋଇଯାଇଥିଲେ । ହଜ୍ରତ୍ ଦାଉଦ ଆ:ସଙ୍କ ବିଷୟରେ କହନ୍ତି ଯେ ଆପଣ ଅନ୍ୟଜଣଙ୍କ ସ୍ତ୍ରୀ ପ୍ରତି ପ୍ରେମିକ ହୋଇଯାଇଥିଲେ । ଏବଂ ଉକ୍ତ ସ୍ତ୍ରୀ କୁ ପ୍ରାପ୍ତ କରିବା ଯୋଗୁ ଆପଣ ଏହି ସ୍ତ୍ରୀ ର ସ୍ୱାମୀକୁ ଯୁଦ୍ଧକୁ ପଠାଇ ମୃତ୍ୟୁକରାଇଦେଲେ । ଏପରିକି ଏହି ରୋଗ ଏତେ ମାତ୍ରାରେ ବଢ଼ିଗଲା ଯେ ହଜ୍ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ବ୍ୟକ୍ତିତ୍ୱ ମଧ୍ୟ ଏଥିରୁ ସୁରକ୍ଷିତ ନଥିଲା । ହଜ୍ରତ୍ ମସିହ୍ ମଉଦ୍ ଆ:ସ ଦର୍ଶାଇଲେ ଯେ ଏପରି ଚିନ୍ତାଧାରା ସମ୍ପୂର୍ଣ୍ଣ ଭୁଲ୍ ତଥା ଯେଉଁ କଥା ସବୁ କୁହାଯାଉଅଛି ତାହା ପୁରାପୁରି ମିଥ୍ୟା ଅଟେ । ଏହା କଦାପି ହୋଇନପାରେ ଯେ ଅବତାର (ନବୀ) ଙ୍କ ଦ୍ୱାରା କୌଣସି ପାପ ସଂପାଦିତ ହେବ ।” *(ହଜ୍ରତ୍ ମୁସ୍ଲେହ ମଉଦ ର:ଅ ଙ୍କ ବକ୍ତୃତା ୨୮ ଡିସେମ୍ବର ୧୯୨୭, ଜଲ୍ସା ସାଲାନା କାଦିଆନ୍)*

ପବିତ୍ର କୋରାନ୍ ସମ୍ବନ୍ଧରେ ମଧ୍ୟ ନାନା ପ୍ରକାରର ଭ୍ରାନ୍ତ ଧାରଣାମାନ ମୁସଲ୍ମାନମାନେ ନିଜ ମନରେ ପୋଷଣ କରିଥିଲେ ଏବଂ ଏବେ ମଧ୍ୟ କରୁଛନ୍ତି । ଏକ ଅତ୍ୟନ୍ତ ଭୟାବହ ବିଶ୍ୱାସ ତତ୍ୱ (ନାସିଖ୍ ଓ ମନସୂଖ୍) ସମ୍ବନ୍ଧୀୟ ଅଟେ । (ନାସିଖ ଓ ମନ୍ସୂଖ୍ର ଅର୍ଥ ପବିତ୍ର କୋରାନ୍ର କିଛି ଗୋଟି ଶ୍ଲୋକ ଅନ୍ୟକିଛି ଶ୍ଲୋକର ଖଣ୍ଡନ କରିଥାଏ ଓ ତାର ସ୍ଥାନଚ୍ୟୁତ କରିଥାଏ) ଉକ୍ତ ବିଶ୍ୱାସ ତତ୍ୱକୁ ମାନିବା ଦ୍ୱାରା ସଂପୁର୍ଣ୍ଣ କୁରୁଆନ୍ ଉପରୁ ବିଶ୍ୱାସ ଉଠିଯାଇଥାଏ । ଏହିପରି ପବିତ୍ର କୁରୁଆନ୍ ସମ୍ବନ୍ଧରେ ଅନ୍ୟ ଏକ ବିଶ୍ୱାସ ତତ୍ୱ ଏହା ଥିଲା ଯେ ପବିତ୍ର କୁରୁଆନ୍ ହଦିସ୍ର ଅଧିନସ୍ଥ । ଆପଣ ଆ:ସ ପବିତ୍ର କୁରୁଆନ୍ କରୀମ୍ ସମ୍ବନ୍ଧରେ ସମସ୍ତ ଭ୍ରାନ୍ତ ଓ ଭ୍ରମ ବିଶ୍ୱାସ ତତ୍ୱର ଖଣ୍ଡନ କରି ଦୂରିକରଣ କଲେ ଓ ସୁଧାର ଆଣିଲେ । ଫରିସ୍ତା (ଦେବଗଣଙ୍କ) ଙ୍କ ସମ୍ବନ୍ଧରେ ଭୂଲ୍ଧାରଣାମାନର ଦୂରୀକରଣ ମଧ୍ୟ କଲେ ଏବଂ ସେମାନଙ୍କର ପ୍ରକୃତ ପଦମର୍ଯ୍ୟାଦା ସାବ୍ୟସ୍ତ କରିଲେ । ଦୁଆ ବିଷୟରେ ଆପଣ ଅନେକ କିଛି ଲେଖିଲେ ତଥା ଦୁଆ ଗ୍ରହଣ ହେବା ବିଷୟରେ ନିଜ କର୍ମଦ୍ୱାରା ଅନେକ କିଛି ନିଦର୍ଶନମାନ ଦେଖାଇଲେ । ଯେବେବି ସମୟରେ ମୁସଲମାନମାନେ ଦୁଆର ଚମତ୍କାରିତା ଓ ବିସ୍ମୟତା ସମ୍ବନ୍ଧରେ ସଂପୁର୍ଣ୍ଣ ଅଜ୍ଞ ଥିଲେ । ଯେବେକି ସେ ସମୟରେ ସାର୍ ସୟଦ୍ ଅହମଦ୍ ଖାଁଙ୍କ ପରି ଜଣେ ବିଦ୍ୱାନ ବ୍ୟକ୍ତିତ୍ୱ ମଧ୍ୟ ଦୁଆର ପ୍ରଭାବ ଓ ସୁପ୍ରସିଦ୍ଧ ଓ ଗ୍ରହଣୀୟତାର ଅମାନ୍ୟକାରୀ ଥିଲେ । ମୁସଲ୍ମାନମାନଙ୍କର ସେତେବେଳେ ଏହା ମଧ୍ୟ ବିଶ୍ୱାସ ଥିଲା ଯେ ଅଲ୍ଲାର କଲାମ୍ (କଥା ଓ ବାର୍ତା) ଏବଂ (ଏଲ୍ହାମ) ଦୈବିବାଣୀ ସଂପୂର୍ଣ୍ଣ ଭାବେ ବନ୍ଦ୍ ହୋଇଯାଇଅଛି । ଆପଣ ଏହି ଅଣ ଇସ୍ଲାମି ବିଶ୍ୱାସ ତତ୍ୱରେ ସୁଧାର ଆଣିଲେ ।

ସୟଦ୍ନା ହଜ୍ରତ୍ ମସିହ୍ ମଉଦ୍ ଆ:ସ ଶେଷ ଯୁଗ ସୁଧାରକ ଭାବେ ଅନ୍ୟାନ୍ୟ ଧର୍ମମାନଙ୍କର ଭୁଲ ସମୁହକୁ ସେମାନଙ୍କ ସମ୍ମୁଖରେ ପ୍ରକାଶ କଲେ । ମାତ୍ର ଏ ସମସ୍ତ କାର୍ଯ୍ୟ ଆପଣ ଅତ୍ୟନ୍ତ ପ୍ରେମ ଓ ସହାନୁଭୁତି ସହ ସମ୍ପାଦନ କରି ସେମାନଙ୍କ ସମ୍ମୁଖରେ ପ୍ରମାଣିତ କରିଲେ ଯେ ଇସ୍ଲାମ୍ ହିଁ ପ୍ରକୃତ ଖୁସି ଓ ମୋକ୍ଷ ପ୍ରାପ୍ତିର ମାର୍ଗ ଅଟେ ।

ଖ୍ରୀଷ୍ଟ ଧର୍ମକୁ ଏକଶ୍ୱରବାଦର ଶିକ୍ଷା ଦେଲେ ଏବଂ ପ୍ରକାଶ କଲେ ଯେ ସମଗ୍ର ବିଶ୍ୱର ସ୍ରଷ୍ଟା ଓ ପରିଚାଳକ ଏକ ଅଟେ । ଇଶ୍ୱର ସମ୍ବନ୍ଧୀୟ ତିନିଗୋଟି ଖୁଦାଙ୍କର ଯେଉଁ ବିଶ୍ୱାସ ତତ୍ୱ ଅଛି ତାହା ସଂପୁର୍ଣ୍ଣ ଭୁଲ୍ ଏବଂ ପ୍ରକୃତିର ନିୟମ ବିରୁଧ ଅଟେ । ହଜ୍ରତ୍ ଇସା ମସିହ୍ କୃଶ ଉପରେ ମୃତ୍ୟୁ ବରଣ କରିନାହାଁନ୍ତି ଅବା ଅଭିଷପ୍ତ ହୋଇଛନ୍ତି । ଅଭିଶପ୍ତର ମାସିକ ଅର୍ଥ ବୁଝାଇଲେ ଯେ ପ୍ରକୃତରେ ଯେଉଁ ବ୍ୟକ୍ତି ଅଭିଷପ୍ତ କଦାପି ଇଶ୍ୱରଙ୍କ  ସହ ତାର କିଂଚିତ ମାତ୍ର ସଂପର୍କ ହୋଇନପାରେ ବରଂ ଏହାର ଅର୍ଥ ହେବ ଯେ ଇଶ୍ୱର ତାଠାରୁ ଏବଂ ସେ ଇଶ୍ୱରଙ୍କରଠାରୁ ବିରକ୍ତ ଅଟନ୍ତି ।

ଅତଏବ ଉକ୍ତ ପରିପ୍ରେକ୍ଷୀରେ ହଜ୍ରତ୍ ଇସା ମସିହ୍ଙ୍କ ଭଳି ଏକ ପଦମର୍ଯ୍ୟାଦା ସମ୍ପନ୍ନ ଅବତାରକୁ ଅଭିଷପ୍ତ ବୋଲି ଆକ୍ଷାଦେବା ଅତ୍ୟାଚାର ଅଟେ । କୃଶବଦ୍ଧ ଘଟଣା ପରେ ଅଲ୍ଲାଃତାଲା ଆପଣଙ୍କୁ ରକ୍ଷା କଲା ଏବଂ ଆପଣ ନସିବଏନ ରାସ୍ତା ଦେଇ ଆଫ୍ଗାନିସ୍ତାନ୍ ହୋଇ ହିନ୍ଦୁସ୍ତାନ୍ରେ ପହଂଚିଲେ ଏବଂ ଏକଶତ ପଚିଶ ବର୍ଷ ଜୀବିତ ରହି ପ୍ରାକୃତିକ ମୃତ୍ୟୁବରଣ କଲେ । ଏବଂ ଶ୍ରୀନଗର କାଶ୍ମୀର୍ର ସ୍ଥାନ ମୁହଲ୍ଲାଃ ଖାନିଆର୍ ଠାରେ ଆପଣଙ୍କ କବର୍ ଅବସ୍ଥିତ ଅଛି ।

ଏବଂ ହିନ୍ଦୁ ଭାଇମାନଙ୍କର ସମସ୍ତ ଏକଶ୍ୱରବାଦ ଆଡକୁ ଆହ୍ୱାନ ଦେବା ସହ ପ୍ରକାଶ କରିଲେ ଯେ ଏହି ବିଶ୍ୱରୁ ପ୍ରତ୍ୟେକଟି ଅଣୁ ପରମାଣୁ ଇଶ୍ୱରଙ୍କ ଦ୍ୱାରା ସୃଷ୍ଟି । କୌଣସି ପଦାର୍ଥ ଅଲ୍ଲାଃଙ୍କ ବ୍ୟତୀତ ଆବାହମାନକାଳର ଅଛି ଆଉ ସର୍ବଦା ରହିବ । ଆତ୍ମା ଏବଂ ଶରୀର ସମୂହ ଅଲ୍ଲାଃଙ୍କ ଦ୍ୱାରା ଜନ୍ମିତ ତନାସୁଖ୍ ସମ୍ବନ୍ଧୀୟ ବିଶ୍ୱାସତତ୍ୱକୁ ଦୃଢ଼ ପଦକ୍ଷେପ ଗ୍ରହଣ କରି, ଯୁକ୍ତିଯୁକ୍ତ ପ୍ରମାଣସହ ଉଚିତ୍ ପଦକ୍ଷେପ ଗ୍ରହଣ କରି ଖଣ୍ଡନ କରିଲେ । ଏବଂ ହିନ୍ଦୁଇଯମ୍ର ଏକ ଶ୍ରେଷ୍ଠ ଆର୍ଯ୍ୟବର୍ତରେ ନିୟୋଗ ସମ୍ବନ୍ଧୀୟ ବିଶ୍ୱାସତତ୍ୱର ଦୃଢ଼ ଖଣ୍ଡନ କରି କହିଲେ ଯେ ଏହା ସମ୍ପୂର୍ଣ୍ଣ ଅମାନୁସିକ ଧର୍ମ ବିଶ୍ୱାସ ତଥା ନିର୍ଲଜ୍ଜତାର ପରିଚୟ ମାତ୍ର । ପୁଣି କହିଲେ- “ମୋର ମତାମତ ଏହା ଯେ ଏହା କଦାପି ବେଦର ଶିକ୍ଷା ନୁହେଁ” ।

ଆପଣ ବର୍ଣ୍ଣନା କରିଲେ:- “ସାବାସ୍ ହେ ସନାତନ ଧର୍ମ । ତୁ ପ୍ରତ୍ୟେକ ସୁକ୍ଷ୍ମାଶକୁ ଏବଂ ପ୍ରତ୍ୟେକ ଜୀବକୁ ନିଜ ଅସ୍ତିତ୍ୱର ପରମେଶ୍ୱର ବୋଲି ମଣୁନାହିଁ, ତଥା ନିୟୋଗ ରୂପକ କ୍ଷୁର୍ଣ୍ଣତାକୁ ନିଜ ମଧ୍ୟରେ ପ୍ରବେଶ କରାଇଲୁ ନାହିଁ । ମୁଁ ସତ ସତ କହୁଛି ଯଦି ତୁ ଏପରି ଅଗ୍ରଗାମୀ ହେଉ କି ଇଶ୍ୱରଙ୍କ ନିକଟବର୍ତୀ ଯୋଗିମାନଙ୍କ ସୁଦୃଢ଼ ହୋଇଯାଉ, ଯେଉଁମାନେ ଏଭଳି ସନ୍ନିକଟ ହେଉଛନ୍ତି କି ମୂର୍ତିପୂଜାକୁ ନିଜଠାରୁ ବର୍ଜନ କରିଦେବୁ ତେବେ ଏପରି ହେଲେ ଆର୍ଯ୍ୟମାନଙ୍କର ମୁକାବିଲାରେ ପ୍ରତ୍ୟେକ ସ୍ଥଳରେ ତୁ ବିଜୟୀ ହେବୁ । ସେମାନେ ଗୋଟିଏ ସୁତ୍ରରେ ତୋ ପାଖକୁ ଆସିବେ ମାତ୍ର ସାତଗୋଟି ଦ୍ୱାର ଦେଇ ପଳାୟନ କରିବେ । ଏହା କୌଣସି ନୂତନ ବିଷୟ ନୁହେଁ ବରଂ ପୁରାତନ ସମୟରୁ ଯୋଗିମାନଙ୍କର ଅଗ୍ନିରେ ଜଳିଯିବ । ପ୍ରମାଣ କରେ ଯେ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟସବୁ ବୃଥା ମାତ୍ର ।”

*(ସନାତନ ଧର୍ମ, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୪୭୯)*

ନିମ୍ନରେ ଆମ୍ଭେ ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କର କିଛିଗୋଟି ଆଦେଶ ଗୁଡିଏ ବର୍ଣ୍ଣନା କରିଅଛୁ । ଆପଣ ଆ:ସ ବର୍ଣ୍ଣନା କରନ୍ତି- “ମନେଥାଉ ଯେ ବାଇବଲ୍ରେ ହଜ୍ରତ୍ ଇସା ମସିହ୍ ଙ୍କ ଆଗମନ ସମ୍ବନ୍ଧରେ ଦୁଇ ପ୍ରକାରର ଭବିଷ୍ୟବାଣୀ ବର୍ଣ୍ଣିତ । ପ୍ରଥମତଃ ଶେଷ ସମୟରେ ଆସିବାର ପ୍ରତିଶ୍ରୁତି, ଏବଂ ଏପରି ପ୍ରତିଶ୍ରୁତି ଆଧାତ୍ମିକ ଅଟେ । ଏବଂ ଏପରି ଆସିବା ଠିକ୍ ସେହିପରି ଅଟେ ଯେପରି ଏଲିଆ ନବୀ (ଅବତାର) ହଜ୍ରତ୍ ଇସା ମସିହ୍ଙ୍କ ସମୟରେ ଦ୍ୱିତୀୟଥର ଆବିର୍ଭାବ ହୋଇଥିଲେ । ଅତଏବ ଆମ୍ଭର ଏହି ଯୁଗରେ ସେ ଇଲିୟା ନବୀଙ୍କ ଭଳି ଆସିସାରିଛନ୍ତି ଏବଂ ସେ ହେଉଛି ମୁଁ ସ୍ୱୟଂ ନିଜେ, ଯିଏ କି ଜଣେ ମାନବ ସେବକ ଅଟେ, ଯିଏକି ଅଙ୍ଗିକୃତ ଓ ପ୍ରତିଶ୍ରୁତ ମସିହ୍ ହୋଇ ଇସା ମସିହ୍ ଆ:ସଙ୍କ ନାମରେ ଆସିଅଛି ।

*ଅବଶିଷ୍ଟାଂଶ ପୃଷ୍ଠା-୧୨ ରେ ଦେଖନ୍ତୁ.....*

ତୁମେମାନେ ସର୍ବୋତ୍କୃଷ୍ଟ ସମ୍ପ୍ରଦାୟ ଯାହାକୁ ଲୋକମାନଙ୍କ (ଉପକାର) ଲାଗି ସୃଷ୍ଟି କରାଯାଇଛି । ତୁମେମାନେ ପୁଣ୍ୟ(କାର୍ଯ୍ୟକରିବା) ପାଇଁ ଉପଦେଶ ଦେଉଅଛ ଓ ପାପ (କାର୍ଯ୍ୟ) ରୁ ବାରଣ କରୁଅଛ ଓ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଆଣିଛ ।

# ମାନବତାର ସେବା ସମ୍ବନ୍ଧରେ ପବିତ୍ର କୁରଆନ୍‌ର ଶାଶ୍ୱତ ଶିକ୍ଷା

## ଅଲ୍ଲାଃ ସମସ୍ତ ଜୀବଜଗତର ପାଳନକର୍ତା ।

ଅଲହମ୍‌ଦୋ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ (ସୁରା ବକ୍ରା:୨)

ଅନୁବାଦ - ସମସ୍ତ ଜଗତର ପାଳନକର୍ତା ଅଲ୍ଲାଃ ହିଁ ସକଳ ପ୍ରଶଂସାର ପାତ୍ର ।

## ସର୍ବୋତ୍କୃଷ୍ଟ ସମ୍ପ୍ରଦାୟ ଯାହାକୁ ଲୋକମାନଙ୍କ (ଉପକାର) ଲାଗି ସୃଷ୍ଟି କରାଯାଇଛି ।

**କୁନ୍‌ତୁମ୍ ଖଇରା ଉମ୍ମତିନ୍ ଉଖରିଜତ୍ ଲିନ୍ନାସି ତାମୁରୁନା ବିଲ୍‌ମାରୁଫି ୱ ତନ୍‌ହଉନା ଅନିଲ୍ ମୁନ୍‌କରି ୱ ତୁମିନୁନା ବିଲ୍ଲାଃ (ଆଲେଇମ୍ରାନ୍:୧୧୧)**

ଅନୁବାଦ - ତୁମେମାନେ ସର୍ବୋତ୍କୃଷ୍ଟ ସମ୍ପ୍ରଦାୟ ଯାହାକୁ ଲୋକମାନଙ୍କ (ଉପକାର) ଲାଗି ସୃଷ୍ଟି କରାଯାଇଛି । ତୁମେମାନେ ପୁଣ୍ୟ(କାର୍ଯ୍ୟକରିବା) ପାଇଁ ଉପଦେଶ ଦେଉଅଛ ଓ ପାପ (କାର୍ଯ୍ୟ) ରୁ ବାରଣ କରୁଅଛ ଓ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଆଣିଛ ।

## ବାପା ମାଆ, ନିକଟ ସମ୍ପର୍କୀୟ, ଯତିମ୍(ଅନାଥ) ମିସ୍‌କିନ୍(ଦରିଦ୍ର), ସମୀପବର୍ତୀ ବ୍ୟକ୍ତି ଓ ପଥିକମାନଙ୍କ ପ୍ରତି ସଦୟ ହେବାପାଇଁ ଶିକ୍ଷା

*ୱଅବୁଦୁଲ୍ଲାହା ୱଲା ତୁଶ୍‌ରିକୁ ବିହି ଶଇଅଇଁ ୱ ବିଲ୍ ୱାଲିଦଇନି ଇହ୍‌ସାନଇଁ ୱ ବିଜଲ୍ କୁର୍‌ବା ୱଲ୍‌ୟତାମା ୱଲ୍ ମସାକିନି ୱଲ୍ ଯାରି ଜିଲ୍‌କୁର୍‌ବା ୱଲ୍‌ଯାରିଲ୍ ଯୁନୁବି ୱସ୍‌ସାହିବି ବିଲ୍ ଯମ୍‌ବି ୱବ୍‌ନିସ୍ ସବିଲି; ୱ ମା ମଲକତ୍ ଅଇମାନୁକୁମ୍; ଇନ୍ନଲ୍ଲାହା ଲା ୟୁହିବ୍‌ବୁ ମନ୍ କାନା ମୁଖ୍‌ତାଲନ୍ ଫଖୁରା (ଅନ୍‌ନିସା:୩୭)*

ଅନୁବାଦ - ଏବଂ ତୁମେମାନେ ଅଲ୍ଲାଃଙ୍କର ଉପାସନା କର ଏବଂ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରନାହିଁ; ଏବଂ ପିତାମାତାଙ୍କ ପ୍ରତି ଓ ନିକଟ ସମ୍ପର୍କୀୟମାନଙ୍କ ପ୍ରତି ଓ ଅନାଥମାନଙ୍କ ପ୍ରତି ଓ ଦରିଦ୍ରମାନଙ୍କ ପ୍ରତି ଓ ସମ୍ପର୍କୀୟ ପଡୋଶୀମାନଙ୍କ ପ୍ରତି ଓ ଅପରିଚିତ ପଡୋଶୀମାନଙ୍କ ପ୍ରତି ଓ ସମୀପବର୍ତୀ ବ୍ୟକ୍ତିମାନଙ୍କ ପ୍ରତି ଓ ପଥିକମାନଙ୍କ ପ୍ରତି ଏବଂ ଯେଉଁମାନେ ତୁମମାନଙ୍କର କର୍ତୃତ୍ୱାଧିନ ହୋଇଛନ୍ତି ସେମାନଙ୍କ ପ୍ରତି ସଦୟ ହୁଅ; ବାସ୍ତବରେ ଅଲ୍ଲାଃ ଅହଙ୍କାରୀ ଓ ଆତ୍ମାଭିମାନୀ ମାନଙ୍କୁ ଆଦୌ ପସନ୍ଦ କରନ୍ତି ନାହିଁ ।

## ଆତ୍ମୀୟ ସ୍ୱଜନ, ଅନାଥ, ଦରିଦ୍ର, ପଥିକ, ଭିକ୍ଷୁକ ତଥା କ୍ରୀତଦାସ ମାନଙ୍କ ନିମନ୍ତେ ଧନ ବ୍ୟୟ କରିବା ହେଉଛି ବାସ୍ତବିକ ପୁଣ୍ୟ ।

*ଲଇସଲ୍ ବିର୍‌ରା ଅନ୍ ତୁଅଲ୍ଲୁ ଉଯୁହକୁମ୍ କିବଲଲ୍ ମଶ୍‌ରିକି ୱଲ୍ ମଗ୍‌ରିବି ୱଲାକିନ୍ନଲ୍ ବିର୍‌ରା ମନ୍ ଆମନା ବିଲ୍ଲାହି ୱଲ୍ ୟୋମିଲ୍ ଆଖିରି ୱଲ୍‌ମଲାଇକତି ୱଲ୍ କିତାବି ୱନ୍‌ନବିଇନା; ୱ ଆତଲ୍ ମାଲା ଅଲା ହୁବ୍‌ବିହି ଜୱିଲ୍ କୁର୍‌ବା ୱଲ୍‌ୟତାମା ୱଲ୍ ମସାକିନା ୱବ୍‌ନସ୍ ସବିଲି; ୱସ୍‌ସାଇଲିନା ୱ ଫିର୍ ରିକାବି; ୱଅକାମସ୍ ସଲାତା ୱ ଆତଦ୍ ଜକାତା; ୱଲ୍ ମୁଫୁନା ବିଅହ୍‌ଦିହିମ୍ ଇଜା ଆହଦୁ; ୱସ୍‌ସାବିରିନା ଫିଲ୍ ବାସାଇ ୱଜ୍ ଜର୍‌ରାଇ ୱ ହିନଲ୍ ବାସି; ଉଲାଇକଲ୍ ଲଜିନା ସଦକୁ; ୱ ଉଲାଇକା ହୁମୁଲ୍ ମୁତ୍ତକୁନ୍ (ଅଲବକ୍ରା:୧୭୮)*

ଅନୁବାଦ - ତୁମେମାନେ ନିଜର ମୁହଁ ପୂର୍ବ ବା ପଶ୍ଚିମ ଦିଗକୁ ଫେରାଇବାରେ ବିଶେଷ କିଛି ପୁଣ୍ୟ ନାହିଁ; କିନ୍ତୁ ସେହି ବ୍ୟକ୍ତି ପ୍ରକୃତରେ ପୁଣ୍ୟବାନ୍ ଯେ ଅଲ୍ଲାଃ, ଅନ୍ତିମ ଦିବସ, ଦେବଦୂତମାନଙ୍କ ଉପରେ (ଧର୍ମ) ଗ୍ରନ୍ଥ ଓ ସବୁ ନବୀଙ୍କ ଉପରେ ବିଶ୍ୱାସ କରେ ଏବଂ ତାହାଙ୍କୁ (ଅର୍ଥାତ୍ ଅଲ୍ଲାଃଙ୍କୁ) ପ୍ରେମ କରିବା ହେତୁ ଆତ୍ମୀୟ ସ୍ୱଜନ, ଅନାଥ, ଦରିଦ୍ର, ପଥିକ, ଭିକ୍ଷୁକ ତଥା କ୍ରୀତଦାସମାନଙ୍କ (ସ୍ୱାଧୀନତା ଲାଭ) ପାଇଁ (ପ୍ରମାଣ) ଧନ ବ୍ୟୟକରେ ଏବଂ ସୁଚାରୁ ରୂପେ ନମାନ ପାଠ କରେ ନିଜ ଅଙ୍ଗୀକାରକୁ ପାଳନ କରୁଥିବା ବ୍ୟକ୍ତି ଓ (ବିଶେଷତଃ) ଅଭାବରେ ବ୍ୟାଧିରେ ଓ ଯୁଦ୍ଧ ସମୟରେ ଧୈର୍ଯ୍ୟ ଧରି କାର୍ଯ୍ୟ କରୁଥିବା ବ୍ୟକ୍ତି (ହିଁ ପ୍ରକୃତରେ ପୁଣ୍ୟବାନ୍); ଏମାନେ ହିଁ ସତ୍ୟବାଦୀ (ସାବ୍ୟସ୍ତ) ହୋଇଥାନ୍ତି ଓ ଏମାନେ ହିଁ ପ୍ରକୃତ ଧର୍ମପରାୟଣ ।

## ନିଜ ଭାଇମାନଙ୍କ ମଧ୍ୟରେ ସୁଲହ୍ (ମିଳାମିଶା) କରାନ୍ତୁ

*ୱ ଇନ୍ ତାଇଫତାନି ମିନଲ୍ ମୁଁ ମିନିନାକ୍ ତତଲୁ ଫଅସ୍‌ଲିହୁ ବଇନହୁମା ଫଇନ୍ ବଗତ୍ ଇହ୍‌ଦାହୁମା ଅଲଲ୍ ଉଖରା ଫକାତିଲୁଲ୍ ଲତି ତବ୍‌ଗି ହତ୍ତା ତଫିଅ ଇଲା ଅମ୍‌ରିଲ୍ଲାହି; ଫଇନ୍ ଫାଅତ୍ ଫ ଅସ୍‌ଲିହୁ ବଇନହୁମା ବିଲ୍ ଅଦ୍‌ଲି ୱ ଅକ୍‌ସିତୁ । ଇନ୍ନଲ୍ଲାହା ୟୁହିବ୍‌ବୁଲ୍ ମୁକ୍‌ସିତନ୍ । ଇନ୍ନମଲ୍ ମୁ'ମିନୁନା ଇକ୍‌ୱତୁନ୍ ଫଅସ୍‌ଲିହୁ ବଇନା ଅଖୱଇକୁମ୍ ୱତ୍ତକୁଲ୍ଲାହା ଇଅଲ୍ଲକୁମ୍ ତୁର୍‌ହମୁନ୍ । (ଅଲହୁଜୁରାତ୍ : ୧୦:୧୧)*

ଅନୁବାଦ - ଏବଂ ଯଦି ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଦୁଇ ଗୋଟି ଗୋଷ୍ଠୀ ପରସ୍ପର ମଧ୍ୟରେ କଳହ କରନ୍ତି, ତେବେ ସେ ଉଭୟଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରାଇଦିଅ; ଏବଂ ଶାନ୍ତି ସ୍ଥାପନ ପରେ ଯଦି ସେମାନଙ୍କ ମଧ୍ୟରୁ କେହି ଅନ୍ୟ ଉପରେ ଆକ୍ରମଣ କରେ, ତେବେ ସମସ୍ତେ ଏକତ୍ରିତ ହୋଇ ଆକ୍ରମଣକାରୀ ବିରୁଦ୍ଧରେ ଯୁଦ୍ଧ କର ଯେପରିକି ସେ ଅଲ୍ଲାଃଙ୍କ ଆଦେଶ ପ୍ରତି ଫେରି ଆସିବ; ଏହାପରେ ଯଦି ସେ (କଳହକାରୀ) ମାନଙ୍କ ମଧ୍ୟରେ ନ୍ୟାୟପୂର୍ବକ ଶାନ୍ତି ସ୍ଥାପନ କର ଏବଂ ନ୍ୟାୟ ବିଚାରକୁ ପ୍ରାଧାନ୍ୟ ଦିଅ; (କାରଣ) ଅଲ୍ଲାଃ ନ୍ୟାୟ ବିଚରକାରୀଙ୍କୁ ପସନ୍ଦ କରିଥାନ୍ତି । ବିଶ୍ୱାସକାରୀମାନଙ୍କର ପରସ୍ପର ମଧ୍ୟରେ ସମ୍ପର୍କ ଭାତୃତୁଲ୍ୟ; ସୁତରାଂ ତୁମେମାନେ କଳହରତ ଦୁଇଭାଇଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରାଅ; ଏବଂ ଅଲ୍ଲାଃଙ୍କୁ ଭୟ କର ତାହା ହେଲେ ତୁମମାନଙ୍କ ପ୍ରତି କରୁଣା କରାହେବ ।

## ଥଟା ପରିହାସ, ଅନ୍ୟଙ୍କ ଦୋଷ ଦୁର୍ବଳତାକୁ ପ୍ରକାଶ କରିବା, ବିଦ୍ରୂପାତ୍ମକ ଭାବରେ ଡାକିବା, ସନ୍ଦେହ କରିବା, ଗୋପନରେ ଦୋଷ ଅନ୍ୱେଷଣ କରିବା ଏବଂ ଚୁଗୁଲି କରିବାରୁ ବିରତ ରହିବା ର ଶିକ୍ଷା ।

*ୟା ଅୟୋହଲ୍ ଲଜିନା ଆମନୁ ଲା ୟସ୍‌ଖର୍ କୌମୁମ୍ ମିନ୍ କୌମିନ୍ ଅସା ପାଇଁ ୟକୁନ୍ ଖଇରମ୍ ମିନ୍ ହୁମ୍ ୱଲା ନିସାଉମ୍ ମିନ୍ ନିସାଇନ୍ ଅସା ଅଇଁ ୟକୁନ୍ନା ଖଇରମ୍ ମିନ୍‌ହୁନ୍ନା; ୱଲା ତଲମିଜୁ ଅନ୍‌ଫୁସକୁମ୍ ୱଲା ତନାବଜୁ ବିଲ୍ ଅଲ୍‌କାବ୍ । ବିସଲ୍ ଇସ୍‌ମୁଲ୍ ଫୁସୁକୁ ବାଦଲ୍ ଇମାନ୍; ୱ ମଲ୍ ଲମ୍ ୟତୁବ୍ ଫଉଲାଇକା ହୁମୁଜ୍ ଜାଲିମୁନ୍ । ୟା ଅୟୋହଲ୍ ଲଜିନା ଆମନୁଜ୍ ତନିବୁ କସିରମ୍ ମିନଜ୍ ଜନ୍ନି ; ଇନ୍ନା ଦାଅଜ ଜନ୍ନି ଇସ୍‌ମୁଉଁ ୱଲା ତଯସ୍‌ସସୁ ୱଲା ୟଗତବ୍ ବାଅଜୁକୁମ୍ ବାଅଜିନ୍ ; ଅ ୟୁହିବ୍‌ବୁ ଅହଦୁକୁମ୍ ଅଇଁ ୟାକୁଲା ଲହ୍‌ମା ଅଖିହି ମଇତନ୍ ଫକରିହ୍‌ତୁମୁହୁ । ୱତ୍ତକୁଲ୍ଲାହା । ଇନ୍ନଲ୍ଲାହା ତୱାବୁର୍ ରହିମ୍ । (ଅଲହୁଜୁରାତ୍ : ୧୨:୧୩)*

ଅନୁବାଦ - ହେ ବିଶ୍ୱାସକାରୀମାନେ ! କୌଣସି ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟକୁ ହେୟ ମନେକରି ଥଟା ପରିହାସ ନ କରୁ; ସମ୍ଭବତଃ ସେମାନେ ଏମାନଙ୍କ ଅପେକ୍ଷା ଉତ୍କୃଷ୍ଟ ହୋଇପାରନ୍ତି. ଏବଂ (କୌଣସି ସମ୍ପ୍ରଦାୟର) ନାରୀମାନେ ଅନ୍ୟ (ସମ୍ପ୍ରଦାୟର) ନାରୀମାନଙ୍କୁ ହେୟ ମନେ କରି ଥଟା ପରିହାସ ନ କରନ୍ତୁ; ସମ୍ଭବତଃ ସେ (ଶେଷୋକ୍ତ ସମ୍ପ୍ରଦାୟର ବା ଅବସ୍ଥାର) ନାରୀମାନେ ଏମାନଙ୍କ ଅପେକ୍ଷା ଉତ୍କୃଷ୍ଟ ହୋଇଥାଇପାରନ୍ତି; ଏବଂ ତୁମେମାନେ ପରସ୍ପର ପ୍ରତି କଟୁ ମନ୍ତବ୍ୟ ଦିଅ ନାହିଁ କି ଜଣେ ଅନ୍ୟକୁ ବିଦ୍ରୂପାତ୍ମକ ନାମରେ ଡାକ ନାହିଁ, କାରଣ ବିଶ୍ୱାସ କଲାପରେ (ବିଦ୍ରୂପାତ୍ମକ ନାମରେ ଡାକି) ଆଜ୍ଞାପାଳନରୁ ଦୂରେଇ ଯିବା ଫଳରେ ତାହା ନିଜକୁ ଅତ୍ୟନ୍ତ ଦୁର୍ନାମଗ୍ରସ୍ତ କରାଇଥାଏ (ଅର୍ଥାତ୍ ସେ ନିଜେ ଭ୍ରଷ୍ଟଚାରୀ ହୋଇଯାଏ); ଏବଂ ଯେ ଅନୁତାପ କରିବ ନାହିଁ, ସେ ହିଁ ଅତ୍ୟାଚାରୀ ହେବ ।

ହେ ବିଶ୍ୱାସକାରୀମାନେ ! ଅନେକଗୁଡିଏ ସନ୍ଦେହରୁ ନିଜକୁ ଦୂରେଇ ରଖ, କାରଣ କେତେକ ସନ୍ଦେହ ପାପରେ ପରିଣତ ହୋଇଯାଏ ଏବଂ ଗୋପନରେ (ଅନ୍ୟର) ଦୋଷ ଅନ୍ୱେଷଣ କରନାହିଁ; ତୁମେମାନେ ପରସ୍ପରର ଚୁଗୁଲି କରନାହିଁ; କ'ଣ ତୁମମାନଙ୍କ ମଧ୍ୟରୁ କେହି ନିଜର ମୃତ ଭାଇର ମାଂସ ଖାଇବାକୁ ପସନ୍ଦ କରିବ ? (ଯଦି

ଅବଶିଷ୍ଟାଂଶ ପୃଷ୍ଠା-୧୨ ରେ ଦେଖନ୍ତୁ.....

**ଦୟା କରୁଥିବା ବ୍ୟକ୍ତିଙ୍କ ଉପରେ ଦୟାଶୀଳ ଖୁଦା ଦୟା କରିବେ,**

**ତୁମେ ପୃଥିବୀବାସୀଙ୍କ ଉପରେ ଦୟାକର । ଫଳତଃ ଈଶ୍ୱର ତୁମ ଉପରେ ଦୟା କରିବେ ।**

# ମାନବ ସେବା ସମ୍ବନ୍ଧରେ ହଜ୍‌ରତ୍ ମୁହମ୍ମଦ୍ ସଃଆ ଙ୍କ ପବିତ୍ର ଶିକ୍ଷା

## ସମଗ୍ର ପ୍ରାଣିଜଗତ ଅଲ୍ଲାଃଙ୍କ କୁଟୁମ୍ବ

*ଅନ୍ ଅବଦିଲ୍ଲାହି ରଜିଅଲ୍ଲାହୁ ଅନ୍‌ହୁ କାଲା : କାଲା ରସୁଲୁଲ୍ଲାହି ସ୍ୱଲ୍ଲଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍ : ଅଲ୍‌ଖଲ୍‌କୁ ଇୟାଲୁଲ୍ଲାହି ଫଅହବ୍‌ବୁଲ୍ ଖଲ୍‌କି ଇଲଲ୍ଲାହି ମନ୍ ଅହସନା ଇଲା ଇୟାଲିହି ।*

*(ବୈହ୍‌କି ଫି ଶୁଅବୁଲ୍ ଇମାନ୍ ମିଶ୍‌କାତ୍ ବାବୁଶଶଫକତୁର ରହମତି ଅଲଲ୍ ଖଲ୍‌କ ପୃ-୪୨୫)*

ଅନୁବାଦ – ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ରଃଅ ବର୍ଣ୍ଣନା କରୁଛନ୍ତି କି ରସୁଲୁଲ୍ଲାଃ ସଃଆଃସ କହିଲେ : ସମଗ୍ର ପ୍ରାଣୀଜଗତ ଅଲ୍ଲାଃଙ୍କ କୁଟୁମ୍ବ ଅଟନ୍ତି । ସୁତରାଂ ଅଲ୍ଲାଃଙ୍କୁ ନିଜ ପ୍ରାଣୀମାନଙ୍କ ମଧ୍ୟରୁ ସେହି ବ୍ୟକ୍ତି ବହୁତ ପସନ୍ଦ ଅଟେ ଯିଏ ତା ପରିବାର ସହିତ ଉତମ ବ୍ୟବହାର କରେ ଓ ତାଙ୍କ ଆବଶ୍ୟକ ଗୁଡିକର ଧ୍ୟାନ ରଖେ ।

## ତୁମେ ପୃଥିବୀ ବାସୀଙ୍କ ଉପରେ ଦୟା କର

*ଅନ୍ ଅବ୍‌ଦିଲ୍ଲାହିବ୍‌ନେ ଅମ୍‌ରିନ୍ ରଜି ଅଲ୍ଲାହୁ ଅନ୍‌ହୁ ଯବ୍‌ଲୁଗୁ ବିହିନ୍ ନବିୟା ସ୍ୱଲ୍ଲାହୁ ଅଲୈହେ ୱ୍ ସଲ୍ଲମ୍ : ଅର୍‌ରହିମୁନା ଯରହମୁହୁମୁର ରହ୍‌ମାନୁ ଇରହମୀ ଅହ୍‌ଲଲ୍ ଅର୍‌ଜି ଯରହମୁକୁମ୍ ମନ୍ ଫିସ୍‌ସମାଏ ।*

ଅନୁବାଦ– ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋ ରଃଅ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସଃଆଃସ କହିଲେ : ଦୟାଶୀଳ ବ୍ୟକ୍ତିଙ୍କ ଉପରେ ଦୟାବାନ୍ ଖୁଦା ଦୟା କରିବେ । ତୁମେ ପୃଥିବୀବାସୀଙ୍କ ଉପରେ ଦୟା କର । ଆକାଶର ଅଧିକାରୀ (ଅର୍ଥାତ୍ ଅଲ୍ଲାଃ) ତୁମ ଉପରେ ଦୟା କରିବେ ।

## ଆପସରେ ଭାଇ ଭାଇ ହୋଇ ରୁହ

*ଅନ୍ ଇବ୍‌ନେ ଉମର ରଜିଅଲ୍ଲାହୁ ଅନ୍‌ହୁ କାଲା : କାଲା ରସୁଲୁଲ୍ଲାଃ ହି ସ୍ୱଲଲ୍ଲାହୁ ଆଲୈହେ ୱ୍ ସଲ୍ଲମା : ଲା ତହାସଦୁ ୱ୍ ଲା ତନାଯଶୁ ୱ୍ଲା ତବାଗଜୁ ୱ୍ଲା ତଦାବରୁ ୱ୍ଲା ଯବିଇ ବାଆଜୁକୁମ୍ ଅଲା ବଇଇ ବାଜିନ୍ ୱ୍ କୁନୁ ଇବାଦଲ୍ଲାହି ଇଖ୍‌ୱାନନ୍ ଅଲ୍‌ମୁସ୍‌ଲିମୁ ଅଖୁଲ୍ ମୁସ୍‌ଲିମି : ଲା ଯଜ୍‌ଲିମୁହୁ ୱ୍ଲା ଯହ୍‌କିରୁହୁ ୱ୍ଲା ଯଖ୍‌ଜୁଲୁହୁ ଅତ୍‌ତକ୍‌ୱା ହାହୁମା ୱ୍ ଯୁଶିରୁ ଇଲା ସଦ୍‌ରିହି ମଲାସା ମର୍‌ରାତିନ୍ ବିହସ୍‌ବିମ୍‌ରିଇମ୍ ମିନଶ୍ ଅନ୍ ଯହ୍‌କିରା ଅଖାହୁଲ୍ ମୁସ୍‌ଲିମା କୁଲ୍ଲୁଲ୍ ମୁସ୍‌ଲିମି ଅଲଲ୍ ମୁସ୍‌ଲିମି ହରାମୁନ୍ ଦମୁହୁ ୱ୍ ଇର୍‌ଜୁହୁ ।*

*(ମୁସ୍‌ଲିମ୍ କିତାବୁଲ୍ ବିର୍‌ର ୱ୍‌ସ୍‌ସିଲାଃ ବାବ ତହ୍‌ରିମ୍ ଜୁଲ୍‌ଗୁଲ୍ ମୁସ୍‌ଲିମି ୱ୍ ଖଜଲିହି)*

ଅନୁବାଦ – ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର ରଃଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସଃଆଃସ କହିଲେ : ଜଣେ ଅନ୍ୟଜଣଙ୍କୁ ଇର୍ଶା ନକରୁ, ଜଣେ ଅନ୍ୟ ଜଣକୁ କ୍ଷତି ପହଂଚାଇବା ପାଇଁ ବଢ଼ି ଚଢ଼ି କରି ଦାମ୍ ନ ବଢ଼ାଉ । ଜଣେ ଅନ୍ୟଜଣଙ୍କ ପ୍ରତି ବୈରତା ନରଖୁ, ଜଣେ ଅନ୍ୟଜଣଙ୍କ ଠାରୁ ପିଠି ନ ଫେରାଉ ଅର୍ଥାତ୍ ସମ୍ପର୍କ ଛିନ୍ନ ନ କରୁ । ଜଣେ ଅନ୍ୟଜଣଙ୍କ ସଉଦା ଉପରେ ସଉଦା ନକରୁ ବରଂ ଅଲ୍ଲାଃତାଲାଙ୍କ ଭକ୍ତ ଓ ଆପସରେ ଭାଇ ଭାଇ ହୋଇ ରୁହ । ମୁସଲମାନ୍ ନିଜ ଭାଇ ଉପରେ ଅତ୍ୟାଚାର କରେ ନାହିଁ, ତାର ଅପମାନ କରେନାହିଁ, ତାକୁ ଲଜ୍ଜିତ ବା ତିରସ୍କାର କରେନାହିଁ । ଆପଣ ସଃଆଃସ ନିଜର ଛାତି ଆଡ଼କୁ ଇଙ୍ଗିତ କରି କହିଲେ : ତକ୍‌ୱା (ଧର୍ମପରାୟଣତା) ଏଠାରେ ଅଛି । ଏ ଶବ୍ଦ ଆପଣ ତିନିଥର କହିଲେ । ପୁଣି କହିଲେ– ମନୁଷ୍ୟର ଦୂର୍ଭାଗ୍ୟ ପାଇଁ ଏହା ଯଥେଷ୍ଟ ଯେ ସେ ନିଜ ମୁସଲ୍‌ମାନ୍ ଭାଇଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖେ । ପ୍ରତ୍ୟେକ ମୁସଲ୍‌ମାନ୍‌ର ଲହୁ, ଧନ, ସମ୍ମାନ ଓ ମର୍ଯ୍ୟାଦା (କ୍ଷୁର୍ଣ୍ଣ କରିବା) ଅନ୍ୟ ମୁସଲ୍‌ମାନଙ୍କ ଉପରେ ଅବୈଧ (ହରାମ୍) ଓ ତା ପାଇଁ ସମ୍ମାନ ଦେବା ଅନିବାର୍ଯ୍ୟ ଅଟେ ।

## ତିନିଜଣ ଲୋକଙ୍କଠାରୁ କୟାମତ୍ ଦିନ ବହୁତ ହିସାବ ନିକାସ ନିଆଯିବ

*ଅନ୍‌ଅବି ହୁରେରାଃ ରଜିଅଲ୍ଲାହୁ ଅନ୍‌ହୁ କାଲା : କାଲା ରସୁଲୁଲ୍ଲାହି ସ୍ୱଲ୍ଲଲ୍ଲାହୁ ଆଲୈହେ ୱ୍ ସଲ୍ଲମା : କାଲଲ୍ଲାହୁ ତାଲା ସଲାସତୁନ୍ ଅନା ଖସ୍‌ମୁହୁମ୍ ୟୋମଲ୍ କୟାମତି ରଯୁଲୁନ୍ ଆତାବି ସୁମ୍ମା ଗଦରା ୱ୍ ରଯୁଲୁନ୍ ବାଆ ହୁର୍‌ରନ୍ ଫଅକଲା ସମନହୁ ୱ୍ ରଯୁଲୁନ୍ ଇସ୍ତାଯରା ଅଯିରନ୍ ଫସ୍ତଓଫା ମିନ୍‌ହୁ ୱ୍ଲମ୍ ଯୁତିହି ଅଯରହୁ ।*

*(ବୁଖାରୀ କିତାବୁଲ୍ ବଇଇ ବାବ ଇସମ୍ ମନ୍ ବାଆ ହୁର୍‌ରନ୍ ୱ୍ ଇବ୍‌ନେ ମାଯା)*

ଅନୁବାଦ – ହଜ୍‌ରତ୍ ଅବୁ ହୁରେରାଃ ରଃଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସଃଆଃସ କହିଲେ ଯେ ଅଲ୍ଲାଃତାଲା କହୁଛନ୍ତି ତିନିଜଣ ଲୋକ ଏପରି ଅଛନ୍ତି ସେମାନଙ୍କଠାରୁ କୟାମତ ଦିନ ମୁଁ ଭିଷଣ ରୂପେ ହିସାବ ନେବି । ପ୍ରଥମ– ଯିଏ ମୋ ନାମରେ କାହାକୁ ଶରଣ ଦେଇଥିବ ପୁଣି ତା ସହିତ ଧୋକାବାଜି ଓ ଗଦ୍ଦାରି କରିଥିବ । ଦ୍ୱିତୀୟ ଲୋକ ସେ ଯିଏ କୌଣସି ସ୍ୱାଧିନ ବ୍ୟକ୍ତିକୁ ଧରି ବିକ୍ରି କରିଦେଇଥିବ ଏବଂ ତା ମୂଲ୍ୟର ଅର୍ଥକୁ ଖାଇଦେଇଥିବ । ତୃତୀୟ ବ୍ୟକ୍ତି ସେ ଯିଏ କାହାକୁ ମଜ୍‌ବୁରିରେ ରଖିଥିବ ଓ ତା'ଠାରୁ ପୁରା କାମ ଦେଇଥିବ ଏବଂ ତାର ଧାର୍ଯ୍ୟ ଟଙ୍କାକୁ ଦେଇନଥିବ ।

## ବାପା ମାଆ ଙ୍କ ସହିତ ପ୍ରେମ ଓ ସ୍ନେହଶୀଳ ବ୍ୟବହାର କର

*ଅନ୍ ଯାବିରିନ୍ ରଃଅ କାଲା : କାଲା ରସୁଲୁଲ୍ଲାହି ସ୍ୱଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍ : ସଲାସୁନ୍ ମନ୍ କୁନ୍ନା ଫିହି ନଶରଲ୍ଲାହୁ ଆଲୈହେ କନଫହୁ ୱ୍ ଅଦ୍‌ଖଲହୁଲ୍ ଯନ୍ନତା ରିଫକୁନ୍ ବିଜ୍ ଜଇଫି ୱ୍ଶ୍ ଶଫକତୁ ଅଲଲ୍ ୱ୍ଲିଦଇନେ ୱ୍ଲଇହ୍‌ସାନୁ ଇଲଲ୍ ମମ୍‌ଲୁକି (ତିର୍‌ମିନ୍ ସିଫତୁଲ କୟାମାଃ)*

ଅନୁବାଦ– ହଜ୍‌ରତ୍ ଯାବିର୍ ରଃଅ ବର୍ଣ୍ଣନା କରି କହୁଛନ୍ତି ଯେ ଆଁ ହଜ୍‌ରତ୍ ସଃଆଃସ କହିଲେ ତିନୋଟି ଗୁଣ ଯାହା ପାଖରେ ଥିବା ତାକୁ ଅଲ୍ଲାଃତାଲା ନିଜ ସୁରକ୍ଷାରେ ଓ ଦୟାରେ ରଖିବ ଏବଂ ତାକୁ ଯନ୍ନତ (ସ୍ୱର୍ଗ) ରେ ଦାଖଲ କରିବ । ପ୍ରଥମଟି ହେଉଛି ସେ ଦୁର୍ବଳଙ୍କ ଉପରେ ଦୟା କରୁଥିବ, ଦ୍ୱିତୀୟରେ ସେ ମାଆ ଓ ବାପାଙ୍କୁ ପ୍ରେମ କରୁଥିବ, ତୃତୀୟଟି ହେଉଛି ଖାଦିମ୍ (ସେବକ) ଓ ଚାକରଙ୍କ ସହିତ ଭଲ ବ୍ୟବହାର କରୁଥିବ ।

## ବନ୍ଧୁବାନ୍ଧବ ଓ ନିକଟ ସମ୍ପର୍କୀୟଙ୍କ ସହିତ ଉତମ ବ୍ୟବହାର କରିବା ଉଚିତ୍

*ଅନ୍ ଅନସିବ୍‌ନେ ମାଲିକିନ୍ ରଜିଅଲ୍ଲାହୁ ଅନ୍‌ହୁ କାଲା : ସମେଏତୁ ରସୁଲଲ୍ଲାହି ସ୍ୱଲଲ୍ଲାହୁ ଆଲୈହେ ୱ୍ ସଲ୍ଲମା ଯକୁଲୁ : ମନ୍ ସର୍‌ରହୁ ଅଇଁ ଯୁବ୍‌ସତା ଆଲୈହେ ରିଜ୍‌କୁହୁ ଅଓ ଯୁନ୍‌ସାଆ ଫି ଅସରିହି ଫଲ୍‌ୟସିଲ୍ ରହିମହୁ ।*

*(ମୁସ୍‌ଲିମ୍ କିତାବୁଲ୍ ବିର୍‌ର ୱ୍‌ସ୍ ସିଲ୍ଲାଃ ବାବ ସିଲତୁର୍ ରହ୍‌ମତି)*

ଅନୁବାଦ–ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ରଃଅ ବର୍ଣ୍ଣନା କରୁଛନ୍ତି କି ମୁଁ ଆଁ ହଜ୍‌ରତ୍ ସଃଆଃସଙ୍କୁ ଏହା କହିବାର ଶୁଣିଛି ଯେ ଯେଉଁ ବ୍ୟକ୍ତି ରୋଜଗାରକୁ ବଢ଼ାଇବାକୁ ଚାହୁଁଛି ବା ଇଚ୍ଛା କରୁଛି ଯେ ତାର ବୟସ ବଢ଼ୁ ଓ ତା'ର ଲୋକେ ବହୁତ ପ୍ରଶଂସା କରନ୍ତୁ ତେବେ ତାକୁ ସିଲା ରହ୍‌ମି (ବନ୍ଧୁବାନ୍ଧବ ଓ ନିକଟ ସମ୍ପର୍କୀୟ ସହିତ ଉତମ ବ୍ୟବହାର) କରିବା ଉଚିତ୍ । ଅର୍ଥାତ୍ ନିଜ ବନ୍ଧୁବାନ୍ଧବ ସହିତ ଭଲ ବ୍ୟବହାର କରିବା ଉଚିତ୍ ।

## ସେ ଘର ହେଉଛି ସର୍ବୋତ୍କୃଷ୍ଟ ଯେଉଁଠାରେ ଯତିମ୍ (ଅନାଥ)ଙ୍କ ସହିତ ଉତମ ବ୍ୟବହାର କରାଯାଏ

*ଅନ୍ ଅବି ହୁରେରାଃ ରଜିଅଲ୍ଲାହୁ ଅନ୍‌ହୁ ଅନିନ୍ ନବିଇ ସ୍ୱଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍ କାଲା : ଖଏରୁ ବଇତିନ୍ ଫିଲ୍ ମୁସ୍‌ଲିମିନା ବଇତୁନ୍ ଫିହି ଯତିମୁନ୍ ଯୁହ୍‌ସନୁ ଇଲୈହେ ୱ୍ ଶର୍‌ରୁ ବଇତିନ୍ ଫିଲ୍ ମୁସ୍‌ଲିମିଦା ବଇତୁନ୍ ଫିହି ଯତିମୁନ୍ ଯୁସାଉ ଇଲୈହେ ।*

*(ଇବ୍‌ନେ ମାୟାଃ ଅବ୍‌ୱାବୁଲ୍ ଅଦବ୍ ବାଦ୍ ହକ୍କୁଲ୍ ଯତିମ୍)*

ଅନୁବାଦ – ହଜ୍‌ରତ୍ ଅବୁ ହୁରେରାଃ ରଃଅ ବର୍ଣ୍ଣନା କରୁଛନ୍ତି ଯେ – ଆଁ ହଜ୍‌ରତ୍ ସଃଆଃସ କହିଲେ–ମୁସଲମାନଙ୍କ ଘର ଭିତରୁ ସବୁଠାରୁ ଉତ୍କୃଷ୍ଟ ଘର ହେଉଛି ସେ

*ଅବଶିଷ୍ଟାଂଶ ପୃଷ୍ଠା–୧୩ ରେ ଦେଖନ୍ତୁ.....*

**ଖୁଦାତାଲାଙ୍କ ମଖ୍ଲୁକ୍ (ସୃଷ୍ଟଜ) ଙ୍କ ଉପରେ ବହୁତ ଦୟା କର ଓ**
**ହୁକୁକୁଲ୍ ଇବାଦ୍ (ଭକ୍ତଙ୍କ ହକ୍)କୁ ସମ୍ପୂର୍ଣ୍ଣ ରୂପେ ପ୍ରଦାନ କରିବା ଉଚିତ୍ ।**

**ଯେଉଁ ଲୋକମାନେ ଗରିବଙ୍କ ସହିତ ଉତମ ବ୍ୟବହାର କରୁନାହାଁନ୍ତି ବରଂ ସେମାନଙ୍କୁ ନ୍ୟୁନ ଭାବୁଛନ୍ତି, ମୋତେ ଭୟ ଲାଗୁଛି ଯେ ସେମାନେ ନିଜେ ସେହି ବିପତିର ସମ୍ମୁଖୀନ ହୋଇନଯାଆନ୍ତୁ ।**

# ମାନବ ସେବା ସଂକ୍ରାନ୍ତରେ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କ ପବିତ୍ର କଥନ

## ନିଜ ସହାନୁଭୁତିକୁ କେବଳ ମୁସଲ୍‌ମାନ ମାନଙ୍କ ପାଇଁ ସିମୀତ ରଖନାହିଁ

ଅହଂକାରୀ (ବ୍ୟକ୍ତି) ଅନ୍ୟମାନଙ୍କର ପ୍ରକୃତ ସାହାଯ୍ୟ କରିପାରେନାହିଁ । ନିଜ ସହାନୁଭୁତିକୁ କେବଳ ମୁସଲ୍‌ମାନ ମାନଙ୍କ ପାଇଁ ସିମୀତ ରଖନାହିଁ । ବରଂ ପ୍ରତ୍ୟେକଙ୍କ ସହିତ ସହାନୁଭୁତି ରଖ । ଯଦି ଜଣେ ହିନ୍ଦୁଙ୍କ ସହିତ ସହାନୁଭୁତି ନଦେଖାଇବ ତେବେ ଇସଲାମ୍‌ର (ପ୍ରକୃତ ଓ) ସତ୍ୟ ଆଦେଶ ଗୁଡିକୁ ତାଙ୍କ ନିକଟରେ କିପରି ପହଂଚାଇବ ? ଖୁଦା ସମସ୍ତଙ୍କର ପାଳନକର୍ତା । ହଁ ମୁସଲମାନଙ୍କ ସହିତ ବିଶେଷ ରୂପେ ସହାନୁଭୁତି ଦେଖାଓ । ଅତଃପର ଧର୍ମ ପରାୟଣ ଓ ସତ୍ୟନିଷ୍ଠଙ୍କ ସହିତ ଏହାଠାରୁ ମଧ୍ୟ ବଳି ବିଶେଷତାର ସହିତ (ସହାନୁଭୁତି) ଦେଖାଓ । ଧନ ଓ ସଂସାର ପ୍ରତି ମନବଳାଓ ନାହିଁ । ଏହାର ଅର୍ଥ ନୁହେଁ ଯେ ବେପାର ବଣିଜ ଇତ୍ୟାଦିକୁ ଛାଡ଼ିଦିଅ । ବରଂ *ଦିଲ୍ ବାୟାର୍ ଅଓର୍ ଦସ୍ତ୍ ବାକାର* ଅର୍ଥାତ୍ ମନକୁ ଖୁଦାଙ୍କ ନିକଟରେ ମଗ୍ନ ରଖି ହାତକୁ କର୍ମରେ ଲଗାଓ । ଖୁଦା କାରବାର କରିବାକୁ ମନା କରିନାହାଁନ୍ତି ବରଂ ସଂସାରକୁ ଦୀନ୍(ଧର୍ମ) ଉପରେ ପ୍ରାଧାନ୍ୟ ଦେବାକୁ ମନା କରୁଛନ୍ତି । ତେଣୁ ତୁମେ ଦୀନ୍‌କୁ ପ୍ରାଧାନ୍ୟ ଦିଅ ।

*(ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୫୯୨, ଏଡିଶନ୍-୨୦୦୩)*

## ଖୁଦାତାଲାଙ୍କ ମଖ୍ଲୁକ୍ (ସୃଷ୍ଟଜ) ଙ୍କ ଉପରେ ବହୁତ ଦୟା କର

ଆମ ଯମାତ୍‌କୁ ଖୁବ୍ ମନେରଖିବା ଉଚିତ୍ ଯେ ଅଲ୍ଲାଃତାଲାଙ୍କର ପ୍ରତିଶୃତି ଏହା କଦାପି ନୁହେଁ ଯେ ତୁମମାନଙ୍କ ଭିତରୁ କେହି ମରିବେ ନାହିଁ । (ବରଂ) ଅଲ୍ଲାଃତାଲା କହୁଛନ୍ତି *ଓ୍ବ ଅମ୍ମା ମା ୟନ୍‌ଫଉନ୍ ନାସା ଫୟନ୍‌କୁସୁ ଫିଲ୍ ଅରଜ (ରାଆଦ୍:୧୮)*

ସୁତରାଂ ଯେଉଁ ବ୍ୟକ୍ତିମାନେ ନିଜକୁ ଲୋକହିତ ରେ ନିୟୋଜିତ କରନ୍ତି ତାଙ୍କ ବୟସକୁ ଖୁଦାତାଲା ବଢ଼ାଇଦେବେ । ଖୁଦାତାଲାଙ୍କ ମଖ୍ଲୁକ୍ ଉପରେ ବହୁତ ଦୟା କର ଓ (ତା) ଭକ୍ତମାନଙ୍କ ଅଧିକାର ଗୁଡିକୁ ସମ୍ପୂର୍ଣ୍ଣ ରୂପେ ପ୍ରଦାନ କରିବା ଉଚିତ୍ ।

*(ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୩୦୩, ଏଡିଶନ୍-୨୦୦୩)*

ଏପରି ନିୟମ ହେବା ଉଚିତ୍ ଯେ ଦୁର୍ବଳଭାଇମାନଙ୍କୁ ସାହାଯ୍ୟ କରାଯାଉ ଓ ସେମାନଙ୍କୁ ଶକ୍ତିଶାଳୀ କରାଯାଉ । ଏହା କେଡ଼େ ଅସଙ୍ଗତ କଥା ଯେ ଦୁଇଜଣ ଭାଇଙ୍କ ମଧ୍ୟରୁ ଜଣେ ପହଁରିବା ଜାଣିଛି ଓ ଅନ୍ୟଜଣକ ଜାଣିନାହିଁ, ତେବେ କଣ ପ୍ରଥମ ଜଣଙ୍କର ଏ କର୍ତବ୍ୟ ନୁହେଁ ଯେ ସେ ଦ୍ୱିତୀୟ ଜଣକୁ ବୁଡ଼ିବାରୁ ରକ୍ଷା କରନ୍ତୁ । ଅଥବା ତାକୁ ବୁଡ଼ିବାକୁ ଦେବ । ତା ପାଇଁ ଏହା ଧାର୍ଯ୍ୟ ଅଟେ ଯେ ସେ ତା (ଭାଇ) କୁ ବୁଡ଼ିଯିବାରୁ ରକ୍ଷା କରୁ । ସେଥିପାଇଁ ପବିତ୍ର କୋରାନ୍‌ରେ ଆସିଛି ତାଆଓ୍ବନୁ ଅଲଲ୍ ବିର୍‌ରି ଓ୍ବତ୍ ତକ୍‌ଓ୍ବା (ମାଏଦାଃ:୩) (ଅର୍ଥାତ୍) ଦୁର୍ବଳ ଭାଇଙ୍କ ବୋଝ ଉଠାଓ । କାର୍ଯ୍ୟରେ, ବିଶ୍ୱାସରେ ଓ ଧନ ସମ୍ପତିରେ ମଧ୍ୟ ମିଶିଯାଓ । ଶାରିରୀକ ଦୁର୍ବଳତାର ମଧ୍ୟ ଉପଚାର କର । କୌଣସି ଯମାତ୍ (ପ୍ରକୃତ) ଯମାତ୍ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ଦୁର୍ବଳ ଲୋକମାନଙ୍କୁ ଶକ୍ତିଶାଳୀ ଲୋକଙ୍କ ସାହାରା ଦେବେନାହିଁ । ତାର ଉପାୟ ହେଉଛି ଏହା କି ସେମାନଙ୍କର ପର୍ଦାପୋଷୀ (ଦୋଷ ଦୁର୍ବଳତାକୁ ଘୋଡାଇ ରଖିବା) କରିବା ଉଚିତ୍ଃ । ସାହାବାଙ୍କୁ ଏହି ଶିକ୍ଷା ଦିଆଯାଇଥିଲା କି ନୂଆ ମୁସଲମାନଙ୍କ ଦୋଷ ଦୁର୍ବଳତାକୁ ଦେଖି ଚିଡନାହିଁ । କାରଣ ତୁମେମାନେ ମଧ୍ୟ ଏପରି ଦୁର୍ବଳ ଥିଲ । ସେହିପରି ଏହା ଜରୁରୀ ଅଟେ ଯେ ବଡ଼, ଛୋଟମାନଙ୍କର ସେବା କରୁ । ପ୍ରେମ ଓ କୋମଳତାର ସହିତ ବ୍ୟବହାର କରୁ । ଦେଖ ସେ ଯମାତ୍ (ପ୍ରକୃତ) ଯମାତ୍ ହୋଇପାରେନା ଯିଏ ଜଣେ ଅନ୍ୟକୁ ଖାଏ (ଅର୍ଥାତ୍ ଅନ୍ୟର ମନ୍ଦ ଚାହେଁ) ଓ ଯେତେବେଳେ ଚାରିଜଣ ମେଳ ହୋଇ ବସନ୍ତି ସେତେବେଳେ ଜଣେ ଗରୀବ ଭାଇର ନିନ୍ଦା କରିବା ଓ ତାଙ୍କ ବିଷୟରେ ଆକ୍ଷେପ କରି ଟିପ୍ପଣୀ ଦେବା, ଗରିବ ଓ ଦୁର୍ବଳ ଲୋକଙ୍କୁ ଘୃଣା କରିବା ଓ ସେମାନଙ୍କୁ ଘୃଣାର ହୀନ ଦୃଷ୍ଟିରେ ଦେଖିବା ଏପରି କଦାପି ହେବା ଉଚିତ୍ ନୁହେଁ ।

*(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୬୩, ଏଡିଶନ୍-୨୦୦୩)*

ଦିନେ ଗାଉଁଲି ମହିଳା ମାନେ ତାଙ୍କ ପିଲାମାନଙ୍କ ପାଇଁ ଔଷଧ ନେବାକୁ ଆସିଲେ । ହଜୁର୍ ସେମାନଙ୍କୁ ଦେଖିବା ଓ ଔଷଧ ଦେବାରେ ବ୍ୟସ୍ତ ରହିଲେ । ଏହା ଦେଖି ହହରତ୍ ଅବ୍‌ଦୁଲ୍ କରୀମ୍ ସାହେବ ନିବେଦନ କଲେ କି ହଜୁର ଏହାତ ବଡ଼ କଷ୍ଟକର କାର୍ଯ୍ୟ ଅଟେ । ଧ ଏହିପରି ହଜୁରଙ୍କର ବହୁତ ସମୟ ନଷ୍ଟ ହେଉଅଛି । ଏହାର ଉତରରେ ହଜୁର୍ ଆ:ସ କହଲେ:-

"ଏହା ମଧ୍ୟ ସେହିପରି ଦୀନ(ଧାର୍ମିକ) କାର୍ଯ୍ୟ ଅଟେ । ଏମାନେ ମିସ୍‌କିନ୍ (ନିରୀହ ନିଶ୍ୱଃ) ଲୋକ । ଏଠାରେ କୌଣସି ଡାକ୍ତରଖାନାନାହିଁ । ମୁଁ ଏମାନଙ୍କ ପାଇଁ ପ୍ରତ୍ୟେକ ପ୍ରକାରର ଅଂଗ୍ରେଜୀ ଓ ୟୁନାନି ଔଷଧ ମଗାଇ ରଖେ, ଯାହା ସମୟରେ କାମରେ ଆସିଥାଏ । ଏହା ବହୁତ ପୁଣ୍ୟକାର୍ଯ୍ୟ ଅଟେ । ମୋମିନ୍‌ଙ୍କୁ ଏ କାର୍ଯ୍ୟରେ ଅବହେଳା କରିବା ଓ ଚିନ୍ତାମୁକ୍ତ ରହିବା ଉଚିତ୍ ନୁହେଁ ।

*(ମଲ୍‌ଫୁଜାତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୩୦୮, ଏଡିଶନ୍-୨୦୦୩)*

ଅସଲ କଥା ହେଉଛି ଆମ ସହିତ ଆମ ବନ୍ଧୁମାନଙ୍କର ସମ୍ପର୍କ ଶରୀରର ଅଙ୍ଗ ସଦୃଶ ଅଟେ । ଏବଂ ଏକଥା ପ୍ରତିଦିନ ଆମ ଅନୁଭବରେ ଆସିଥାଏ ଯେ ଗୋଟିଏ ଛୋଟିଆରୁ ଛୋଟିଆ ଅଙ୍ଗ ଉଦାହରଣ ସ୍ୱରୂପ ଅଙ୍ଗୁଳିରେ ଯଦି ପୀଡ଼ା ହୁଏ ତେବେ ପୁରା ଶରୀର ବ୍ୟଗ୍ର ଓ ବ୍ୟାକୁଳ ହୋଇଯାଏ । ଅଲ୍ଲାଃତାଲା ଖୁବ୍ ଜାଣିଛନ୍ତି ଯେ ଠିକ୍ ସେହିପରି ପ୍ରତ୍ୟେକ ସମୟ ଓ ପ୍ରତ୍ୟେକ କ୍ଷଣରେ ସର୍ବଦା ଏହି ଖିଆଲ ଓ ଚିନ୍ତାରେ ମୁଁ ରହୁଛି ଯେ ମୋ ବନ୍ଧୁମାନେ କିପରି ପ୍ରତ୍ୟେକ ପ୍ରକାରର ସୁଖ ସମୃଦ୍ଧିରେ ରୁହନ୍ତି । ଏହି ସମ୍ବେଦନ ଓ ସହାନୁଭୁତି କୌଣସି ଦେଖାଣିଆ ଭାବେ ନୁହେଁ ବରଂ ଯେପରି ମା' ପିଲାମାନଙ୍କ ଭିତରୁ ପ୍ରତ୍ୟେକଙ୍କ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ଚିନ୍ତାରେ ବୁଡି ରହେ, ଯଦିଚ ସେମାନେ କେତେ ସଂଖ୍ୟାରେ ହୁଅନ୍ତୁ ନା କାହିଁକି । ସେହିପରି ମୁଁ କେବଳ ଅଲ୍ଲାଙ୍କ ଖାତିର୍ ନିଜ ହୃଦୟରେ ନିଜ ବନ୍ଧୁମାନଙ୍କ ନିମନ୍ତେ ବ୍ୟଥା ଓ ସହାନୁଭୁତିକୁ ପାଇଥାଏ ଏବଂ ଏହି ସହାନୁଭୁତି ଏପରି ବ୍ୟାକୁଳତାର ସହିତ ହୋଇଥାଏ ଯେ, ଯଦି ଆମ ବନ୍ଧୁମାନଙ୍କ ମଧ୍ୟରୁ କାହାର କୌଣସି ଚିଠି କୌଣସି ପ୍ରକାର ଦୁଃଖ ବା ବେମାରୀ ବିଷୟରେ ମୋ ନିକଟରେ ପହଂଚେ ତେବେ ମୋ ସ୍ୱାଭାବରେ ଏକପ୍ରକାର ବ୍ୟାକୁଳତା ଓ ବ୍ୟଗ୍ରତା ସୃଷ୍ଟି ହୋଇଯାଏ । ଏବଂ ଏକପ୍ରକାର ଦୁଃଖ ଅନୁଭବ ହୁଏ । ଏବଂ ଲୋକମାନଙ୍କର ସଂଖ୍ୟା ବେଳକୁ ବେଳ ଯେତେ ବଢ଼ି ଚାଲିଛି ସେତେ ମାତ୍ରାରେ ଦୁଃଖ ମଧ୍ୟ ବଢ଼ି ଚାଲିଛି । ଏବଂ କୌଣସି ସମୟ ଏପରି ଖାଲିନାହିଁ ଯେବେ କି କୌଣସି ପ୍ରକାରର ଚିନ୍ତା ଓ ଦୁଃଖରେ ମୁଁ ନରହିଛି । କାରଣ ଏତେ ସଂଖ୍ୟକ ଲୋକମାନଙ୍କ ମଧ୍ୟରୁ କେହି ନା କେହି କୌଣସି ଦୁଃଖ କଷ୍ଟରେ ପିଡୀତ ହୋଇଯାଏ ଏବଂ ଏହା ଜାଣିବା ପରେ ଏଠାରେ ମୋ ହୃଦୟରେ ଏକ ପ୍ରକାର ଦୁଃଖ ଓ ବ୍ୟାକୁଳତା ସୃଷ୍ଟି ହୋଇଯାଉଛି । ମୁଁ କହିପାରୁନାହିଁ ଯେ କେତେ ସମୟ ମୋର ଏପରି ଦୁଃଖରେ ବିତୁଛି । ଯେହେତୁ ଅଲ୍ଲାଃତାଲାଙ୍କ ବ୍ୟତୀତ ଆଉ କୌଣସି ଅସ୍ତିତ୍ୱ ଏପରିନାହିଁ ଯିଏ ଏପରି ଚିନ୍ତା ଓ ଦୁଃଖରୁ ମୁକ୍ତି ଦେବେ । ସେଥିଯୋଗୁ ମୁଁ ସଦାସର୍ବଦା ଦୁଆ(ପ୍ରାର୍ଥନା)ରେ ଲାଗି ରହିଛି । ଏବଂ ସବୁଠାରୁ ପ୍ରଥମ ଦୁଆ ଏହା ହୋଇଥାଏ ଯେ ମୋ ବନ୍ଧୁମାନଙ୍କୁ (ଅଲ୍ଲାଃତାଲା) ପ୍ରତ୍ୟେକ ପ୍ରକାରର ଦୁଃଖ ଓ କଷ୍ଟର ସୁରକ୍ଷା ରଖନ୍ତୁ । କାରଣ ମୋତେ ସେମାନଙ୍କର ଚିନ୍ତା ଦୁଃଖରେ ପକାଉଛି । ଏବଂ ପୁଣି ଏ ଦୁଆ ସାମୁହିକ ରୂପେ କରାଯାଉଛି ଯେ ଯଦି କାହାକୁ କୌଣସି ପ୍ରକାର ଦୁଃଖ ଓ କଷ୍ଟ ପହଂଚେ ତେବେ ଅଲ୍ଲାଃତାଲା ସେଥିରୁ ତାଙ୍କୁ ମୁକ୍ତି ଦିଅନ୍ତୁ । ସମସ୍ତ ପ୍ରକାରର ପ୍ରୟାସ ଏବଂ ସମ୍ପୂର୍ଣ୍ଣ ରୂପେ ଏହି ଚେଷ୍ଟା ହୋଇଥାଏ ଯେ (ମୁଁ କିପରି) ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରିବି । ଦୁଆ ଗ୍ରହଣୀୟ ହେବାପାଇଁ (ବହୁତ) ବଡ଼ ଆଶା ଅଛି । *(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୩୩, ଏଡିଶନ୍-୨୦୦୩)*

*ଅବଶିଷ୍ଟାଂଶ ପୃଷ୍ଠା-୧୩ ରେ ଦେଖନ୍ତୁ.....*

# ମାନବତାକୁ ସମ୍ମାନ ଜଣାଇବା ଓ ମାନବ ଜାତିକୁ ଶ୍ରଦ୍ଧା କରିବା ସମ୍ବନ୍ଧରେ ପବିତ୍ର କୋରାନ୍ ଶିକ୍ଷା

(ଲଇକ୍ ଅହେମଦ୍ ଡାର, ମୁରବୀ ସିଲସିଲା କାଦିଆନ୍)

ପୂର୍ଣ୍ଣାଙ୍ଗ ମାନବ ହଜରତ୍ ମୁହମ୍ମଦ୍ ସ:ଆ:ସ ଙ୍କ ଜନ୍ମଗ୍ରହଣ କରିବା ସହିତ ମାନବିକତାର ଶ୍ରେଷ୍ଠତମ ପରିସର ସମ୍ପୂର୍ଣ୍ଣ ହେଲା । ସେହି ପୂର୍ଣ୍ଣମାନବ ପବିତ୍ର କୋରାନ୍‌ର ଶିକ୍ଷାନୁଯାୟୀ ମାନବିକତାର ମର୍ଯ୍ୟାଦା ସକାଶେ ଏଭଳି ରେଖାବଳୀ ନିର୍ଦ୍ଧାରିକ କରିଦେଇଛନ୍ତି, ଯାହା ଏକ ସତ୍ୟନିଷ୍ଠ ପାଠକଙ୍କୁ ବିସ୍ମୟାଭିଭୂତ କରିଦେଉଛି । ପବିତ୍ର କୋରାନ୍‌ର ଶିକ୍ଷାକୁ ସମ୍ପୂର୍ଣ୍ଣ ରୂପେ ଅନୁସରଣ କରିବାରେ ମହାନବୀ ସ:ଆ:ସ ଙ୍କ ଜୀବନର ପ୍ରତ୍ୟେକ କ୍ଷଣକୁ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ପାଇଁ ଶରୀୟତ୍‌ର ସୀମା ଭିତରେ ରହି ନିଜକୁ ଉତ୍ସର୍ଗ କରିଥିଲେ । ଯଦି ଲୋକମାନେ ଓ ବିଶେଷ ରୂପେ ମୁସଲମାନ୍‌ମାନେ ମାନବଜାତିର ଏହି ଧ୍ୱଜାବାହକ ଏବଂ ଆମର ସର୍ଦ୍ଦାର୍ ହଜରତ୍ ନବୀଶ୍ରେଷ୍ଠ ସ:ଆ:ସଙ୍କ କାର୍ଯ୍ୟରୁ କିଛି ଶିକ୍ଷା ଗ୍ରହଣ କରିଥାନ୍ତେ, ତେବେ ଆଜି ପୃଥିବୀ ଅମର ଓ ଅକ୍ଷୟ ଶାନ୍ତିର ସ୍ୱର୍ଗ ହୋଇଥାନ୍ତା । ପବିତ୍ର କୋରାନ୍‌ର ଶିକ୍ଷାନୁସାରେ ସେହି ପୁଣ୍ୟଶ୍ଳୋକ ସ୍ପଷ୍ଟ କରିଦେଇଛନ୍ତି ଯେ ପ୍ରତ୍ୟେକ ମନୁଷ୍ୟ ହେଉଛନ୍ତି ସମାନ । ଏବଂ ସମସ୍ତଙ୍କର ସମାନ ଅଧିକାର ଅଛି । ଏପରିକି ନିଜ ଜୀବନର ଶେଷ ଦିନ ଗୁଡିକରେ ହୁଜତୁଲ୍ ୱିଦା ଅବସରରେ ନିଜ ଅନୁଗାମୀ ମାନଙ୍କୁ ମାନବତାର ମହାନ୍‌ବାଣୀ ପ୍ରଦାନ କରି କହିଲେ ଏହା ସର୍ବଦା ମନେରଖ ଯେ କୌଣସି ଆରବୀୟଙ୍କୁ ଅଣ ଆରବୀୟଙ୍କ ଉପରେ କୌଣସି ପ୍ରକାରର ପ୍ରାଧାନ୍ୟ ନାହିଁ ନା କୌଣସି ଅଣଆରବୀୟଙ୍କୁ ଆରବୀଙ୍କ ଉପରେ କୌଣସି ଶ୍ରେଷ୍ଠତା ଅଛି । ପୁଣି ଆପଣ ସ:ଆ:ସ ଏ ଶିକ୍ଷା ଦେଇଛନ୍ତି ଯେ କୌଣସି ଗୋରା ଲୋକଙ୍କୁ କଳା ଲୋକଙ୍କ ଉପରେ କୌଣସି ପ୍ରକାର ଶ୍ରେଷ୍ଠତା ନାହିଁ ନା କୌଣସି କଳା ଲୋକଙ୍କୁ ଗୋରା ଲୋକଙ୍କ ଉପରେ ଶ୍ରେଷ୍ଠତା ଅଛି । ସୁତରାଂ ଇସ୍‌ଲାମ୍‌ରେ ଏହା ସ୍ପଷ୍ଟ ରୂପେ ଶିକ୍ଷା ଦିଆଯାଇଛି ଯେ ସମସ୍ତ ଜାତି ଓ ବଂଶର ଲୋକମାନେ ସମାନ ଅଟନ୍ତି । ଆପଣ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ଲୋକମାନଙ୍କୁ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଏକ ପ୍ରକାରର ଅଧିକାର ମିଳିବା ଉଚିତ୍ । ଏହା ସେହି ମୌଳିକ ଓ ସ୍ୱର୍ଣ୍ଣିମ ନିୟମ ଯାହା ଆନ୍ତର୍ଜାତୀୟ ଶାନ୍ତି ଓ ସୌହାର୍ଦ୍ଦ୍ୟର ମୂଳଦୁଆ ପକାଇଛି ।

ବର୍ତ୍ତମାନ ଅଲ୍ଲାଃତାଲାଙ୍କର ଅଭିପ୍ରାୟ ଏହା ଯେ ମାନବଜାତି ପାଇଁ ନିର୍ଦ୍ଧାରିତ ହୋଇଥିବା ଏହି ଅଟଳ ଓ ସ୍ୱୟଂସମ୍ପୂର୍ଣ୍ଣ ଜୀବନବିଧି କୟାମତ୍ ପର୍ଯ୍ୟନ୍ତ ଅନନ୍ତ ଓ ନିରନ୍ତର ରହିବ । ଏବଂ ଏହି ଜ୍ୟୋତି ଓ ଉଜ୍ଜଳ ଶିକ୍ଷା ସମସ୍ତଙ୍କର ପଥ ପ୍ରଦର୍ଶନର କାରଣ ହେବ । ଅଲ୍‌ହମ୍‌ଦୋଲିଲ୍ଲାଃ ଆଲାଜାଲିକ୍ ।

ଏକଥାକୁ ଧ୍ୟାନ ଦେବା ଉଚିତ୍ ହେବ ଯେ ବାସ୍ତବରେ ପବିତ୍ର କୋରାନ୍ ପରି ସମ୍ପୂର୍ଣ୍ଣ ଓ ପରିପୂର୍ଣ୍ଣ ଶରିୟତ୍(ବିଧାନ) ର ଅବତୀର୍ଣ୍ଣ କେବଳ ମାନବ ଜାତିର ଶ୍ରେଷ୍ଠତ୍ୱ ଓ ମର୍ଯ୍ୟାଦାର ପୂର୍ଣ୍ଣତା ସକାଶେ ହୋଇଅଛି । ସୁତରାଂ ଏହି ମହୋଷଧି ଜରିଆରେ ଏବେ ମାନବଜାତି ପ୍ରତ୍ୟେକ ପ୍ରକାରର (ଆଧ୍ୟାତ୍ମିକ) ବ୍ୟାଧିରୁ ଆରୋଗ୍ୟ ଲାଭ କରିପାରିବ । ମନୁଷ୍ୟ ତା ଜୀବନର ଲକ୍ଷ୍ୟକୁ ଓ ଉଦ୍ଦେଶ୍ୟକୁ ଏହା ଦ୍ୱାରା ପ୍ରାପ୍ତ କରିବ । ଏହାଦ୍ୱାରା ଅଲ୍ଲାଃତାଲାଙ୍କ ସହିତ ନିବିଡ଼ ସମ୍ପର୍କ ଏବଂ ତା ସହିତ ପ୍ରେମ ସ୍ଥାପନ କରିପାରିବ । ମନୁଷ୍ୟ ପାରସ୍ପରିକ ପ୍ରେମ ବନ୍ଧନରେ ସୁଦୃଢ଼ ହୋଇପାରିବେ । ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ନିମନ୍ତେ ଆଁ ହଜରତ୍ ସ:ଆ:ସ ଆମପାଇଁ ଆଦର୍ଶ ସ୍ଥାପନ କରିଯାଇଛନ୍ତି । ଆଁ ହଜରତ୍ ସ:ଆ:ସ ଗୋଟିଏ ପାର୍ଶ୍ୱରେ ମାନବ ସେବାର ସର୍ବୋଚ୍ଚ ସ୍ତର ଅର୍ଜନ କରିବା ସହିତ ଅନ୍ୟ ପାର୍ଶ୍ୱରେ ମାନବିକ ମୂଲ୍ୟବୋଧର ସମସ୍ତ କର୍ତ୍ତବ୍ୟ ସମ୍ପାଦନ କରିଯାଇଛନ୍ତି । ଏହି ସମସ୍ତ ଉତ୍ତମ ଚରିତ୍ର ଓ ସୁଗୁଣର ଅଧିକାରୀ ହେବା ଯୋଗୁ ସେ ପୂର୍ଣ୍ଣମାନବ (କାମିଲ୍ ଇନ୍‌ସାନ୍)ର ଉପାଧି ପ୍ରାପ୍ତ କରିଛନ୍ତି । ଅଲ୍ଲାହୁମା ସ୍ୱଲେଆଲା ମୁହମ୍ମଦିନ୍ ୱ ଆଲି ମୁହମ୍ମଦିନ୍ ୱବାରିକ୍ ୱସଲିମ୍ । ହଜରତ୍ ସୟଦନା ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ଆଲେହିସ୍ ସଲାମ୍ କହୁଛନ୍ତି- "ପବିତ୍ର କୋରାନ୍ ସମସ୍ତ ଧର୍ମଗ୍ରନ୍ଥ ତୁଳନାରେ ନିଜକୁ ସ୍ୱୟଂ ସମ୍ପୂର୍ଣ୍ଣ ହେବାର ଦାବି କରିଥାଏ, କାରଣ ଭୂପୃଷ୍ଠରେ ଅନ୍ୟ କୌଣସି ଧର୍ମ ପୁସ୍ତକରେ ଏପରି ଶିକ୍ଷା ନାହିଁ । ପବିତ୍ର କୁରଆନ୍ ବିଶ୍ୱର ସମସ୍ତ ଧର୍ମ ପୁସ୍ତକ ମଧ୍ୟରେ ସବୁଠାରୁ ଉତ୍କୃଷ୍ଟ ଓ ପୂର୍ଣ୍ଣାଙ୍ଗ ହୋଇଥିବାର ଦାବି କରେ । କାରଣ ଦୁନିଆର ଅନ୍ୟାନ୍ୟ ଯେତେ ସବୁ ଧର୍ମ ଗ୍ରନ୍ଥ ରହିଛି ନିତି ଶିକ୍ଷା ଦୃଷ୍ଟିରୁ ଏହି ତିନିପ୍ରକାର ସୁଧାର ନିମନ୍ତେ ସେଥିରେ ବର୍ଣ୍ଣନା କରାଯାଇନାହିଁ । ସେଗୁଡିକ ହେଉଛି ପ୍ରଥମେ ଛୋଟ ଛୋଟ ମନୁଷ୍ୟର ଚରିତ୍ର ଗଠନ ନିମନ୍ତେ ଶିକ୍ଷା ଓ ଶିଷ୍ଟାଚରର ନିୟମ ବତାଯାଏ, ଦ୍ୱିତୀୟରେ ଏହି ଶିଷ୍ଟାଚରର ଶିକ୍ଷା ହାସଲ କରିବା ପରେ ଉଚ୍ଚକୋଟୀର ମାନବିକ ଚରିତ୍ରର ଆଦର୍ଶ ଶିକ୍ଷା ଦିଆଯାଏ । ତୃତୀୟ ପ୍ରକାରର ସୁଧାର ହେଉଛି ଯେଉଁମାନେ ଉଚ୍ଚ ଚରିତ୍ରକୁ ଆପଣେଇବାରେ ସଫଳ ହୋଇସାରିଛନ୍ତି ଏହିପରି ଶୁଷ୍କ ସଂଯମୀ ଲୋକମାନଙ୍କୁ ପ୍ରେମର ମଧୁରସ ଓ ଐଶି ସମ୍ପର୍କ ସ୍ଥାପନର ସ୍ୱାଦ ଚଖାଇ ଦିଆଯାଏ । ଏହିପରି ମହତ ଶିକ୍ଷା କେବଳ ପବିତ୍ର କୋରାନ୍‌ରେ ରହିଛି । ତତ୍ ସହିତ ପବିତ୍ର କୋରାନ୍‌ର ଏହା ମଧ୍ୟ ଆଭିମୂଖ୍ୟ ଉଦ୍ଦେଶ୍ୟ ଥିଲା ଯେ ପାଶବିକ ଚରିତ୍ରର ଲୋକମାନଙ୍କୁ ମନୁଷ୍ୟ ରୂପେ ଗଢ଼ି ତୋଳିବା ଓ ମନୁଷ୍ୟରୁ ଚରିତ୍ରବାନ୍ ମନୁଷ୍ୟ ଓ ଚରିତ୍ରବାନ୍ ମନୁଷ୍ୟରୁ ଐଶିଗୁଣ ସମ୍ପନ୍ନ ମନୁଷ୍ୟରେ ପରିଣତ କରିବା ।" (ଇସ୍‌ଲାମୀ ଉସୁଲ୍ କି ଫିଲାସଫି, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୩୨୯)

ମାନବୀୟ ମର୍ଯ୍ୟାଦା ସମ୍ପର୍କୀୟ ପବିତ୍ର କୋରାନ୍‌ର ବାଣୀ(ଶିକ୍ଷା)

ମାନବୀୟ ମର୍ଯ୍ୟାଦା ସମ୍ପର୍କରେ ପବିତ୍ର କୁରଆନ୍ ଏକାଧିକ ମୌଳିକ ନୀତି ବର୍ଣ୍ଣନା କରିଅଛି । ଏଠାରେ କେତେଗୋଟି ମୌଳିକ ନୀତି ଓ ଶିକ୍ଷା ବର୍ଣ୍ଣନା କରାଯାଉଛି ।

(୧)*କୁନ୍‌ତୁମ୍ ଖୈର ଉମ୍ମତିନ୍ ଉଖରିଜତ୍ ଲିନ୍‌ନାସେ ତାମୁରୁନା ବିଲ୍‌ମାରୁଫି ୱତନ୍‌ହଓନା ଅନିଲ୍ ମୁନ୍‌କରୀ ୱ ତୁମିନୁନା ବିଲ୍ଲାହି । (ଆଲେ ଇମ୍ରାନ୍:୧୧୧)* ଅର୍ଥାତ୍ ତୁମେମାନେ ସର୍ବୋତ୍କୃଷ୍ଟ ସମ୍ପ୍ରଦାୟ, ଯାହାକୁ ଲୋକମାନଙ୍କ (ଉପକାର) ଲାଗି ସୃଷ୍ଟି କରାଯାଇଛି । ତୁମେମାନେ ପୁଣ୍ୟ(କାର୍ଯ୍ୟ) କରିବା ପାଇଁ ଉପଦେଶ ଦେଉଅଛ ଓ ପାପ କାର୍ଯ୍ୟରୁ ବାରଣ କରୁଅଛ ଓ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଆଣିଅଛ ।

ହଜରତ୍ ମୁସ୍‌ଲେହେ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି:- "ମୁସଲ୍‌ମାନେ ସର୍ବଶ୍ରେଷ୍ଠ ହେବାର କାରଣ ହେଉଛି ସେମାନେ ନିଜର କଲ୍ୟାଣ ସାଧନ କରିବ ପରିବର୍ତ୍ତେ ସମଗ୍ର ଜଗତର କଲ୍ୟାଣ ସାଧନ ପାଇଁ ସୃଷ୍ଟି ହୋଇଛନ୍ତି । ମୁସଲମାନ୍ ମାନେ ଯଦି ଏହି ଗୁଢ଼ ତଥ୍ୟକୁ ବୁଝିପାରନ୍ତେ ତେବେ ଏପରି କଦାପି ଅପଦସ୍ତ ହୁଅନ୍ତେ ନାହିଁ ।" (ତଫ୍‌ସିର୍ ସଗିର, ପୃଷ୍ଠା-୯୪, ସୁରା ଆଲେ ଇମ୍ରାନ୍, ହାସିଆ, ଆୟତ ନଂ-୧୧୦)

ଅର୍ଥାତ୍ ମୁସଲମାନଙ୍କୁ ମନୁଷ୍ୟ ଜାତିର ସମ୍ମାନ ପ୍ରତିଷ୍ଠା କରିବା ନିମନ୍ତେ ଏବଂ ସାର୍ବଜନୀନ କଲ୍ୟାଣ ସାଧନ କରିବା ନିମନ୍ତେ ସୃଷ୍ଟି କରାଯାଇଛି । କିନ୍ତୁ ବର୍ତ୍ତମାନ ଏ ଧାରଣା ସେମାନଙ୍କ ଭିତରୁ ଲୋପ ପାଇ ଯାଇଛି । ଅନୁରୂପ ଭାବେ ବିଭିନ୍ନ ଯୁଗରେ ଅନ୍ୟାନ୍ୟ ସମ୍ପ୍ରଦାୟ ଓ ଯେଉଁ ଜାତି ସମୂହ ଗୁଡିକୁ ସୃଷ୍ଟି କରାଯାଉଛି ତାଙ୍କ ସୃଷ୍ଟିର ଉଦ୍ଦେଶ୍ୟ ମଧ୍ୟ ଏହା ଥିଲା ଯେ ମନୁଷ୍ୟ ଜାତିକୁ ଅନ୍ଧକାର ମଧ୍ୟରୁ ଉଦ୍ଧାର କରି ସମ୍ମାନ ଓ ମର୍ଯ୍ୟାଦାର ଉଚ୍ଚତମ ସ୍ତରରେ ପହଂଚାଇ ଦିଆଯାଉ । ଅଲ୍ଲାଃତାଲାଙ୍କ ଅସୀମ ଦୟାବଳରୁ ଆଜି ଯୁଗ ଅବତାର ଓ ଅନୁସରଣରେ ଯମାତ୍ ଅହେମଦୀୟା ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପୂର୍ଣ୍ଣ କରି ଦୃଢ ଗତିରେ ଆଗେଇ ଚାଲିଛି । ଫଅଲ୍‌ହମ୍‌ଦୋଲିଲ୍ଲାଃ ।

(୨)ମାନବୀୟ ସମ୍ମାନ ଓ ମର୍ଯ୍ୟାଦାକୁ ପ୍ରତିଷ୍ଠା କରିବା ପାଇଁ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଏହି ମୂଲ୍ୟବାନ୍ ନୀତି ବର୍ଣ୍ଣନା କରିଛନ୍ତି । *ମନ୍ କତଲା ନଫ୍‌ସମ୍ ବିଗୈରେ ନଫ୍‌ସିନ୍ ଅଉ ଫସାଦିନ୍ ଫିଲ୍ ଅର୍‌ଜେ....ଅହ୍‌ୟନ୍ ନାସା ଜମିଆ । (ମାଏଦାଃ:୩୩)* ଅର୍ଥାତ୍ ଯେଉଁ ବ୍ୟକ୍ତି ଅନ୍ୟ କାହାରି ହତ୍ୟା ବା ଭୂପୃଷ୍ଠରେ ବିଶୃଙ୍ଖଳା ପ୍ରସାରିତ କରିବା ବ୍ୟତିରେକେ ଅନ୍ୟ କୌଣସି କାରଣରୁ ହତ୍ୟା କରେ ତେବେ ଧରି ନିଅ ଯେ ସେ ସକଳ ମାନବ ସମାଜର ହତ୍ୟା କରିଛି । ଏବଂ ଯେଉଁ ବ୍ୟକ୍ତି କାହାରି ଜୀବନ ରକ୍ଷା କରେ ତେବେ ବୁଝି ନିଅ ଯେ ସେ ସକଳ ମାନବ ସମାଜର ଜୀବନ ରକ୍ଷା କଲା । ଏହିପରି ଶାନ୍ତି ପ୍ରତିଷ୍ଠାକାରୀ ଓ ସ୍ୱଚ୍ଛ ମୂଲ୍ୟବାନ ନିୟମ ଦ୍ୱାରା ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରାଯାଇପାରେ । ଏଠାରେ ଅନ୍ୟାୟ ଭାବେ ମନୁଷ୍ୟକୁ ହତ୍ୟା କରିବାକୁ ରୋକା ଯାଇଛି ଓ ମାନବଜାତିର ଉନ୍ନତି ଓ ବିକାଶ ନିମନ୍ତେ ସ୍ୱର୍ଣ୍ଣିମ ଶିକ୍ଷା ବର୍ଣ୍ଣନା କରାଯାଇଛି ।

(୩)*ୱଲା ତାକୁଲୁ ଅମ୍‌ୱାଲକୁମ୍ ବଇନକୁମ୍ ବିଲ୍‌ବାତିଲେ..... ୱ ଅନ୍‌ତୁମ୍ ତାଲମୁନ୍ ।* (ବକ୍ରାଃ:୧୮୯) ଅର୍ଥାତ୍ ତୁମେମାନେ ମିଥ୍ୟା (ଓ ପ୍ରତାରଣ) ଦ୍ୱାରା ଆପଣା (ଭାଇମାନଙ୍କ) ସମ୍ପତିକୁ ନିଜ ନିଜ ମଧ୍ୟରେ (ମିଳିମିଶି) ଆତ୍ମସାତ୍ କରନାହିଁ । ଏବଂ ତୁମେମାନେ ଅନ୍ୟାୟ ପୂର୍ବକ ଜାଣିଶୁଣି ସର୍ବସାଧାରଣ ସମ୍ପତିର କୌଣସି ଅଂଶକୁ ଆତ୍ମସାତ୍ କରିବା ଉଦ୍ଦେଶ୍ୟରେ ତାହାକୁ (ଉତ୍କୋଚ ରୂପେ) କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କରନାହିଁ ।

ହଜରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି କି:- "ପବିତ୍ର କୋରାନ୍

ଅଧିକାଂଶ କ୍ଷେତ୍ରରେ ସାମୁହିକ ତଥା ଧାର୍ମିକ ଜୀବନ ପ୍ରଣାଳୀକୁ ପ୍ରାଧାନ୍ୟ ଦେବା ନିମନ୍ତେ ସାଧାରଣ ଲୋକ କିମ୍ବା ଉକ୍ତ ଧର୍ମର ଅନୁଗାମୀ ମାନଙ୍କ ସାମଗ୍ରୀକୁ ବ୍ୟକ୍ତିଗତ ସାମଗ୍ରୀ ରୂପେ ଅଭିହିତ କରିଛି । ଏଥିପ୍ରତି ଇଂଗିତ କରିଛି ଯେ ଯେଉଁ ବ୍ୟକ୍ତି ନିଜ ସମ୍ପ୍ରଦାୟର କୌଣସି ବ୍ୟକ୍ତିକୁ କ୍ଷତି ପହଂଚାଇବ ସେ ତା ନିଜକୁ ହିଁ କ୍ଷତି ପହଂଚାଇବ । ଏଠାରେ ମଧ୍ୟ ନିଜ ଧନ କହିବାର ଅର୍ଥ ହେଉଛି ସମଗ୍ର ମାନବ ଜାତିର ସମ୍ପତିକୁ ବୁଝାଯାଏ । କିନ୍ତୁ ଉପରୋକ୍ତ ନିତି ଗୁଡିକ ଉପରେ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସେଗୁଡିକୁ ନିଜର ସମ୍ପତି ବୋଲି ବର୍ଣ୍ଣନା କରାଯାଇଛି । ଏହି ସୋରାର ଦଶ ନମ୍ବର ରୁକୁରେ ବର୍ଣ୍ଣନା କରାଯାଇଛି *ୱ ଇଜ୍ ଅଖଜ୍ନା ମିସାକକୁମ୍ ଲାତସ୍‌ଫିକୁନା ଦିମାଅକୁମ୍ ୱଲା ତୁଖ୍‌ରିଜୁନା ଅନ୍‌ଫୁସକୁମ୍ ମିନ୍ ଦିଆରେକୁମ୍ ।* ପୁଣି ଆଗକୁ ଯାଇ କହୁଛନ୍ତି- *ସୁମ୍ମା ଅନ୍‌ତୁମ୍ ହାଉଲାଇ ତକ୍‌ତୁଲୁନା ଅନ୍‌ଫୁସୋକୁମ୍ ୱ ତୁଖ୍‌ରିଜୁନା ଫରିକମ୍ ମିନ୍‌କୁମ୍ ମିନ୍‌ଦିଆରେହିମ୍ ।* ଯେଉଁଥିରୁ ସ୍ୱଷ୍ଟ ରୂପେ ପ୍ରକାଶ୍ୟ ଯେ ଅନ୍‌ଫୁସୋକୁମ୍ ଏବଂ ଦିମାଅକୁମ୍ ହେଉଛି ନିଜ ଭାଇର ପ୍ରାଣ ଓ ରକ୍ତ ।" *(ତଫ୍‌ସିରେ ସଗିର୍, ପୃଷ୍ଠା-୪୧, ହାସିୟା ନୋଟ୍ ନଂ-୨, ସୁରତୁଲ୍ ବକ୍‌ରା, ଆୟତ-୧୮୯)*

(୪)ପୁଣି ସମାଜରେ ଶାନ୍ତି ସ୍ଥାପନ କରିବା ନିମନ୍ତେ ଆଉଗୋଟିଏ ପ୍ରିୟ ଓ ସୁନ୍ଦର ଶିକ୍ଷା ଏପରି ଦିଆଯାଇଛି । *ଉଦ୍‌ଉ ଇଲା ସବିଲିରବ୍‌ବିକା ବିଲ୍‌ହିକ୍‌ମତି ୱଲ୍ ମଉଇଜତିଲ୍ ହସନତି ୱ ଜାଦିଲ୍ ହୁମ୍ ବିଲ୍ଲତି ହିୟ ଅହ୍‌ସନ୍ (ନହଲ୍:୧୨୬)* ଅର୍ଥାତ୍- (ହେ ରସୁଲ୍!) ତୁମ୍ଭେ (ଲୋକମାନଙ୍କୁ) ସତ୍‌ଜ୍ଞାନ ଓ ସତ୍ ଉପଦେଶ ମାଧ୍ୟମରେ ନିଜ ପାଳନ କର୍ତାଙ୍କ ପଥ ଆଡକୁ ଡାକ ଏବଂ ସେମାନଙ୍କ ସହିତ (ମତଭେଦ ସଂକ୍ରାନ୍ତରେ) ଏପରି ରୀତିରେ ଯୁକ୍ତିତର୍କ କର ଯାହା ସର୍ବୋତମ ଅଟେ ।

ଏହା କେଡ଼େ ବନ୍ଧୁତା ଓ ନମ୍ରତାର ସୁନ୍ଦର ଶିକ୍ଷା ଅଟେ । ଦେଖ ମାନବିକତାର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା କରି ବିବେକ ସ୍ୱାଧିନତା ଓ ଧାର୍ମିକ ସ୍ୱତନ୍ତ୍ରତାକୁ ଶୃଙ୍ଖଳିତ ରଖି ତବ୍‌ଲିଗ୍ (ପ୍ରସାର ଓ ପ୍ରଚାର) କରିବା ପାଇଁ ଆଦେଶ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କୁ ଦିଆଯାଇଛି । ଏହିପରି ସୁନ୍ଦର ଶିକ୍ଷା ଥିବା ସତ୍ତ୍ୱେ ମଧ୍ୟ କିଛି ମୁସ୍‌ଲିମ୍ ସଂଗଠନ ଜିହାଦ୍ ନାମରେ ନିରୀହ ଲୋକମାନଙ୍କୁ, ସେମାନେ ମୁସଲ୍‌ମାନ ହୁଅନ୍ତୁ ବା ଅଣମୁସଲ୍‌ମାନ, ତାକୁ ହତ୍ୟା କରୁଛନ୍ତି । ଏବଂ ନିଜର ଏହି ଘୃଣ୍ୟ ଓ ଜଘନ୍ୟ ଅପରାଧ ଜନକ କର୍ମକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜିହାଦ୍ ସହିତ ତୁଳନା କରୁଛନ୍ତି ।

(୫)*ୱକିଲିହି ୟାରବ୍‌ବି ଇନ୍ନା ହାଉଲାଇ କଓମୁଲ୍ ଲା ୟୁମିନୁନ୍ ଫସ୍‌ଫହ୍ ଅନ୍‌ହୁମ୍ ୱକୁଲ୍ ସଲାମ୍ ଫସୌଫା ୟାଲମୁନ୍ (ଜୁଖ୍‌ରୁଫ୍:୮୯-୯୦)* ଅର୍ଥାତ୍ ଆମ୍ଭଙ୍କୁ ତାହାଙ୍କର (ଅର୍ଥାତ୍ ରସୁଲ୍‌ଙ୍କର) ସେହି ଉକ୍ତିର ରାଣ ! ଯେତେବେଳେ ସେ କହିଥିଲେ "ହେ ଆମ୍ଭର ପାଳନକର୍ତା ! ଏମାନେ ଏପରି ଏକ ସମ୍ପ୍ରଦାୟ ଯେଉଁମାନେ କୌଣସି ସତ୍ୟପ୍ରତି ବିଶ୍ୱାସ କରନ୍ତି ନାହିଁ । ତେଣୁ ଆମ୍ଭେ ତାହାଙ୍କୁ ଉତର ଦେଇଥିଲୁ ଯେ ସେମାନଙ୍କଠାରୁ ମୁହଁ ଫେରାଇ ନିଅ ଏବଂ କେବଳ ଏତିକିମାତ୍ର ପ୍ରାର୍ଥନା କର ଯେ ତୁମ୍ପ୍ରତି ଅଲ୍ଲାଃଙ୍କର ଶାନ୍ତିବର୍ଷଣ ହେଉ । ଫଳସ୍ୱରୁପ ସେମାନେ ସତ୍ୟକୁ ଜାଣିପାରିବେ ।

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବର୍ଣ୍ଣନା କରୁଛନ୍ତି ଯେ:- "ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଏପରି ଏକ ଶିକ୍ଷା ନେଇ ଆସିଥିଲେ ଯାହା ସମଗ୍ର ମାନବଜାତି ନିମନ୍ତେ କୃପା ଓ ଅନୁଗ୍ରହ ଲାଭ କରିବାର ମାଧ୍ୟମ । ମାନବ ଜାତି ନିମନ୍ତେ ଶାନ୍ତିପାଇଁ ଉଦ୍ଦିଷ୍ଟ ଅଟେ । ଏହି ଆୟତରେ ଏହା ମଧ୍ୟ ବର୍ଣ୍ଣନା କରାଯାଇଛି ଯେ ହଜୁର୍ ସ:ଆ:ସଙ୍କର ଶାନ୍ତିର ଏହି ବାର୍ତାର ପ୍ରତି ଉତରରେ ନା କେବଳ ଆପଣ ସ:ଆ:ସଙ୍କ ଶିକ୍ଷାକୁ ପ୍ରତ୍ୟାଖ୍ୟାନ କରାଯାଇଛି ବରଂ ସେମାନେ ଆପଣ ସ:ଆ:ସ ଙ୍କ ସହିତ ଥଟ୍ଟା ପରିହାସ ଓ ହେୟଜ୍ଞାନ ପ୍ରଦର୍ଶନ କରିଛନ୍ତି । ଏବଂ ଏତିକିରେ ତାହା ଶେଷ ହୋଇଯାଇନି ବରଂ ଏହା ପରିବର୍ତେ ସେମାନେ ପ୍ରବଳ ଶତୃତାର ପଥ ଅବଲମ୍ବନ କରିଛନ୍ତି । ତତ୍‌ସହିତ ବିବାଦ ଓ ବିଦ୍ରୋହ ସୃଷ୍ଟି କରିଛନ୍ତି । ଏହା ସତ୍ତ୍ୱେ ମଧ୍ୟ ହଜ୍‌ରତ୍ ରସୁଲେ କରିମ୍ ସ:ଆ:ସ ଏପରି ଦୁଆ କରିଛନ୍ତି କି ମୁଁ ଏମାନଙ୍କର ଶୁଭ ଓ ସୁରକ୍ଷା କାମନା କରୁଅଛି କିନ୍ତୁ ଏମାନେ ଆମକୁ ଶାନ୍ତିରେ ରହିବାକୁ ଦେଉନାହାଁନ୍ତି ଏବଂ ଏମାନେ ଆମକୁ କଷ୍ଟ ଦେବାପାଇଁ କୌଣସି ପ୍ରକାରର ସୁଯୋଗକୁ ହାତଛଡା କରୁନାହାଁନ୍ତି ।

ଏହାର ଉତରରେ ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ ଏପରି ଶାନ୍ତ୍ୱନା ଦେଇଛନ୍ତି ଯେ ଯାହା କିଛି ଏହି ଲୋକମାନେ କରୁଛନ୍ତି ସେଥିପ୍ରତି ଦୃଷ୍ଟି ନଦେଇ ସେଗୁଡିକୁ ତ୍ୟାଗ କର । ତୁମ୍ଭର ଏକମାତ୍ର କାର୍ଯ୍ୟ ହେଉଛି ଦୁନିଆରେ ଶାନ୍ତିକୁ ପ୍ରୋତ୍ସାହନ ଦେଇ ତାକୁ ସ୍ଥାପନ କରିବା ।" (ଆଲମି ବହରାନ୍ ଅଓର୍ ଅମନ୍‌କି ରାହ୍, ପୃଷ୍ଠା-୧୨୬-୧୨୭)

(୬)*ୱଲକଦ୍ କର୍‌ରମ୍‌ନା.....ଖଲକ୍‌ନା ତଫ୍‌ଜିଲା (ବନି ଇସ୍‌ରାଇଲ:୭୧)* ଅର୍ଥାତ୍-ଆମେ ଆଦମ୍ ସନ୍ତାନମାନଙ୍କୁ (ଅର୍ଥାତ୍ ମାନବଜାତିକୁ ଯଥେଷ୍ଟ) ସମ୍ମାନ ପ୍ରଦାନ କରିଅଛୁ । ଏବଂ ସେମାନଙ୍କ ପାଇଁ ସ୍ଥଳଭାଗ ଓ ଜଳଭାଗରେ ପରିବହନର ବ୍ୟବସ୍ଥା କରିଅଛୁ ଏବଂ ସେମାନଙ୍କୁ ପବିତ୍ର ବସ୍ତୁମାନଙ୍କରୁ ଜୀବିକା ପ୍ରଦାନ କରିଅଛୁ । ଯେଉଁ ପ୍ରାଣୀ ଜଗତ ଆମ୍ଭେ ସୃଷ୍ଟି କରିଅଛୁ ସେମାନଙ୍କ ମଧ୍ୟରେ ଅନେକଙ୍କ ଉପରେ ଆମେ ଏମାନଙ୍କୁ ପ୍ରାଧାନ୍ୟ ପ୍ରଦାନ କରିଅଛୁ ।

(୭)*ୱ ଇଜ୍ କୁଲ୍‌ନା ଲିଲ୍ ମଲାଇକତେ..... ମିନଲ୍ କାଫିରିନ୍ (ବକ୍‌ରାଃ:୩୫)* ଅର୍ଥାତ୍- ଏବଂ (ସେ ସମୟକୁ ମଧ୍ୟ ସ୍ମରଣ କର, ଯେତେବେଳେ ଆମ୍ଭେ ଦେବଦୂତମାନଙ୍କୁ କହିଲୁ, ଆଦମ୍‌ଙ୍କ ଆଜ୍ଞାନବର୍ତୀ ହୁଅ, ସେତେବେଳେ ସେମାନେ ଆଜ୍ଞାନୁବର୍ତୀ ହେଲେ । କିନ୍ତୁ ଇବ୍‌ଲିସ୍ ହେଲାନାହିଁ ଏବଂ ସେ ଅଗ୍ରାହ୍ୟ କଲା । ତଥା ଅହଂକାର ପ୍ରଦର୍ଶନ କଲା । ଏବଂ ସେ (ପୂର୍ବରୁ) ଅବିଶ୍ୱାସକାରୀ ମାନଙ୍କ ମଧ୍ୟରେ (ଅନ୍ତର୍ଭୁକ୍ତ) ଥିଲା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- "ଆଦମ୍ କହିଲେ ପୁର୍ଣ୍ଣମାନବକୁ ବୁଝାଯାଏ । ଯେତେବେଳେ ମନୁଷ୍ୟ ପୁର୍ଣ୍ଣମାନବ ଓ ଆଦମ୍‌ରେ ପରିଣତ ହୁଏ ସେତେବେଳେ ଅଲ୍ଲାଃତାଲା ଫରିସ୍ତାମାନଙ୍କୁ ସଜ୍‌ଦାଃ (ନତମସ୍ତକ ହେବା) କରିବାକୁ ଆଦେଶ ଦେଇଥାଏ ଏବଂ ତାର ସମସ୍ତ କାର୍ଯ୍ୟ ଫରିସ୍ତାଙ୍କ ଜରିଆରେ ସମ୍ପୂର୍ଣ୍ଣ କରେ । କିନ୍ତୁ ଆଦମ୍ କାମିଲ୍ (ପୁର୍ଣ୍ଣମାନବ) ହେବାପାଇଁ ଏହା ଆବଶ୍ୟକ ଯେ ମନୁଷ୍ୟ ଖୁଦାଙ୍କ ସହିତ ସଚ୍ଚା ଓ ସୁଦୃଢ଼ ସମ୍ପର୍କ ରଖିବ ଏବଂ ଯେତେବେଳେ ମନୁଷ୍ୟ ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଅନୁସାରେ କରେ ସେତେବେଳେ ସେ ଖୁଦାଙ୍କ ସାନିଧ୍ୟ ହାସଲ କରେ । ତେବେ ଯାଇ ଖୁଦା ମନୁଷ୍ୟର ବନ୍ଧୁ ବା ଉତରାଧିକାରୀ ହୋଇଯାଏ । ଫଳତଃ ତାକୁ କେହି ବିରୋଧ କରିବାର ସାହାସ କରିପାରେନାହିଁ । କିନ୍ତୁ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଆଦେଶର ଅବମାନନା କରିଥାଏ । ଅଲ୍ଲାଃତାଲା ମଧ୍ୟ ତାକୁ ଭୃକ୍ଷେପ କରେନାହିଁ....ଆଦମ୍ ଆ:ସ ପୁର୍ଣ୍ଣମାନବ ଥିଲେ ତେଣୁ ଫରିସ୍ତାମାନଙ୍କୁ ସଜ୍‌ଦା କରିବା ପାଇଁ ଆଦେଶ ଦିଆହୋଇଛି । ଅନୁରୂପ ଭାବେ ଆମ ମଧ୍ୟରୁ ଯଦି ପ୍ରତ୍ୟେକ ବ୍ୟକ୍ତି ଆଦମ୍ ହୋଇଯିବେ ତେବେ ସେମାନେ ମଧ୍ୟ ଫରିସ୍ତାଙ୍କ ସଜ୍‌ଦା ର ଅଧିକାରୀ ହେବେ ।" *(ଅଲ୍‌ହକମ୍, ଖଣ୍ଡ-୯, ନଂ-୫, ୧୦ ଫେବୃଆରୀ ୧୯୦୫, ପୃଷ୍ଠା-୪)*

(୮)*ଅଲମ୍‌ତରଉ ଅନ୍ନଲ୍ଲାହା ସଖ୍‌ଖରା ଲକୁମ୍.....ଯାହିରତଉଁ ୱ ବାତିନାଃ (ଲୁକ୍‌ମାନ୍:୨୧)* ଅର୍ଥାତ୍-କଣ ତୁମେମାନେ ଲକ୍ଷ୍ୟ କରୁନାହଁ ଯେ ଯାହା କିଛି ଆକାଶ ଓ ପୃଥିବୀରେ ଅଛି ଅଲ୍ଲାଃ ତାହାକୁ ତୁମମାନଙ୍କ ସେବାରେ ନିୟୋଜିତ କରିଛନ୍ତି, ଓ ପ୍ରକାଶ୍ୟରେ ହେଉ ବା ଅପ୍ରକାଶ୍ୟରେ ହେଉ, ତୁମମାନଙ୍କ ପ୍ରତି ନିଜର ଅନୁଗ୍ରହ ବୃଷ୍ଟି କରିଛନ୍ତି ?

(୯)ଲକଦ୍ ଖଲକ୍‌ନଲ୍ ଇନ୍‌ସାନା ଫି ଅହ୍‌ସନି ତକ୍‌ୱିମ୍ (ତିନ୍:୪) ଅର୍ଥାତ୍- (ଏ ସମସ୍ତ ସାକ୍ଷ୍ୟ ପ୍ରମାଣିତ କରୁଅଛି ଯେ) ବାସ୍ତବରେ ଆମ୍ଭେ ମନୁଷ୍ୟକୁ ସର୍ବୋତ୍କୃଷ୍ଟ ଅବସ୍ଥାରେ ସୃଷ୍ଟି କରିଅଛୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଖୁଦାଙ୍କ ଅଭିପ୍ରାୟ ଏହିକି ଯେ ମନୁଷ୍ୟ ଖୁଦାଙ୍କ ଗୁଣାବଳୀକୁ ଅବଲମ୍ବନ କରୁ ଯେପରି ଖୁଦା ସମସ୍ତ ପାପ ଓ ମନ୍ଦ କାର୍ଯ୍ୟ କରିବାରୁ ପବିତ୍ର, ମନୁଷ୍ୟ ସେହିପରି ଅନୁରୂପ ରୂପେ ପବିତ୍ରତା ଅର୍ଜନ କରୁ । ଯେପରି ତାଠାରେ ନ୍ୟାୟପରାୟଣତା ଏବଂ ଜ୍ଞାନର ବିଶେଷ ଗୁଣ ନିହିତ ଅଛି ସେଗୁଡିକ ମଧ୍ୟ ମନୁଷ୍ୟ ନିକଟରେ ରହୁ । ସେଥିପାଇଁ ତାର ସୃଷ୍ଟିକୁ ଅହ୍‌ସନେ ତକ୍‌ୱିମ୍ ଅର୍ଥାତ୍ ସର୍ବୋତ୍କୃଷ୍ଟ ସୃଷ୍ଟି କୁହାଯାଇଛି । ଲକଦ୍ ଖଲକ୍‌ନଲ୍ ଇନ୍‌ସାନା ଫି ଅହ୍‌ସନି ତକ୍‌ୱିମ୍ । ଯେଉଁମାନେ ଖୁଦାତାଲାଙ୍କ ବିଶେଷ ଗୁଣକୁ ଧାରଣ କରିଥାନ୍ତି ସେମାନେ ଏହି ଆୟତର ଅନ୍ତର୍ଭୁକ୍ତ ଅଟନ୍ତି । ଏବଂ ଯେଉଁମାନେ ଅମାନ୍ୟ କରିଥାନ୍ତି ସେମାନଙ୍କର ସ୍ଥାନ ହେଉଛି ଅସ୍‌ଫଲୁସ୍ ସାଫିଲିନ୍" । (ଅଲ୍‌ବଦର୍, ଖଣ୍ଡ-୨, ନଂ-୭, ୬ ମାର୍ଚ୍ଚ ୧୯୦୩, ପୃଷ୍ଠା-୪୯)

ସେହିଭଳି କହୁଛନ୍ତି ଯେ "ମନୁଷ୍ୟକୁ ଆମ୍ଭେ ସମ୍ପୂର୍ଣ୍ଣ ରୂପେ ନ୍ୟାୟପରାୟଣ ସ୍ୱଭାବ ଦେଇ ଜନ୍ମ ଦେଇଅଛୁ । ଏବଂ ସେ ଏହି ଗୁଣରେ ସମସ୍ତ ପ୍ରକାର ସୃଷ୍ଟଜ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଓ ସର୍ବୋତମ ଅଟେ ।" (ତୌଜିହି ମରାମ୍, ପୃଷ୍ଠା-୪୭, ବହୱାଲା ତଫ୍‌ସିର ହଜ୍‌ରତ୍ ମସିହ୍ ମଉଦ୍, ତୃତୀୟ ଖଣ୍ଡ, ସୁରା ତିନ୍, ପୃଷ୍ଠା-୪୧୫-୪୧୬)

(୧୦)ୱ ସଖ୍‌ଖରା ଲକୁମୁଶ୍ ଶମ୍‌ସା..... ଲକୁମୁଲ୍ ଲୈଲା ୱନ୍‌ନହାରା (ଇବ୍ରାହିମ୍:୩୪) ଅର୍ଥାତ୍-ଏବଂ ସୂର୍ଯ୍ୟ ଓ ଚନ୍ଦ୍ରକୁ (ମଧ୍ୟ) ତୁମମାନଙ୍କ ସେବାରେ ନିଯୁକ୍ତ କରିଛନ୍ତି । ଏବଂ ଉଭୟେ ନିରନ୍ତର ଭାବରେ (ନିଜର) କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏବଂ ସେ ରାତ୍ରୀ ଓ ଦିନକୁ (ମଧ୍ୟ) ବିନା ପାରିତୋଷିକରେ ତୁମମାନଙ୍କ ସେବାରେ ନିଯୁକ୍ତ କରିଛନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରୁଛନ୍ତି:- "ଏହା ମଧ୍ୟ ମନେରଖିବା

**ଅବଶିଷ୍ଟାଂଶ ପୃଷ୍ଠା-୧୩ ରେ ଦେଖନ୍ତୁ.....**

# ମାନବ ଜାତି ସହିତ ସହାନୁଭୂତି ଓ ମାନବତାର ସେବା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ମୂଲ୍ୟବାନ ଉପଦେଶ

(ନସିର୍ ଅହମଦ୍ ଆରିଫ, କାଦିୟାନ୍)

ଅଲ୍ଲାଃତାଲା ପବିତ୍ର କୁର୍‌ଆନ୍‌ରେ ଆଦେଶ ଦେଉଛନ୍ତି:- ଓ୍ୱାବୁଦୁଲ୍‌ଲାହା ଓ୍ୱଲା ତୁଶ୍‌ରିକୁ ବିହି ଶଇଅଉଁ ଓ୍ୱବିଲ୍ ଓ୍ୱାଲିଦୈନି ଇହ୍‌ସାନଉଁ ଓ୍ୱବିଜିଲ୍ କୁର୍‌ବା ଓ୍ୱଲ୍‌ୟତାମା ଓ୍ୱଲ୍ ମସାକିନି ଓ୍ୱଲ୍‌ଜାରି ଜିଲ୍ କୁର୍‌ବା ଓ୍ୱଲ୍ ଜାରିଲ୍ ଜୁନୁବି ଓ୍ୱସ୍ ସାହିବି ବିଲ୍‌ଜମ୍‌ବି ଓ୍ୱବ୍‌ନିସ୍ ସବିଲି ଓ୍ୱମା ମଲକତ୍ ଅଇମାନୁକୁମ୍ ଇନ୍ନଲାହା ଲା ୟୁହିବ୍‌ବୁ ମନ୍‌କାନା ମୁଖ୍‌ତାଲନ୍ ଫଖୁରା । (ସୁରତୁନ୍ ନିସା:୩୭) ଅର୍ଥାତ୍- ଏବଂ ତୁମେମାନେ ଅଲ୍ଲାଃଙ୍କର ଉପାସନା କର ଏବଂ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରନାହିଁ; ଏବଂ ପିତାମାତା, ନିକଟ ସମ୍ପର୍କୀୟ, ଅନାଥ, ଦରିଦ୍ର, ସମ୍ପର୍କୀୟ ପଡ଼ୋଶୀ, ଅପରିଚିତ ପଡ଼ୋଶୀ, ସମୀପବର୍ତୀ ବ୍ୟକ୍ତି, ପଥିକ ଏବଂ ଯେଉଁମାନେ ତୁମମାନଙ୍କ କତୃତ୍ୱାଧିନ ହୋଇଛନ୍ତି ସେମାନଙ୍କ ପ୍ରତି ସଦୟ ହୁଅ । ବାସ୍ତବରେ ଅଲ୍ଲାଃ ଅହଂକାରୀ ଓ ଆତ୍ମାଭିମାନୀ ମାନଙ୍କୁ ଆଦୌ ପସନ୍ଦ କରନ୍ତି ନାହିଁ ।

ଇସ୍‌ଲାମ୍ ଧର୍ମ ଯାହାର ଅନୁସରଣ କରିବା ପାଇଁ ଆମକୁ ସୌଭାଗ୍ୟ ପ୍ରାପ୍ତ ହୋଇଛି ତାହା ପ୍ରତ୍ୟେକ କ୍ଷେତ୍ରରେ ସବୁଠାରୁ ବଳି ସମ୍ପୂର୍ଣ୍ଣ ଧର୍ମ ଅଟେ । ଏହି ବିଶାଳ ଭାବପୁର୍ଣ୍ଣ ଧର୍ମର ସାରାଂଶ ଶିକ୍ଷା ଯଦି ବର୍ଣ୍ଣନା କରାଯାଏ ତେବେ ତାହା ଦୁଇଟି । ୧-ହୁକୁକୁଲ୍ଲାଃ (ଅଲ୍ଲାଃଙ୍କର ପ୍ରାପ୍ୟ), ୨-ହୁକୁକୁଲ୍ ଇବାଦ୍ (ସୃଷ୍ଟଜ ଅର୍ଥାତ୍ ଭକ୍ତମାନଙ୍କର ପ୍ରାପ୍ୟ) । ଉପରୋକ୍ତ ପବିତ୍ର କୁରୁଆନ୍‌ର ଆୟତ୍‌ରୁ ଏହା ପ୍ରମାଣିତ ହେଉଛି ଇସ୍‌ଲାମ୍ ଧର୍ମରେ ସୃଷ୍ଟଜଙ୍କ ପ୍ରତି ନିଜର କର୍ତବ୍ୟ ପୁରଣ କରିବା ବିଷୟରେ କିପରି ପ୍ରାଞ୍ଜଳ ଏବଂ ସୁନ୍ଦର ରୂପେ ଆଦେଶ ଦିଆଯାଇଛି । ଏଥିରେ ଅଲ୍ଲାଃତାଲା ସଂକ୍ଷିପ୍ତ ଓ ଭାବପୂର୍ଣ୍ଣ ସହିତ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର କର୍ତବ୍ୟ ଓ ସୃଷ୍ଟଜମାନଙ୍କ ଉଦ୍ଦେଶ୍ୟରେ ନିଜର କର୍ତବ୍ୟକୁ ବର୍ଣ୍ଣନା କରିଛନ୍ତି । ବର୍ତମାନ ସମୟରେ ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ନିଜର ଉଚ୍ଚକୋଟୀ ଶିଷ୍ଟାଚାର ଏବଂ କର୍ତବ୍ୟ ସମ୍ପାଦନ ଜରିଆରେ ମାନ ଜାତିର ସେବାରେ ମଗ୍ନ ରହୁଥିଲେ । ବରଂ ମାନବ ସେବାରେ ନିଜର ଜୀବନକୁ ଉତ୍ସର୍ଗ କରିଦେଇଥିଲେ ଓ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ମାନବସେବା କରୁଥିଲେ । ନିଜର ଶିଷ୍ୟମାନଙ୍କୁ ମଧ୍ୟ ଏହି ପବିତ୍ର ଶିକ୍ଷାରେ ଅନୁପ୍ରାଣିତ ହେବାପାଇଁ ଦୃଢ଼ ଆଦେଶ ଦେଇଛନ୍ତି ।

“ଆମର ଏ ସିଦ୍ଧାନ୍ତ ଯେ ସମସ୍ତ ମାନବଜାତି ସହିତ ସହାନୁଭୂତି ଦେଖାଓ । ଯଦି କୌଣସି ବ୍ୟକ୍ତି ଏହା ଦେଖୁଅଛି ଯେ ତା ପଡୋଶୀ ହିନ୍ଦୁ ଘରେ ନିଆଁ ଲାଗିଯାଇଛି ଏବଂ ସେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରୁନାହିଁ । ତେବେ ମୁଁ ସତ୍ୟ କହୁଅଛି ଯେ ମୋ ସହିତ ତାର କୌଣସି ସମ୍ପର୍କ ନାହିଁ । ଯଦି ମୋ ଶିଷ୍ୟମାନଙ୍କ ଭିତରୁ କୌଣସି ବ୍ୟକ୍ତି ଏହା ଦେଖୁଅଛି ଯେ ଜଣେ ଇସାଇଙ୍କୁ କେହି ହତ୍ୟା କରିବାକୁ ଯାଉଛି ଏବଂ ସେ ତାକୁ ସେଥିରୁ ବଂଚାଇବା ପାଇଁ ସାହାଯ୍ୟ କରୁନାହିଁ ତେବେ ମୁଁ ତୁମମାନଙ୍କୁ ବିଲ୍‌କୁଲ୍ ସଠିକ୍ କହୁଅଛି ଯେ ସେ ଆମମାନଙ୍କ ସହିତ ନୁହେଁ ।.....ମୁଁ ନିୟମ କରି ଏହା ସତ୍ୟ କହୁଛି ଯେ ମୋର କୌଣସି ଜାତି ସହିତ ଶତୃତା ନାହିଁ । କିନ୍ତୁ ମୁଁ ଯଥାସାଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ସୁଧାରିବାକୁ ଚାହୁଁଛି । ଯଦି ଏଥିପାଇଁ ମୋତେ କେହି ଭର୍ତ୍ସନା କରେ ତେବେ ମଧ୍ୟ ମୁଁ ସେମାନଙ୍କୁ କେବେହେଲେ କିଛି କହିବି ନାହିଁ । କେବଳ ସେମାନଙ୍କ ପାଇଁ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରିବି । କାରଣ ପ୍ରତ୍ୟେକ କ୍ଷେତ୍ରରେ ମାନବଜାତିର କଲ୍ୟାଣ ଆମର କର୍ତବ୍ୟ ଅଟେ । (ସିରାଜେ ମୁନିର୍, ବହଓ୍ୱାଲା, ରୁହାନି ଖଜାଏନ୍ ଖଣ୍ଡ-୧୨, ପୃଷ୍ଠା-୨୮)

ଅହେମଦୀୟା ମୁସ୍‌ଲିମ୍ ଯମାତ୍‌ରେ ଦାଖଲ ହେବାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ଯେଉଁ ଦଶଟି ଶରାୟତେ ବୟତ୍ (ଦିକ୍ଷାଗ୍ରହଣ ନିମନ୍ତେ ସର୍ତାବଳୀ) ଧାର୍ଯ୍ୟ କରିଛନ୍ତି ତା ମଧ୍ୟରୁ ଗୋଟିଏ ସର୍ତ ହେଉଛି ମାନବ ସେବା ପାଇଁ ଉଦ୍ଦିଷ୍ଟ । ଯେପରି ନବମ ସର୍ତରେ ଆପଣ ଉଲ୍ଲେଖ କରିଛନ୍ତି:-

“ସାଧାରଣ ମାନବର ଦୁଃଖରେ ଦୁଃଖୀ ହୋଇ ସେମାନଙ୍କର କଲ୍ୟାଣ ପାଇଁ କେବଳ ଅଲ୍ଲାଃଙ୍କ ସାନିଧ୍ୟ ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ରୂପେ ଚେଷ୍ଟା କରିବ ଏବଂ ଯଥାସାଧ ଚେଷ୍ଟା କରି ଅଲ୍ଲାଃଙ୍କ ପ୍ରଦତ ଶକ୍ତି ଓ ସାମର୍ଥ୍ୟ ଅନୁସାରେ ମାନବ ଜାତିର ଉପକାର କରିବ ।” (ଇଶ୍‌ତେହାର୍ ତକ୍‌ମିଲେ ତବ୍‌ଲିଗ୍, ୧୨ ଜାନୀଆରୀ ୧୮୮୯)

ସେହିପରି ଆପଣ ଆ:ସ ନିଜର ପୁସ୍ତକ ପୈଗାମେ ସୁଲ୍‌ହା (ଶାନ୍ତିର ସନ୍ଦେଶ)ରେ ହିନ୍ଦୁସ୍ତାନ୍‌ର ଦୁଇଗୋଟି ବଡ଼ କୌମ୍ ଅର୍ଥାତ୍ ମୁସଲ୍‌ମାନ୍ ଏବଂ ହିନ୍ଦୁମାନଙ୍କୁ ସମ୍ବୋଧନ କରି କହୁଛନ୍ତି:-

“ଆମପାଇଁ ଏହା ଧାର୍ଯ୍ୟ ଅଟେ ଯେ ସ୍ୱଚ୍ଛ ହୃଦୟର ସହିତ ଏବଂ ପୁଣ୍ୟ ଉଦ୍ଦ୍ୟେଶ୍ୟରେ ଜଣେ ଅନ୍ୟ ଜଣଙ୍କର ବନ୍ଧୁ ହୋଇଯିବା । ଏବଂ ଦୀନ୍ ଓ ଦୁନିଆ (ଧର୍ମ ଓ ସଂସାର) ରେ ଯେଉଁ ସବୁ ଅସୁବିଧା ଅଛି ସେଥିରେ ଜଣେ ଅନ୍ୟ ଜଣକ ସହିତ ସହାନୁଭୂତି ଦେଖାଇବା ଏବଂ ଏପରି ସହାନୁଭୂତି ଦେଖାଇବା ଯେ ଯେପରି ଆମେ ଜଣେ ଅନ୍ୟଜଣଙ୍କର ଅଙ୍ଗ । ହେ ମୋର ଦେଶବାସୀମାନେ !! ସେ ଧର୍ମ ଧର୍ମ ନୁହେଁ ଯେଉଁଥିରେ ସାଧାରଣ ଲୋକଙ୍କ ପାଇଁ ସହାନୁଭୂତିର ଶିକ୍ଷା ନାହିଁ, ନା ସେ ମନୁଷ୍ୟ ମନୁଷ୍ୟ ଅଟେ ଯାହା ଭିତରେ ସହାନୁଭୂତିର ବୀଜ ନାହିଁ ।” *(ପୈଗାମେ ସୁଲ୍‌ହା ରୁହାନି ଖଜାଏନ୍, ଖଣ୍ଡ-୨୩, ପୃଷ୍ଠା-୪୩୯)*

ପ୍ରାଣୀଜଗତ ସହିତ ସହାନୁଭୂତି ଦେଖାଇବାରେ ଆମର ପ୍ରିୟ ଆକା ଆଁ ହଜ୍‌ରତ୍ ସ:ଆ:ସ ସମସ୍ତଙ୍କ ଠାରୁ ବଳିକରି ଥିଲେ । ଆପଣ ସ:ଆ:ସ ଙ୍କ ବିଷୟରେ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା କହୁଛନ୍ତି:- *ଲକଦ୍ ଯାଆକୁମ୍ ରସୁଲୁମ୍ ମିନ୍ ଅନ୍‌ଫୁସିକୁମ୍ ଅଜିଜୁନ୍ ଆଲୈହେ ମା ଅନିତ୍‌ତୁମ୍ ହରିସୁନ୍ ଆଲୈକୁମ୍ ବିଲ୍‌ମୁମିନିନା ରଉଫୁର୍ ରହିମ୍ (ସୁରା ତୌବାଃ:୧୨୮)* ଅର୍ଥାତ୍- (ହେ ବିଶ୍ୱାସକାରୀମାନେ !) ତୁମମାନଙ୍କ ସମ୍ପ୍ରଦାୟରୁ ତୁମମାନଙ୍କ ନିକଟକୁ ଜଣେ ବ୍ୟକ୍ତି ରସୁଲ ହୋଇ ଆସିଛନ୍ତି; ତୁମମାନଙ୍କର ବିପଦଗ୍ରସ୍ତ ହେବା ତାହାଙ୍କ ପକ୍ଷରେ ଅସହ୍ୟ; ଏବଂ ସେ ତୁମମାନଙ୍କ ହିତ ପାଇଁ ବ୍ୟଗ୍ର (ଏବଂ ସେ) ବିଶ୍ୱାସକାରୀ ମାନଙ୍କ ପ୍ରତି ଅତ୍ୟନ୍ତ ଦୟାଶୀଳ ଓ ସଦା କରୁଣାମୟ ।

ଆପଣ ସ:ଆ:ସ ଙ୍କ ସୃଷ୍ଟଜଙ୍କ ପ୍ରତି ସହାନୁଭୂତି ବିଷୟରେ ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

“ଆକର୍ଷଣ ଓ ସାହାସ କରିବାର ପ୍ରତିଜ୍ଞା ଜଣେ ମନୁଷ୍ୟକୁ ସେତେବେଳେ ଦିଆଯାଇଥାଏ ଯେତେବେଳେ ସେ ଖୁଦାତାଲାଙ୍କ ଚାଦର ତଳେ ଆସିଯାଏ । ଏବଂ ଜିଲ୍‌ଲୁଲ୍ଲାଃ (ଅଲ୍ଲାଃଙ୍କର ଛାଇ) ହୋଇଥାଏ । ପୁଣି ସେ ପ୍ରାଣୀଜଗତର ସହାନୁଭୂତି ଓ ତାଙ୍କର ଉନ୍ନତି ନିମନ୍ତେ ନିଜ ଭିତରେ ଏକପ୍ରକାର ବ୍ୟାକୁଳତା ପାଇଥାଏ । ଆମ ନବୀ କରିମ୍ ସ:ଆ:ସ ଏହି ମର୍ଯ୍ୟାଦା ହାସଲ କରିବାରେ ସମସ୍ତ ଅମ୍ବେୟା ଆ:ସ ଙ୍କ ଠାରୁ ବଳିକରି ଥିଲେ । ସେଥିପାଇଁ ଆପଣ ସ:ଆ:ସ ମଖ୍‌ଲୁକ୍‌ର ଦୁଃଖକୁ ସହ୍ୟ କରିପାରୁନଥିଲେ ।” *(ଅଲ୍‌ହକମ୍ ତା-୨୪ ଜୁଲାଇ ୧୯୦୨)*

ପ୍ରାଣୀଜଗତ ସହିତ ସହାନୁଭୂତି ଦେଖାଇବା ବିଷୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କର କିଛି ଉପଦେଶାବଳୀ ଉପସ୍ଥାପନ କରାଯାଉଛି । ଆପଣ ଆ:ସ କହୁଛନ୍ତି:- “ମୋର ତ ଏପରି ଅବସ୍ଥା ଯେ ଯଦି ମୁଁ କାହାକୁ କଷ୍ଟ ହେଉଥିବାର ଅନୁଭବ କରେ ଓ ସେତେବେଳେ ମୁଁ ନମାଜରେ ଥିଲେ ମଧ୍ୟ ଯଦି ତାର ଶବ୍ଦ ମୋ କାନରେ ପଡ଼ିଯାଏ, ତେବେ ମୁଁ ତ ଏହା ଚାହୁଁଛି ଯେ ନମାଜକୁ ଭଙ୍ଗକରି ମଧ୍ୟ ତାକୁ କୌଣସି ସାହାଯ୍ୟ ଓ ଲାଭ ପହଂଚାଇବାର ଥାଏ ତେବେ ମୁଁ ଯଥାସମ୍ଭବ ତାହା ସହିତ ସହାନୁଭୂତି ଦେଖାଇବା ପାଇଁ ଚେଷ୍ଟା କରିବି । ଯଦି କୌଣସି ଭାଇର ଦୁଃଖ ଦୁର୍ଦ୍ଦଶାରେ ତାକୁ ସାହାଯ୍ୟ କରାନଯାଏ ତେବେ ଏହା ଚରିତ୍ର ବିରୋଧି କାର୍ଯ୍ୟ ହେବ । ଯଦି ତୁମେ ତା ପାଇଁ କିଛି କରିପାରୁନାହଁ ତେବେ ଅତି କମ୍‌ରେ ତା ପାଇଁ ପ୍ରାର୍ଥନା ତ କର । ନିଜ ଲୋକଙ୍କୁ ଛାଡ଼ିଦିଅନ୍ତୁ । ମୁଁ ତ ଏହା କହୁଛି ଯେ ଅନ୍ୟମାନଙ୍କ ସହିତ ଓ ହିନ୍ଦୁମାନଙ୍କ ସହିତ ମଧ୍ୟ ଉତମ ଚରିତ୍ରର ବ୍ୟବହାର ପ୍ରଦର୍ଶନ କର ଓ ସେମାନଙ୍କ ସହିତ ସହାନୁଭୂତି ଦେଖାଓ । କଦାପି ବେପରୁଆ ମନୋଭାବ ପୋଷଣ କରିବା ଉଚିତ୍ ହେବନାହିଁ ।” *(ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୩୦୫, ଏଡିଶନ୍-୨୦୦୩)*

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

“ଚରିତ୍ର ହିଁ ସବୁ ଉନ୍ନତିର ପାହାଚ ଅଟେ । ମୋ ଜାଣିବାରେ ହକୁକୁଲ୍ ଇବାଦ୍ (ସୃଷ୍ଟଜଙ୍କ ପ୍ରତି ଅଧିକାର ପ୍ରଦାନ କରିବା)ର ଏହି ପାର୍ଶ୍ୱଟି ହକୁକୁଲ୍‌ଲାଃ (ଅଲ୍ଲାଃତାଲାଙ୍କ ଅଧିକାରକୁ ପ୍ରଦାନ କରିବା)ର ପାର୍ଶ୍ୱକୁ ସୁଦୃଢ଼ କରିଥାଏ । ଯେଉଁବ୍ୟକ୍ତି ମାନବଜାତି ସହିତ ଉତମ ଚରିତ୍ରର ସହିତ ବ୍ୟବହାର କରିଥାଏ ଖୁଦାତାଲା ତା ବିଶ୍ୱାସକୁ ନଷ୍ଟ କରେନାହିଁ । ଯେତେବେଳେ ମନୁଷ୍ୟ ଖୁଦାତାଲାଙ୍କର ସାନିଧ୍ୟ ପାଇବା ପାଇଁ କାର୍ଯ୍ୟ କରେ ଓ ନିଜର ଦୁର୍ବଳ ଭାଇ ସହିତ ସହାନୁଭୂତି ଦେଖାଏ ତେବେ ଏହି ନିଷ୍ଠା ଯୋଗୁ ତାର ଇମାନ୍ ମଜ୍‌ବୁତ୍ ହୋଇଯାଏ । କିନ୍ତୁ ଏହା ମନେରଖିବା ଉଚିତ୍ ହେବ ଯେ ପ୍ରଦର୍ଶନୀ ଓ ନାମ କମାଇବା ପାଇଁ ଯେଉଁ ଏଖ୍‌ଲାକ୍ କୁ

ଉପସ୍ଥାପନ କରାଯାଏ ସେହି ଏଖ୍ଲାକ୍ ଖୁଦାତାଲାଙ୍କ ନିମନ୍ତେ ହୋଇନଥାଏ ଏବଂ ସେଥିରେ ନିଷ୍ଠା ନ ରହିବା ଯୋଗୁଁ କୌଣସି ଲାଭ ମିଳିନଥାଏ । ଏହିପରି ବହୁତ ଲୋକେ ଯାତ୍ରୀନିବାସ ଇତ୍ୟାଦି ନିର୍ମାଣ କରିଥାନ୍ତି । ସେମାନଙ୍କର ଅସଲ ଉଦ୍ଦେଶ୍ୟ ନାମ କମାଇବା ପାଇଁ ଥାଏ । ଯଦି ମନୁଷ୍ୟ ଖୁଦାତାଲା ନିମନ୍ତେ କୌଣସି କାର୍ଯ୍ୟ କରେ ତେବେ ତାହା ଯେତେ ଛୋଟ ହୋଇଥିଲେ ମଧ୍ୟ ଅଲ୍ଲାଃତାଲା ତାକୁ ନଷ୍ଟ କରନ୍ତି ନାହିଁ ଏବଂ ତାର ପ୍ରତିବଦଳ ପ୍ରଦାନ କରିଥାଏ । ମୁଁ ତଜ୍କିରତୁଲ୍ ଅଉଲିଆ ପୁସ୍ତକରେ ପଢ଼ିଛି ଯେ ଜଣେ ଓଲିଉଲ୍ଲାଃ (ଇଶ୍ୱରଭକ୍ତ) କହୁଛନ୍ତି କି ଥରେ ଅନେକ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିଲା । ସେହି ବର୍ଷା ଦିନଗୁଡିକରେ ଏହା ଦେଖିଲି ଯେ ଜଣେ ଅଶୀବର୍ଷର ବୃଦ୍ଧ ଅଗ୍ନିପୂଜକ କୋଠା ଉପରେ ଚଢ଼ି ପକ୍ଷୀମାନଙ୍କୁ ଖାଦ୍ୟ ଦେଉଥିଲା । ମୁଁ ଏହା ଭାବିଲି ଯେ କାଫିର୍ (ଅମାନ୍ୟକାରୀ)ଙ୍କୁ ପୁଣ୍ୟ ମିଳେନାହିଁ, ତାଙ୍କୁ ମୁଁ ପଚାରିଲି ଏପରି କରିବା ଦ୍ୱାରା ତୁମକୁ କଣ କିଛି ପୁଣ୍ୟ ମିଳିବ? ସେହି ଅଗ୍ନିପୂଜକ ଜଣକ ଉତ୍ତର ଦେଲେ ଯେ ହଁ ନିଶ୍ଚୟ ମିଳିବ । ପୁଣି ଉକ୍ତ ଓଲିଉଲ୍ଲାଃ ଜଣକ ବର୍ଣ୍ଣନା କରୁଛନ୍ତି ଯେ ଥରେ ମୁଁ ହଜ୍‌କୁ ଗଲି । ସେଠାରେ ମୁଁ ସେହି ଅଗ୍ନିପୂଜକ ବୃଦ୍ଧଙ୍କୁ ତୱାଫ (ଖାନାକାବା ଚତୁଃପାର୍ଶ୍ୱରେ ଘୁରିବୁଲିବା) କରିବାର ଦେଖିଲି । ସେ ବୃଦ୍ଧଜଣକ ମୋତେ ଚିହ୍ନିନେଲେ ଓ କହିଲେ-ଦେଖ ସେହି ଖାଦ୍ୟ ଦେବା ଦ୍ୱାରା ମୋତେ ପୁଣ୍ୟ ମିଳିଲା ନା ନୁହେଁ? ଅର୍ଥାତ୍ ସେହି ଦାନାଗୁଡିକ ମୋତେ ଇସ୍‌ଲାମ୍ ଗ୍ରହଣ କରିବାର କାରଣ ହେଲେ ।" *(ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୨୧୬, ଏଡ଼ିଶନ୍-୨୦୦୩)*

ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

"ମୁଁ ଉପଦେଶ ଦେଉଛି ଯେ ଦୁଷ୍ଟ କାର୍ଯ୍ୟ କରିବାରୁ ନିବୃତ୍ତ ରୁହ । ମାନବ ଜାତି ସହିତ ସତ୍ୟ ସହାନୁଭୂତି ଦେଖାଅ । ନିଜ ହୃଦୟକୁ ବିଦ୍ୱେଶ ଓ କପଟାତାରୁ ପବିତ୍ର କର । ଫଳତଃ ଏହି ଅଭ୍ୟାସ ଦ୍ୱାରା ତୁମେ ଫରିସ୍ତା ସଦୃଶ ହୋଇଯିବ । କେଡ଼େ ଅସନା ଓ ଅପବିତ୍ର ହେଉଛି ସେ ଧର୍ମ ଯେଉଁଥିରେ ମନୁଷ୍ୟ ସହିତ ସହାନୁଭୂତି ଦେଖାଇବାର ଶିକ୍ଷା ନାହିଁ । କେଡ଼େ ଅପବିତ୍ର ସେ ମାର୍ଗ ଯେଉଁଥିରେ ଅହଂକାର ଓ ବିଦ୍ୱେଶର କଂଟା ଭରିରହିଛି । ସୁତରାଂ ତୁମେ ସବୁ ଯେଉଁମାନେ ମୋ ସହିତ ଅଛ ଏପରି ହୁଅନାହିଁ । ଚିନ୍ତା କର ଧର୍ମରୁ କଣ ହାସଲ ହେବ । କଣ କେବଳ ମଣିଷକୁ ଦୁଃଖ ଦେବା ତୁମର ରୀତି ନିତୀ ହେବ? ନୁହେଁ ବରଂ ଧର୍ମ ସେହି ଜୀବନକୁ ହାସଲ କରିବା ପାଇଁ ଅଛି ଯାହା ଖୁଦାଙ୍କ ନିକଟରେ ଅଛି ଏବଂ ସେ ଜୀବନ ନା କାହାକୁ ହାସଲ ହୋଇଛି ନା ଆସନ୍ତାକୁ କାହାକୁ ହେବ । କେବଳ ଖୁଦାଙ୍କ ବିଶେଷ ଗୁଣ ଗୁଡିକୁ ମନୁଷ୍ୟ ଭିତରେ ଦାଖଲ କରିବା ଫଳରେ ଏହା ହାସଲ ହୋଇପାରିବ । ଖୁଦାଙ୍କ ନିମନ୍ତେ ସମସ୍ତଙ୍କ ଉପରେ ଦୟା କର । ଫଳତଃ ଆକାଶରୁ ତୁମ ଉପରୁ ଦୟା କରାଯିବ । ଆସ ମୁଁ ତୁମକୁ ଏପରି ଏକ ମାର୍ଗ ବତାଉଛି ଯେଉଁଥିରେ ତୁମର ଜ୍ୟୋତି ସମସ୍ତ ଜ୍ୟୋତିଙ୍କ ଉପରେ ସରସ ହେବ । ତାହା ହେଉଛି ତୁମେ ପ୍ରତ୍ୟେକ ପ୍ରକାର ନିଜ କର୍ମ ଓ ଇର୍ଷାକୁ ପରିତ୍ୟାଗ କର । ମାନବଜାତି ସହିତ ସହାନୁଭୂତି ଦେଖାଓ ।" *(ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓ୍ୱଲ୍ ଜିହାଦ୍, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୧୪)*

ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

"ପୁଣି ମୁଁ ଦେଖୁଅଛି ଯେ ବହୁତ ଲୋକ ଏପରି ଅଛନ୍ତି ଯେଉଁମାନଙ୍କ ଭିତରେ ନିଜ ଭାଇପାଇଁ ମଧ୍ୟ କିଛି ସହାନୁଭୂତି ନାହିଁ । ଯଦି ଜଣେ ଭାଇ ଭୋକିଲା ମରୁଛି ତେବେ ଅନ୍ୟ ଭାଇ ଏଥିପ୍ରତି ଧ୍ୟାନ ଦେଉନାହିଁ । ତାର ଖବର ନେବା ପାଇଁ ମଧ୍ୟ ପ୍ରସ୍ତୁତ ନୁହେଁ । ଯଦି ସେ ଅନ୍ୟ କୌଣସି ପ୍ରକାରର ଅସୁବିଧାରେ ଅଛି ତେବେ ସେ ତା ପାଇଁ ନିଜ ଧନରୁ କିଛି ଅଂଶ ଖର୍ଚ୍ଚ କରୁନାହିଁ । ହଦିସ୍ ଶରିଫ୍‌ରେ ପଡୋଶୀଙ୍କ ହାଲ୍‌ଚାଲ୍ ବୁଝିବା ପାଇଁ ଓ ସେମାନଙ୍କ ସହିତ ସହାନୁଭୂତି ଦେଖାଇବା ପାଇଁ ନିର୍ଦ୍ଦେଶ ଅଛି । ବରଂ ଏପରିକି ଯଦି ତୁମେ ମାଂସ ରାନ୍ଧ ତେବେ ଝୋଳ ଅଧିକ କରିଦିଅ । ଫଳତଃ ପଡୋଶୀଙ୍କୁ ମଧ୍ୟ ସେଥିରୁ ଦେଇପାରିବ । ବର୍ତ୍ତମାନ କଣ ହେଉଛି ! ନିଜର ପେଟ ପୋଷୁଛନ୍ତି କିନ୍ତୁ ଏଥିପ୍ରତି କୌଣସି ପରବାୟ ନାହିଁ । ଏପରି ଭାବନାହିଁ ଯେ ପଡ଼ୋଶୀର ଅର୍ଥ କେବଳ ଏତିକି ଯେ ଯେଉଁମାନେ ଘରପାଖରେ ରହୁଛନ୍ତି । ବରଂ ତୁମର ଯେଉଁ ଭାଇମାନେ ଅଛନ୍ତି, ସେ ଶହେ କୋଷ ଦୂରତାରେ ରୁହନ୍ତୁ ନା କାହିଁକି, ସେମାନେ ମଧ୍ୟ ତୁମର ପଡ଼ୋଶୀ ।" *(ମଲ୍‌ଫୁଜାତ୍ ଖଣ୍ଡ-୪, ପୃଷ୍ଠା-୨୧୫, ଏଡ଼ିଶନ୍-୨୦୦୩)*

ମାନବଜାତି ସହିତ ପ୍ରେମଭାବ ଆପଣଙ୍କ ହୃଦୟରେ ଏପରି ତରଙ୍ଗିତ ଥିଲା, ଯାହାର ଦୃଷ୍ଟାନ୍ତ ମିଳିବା କଷ୍ଟକର । ଆପଣ ଆ:ସ ନିଜର ଏହି ପ୍ରେମଭାବକୁ ଏପରି ବର୍ଣ୍ଣନା କରି କହୁଛନ୍ତି:- "ଏ ଦୁନିଆରେ ମୋର କେହି ଶତୃ ନାହାଁନ୍ତି । ମୁଁ ମାନବଜାତି ସହିତ ଏପରି ପ୍ରେମ କରୁଛି ଯେପରି ଦୟାଶୀଳ ମାତା ନିଜର ସନ୍ତାନମାନଙ୍କୁ କରେ । ବରଂ ଏହାଠାରୁ ବଳିକରି ମୁଁ କେବଳ ସେହି ମିଥ୍ୟା ପ୍ରଥା ଓ ରିତି ଗୁଡିକର ଶତୃ ଅଟେ ଯାହାଦ୍ୱାରା ସତ୍ୟର ହତ୍ୟା ହୋଇଥାଏ । ମାନବଜାତି ସହିତ ସହାନୁଭୂତି ଦେଖାଇବା ମୋର ଫର୍ଜ(ଧାର୍ଯ୍ୟ) ଅଟେ ଓ ମିଥ୍ୟା, ଶିର୍କ(ଅନେକଶ୍ୱରବାଦ), ଅତ୍ୟାଚାର, ପ୍ରତ୍ୟେକ ପ୍ରକାରର କୁକର୍ମ, ଅନ୍ୟାୟ ଅନିତୀ ଓ କୁଚରିତ୍ରକୁ ଘୃଣା କରିବା ମୋର ସିଦ୍ଧାନ୍ତ ଅଟେ ।" *(ଅର୍‌ବଇନ୍, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୩୪୪)*

ଆପଣ ଆ:ସ କହୁଛନ୍ତି:-

"ସୁରା ଫାତେହା ଏଥିପାଇଁ ଅଲ୍ଲାଃତାଲା ଉପସ୍ଥାପନ କରିଛନ୍ତି ଓ ଏଥିରେ ସବୁଠାରୁ ପ୍ରଥମ ବିଶେଷ ଗୁଣ ରବ୍ବୁଲ୍ ଆଲମିନ୍ (ସାରା ସଂସାରର ପାଳନକର୍ତ୍ତା) ବର୍ଣ୍ଣନା କରାଯାଇଛି । ଯେଉଁଥିରେ ସମଗ୍ର ପ୍ରାଣୀ ଜଗତ ସାମିଲ୍ ଅଟନ୍ତି । ସେହିପରି ଜଣେ ମୋମିନ୍‌ର ସହାନୁଭୂତିର କ୍ଷେତ୍ର ସର୍ବପ୍ରଥମେ ଏତେ ବ୍ୟାପକ ହେବା ଉଚିତ୍ ଯେ ସମସ୍ତ ଜୀବଜନ୍ତୁ ଓ ସମ୍ପୂର୍ଣ୍ଣ ପ୍ରାଣୀଜଗତ ତା ଭିତରେ ଆସିଯିବ । ପୁଣି ଦ୍ୱିତୀୟ ବିଶେଷ ଗୁଣ ରହେମାନ୍ (ଦୟାଳୁ) ର ବର୍ଣ୍ଣନା କରିଛନ୍ତି । ଯେଉଁଥିରୁ ଏ ଶିକ୍ଷା ମିଳୁଛି ଯେ ସମସ୍ତ ଜିବୀତ ପ୍ରାଣୀଜଗତ ସହିତ ବିଶେଷ ରୂପେ ସହାନୁଭୂତି କରିବା ଉଚିତ୍ । ପୁଣି ରହିମ୍ (କୃପାଳୁ) ରେ ନିଜ ଜାତି ସହିତ ସହାନୁଭୂତିର ଶିକ୍ଷା ଅଛି । ସୁତରାଂ ଏହି ସୁରା ଫାତେହାରେ ଯେଉଁଥିରେ ଅଲ୍ଲାଃତାଲାଙ୍କ ବିଶେଷ ଗୁଣ ଗୁଡିକର ବର୍ଣ୍ଣନା କରାଯାଇଛି ଯେପରି ଏଗୁଡିକ ଖୁଦାତାଲାଙ୍କର ଚରିତ୍ର ଅଟନ୍ତି, ଯେଉଁଥିରୁ ଭକ୍ତଙ୍କୁ ଭାଗନେବା ଉଚିତ୍ ଏବଂ ତାହା ଏପରି ଅଟେ ଯେ ଯଦି ଜଣେ ବ୍ୟକ୍ତି ସ୍ୱଚ୍ଛଳ ଅବସ୍ଥାରେ ଅଛି ତାକୁ ନିଜ ଜାତି ସହିତ ଯଥାସମ୍ଭବ ପ୍ରତ୍ୟେକ ପ୍ରକାରର ସହାନୁଭୂତି ଦେଖାଇବା ଉଚିତ୍ । ସେହିପରି ଅନ୍ୟ ବ୍ୟକ୍ତି ଯିଏ ତାର ବନ୍ଧୁବାନ୍ଧବ ବା ନିକଟ ସମ୍ପର୍କୀୟ ଅଟନ୍ତି ବା ଯେକୌଣସି ବ୍ୟକ୍ତି ହେଉ ନା କାହିଁକି ତା ସହିତ ଅପ୍ରସନ୍ନତା ପ୍ରକାଶ କରାନଯାଉ ଏବଂ ଅପରିଚିତ ବ୍ୟକ୍ତିଙ୍କ ଭଳି ବ୍ୟବହାର କରାନଯାଉ ବରଂ ସେହି ଅଧିକାର ଗୁଡିକର ପରବାୟ କରନ୍ତୁ ଯାହା ତୁମ ଉପରେ ନ୍ୟସ୍ତ କରାଯାଇଛି । ଯଦି ତାର କିଏ ନିକଟ ସମ୍ପର୍କୀୟ ଅଛି ଏବଂ ତାର ତା ଉପରେ କିଛି ଅଧିକାର ଅଛି ତେବେ ସେଗୁଡ଼ିକ ପୁରଣ କରିବା ଉଚିତ୍ ।" *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୬୨, ଏଡ଼ିଶନ୍-୨୦୦୩)*

ଆପଣ ଆ:ସ କହୁଛନ୍ତି:-

"ଖୁଦାତାଲାଙ୍କ ମାର୍ଗରେ ଜୀବନ ଉତ୍ସର୍ଗ କରିବା ଯାହା ବାସ୍ତବିକ ଇସ୍‌ଲାମ୍ ଅଟେ ତାହା ଦୁଇ ପ୍ରକାରର । ପ୍ରଥମଟି ହେଉଛି ଖୁଦାତାଲାଙ୍କୁ ହିଁ ନିଜର ଉପାସ୍ୟ, ଉଦ୍ଦେଶ୍ୟ ଓ ପ୍ରିୟତମ ରୂପେ ବିବେଚିତ କରାଯାଉ ।"

ଏବଂ ଦ୍ୱିତୀୟ କିସମ ବିଷୟରେ କହୁଛନ୍ତି:- "ଦ୍ୱିତୀୟ କିସମଟି ଅଲ୍ଲାଃତାଲାଙ୍କ ମାର୍ଗରେ ଜୀବନ ଉତ୍ସର୍ଗ କରିବା ହେଉଛି ତା ଭକ୍ତଙ୍କର ସେବା କରିବା, ତା ସହିତ ସହାନୁଭୂତି ଦେଖାଇବା, ତାକୁ ଖୁସି କରାଇବା, ତା ଦୁଃଖ କଷ୍ଟକୁ ସହ୍ୟ କରିବା ଓ ସତ୍ୟ ସମ୍ବେଦନା ଦେଖାଇବା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଦିଆଯାଉ । ନିଜେ ଦୁଃଖରେ ରହି ଅନ୍ୟଙ୍କୁ ଆରାମ ପହଂଚାନ୍ତୁ ଓ ଆନନ୍ଦ ଦିଅନ୍ତୁ ।" *(ଆଇନା କମାଲାତେ ଇସ୍‌ଲାମ୍, ରୁହାନି ଖଜାଏନ୍, ଖଣ୍ଡ-୫, ପୃଷ୍ଠା-୬୦)*

ଆପଣ ଆ:ସ କହୁଛନ୍ତି:-

"ଏବଂ ସୃଷ୍ଟଜଙ୍କର ସେବା ଏପରି ହେବା ଉଚିତ୍ ଯେତେ ମାତ୍ରାରେ ସେ ଆବଶ୍ୟକ କରିଥାନ୍ତି ଏବଂ ଖୁଦାତାଲା ଯେମିତି ବିଭିନ୍ନ ଉପାୟରେ କିଛି ଲୋକଙ୍କୁ କିଛି ଲୋକଙ୍କ ନିମନ୍ତେ ସାହାଯ୍ୟ ଓ ସହଯୋଗ ପାଇଁ ରଖିଥାଏ ଏହି ସମସ୍ତ ବିଷୟରେ କେବଳ ଅଲ୍ଲାଃତାଲାଙ୍କ ନିମନ୍ତେ ନିଜର ପ୍ରକୃତ ଏବଂ ନିଃସ୍ୱାର୍ଥପର ବାସ୍ତବିକ ସହାନୁଭୂତି ସହିତ ଯାହା ନିଜ ସାମର୍ଥ୍ୟ ଅନୁସାରେ ହୋଇପାରିବ ସେମାନଙ୍କୁ ଲାଭ ପହଂଚାନ୍ତୁ ଏବଂ ପ୍ରତ୍ୟେକ ଅଭାବି ଲୋକଙ୍କୁ ନିଜ ସାମର୍ଥ୍ୟ ଓ ଶକ୍ତି ଅନୁସାରେ ସାହାଯ୍ୟ କରନ୍ତୁ ଏବଂ ସେମାନଙ୍କ ଦ୍ୱୟ ଇହକାଳ ଓ ପରକାଳରେ ସୁଧାର ନିମନ୍ତେ ଚେଷ୍ଟା କରନ୍ତୁ । *(ଆଇନା କମାଲତେ ଇସ୍‌ଲାମ୍, ପୃଷ୍ଠା ୬୧-୬୨)*

ସମାଜ ସୁଧାର ଏବଂ ସୃଷ୍ଟଜଙ୍କ ସହାନୁଭୂତି ନିମନ୍ତେ ଆପଣ ଆ:ସ ଙ୍କ ଯେଉଁ ବ୍ୟାକୁଳତା ଥିଲା ତାହା ଅବର୍ଣ୍ଣନୀୟ । ଯେଉଁଦିନ ମାନଙ୍କରେ ପଞ୍ଜାବ୍‌ର ତାଉନ୍‌ର ଦୌରା ଥିଲା ଏବଂ ଅଗଣତି ଲୋକେ ଏହି କ୍ଷତିକାରୀ ବେମାରୀ ଦ୍ୱାରା ମୃତ୍ୟୁବରଣ କରୁଥିଲେ । ସେତେବେଳେ ଆପଣ ଆ:ସଙ୍କ ସହାନୁଭୂତିର ଭାବନାର ଯେଉଁ ଅବସ୍ଥା ଥିଲା ସେ ବିଷୟରେ ହଜରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ସିଆଲ୍‌କୋଟି ର:ଅ କହୁଛନ୍ତି ଯେ ସେ ଆପଣ ଆ:ସଙ୍କୁ ଏକୁଟିଆ ଅଲଗା ହୋଇ ଦୁଆ କରିବାର ଶୁଣିଛନ୍ତି । ଏବଂ ଏହାକୁ ଦେଖି ସେ ବହୁତ ଆଶ୍ଚର୍ଯ୍ୟ ହୋଇଗଲେ । ଆପଣ କହୁଛନ୍ତି-

"ଏହି ଦୁଆରେ ଆପଣଙ୍କର ସ୍ୱରରେ ଏତେ ବେଦନା ଓ ବ୍ୟଥା ଥିଲା ଯେ ଶୁଣିବା ବାଲାର ହୃଦୟ କମ୍ପିଯିବ ଏବଂ ଆପଣ ଆ:ସ ଏପରି ଅଲ୍ଲାଃଙ୍କ ଦରବାରରେ ବିଳାପ କରୁଥିଲେ ଯେ ଯେପରି ଜଣେ ମହିଳା ପ୍ରଶବ ବେଦନା ଦ୍ୱାରା ବିଳାପ କରିଥାଏ । ମୁଁ ବହୁତ ମଗ୍ନ ହୋଇ ଯେତେବେଳେ ଶୁଣିଲି

ସେତେବେଳେ ଏହା ଜାଣିବାକୁ ପାଇଲି ଯେ ଆପଣ ଆ:ସ ଖୁଦାଙ୍କ ସୃଷ୍ଟଜଙ୍କ ନିମନ୍ତେ ଏ ଦୁଆ କରୁଥିଲେ ଯେ ସେମାନେ କିପରି ତାଉନ୍‌ର ଯାତନାରୁ ବଂଚିଯାଆନ୍ତୁ । ଏବଂ ଏହା କହୁଥିଲେ ଯେ ହେ ମୋର ଅଲ୍ଲା ! ଯଦି ଏ ଲୋକମାନେ ତାଉନ୍‌ର ଜାତନା ଦ୍ୱାରା ନିଃଶେଷ ହୋଇଯିବେ ତେବେ ପୁଣି ତୋର ଉପାସନା କିଏ କରିବ ।" *(ସିରତେ ତୟବା, ପୃଷ୍ଠା-୫୪, ବହୱାଲା ସିରତ୍ ମସିହ୍ ମଉଦ୍ ଆ:ସ ଶମାଇଲ୍ ୱ ଏଖ୍‌ଲାତ୍, ତୃତୀୟ ଖଣ୍ଡ, ପୃଷ୍ଠା-୩୯୫, ଲେଖକ-ଶେଖ୍ ଯାକୁବ୍ ଅଲୀ ଇର୍‌ଫାନି)*

ଆପଣ ଆ:ସ କହୁଛନ୍ତି:- "ଏହା ସତ୍ୟକଥା ଅଟେ ଯେଉଁ ବ୍ୟକ୍ତି ଏହା ଚାହୁଁଛି ତା ଦ୍ୱାରା ଅନ୍ୟକୁ ଲାଭ ପହଂଚୁ ତେବେ ତାକୁ ଇର୍ଷାଳୁ ହେବା ଉଚିତ୍ ନୁହେଁ । ଯଦି ସେ ଇର୍ଷାଳୁ ତେବେ ତା ଅସ୍ତିତ୍ୱରୁ କାହାକୁ ଲାଭ ପହଂଚିବ ? ଯେଉଁଠି ଟିକିଏ ତା ଇଚ୍ଛା ବିରୁଦ୍ଧରେ କୌଣସି କଥା ହୋଇଯାଏ ତେବେ ସେ ପ୍ରତିଶୋଧ ନେବା ପାଇଁ ବାହାରିପଡ଼େ । ତାକୁ ତ ଏପରି ହେବା ଉଚିତ୍ ଯେ ଯଦି ହଜାର ହଜାର ଛୁରୀ ତାକୁ ମରାଯାଏ ତେବେ ମଧ୍ୟ ସେ ଏହାର ପରବାୟ ନକରୁ ।

ମୋ ଉପଦେଶ ହେଉଛି ଏହା ଯେ ଦୁଇଟି କଥାକୁ ମନେରଖ । ପ୍ରଥମ- ଖୁଦାତାଲାଙ୍କୁ ଡର, ଦ୍ୱିତୀୟ-ନିଜ ଭାଇଙ୍କ ସହିତ ସହାନୁଭୂତି ଦେଖାଓ, ଯେପରି ତୁମେ ନିଜ ପ୍ରତି ଦେଖାଉଛ । ଯଦି କାହାଦ୍ୱାରା କୌଣସି ଭୁଲ୍ ହୋଇଯାଏ, ତେବେ ତା ଉପରେ ଅଧିକ ଗୁରୁତ୍ୱ ନଦେଇ ତାକୁ କ୍ଷମା କରିଦିଅ । ଏବଂ କୌଣସି ପ୍ରକାର ଇର୍ଶା ମନୋଭାବ ରଖନାହିଁ ।

ମନୁଷ୍ୟର ମନ ତାକୁ ଏପରି ବାଧ୍ୟ କରିଦିଏ ଯେ ସେ ତା ବିରୋଧରେ ଯାଇପାରେନାହିଁ । ଏବଂ ଏହିପରି ସେ ଏହା ଚାହେଁ ଯେ ଅଲ୍ଲାଃତାଲାଙ୍କର ଆସ୍ଥାନ ଉପରେ ବସିଯିବ । ତେଣୁ ତୁମେ ଏ ସବୁ କଥାରୁ ବଂଚିତ ରୁହ । ମୁଁ ସତ୍ୟ କହୁଅଛି ଭକ୍ତମାନଙ୍କ ସହିତ ସଠିକ୍ ବ୍ୟବହାର କରିବା ମଧ୍ୟ ଏକପ୍ରକାର ମୃତ୍ୟୁ ଅଟେ । ଯଦି କିଏ ଟିକିଏ ଟିକିଏ କଥାକୁ ନେଇ ତା ବିରୁଦ୍ଧରେ ତା ପଛରେ ପଡ଼ିଯାଏ ତେବେ ଏପରି କଥାକୁ ମୁଁ ଅପସନ୍ଦ କରେ । ମୁଁ ତ ଏହା ପସନ୍ଦ କରୁଛି ଯେ ଯଦି ସାମ୍ନାରେ କିଏ ତୁମକୁ ଗାଳିଦେଇଦିଏ ତେବେ ତୁମେ ଧୈର୍ଯ୍ୟ ଧରି ଚୁପ୍ ହୋଇଯାଅ ।" *(ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୬୯, ଏଡ଼ିଶନ୍-୨୦୦୩)*

ଆପଣ ଆ:ସ କହୁଛନ୍ତି:- "ଥରେ ମୁଁ ଭ୍ରମଣ ନିମନ୍ତେ ବାହାରକୁ ଯାଉଥିଲି । ଜଣେ ପଟୁଆରି ଯାହାଙ୍କ ନାମ ଅବ୍‌ଦୁଲ୍ କରିମ୍ ସେ ମୋ ସହିତ ଥିଲେ । ସେ ଟିକିଏ ଆଗରେ ଥିଲେ ଏବଂ ମୁଁ ପଛରେ ଥିଲି । ରାସ୍ତାରେ ଜଣେ ବୃଦ୍ଧା ଯାହାଙ୍କ ବୟସ ୭୦-୭୫ ହେବ, ସେ ଗୋଟିଏ ଚିଠି ସେ ପଟୁଆରିଙ୍କୁ ପଢ଼ିଦେବା ପାଇଁ କହିଲେ । କିନ୍ତୁ ସେ ତାଙ୍କୁ ଧମକାଇ ମନା କରିଦେଲା । ଏହାଦେଖି ମୋ ମନକୁ ଗଭୀର ଆଘାତ ପହଂଚିଲା । ସେ ବୃଦ୍ଧା ଜଣକ ଚିଠିଟିକୁ ମୋତେ ଦେଲେ । ମୁଁ ତାକୁ ନେଇ ଛିଡ଼ା ହୋଇଗଲି ଏବଂ ପଢ଼ିକରି ଭଲଭାବେ ବୁଝାଇଦେଲି । ଏହାକୁ ଦେଖି ପଟୁଆରି ବହୁତ ଲଜ୍ଜିତ ହେଲା । କାରଣ ସେ ମଧ୍ୟ ଛିଡ଼ା ହେଲା ଓ ପୁଣ୍ୟରୁ ମଧ୍ୟ ବଂଚିତ ହେଲା ।" - *(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୩୦୫, ଏଡିଶନ୍-୨୦୦୩)*

ଦୁଃଖୀ ଦରିଦ୍ର, ଅଭାବୀ, ନିର୍ଧନ, ରୋଗୀ ଇତ୍ୟାଦିଙ୍କ ନିମନ୍ତେ ଆପଣ ଆ:ସଙ୍କ କରୁଣାର ନଦୀ ସର୍ବଦା ବହୁଥିଲା । ମାନବଜାତି ସହିତ ଆପଣଙ୍କର ଅତି ସହାନୁଭୂତି ଏତେଥିଲା ଯେ ଏହାର ଦୃଷ୍ଟାନ୍ତ ମିଳେନାହିଁ । ନିଜେ ଦେଖିଥିବା ଗୋଟିଏ ଘଟଣାକୁ ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ସିଆଲ୍‌କୋଟି ର:ଅ ବର୍ଣ୍ଣନା କରି କହୁଛନ୍ତି:-

"ଏକଦା ବହୁତ ଗାଉଁଲି ମହିଳାମାନେ ସେମାନଙ୍କର ପିଲାଙ୍କୁ ନେଇ (ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ) ଦେହ ଦେଖାଇବା ପାଇଁ ଆସିଲେ । ଏ ସମୟରେ ଘର ଭିତରୁ ମଧ୍ୟ କିଛି ସେବିକା ପତଳା ଗୁଡ଼ର ଶକ୍ତିବର୍ଦ୍ଧକ ପେୟ ନିମନ୍ତେ ନିଜ ହାତରେ ପାତ୍ର ନେଇ ବାହାରିଲେ । ଏବଂ ଆପଣ ଆ:ସଙ୍କୁ ଦିନି ଆବଶ୍ୟକତା ନିମନ୍ତେ ଏକ ବଡ ଗୁରୁତ୍ୱପୂର୍ଣ୍ଣ ବିଷୟ ଲେଖିବାର ଥିଲା ଏବଂ ଏହାକୁ ଶିଘ୍ର ଲେଖିବାର ଥିଲା । ମୁଁ ମଧ୍ୟ ଅଚାନକ ବାହାରିପଡ଼ିଲି । ସେତେବେଳେ ମୁଁ କଣ ଦେଖୁଛି । ହଜ୍‌ରତ୍ ସମ୍ପୁର୍ଣ୍ଣ ପ୍ରସ୍ତୁତ ହୋଇ ଛିଡ଼ା ହୋଇଛନ୍ତି, ଯେପରି ଜଣେ ୟୁରୋପିୟ ନିଜର ସାଂସାରିକ ଡ୍ୟୁଟିରେ ସତର୍କ ହୋଇ ଛିଡ଼ା ହୋଇଥାଏ । ଏପରି ଅବସ୍ଥାରେ ଆପଣ ପାଂଚ ଛଅଟି ସିନ୍ଦୁକ ଖୋଲି ଦେଇଛନ୍ତି । ଏବଂ ଛୋଟ ଛୋଟ କାଚର ବୋତଲ ଭିତରେ କାହାକୁ କିଛି ଔଷଧ ଓ କାହାକୁ ସିରପ୍ ଦେଇଚାଲିଛନ୍ତି । ଏହିପରି ଆପଣ ତିନିଘଂଟା ପର୍ଯ୍ୟନ୍ତ ଔଷଧ ବିତରଣର କାରବାର କରିଚାଲିଲେ । ଯେତେବେଳେ କାମ ସରିଗଲା ମୁଁ ତାଙ୍କୁ କହିଲି-ହଜ୍‌ରତ୍ ଏହା ତ ବହୁତ କଷ୍ଟକର କାର୍ଯ୍ୟ ଅଟେ । ଏବଂ ଏପରି ବହୁତ ସମୟ ନଷ୍ଟ ହୋଇଯାଉଛି । ଅଲ୍ଲାଃ ଅଲ୍ଲାଃ କେତେ ଆତ୍ମସନ୍ତୋଷତାର ସହିତ ଆପଣ ମୋତେ ଉତ୍ତର ଦେଉଛନ୍ତି ଯେ ଏହା ତ ମଧ୍ୟ ସେହିପରି କାର୍ଯ୍ୟ ଅଟେ ଯେପରି ଦିନିକାର୍ଯ୍ୟ । ଏମାନେ ଗରୀବ ଲୋକ ଅଟନ୍ତି ଏବଂ ଏଠାରେ କୌଣସି ଡାକ୍ତରଖାନା ନାହିଁ । ମୁଁ ଏଇ ଲୋକମାନଙ୍କ ନିମନ୍ତେ ପ୍ରତ୍ୟେକ ପ୍ରକାରର ଅଂଗ୍ରେଜୀ, ୟୁନାନି ଔଷଧ ମଗାଇ ରଖିଥାଏ, ଯାହା ସମୟ ପଡ଼ିଲେ କାମରେ ଆସେ । ଏବଂ କହିଲେ-ଏହା ବହୁତ ପୁଣ୍ୟ କାର୍ଯ୍ୟ ଅଟେ । ମୋମିନ୍‌ଙ୍କୁ ଏପରି କାର୍ଯ୍ୟରେ ହେଳା ଓ ବେପରୁଆ ରହିବା ଉଚିତ୍ ନୁହେଁ ।" *(ସିରତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ଲେଖକ-ହଜ୍‌ରତ୍ ଅବ୍‌ଦୁଲ୍ କରିମ୍ ସିଆଲକୋଟି ର:ଅ, ପୃଷ୍ଠା-୩୬)*

ଏ ବିଷୟରେ ଆଉ ଗୋଟିଏ ଘଟଣା ଉପସ୍ଥାପନ କରାଯାଉଛି- "କାଦିଆନ୍‌ରେ ନିହାଲ୍ ସିଂ ନାମୀ ଜଣେ ମଜବୁତ୍ ଜଟ୍ ରହୁଥିଲେ ।.... ସେ ସିଲ୍‌ସିଲାର ବହୁତ ବଡ଼ ଶତ୍ରୁ ଥିଲେ । ଏବଂ ତାଙ୍କ ପ୍ରରୋଚନାରେ ହଜ୍‌ରତ୍ ହକିମୁଲ୍ ଉମ୍ମତ୍ ଓ କିଛି ଅହେମଦୀଙ୍କ ଉପରେ ଗୋଟିଏ ବିପଦପୂର୍ଣ୍ଣ ଫୌଜଦାରୀ ମିଥ୍ୟା ମୋକଦ୍ଦମା ଦାଏର୍ କରାଯାଇଥିଲା । ଏବଂ ସେ ସର୍ବଦା ଅନ୍ୟଲୋକମାନଙ୍କ ସହିତ ମିଶି ଅହେମଦୀମାନଙ୍କୁ ହଇରାଣ ହରକତ କରୁଥିଲା । ଏବଂ ଗାଳି ଦେବା ହେଉଛି ତାର ପ୍ରତ୍ୟେକ ଦିନର ଅଭ୍ୟାସ । ଯେଉଁ ସମୟରେ ମୋକଦ୍ଦମା ଦାଏର୍ କରାଯାଇଥିଲା ତା ପୁତୁରା ସାନ୍ତା ସିଂ ର ସ୍ତ୍ରୀ ପାଇଁ କସ୍ତୁରୀର ଆବଶ୍ୟକ ପଡ଼ିଲା । ଏହି କସ୍ତୁରୀ ବହୁତ ମୂଲ୍ୟବାନ ବସ୍ତୁ ଥିଲା ଏବଂ ସବୁସ୍ଥାନରେ ଏହା ମିଳୁନଥିଲା । ସେ ଏପରି ପରିସ୍ଥିତିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଦ୍ୱାରରେ ଉପସ୍ଥିତ ହେଲା ଓ କସ୍ତୁରୀ ପାଇଁ ଡାକ ଦେଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କ ଡାକ ଶୁଣି ଯଥାଶିଘ୍ର ବାହାରକୁ ଆସିଲେ ଏବଂ ତିଳେମାତ୍ର ବିଳମ୍ବ ନକରି ତା କଥା ଶୁଣିବା ପରେ ଯଥାଶିଘ୍ର ଘରଭିତରେ ପ୍ରବେଶ କଲେ ଓ କହିଲେ ଯେ ଟିକିଏ ଅପେକ୍ଷା କରନ୍ତୁ, ବର୍ତମାନ ମୁଁ ଆସୁଛି । ସୁତରାଂ ଆପଣ ଆ:ସ ପାଖାପାଖି ଅଧଭରି କସ୍ତୁରୀ ଆଣି ତାକୁ ଦେଇଦେଲେ ।" *(ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲେଖକ ଯାକୁବ୍ ଅଲୀ ସାହେବ୍ ଇର୍‌ଫାନି, ଖଣ୍ଡ-୨, ପୃଷ୍ଠା-୩୦୬)*

ମାନବଜାତିର ସେବା ଓ ସହାନୁଭୂତି ବିଷୟରେ ଆପଣ ଆ:ସ କହୁଛନ୍ତି:-

"ମୁଁ ସତ୍ୟ କହୁଅଛି ଯେ ମନୁଷ୍ୟର ଇମାନ୍ ସେ ପର୍ଯ୍ୟନ୍ତ କଦାପି ଠିକ୍ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ନିଜର ସୁଖ ସ୍ୱାଚ୍ଛନ୍ଦ ଉପରେ ନିଜର ଭାଇର ସୁଖ ସ୍ୱାଚ୍ଛନ୍ଦକୁ ଯଥା ସମ୍ଭବ ପ୍ରାଧାନ୍ୟ ନଦିଏ । ଯଦି ମୋର ଜଣେ ଭାଇ ମୋ ସମ୍ମୁଖରେ ଦୁର୍ବଳ ଓ ବେମାରୀ ଅବସ୍ଥାରେ ମାଟିରେ ଶୋଉଛି ଏବଂ ମୁଁ ସ୍ୱାସ୍ଥ୍ୟବାନ୍ ହୋଇ ଖଟକୁ ନିଜ ଆୟତରେ ନେଇ ରଖିଛି ଏବଂ ଭାବୁଛି ଯେ ସେ ଏଥିରେ ନବସିପାଉ ତେବେ ମୋର ଏପରି ଅବସ୍ଥା ଉପରେ ବହୁତ ଅବଶୋଷ ହେବ, ଯଦି ମୁଁ ସେହି ଖଟିଆରୁ ନ ଉଠେ ଏବଂ ପ୍ରେମ ଓ ସହାନୁଭୂତି ଦ୍ୱାରା ନିଜ ଖଟିଆକୁ ତାକୁ ନଦିଏ । ଏବଂ ନିଜପାଇଁ ଭୂମିକୁ ପସନ୍ଦ ନକରେ । ଯଦି ମୋ ଭାଇ ବେମାର ଅଛି ଏବଂ କୌଣସି ଦୁଃଖରେ ପିଡୀତ ଅଛି, ଓ ମୁଁ ତା ମୁକାବିଲାରେ ଶାନ୍ତିରେ ଶୋଇରହିଛି ଏବଂ ତା ପାଇଁ ଯଥାସମ୍ଭବ ଆରାମ ପହଂଚାଇବା ପାଇଁ ଚେଷ୍ଟା ନ କରୁଛି ତେବେ ମୋର ଏପରି ଅବସ୍ଥା ବହୁତ ଦୁଃଖପୁର୍ଣ୍ଣ ଅଟେ ।..... ସେପର୍ଯ୍ୟନ୍ତ ଜଣେ ସଚ୍ଚା ମୋମିନ୍ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ତାର ହୃଦୟ କୋମଳ ନ ହୋଇଛି ।..... ଖାଦିମୁଲ୍ କୌମ୍ (ଜାତିର ସେବକ) ହେବା ହେଉଛି ମଖ୍‌ଦୁମ୍ (ସ୍ୱାମୀ) ହେବାର ଲକ୍ଷଣ । ଏବଂ ଗରିବଙ୍କ ସହିତ ନମ୍ରଭାବେ ଓ ନଇଁକରି କଥା ହେବା ମକ୍‌ବୁଲେ ଏଲାହି (ଅଲ୍ଲାଃଙ୍କର ପ୍ରିୟ ପାତ୍ର) ହେବାର ଚିହ୍ନ ଅଟେ । ଖରାପ କାର୍ଯ୍ୟ ବିପକ୍ଷରେ ଭଲ କାର୍ଯ୍ୟ କରିବା ସୌଭାଗ୍ୟଶାଳୀର ଚିହ୍ନ ଅଟେ ଓ କ୍ରୋଧ ଓ ରୋଷକୁ ଭକ୍ଷଣ କରିବା ଓ କଟୁତାକୁ ପାନ କରିବା ହେଉଛି ଅତ୍ୟନ୍ତ ବୀରତ୍ୱ ।" *(ଶାହାଦତୁଲ୍ କୁରଆନ୍, ରୁହାନି ଖଜାଏନ୍, ଖଣ୍ଡ-୬, ପୃଷ୍ଠା-୩୯୫)*

ପୁଣି ଆପଣ ଆ:ସ କହୁଛନ୍ତି:-

"ମନେରଖ ସହାନୁଭୂତିର ପରିଧି ମୋ ନିକଟରେ ବହୁତ ବ୍ୟାପକ । କୌଣସି ଜାତି ଓ କୌଣସି ଲୋକକୁ ଏଥିରୁ ବାଦ ନଦିଆଯାଉ । ମୁଁ ଆଜିକାଲିର ମୁର୍ଖ ପାଶାଣ୍ଡଙ୍କ ପରି ଏପରି କହିବାକୁ ଚାହେଁ ନାହିଁ ଯେ ତୁମେ ନିଜର ସହାନୁଭୂତିକୁ କେବଳ ମୁସଲମାନଙ୍କ ନିମନ୍ତେ ଧାର୍ଯ୍ୟ କର । ନୁହେଁ ! ମୁଁ କହୁଅଛି ଯେ ତୁମେ ଖୁଦାତାଲାଙ୍କର ସମସ୍ତ ପ୍ରାଣୀଙ୍କ ସହିତ ସହାନୁଭୂତି ଦେଖାଓ । ସେ ଯିଏ ହେଉନା କାହିଁକି ହିନ୍ଦୁ ହେଉ ବା ମୁସଲମାନ ହେଉ ବା ଆଉ କିଏ ହେଉ । ମୁଁ କଦାପି ଏପରି ଲୋକଙ୍କର କଥାକୁ ପସନ୍ଦ କରେନାହିଁ, ଯେଉଁମାନେ ସହାନୁଭୂତିକୁ କେବଳ ନିଜ ଜାତି ନିମନ୍ତେ ଧାର୍ଯ୍ୟ କରିବାକୁ ଚାହାଁଥାନ୍ତି ।" *(ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୨୧୭)*

ହୁକୁକୁଲ୍ଲାଃ (ଅଲ୍ଲାଃତାଲାଙ୍କର ହକ୍) ଏବଂ ହୁକୁକୁଲ୍ ଇବାଦ୍ (ଭକ୍ତଙ୍କ ଅଧିକାର) ନିମନ୍ତେ ମନୁଷ୍ୟକୁ ସଦାସର୍ବଦା ପ୍ରସ୍ତୁତ ରହିବା ଉଚିତ୍ । ଯେଉଁବ୍ୟକ୍ତି ଭକ୍ତଙ୍କର ଅଧିକାରକୁ ପ୍ରଦାନ କରେନାହିଁ ସେ ଅଲ୍ଲାଃଙ୍କର ଅଧିକାରକୁ କିପରି

ଦେଇପାରିବ । ଏ ବିଷୟରେ ଆମ ପ୍ରିୟ ଆକା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- "ମନେରଖ ଯେ ଜଣେ ମୁସଲ୍‌ମାନ୍‌କୁ ହୁକୁକୁଲ୍ଲାଃ ଓ ହୁକୁକୁଲ୍ ଇବାଦକୁ ପୁରଣ କରିବା ନିମନ୍ତେ ସଦାସର୍ବଦା ପ୍ରସ୍ତୁତ ରହିବା ଉଚିତ୍ । ଏବଂ ଯେପରି ଜିହ୍ୱା ଦ୍ୱାରା ଖୁଦାତାଲାଙ୍କୁ ତାର ଜାତି ଓ ବିଶେଷ ଗୁଣରେ ଏକକ ଓ ଅଦ୍ୱିତୀୟ ଓ ଯାହାର କେହି ସମକକ୍ଷ ନୁହଁନ୍ତି ବୋଲି ବୁଝାଯାଏ, ସେହିପରି କାର୍ଯ୍ୟ କରି ତାକୁ ଦେଖାଇବା ଉଚିତ୍ ଏବଂ ତା ସୃଷ୍ଟଜଙ୍କ ସହିତ ସହାନୁଭୂତି ଓ ବିନମ୍ରତାର ସହିତ ବ୍ୟବହାର କରିବା ଉଚିତ୍ । ଏବଂ ନିଜ ଭାଇମାନଙ୍କ ସହିତ କୌଣସି ପ୍ରକାରର ମଧ ଦ୍ୱେଷ, ଇର୍ଷା ଏବଂ କପଟତା ରଖିବା ଉଚିତ୍ ନୁହେଁ । ଏବଂ ଅନ୍ୟମାନଙ୍କର ଗିବତ୍ (ପରୋକ୍ଷ ନିନ୍ଦା) କରିବାରୁ ସମ୍ପୂର୍ଣ୍ଣ ରୂପେ ଅଲଗା ରହିବା ଉଚିତ୍ । କିନ୍ତୁ ମୁଁ ଦେଖୁଅଛି ଯେ ଏହି ସବୁ ମାମଲା ତ ଏବେ ବହୁତ ଦୂରରେ ଅଛି । ଅର୍ଥାତ୍ ତୁମେ ଖୁଦାତାଲାଙ୍କ ସହିତ ଏପରି ମଗ୍ନ ହୋଇଯାଅ ଯେ ଯେପରି ତୁମେ ତାର ହୋଇସାରିଛ ଏବଂ ଯେପରି ଜିହ୍ୱା ଦ୍ୱାରା ତାକୁ ମାନି ନେଇଛ, କାର୍ଯ୍ୟରେ ମଧ ତାହା କରି ଦେଖାଓ । ଏବେ ତ ତୁମେ ସୃଷ୍ଟଜଙ୍କର ଅଧିକାରକୁ ମଧ ଯଥାସମ୍ଭବ ପ୍ରଦାନ କରୁନାହଁ । ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ ଆପୋଷରେ ବିକାର ଓ ଶତୃତା ରଖୁଛନ୍ତି ଓ ନିଜଠାରୁ ଦୁର୍ବଳ ଓ ଗରିବ ବ୍ୟକ୍ତିମାନଙ୍କୁ ହୀନ ଦୃଷ୍ଟିରେ ଦେଖୁଛନ୍ତି ଏବଂ ସେମାନଙ୍କ ସହିତ ଖରାପ ବ୍ୟବହାର କରୁଛନ୍ତି । ଏବଂ ଜଣେ ଅନ୍ୟଜଣଙ୍କ ପରୋକ୍ଷରେ ନିନ୍ଦା କରୁଛି । ନିଜ ମନ ଭିତରେ ଦ୍ୱେସ ଓ କପଟତାକୁ ରଖିଛି । କିନ୍ତୁ ଖୁଦାତାଲା କହୁଛନ୍ତି ଯେ ତୁମେ ଆପୋଶରେ ଗୋଟିଏ ଆତ୍ମା ହୋଇଯାଅ, ଏବଂ ଯେତେବେଳେ ତୁମେ ଏଭଳି ହୋଇଯିବ ସେତେବେଳେ ଆମେ ଏହା କହିପାରିବା ଯେ ଏବେ ତୁମେମାନେ ନିଜର ମନକୁ ପବିତ୍ର କରିସାରିଛ । କାରଣ ଯେପର୍ଯ୍ୟନ୍ତ ଆପୋଶରେ ତୁମର ମାମଲା ଗୁଡିକ ସଫା ନହୋଇଛି ସେପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମାମଲାଗୁଡିକ ମଧ ସଫା ହୋଇପାରିବ ନାହିଁ । ଯଦିଚ ଏହି ଦୁଇଟି ହୁକୁକ୍‌ରେ ବଡ଼ ହକ୍ ହେଉଛି ଖୁଦାତାଲାଙ୍କର, କିନ୍ତୁ ତାର ମଖ୍‌ଲୁକ୍ ସହିତ ବ୍ୟବହାର କରିବା ଆଇନା ସଦୃଶ ଅଟେ । ଯେଉଁ ବ୍ୟକ୍ତି ନିଜ ଭାଇଙ୍କ ସହିତ ମାମଲାକୁ ସଫା ରଖେନାହିଁ ସେ ଖୁଦାତାଲାଙ୍କର ହକ୍ ଗୁଡିକ ମଧ ପ୍ରଦାନ କରିପାରେନାହିଁ ।" *(ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୪୦୭, ଏଡ଼ିଶନ୍-୨୦୦୩)*

ଆପଣ ଆ:ସ କହୁଛନ୍ତି:- "ଶରିୟତ୍‌ରେ ଦୁଇଟି ବଡ଼ ବିଭାଗ ଓ ପାର୍ଶ୍ୱ ଅଛି, ଯାହାର ସୁରକ୍ଷା କରିବା ମନୁଷ୍ୟ ପାଇଁ ଆବଶ୍ୟକ । ଗୋଟିଏ ହେଉଛି ଅଲ୍ଲାଃତାଲାଙ୍କର ହକ୍, ଦ୍ୱିତୀୟଟି ହେଉଛି ଭକ୍ତଙ୍କର ହକ୍ । ହକ୍‌କୁଲ୍ଲାଃ (ଅଲ୍ଲାଃଙ୍କର ହକ୍) ହେଉଛି ଅଲ୍ଲାଃତାଲାଙ୍କ ସହିତ ପ୍ରେମ, ତାର ଆଜ୍ଞାବହ, ଉପାସନା, ଏକେଶ୍ୱରବାଦ, ତାର ନାମ ଓ ଗୁଣରେ ଅନ୍ୟ କାହାକୁ ସମକକ୍ଷ ନକରିବା । ହକ୍‌କୁଲ୍ ଇବାଦ (ଭକ୍ତଙ୍କର ହକ୍) ହେଉଛି ନିଜ ଭାଇମାନଙ୍କ ସହିତ ଗର୍ବ ଓ ଅହଂକାର, ବିଶ୍ୱାସଘାତକତା ଓ କୌଣସି ପ୍ରକାର ଅତ୍ୟାଚାର ନ କରିବା । ଅର୍ଥାତ୍ ଚରିତ୍ରରେ କୌଣସି ପ୍ରକାରର ବିକାର ନହେଉ । ଶୁଣିବାକୁ ତ ଏହା ଦୁଇଗୋଟି ବାକ୍ୟ ଅଟେ କିନ୍ତୁ ଏହା ଉପରେ ଅମଳ କରିବା ବହୁତ କଷ୍ଟ ।

ଅଲ୍ଲାଃତାଲାଙ୍କର ବହୁତ ବଡ଼ କରୁଣା ମନୁଷ୍ୟ ଉପରେ ହେଲେ ଯାଇ ସେ ଏହି ଦୁଇଟି ପାର୍ଶ୍ୱ ଉପରେ କାଏମ୍ ହୋଇପାରିବ । କାହା ଭିତରେ କ୍ରୋଧର ଶକ୍ତି ଅଧିକ ଥାଏ, ଯେତେବେଳେ ତାହା ଅତ୍ୟଧିକ ହୋଇଯାଏ ସେତେବେଳେ ନାଁ ତ ତାର ହୃଦୟ ପବିତ୍ର ହୋଇପାରେ ନାଁ ତାର ଜିହ୍ୱା ପବିତ୍ର ରହିଥାଏ । ମନ ଭିତରେ ନିଜ ଭାଇ ବିରୋଧରେ ଅପବିତ୍ର ଯୋଜନା କରିଥାଏ ଓ ଜିହ୍ୱା ଦ୍ୱାରା ଗାଳି ଦେଇଥାଏ ଫଳତଃ କପଟତା ସୃଷ୍ଟି ହୁଏ । କାହା ଭିତରେ କାମ ବାସନାର ପ୍ରଭୁତ୍ୱ ଥାଏ ଏବଂ ସେ ତାର ବଶବର୍ତୀ ହୋଇ ଅଲ୍ଲାଃଙ୍କର ସୀମାକୁ ଉଲଙ୍ଘନ କରିଥାଏ । ସୁତରାଂ ଯେପର୍ଯ୍ୟନ୍ତ ମନୁଷ୍ୟର ନୈତିକ ଓ ଚାରିତ୍ରିକ ଅବସ୍ଥା ସମ୍ପୂର୍ଣ୍ଣ ରୂପେ ଠିକ୍ ନହୁଏ, ସେହି ସମ୍ପୂର୍ଣ୍ଣ ଇମାନ୍ ଯାହା ଦ୍ୱାରା ଅଲ୍ଲାଃଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ବ୍ୟକ୍ତିଙ୍କ ଦଳରେ ଦାଖଲ କରାଏ ଏବଂ ଯାହାଦ୍ୱାରା ବାସ୍ତବିକ ଆଧାତ୍ମିକ ଜ୍ଞାନର ଜ୍ୟୋତି ସୃଷ୍ଟି ହୋଇଥାଏ, ସେ ସେଥିରେ ଦାଖଲ ହୋଇପାରେନାହିଁ । ସୁତରାଂ ଦିବାରାତ୍ର ଏ ଚେଷ୍ଟା ହେବା ଉଚିତ୍ ଯେ ମନୁଷ୍ୟ ସଚ୍ଚା ଏକେଶ୍ୱରବାଦ ହେବା ପରେ ନିଜର ଚରିତ୍ରକୁ ଠିକ୍ କରିନେଉ ।" *(ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୨୧୪, ଏଡ଼ିଶନ୍-୨୦୦୩)*

ମାନବଜାତି ସହିତ ସହାନୁଭୂତି ଦେଖାଇବା ସମ୍ପର୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଆଉ କିଛି ଉପଦେଶାବଳୀ ଉପସ୍ଥାପନ କରାଯାଉଛି । ଆପଣ କହୁଛନ୍ତି:- "ପ୍ରତ୍ୟେକ ବ୍ୟକ୍ତିକୁ ପ୍ରତ୍ୟହ ନିଜର ଅନୁଧ୍ୟାନ କରିବା ଉଚିତ୍ ଯେ ସେ କେତେ ଏହି କଥା ଗୁଡିକ ଉପରେ ଗୁରୁତ୍ୱ ଦେଉଛି । ଏବଂ ସେ ନିଜ ଭାଇମାନଙ୍କ ସହିତ କେତେମାତ୍ରାରେ ସହାନୁଭୂତି ଦେଖାଉଛି । ମଣିଷର ଦାୟିତ୍ୱରେ ଏହା ଅତି ଆବଶ୍ୟକ ଅଟେ । ସହି ହଦିସ୍‌ରେ ଆସୁଛି କୟାମତ୍ ଦିନ ଖୁଦାତାଲା କହିବେ ଯେ ମୁଁ ଭୋକିଲା ଥିଲି, ତୁମେ ମୋତେ ଖାଇବାକୁ ଦେଲନାହିଁ, ମୁଁ ଶୋଷିଲା ଥିଲି, ତୁମେ ମୋତେ ପିଇବାକୁ ଦେଲନାହିଁ, ମୁଁ ବେମାର ଥିଲି, ତୁମେ ମୋତେ ଦେଖିବାକୁ ଆସିଲ ନାହିଁ । ଯେଉଁ ଲୋକମାନଙ୍କୁ ଏ ପ୍ରଶ୍ନ ହେବ ସେମାନେ କହିବେ ହେ ଆମର ପାଳନକର୍ତା ତୁମେ କେତେବେଳେ ଭୋକିଲା ଥିଲ ଯେ ଆମେ ଖାଇବାକୁ ଦେଇପାରିଲୁ ନାହିଁ, ତୁମେ କେତେବେଳେ ଶୋଷିଲା ଥିଲ ଯେ ଆମେ ତୁମକୁ ପିଇବାକୁ ଦେଲୁନାହିଁ ଏବଂ ତୁମେ କେବେ ବେମାର ଥିଲ ଯେ ଆମେ ତୁମକୁ ଦେଖିବାକୁ ଗଲୁନାହିଁ । ଏହା ଶୁଣି ଖୁଦାତାଲା କହିବେ ଯେ ମୋର ଅମୁକ ଭକ୍ତ ଏହି ସବୁ ଜିନିଷ ଗୁଡିକ ଆବଶ୍ୟକ କରୁଥିଲା କିନ୍ତୁ ତୁମେ ତା ପାଇଁ କୌଣସି ପ୍ରକାର ସହାନୁଭୂତି ଦେଖାଇଲନାହିଁ । ତା ସହିତ ସହାନୁଭୂତି ଦେଖାଇବା ହେଉଛି ମୋ ସହିତ ସହାନୁଭୂତି ଦେଖାଇବା । ସେହିପରି ଆଉଗୋଟିଏ ଦଳକୁ କହିବେ ଯେ ସାବାସ୍ ! ତୁମେ ମୋ ସହିତ ସହାନୁଭୂତି ଦେଖାଇଲ । ମୁଁ ଯେବେ ଭୋକିଲା ଥିଲି ତୁମେ ମୋତେ ଖୁଆଇଲ, ମୁଁ ଯେତେବେଳେ ଶୋଷିଲା ଥିଲି ତୁମେ ମୋତେ ପାଣି ପିଇବାକୁ ଦେଲ ଇତ୍ୟାଦି । ସେ ଦଳ କହିବେ ଯେ ହେ ଆମର ଖୁଦା ! ଆମେ କେବେ ତୁମ ସହିତ ଏପରି ବ୍ୟବହାର କଲୁ ? ତେବେ ଅଲ୍ଲାଃତାଲା ଉତର ଦେବେ ଯେ ମୋର ଅମୁକ ଭକ୍ତ ସହିତ ତୁମେମାନେ ଯେଉଁ ସହାନୁଭୂତି ଦେଖାଇଲ ତାହା ମୋ ସହିତ ସହାନୁଭୂତି ଦେଖାଇବା ଭଳି ଅଟେ । ବାସ୍ତବିକ୍ ଖୁଦାତାଲାଙ୍କର ମଖ୍‌ଲୁକ୍ ସହିତ ସହାନୁଭୂତି ଦେଖାଇବା ବହୁତ ବଡ଼ କଥା ଅଟେ ଏବଂ ଖୁଦାତାଲା ଏହାକୁ ବହୁତ ପସନ୍ଦ କରେ । ଏହାଠାରୁ ବଳି ଆଉ କଣ ହେବ ଯେ ସେଗୁଡିକୁ ନିଜ ସହାନୁଭୂତି ରୂପେ ବିବେଚନା କରୁଛି । ସାଧାରଣତଃ ସଂସାରରେ ମଧ ଏପରି ହୋଇଥାଏ ଯେ ଯଦି କୌଣସି ବ୍ୟକ୍ତିର ସେବକ ତା ବନ୍ଧୁପାଖକୁ ଯାଏ ଏବଂ ସେ ବନ୍ଧୁଜଣକ ଉକ୍ତ ସେବକଙ୍କ ସହିତ ଭଲ ବ୍ୟବହାର କରେନାହିଁ ତେବେ ସେହି ସେବକଙ୍କର ଆକା ନିଜ ବନ୍ଧୁଙ୍କ ଉପରେ ଖୁସି ହେବ କି ? କଦାପି ନୁହେଁ । ଯଦିଚ ସେ ବନ୍ଧୁଜଣକ ଉକ୍ତ ସେବକକୁ କୌଣସି ଦୁଃଖ ଦେଇନାହିଁ ତେବେ ମଧ ସେ ଖୁସିହେବେ ନାହିଁ । ଉକ୍ତ ନକରଙ୍କ ସେବା ଓ ତା ସହିତ ଉତମ ବ୍ୟବହାର ମାଲିକଙ୍କ ସହିତ ଉତମ ବ୍ୟବହାର ଭଳି ହୋଇଥାଏ । ସେହିପରି ଖୁଦାତାଲା ମଧ ଏକଥାକୁ ନାପସନ୍ଦ କରେ ଯେ ଯଦି କେହି ତାର ମଖ୍‌ଲୁକ୍(ସୃଷ୍ଟଜ) ସହିତ ବ୍ୟବହାର ଠିକ୍ ନକରେ । କାରଣ ତାକୁ ତାର ମଖ୍‌ଲୁକ୍ ବହୁତ ପ୍ରିୟ ଅଟେ । ସୁତରାଂ ଯେଉଁ ବ୍ୟକ୍ତି ଖୁଦାତାଲାଙ୍କର ମଖ୍‌ଲୁକ୍ ସହିତ ସହାନୁଭୂତି ଦେଖାଏ ସେ ବ୍ୟକ୍ତି ନିଜ ଖୁଦାକୁ ପ୍ରସନ୍ନ କରିଥାଏ । *(ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୨୧୫, ଏଡ଼ିଶନ୍-୨୦୦୩)*

ଆପଣ ଆ:ସ କହୁଛନ୍ତି:- "ମନେରଖ ଯେ ନିଜ ଭାଇମାନଙ୍କ ସହିତ ସମ୍ପୂର୍ଣ୍ଣ ରୂପେ ପରିଷ୍କାର ହୋଇଯିବା ସହଜ କାର୍ଯ୍ୟ ନୁହେଁ ବରଂ ବହୁତ କଠିନ କାର୍ଯ୍ୟ ଅଟେ । କପଟୀଙ୍କ ଭଳି ନିଜ ଭିତରେ ମିଳାମିଶା କରିବା ଆଉ ଗୋଟିଏ କଥା । କିନ୍ତୁ ସଚ୍ଚା ପ୍ରେମ ଓ ସଚ୍ଚା ସହାନୁଭୂତି ଦେଖାଇବା ଆଉଗୋଟିଏ କଥା । ମନେରଖ ଯଦି ଏ ଯମାତ୍‌ରେ ସଚ୍ଚା ସହାନୁଭୂତି ନରହିବ, ତେବେ ଏହା ନିଃଶେଷ ହୋଇଯିବ ଓ ଖୁଦାତାଲା ତାହା ସ୍ଥାନରେ ଆଉଗୋଟିଏ ଯମାତ୍ ସୃଷ୍ଟି କରିଦେବେ ।....ମନେରଖନ୍ତୁ ଯେ ଏହା ଖୁଦାତାଲାଙ୍କର ପ୍ରତିଶ୍ରୁତି ଅଟେ । ଅପବିତ୍ର ଓ ପବିତ୍ର କଦାପି ଏକାଠି ରହିପାରିବେ ନାହିଁ । ଏବେ ସମୟ ଅଛି ଯେ ନିଜେ ନିଜକୁ ସୁଧାରି ନିଅନ୍ତୁ । ମନେରଖ ମଣିଷର ହୃଦୟ ଖୁଦାତାଲାଙ୍କର ଘର ସଦୃଶ ଅଟେ । ଖୁଦାଙ୍କ ଘର ଏବଂ ମନୁଷ୍ୟଙ୍କ ଘର ସେ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ରହିପାରିବ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟ ନିଜ ହୃଦୟକୁ ସମ୍ପୂର୍ଣ୍ଣ ରୂପେ ପରିଷ୍କାର ନକରିଛି ଓ ନିଜ ଭାଇ ପାଇଁ ଦୁଃଖ ଉଠାଇବା ପାଇଁ ପ୍ରସ୍ତୁତ ନ ରହିଛି, ସେପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମାମଲା ସଫା ହୋଇପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୪୦୮, ଏଡ଼ିଶନ୍-୨୦୦୩)*

ପ୍ରିୟ ପାଠକ ଗଣ ! ସୃଷ୍ଟଜଙ୍କ ସେବା ଓ ମନୁଷ୍ୟଜାତି ସହିତ ସହାନୁଭୂତି ଦେଖାଇବା ହେଉଛି ସେହି ଶାସ୍ୱତ ଶିକ୍ଷା ଯାହାକୁ ଇସ୍‌ଲାମ୍ ପ୍ରଦାନ କରିଛି ଓ ଯାହା ଉପରେ ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ସ:ଆ:ସ ଏବଂ ଆପଣଙ୍କର ସତ୍ୟନିଷ୍ଠାଦାସ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପରିଚାଳିତ ହୋଇ ଦେଖାଇଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହାର ଅନୁପମ ଦୃଷ୍ଟାନ୍ତ ମଧ ସ୍ଥାପନ କରିଛନ୍ତି । ଖିଦ୍‌ମତେ ଖଲ୍‌କର ଏବେ କୌଣସି ଏପରି କ୍ଷେତ୍ର ନାହିଁ ଯେଉଁଥିରେ ଯମାତ୍ ଅହେମଦୀୟା ନିଜ ପ୍ରିୟ ଆକାଙ୍କ ସାନିଧରେ ଆଗରୁ ଆଗକୁ ବଢ଼ିନପାରିଛି । ସୁତରାଂ ଏହ ପ୍ରାର୍ଥନା ଯେ ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଖିଲାଫତ୍ ଅହେମଦୀୟାର ଛତ୍ରଛାୟା ତଳେ ମାନବ ଜାତିର ସେବା ଓ ସହାନୁଭୂତି ଅଧିକରୁ ଅଧିକରୁ ଦେଖାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । (ଆମିନ୍)

*ପୃଷ୍ଠା-୨ ର ଅବଶିଷ୍ଟାଂଶ.....*

*(ମସିହ୍ ହିନ୍ଦୁସ୍ତାନ୍ ମେଁ, ରୁହାନି ଖଜାଏନ୍, ଭାଗ-୧୫, ପୃଷ୍ଠା-୩୮)*

ସୟଦ୍ନା ହଜ୍ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରୁଛନ୍ତି:-

"ଏହି ଅନ୍ଧକାରମୟ ସମୟର ଆଲୋକ ମୁଁ ଅଟେ । ଯେଉଁ ବ୍ୟକ୍ତି ମୋର ପଦାଙ୍କ ଅନୁସରଣ କରେ ସେ ସମସ୍ତ ଗାଢ଼ ଓ ଖନ୍ଦକ ରୁ ବଂଚିତ ରହିବ । ଯେଉଁଗୁଡିକ ସଇତାନ୍ ଅନ୍ଧକାରରେ କାର୍ଯ୍ୟକରିବା ବ୍ୟକ୍ତିମାନଙ୍କ ନିମନ୍ତେ ପ୍ରସ୍ତୁତ କରିଛି । ମୋତେ ସେ ପ୍ରେରଣ କରିଛି, ଫଳତଃ ମୁଁ ଶାନ୍ତି ଓ ଦୟା ଦ୍ୱାରା ସଂସାରକୁ ସତ୍ୟବାନ ଇଶ୍ୱରଙ୍କ ଆଡକୁ ମାର୍ଗଦର୍ଶନ କରାଇବି । ଏବଂ ଇସ୍ଲାମ୍ରେ ଚାରିତ୍ରିକ ଅବସ୍ଥାକୁ ପୁନର୍ବାର ପୁନଃ ଉଦ୍ଧାର କରିବି । ଏବଂ ସେ (ଇଶ୍ୱର) ମୋତେ ସତ୍ୟ ଅନ୍ୱେଷଣକାରୀ ଗଣଙ୍କ ଆତ୍ମତୃପ୍ତି ନିମନ୍ତେ ଐଶରୀକ ନିଦର୍ଶନ ଦେଇଅଛି । ଏବଂ ମୋର ସମର୍ଥନରେ ବିସ୍ମିତ କାର୍ଯ୍ୟ ପ୍ରତିପାଦନ କରିଅଛି । ଏବଂ ଇଶ୍ୱରଙ୍କ ପବିତ୍ର ପୁସ୍ତକ ଅନୁସାରେ ଜଣେ ସତ୍ୟନିଷ୍ଠ ନିମନ୍ତେ ପ୍ରକୃତ ମାପକ ରୂପରେ ଅଦୃଶ୍ୟ ତଥ୍ୟମାନ ଓ ଭବିଷ୍ୟତର ଗୁପ୍ତ ରହସ୍ୟ ମୋ ଉପରେ ପ୍ରକାଶ କରିଅଛି । ତଥା ପବିତ୍ର ଜ୍ଞାନତତ୍ୱ ଓ ବିଦ୍ୟାସମୂହ ମୋତେ ଅର୍ପଣ କରିଅଛ । ତେଣୁ ସେହି ସବୁ ଆତ୍ମାଗଣ ମୋର ଶତୃତା କରିଛନ୍ତି ଯେଉଁମାନେ ସତ୍ୟକୁ ପସନ୍ଦ କରୁନାହାଁନ୍ତି ଏବଂ ଅନ୍ଧକାରକୁ ପସନ୍ଦ କରୁଛନ୍ତି କିନ୍ତୁ ମୁଁ ମାନବସମାଜ ସହ ଯଥାସମ୍ଭବ ସହାନୁଭୁତି ଦେଖାଇବି ।

ତେଣୁ ଆଜିର ସମୟରେ ଖ୍ରୀଷ୍ଟିୟାନ୍ମାନଙ୍କ ସହ ବଡ଼ଧରଣର ସହାନୁଭୁତିର ପରିପ୍ରକାଶ ଏହା ଯେ ସେମାନଙ୍କୁ ସେହି ଇଶ୍ୱର ସମ୍ବନ୍ଧରେ ସୂଚନା ଦିଆଯାଉ, ଯିଏ କି ଜନ୍ମ ଓ ମୃତ୍ୟୁ, ଦୁଃଖ ଓ କଷ୍ଟ ସହ୍ୟ କରିବାରୁ ପବିତ୍ର ଅଟେ । ସେ ହିଁ ଇଶ୍ୱର ଯିଏକି ପ୍ରତ୍ୟେକ ପ୍ରାରମ୍ଭିକ ଶାରିରୀକ ସମୂହ ଏବଂ ଗ୍ରହ ଓ ନକ୍ଷତ୍ରଗଣକୁ ଗୋଲାକାର ବା ବର୍ତୁଳାକାର ସୃଷ୍ଟିକରି ନିଜ ପ୍ରକୃତିର ନିମୟ ମଧ୍ୟରେ ଏହି ଆଦେଶ ଅବସ୍ଥାପିତ କରିଲା । ଯେ ସ୍ୱୟଂ ତା ନିଜଠାରେ ଗୋଲାକାର ସଦୃଶ ଏକତା ଓ ଅଖଣ୍ଡତା ବିଦ୍ୟମାନ । ତେଣୁକରି ପ୍ରଶସ୍ତ ବସ୍ତୁମାନଙ୍କ ମଧ୍ୟରୁ କୌଣସି ବସ୍ତୁ ତ୍ରିକୋଣିଆ ସୃଷ୍ଟି ହୋଇନାହିଁ । ଅର୍ଥାତ୍ ଯାହାକିଛି ପ୍ରଥମେ ପ୍ରଥମେ ଇଶ୍ୱରଙ୍କ ହାତରେ ସୃଷ୍ଟି ହେଲା ଯେପରି ଧରା ଆକାଶ, ରବି, ଚନ୍ଦ୍ର ଏବଂ ସମସ୍ତ ନକ୍ଷତ୍ର ମଣ୍ଡଳ ଏବଂ ମୌଳିକ ପଦାର୍ଥ ଏ ସବୁ ଗୋଲାକାର ଅଟନ୍ତି । ଏବଂ ଉକ୍ତ ବସ୍ତୁମାନଙ୍କର ଗୋଲାକାର ରୂପ ଏକଶ୍ୱରବାଦତାକୁ ସୂଚାଉଛି । ଅତଏବ ଖ୍ରୀଷ୍ଟିୟାନ୍ମାନଙ୍କ ସହିତ ପ୍ରକୃତ ସହାନୁଭୁତି ଓ ବାସ୍ତବିକ ପ୍ରେମ ଏହାଠାରୁ ଅଧିକ ଆଉକିଛି ନୁହଁ ଯେ ସେ ଇଶ୍ୱରଙ୍କ ଆଡକୁ ସେମାନଙ୍କୁ ମାର୍ଗଦର୍ଶନ କରାଯାଉ ଯାହାର ହସ୍ତର ପଦାର୍ଥସମୂହ ତାହାକୁ ତସ୍ଲିସ୍ (ତ୍ରିନିଟି) ରୁ ପବିତ୍ର କରିଥାନ୍ତି ।

ଏବଂ ମୁସଲ୍ମାନଙ୍କ ସହିତ ମୂଖ୍ୟ ସହାନୁଭୁତି ଏହା ଯେ ସେମାନଙ୍କର ନୈତିକ ଅବସ୍ଥାମାନଙ୍କୁ ସନ୍ତୁଳିତ କରାଯାଉ । ଏବଂ ଇସ୍ଲାମି ଆଦେଶାବଳୀର ବିରୁଦ୍ଧାଚରଣ କରୁଥିବା ଖୁନି ମେହଦି ଓ ମସିହ୍ଙ୍କ ଆବିର୍ଭାବ ସମ୍ବନ୍ଧୀୟ, ନିଜ ମନରେ ପୋଷଣ କରିଥିବା ଆଶା ଓ ଅଭିଳାଷାର ଦୂରିକରଣ ହେଉ । ଏବଂ ଯେପରିକି ମୁଁ ବର୍ତମାନ ଲେଖିଅଛି ଯେ କେତେକ ବିଦ୍ୱାନଗଣଙ୍କ ଏଭଳି ଚିନ୍ତାଧାରା, ଯେ ଖୁନି ମେହଦି ଆସିବେ ଏବଂ ଖଡ୍ଗ ଦ୍ୱାରା ଇସ୍ଲାମ୍ର ପ୍ରଚାର ଓ ପ୍ରସାର କରାଇବେ । ଏ ସମସ୍ତ ଧାରଣାମାନ ପବିତ୍ର କୁରୁଆନ୍ର ଶିକ୍ଷାବିରୁଦ୍ଧ ଅଟେ ତଥା ମାନସିକ ଆଶା ଓ ଆକାଂକ୍ଷା ମାତ୍ର । ଏବଂ ଜଣେ ପୂଣ୍ୟ ଓ ସତ୍ୟନିଷ୍ଠ ମୁସଲ୍ମାନ ପାଇଁ ଏ ସମସ୍ତ ଚିନ୍ତାଧାରାରୁ ଦୂରେଇ ରହିବା ନିମନ୍ତେ କେବଳ ଏତିକି ଯଥେଷ୍ଟ ଯେ ସେ ପବିତ୍ର କୁରୁଆନ୍ର ଆଦେଶଗୁଡିକୁ ଅଧ୍ୟୟନ କରୁ ଏବଂ ଟିକେ ଅଟକି ନିଜର ଭାବନା ଓ ଚିନ୍ତନା ବଳେ ଦେଖୁ ଯେ କାହିଁକି ଏବଂ କଣ ପାଇଁ ଇଶ୍ୱରଙ୍କ ପବିତ୍ର ବାକ୍ୟ, କୌଣସି ବ୍ୟକ୍ତିକୁ ହତ୍ୟାର ଧମକ ଦେଇ ଧର୍ମରେ ଦିକ୍ଷିତ କରାଇବାର ବିରୋଧି ହୋଇଥାଏ । *(ମସିହ୍ ହିନ୍ଦୁସ୍ତାନରେ ରୁହାନି ଖଜାଏନ୍, ଖଣ୍ଡ-୧୫, ପୃଷ୍ଠା-୧୩)*

ହଜ୍ରତ୍ ଅଙ୍ଗୀକୃତ ଓ ପ୍ରତିଶ୍ରୁତ ମସିହ୍ ବର୍ଣ୍ଣନା କରୁଛନ୍ତି:- "ଇଶ୍ୱର ସମସ୍ତ ଶତ୍ରୁଗଣଙ୍କୁ ଦୋଷି ଓ ନିରୁତର କରିବା ନିମନ୍ତେ ମୋତେ ଉପସ୍ଥିତ କରିଅଛି ଏବଂ ମୁଁ ଜାଣେ ଯେ ହିନ୍ଦୁଗଣ ଏବଂ ଖ୍ରୀଷ୍ଟିୟାନ୍ଗଣ ଓ ଶିଖଗଣଙ୍କ ମଧ୍ୟରେ ଜଣେ ବ୍ୟକ୍ତି ମଧ୍ୟ ନାହିଁ ଯେ କି ଆକାଶିୟ ନିଦ୍ଦର୍ଶନ ଓ (ପ୍ରାର୍ଥନା) ଗ୍ରହଣ ହେବା ଦୃଷ୍ଟିରୁ ଓ ମଙ୍ଗଳ ପ୍ରାପ୍ତି ଦୃଷ୍ଟିରୁ ମୋର ମୁକାବିଲା କରିପାରିବ । ଏହା ସ୍ପଷ୍ଟ ଯେ ଜିବୀତ ଧର୍ମ ପ୍ରକୃତରେ ସେ ଧର୍ମ ଅଟେ ଯିଏ କି ଆକାଶିୟ ନିଦ୍ଦର୍ଶନ ନିଜ ସାଙ୍ଗରେ ଧରିରଖେ ତଥା ଅନନ୍ୟ ଆଲୋକ ତାର ମସ୍ତକରେ ଚମକୁ ଥାଏ । ଅତଏବ, ତାହା ଇସ୍ଲାମ୍ ଅଟେ । କଣ ଖ୍ରୀଷ୍ଟିୟାନ୍ଗଣଙ୍କ ମଧ୍ୟରେ ଓ ହିନ୍ଦୁଗଣଙ୍କ ମଧ୍ୟରେ ଓ ଶିଖ୍ ଗଣଙ୍କ ମଧ୍ୟରେ କେହି ଏଭଳି ଅଛି, ଯିଏକି ଏହି ସମ୍ବନ୍ଧରେ ମୋର ମୁକାବିଲା କରିପାରିବ ? ତେଣୁକରି, ମୋର ସତ୍ୟତା ପ୍ରତିପାଦନ ନିମନ୍ତେ ଏହା ଯଥେଷ୍ଟ ପ୍ରମାଣ ଯେ ମୋ ମୁକାବିଲା ନିମନ୍ତେ କୌଣସି ପାଦକୁ ସ୍ଥିରତା ନାହିଁ । ଏବଂ ଯେପରି ଚାହଁ ସେପରି ଶାନ୍ତ୍ୱନା କରିନିଅ ଯେ ମୋର ଆବିର୍ଭାବ ଦ୍ୱାରା ସେହି ପେଶ୍ଗୋଇ ପୁରଣ ହୋଇଯାଇଅଛି, ଯାହାକି ପୁସ୍ତକ ବରାହିନେ ଅହେମଦୀୟାରେ ପବିତ୍ର କୁରୁଆନ୍ର ଉଦ୍ଦେଶ୍ୟ ଅନୁଯାୟୀ ବର୍ଣ୍ଣିତ ଥିଲା ଏବଂ ତାହା ହେଉଛି:- ହୁଓ୍ୱଲ୍ଲଜି ଅର୍ସଲା ରସୁଲହୂ ବିଲ୍ହୁଦା ଓ୍ୱ ଦୀନିଲ୍ ହକ୍କି ଲିୟୁଜ୍ହିରହୂ ଅଲଦ୍ଦୀନି କୁଲ୍ଲିହୀ । *(ତରୟାକୁଲ୍ କୁଲୁବ୍, ରୁହାନି ଖଜାଏନ୍, ଖଣ୍ଡ-୧୫, ପୃଷ୍ଠା-୨୪୯)*

ପରିଶେଷରେ ପ୍ରାର୍ଥନା କରେ କି ଅଲ୍ଲାଃତାଲା ଏହି ଦୁନିଆରେ ଏକଶ୍ୱରବାଦର ବାୟୁ ପ୍ରବାହିତ କରାଉ, ଲୋକମାନଙ୍କ ମନରେ ଏକଶ୍ୱରବାଦର ପ୍ରେମ ନିକ୍ଷେପ କରୁ ତଥା ମାନବ ସମାଜକୁ ଇସ୍ଲାମ୍ ଅଭିମୂଖେ ଯାତ୍ରା କରିବାର ସୁଯୋଗ ପ୍ରଦାନ କରି ସେମାନଙ୍କ ମୋକ୍ଷପ୍ରାପ୍ତି ନିମନ୍ତେ ଏବଂ ଚିର ସୁଖ ଓ ସମୃଦ୍ଧି ପ୍ରାପ୍ତିର ପଥ ଉନ୍ମୁକ୍ତ କରିଦେଉ । (ଆମିନ୍) *(ମନ୍ସୁର୍ ଅହେମଦ୍ ମସ୍ରୁର୍)*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

*ପୃଷ୍ଠା-୩ ର ଅବଶିଷ୍ଟାଂଶ.....*

ତୁମମାନଙ୍କୁ ଏହା କରିବାକୁ କୁହାଯାଏ ତେବେ) ତୁମେମାନେ ଏହାକୁ ଅପସନ୍ଦ କରିବ; ଏବଂ ଅଲ୍ଲାଃଙ୍କୁ ଭୟ କର; ଅଲ୍ଲାଃ ହିଁ ଶ୍ରେଷ୍ଠ ଅନୁତାପ ଗ୍ରହୀତା(ଓ)ସଦା କରୁଣାମୟ ।

## ପୁଣ୍ୟକାର୍ଯ୍ୟ ଓ ଧର୍ମପରାୟଣତାରେ ପରସ୍ପରକୁ ସାହାଯ୍ୟ କରିବାର ଶିକ୍ଷା

*ଓ୍ୱଲା ୟଯ୍ରିମନ୍ନକୁମ୍ ଶନାନୁ କୌମିନ୍ ଅନ୍ ସଦ୍ଦୁକୁମ୍ ଅନିଲ୍ ମସ୍ଯିଦିଲ୍ ହରାମି ଅନ୍ ତାତଦୁ ; ଓ୍ୱ ତଆଓ୍ୱନୁ ଅଲଲ୍ ବିର୍ରି ଓ୍ୱତ୍ ତକ୍ଓ୍ୱା : ଓ୍ୱଲା ତଆଓ୍ୱନୁ ଅଲଲ ଇସ୍ମି ଓ୍ୱଲ୍ଉଦ୍ଓ୍ୱାନି ; ଓ୍ୱତ୍ ତକୁଲ୍ଲାହା । ଇନ୍ନଲ୍ଲାହା ଶନିଦୁଲ୍ ଇକାବ୍ । (ଅଲ୍ମାଇଦ:୩)*

ଅନୁବାଦ – ଏବଂ ଯେଉଁମାନେ ତୁମକୁ ପବିତ୍ର ମସ୍ଜିଦ୍ରେ (ପ୍ରବେଶ କରିବାକୁ) ପ୍ରତିରୋଧ କରିଛନ୍ତି, ସେହି ସମ୍ପ୍ରଦାୟ ପ୍ରତି ଶତୃତା ଯେପରି ତୁମମାନଙ୍କୁ ସୀମା ଅତିକ୍ରମ କରିବାକୁ ଉତେଜିତ ନ କରୁ; ଏବଂ ତୁମେମାନେ ପୁଣ୍ୟ କାର୍ଯ୍ୟ ଓ ଧର୍ମ ପରାୟଣତାରେ ପରସ୍ପରକୁ ସାହାଯ୍ୟ କର ଏବଂ ପାପ ଓ ସୀମା ଲଂଘନ ସଂକ୍ରାନ୍ତରେ ପରସ୍ପରକୁ ସାହାଯ୍ୟ କରନାହିଁ; ଏବଂ ଅଲ୍ଲାଃଙ୍କୁ ଭୟ କର ; ନିଶ୍ଚୟ ଅଲ୍ଲାଃ ଶାନ୍ତି ପ୍ରଦାନ କରିବାରେ କଠୋର ।

## ସେମାନେ (ହିଜ୍ରତ୍କାରୀ) ମାନଙ୍କୁ ନିଜ ଅପେକ୍ଷା ଅଗ୍ରାଧିକାର ଦେଉଥିଲେ

*ଓ୍ୱଲ୍ଲଜିନା ତବଓ୍ୱଉଦ୍ଦାରା ଓ୍ୱଲ୍ ଇମାନା ମିନ୍ କବ୍ଲିହିମ୍ ୟୁହିବ୍ବୁନା ମନ୍ହାଯରା ଇଲୈହିମ୍ ଓ୍ୱଲା ୟଯିଦୁନା ଫି ସୁଦୁରିହିମ୍ ହାଯତମ୍ ମିମ୍ମା ଉତୁ ଓ୍ୱ ୟୁସିରୁନା ଅଲା ଅନ୍ଫୁସିହିମ୍ ଓ୍ୱ ଲୈ କାନା ବିହିମ୍ ଖସାସାଃ । ଓ୍ୱ ମଇଁ ୟୁକା ଶୁହ୍ହା ନଫ୍ସିହି ଫଉଲାଇକା ହୁମୁଲ୍ ମୁଫ୍ଲିହୁନ୍ । ଅଲ୍ହଶର : ୧୦)*

ଅନୁବାଦ – ଏବଂ (ଏହିପରି ଉକ୍ତ ଧନ ସମ୍ପତି ସେହି ଲୋକମାନଙ୍କ ସକାଶେ ଅଛି) ଯେଉଁମାନେ ମଦିନାରେ ପୂର୍ବରୁ ରହୁଥିଲେ, ଏବଂ (ହିଜ୍ରତ୍ କରି ସେମାନଙ୍କ ନିକଟକୁ ଆସିଥିବା ଲୋକମାନଙ୍କୁ ପ୍ରେମ କରୁଥିଲେ, ଓ ଯାହା (ଧନସମ୍ପତି) ଦିଆ ଯାଇଥିଲା ସେଥିପାଇଁ ନିଜ ଅନ୍ତରରେ କୌଣସି କାମାନ ପୋଷଣ କରିନଥିଲେ, ଏବଂ ସେମାନେ ଦରିଦ୍ର ଥିବା ସତ୍ୱେ ସେ (ହିଜ୍ରତ୍କାରୀ) ମାନଙ୍କ ନିଜ ଅପେକ୍ଷା ଅଗ୍ରାଧିକାର ଦେଉଥିଲେ; ଏବଂ ଯେଉଁମାନଙ୍କୁ ନିଜ କୃପଣତାରୁ ରକ୍ଷା କରାଯାଏ, ଏପରି ସମସ୍ତ ଲୋକେ କୃତକାର୍ଯ୍ୟ ହେବେ ।

ପୃଷ୍ଠା-୪ ର ଅବଶିଷ୍ଟାଂଶ.....

ଯେଉଁଠି ଅନାଥଙ୍କ ସହିତ ଭଲ ବ୍ୟବହାର କରାଯାଏ ଏବଂ ମୁସଲମାନଙ୍କ ଘର ଭିତରୁ ସବୁଠାରୁ ନିକୃଷ୍ଟତମ ଘର ହେଉଛି ସେ ଘର ଯେଉଁଠି ଅନାଥଙ୍କ ସହିତ ଖରାପ ବ୍ୟବହାର କରାଯାଏ ।

## ଲୋକମାନଙ୍କୁ କ୍ଷତି ପହଂଚାନ୍ତୁ ନାହିଁ

*ଅନ୍ ଅବି ଜରରିନ୍ ରଜିଅଲ୍ଲାହୁ ଅନହୁ କାଲା : କୁଲତୁ ୟା ରସୁଲଲ୍ଲାହି ସ୍ୱଲଲ୍ଲାହୁ ଆଲେହି ଓ୍ ସଲ୍ଲମ୍ ! ଅୟୁଲ୍ ଆମାଲି ଅଫ୍ଜଲୁ କାଲା.....ତକୁଫ୍ଫୁ ଶରରକା ଅନିନ୍ ନାସି ଫଇନ୍ନହା ସଦକତୁନ୍ ମିନ୍କା ଅଲା ନଫ୍ସିକା*

*(ମୁସ୍ଲିମ୍ କିତାବୁଲ୍ ଇମାନ୍ ବାବ ବୟାନ କୁନଲ୍ ଇମାନ୍ ବିଲ୍ଲାହି ଅଫ୍ଜଲୁଲ୍ ଅମାଲ)*

ଅନୁବାଦ - ହଜରତ୍ ଅବୁ ଜର ର:ଅ କହୁଛନ୍ତି ଯେ ମୁଁ ଆଁ ହଜରତ୍ ସ:ଆ:ସଙ୍କୁ ପଚାରିଲି ଯେ ସମସ୍ତ କାର୍ଯ୍ୟ ଭିତରୁ କେଉଁ କାର୍ଯ୍ୟଟି ସର୍ବୋତମ ? ହଜୁର୍ ସ:ଆ:ସ କହିଲେ...... ଲୋକମାନଙ୍କୁ କ୍ଷତି ପହଂଚାଇବା କାର୍ଯ୍ୟରୁ ବଂଚନ୍ତୁ କାରଣ ଏହା ମଧ ତୁମ ତରଫରୁ ଏକ ପ୍ରକାର ସଦ୍କା (ପୁଣ୍ୟକର୍ମ) ଏବଂ ତୁମପାଇଁ ଲାଭଦାୟକ ।

## ସର୍ବୋତମ ବନ୍ଧୁ

*ଅନ୍ ଅବ୍ଦିଲ୍ଲାହିବ୍ନି ଅମ୍ରିନ୍ ର:ଅ କାଲା : କାଲା ରସୁଲୁଲ୍ଲାହି ସ୍ୱଲଲ୍ଲାହୁ ଆଲୈହେ ଓ୍ ସଲ୍ଲମା ଖଏରୁଲ୍ ଅସ୍ହାବିଇନ୍ ଦଲଲ୍ଲାହି ଖଏରୁହୁମ୍ ଲିସାହିବିହି ଓ୍ ଖଏରୁଲ୍ ଯିରାନି ଇନ୍ଦଲଲ୍ଲାହି ଖଏରୁହୁମ୍ ଲିଯାରିହି ।*

*(ତିରିମିଜି ଅବ୍ୱାବୁଲ୍ ବିରର ଓ୍ସିଲ୍ଲାଃ ବାବ୍ ବା ଯାଆ ଫିଲ୍ ହକ୍କିଲ୍ ଯଓ୍ୱାର)*

ଅନୁବାଦ - ହଜରତ୍ ଅବ୍ଦୁଲ୍ଲାହ ବିନ୍ ଅମ୍ରୋ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି କି ଅଲ୍ଲାଃତାଲାଙ୍କ ନିକଟରେ ସାଥିମାନଙ୍କ ମଧ୍ୟରୁ ସେ ସାଥି ଉତମ ଅଟେ ଯିଏ ନିଜ ସାଥିଙ୍କ ପାଇଁ ଭଲ ହୋଇଥାଏ । ଏବଂ ପଡ଼ୋଶୀମାନଙ୍କ ମଧ୍ୟରେ ସେ ପଡ଼ୋଶୀ ହେଉଛି ଉତମ ଯିଏ ନିଜ ପଡ଼ୋଶୀଙ୍କ ସହିତ ଉତମ ବ୍ୟବହାର କରେ ।

ପୃଷ୍ଠା-୫ ର ଅବଶିଷ୍ଟାଂଶ.....

## ମାନବ ଜାତିଙ୍କ ସହିତ ଦୟା କରିବା ବହୁତ ବଡ଼ ଉପାସନା ଅଟେ

ଗୋଟିଏ ହଦିସ୍‌ରେ ଆସୁଛି ଯେ କୟାମତ୍ ଦିନ ଅଲ୍ଲାଃତାଲା କିଛି ଲୋକଙ୍କୁ କହିବେ ଯେ ତୁମେ ବହୁତ ପୁଣ୍ୟବାନ ଅଟ ଏବଂ ମୁଁ ତୁମ ଉପରେ ବହୁତ ଖୁସି ଅଛି । କାରଣ ମୁଁ ବହୁତ ଭୋକିଲା ଥିଲି । ତୁମେ ମୋତେ ଖାଦ୍ୟ ଖୁଆଇଲ । ମୁଁ ଲଙ୍ଗଳା ଥିଲି । ତୁମେ ମୋତେ ବସ୍ତ୍ର ପିନ୍ଧାଇଲ । ମୁଁ ଶୋଷିଲା ଥିଲି, ତୁମେ ମୋତେ ପାଣି ପିଆଇଲ । ମୁଁ ବେମାର ଥିଲି, ତୁମେ ମୋର ସେବା କଲ । ସେମାନେ କହିବେ ହେ ଅଲ୍ଲାଃ ତୁ ତ ଏସବୁ ବିଷୟରୁ ପବିତ୍ର, ତୁ କେବେ ଏପରି ଥିଲୁ ଯେ ଆମେ ତୋ ସହିତ ଏପରି ବ୍ୟବହାର କଲୁ ? ତେବେ ସେ କହିବେ ଯେ ମୋର ଅମୁକ ଅମୁକ ଭକ୍ତ ଏପରି ଥିଲେ, ତୁମେ ତାଙ୍କର ଖିଆଲ ରଖିଲ ଏବଂ ତାହା ଏପରି ମାମଲା ଥିଲା, ଯେପରି ତୁମେ ମୋ ସହିତ କଲ । ପୁଣି ଆଉଗୋଟିଏ ଦଳ ଉପସ୍ଥିତ ହେବ ତାଙ୍କୁ ଅଲ୍ଲାଃତାଲା କହିବେ ଯେ ତୁମେ ମୋ ସହିତ ବହୁତ ଖରାପ ବ୍ୟବହାର କରିଛ । ମୁଁ ବହୁତ ଭୋକିଲା ଥିଲି, ତୁମେ ମୋତେ ଖାଦ୍ୟ ଦେଲନାହିଁ । ମୁଁ ଲଙ୍ଗଳା ଥିଲି, ତୁମେ ମୋତେ ବସ୍ତ୍ର ଦେଲନାହିଁ । ମୁଁ ଶୋଷିଲା ଥିଲି, ତୁମେ ମୋତେ ପାଣି ଦେଲାନାହିଁ । ମୁଁ ବେମାର ଥିଲି, ତୁମେ ମୋର ସେବା କଲନାହିଁ । ସେତେବେଳେ ସେମାନେ କହିବେ ହେ ଅଲ୍ଲାଃ ତୁ ତ ଏପରି କଥାରୁ ପବିତ୍ର, ତୁ କେବେ ଏପରି ଥିଲୁ ଯେ ଆମେ ତୋ ସହିତ ଏପରି ବ୍ୟବହାର କଲୁ । ଏଥିରେ ସେ କହିବେ ଯେ ମୋର ଅମୁକ ଅମୁକ ଭକ୍ତ ଏପରି ଅବସ୍ଥାରେ ଥିଲେ ଏବଂ ତୁମେ ତାଙ୍କ ସହିତ କୌଣସି ପ୍ରକାର ସହାନୁଭୂତି ଓ ଉତମ ବ୍ୟବହାର କଲନାହିଁ । ତେଣୁ ମୋ ସହିତ ମଧ୍ୟ କଲନାହିଁ ।

ସୁତରାଂ ମନୁଷ୍ୟ ଜାତି ଉପରେ ଦୟା ଏବଂ ତା ସହିତ ସହାନୁଭୂତି କରିବା ବହୁତ ବଡ଼ ଉପାସନା ଅଟେ । ଏବଂ ଅଲ୍ଲାଃତାଲାଙ୍କ ସାନିଧ ହାସଲ କରିବା ନିମନ୍ତେ ଏହା ଏକ ଉତମ ମାଧ୍ୟମ ଅଟେ । କିନ୍ତୁ ମୁଁ ଦେଖୁଅଛି ଯେ ଏ ବିଷୟରେ ବହୁତ ଦୁର୍ବଳତା ଦେଖାଯାଉଛି । ଅନ୍ୟମାନଙ୍କୁ ନ୍ୟୁନ ବିବେଚିତ କରାଯାଉଛି । ତାଙ୍କ ଉପରେ ଥଟ୍ଟା ପରିହାସ କରାଯାଉଛି । ସେମାନଙ୍କର ଧ୍ୟାନ ରଖିବା ଓ କୌଣସି ବିପଦ ଓ କଷ୍ଟ ସମୟରେ ସେମାନଙ୍କୁ ସାହାଯ୍ୟ କରିବା ତ ବଡ଼ କଥା । ଯେଉଁ ଲୋକମାନେ ଗରିବଙ୍କ ସହିତ ଉତମ ବ୍ୟବହାର କରୁନାହାଁନ୍ତି ବରଂ ସେମାନଙ୍କୁ ହୀନ ବିବେଚନା କରୁଛନ୍ତି, ମୋତେ ଭୟ ଲାଗୁଛି ଯେ ସେମାନେ ନିଜେ ସେହି ବିପତିରେ ପଡ଼ିନଯାଆନ୍ତୁ । ଅଲ୍ଲାଃତାଲା ଯାହାଙ୍କ ଉପରେ କୃପା କରିଛନ୍ତି, ତାଙ୍କୁ ଅଲ୍ଲାଃଙ୍କ କୃତଜ୍ଞତା ଏପରି ଜ୍ଞାପନ କରିବା ଉଚିତ୍ ହେବ ଯେ ସେ ଅଲ୍ଲାଃଙ୍କ ମଖ୍ଲୁକ୍ (ସୃଷ୍ଟଜ)ଙ୍କ ସହିତ ଉତମ ବ୍ୟବହାର କରୁ । ଏବଂ ଉକ୍ତ ଐଶିପ୍ରଦ କୃପା ଉପରେ ଗର୍ବ କରି ବର୍ବର ଓ ଅସଭ୍ୟଙ୍କ ପରି ଗରିବ ମାନଙ୍କୁ ଦଳି ନଦେଉ । *(ମଲଫୁଜାତ୍, ଖଣ୍ଡ-୪, ପୃଷ୍ଠା-୪୩୮, ଏଡ଼ିଶନ୍-୨୦୦୩)*

ପୃଷ୍ଠା-୭ ର ଅବଶିଷ୍ଟାଂଶ.....

ଉଚିତ୍ ଯେ ଇସ୍‌ଲାମି ଶରୀୟତ୍ ଅନୁଯାୟୀ ଫରିସ୍ତାଙ୍କ ବୈଶିଷ୍ଟ୍ୟାବଳୀର ମର୍ଯ୍ୟାଦା ମାନବୀୟ ବୈଶିଷ୍ଟ୍ୟାଳବୀର ମର୍ଯ୍ୟାଦା ଠାରୁ କିଛି ଅଧିକା ନୁହେଁ । ବରଂ ମାନବୀୟ ବୈଶିଷ୍ଟ୍ୟାବଳୀ ଫରସ୍ତାଙ୍କ ବୈଶିଷ୍ଟ୍ୟାବଳୀଠାରୁ ଶ୍ରେଷ୍ଟତମ । (ଓ ଫରିସ୍ତା) ମାନଙ୍କୁ ଏ ଜଗତରେ ଆଧାତ୍ମିକ ବ୍ୟବସ୍ଥାରେ ମାଧ୍ୟମ ରୂପେ ବିବେଚନା କରାଯାଏ । ଏହା ତାର ଶ୍ରେଷ୍ଟତାକୁ ପ୍ରମାଣ କରାଏ ନାହିଁ । ବରଂ ପବିତ୍ର କୋରାନ୍‌ର ନିର୍ଦ୍ଦେଶ ଅନୁସାରେ ତାର ସେବକ ଭାବେ ନିଯୁକ୍ତ କରାଯାଇଛି । ଯେପରି ଅଲ୍ଲାଃତାଲା କହୁଛନ୍ତି ଅର୍ଥାତ୍ ସେହି ଖୁଦା ଯିଏ ସୂର୍ଯ୍ୟ ଓ ଚନ୍ଦ୍ରକୁ ତୁମପାଇଁ ନିୟୋଜିତ କରିଛନ୍ତି । ଉଦାହରଣ ସ୍ୱରୂପ ଏହା ଦେଖିବା ଉଚିତ୍ ଯେ ଜଣେ ପତ୍ରବାହକ ସମ୍ରାଟଙ୍କ ତରଫରୁ ତାର କୌଣସି ଦେଶ ବା ରାଜ୍ୟ ବା ଗଭର୍ଣ୍ଣରଙ୍କ ନିକଟକୁ ଚିଠି ପହଂଚାଇ ଦେଇଥାଏ ତେବେ କଣ ଏହା ପ୍ରମାଣିତ ହୋଇପାରିବ ଯେ ସେହି ପତ୍ରବାହକ ଜଣକ ଯିଏ ସମ୍ରାଟ୍ ଓ ଗଭର୍ଣ୍ଣର ଜେନେରାଲଙ୍କ ମଧ୍ୟରେ ମାଧ୍ୟମ ରୂପେ ଥିଲେ ସେ କଣ ଗଭର୍ଣ୍ଣର ଜେନେରାଲଙ୍କ ଠାରୁ ବଡ଼ ହୋଇପାରିବ । ତେଣୁ ଭଲ ରୂପେ ବୁଝିନିଅ ଯେ ଏହି ଉଦାହରଣରେ ସେହି ସମସ୍ତ ଯୋଗାଯୋଗ ସ୍ଥାପନାକାରୀଙ୍କ ଭଳି ଯେଉଁମାନେ ଇହ ଜଗତ ଓ ଆଧାତ୍ମିକ ଜଗତ ମଧ୍ୟରେ ଖୁଦାତାଲାଙ୍କ ଇଚ୍ଛା ମୁତାବକ ତାର ପରିକଳ୍ପନା ସମୁହକୁ ପହଂଚାଇଦିଏ ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ବ୍ୟସ୍ତ ରହେ । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଅନେକ ସ୍ଥାନରେ ସ୍ପଷ୍ଟ ରୂପେ ବର୍ଣ୍ଣନା କରିଛନ୍ତି ଯେ ଆକାଶ ଓ ପୃଥିବୀରେ ଯାହା କିଛି ସୃଷ୍ଟି କରାଯାଇଛି ତାହା ସବୁ ମନୁଷ୍ୟକ କଲ୍ୟାଣ ନିମନ୍ତେ ସୃଷ୍ଟି କରାଯାଇଛି । ମନୁଷ୍ୟ ତାହାର ମର୍ଯ୍ୟାଦାରେ ସବୁଠାରୁ ଉତମ ଓ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି । ଏବଂ ସମସ୍ତ ସୃଷ୍ଟି ତାର ସେବକ ଅଟନ୍ତି, ଯାହାର ସେବା ନିମନ୍ତେ ଏହି ସମସ୍ତଙ୍କୁ ନିୟୋଜିତ କରାଯାଇଛି ।" (ତୌଜିହି ମରାମ୍, ରୁହାନି ଖଜାଏନ୍, ଖଣ୍ଡ-୩, ପୃଷ୍ଠା-୭୪, ପ୍ରଥମ ସଂସ୍କରଣ)

(୧୧)ୟା ଅୟୋହନ୍‌ନାସୁ.....ଇନ୍ନଲ୍ଲାହା ଅଲିମୁନ୍ ଖବୀର୍ (ହୁଜରାତ୍:୧୪) ଅର୍ଥାତ୍- ହେ ଲୋକମାନେ ! ଆମ୍ଭେ ତୁମମାନଙ୍କୁ ପୁରୁଷ ଓ ନାରୀଙ୍କ ଠାରୁ ସୃଷ୍ଟି କରିଅଛୁ । ତୁମମାନଙ୍କୁ ଅନେକ ଜାତି ଓ ବଂଶରେ ବିଭକ୍ତ କରିଅଛୁ । ଯେପରିକି ତୁମେମାନେ ପରସ୍ପରକୁ ଚିହ୍ନିପାରିବ । ତୁମମାନଙ୍କ ମଧ୍ୟରୁ ସେ ସବୁଠାରୁ ଅଧିକ ଧର୍ମପରାୟଣ ସେ ଅଲ୍ଲାଃଙ୍କ ନିକଟରେ ସମସ୍ତଙ୍କ ଅପେକ୍ଷା ଅଧିକ ସମ୍ମାନିତ । ଅଲ୍ଲାଃ ନିଶ୍ଚିତ ରୂପେ ସର୍ବଜ୍ଞ ଓ ସର୍ବଜ୍ଞାତା ।

ହଜରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଅର୍ଥାତ୍ ଜାତି ଓ ବଂଶର ପରିଚୟ କେବଳ ପାର୍ଥକ୍ୟ ନିରୁପଣ ନିମନ୍ତେ । ଯେଉଁମାନେ ଏହାକୁ ଗର୍ବ ଓ ଅହଂକାର ରୂପେ ବ୍ୟବହାର କରିଥାନ୍ତି ସେମାନେ ଇସ୍‌ଲାମ୍‌ର ବିରୋଧରେ କାର୍ଯ୍ୟ କରନ୍ତି । (ତଫ୍‌ସିର୍ ସଗିର୍ ହାସିୟା ଆୟତ ନଂ-୧୪, ସୁରା ହୁଜୁରାତ୍, ପୃଷ୍ଠା-୬୮୫)

ହଜରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି:- "ସାଧାରଣତଃ ଏହି ଆୟତ ଉପରେ ଧ୍ୟାନ ଦେବା ଉଚିତ୍ ଅର୍ଥାତ୍ ଇନ୍ନା ଅକରମକୁମ ଇନ୍‌ଦଲ୍ଲାହି ଅତ୍‌କାକୁମ୍ । ଯାହାର ଅର୍ଥ ହେଉଛି ତୁମମାନଙ୍କ ମଧ୍ୟରୁ ଅଲ୍ଲାଃତାଲାଙ୍କ ନିକଟରେ ମହାନ ଶ୍ରେୟସ୍କର ହେଉଛି ସେହି ବ୍ୟକ୍ତି ସେ ସବୁଠାରୁ ଅଧିକା ଧର୍ମନିଷ୍ଠ ଓ ଅଲ୍ଲାଃଙ୍କ ସମ୍ମୁଖରେ ନତମସ୍ତକ ରହିଥାଏ । ଅଲ୍ଲାଃଙ୍କ ଠାରୁ ସମ୍ପର୍କ ତୁଟିନଯାଉ, ଏହି ଭୟରେ ସେ ପ୍ରତ୍ୟେକ କ୍ଷଣ, ପ୍ରତ୍ୟେକ କାର୍ଯ୍ୟ ଏବଂ ତାର ପ୍ରତ୍ୟେକ କଥା ଏବଂ ପ୍ରତ୍ୟେକ କର୍ମ, ପ୍ରତ୍ୟେକ ବ୍ୟବହାର ଓ ସେ ତାର ପ୍ରତ୍ୟେକ ଅଭ୍ୟାସ ପ୍ରତି ଦୃଷ୍ଟି ରଖିଥାଏ । ଏହିପରି ବ୍ୟକ୍ତି ହିଁ ପ୍ରତ୍ୟେକ ଗୋଷ୍ଠୀ ମଧ୍ୟରେ ସୃଜନ ଓ ସମ୍ଭ୍ରାନ୍ତ ପରିବାର ଓ ମହାନ ପୁରୁଷ ତଥା ସମସ୍ତ ଗୋଷ୍ଠୀ ମଧ୍ୟରୁ ଶ୍ରେୟସ୍କର ଅଟେ । ସେ ଏଥିପାଇଁ ଯୋଗ୍ୟ ଯେ ସମସ୍ତେ ତା ଉପରେ ଉତ୍ସର୍ଗ ହୁଅନ୍ତୁ । ସୁତରାଂ ଇସ୍‌ଲାମୀ ଶରିୟତ୍‌ର ଏହା ହେଉଛି ଏକ ସାଧାରଣ ନିୟମ ଯେ ସମସ୍ତ କର୍ମର ମୂଳ ହେଉଛି ଧର୍ମ ପରାୟଣତା । (ତରିୟାକୁଲ୍ କୁଲୁବ, ପୃଷ୍ଠା-୬୬-୬୭, ବହଓ୍ୱାଲା ତଫ୍‌ସିର୍ ହଜରତ୍ ମସିହ ମଉଦ୍, ଖଣ୍ଡ-୩, ସୁରା ହୁଜୁରାତ୍, ପୃଷ୍ଠା-୩୬୮-୩୬୯)

ବାସ୍ତବରେ ପବିତ୍ର କୋରାନ୍‌ର ଅବତୀର୍ଣ୍ଣ ହେବା ଓ ଇସ୍‌ଲାମ୍‌ର ଆଗମନ ଦ୍ୱାରା ମାନବ ଜାତିର ମର୍ଯ୍ୟାଦା ପ୍ରତିଷ୍ଠିତ ହେଲା ଓ ମାନବଜାତି ପ୍ରକୃତରେ ଶ୍ରେଷ୍ଟ ପ୍ରାଣୀ ରୂପେ ବିବେଚିତ ହେଲା । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଆଜି ମଣିଷ କାହିଁକି ଏଭଳି ନିମ୍ନଗାମୀ ହୋଇଚାଲିଛି । ଏବଂ ମାନବତାର ମହତ୍ୱ କାହିଁକି ବାକି ରହେନାହିଁ । ଏହାର ମୂଳ କାରଣ ହେଉଛି ପବିତ୍ର କୋରାନ୍ ପ୍ରତି ହେୟ ଜ୍ଞାନ କରି ତାର ପ୍ରତ୍ୟାଖ୍ୟାନ କରାଯାଇଛି । ଏବଂ ତାର ମଗଜକୁ ଏକ ପାର୍ଶ୍ୱକୁ ଏଡାଇ ଦିଆଯାଇ କେବଳ ଖୋଳପାକୁ ଜାବୁଡ଼ି ରଖାଯାଇଛି । ତାହା ଉପରେ ଭିତି ସ୍ଥାପନ କରାଯାଇଛି । ଅଲ୍ଲାଃତାଲା ଏହି ସମ୍ପ୍ରଦାୟ (ଇସ୍‌ଲାମ୍) ଉପରେ ଦୟା ଆଚରଣ କରନ୍ତୁ ଯେ ସେମାନେ ପବିତ୍ର କୋରାନ୍‌ର ସମସ୍ତ ଶିକ୍ଷା, ଯାହାକୁ ଗୋଟିଏ ବାକ୍ୟରେ କହିବାକୁ ଗଲେ ଏହା ଅଟେ ଯେ ମାନବିକତାର ମର୍ଯ୍ୟାଦା ଓ ସମ୍ମାନ ରକ୍ଷା କରିବା ଅଟେ । ତାହାକୁ ଯୁଗ ସୁଧାରକଙ୍କ ଶିକ୍ଷା ଓ ନୀତିବାଣୀର ଆଲୋକରେ ବୁଝି ତା ଉପରେ ଅମଲ କରିବାକୁ ଚେଷ୍ଟା କରନ୍ତୁ । ଫଳତଃ ପ୍ରତ୍ୟେକ ଦିଗରୁ ପ୍ରତ୍ୟେକ ମୁହୂର୍ତରେ ମାନବିକତାର ମର୍ଯ୍ୟାଦାର ମୂଲ୍ୟବୋଧକୁ ପ୍ରତିଷ୍ଠା କରାଯାଉ ଓ ମାନବିକତାର ସତ୍ୟାସତ୍ୟ ପ୍ରମାଣିତ ହେଉ । (ଆମିନ୍)

# ବିଶ୍ୱ ଜଗତ ପାଇଁ କରୁଣାର ଅବତାର ରୂପେ ହଜ୍‌ରତ୍ ମୁହମ୍ମଦ୍ ସଲ୍ଲମ୍

## (ମହିଳା, ଶିଶୁ, ଦାସ ଓ ପଶୁମାନଙ୍କ ପ୍ରତି ସଦ୍ ବ୍ୟବହାର ପରିପ୍ରେକ୍ଷୀରେ)

(ମହମ୍ମଦ୍ ଇବ୍ରାହିମ୍ ସର୍‌ୱର୍, ମୁରବୀ ସିଲ୍‌ସିଲା, କାଦିୟାନ୍)

ଅଲ୍ଲାଃତାଲା ନିଜ ପବିତ୍ର ପୁସ୍ତକରେ ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଦୟା ଓ କ୍ଷମା କରିବାର ଜ୍ୱଳନ୍ତ ଉଦାହରଣ ହେବା ଦର୍ଶାଇ କୁହନ୍ତି:- ଲକଦ୍ ଯାଆକୁମ୍ ରସୁଲୁମ୍ ମିନ୍ ଅନ୍‌ଫୁସିକୁମ୍ ଅଜିଜୁନ୍ ଆଲୈହେ ମା ଅନିତ୍‌ତୁମ୍ ହରିସୁନ୍ ଆଲୈକୁମ୍ ବିଲ୍‌ମୁମିନିନା ରଉଫୁର୍ ରହିମ୍ (ସୁରେ ତୌବା-୧୨୮) ଅର୍ଥାତ୍-(ହେ ବିଶ୍ୱାସକାରୀମାନେ!) ତୁମମାନଙ୍କ ସମ୍ପ୍ରଦାୟରୁ ତୁମମାନଙ୍କ ନିକଟକୁ ଜଣେ ବ୍ୟକ୍ତି ରସୁଲ ହୋଇ ଆସିଛନ୍ତି; ତୁମମାନଙ୍କର ବିପଦଗ୍ରସ୍ତ ହେବା ତାହାଙ୍କ ପକ୍ଷରେ ଅସହ୍ୟ; ଏବଂ ସେ ତୁମମାନଙ୍କ ହିତ ପାଇଁ ବ୍ୟଗ୍ର (ଏବଂ ସେ) ବିଶ୍ୱାସକାରୀ ମାନଙ୍କ ପ୍ରତି ଅତ୍ୟନ୍ତ ଦୟାଶୀଳ ଓ ସଦା କରୁଣାମୟ ।

ସୃଷ୍ଟି ଆରମ୍ଭରୁ ଅଲ୍ଲାଃଙ୍କର ଏହି ସୁନ୍ନତ ଚାଲିଆସିଛି ଯେ, ସେ ନିଜ ଭକ୍ତମାନଙ୍କୁ ସତ୍‌ପଥ ପ୍ରଦର୍ଶିତ କରିବା ନିମନ୍ତେ ପ୍ରତ୍ୟେକ ଯୁଗରେ ସମୟ ଓ ଅବସ୍ଥାର ଚାହିଦା ମୁତାବକ ନିଜର ନବୀ ଓ ରସୁଲ୍ ପ୍ରେରଣ କରିଥାନ୍ତି । ଯେପରି କୋରାନ୍‌ରେ ଦରଜ ଅଛି ୱ୍‌ରହ୍‌ମତି ୱ୍‌ସିଅତ୍ କୁଲ୍ଲା ଶଇନ୍ (ଆରାଫ-୧୫୭) ଅର୍ଥାତ୍ ଅଲ୍ଲାଃଙ୍କ ଦୟାର ସୀମା ପ୍ରତ୍ୟେକ ବସ୍ତୁକୁ ଘେରି ରହିଛି । ଏହିପରି ତାଙ୍କର ମାମୁର ଓ ମୁରସିଲ୍ (ପ୍ରେରିତ ଦୂତ) ଅଲ୍ଲାଃଙ୍କ ପ୍ରଦତ ଓ ନିଜ ସାମର୍ଥ୍ୟ ମୁତାବକ ନିଜ ନିଜ ସମ୍ପ୍ରଦାୟ ନିମନ୍ତେ ଦୟା ଓ କୃପାର ଉତ୍ସ ସାବ୍ୟସ୍ତ ହୋଇଥାନ୍ତି । କିନ୍ତୁ ଧର୍ମର ପୂର୍ଣ୍ଣତା ନିମନ୍ତେ ଯେତେବେଳେ ଅଲ୍ଲାଃତାଲା ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଙ୍କୁ ପ୍ରେରଣ କଲେ ସେତେବେଳେ ଏହି ପଂକ୍ତି ଅବତୀର୍ଣ୍ଣ କଲେ ୱ୍‌ମା ଅରସଲନାକା ଇଲ୍ଲା ରହ୍‌ମତଲ୍ ଲିଲ୍ ଆଲ୍‌ମିନ୍ (ଅମ୍ବିୟା-୧୦୮) ଏବଂ ଏତତ୍‌ଦ୍ୱାରା ହଜୁର ସ:ଆ:ସଙ୍କୁ ଅନ୍ତିମ ଦିବସ ପର୍ଯ୍ୟନ୍ତ ଶ୍ରେଷ୍ଠ ନବୀର ମାନ୍ୟତା ପ୍ରଦାନ କରାଗଲା । ଏହି ସମ୍ମାନ ପ୍ରାପ୍ତ କରିବା ସହିତ ଆପଣଙ୍କ ଉପରେ ଯେଉଁ ବୃହତ୍ ଦାୟିତ୍ୱ ନ୍ୟସ୍ତ ଥିଲା ତାହା ମଧ୍ୟ ଆପଣ ବେଶ୍ ସୁନ୍ଦର ଭାବରେ ସମ୍ପାଦନ କଲେ । ଏଥିରେ ଆପଣା ଓ ପର, ମିତ୍ର, ଶତ୍ରୁ, ପଡୋଶୀ, ବନ୍ଧୁବାନ୍ଧବ, ମହିଳା, ପିଲା, ସରଦାର, ଗୁଲାମ୍, ପଶୁପକ୍ଷୀ ଓ ବୃକ୍ଷଲତା, ସମସ୍ତଙ୍କୁ ହଜୁର୍ ସ:ଆ:ସ ନିଜ ଦୟାର ଛତ୍ରଛାୟା ତଳେ ଢ଼ାଙ୍କି ଦେଇଥିଲେ ।

ହଦିସ୍‌ରେ ଦରଜ ଅଛି- ଲଉଲାକା ଲମ୍ମା ଖଲକ୍‌ତୁଲ୍ ଅଫ୍‌ଲାକ୍ (ବହ୍‌ରୁଲ୍ ଅନ୍‌ୱ୍ୱାର) ଅର୍ଥାତ୍ ଅଲ୍ଲାଃତାଲା ହଜ୍‌ରତ୍ ମହମ୍ମଦ୍ ସ:ଆ:ସଙ୍କୁ କହୁଛନ୍ତି ହେ ମହମ୍ମଦ୍! ଯଦି ତୁମକୁ ସୃଷ୍ଟି କରିବାର ଉଦ୍ଦେଶ୍ୟ ନଥାନ୍ତା ତେବେ ଆମ୍ଭେ ଏହି ବିଶ୍ୱବ୍ରହ୍ମାଣ୍ଡକୁ ସୃଷ୍ଟି କରିନଥାନ୍ତୁ । ଏଥିରୁ ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ ହେଉଅଛି ଯେ ବ୍ରହ୍ମାଣ୍ଡର କ୍ଷୁଦ୍ର କଣିକାମାନ ମଧ୍ୟ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କ ଦୟାରୁ ଉପକୃତ ହେଉଅଛନ୍ତି । କାରଣ ଆପଣ ସ:ଆ:ସଙ୍କ ଅସ୍ତିତ୍ୱ ଯୋଗୁ ହିଁ ଏ ଜଗତର ଉତ୍ପତି ।

ଏହି ସଂକ୍ଷିପ୍ତ ମୁଖବନ୍ଧ ପରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଯେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପାଇଁ ଦୟାର ସାଗର ହୋଇ ଆସିଥିଲେ । ତାଙ୍କର ମହିଳା, ପିଲା, କ୍ରୀତଦାସ ଓ ପଶୁ ପକ୍ଷୀମାନଙ୍କ ଉପରେ କିଭଳି ଦୟା ଓ ସହାନୁଭୁତିର ଆଚରଣ ଥିଲା ସେ ସମ୍ବନ୍ଧୀୟ କିଛି ଉଦାହରଣ (ଯାହା କି ହାତ ମୁଠାରେ କିଂଚିତ ମାତ୍ର ହେବ ନଚେତ୍ ଆପଣଙ୍କର ସମ୍ପୂର୍ଣ୍ଣ ଜୀବନ ଏଭଳି ସୁନ୍ଦର ଉଦାହରଣରେ ଭରି ରହିଛି ଯେମିତି ଆକାଶରେ ତାରକାପୁଞ୍ଜ) ଉପସ୍ଥାପନ କରୁଅଛି । ଏହି ଘଟଣାବଳୀରୁ ସ୍ପଷ୍ଟ ହୋଇଯାଉଛି ଯେ ଅଲ୍ଲାଃତାଲା ଏହି ଶ୍ରେଷ୍ଠ ଦୟାଳୁ ଓ କୃପାଳୁଙ୍କ ଜରିଆରେ କିଭଳି ସଂସାର ଓ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଉପରେ ଦୟା କଲେ ।

### ମହିଳାମାନଙ୍କ ନିମନ୍ତେ ଶାନ୍ତ୍ୱନା ପ୍ରଦାନକାରୀ ନବୀ ସ:ଆ:ସ

ଯେତେବେଳେ ଆପଣ ଧରାପୃଷ୍ଠକୁ ଆସିଲେ ସେତେବେଳେ ସଂସାର ଓ ବିଶେଷ ରୂପେ ଆରବ ଦେଶର ଲୋକମାନେ ଆଧ୍ୟାତ୍ମିକ, ଚାରିତ୍ରିକ, ଧାର୍ମୀକ ଓ ସାମାଜିକ ପ୍ରତ୍ୟେକ କ୍ଷେତ୍ରରେ କିସମ କିସମର ଅପକର୍ମ, ରୀତି ଓ ପରମ୍ପରାର ଶିଙ୍କୁଳିରେ କବଳିତ ଥିଲେ । ଅଧିକାଂଶ ଲୋକେ କନ୍ୟା ଜନ୍ମ ହେଲେ ନିଜ ଓ ନିଜ ବଂଶର ସମ୍ମାନ ହାନୀ ହେବାର ମନେ କରୁଥିଲେ । ଏବଂ ସେମାନଙ୍କ ଭିତରୁ କେତେକ ସେହି ନିରୀହ ଜୀବନକୁ ଜୀବନ୍ତ ପୋତି ଦେଉଥିଲେ । ଯେପରି ପବିତ୍ର କୋରାନ୍‌ରେ ଏ ସମ୍ବନ୍ଧରେ ଉଲ୍ଲେଖ ଅଛି କି:- ୱ୍ ଇଜା ବୁଶ୍‌ଶିରା ଅହ୍‌ଦୁହୁମ୍ ବିଲ୍ ଉନ୍‌ସା ଜଲ୍ଲ ୱ୍‌ଜ୍‌ହୁହୁ ମୁସ୍‌ୱ୍ୱଦନ୍ ୱ୍‌ହୁଅ କଜିମ୍ ଯତ୍‌ୱ୍ୱାରା ମେନଲ୍ କୌମି ମିନ୍‌ସୁଇ ମାବୁଶ୍‌ଶିରାବିହି । (ସୁରତୁନ୍ ନହଲ :- ୫୯-୬୦) ଅର୍ଥାତ୍- (ପ୍ରକାରାନ୍ତରେ) ଯେତେବେଳେ ସେମାନଙ୍କ ମଧ୍ୟରୁ କାହାରିକୁ କନ୍ୟା (ଜନ୍ମ) ହେବାର ସମାଚାର ପ୍ରାପ୍ତ ହୁଏ ସେତେବେଳେ ତାହାର ମୁଖ ମଣ୍ଡଳ କଳା ପଡ଼ିଯାଏ ଓ ସେ ଅତ୍ୟନ୍ତ ଦୁଃଖିତ ହୁଏ (ଏବଂ) ଯେଉଁ ବିଷୟରେ ତାହାକୁ ସମାଚାର ଦିଆଯାଇଥାଏ ତାକୁ ଅଶୁଭ ମନେ କରି ଲୋକମାନଙ୍କ ନିକଟରୁ ନିଜକୁ ଲୁଚାଇ ରଖେ ।

ମହିଳାମାନଙ୍କୁ ଗୋଡର ଜୋତା ସଦୃଶ ମଣାଯାଉଥିଲା । ସମ୍ପତି ଭାଗ ବାଂଟିବା ବେଳେ ସେମାନଙ୍କୁ ମଧ୍ୟ ବଂଟାଯାଉଥିଲା । ଯେତେବେଳେ ଅଲ୍ଲାଃତାଲା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କୁ "ନବୀ ରହେମତ୍" ଅର୍ଥାତ୍-କରୁଣାର ନବୀ କରି ପ୍ରେରଣ କଲେ ସେତେବେଳେ ଆପଣଙ୍କ କରୁଣାର ଦୃଷ୍ଟି କିଭଳି ବା ଏହି ଅବଳା, ଦୁର୍ବଳା ଓ କୋମଳମତିଙ୍କ ଉପରେ ପଡ଼ିନଥାନ୍ତା ଏବଂ ସେମାନେ କିଭଳି ବା ଆପଣଙ୍କ ଦୟାର ଚଦରରୁ ବଂଚିତ ରହିଥାନ୍ତେ ।

ଚଳିତ ଯୁଗର ସବୁଠାରୁ ବଡ଼ ଦୁଃଖ ହେଉଛି ପାଶ୍ଚାତ୍ୟ ସଭ୍ୟତା ଓ ସେମାନଙ୍କର (ଅସଭ୍ୟ ଆଚରଣ)କୁ ଅନୁସରଣ କରି ଅନ୍ୟଦେଶ ଗୁଡିକ ମଧ୍ୟ ମହିଳାଙ୍କୁ ଘରର "ମାଲିକ" ପରିବର୍ତେ ରଙ୍ଗମଂଚର ଆଲୋକ ରୂପେ ଗ୍ରହଣ କରିନେଲେଣି । ତାହାର ନାରୀତ୍ୱ ଓ କୋମଳତ୍ୱକୁ ଛିନ୍ନ ଭିନ୍ନ କରି ସୌନ୍ଦର୍ଯ୍ୟର ବଜାରକୁ ଓ ନିଜ ବେପାରକୁ ଚମକାଇବା ପାଇଁ ମାଧ୍ୟମ କରିନେଇଛନ୍ତି । ଇସ୍‌ଲାମ୍ ମହିଳାମାନଙ୍କୁ ପରଦା କରିବାର ଯେଉଁ ନିର୍ଦ୍ଦେଶ ଦେଇଛି ତାହାର ମୂଳ ଉଦ୍ଦେଶ୍ୟ ହେଉଛି ନାରୀମାନଙ୍କର ଏହି କୋମଳତାକୁ ବଜାୟ ରଖିବା ପାଇଁ କଷ୍ଟକର କାମରୁ ଦୂରେଇ ରଖି କେବଳ ଘରଭିତରର କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଛି ।

ଆଜି ସଂସାରବାସୀ ଯଦିଓ ନାରୀର ଅଧିକାର ପାଇଁ ବିଭିନ୍ନ ସଂସ୍ଥା ଢ଼ୋଲ ପିଟି ସ୍ଲୋଗାନ୍ ଦେଉଛନ୍ତି ଯେପରି Glass with care ଓ Ladies first ର ସ୍ଲୋଗାନ୍ । ଏହି ପାଶ୍ଚାତ୍ୟ ସଭ୍ୟତାର ଲୋକମାନେ ଏହା ଜାଣିବା ଉଚିତ୍ ଯେ ଆଜିଠାରୁ ୧୫୦୦ ବର୍ଷ ପୂର୍ବେ ଦୟା ଓ କରୁଣାର ଜ୍ୱଳନ୍ତ ଉଦାହରଣ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ମହିଳାମାନଙ୍କ ସହିତ ଉତମ ଆଚରଣ କରିବା ସମ୍ବନ୍ଧରେ ନିଜ ଅନୁଯାୟୀମାନଙ୍କୁ (କୱ୍ୱରିରା) ଏବଂ ଆଲୈକା ବିଲ୍ ମରଅତେ ର ତାକିଦ୍ ନିର୍ଦ୍ଦେଶ ଦେଇଛନ୍ତି । ଅତହ ଆପଣ ନାରୀ ଜାତିକୁ ଏଭଳି ଉଚ୍ଚ ପଦବୀ ପ୍ରଦାନ କଲେ ଯାହାକି ବିଶ୍ୱର ସମସ୍ତ ନିୟମ ଓ ନାରୀ ମାନଙ୍କର ଅଧିକାର ପ୍ରଦାନ କରିବା ନିମନ୍ତେ ଗଢ଼ି ଉଠିଥିବା ସଂସ୍ଥାଗୁଡିକ ଆଜି ପର୍ଯ୍ୟନ୍ତ କରିପାରିନାହାଁନ୍ତି ।

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି:-ୱ୍ ଆଶିରୁହୁନ୍ନା ବିଲ୍‌ମାରୁଫି ଫଇନ୍ କରିହିତୁମୁ ହୁନ୍ନା ଫଅସା ଅନ୍ ତକ୍‌ରହୁ ଶଇଅନ୍ ୱ୍ ଯଜ୍‌ଅଲଲ୍ଲାହୁ ଫିହି ଖଇରନ୍ କସିରା । (ସୁରତୁନ୍ ନିସା:-୨୦) ଅର୍ଥାତ୍- ଏବଂ ସେମାନଙ୍କ ସହିତ ଉତମ ବ୍ୟବହାର କର; ଏବଂ ଯଦି ତୁମେମାନେ ସେମାନଙ୍କୁ ନାପସନ୍ଦ କର ତେବେ (ମନେରଖ ଯେ) ସମ୍ଭବତଃ ତୁମେମାନେ ଯାହାକୁ ନାପସନ୍ଦ କରୁଥାଅ ଅଲ୍ଲାଃ ତହିଁରେ ଅଶେଷ କଲ୍ୟାଣ କରିଥାଇପାରନ୍ତି ।

ସୁତରାଂ ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଅଲ୍ଲାଃଙ୍କର ଏହି ଆଦେଶ ପାଳନ କରି ନିଜ ଅନୁଗାମୀ ମାନଙ୍କୁ ମହିଳାଙ୍କ ସହ ପୁଣ୍ୟ, ଉତମ ଓ ସୁନ୍ଦର ବ୍ୟବହାର ପ୍ରଦର୍ଶନ କରିବା ନିମନ୍ତେ ଦୃଢ଼ତାର ସହ ନିର୍ଦ୍ଦେଶ ଦେଲେ । ହଜ୍‌ରତ୍ ଆଏଶା ର:ଅ ବର୍ଣ୍ଣନା କରୁଛନ୍ତି:- ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଲେ-ଖଏରୋକୁମ୍ ଖଏରୋକୁମ୍ ଲିଅହ୍‌ଲିହି ୱ୍ ଆନା ଖଇରୁକୁମ୍ ଲିଅହ୍‌ଲି । ଅର୍ଥାତ୍-ତୁମମାନଙ୍କ ମଧ୍ୟରେ ସବୁଠାରୁ ଉତମ ପୁରୁଷ ସେ ଯେ ନିଜ ପତ୍ନୀଙ୍କ ସହିତ ଉତମ ଆଚରଣ କରେ । ତୁମମାନଙ୍କ ଅପେକ୍ଷା ନିଜ ପତ୍ନୀ ସହିତ ସବୁଠାରୁ

ଉତମ ଆଚରଣ କରୁଥିବା ବ୍ୟକ୍ତି ହେଉଛି ମୁଁ । (ତିରମିଜି କିତାବୁଲ୍ ମନାକିବ୍, ବାବ୍ ଫଜଲ୍ ଅଜ୍‌ୱାଜୁନ୍ ନବୀ)

ଥରେ ଗୋଟିଏ ଯାତ୍ରାରେ ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଙ୍କ ସହିତ ତାଙ୍କ ପତ୍ନୀ ମଧ ଥିଲେ । ଜଣେ ହବ୍‌ଶୀ ଗୁଲାମ୍ ଗୀତ ଗାଇବା ଆରମ୍ଭ କଲେ । ଯଦ୍ୱାରା ଓଟଟି ଶିଘ୍ର ଶିଘ୍ର ଚାଲିବା ଆରମ୍ଭ କରିଦେଲା । ଏବଂ ଏପରି ଲାଗୁଥିଲା ଯେ କେହି ଓଟରୁ ତଳକୁ ପଡ଼ିନଯାଆନ୍ତୁ । ହଜୁର୍ ସ:ଆ:ସ କହିଲେ ରୁଓ୍ୱଇଦକା ସୁକନ୍ ବିଲ୍ କଓ୍ୱାରିର । ଅର୍ଥାତ୍ ଓଟମାନଙ୍କୁ ଧିରେ ଧିରେ ଦଉଡାଓ କାରଣ ସେମାନଙ୍କ ଉପରେ କାଚ ଓ ଜଳପାତ୍ର ବସିଛନ୍ତି ଯେପରି ସେମାନେ ଭାଙ୍ଗିନଯାନ୍ତି (ମୁସ୍‌ଲିମ୍)

ଥରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ପବିତ୍ର ପତ୍ନୀ ହଜ୍‌ରତ୍ ସଫିଆ ର:ଅ ଆପଣ ସ:ଆ:ସ ଙ୍କ ସହିତ ଓଟ ପିଠିରେ ବସିଥିଲେ । ଓଟର ଗୋଡ଼ ଖସଡ଼ିଗଲା ଏବଂ ଦୁହେଁ ତଳେ ପଡ଼ିଗଲେ । ହଜ୍‌ରତ୍ ତଲ୍‌ହା ସେ ସମୟରେ ନିକଟରେ ଥିବା ଯୋଗୁ ସଙ୍ଗେ ସଙ୍ଗେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ । କିନ୍ତୁ ହଜୁର୍ ସ:ଆ:ସ କହିଲେ ଆଲୈକା ବିଲ୍ ମରଅତି ଅଲ୍‌ମରଅତୁ ଅଲ୍‌ମରଅତୁ ଅର୍ଥାତ୍ ପ୍ରଥମେ ମହିଳାମାନଙ୍କ ଖବର ନିଅ, ପ୍ରଥମେ ମହିଳାମାନଙ୍କ ଖବର ନିଅ ।

ହଜ୍‌ରତ୍ ଆଏଶା ର:ଅ କୁହନ୍ତି:- ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କଦାପି କୌଣସି କଠୋର କଥା କୁହନ୍ତି ନାହିଁ । ଏବଂ ଆପଣ ସମସ୍ତ ମଧ୍ୟରୁ ଅତ୍ୟନ୍ତ ନମ୍ର ଓ ଦୟାଳୁ ବ୍ୟକ୍ତି ଥିଲେ । ସାଧାରଣ ଲୋକଙ୍କ ପରି ମୁକ୍ତ ଭାବରେ ଘରେ ରହିବା, କଦାପି ଉତ୍ୟକ୍ତ ନହେବା ଓ ସର୍ବଦା ଆନନ୍ଦିତ ଓ ହସଖୁସିର ଚେହେରା ଆପଣଙ୍କ ନିକଟରେ ଦେଖିବାକୁ ମିଳିଥିଲା । ହଜ୍‌ରତ୍ ଆଏଶା ଆହୁରି ମଧ କୁହନ୍ତି ଯେ ଆପଣ ସ:ଆ:ସ ନିଜର ସାରାଜୀବନରେ କୌଣସି ପତ୍ନୀ କିମ୍ବା କୌଣସି ସେବକ ଉପରେ କେବେ ହାତ ଉଠାଇ ନାହାଁନ୍ତି । (ସମାଇଲତ୍ ତିର୍‌ମିଜି ବାବ୍ ଫି ଖୁଲ୍‌କେ ରସୁଲୁଲ୍ଲାଃ)

ହଜ୍‌ରତ୍ ଖଦିଜା ର:ଅ ଙ୍କ ଦେହାନ୍ତ ପରେ ଅନେକ ବର୍ଷ ପରେ ଆପଣ ଦ୍ୱିତୀୟ ପତ୍ନୀ ଗ୍ରହଣ କରିନଥିଲେ । ସବୁବେଳେ ହଜ୍‌ରତ୍ ଖଦିଜାଙ୍କର ପ୍ରେମ ଓ ବିଶ୍ୱସ୍ତତାର ଭାବନାକୁ ଆପଣ ସ:ଆ:ସ ମନେପକାନ୍ତି । ଆପଣ ସ:ଆ:ସ ଙ୍କର ସମସ୍ତ ସନ୍ତାନ ହଜ୍‌ରତ୍ ଖଦିଜାଙ୍କ ଗର୍ଭରୁ ଜାତ । ତେଣୁ ଆପଣ ସନ୍ତାନମାନଙ୍କର ପ୍ରଶିକ୍ଷଣ ଓ ଲାଳନପାଳନ ବହୁତ ଧ୍ୟାନ ରଖିଥିଲେ । ନାଁ କେବଳ ସେମାନଙ୍କର ଅଧିକାରକୁ ପ୍ରଦାନ କଲେ ବରଂ ହଦିଜାଙ୍କର ଅମାନତ୍ ରୂପେ ଭାବି ତାଙ୍କ ସହିତ ବହୁତ ସ୍ନେହ ପ୍ରେମ କରୁଥିଲେ । ହଜ୍‌ରତ୍ ଖଦିଜାଙ୍କ ଭଉଣୀ ହାଲା ଙ୍କର କଥା କାନରେ ପଡ଼ିବା ସଙ୍ଗେସଙ୍ଗେ ଆପଣ ସ:ଆ:ସ ଛିଡ଼ା ହୋଇ ତାଙ୍କ ସ୍ୱାଗତ କରନ୍ତି । ଏବଂ ବହୁତ ଆନନ୍ଦିତ ହୋଇ କୁହନ୍ତି-ଖଦିଜାଙ୍କର ଭଉଣୀ ହାଲା ଆସିଛନ୍ତି । ଘରେ ଯଦି କୌଣସି ଜୀବ ହଲାଲ୍ କରାଯାଏ ତେବେ ତାର ମାଂସ ଖଦିଜାଙ୍କ ସାଙ୍ଗ ସାଥିମାନଙ୍କ ଘରକୁ ପଠାଇବା ପାଇଁ ଦୃଢ଼ ନିର୍ଦ୍ଦେଶ ଦିଅନ୍ତି । ହଜ୍‌ରତ୍ ଆଏଶା କୁହନ୍ତି-ବେଳେବେଳେ ମୁଁ ବିରକ୍ତ ହୋଇ କହିଦିଏ ଯେ ହେ ଅଲ୍ଲାଃଙ୍କ ରସୁଲ୍ ଅଲ୍ଲାଃ ଆପଣଙ୍କୁ ଏଭଳି ସୁନ୍ଦର ସୁନ୍ଦର ପତ୍ନୀ ପ୍ରଦାନ କରିଛନ୍ତି । ବର୍ତମାନ ତ ସେହି ବୃଦ୍ଧୀର କଥାକୁ ଛାଡ଼ନ୍ତୁ । ଏହାର ଉତରରେ ହଜୁର୍ ସ:ଆ:ସ କହନ୍ତି- ନା ନା ଏପରି କୁହନାହିଁ । ଖଦିଜା ସେତେବେଳେ ମୋର କବଚ ହୋଇଥିଲେ, ଯେତେବେଳେ ମୁଁ ଏକା ଥିଲି । ସେ ନିଜର ସମସ୍ତ ଧନ ସମ୍ପତି ସହିତ ମୋ ପାଇଁ ଉତ୍ସର୍ଗ ହୋଇଯାଇଥିଲେ । ଅଲ୍ଲାଃ ତାଙ୍କ ଜରିଆରେ ମୋତେ ସନ୍ତାନ (ସୁଖ) ପ୍ରଦାନ କଲେ । ସେ ମୋତେ ସେତେବେଳେ ସ୍ୱୀକାର କରିଥିଲେ ଯେତେବେଳେ ଲୋକମାନେ ମୋତେ ମିଥ୍ୟାବାଦୀ ରୂପେ ବିବେଚନା କରି ପ୍ରତ୍ୟାଖ୍ୟାନ କରି ଚାଲିଯାଇଥିଲେ । (ମୁସ୍‌ଲିମ୍)

ହଜ୍‌ରତ୍ ଆଏଶା ର:ଅ କୁହନ୍ତି ଯେତେବେଳେ ମୁଁ ବିବାହ ହୋଇ ହଜୁର୍ ସ:ଆ:ସ ଙ୍କ ଘରକୁ ଆସିଲି ସେତେବେଳେ ମଧ ମୁଁ ମୋ ସାଙ୍ଗ ସାଥିଙ୍କ ସହିତ କଣ୍ଢେଇ ଖେଳ ଖେଳେ । ହଜୁରଙ୍କୁ ଘରେ ପ୍ରବେଶ କରୁଥିବାର ଦେଖିଲେ ସାଙ୍ଗ ସାଥିମାନେ ଏଣେତେଣେ ଖସିଯାଆନ୍ତି । କିନ୍ତୁ ହଜୁର୍ ସ:ଆ:ସ ସେ ସମସ୍ତଙ୍କୁ ଏକତ୍ର କରି ମୋ ନିକଟକୁ ନେଇ ଆସନ୍ତି । ଫଳତଃ ସେମାନେ ମୋ ସହିତ ମିଶି ଖେଳନ୍ତି । (ସହି ବୁଖାରୀ)

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରି କୁହନ୍ତି – ହଜୁର୍ ସ:ଆ:ସ ନିର୍ଦ୍ଦେଶ ଦେଇଛନ୍ତି ଯେଉଁ ବ୍ୟକ୍ତି ଦୁଇଟି କନ୍ୟାର ଲାଳନପାଳନ କରି ସେମାନଙ୍କୁ ବଡ଼ାଏ ସେ ମୋ ସହିତ ବୈକୁଣ୍ଠରେ ଏପରି ରହିବ ଯେମିତି ପାଖାପାଖି ସଂଲଗ୍ନିତ ହୋଇଥିବା ଆଙ୍ଗୁଳି । ଏବଂ ଏହା ହଜୁର୍ ସ:ଆ:ସ ନିଜର ଦୁଇଟି ଆଙ୍ଗୁଳିକୁ ଏକତ୍ର କରି ଦେଖାଇ କହିଲେ । (ତିର୍‌ମିଜି)

ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଏହି କୋମଳମତି ମାନଙ୍କୁ ମାରିବା ପିଟିବା ଏବଂ କୌଣସି ପ୍ରକାରର କଷ୍ଟ ନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅତଏବ ଏକଦା ଆପଣ କହିଲେ ତୁମମାନଙ୍କ ମଧ୍ୟରୁ କେହି ନିଜ ପତ୍ନୀଙ୍କୁ ଏଭଳି ନ ପିଟୁ ଯେଭଳି କ୍ରୀତଦାସମାନଙ୍କୁ ପିଟା ଯାଉଛି । ଏବଂ ତା ପରଦିନ ତାଙ୍କ ନିକଟକୁ ସହବାସ କରିବା ପାଇଁ ପହଂଚିଯାଓ । (ବୁଖାରୀ)

ହଜୁର୍ ସ:ଆ:ସ ଙ୍କର କନ୍ୟା ହଜ୍‌ରତ୍ ଫାତିମା ଯେତେବେଳେ ହଜୁରଙ୍କ ସହିତ ସାକ୍ଷାତ୍ କରିବାକୁ ଆସନ୍ତି ସେତେବେଳେ ହଜୁର୍ ଛିଡ଼ା ହୋଇ ତାଙ୍କର ସ୍ୱାଗତ କରନ୍ତି ଏବଂ ଝିଅଙ୍କ ହାତକୁ ଧରି ତାଙ୍କୁ ଚୁମ୍ବନ ଦିଅନ୍ତି ଏବଂ ନିଜ ବସିବା ସ୍ଥାନରେ ଝିଅକୁ ବସାଇଦିଅନ୍ତି । (ସୁନତେ ତିରମିଜି)

ହଜ୍‌ରତ୍ ହମ୍‌ଜା ର:ଅ ଙ୍କ କଲିଯାକୁ ଚୋବାଇଥିବା ମହିଳା ହିନ୍ଦା କୁ ମକ୍କା ବିଜୟ ହେବା ଅବସରରେ ତାକୁ ଦଣ୍ଡ ଦେବାର ପୁର୍ଣ୍ଣ ସାମର୍ଥ୍ୟ ଥିବା ସତ୍ୱେ ମଧ ହଜୁର୍ ସ:ଆ:ସ ତାକୁ କ୍ଷମା କରିଦେଲେ । ମକ୍କାରେ ରହୁଥିବା ସମୟରେ ପ୍ରତିଦିନ ଆପଣଙ୍କ ଉପରକୁ ଅଳିଆ ଫିଙ୍ଗୁଥିବା ବୃଦ୍ଧ ମହିଳାକୁ କେବଳ କ୍ଷମା ଦେଲେନାହିଁ ବରଂ ସେ ଯେତେବେଳେ ରୋଗରେ ପଡ଼ିଥିଲା ତା ପାଖକୁ ଯାଇ ତାର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ମଧ ବୁଝିଲେ । ଆଉଜଣେ ବୃଦ୍ଧ ମହିଳାଙ୍କ ଜିନିଷକୁ ମୁଣ୍ଡରେ ଉଠାଇନଇ ତାଙ୍କ ଘରେ ପହଂଚାଇଦେଲେ । ପ୍ରତିବଦଳରେ ଯେତେବେଳେ ସେ ଆପଣଙ୍କୁ ମୁହମ୍ମଦ୍‌ର ଜାଦୁରୁ ବଂଚି ରହିବା ପାଇଁ ଉପଦେଶ ଦେଲେ ସେତେବେଳେ ଆପଣ ସ:ଆ:ସ ପୁର୍ଣ୍ଣ ସହନଶୀଳତା ସହିତ ନିଜର ପରିଚୟ ଦେଲେ ଯେ ମୁଁ ହେଉଛି ସେହି ମୁହମ୍ମଦ୍ । ଏ ଉତର ଶୁଣି ତତ୍‌କ୍ଷଣାତ୍ ଉକ୍ତ ମହିଳା ଜଣକ ଆବେଗପୁର୍ଣ୍ଣତାର ସହିତ କହିଲେ ଯଦି ତୁ ସେହି ମୁହମ୍ମଦ୍ ତେବେ ତୋର ଜାଦୁ ମୋ ଉପରେ ହୋଇଗଲା । ଓ ସଙ୍ଗେସଙ୍ଗେ ସେ ବୃଦ୍ଧାଜଣକ ଆପଣ ସ:ଆ:ସ ଙ୍କ ଉପରେ ବିଶ୍ୱାସ ନେଇଆସିଲେ । ଏହିପରି ଜଣେ ୟୁହୁଦୀ ଗୁଇନ୍ଦା ମହିଳା ଯେ ମୁସଲ୍‌ମାନଙ୍କୁ କ୍ଷତି ପହଂଚାଇବାକୁ ଚାହୁଁଥିଲେ ତାକୁ ମଧ ପୁର୍ଣ୍ଣ ଦୟା ସହକାରେ କ୍ଷମା ପ୍ରଦାନ କଲେ ।

ଆମର ପ୍ରିୟ ଆକା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଯେତେବେଳେ ବେମାରରେ ପଡ଼ି ଅନ୍ତିମ ନିଃଶ୍ୱାସ ନେଉଥିଲେ ସେତେବେଳେ ହଜ୍‌ରତ୍ ଆଏଶାଙ୍କୁ କହିଲେ-ହେ ଆଏଶା ! ମୁଁ ଏପର୍ଯ୍ୟନ୍ତ ଖଏବର୍ (ଠାରେ ଦିଆଯାଇଥିବା) ବିଷକୁ ବରଦାସ୍ତ କରୁଅଛି, ଯାହାକୁ ସେଠାରେ ୟୁହୁଦୀ ମହିଳାମାନେ କପଟତାର ସହିତ ମୋତେ ଦେଇଥିଲେ । କିନ୍ତୁ ହଜୁର୍ ସ:ଆ:ସ ଙ୍କ ବ୍ୟକ୍ତିତ୍ୱକୁ ଏପରି କଷ୍ଟ ପହଂଚିବା ସତ୍ୱେ ମଧ ଆପଣ କାହାଠାରୁ ପ୍ରତିଶୋଧ ନେଇନଥିଲେ ଏବଂ ଉକ୍ତ ବିଷ ପ୍ରଦାନକାରୀ ମହିଳାଙ୍କୁ ମଧ କ୍ଷମା ଦେଇଥିଲେ । (ସହି ବୁଖାରୀ)

ନିଜ ଜୀବନର ଅନ୍ତିମ ହଜ୍ କରିବା ସମୟରେ ହଜୁର୍ ସ:ଆ:ସ ନିଜ ଅନୁଯାୟୀମାନଙ୍କୁ ଯେଉଁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଗୁଡିକ ପ୍ରଦାନ କରିଥିଲେ । ସେଥି ମଧ୍ୟରୁ ଗୋଟିଏ ଏହା ଥିଲା ଯେ ମହିଳାମାନଙ୍କ ସହିତ ଉତମ ବ୍ୟବହାର କରିବ ।

ହଜ୍‌ରତ ମୁହମ୍ମଦ୍ ସ:ଆ:ସ ଙ୍କ ଦୟାର ପ୍ରତିକ ହେବା ଦିନର ସୂର୍ଯ୍ୟ ପରି ସ୍ୱଷ୍ଟ ଅଟେ । ପ୍ରତିରକ୍ଷା ପୂର୍ବକ ଯେଉଁ ଯୁଦ୍ଧ ହୋଇଥିଲା ସେଥିରେ ମଧ ମହିଳା ଓ ପିଲାମାନଙ୍କୁ କ୍ଷତି ପହଂଚାଇବା କିମ୍ବା ହତ୍ୟା କରିବାକୁ ଦୃଢ଼ତାର ସହିତ ବାରଣ କଲେ । ମୁସଲ୍‌ମାନ୍‌ଙ୍କ ସୈନ୍ୟଙ୍କୁ କୌଣସି ସ୍ଥାନକୁ ପଠାଇବା ପୂର୍ବରୁ ଆପଣ ଏ ବିଶେଷ ନିର୍ଦ୍ଦେଶ ଦେଉଥିଲେ ଯେ ଶସ୍ୟକ୍ଷେତ୍ର, ଗଛଲତା ଇତ୍ୟାଦିକୁ ନଷ୍ଟ କରିବନାହିଁ । ଏ ପଂକ୍ତିରୁ ଆପଣଙ୍କ ଦୟାର ସୀମା ନିର୍ଦ୍ଧାରଣ କରାଯାଇପାରେ ଯେ ଛୋଟଛୋଟ ବସ୍ତୁ ବିଶେଷକୁ ମଧ ଯେପରି କ୍ଷତି ନପହଂଚେ ସେଥିପ୍ରତି ଆପଣ ଧ୍ୟାନ ଦେଉଥିଲେ ।

ହଜ୍‌ରତ୍ ନଓ୍ୱାବ୍ ମୁବାରକା ବେଗମ୍ ସାହିବା ନିଜର କବିତାରେ ହଜୁର୍ ସ:ଆ:ସ ଙ୍କର ଦୟାବନ୍ତ ହେବାର ଜ୍ୱଳନ୍ତ ଉଦାହରଣର ନକ୍‌ସା ଟାଣି ଦରୁଦ୍ ପାଠ କରିବା ନିମନ୍ତେ ଉପଦେଶ ଦେଇ ଲେଖିଛନ୍ତି:-

ୱହ୍ ରହ୍‌ମତେ ଆଲମ୍ ଆତାହୈ
ତେରା ହାମି ହୋ ଜାତା ହୈ
ତୁ ଭି ଇନ୍‌ସାଁ କେହ୍‌ଲାତି ହୈ
ସବ୍ ହକ୍ ତେରା ଦିଲ୍‌ୱାତା ହୈ
ଇନ୍ ଜୁଲ୍‌ମୋ ସେ ଛୁଡ଼୍‌ୱାତା ହୈ
ଇନ୍ ଜୁଲ୍‌ମୋ ସେ ଛୁଡ଼୍‌ୱାତା ହୈ
ଭେଜ୍ ଦରୁଦ୍ ଉସ୍ ମୋହ୍‌ସିନ୍ ପର
ତୁ ଦିଲ୍ ମେ ସୌ ସୌ ବାର୍
ପାକ୍ ମୁହମ୍ମଦ୍ ମୁସ୍ତଫା
ନବୀଓଁ କା ସରଦାର୍

ଆପଣଙ୍କର ଏହି ଦୟା ଓ ଉଦାର ଭାବ କେବଳ ନିଜ ପତ୍ନୀମାନଙ୍କ ମଧ୍ୟରେ ସୀମିତ ନଥିଲା ବରଂ ନିଜର ପୁର୍ଣ୍ଣ ସମ୍ପ୍ରଦାୟ ପାଇଁ ଥିଲା ଏବଂ ଆପଣ ନିଜ ଅନୁଗାମୀ ମାନଙ୍କୁ ମଧ୍ୟ ଏ ଆଦେଶ ଦେଲେ ଯେ ସମସ୍ତଙ୍କ ସହିତ ଉତ୍ତମ ଆଚରଣ କର। ଆପଣ ସ:ଆ:ସ କନ୍ୟାମାନଙ୍କ ଅଧିକାରର ସୁରକ୍ଷା କଲେ। ସେମାନଙ୍କ ପ୍ରଶିକ୍ଷଣ ଓ ସେମାନଙ୍କ ଖର୍ଚ୍ଚ ବହନ କରିବା ପାଇଁ ନିର୍ଦ୍ଦେଶ ଦେଲେ। ଆପଣ କେବଳ କନ୍ୟାମାନଙ୍କୁ ଜୀବିତ ରହିବାର ଅଧିକାର ପ୍ରଦାନ କଲେ ନାହିଁ ବରଂ ସେମାନଙ୍କ ଅସ୍ତିତ୍ୱକୁ ଦୟା ଓ ବିଭୁତିର ଅବତୀର୍ଣ୍ଣ ହେବାର ମାଧ୍ୟମ ଦର୍ଶାଇଲେ। ସେମାନଙ୍କ ଉତ୍ତମ ପାଳନ ପୋଷଣ ଓ ପ୍ରଶିକ୍ଷଣ କରିବା ଫଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ମହିଳାମାନଙ୍କ ଉପରେ ହଜୁର୍ ସ:ଆ:ସ ଙ୍କର ଆଉ ଏକ ବିଶେଷ ଦୟା ଏହା ଯେ ଆପଣ ନିଜ ଅନୁଯାୟୀ ମାନଙ୍କୁ ଏ ସୁସମ୍ବାଦ ଦେଲେ କି ମା' ଙ୍କ ପାଦତଳେ ବୈକୁଣ୍ଠ ଅଛି, ଅର୍ଥାତ୍ ମା' ଙ୍କ ସେବା କରିବା ବୈକୁଣ୍ଠ ପ୍ରାପ୍ତିର ମାଧ୍ୟମ ଅଟେ। ସେହିଭଳି ପତ୍ନୀମାନଙ୍କ ସହିତ ଉତ୍ତମ ଆଚରଣ କରିବାକୁ ଏପରି ଗୁରୁତ୍ୱପୁର୍ଣ୍ଣ ଦର୍ଶାଇଲେ ଯେ ତାଙ୍କ ମୁହଁରେ ଗୋଟିଏ ଖାଦ୍ୟର ଟୁକୁଡା ଦେବା ପୁଣ୍ୟ ଅର୍ଜନ କରିବାର ମାଧ୍ୟମ ବୋଲି ଦର୍ଶାଇଲେ। ଏହିଭଳି ହଜୁର୍ ସ:ଆ:ସ ମହିଳାମାନଙ୍କୁ ସର୍ବନିମ୍ନ ସ୍ତରରୁ ବାହାର କରି ସମ୍ମାନ ଓ ମର୍ଯ୍ୟାଦାର ମୁକୁଟ ପିନ୍ଧାଇଦେଲେ। ମା' ବୋହୁ, ଶାଶୁ, ପତ୍ନୀ ଆଦି ମହିଳାମାନଙ୍କ ଭିନ୍ନ ଭିନ୍ନ ରୁପର ଅଧିକାର ସେମାନଙ୍କୁ ପ୍ରଦାନ କରି ତାଙ୍କୁ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରିବାର ଆଦେଶ ଦେଲେ।

ସୁତରାଂ ଇସ୍‌ଲାମ୍ ଓ ଇସ୍‌ଲାମ୍‌ର ସଂସ୍ଥାପକ କନ୍ୟାଙ୍କୁ ତାହାର ସମସ୍ତ ଅଧିକାର ପ୍ରଦାନ କଲେ। ତାଙ୍କୁ ଶିକ୍ଷା ହାସଲ୍ କରିବାର ଅଧିକାର, ବିବାହ ପୂର୍ବରୁ ଭାବିସ୍ୱାମୀଙ୍କୁ ଦେଖି ତାଙ୍କୁ ପସନ୍ଦ କିମ୍ବା ନାପସନ୍ଦ କରିବାର ଅଧିକାର ପ୍ରଦାନ କଲେ। କନ୍ୟାର ପସନ୍ଦକୁ ପ୍ରାଥମିକତା ଦେଲେ। ମହିଳାର ଅଧିକାର କେହି ଯେମିତି ଛିନ୍ନ ନକରନ୍ତୁ ସେଥିପାଇଁ ସାଧାରଣ ବୈଠକରେ ନିକାହ୍‌ର ଖୋଲାଖୋଲି ରୂପେ ଘୋଷଣା କରିବା ପାଇଁ ଆଦେଶ ଦିଆଗଲା। ପୁଣି ତାର ଅଧିକାରର ସୁରକ୍ଷା ନିମନ୍ତେ ହକ୍ ମେହର୍‌କୁ ବାଧ୍ୟତାମୂଳକ କରିଦିଆଗଲା ଓ ମହିଳାଙ୍କର ସମସ୍ତ ଖର୍ଚ୍ଚ ବହନ କରିବା ନିମନ୍ତେ ପୁରୁଷଙ୍କର କର୍ତବ୍ୟ ବୋଲି ଦର୍ଶାଇ ଦିଆଗଲା। ସେହିପରି ମହିଳାଙ୍କ ନିଜ ରୋଜଗାର ଓ ନିଜ ଧନସମ୍ପତ୍ତି ଉପରେ କେବଳ ସେମାନଙ୍କର ଅଧିକାରକୁ ସାବ୍ୟସ୍ତ କରାଗଲା। ଅବଶ୍ୟ ମହିଳାମାନେ ସ୍ୱଇଛାରେ ଘରଖର୍ଚ୍ଚରେ ନିଜ ରୋଜଗାରକୁ ବ୍ୟୟ କରିବା ଏବଂ ସ୍ୱାଧିନତା ଅଛି। ବିଧବା ମହିଳାଙ୍କୁ ବିବାହ କରିବା ପାଇଁ ଓ ନିଜର ସ୍ୱାମୀ ଚୟନ କରିବା ପାଇଁ ଅଧିକାର ଦିଆଗଲା। କୌଣସି ପ୍ରକାର ପାରିବାରିକ କଳହକୁ କଜାରେ ଉପସ୍ଥାପନ କରିବା ପାଇଁ ଅଧିକାର ପ୍ରଦାନ କରାଗଲା। ପୁରୁଷମାନଙ୍କ ତାଙ୍କ ଉପରେ ଅଯଥା ପ୍ରତିବନ୍ଧକ ଓ ଦଣ୍ଡ ଦେବା ପରିସ୍ଥିତିରେ ଖୁଲା ନେଇ ନିଜ ସମ୍ପର୍କକୁ ତୁଟାଇବାର ଅଧିକାର ପ୍ରଦାନ କରାଗଲା। ପିତାମାତା, ସ୍ୱାମୀ ଓ ପୁତ୍ରର ସମ୍ପତିରେ ମହିଳାଙ୍କୁ ଭାଗିଦାର୍‌ହେବାର ଅଧିକାର ପ୍ରଦାନ କରାଗଲା। ଧାର୍ମିକ ମାମଲା ଓ ବୈଠକରେ ଯୋଗଦେବାର ଅଧିକାର ପ୍ରଦାନ କରାଗଲା। ସାକ୍ଷୀ ଦେବାର ଅଧିକାର ପ୍ରଦାନ ହେଲା। ମହିଳାଙ୍କୁ ଇମାମ୍ ହେବାର ଅଧିକାର ପ୍ରଦାନ କରାଗଲା। ଆବଶ୍ୟକ ସ୍ଥଳେ ପର୍ଦ୍ଦା ଆଢୁଆଳରେ (ବାହାରେ) କାର୍ଯ୍ୟ କରିବାର ଅଧିକାର ପ୍ରଦାନ କରାଗଲା। ଦେଶୀ ଓ ସାମାଜିକ ମାମଲାରେ ଦଖଲ ଦେବା ଓ ମନ୍ତବ୍ୟ ଦେବାର ଅଧିକାର ପ୍ରଦାନ କରାଗଲା। ଯୁଦ୍ଧ ସମୟରେ ସାହାଯ୍ୟ ଓ ସେବା କରିବାର ଅଧିକାର ପ୍ରଦାନ କରାଗଲା। ସବୁ ପ୍ରକାର ଉପାସନା (ନମାଜ, ରୋଜା, ଜକାତ୍ ଓ ହଜ୍ ଇତ୍ୟାଦି) ସମ୍ପାଦନ କରିବା ଓ ଆଧାତ୍ମିକତାର ସର୍ବୋଚ୍ଚ ସ୍ତରକୁ ହାସଲ କରିବା ନିମନ୍ତେ ଅଧିକାର ପ୍ରଦାନ ହେଲା।

ମିଶ୍‌କାତ୍ କିତାବୁନ୍ ନିକାହ୍ ପୁସ୍ତକରେ ଲେଖାହୋଇଛି- ଆପଣ ସ:ଆ:ସ ଙ୍କ ଉତ୍ତମ ବ୍ୟବହାର ଓ ମହିଳାମାନଙ୍କୁ ସେମାନଙ୍କର ସବୁ ଅଧିକାରକୁ ପ୍ରଦାନ କରିବା ତଥା ନିରପେକ୍ଷ ଭାବରେ ନ୍ୟାୟ ଆଚରଣ କରିବା ଯୋଗୁ ସାହାବା ମାନଙ୍କ ମଧ୍ୟରେ ଏପରି ଭାବନା ଉତ୍ପନ୍ନ ହେଲା ଯେ ଯେପରି ହଜୁର୍ ସ:ଆ:ସ ମହିଳାମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧିନତା ପ୍ରଦାନ କରିଦେଇଛନ୍ତି, ଯେପରି ସେମାନେ ଯାହା ଚାହିଁବେ ତାଙ୍କ ମନ ମୁତାବକ ଅଧିକାରରେ ଦାବି କରିବେ। ସୁତରାଂ ମହିଳାମାନେ ବିନା ପ୍ରତିବନ୍ଧକରେ ସେମାନଙ୍କ ସ୍ୱାମୀଙ୍କ ଖିଲାଫ୍‌ରେ ହଜୁର୍ ସ:ଆ:ସ ଙ୍କ ନିକଟରେ ନିଜର ଅଭିଯୋଗକୁ ଉପସ୍ଥାପନ କରିଦେଉଥିଲେ। ଏହା ସତ୍ୱେ ମଧ୍ୟ ଇସ୍‌ଲାମ୍‌ର ସଂସ୍ଥାପକ ଓ ଇସ୍‌ଲାମ୍ ଉପରେ ଅଙ୍ଗୁଳି ଉଠାଉଥିବା ଲୋକେ କୁହନ୍ତି ଇସ୍‌ଲାମ୍ ମହିଳାମାନଙ୍କ ଅଧିକାରକୁ ଛିନ୍ନ କରିଛି। ଓ ଆଜି କାଲି ସେମାନେ କିଛି ସନ୍ତ୍ରାସବାଦ ସଂସ୍ଥାର ଆଢୁଆଳରେ ବିଭିନ୍ନ ଦେଶରେ "ସମାନତା" ନାମରେ ଇସ୍‌ଲାମୀୟ ପରଦାକୁ ଉଚ୍ଛେଦ କରିବା ପାଇଁ ତର୍କ କରୁଛନ୍ତି। କେତେକ ଦେଶ ଏହି କାର୍ଯ୍ୟରେ ତତ୍ପର ଏବଂ କେତେକ ଦେଶ ନିଜର ପ୍ରସସ୍ତ ହୃଦୟର ପରିଚୟ ଦେବାକୁ ଯାଇ ଏଭଳି ନିୟମକୁ ଅନୁମତି ପ୍ରଦାନ କରିଦେଲେଣି ଯେ କୌଣସି ମୁସଲ୍‌ମାନ୍ ନାରୀ ଦେଶୀୟ କାନୁନ୍ ମୁତାବକ ଏବେ ଇସ୍‌ଲାମୀୟ ପର୍ଦ୍ଦା କରିପାରିବେ ନାହିଁ। ଏହାର କାରଣ କେବଳ ଏତିକି ଯେପରି ସେମାନେ ନିଜ ଘରର ମହିଳାମାନଙ୍କୁ ବଜାରର ସୌନ୍ଦର୍ଯ୍ୟ ରୂପେ ଉପସ୍ଥାପନ କରିଦେଇଛନ୍ତି, ମୁସଲ୍‌ମାନ୍ ମହିଳାମାନଙ୍କୁ ମଧ୍ୟ ସେହି ସବୁ ପାପର ଭାଗିଦାରୀ କରିବାକୁ ଚାହୁଁଛନ୍ତି। ଯଦ୍ଦ୍ୱାରା ମୁସଲ୍‌ମାନ୍ ମହିଳାମାନଙ୍କୁ ଉତ୍ତମ ସ୍ୱଭାବ, ସମ୍ମାନ ଓ ଉଚ୍ଚ ସ୍ତର ସହିତ ସେମାନେ ଅବଗତ ନହୁଅନ୍ତୁ। ବାସ୍ତବରେ ସତ୍ୟ ଏହା ଅଟେ ଯେ ଇସ୍‌ଲାମ୍ ହିଁ ଏକମାତ୍ର ଧର୍ମ ଯିଏ ମହିଳାମାନଙ୍କୁ ସେମାନଙ୍କର ଦକ୍ଷତା ଓ ସ୍ୱଭାବ ମୁତାବକ ସମସ୍ତ ଅଧିକାର ପ୍ରଦାନ କରିଛି। ପର୍ଦ୍ଦା କରିବା ନାରୀର ଅଧିକାର ଏବଂ ଆଜି ତାକୁ ଏହି ଅଧିକାରରୁ ବଂଚିତ କରିବାର ବିଶ୍ୱସ୍ତରୀୟ ଷଡଯନ୍ତ୍ର ହେଉଅଛି। ସୁତରାଂ ଆମର ଉପସ୍ଥିତ ଇମାମ୍ ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅ ଯମାତ୍‌ର ସଦସ୍ୟମାନଙ୍କୁ ବିଭିନ୍ନ ଉପଦେଶ ଦେଉଛନ୍ତି ଏବଂ ନିଜର ଦୂର ଦୃଷ୍ଟି ସମ୍ପନ୍ନ ବକ୍ତବ୍ୟ ଓ ଖୁତ୍‌ବା ମାଧ୍ୟମରେ ଅହେମଦୀ ମହିଳା କନ୍ୟାମାନଙ୍କୁ କୌଣସି ଦୁର୍ବଳ ମନୋଭାବ ପୋଷଣ ନକରି ଇସ୍‌ଲାମୀୟ ନିର୍ଦ୍ଦେଶଗୁଡ଼ିକୁ ପାଳନ କରି ଶିକ୍ଷା ହାସଲ କରିବା, ଘରକାର୍ଯ୍ୟ ଓ ବିଭିନ୍ନ ସେବା କାର୍ଯ୍ୟ ସମ୍ପାଦନ କରିବାର ଉପଦେଶ ଦେଉଛନ୍ତି।

### ପିଲାମାନଙ୍କ ପାଇଁ ଦୟାର ଉତ୍ସ

ଶୈଶବ ଅବସ୍ଥା ଏକ ଅଜ୍ଞାନତା ଓ ନିଶ୍ଚିତତାର ଅବସ୍ଥା ଅଟେ। ଏହି ଅବସ୍ଥାରେ ଶିଶୁମାନେ ଗୁରୁଜନଙ୍କ ଦୟା ଓ କୃପା ଲୋଡ଼ିଥାନ୍ତି। ପିଲାମାନେ ସେମାନଙ୍କୁ ନିଜର ମୋହସିନ୍(ଶୁଭାକାଂକ୍ଷୀ) ବୋଲି ମନେ କରିଥାନ୍ତି ଯେଉଁମାନେ ପିଲାମାନଙ୍କୁ ନିଜ ନିକଟରେ ରଖିଥାନ୍ତି। ପ୍ରଶିକ୍ଷଣର ଯେଉଁ ସୁନ୍ଦର ଅବସର ନିକଟବର୍ତୀ ଓ ବାସ୍ଲ୍ୟତା ଦ୍ୱାରା ସମ୍ଭବ ହୋଇଥାଏ ଡାଂଟିବା ଓ ପାଟିତୁଣ୍ଡ କରିବାରେ ତାର କଳନା ମଧ୍ୟ କରାଯାଇନଥାଏ। ସେଥିପାଇଁ ହଜୁର୍ ସ:ଆ:ସ ନିଜର ସାରାଜୀବନ ସୁନ୍ଦର ବ୍ୟବହାର ଓ ପିଲାମାନଙ୍କୁ ନିଜ ନିକଟରେ ରଖୁଥିଲେ। ଏପରିକି ସେମାନଙ୍କ ଖେଳକୁଦର ମଧ୍ୟ ଧ୍ୟାନ ରଖୁଥିଲେ। ସୁତରାଂ ନିଜ ପୁଅ ଝିଅ ଓ ନାତିଙ୍କ ବ୍ୟତୀତ ଅନ୍ୟ ପିଲାମାନଙ୍କ ନିମନ୍ତେ ଆପଣ ସମ୍ପୂର୍ଣ୍ଣ ଭଲଭାଇବାର ପ୍ରକାଶ କରୁଥିଲେ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃବିନ୍ ଶଦାଦ୍ ର:ଅ ନିଜ ପିତାଙ୍କ ନକଲ କରି କୁହନ୍ତି- ହଜୁର୍ ସ:ଆ:ସ ନମାଜ ପାଠ କରିବାକୁ ସାଥିରେ ହଜ୍‌ରତ୍ ହସନ୍ ଓ ହୁସେନ୍ ର:ଅ ଙ୍କୁ ନେଇ ଆସିଲେ ଏବଂ ନମାଜ ପାଠ କରାଇଲେ ଓ ମଧ୍ୟବର୍ତୀ ନମାଜରେ ଦୀର୍ଘ ସମୟ ସଜ୍‌ଦା କଲେ। ହଜ୍‌ରତ୍ ସଦାଦ୍ କୁହନ୍ତି-ମୁଁ ମୁଣ୍ଡ ଉଠାଇଲି। ସେତେବେଳେ ଦେଖିଲି ଯେ ହଜୁର୍‌ଙ୍କ ନାତୀ ହଜୁର୍‌ଙ୍କ ପିଠିରେ ବସିଛି ଓ ହଜୁର ସଜ୍‌ଦାରେ ଅଛନ୍ତି। ସୁତରାଂ ମୁଁ ପୁଣି ସଜ୍‌ଦା କଲି। ଯେତେବେଳେ ନମାଜ ସମାପ୍ତ ହେଲା ସାହାବାମାନେ ପଚାରିଲେ ହଜୁର୍! ଆପଣ ଆଜି ଲମ୍ବା ସଜ୍‌ଦା କଲେ। ଆମେ ଭାବିଲୁ ସମ୍ଭବତଃ କୌଣସି ସମସ୍ୟା ଆସିଛି ବା ଆପଣଙ୍କ ଉପରେ ୱହି ଅବତୀର୍ଣ୍ଣ ହେଉଅଛି। ହଜୁର୍ ସ:ଆ:ସ କହିଲେ-ଏହି ଦୁଇଟି ଯାକ କଥା ଠିକ୍ ନୁହେଁ ବରଂ ମୋ ପୁତ୍ର ମୋ ପିଠି ଉପରେ ବସିପଡ଼ିଥିଲା। ତେଣୁ ମୁଁ ଉଚିତ୍ ମଣିଲି

ନାହିଁ ଯେ ତାର ଆବଶ୍ୟକତା ପୁରଣ ହେବା ପୂର୍ବରୁ (ଅର୍ଥାତ୍ ତା ମନବୋଧ ହେବା ପୂର୍ବରୁ) ମୁଁ ସଜ୍‌ଦାରୁ ଉଠିପଡ଼େ। (ମସ୍‌ନଦ୍ ଅହେମଦ୍, ହଦିସ୍ ନଂ-୧୬୦୩୩)

ଆପଣ ସ:ଆ:ସ ଙ୍କର ପୁତ୍ର ହଜ୍‌ରତ୍ ଇବ୍ରାହିମ୍‌ଙ୍କର ଯେତେବେଳେ ଦେହାନ୍ତ ହେଲା ସେତେବେଳେ ଆପଣ ଅତ୍ୟନ୍ତ ଦୁଃଖିତ ଥିଲେ। ଆଖିରୁ ଲୁହ ବହୁଥାଏ। ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ହଜୁର୍! ଆପଣ ମଧ୍ୟ କାନ୍ଦି ପାରନ୍ତି? ହଜୁର୍ ଉତର ଦେଲେ-ହେ ଇବ୍‌ନେ ଅଓ୍ୱଫା ଏହା ରହ୍‌ମତ୍ (କରୁଣା) ଅଟେ। ନିସନ୍ଦେହ ଲୁହ ଝରୁଛି ଓ ହୃଦୟ ଦୁଃଖରେ ମର୍ମାହତ। କିନ୍ତୁ ଏଭଳି ଅବସ୍ଥାରେ ମଧ୍ୟ ମୁଁ ଏହା କହିବି ଯେ ଯେଉଁଥିରେ ଅଲ୍ଲାଃତାଲା ରାଜି ରହିଥାନ୍ତି। ପୁଣି ଆପଣ ସ:ଆ:ସ କହୁଛନ୍ତି-ହେ ଇବ୍ରାହିମ୍! ତୁମ ଚାଲିଯିବା ଦ୍ୱାରା ଆମେ ଦୁଃଖିତ। (ବୁଖାରି) ଏପରି ଅବସ୍ଥାକୁ ଦେଖି ହଜ୍‌ରତ୍ ଅନସ୍ ର:ଅ କୁହନ୍ତି ମୁଁ ଆପଣଙ୍କଠାରୁ ବଳି ନିଜ ପରିବାର ପ୍ରତି ଦେଖାଉଥିବା ଅଧିକା ଦୟାବାନ୍ ଅନ୍ୟ କାହାରିକୁ ଦେଖିନାହିଁ। (ମୁସ୍‌ଲିମ୍, ହଦିସ୍ ନଂ-୨୩୧୬)

ଏକଦା ହଜୁର୍ ସ:ଆ:ସ ଜଣେ ୟହୁଦି ପିଲାର ସ୍ୱାସ୍ଥ୍ୟ (ଅବସ୍ଥାର) ଖବର ନେବାକୁ ଚାଲିଗଲେ। ତାହାର ଅନ୍ତିମ ସମୟ ଦେଖି ଦୟାର ପ୍ରତିମୂର୍ତି ତାହାକୁ କଲମା ପାଠ କରିବାକୁ କହିଲେ। ସେ ନିଜ ପିତାଆଡ଼କୁ ଚାହିଁଲା ଏବଂ ପିତାଙ୍କ ଅନୁମତି କ୍ରମେ ସେ କେଲମା ପାଠ କରିନେଲା। ହଜୁର୍ ତାହାକୁ ନର୍କର ଶାସ୍ତିରୁ ରକ୍ଷା ପାଇଯିବାର ସୁସମ୍ବାଦ ଦେଇ କହିଲେ- ଅଲହମ୍‌ଦୋଲିଲ୍ଲାଃ ହିଲ୍‌ଲଜି ଅନ୍‌କଜାହୁ ମିନ୍‌ନାର୍ (ବୁଖାରୀ) ଏଭଳି ଇହ ଓ ପରକାଳର ଦୟାର ସାଗର ତାହା ପାଇଁ କ୍ଷମା ପ୍ରାର୍ଥନା କରିବାର ସୌଭାଗ୍ୟ ପ୍ରଦାନ କଲେ।

ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ବାହାର ଘରେ ପ୍ରବେଶ କରିବାର ଦେଖିଲେ। ପିଲାମାନେ ଆଗକୁ ବଢ଼ନ୍ତି ଏବଂ ହଜୁର୍ ସେମାନଙ୍କୁ ନିଜ ସାମନା ଓ ପଛରେ ବସାଇଦିଅନ୍ତି। ଏକଦା ଜଣେ ଗାଉଁଲି ବ୍ୟକ୍ତି ହଜୁର୍ ସ:ଆ:ସଙ୍କ ନିକଟକୁ ଆସିଲା। ସେ ଦେଖିଲା ହଜୁର୍ ପିଲାମାନଙ୍କୁ ପ୍ରେମ କରୁଛନ୍ତି। ସେ କହିଲା ହଜୁର୍ ମୋର ଅନେକ ପିଲା ଅଛନ୍ତି କିନ୍ତୁ ମୁଁ କାହାରିକୁ ଏପରି ପ୍ରେମ କରୁନାହିଁ, ହଜୁର୍ ଉତର ଦେଲେ ଯଦି ଅଲ୍ଲାଃ ତୁମ ହୃଦୟରୁ ମୋହ, ମାୟା ଉଠାଇ ନେଇଛନ୍ତି ତେବେ ମୁଁ କଣ କରିପାରେ। ହଜୁର୍ ସ:ଆ:ସ ଆହୁରି କହିଲେ ଯେ ଲୋକମାନଙ୍କ ଉପରେ ଦୟା କରିନଥାଏ ଅଲ୍ଲାଃତାଲା ମଧ୍ୟ ତାହା ଉପରେ ଦୟା କରିନଥାନ୍ତି। (ଅବ୍‌ଦୁଲ୍ ମୁଫରଦ୍ ବୁଖାରୀ...)

ହଜୁର୍ ସ:ଆ:ସ ପିଲାମାନଙ୍କୁ ବହୁତ ସ୍ନେହ ଓ ପ୍ରେମ କରନ୍ତି ଏବଂ ସେମାନଙ୍କ ସହ ଅତ୍ୟନ୍ତ ନମ୍ର ଆଚରଣ କରନ୍ତି। ପିଲାମାନଙ୍କ ନିକଟରେ ଅତିକ୍ରମ କଲେ ସର୍ବଦା ସେମାନଙ୍କୁ ସଲାମ କରନ୍ତି। ହଜ୍‌ରତ୍ ଅନସ ର:ଅ ବର୍ଣ୍ଣନା କରନ୍ତି- ଏକଦା କିଛି ପିଲା ଖେଳୁଥିଲେ। ହଜୁର୍ ସେମାନଙ୍କ ପାଖ ଦେଇ ଗଲେ। ସେତେବେଳେ ହଜୁର ସେମାନଙ୍କୁ ପ୍ରଥମେ ସଲାମ୍ କହିଲେ। (ସୁନନ୍ ଅବି ଦାଉଦ୍...)

ହଜ୍‌ରତ୍ ଅନସ୍ କୁହନ୍ତି-ଉତମ ଆଚରଣ ପ୍ରଦର୍ଶନ କରିବାରେ ହଜୁର୍ ସ:ଆ:ସ ସମସ୍ତ ଲୋକମାନଙ୍କ ମଧ୍ୟରେ ଶ୍ରେଷ୍ଠ ପୁରୁଷ ଥିଲେ। ଏକଦା କୌଣସି କାମ ନିମନ୍ତେ ଯିବାକୁ ହଜୁର୍ ସ:ଆ:ସ ମୋତେ କହିଲେ କିନ୍ତୁ ମୁଁ ସ୍ୱଷ୍ଟ ରୂପେ କହିଦେଲି କି ହଜୁର୍! ଅଲ୍ଲାଃଙ୍କ ଶପଥ କରି କହୁଛି ମୁଁ ସେଠାକୁ ଯିବି ନାହିଁ। ଯଦିଚ ମୋ ମନରେ ଥିଲା କି ମୁଁ ତାହା କରିପାରିବି। ସେ କୁହନ୍ତି ତାପରେ ମୁଁ ଘରୁ ବାହାରକୁ ଆସିଲି (ଏବଂ ହଜୁରଙ୍କ କାମ କରିବାକୁ ଚାଲିଗଲି) ବଜାରରେ ମୁଁ କିଛି ପିଲାମାନଙ୍କ ପାଖ ଦେଇ ଗଲି ଯେଉଁମାନେ ଖେଳୁଥିଲେ। (ମୁଁ ମଧ୍ୟ ସେମାନଙ୍କ ସହିତ ଖେଳିବା ଆରମ୍ଭ କରିଦେଲି) ହଠାତ୍ ହଜୁର୍ ସ:ଆ:ସ ସେଠାରେ ଆସି ପହଂଚିଲେ ଏବଂ ପଛରୁ ମୋ ବେକକୁ ଧରିପକାଇଲେ। ମୁଁ ପଛକୁ ବୁଲି ଦେଖିଲି ହଜୁର୍ ସ:ଆ:ସ ହସୁଛନ୍ତି। ହଜୁର୍ ନମ୍ରତାର ସହିତ କହିଲେ ଅନସ୍ ଯେଉଁସ୍ଥାନକୁ ପଠାଇଥିଲି ଚାଲି ଗଲନି। ମୁଁ ଉତର ଦେଲି ହଁ ହଜୁର୍ ଯାଉଛି। (ସୁନନ୍ ଅବୁ ଦାଉଦ)

ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ପିଲାମାନଙ୍କ ସହିତ ଅତ୍ୟନ୍ତ ଖୋଲାଖୋଲି ଭାବରେ ମିଶିଯାଆନ୍ତି। ପିଲାମାନଙ୍କୁ ବହୁତ ପ୍ରେମ ଓ ସେମାନଙ୍କ ପ୍ରତି ଧ୍ୟାନ ଦିଅନ୍ତି। ସେମାନଙ୍କ ସହିତ ବିନା ସଙ୍କୋଚରେ ଧଙ୍ଗା ମଜା ଓ ଇଙ୍ଗିତ କରନ୍ତି ଓ ସେମାନଙ୍କ ମନ ଖୁସି କରାନ୍ତି।

ଅତଃ ହଜ୍‌ରତ୍ ଜାବିର୍ ବିନ୍ ସମରାଃ କୁହନ୍ତି-ମୁଁ ହଜୁର୍ ସ:ଆ:ସ ଙ୍କ ସହିତ ଫଜର୍ ନମାଜ ପାଠ କଲି। ତାପରେ ହଜୁର୍ ନିଜ ଘରକୁ ଗଲେ। ମୁଁ ମଧ୍ୟ ହଜୁର୍‌ଙ୍କ ପଛରେ ଚାଲିପଡ଼ିଲି। ସେଠାରେ ପହଂଚିଲା ବେଳକୁ ପିଲାମାନେ ଆପଣଙ୍କ ସ୍ୱାଗତ ନିମନ୍ତେ ଛିଡ଼ା ହୋଇଥିଲେ। ହଜୁର୍ ସେମାନଙ୍କ ନିକଟରେ ରହିଗଲେ। ଗୋଟିଗୋଟି କରି ସମସ୍ତ ପିଲାମାନଙ୍କ ଗାଲ ଆଉଁସି ଗେଲ କଲେ। ସେ କୁହନ୍ତି ମୁଁ ହଜୁର୍‌ଙ୍କ ସହିତ ଆସିଥିଲି। ହଜୁର୍ ମୋତେ ମଧ୍ୟ ସେହିପରି ଗେଲ କଲେ। ସେତେବେଳେ ମୋତେ ଏପରି (ଶିତଳତା ଓ ସୁଗନ୍ଧ) ଅନୁଭବ ହେଲା ଯେମିତି ହଜୁର୍ ତାଙ୍କୁ କୌଣସି ଅତର ମୁଣିରୁ କାଢ଼ି ଆଣିଲେ। (ସହି ମୁସ୍‌ଲିମ୍)

ହଜ୍‌ରତ୍ ଅବୁ କତାଦାଃ ବର୍ଣ୍ଣନା କରନ୍ତି କି ଏକଦା ଆମେ ନମାଜ ଜୋହର୍ ଓ ଅସର ପାଠ କରିବା ନିମନ୍ତେ ମସ୍‌ଜିଦ୍‌ରେ ହଜୁରଙ୍କ ପ୍ରତିକ୍ଷାରେ ଥିଲୁ। ହଜ୍‌ରତ୍ ବେଲାଲ୍ ହଜୁର୍ ସ:ଆ:ସ ଙ୍କୁ ନମାଜ ପାଠ କରିବାର ଖବର ଦେଇ ସାରିଥିଲେ କିନ୍ତୁ ବିଳମ୍ବ ହେଉଥିଲା ଏବଂ ଆମେ ଅପେକ୍ଷାରେ ବସିଥିଲୁ ଯେ ହଜୁରଙ୍କର ଆଗମନ ହେଲା ଏବଂ ହଜୁର୍ ଜଏନବ୍‌ଙ୍କ ଛୁଆ ଆମାମାଃଙ୍କୁ ନିଜ କାନ୍ଧରେ ଉଠାଇ ଥିଲେ। ସେହିପରି ଅବସ୍ଥାରେ ହିଁ ହଜୁର୍ ନିଜ ନମାଜ ପଢ଼ିବା ସ୍ଥାନରେ ଛିଡ଼ା ହୋଇଗଲେ। ଆମେ ମଧ୍ୟ ହଜୁର୍ ସ:ଆ:ସଙ୍କ ପଛରେ ଛିଡ଼ା ହୋଇଗଲୁ। ସେତେବେଳେ ମଧ୍ୟ ଆମାମାଃ ହଜୁର୍‌ଙ୍କ କାନ୍ଧରେ ବସିଥିଲେ। ତା ପରେ ହଜୁର ତକ୍‌ବିର୍ କହିଲେ ଆମେ ମଧ୍ୟ ତକ୍‌ବିର୍ କହିଲୁ। ହଜୁର୍ ତାଙ୍କୁ କାନ୍ଧରେ ବସାଇ ରଖି କୟାମ୍ କଲେ। ଏବଂ ରୁକୁକୁ ଯିବା ପୂର୍ବରୁ ତାଙ୍କୁ କାନ୍ଧରୁ ଓହ୍ଲାଇ ତଳେ ବସାଇଦେଲେ। ରୁକୁ ଓ ସଜ୍‌ଦା କଲେ। ଯେତେବେଳେ ସଜ୍‌ଦାରୁ ଉଠି କୟାମ୍ କଲେ ପୁନର୍ବାର ଅମାମାଃଙ୍କୁ ଉଠାଇ କାନ୍ଧରେ ବସାଇଦେଲେ। ହଜୁର୍ ସମ୍ପୂର୍ଣ୍ଣ ନମାଜକୁ ଏହିପରି ପାଠ କଲେ। ଏପରିକି ନମାଜ ସମାପ୍ତ ହୋଇଗଲା। (ସୁନନ୍ ଅବୁ ଦାଉଦ)

ହଜ୍‌ରତ୍ ସୋହେଲ୍‌ବିନ୍ ସାଦ୍ ର:ଅ କହନ୍ତି- ଥରେ ହଜୁର୍ ସ:ଆ:ସ ଙ୍କ ବୈଠକରେ କିଛି ପାନୀୟ ପଦାର୍ଥ କେଉଁଆଡୁ (ଉପହାର ସଦୃଶ) ଆସିଲା। ହଜୁର୍ ତାକୁ ପାନ କଲେ। ତାପରେ ହଜୁର୍ ଦେଖିଲେ ଆପଣଙ୍କ ଡାହାଣ ପଟେ ଗୋଟିଏ ପିଲା ବସିଛି ଓ ବାମ ପାଖରେ ଜଣେ ସାହାବୀ ବସିଛନ୍ତି। ଆପଣ ଉକ୍ତ ପିଲାକୁ ଅନୁମତି ମାଗିଲେ ଯେ ଯଦି ତୁମେ ଅନୁମତି ଦେବ ତେବେ ଏହି ପାନୀୟକୁ ମୁଁ (ବଡ଼) ସାହାବୀଙ୍କ ପ୍ରଦାନ କରନ୍ତି। ସେ କହିଲା କଦାପି ନୁହେଁ। ଅଲ୍ଲାଃଙ୍କ ରାଣ (ମୁଁ ଆପଣଙ୍କ ପବିତ୍ର ଅବଶିଷ୍ଟାଂଶ) ନିଜ ଅଧିକାର ଉପରେ କାହାରିକୁ ପ୍ରାଧାନ୍ୟ ଦେବିନାହିଁ। ଏକଥା ଶୁଣିବା ମାତେ ହଜୁର୍ ସ:ଆ:ସ ଉକ୍ତ ପାତ୍ରଟିକୁ ତା ହାତକୁ ବଢ଼ାଇଦେଲେ। (ବୁଖାରୀ-୨୩୬୬)

ଏହି ହଦିସ୍‌ରେ ଏହା ଦର୍ଶାଯାଇଛି କି ଆପଣ ପିଲାମାନଙ୍କୁ ଅଧିକାର ପ୍ରଦାନ କରିବାରେ କିଭଳି ଯତ୍ନବାନ୍ ଥିଲେ ଏବଂ ଆମମାନଙ୍କ ପାଇଁ ଏହା ଏକ ସ୍ୱଷ୍ଟ ବାର୍ତା ଅଟେ ଯେ ଆମେ ପିଲାମାନଙ୍କ ଅଧିକାର ସମ୍ପର୍କରେ ଅବଗତ ହୋଇ ଏହାକୁ ସମ୍ପାଦନ କରିବା ଉଚିତ୍।

ହଜ୍‌ରତ୍ ଓସାମା ର:ଅ କହନ୍ତି- ହଜୁର୍ ସ:ଆ:ସ ଙ୍କ ସୁପୁତ୍ରୀ ହଜ୍‌ରତ୍ ଜଏନବ୍ ର:ଅ ହଜୁର୍ ସ:ଆ:ସ ଙ୍କ ନିକଟକୁ ଖବର ପଠାଇଲେ ଯେ ମୋ ପୁଅ ଅନ୍ତିମ ନିଃଶ୍ୱାସ ନେଉଅଛି। ତେଣୁ ଆପଣ ଆସନ୍ତୁ। ହଜୁର୍ ସ:ଆ:ସ ତାଙ୍କ ନିକଟକୁ ସଲାମ୍ ପ୍ରେରଣ କରି କହିଲେ- ଅଲ୍ଲାଃ ଆମକୁ ଯାହା ଦେଇଥାନ୍ତି ଅବା ଆମଠାରୁ ଫେରାଇ ନେଇଥାନ୍ତି ସବୁକିଛି ତାଙ୍କରି ଅଟେ। ପ୍ରତ୍ୟେକ ଜିନିଷ ଅଲ୍ଲାଃଙ୍କ ନିକଟରେ ଏକ ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ରହିଥାଏ। ପୁଣ୍ୟ ଅର୍ଜନ କରିବା ନିମନ୍ତେ ଧୈର୍ଯ୍ୟ ରଖ। (ମୋତେ ଅନୁଭବ ହେଲା ହଜୁର୍‌ଙ୍କର ମନା କରିବାର କାରଣ ହଜୁର୍ ପିଲାକୁ କଷ୍ଟପାଇବାର ଦେଖିପାରିନଥାନ୍ତେ)। ସୁତରାଂ ଜଏନବ୍‌ର ପୁନର୍ବାର ଆସିବା ପାଇଁ ଖବର ପଠାଇଲେ ଏବଂ ଆସିବା ପାଇଁ ରାଣ ଦେଲେ। ସେତେବେଳେ ହଜୁର୍ ସ:ଆ:ସ ବୈଠକରୁ ଉଠି ଛିଡ଼ା ହୋଇଗଲେ। ହଜୁର୍‌ଙ୍କ ସହିତ ସାଦ୍‌ବିନ୍ ଉବାଦା, ମାଜ୍‌ବିନ୍ ଜବଲ, ଜଏଦ୍‌ବିନ୍ ସାବିତ୍ ଆଦି ଉଠିଲେ। ହଜୁର୍ ଯେତେବେଳେ ଜଏନବ୍‌ଙ୍କ ଘରେ ପହଂଚିଲେ ଉକ୍ତ ଛୁଆକୁ ଆପଣଙ୍କ କୋଳରେ ଦିଆଗଲା। ତାର

ନିଃଶ୍ୱାସ ପ୍ରଶ୍ୱାସ ଚାଲୁନଥିଲା । ନାକରୁ ଏଭଳି ସ୍ୱର ବାହାରୁଥିଲା ଯେପରି ପାଣି ମାଠିଆରୁ ଜଳ ବାହାରିବା ଶବ୍ଦ ଉତ୍ପନ୍ନ ହୁଏ । ହଜୁର୍ କୋଳରେ ଛୁଆକୁ ଧରି ଏପରି ଦେଖିଲେ ଯେ ଆପଣଙ୍କ ଆଖିରୁ ଅଶ୍ରୁ ନିର୍ଗତ ହୋଇଗଲା । ସାଦ୍ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଏ ସବୁ କଣ, ଆପଣ କାହିଁକି କାନ୍ଦୁଛନ୍ତି ? ହଜୁର୍ ଉତର ଦେଲେ ଏ ସବୁ ହେଉଛି ଦୟା ଭାବନା ଯାହାକୁ ଅଲ୍ଲାଃ ନିଜ ଭକ୍ତମାନଙ୍କୁ ହୃଦୟରେ ରଖିଛନ୍ତି । ଅଲ୍ଲାଃ ନିଜ ଭକ୍ତମାନଙ୍କ ମଧ୍ୟରୁ ସେହିମାନଙ୍କୁ ଦୟା କରିଥାନ୍ତି ଯେ ଅନ୍ୟ ସହ ଦୟା ଆଚରଣ କରିଥାଏ । (ସହି ବୁଖାରୀ)

ହଜୁର୍ ସ:ଆ:ସ ଙ୍କର ପାଳିତ ପୁତ୍ର ଜଏଦ୍ ର:ଅ ଥିଲେ । ଯାହାଙ୍କର ଚର୍ଚ୍ଚା ପବିତ୍ର କୋରାନ୍‌ରେ ମଧ୍ୟ ରହିଛି । ସେ ଜଣେ କ୍ରୀତଦାସ ଥିଲେ । ଆରବରେ କ୍ରୀତଦାସଙ୍କର କୌଣସି ମର୍ଯ୍ୟାଦା ନଥିଲା । ସେମାନେ ଅତ୍ୟନ୍ତ ଅତ୍ୟାଚାରି ଓ ପ୍ରତାରିତ ଗୋଷ୍ଠୀ ଥିଲେ । ମାଲିକ ଯେପରି ଇଚ୍ଛା କରନ୍ତି ସେମାନଙ୍କ ସହିତ ଆଚରଣ କରନ୍ତି । ସେମାନଙ୍କର ଅବସ୍ଥା ଗାଇ ଗୋରୁଙ୍କ ଠାରୁ ମଧ୍ୟ ହୀନ ଥିଲା । କିନ୍ତୁ ହଜୁର୍ ସ:ଆ:ସ କେବଳ ଜଏଦ୍ କୁ ଅତ୍ୟଧିକ ପ୍ରେମ କରୁନଥିଲେ ବରଂ ତାଙ୍କ ପୁତ୍ର ଉସାମାକୁ ମଧ୍ୟ ବହୁତ ପ୍ରେମ କରୁଥିଲେ । ନିଜ ସନ୍ତାନମାନଙ୍କ ପରି ରଖୁଥିଲେ । ବେଳେବେଳେ ଆପଣ ସ:ଆ:ସ ଉସାମାଙ୍କର ନାକ ସଫା କରିଦିଅନ୍ତି । ହଜୁର୍ ସ:ଆ:ସ ନିଜ ନାତୀ ହଜ୍‌ରତ୍ ହୁସେନ୍‌ଙ୍କୁ ଗୋଟିଏ ଜଙ୍ଗରେ ଓ ହଜ୍‌ରତ୍ ଉସାମାଙ୍କୁ ଅନ୍ୟ ଜଙ୍ଗରେ ବସାଇ ଉଭୟଙ୍କୁ ଛାତିରେ ଜାବୁଡ଼ି ଧରି କୁହନ୍ତି- ହେ ଅଲ୍ଲାଃ ! ମୁଁ ଏମାନଙ୍କୁ ପ୍ରେମ କରୁଛି । ତୁମେ ମଧ୍ୟ ଏମାନଙ୍କୁ ପ୍ରେମ କର । (ସୁନନ୍ ତିରିମିଜି)

ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ବର୍ଣ୍ଣନା କରି କୁହନ୍ତି- ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଲେ-ଅକରିମୁ ଅଓଲାଦକୁମ୍ ଓ୍ୱ ଅହସିନୁ ଅଦବହୁମ୍ । ଅର୍ଥାତ୍ ନିଜ ସନ୍ତାନମାନଙ୍କୁ ସମ୍ମାନ ଦିନ ଓ ସେମାନଙ୍କ ସହିତ ଉତମ ବ୍ୟବହାର କର ଓ ସେମାନଙ୍କୁ ଶିଷ୍ଟାଚାରର ଶିକ୍ଷା ଦିଅ । (ସୁନନେ ଇବ୍‌ନେ ମାଜା)

ହଜୁର୍ ସ:ଆ:ସ ଯୁଦ୍ଧ ସମୟରେ ପିଲାମାନଙ୍କୁ କୌଣସି ପ୍ରକାର କ୍ଷତି ପହଂଚାଇବା ଓ ହତ୍ୟା କରିବାକୁ ବାରଣ କରିଛନ୍ତି ।

## ଗୁଲାମ୍ (କ୍ରୀତଦାସ) ମାନଙ୍କର ମୁକ୍ତିଦାତା

ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଯେତେବେଳେ ଅବତାର ହେବାର ଘୋଷଣା କଲେ ତା ପୂର୍ବରୁ ଆପଣଙ୍କ ସ୍ୱଭାବରେ ଏହା ପ୍ରତିଷ୍ଠିତ ଥିଲା ଯେ ଗୁଲାମ୍ ମାନଙ୍କ ସହିତ ନମ୍ର ଓ ଦୟା ଆଚରଣ କରାଯିବା ଉଚିତ୍ । ପ୍ରାରମ୍ଭିକ ସମୟରେ ଆପଣ ପବିତ୍ର କୋରାନ୍‌ର ଶିକ୍ଷା ମୁତାବକ ଏ ଆହ୍ୱାନ ଦେଇଥିଲେ ଯେ ଗୁଲାମ୍ ମାନଙ୍କୁ ମୁକ୍ତ କରିବା ହେଉଛି ବହୁତ ପୁଣ୍ୟ ଅର୍ଜନ କରିବା । ଏକଥା ଆରବର ଗୁଲାମ୍ ମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଏବଂ ସେମାନେ ଆପଣଙ୍କୁ ସେମାନଙ୍କର ମୁକ୍ତିଦାତା ବୋଲି ମନେକଲେ । ସୁତରାଂ ଇସ୍‌ଲାମ୍ କ୍ରୀତଦାସ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଖୁବ୍ ଜୋରରେ ପ୍ରସାର ଲାଭ କରିବା ଆରମ୍ଭ କରିଥିଲା । ସୁତରାଂ ଯେଉଁଭଳି ସମୟାନୁସାରେ ଇସ୍‌ଲାମୀୟ ନିୟମାବଳୀଗୁଡିକ ଅବତୀର୍ଣ୍ଣ ହୋଇଚାଲିଲା କ୍ରୀତଦାସମାନଙ୍କ ଅବସ୍ଥା ଉନ୍ନତି କରିବା ସହିତ ସୁଦୃଢ଼ ହୋଇ ଚାଲିଲା । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କ ଏହି ଦଳ ସବୁବେଳେ ଆପଣଙ୍କ ଦରବାରରେ ପଡି ରହୁଥିଲେ । ପରିଶେଷରେ ସାଂସାରିକ କ୍ଷେତ୍ରରେ ସର୍ବନିମ୍ନ ଓ ନିଚ୍ଚ ମଣାଯାଉଥିବା ଏହି ଗୋଷ୍ଠୀ ଅଲ୍ଲାଃଙ୍କ ଦୃଷ୍ଟିରେ "ରଜି ଅଲ୍ଲାଃହୁ ଅନ୍‌ହୁମ୍ ଓ୍ୱ ରଜୁ ଅନ୍‌ହୁ" ର ଉପାଧି ଦ୍ୱାରା ସମ୍ମାନିତ ହେଲେ ।

ହଜୁର୍ ସ:ଆ:ସ କ୍ରୀତଦାସ ମାନଙ୍କ ସହିତ ଅବୈଧ ବ୍ୟବହାର ଓ ତାଙ୍କ ଉପରେ ଅତ୍ୟାଚାର କରିବାକୁ ତୀବ୍ର ବିରୋଧ କଲେ ଓ ସେଥିପାଇଁ ସବୁ ପ୍ରକାର ଆବଶ୍ୟକ ଯୋଜନା ପ୍ରସ୍ତୁତ କଲେ । ଆପଣ କ୍ରୀତଦାସମାନଙ୍କ ଉନ୍ନତି ଓ ସେମାନଙ୍କ ସ୍ୱାଧୀନତା ନିମନ୍ତେ ଆହ୍ୱାନ ଦେଲେ । ଅତଃ ଆପଣ ସ:ଆ:ସଙ୍କ ଶିକ୍ଷା ଓ ବାସ୍ତବିକ ନମୁନାକୁ ଦେଖି ମୁସଲ୍‌ମାନ୍‌ମାନେ ମଧ୍ୟ ଏଥିରେ ସ୍ୱରରେ ସ୍ୱର ମିଳାଇ କ୍ରୀତଦାସ ମାନଙ୍କ ସ୍ୱାଧିନତା ନିମନ୍ତେ ବିପ୍ଳବରେ ପୁନଃ ଯୋଗଦାନ କଲେ । ଏଥିପାଇଁ ସିମୀତ ସମୟ ମଧ୍ୟରେ କ୍ରୀତଦାସଙ୍କର ସ୍ତରକୁ ଅନ୍ୟମାନଙ୍କ ସ୍ତର ସହ ସମାନ ଗ୍ରହଣ କରିନିଆଗଲା । ଏବଂ ସେମାନଙ୍କୁ ଯେଉଁ ଅଧିକାର ମିଳିଲା ତାହା ତାଙ୍କୁ ଅନ୍ୟମାନଙ୍କ ଧାଡ଼ିରେ ଆଣି ଛିଡ଼ା କରିଦେଲା । ଏବଂ ନିଶ୍ଚିତ ରୂପେ ଏହା ସ୍ୱୀକାର କରିବାକୁ ହେବ ଯେ କୟାମତ୍ ପର୍ଯ୍ୟନ୍ତ ଆପଣ ସ:ଆ:ସ କ୍ରୀତଦାସ ଓ ପଛୁଆବର୍ଗ ଲୋକମାନଙ୍କର ପ୍ରକୃତ 'ମୋହ୍‌ସିନେ ଆଜମ୍' ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଅଟନ୍ତି ।

ଏ ସମସ୍ତ ଆଦେଶ ଓ ତଥ୍ୟ ଯାହା କି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କ୍ରୀତଦାସ ମାନଙ୍କ ସ୍ୱାଧୀନ, ସମ୍ମାନ, ମର୍ଯ୍ୟାଦା, ମନଖୁସି କରାଇବା, ସେମାନଙ୍କ ଅଧିକାରର ସୁରକ୍ଷା କରିବା ଓ ସେମାନଙ୍କ ସହ ଉତମ ଆଚରଣ କରିବା ସମ୍ବନ୍ଧରେ ପବିତ୍ର କୋରାନ୍‌ର ଶିକ୍ଷା ମୁତାବକ ନିଜ ସମ୍ପ୍ରଦାୟକୁ ଅତ୍ୟନ୍ତ ସ୍ୱଚ୍ଛ ଓ ବିସ୍ତାର ଭାବରେ ଦର୍ଶାଇଦେଲେ । ଏହାର ଚର୍ଚ୍ଚା ଉକ୍ତ ସିମୀତ ବିଷୟ ବସ୍ତୁରେ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । କେତେକ ଘଟଣାବଳୀ ଏଠାରେ ଉପସ୍ଥାପନ କରୁଅଛି ।

ହଜ୍‌ରତ୍ ଅନସ୍ ର:ଅ କହୁଛନ୍ତି ମୁଁ ଦଶବର୍ଷ ହଜୁର୍ ସ:ଆ:ସ ଙ୍କ ସେବା କରିବାର ସୁଯୋଗ ପାଇଛି । ମୁଁ ଯେତେବେଳେ ହଜୁର୍‌ଙ୍କ ପାଖକୁ ଆସିଥିଲି ସେତେବେଳେ ମୋର ଶୈଶବ ଅବସ୍ଥା ଥିଲା । ମୋର ପ୍ରତ୍ୟେକ କାର୍ଯ୍ୟ ସେପରି ନଥିଲା ଯେପରି ହଜୁର୍ ଇଚ୍ଛା କରୁଥିଲେ । କିନ୍ତୁ ତଥାପି ହଜୁର୍ ମୋ ପ୍ରତି ତିଳେହେଲେ ମଧ୍ୟ କଠୋରତା ପ୍ରଦର୍ଶନ କରିନାହାନ୍ତି ଏବଂ କଦାପି ଏପରି କହିନାହାଁନ୍ତି ଯେ ତୁମେ ଏ କାର୍ଯ୍ୟକୁ ଏପରି କାହିଁକି କଲ ଏବଂ ଏପରି କାହିଁକି କଲନାହିଁ ।

ହଦିସ୍ ଶରିଫ୍‌ରେ ଲେଖାଅଛି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଲେ ତୁମର ସେବକ ହେଉଛନ୍ତି ତୁମର ଭାଇପରି । କିନ୍ତୁ ଅଲ୍ଲାଃ ସେମାନଙ୍କୁ ତୁମ ଅଧିନସ୍ଥ କରିଦେଇଛନ୍ତି । ସୁତରାଂ ଯାହାର ଭାଇ ତା ଅଧିନରେ ଥାଏ ତେବେ ସେ ଯାହା ଖାଏ ତା ମଧ୍ୟରୁ ତା ସେବକକୁ ମଧ୍ୟ ଖୁଆଇବା ଉଚିତ୍ ଏବଂ ଯାହା ନିଜେ ପିନ୍ଧେ ସେହିଭଳି ବସ୍ତ୍ର ତାକୁ ପରିଧାନ କରାଇବା ଉଚିତ୍ । ତାଠାରୁ ଏଭଳି କାମ ଆଦାୟ କରିବା ଉଚିତ୍ ନୁହେଁ ଯାହା ତାର ସାମର୍ଥ୍ୟ ବାହାରେ ଅଟେ । ଯଦି ଏଭଳି କିଛି କାର୍ଯ୍ୟ କରିବାକୁ କୁହେ ତେବେ ନିଜେ ସେଥିରେ ତାକୁ ସାହାଯ୍ୟ କରିବା ଉଚିତ୍ । (ବୁଖାରୀ)

ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁହମ୍ମଦ୍ ସ:ଆ:ସ କହିଲେ ହେ ମୁସଲ୍‌ମାନମାନେ ! ତୁମେ ଏପରି କୁହନାହିଁ । ମୋ ଗୁଲାମ୍ ଓ ମୋ ଲଣ୍ଡି ବରଂ ସେମାନଙ୍କୁ ମୋ ଲୋକ ମୋ ନାରୀ ବୋଲି କହି ସମ୍ବୋଧନ କର । ଏବଂ ଗୁଲାମ୍‌ମାନେ ମଧ୍ୟ ନିଜ ଆକାକୁ ରବ୍ (ପାଳନକର୍ତା) କହି ସମ୍ବୋଧନ ନକରନ୍ତୁ ବରଂ ସୟଦ୍ ବା ଗୁରୁଜନ କହି ଡାକନ୍ତୁ । (ବୁଖାରୀ)

ଥରେ ହଜ୍‌ରତ୍ ଅବୁ ମସଉଦ୍ ର:ଅ କୌଣସି କାରଣରୁ ନିଜ ଗୁଲାମ୍‌କୁ ମାରୁଥିଲେ । ଏହାଦେଖି ହଜୁର୍ ସ:ଆ:ସ ରାଗିଯାଇ କହିଲେ ଅବୁ ମସଉଦ୍ ! ତୁମ ପାଳନକର୍ତା ଏହାଠାରୁ ଅଧିକ କ୍ଷମତା ଓ ଶକ୍ତି ରଖନ୍ତି ଯାହା ତୁମେ ଏହି ଗୁଲାମ୍ ଉପରେ ରଖିଅଛ । ଏହା ଶୁଣି ସେ ସଙ୍ଗେ ସଙ୍ଗେ ତାଙ୍କୁ ସ୍ୱାଧିନ କରିଦେଲେ । ଏଥିରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଲେ ଯଦି ତୁମେ ଏପରି ନକରିଥାନ୍ତି ତେବେ ନର୍କର ଅଗ୍ନି ତୁମ ମୁହଁକୁ ଝଲସାଇ ଦେଇଥାନ୍ତା । (ମୁସଲିମ୍)

ଏହିପରି ହଜ୍‌ରତ୍ ଅବୁ ହୁରେରା ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହୁଥିଲେ ଯେଉଁ ମୁସଲ୍‌ମାନ୍ କୌଣସି କ୍ରୀତଦାସକୁ ସ୍ୱାଧିନ କରେ ଅଲ୍ଲାଃ ତା ପାଇଁ ନର୍କର ଅଗ୍ନିରୁ ସମ୍ପୂର୍ଣ୍ଣ ରୂପେ ସୁରକ୍ଷା ଦେବେ । (ବୁଖାରୀ)

ଗୁଲାମ୍ ମାନଙ୍କୁ ସ୍ୱାଧିନ କରିବାର ଅନ୍ୟାନ୍ୟ ମାଧ୍ୟମ ବ୍ୟତୀତ ହଜୁର୍ ସ:ଆ:ସ ଗୁଲାମ୍ ମାନଙ୍କୁ ନିଜ ମାଲିକଙ୍କ ଘରେ କାର୍ଯ୍ୟ କରିବା ପରେ ବଳକା ସମୟରେ ରୋଜଗାର କରି ନିଜକୁ ସ୍ୱାଧିନ କରିବାର ଅଧିକାର ପ୍ରଦାନ କଲେ । ସେହିପରି ଯଦି ମାଲିକଙ୍କର କେହି ସନ୍ତାନ ନଥାନ୍ତି ତେବେ ତାଙ୍କ ଗୁଲାମ୍‌କୁ ହଜୁର୍ ସ:ଆ:ସ ଉତରାଧିକାରୀ ରୂପେ ଅଧିକାର ପ୍ରଦାନ କଲେ । ସେହିପରି ମୁକାତିବତ୍ ର ଅଧିକାର ମଧ୍ୟ ପ୍ରଦାନ କଲେ ।

ଗୁଲାମ୍ ମାନଙ୍କ ସହିତ ଉତମ ବ୍ୟବହାର ପ୍ରଦର୍ଶନ କରିବା ଓ ସେମାନଙ୍କ ସମ୍ବନ୍ଧରେ ହୋଇଥିବା ଆଦେଶ ଗୁଡିକୁ ମନେ ରଖିବା ପାଇଁ ହଜୁର୍ ସ:ଆ:ସ ନିଜର ଅନ୍ତିମ ଇଚ୍ଛାପତ୍ରରେ ଦର୍ଶାଇଲେ । ଅତଏବ ଲେଖାଅଛି ହଜୁର୍‌ଙ୍କ ମୁହଁରୁ ବାହାରିଥିବା ଶେଷ କଥା ଏହା ଥିଲା ଯେ ମୋ ନମାଜ ଏବଂ ଗୁଲାମ୍ ମାନଙ୍କ ବିଷୟରେ ଦିଆଯାଇଥିବା ଶିକ୍ଷାକୁ କଦାପି

ଭୁଲିଯିବ ନାହିଁ । (ଇବ୍‌ନେ ମାଜା)

ଉପରୋକ୍ତ ହଦିସ୍‌ରୁ ସ୍ପଷ୍ଟ ହେଉଅଛି ଯେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଆଣିଥିବା ଶିକ୍ଷାରେ କେବଳ କ୍ରୀତଦାସମାନଙ୍କ ସହିତ ସର୍ବୋଚ୍ଚ ସ୍ତରର ଉତମ ବ୍ୟବହାର ଓ ଶ୍ରଦ୍ଧା, ସେମାନଙ୍କ ଉନ୍ନତି ଓ ସୁଧାର ପାଇଁ ପ୍ରଯତ୍ନ କରିବାର ଆଦେଶ ଦିଆଯାଇନାହିଁ ବରଂ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ପ୍ରକୃତ ଉଦ୍ଦେଶ୍ୟ ଏଥିରେ ଏହା ଥିଲା ଯେ ମୁସଲ୍‌ମାନ ମାନେ ନିଜ ଗୁଲାମ୍ ମାନଙ୍କୁ ନିଜ ଭାଇ ବୋଲି ମଣନ୍ତୁ ଏବଂ ପ୍ରତ୍ୟେକ କାର୍ଯ୍ୟରେ ନିଜେ ଯେପରି ଚଳୁଛନ୍ତି ସେହିପରି ସେମାନଙ୍କୁ ଚଳାନ୍ତୁ ଓ ରଖନ୍ତୁ । ଫଳତଃ ସେମାନଙ୍କର ସାଂସ୍କୃତିକ ଅବସ୍ଥା ସୁଧୁରିବା ସହିତ ସମାଜରେ ସେମାନଙ୍କର ଗଣନା ଉତମ ବ୍ୟକ୍ତି ରୂପେ ହେଉ, ଯେପରି ଅନ୍ୟ ସ୍ୱାଧିନ ବ୍ୟକ୍ତିମାନେ ଗଣା ହେଉଛନ୍ତି । ଫଳତଃ ସେମାନଙ୍କର ସ୍ୱାଭିମାନ୍ ଓ ନିଜ ଉପରେ ଆସ୍ଥା ଉତ୍ପନ୍ନ ହେବ । ସେମାନଙ୍କର ଦୁର୍ବଳ ମନୋଭାବ ସମ୍ପୂର୍ଣ୍ଣ ଭାବେ ଦୁରିଭୁତ ହୋଇଯିବ । ଗୁଲାମ୍‌ମାନେ ମଧ୍ୟ ସ୍ୱାଧିନ ଓ ସମାନତା ଲାଭ କରି ଦେଶ ଓ ଧର୍ମ ପାଇଁ କିଛି କରିପାରିବେ । ତଥା ଏକ ଉପକାରୀ ନାଗରିକ ହୋଇପାରିବେ । ତଥା ମାଲିକଙ୍କ ମନରୁ ବଡ଼ପଣିଆ ଓ ଅହଂ ଭାବ ଦୂର ହୋଇଯିବ । ଏହା ଏଭଳି ଶିକ୍ଷା ଅଟେ ଯାହାର ଉଦାହରଣ ନିଶ୍ଚିତ ରୂପେ ଅନ୍ୟ କୌଣସି ଧର୍ମ ଓ ଗୋଷ୍ଠୀରେ ମିଳେନାହିଁ । ବର୍ତମାନ ଯୁଗରେ ଅନେକ ଦେଶରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କର ଏହି ସୁନ୍ଦର ଶିକ୍ଷାକୁ ସର୍‌କାର୍ ଦେଶୀୟ ଆଇନ୍ ବ୍ୟବସ୍ଥାରେ ରଖିବାକୁ ବାଧ ହୋଇଗଲେଣି ।

ହୁନେନ୍ ଯୁଦ୍ଧରେ ହୱାଜନ୍ ସମ୍ପ୍ରଦାୟର ଲୋକେ ବନ୍ଦି ହୋଇ ହଜୁର୍ ସ:ଆ:ସ ଙ୍କ ନିକଟକୁ ଆସିଲେ । ସେହି ସମ୍ପ୍ରଦାୟରୁ ଗୋଟିଏ ଦଳ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇ ହୱାଜିନ୍ କବିଲାର ରଜାଆତ୍ (କ୍ଷୀରୋପାନ କରାଇବା)ର ପ୍ରତିବଦଳରେ ସେହି ଗୋଷ୍ଠୀର କଏଦୀ ମାନଙ୍କୁ ମୁକ୍ତ କରିବା ପାଇଁ ଦରଖାସ୍ତ କଲେ । ସେତେବେଳେ ହଜୁର୍ ସ:ଆ:ସ କେବଳ ନିଜ କିମ୍ବା ମୁତଲିବ୍ ଖାନ୍‌ଦାନ୍‌ର କଏଦୀମାନଙ୍କୁ ମୁକ୍ତ କଲେ ନାହିଁ ବରଂ ସାହାବାଙ୍କ ସହ ପରାମର୍ଶ କରି ସମସ୍ତ କଏଦୀମାନଙ୍କୁ ମୁକ୍ତ କରିଦେଲେ ।

ହଦିସ୍‌ରେ ଲେଖାଅଛି ଆରବରେ ତେଇଶି ବର୍ଷର ଅନ୍ୟାୟ ଓ ଅତ୍ୟାଚାରର ଅବଧି ସମାପ୍ତ ହେବା ପରେ ଯେତେବେଳେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ବିଜୟ ଲାଭ କରି ମକ୍କାରେ ପଦାର୍ପଣ କଲେ ସେତେବେଳେ ଆପଣଙ୍କର ହୃଦୟ ଅଲ୍ଲାଃଙ୍କ କୃତଜ୍ଞତାରେ ଭରିଯାଇଥିଲା ଓ ଅଲ୍ଲାଃଙ୍କ ଭକ୍ତମାନଙ୍କ ପାଇଁ ଆପଣଙ୍କ ହୃଦୟ ଦୟାଭାବନାରେ ଏପରି ପରପୂର୍ଣ୍ଣ ହେଲା ଯେପରି ୧୩ ବର୍ଷ ପୂର୍ବେ ନିଜର ପ୍ରିୟ ସହରକୁ ଛାଡ଼ିବାକୁ ବାଧ କରାଯାଇଥିଲା ସେତେବେଳେ ଯଦିଚ ବାସ୍ତବରେ ଆପଣ ଦୁର୍ବଳ ଓ ଅସହାୟ ଥିଲେ, କିନ୍ତୁ ଆଜି ଆପଣ ଶକ୍ତି ଓ ବିଜୟର ଟିକା ଲାଭ କରିବା ଯୋଗୁ କୁଫାରେ ମକ୍କା (ମକ୍କାର ଅମାନ୍ୟକାରୀ ଲୋକେ) ଭୟବିତ ଅବସ୍ଥାରେ ଥିଲେ । କିନ୍ତୁ ସେମାନଙ୍କ ହୃଦୟରେ ସେହି ସ୍ୱର ଉଚ୍ଚାରିତ ହେଉଥିଲା କି ହେ ମୁହମ୍ମଦ୍! ତୁମେ ଦୟାର ପ୍ରତିମୂର୍ତୀ । ସୁତରାଂ ସମସ୍ତଙ୍କୁ କ୍ଷମା ଦେବାର ଘୋଷଣା କରିବା ସହିତ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଜଣେ ସାମାନ୍ୟ କ୍ରୀତଦାସ ହଜ୍‌ରତ୍ ବିଲାଲ୍‌ଙ୍କୁ ମଧ୍ୟ ଭୁଲିଲେ ନାହିଁ । ବରଂ ଆପଣ ସେହି ତୁଚ୍ଛ (ମଣାଯାଉଥିବା) କ୍ରୀତଦାସ ଦ୍ୱାରା ଏହି ଘୋଷଣା କରାଇଲେ ଯେ କୁରେଶ ର ସର୍ଦ୍ଦାର ଯିଏ ବିଲାଲ୍‌ଙ୍କ ଉପରେ ଅତ୍ୟାଚାରର ସୀମ ଲଙ୍ଘନ କରିଦେଇଥିଲେ, ଯଦି ସେମାନେ ନିଜ ଧନ ଓ ଜୀବନର ସୁରକ୍ଷା ପାଆନ୍ତି ତେବେ ସେମାନଙ୍କ ଭାଇଙ୍କ ଧ୍ୱଜା ତଳେ ଆସିବାକୁ ହେବ । ଏହିପରି ହଜୁର୍ ସ:ଆ:ସ ବେଲାଲ୍‌ଙ୍କ ଭାବନକୁ ସମ୍ମାନ ପ୍ରଦାନ କଲେ । ଏବଂ ଏପରି ସୁନ୍ଦର ବ୍ୟବସ୍ଥା କରି ତାଙ୍କର ମନଖୁସି କରାଇଲେ । ସୁବ୍‌ହାନଲ୍ଲାଃ ! କିଭଳି ଉତମ ସେବକ ଓ ପ୍ରିୟ ସେବାକାରୀ ।

ସମ୍ମାନୀୟ ପାଠକ ଗଣ ! ଦୟାର ପ୍ରତିମୁର୍ତୀ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କର ଏ ସମସ୍ତ ଆଦେଶ କେବଳ ସେହି ଯୁଗ ପାଇଁ ସିମୀତ ନଥିଲା ବରଂ ଅନ୍ତିମ ଦିବସ ପର୍ଯ୍ୟନ୍ତ ଏକ ସ୍ଥାୟୀ ଲାହେ ଅମଲ୍ ଓ ମାର୍ଗଦର୍ଶନକାରୀ ଅଟେ । ଏବଂ ଇସ୍‌ଲାମୀୟ ଶରିଯତ୍‌ର ଏକ ଅଂଶବିଶେଷ ଅଟେ । ଏହାପରେ ମଧ କିଛି ଇର୍ଷା ପରାୟଣ ଓ ମନ୍ଦ ପ୍ରଭୁତି ଓ ଇସ୍‌ଲାମୀୟ ବିରୋଧି ଲୋକେ ଏହା କହୁଛନ୍ତି ଯେ ଇସ୍‌ଲା ଦାସ ପ୍ରଥାର ପଚଳନ କରିଛି ବୋଲି । (ନଉଜୁବିଲ୍ଲାଃ ମିନ୍ ଜାଲିକ୍)

ସମ୍ମାନୀୟ ପାଠକ ଗଣ । ସେ ଯୁଗରେ ଯେତେବେଳେ ଦାସପ୍ରଥା ପ୍ରଚଳିତ ଥିଲା ଏବଂ ସେମାନଙ୍କୁ ପଶୁମାନଙ୍କ ପରି କିଣା ବିକା କରାଯାଉଥିଲା । ସେଭଳି ପରିସ୍ଥିତିରେ ଦୟାର ପ୍ରତିମୂର୍ତୀ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଏପରି ତୁଚ୍ଛ ଏବଂ ହେୟ ମଣାଯାଉଥିବା (ଗୁଲାମ୍) ଗୋଷ୍ଠୀଙ୍କ ସହ ସର୍ବୋଚ୍ଚ ସ୍ତରର ପ୍ରେମ ଓ ଶ୍ରଦ୍ଧା ଆଚରଣ କଲେ । ଯେପରି ପିଲାମାନେ ନିଜ ପିତାଙ୍କ ଛତ୍ର ଛାୟା ତଳେ ରହିବାକୁ ପସନ୍ଦ କରନ୍ତି କିନ୍ତୁ ହଜ୍‌ରତ୍ ଜଏଦ୍ ଆପଣଙ୍କର ଏଭଳି ଉତମ ଆଚରଣ, ସ୍ନେହ ଓ ଶ୍ରଦ୍ଧାକୁ ଦେଖି ଏଭଳି ପ୍ରଭାବିତ ହେଲେ ଯେ ନିଜ ପିତାମାତାଙ୍କ ସାଥିରେ ନିଜ ଘରକୁ ଫେରିଯିବା ପାଇଁ ମଧ୍ୟ ମନା କରିଦେଲେ । ଓ ସ୍ୱାଧିନ ଜୀବନ ଅତିବାହିତ କରିବା ବିପକ୍ଷରେ ହଜୁର୍ ସ:ଆ:ସ ଙ୍କ ଦାସ ହୋଇ ଜୀବନ ଅତିବାହିତ କରିବାକୁ ପ୍ରାଧାନ୍ୟ ଦେଲେ । ପୁଣି ସେହି ଦାସଙ୍କୁ ହଜୁର୍ ସ:ଆ:ସ ପୂର୍ଣ୍ଣ ଦୟା ପ୍ରଦର୍ଶନ କରି ନିଜ ପାଳିତ ପୁତ୍ର ହେବାର ସୌଭାଗ୍ୟ ପ୍ରଦାନ କଲେ, ଯାହାର ଉଦାହରଣ ବିଶ୍ୱ ଇତିହାସରେ ଦେଖିବାକୁ ମିଳେନାହିଁ ।

**ପଶୁମାନଙ୍କ ପ୍ରତି ଦୟା ପ୍ରଦର୍ଶନ**

ପଶୁମାନେ ମଧ୍ୟ ଇଶ୍ୱରଙ୍କର ସୃଷ୍ଟି । ପରମ ପ୍ରଭୁ ପରମେଶ୍ୱର ପବିତ୍ର କୋରାନ୍‌ରେ ପଶୁପକ୍ଷୀ ଓ ଜୀବଜନ୍ତୁଙ୍କ ନିଦର୍ଶନ ଓ ସେମାନଙ୍କ ସମ୍ବନ୍ଧରେ ଅନୁଧ୍ୟାନ କରି ପୁଣ୍ୟ ମାର୍ଗକୁ ପ୍ରାପ୍ତ କରାଯିବା ପାଇଁ ଏକ ମାଧ୍ୟମ ରୂପେ ମଧ ଅଭିହିତ କରିଛନ୍ତି । ପବିତ୍ର କୋରାନ୍‌ରେ ଏ ସମ୍ବନ୍ଧରେ ଗୋଟିଏ ଅଧ୍ୟାୟ 'ସୁରା ଅନ୍‌ଆମ୍' ରହିଛି । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ପ୍ରତ୍ୟେକ ବସ୍ତୁ ପାଇଁ ଦୟାର ଉତ୍ସ ହୋଇ ଆସିଥିଲେ । ସୁତରାଂ ଆପଣ ପଶୁମାନଙ୍କ ପାଇଁ ମଧ୍ୟ ଦୟା ପ୍ରଦର୍ଶନକାରୀ ଥିଲେ । ଏବଂ ଏଥିରେ ଆପଣ ଉତମ ଉଦାହରଣ ସୃଷ୍ଟି କରିବା ସହିତ ଅନ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରୁଥିଲେ ।

ଥରେ ହଜୁର୍ ସ:ଆ:ସ ଜଣେ ଅନ୍‌ସାରିଙ୍କ ବଗିଚକୁ ଗଲେ । ସେଠାରେ ଗୋଟିଏ ଓଟ ଆପଣଙ୍କୁ ଦେଖି ବିକଳ ହୋଇ ଚାହିଁଲା । ଏବଂ ତା ଆଖିରୁ ଅଶ୍ରୁ ବୋହିଗଲା । ହଜୁର୍ ସ:ଆ:ସ ତା ଦେହରେ ଶ୍ରଦ୍ଧାର ସହିତ ହାତ ବୁଲାଇ ଆଣିବାରୁ ସେ ଶାନ୍ତ ହୋଇଗଲା । ତା ପରେ ହଜୁର୍ ପଚାରିଲେ- ଏହି ଓଟଟି କାହାର ? ଜଣେ ଅନ୍‌ସାରି କହିଲା ହଜୁର୍ ମୋର । ହଜୁର୍ କହିଲେ ସେ ଓଟଟି ମୋ ନିକଟରେ ତୁମର ଅଭିଯୋଗ କରୁଛି ଯେ ତୁମେ ତାକୁ ଭୋକିଲା ରଖୁଛ ଏବଂ ତା ସାମର୍ଥ୍ୟରୁ ଅଧିକ ପରିଶ୍ରମ କରାଉଛ । ଅଲ୍ଲାଃତାଲା ତୁମକୁ ତାର ମାଲିକ କରିଛନ୍ତି ତେଣୁ ତୁମେ ଅଲ୍ଲାଃଙ୍କୁ ଭୟକର । (ସୁନନେ ଅବି ଦାଉଦ)

ହଜ୍‌ରତ୍ ସୋହେଲ୍ ବର୍ଣ୍ଣନା କରୁଛନ୍ତି ଯେ ହଜୁର୍ ସ:ଆ:ସ ଗୋଟିଏ ଓଟ ପାଖ ଦେଇ ଗଲେ । ଯାହାର ପେଟ ଭୋକିଲା ରହିବା ଯୋଗୁ ଅଂଟାରେ ଯାଇ ଲାଗିଯାଇଥିଲା । ତାକୁ ଦେଖି ଆପଣ କହିଲେ-ଏହା କଥା କୁହା ଜୀବ ନୁହେଁ । ଏହା ଉପରେ ସେତେବେଳେ ଯାତ୍ରା କର ଯେତେବେଳେ ସେ ସୁସ୍ଥ ଅବସ୍ଥାରେ ଥିବ ଏବଂ ତାର ମାଂସ ସେତେବେଳେ ବ୍ୟବହାର କର ସେତେବେଳେ ସେ ସ୍ୱାସ୍ଥ୍ୟବାନ୍ ଥିବ । (ସୁନନେ ଅବି ଦାଉଦ)

ଆଉଜଣେ ସାହାବୀ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରୁଛନ୍ତି ଯେ ଆମେ ଗୋଟିଏ ଯାତ୍ରାରେ ହଜୁର୍ ସ:ଆ:ସଙ୍କ ସାଥିରେ ଥିଲୁ । ରାସ୍ତାରେ ଗୋଟିଏ ଛୋଟ ଚଢ଼େଇ ଦେଖିଲୁ । ତା ସହିତ ଦୁଇଟି ଛୁଆ ଥିଲେ । ଆମେ ତା ଛୁଆକୁ ଉଠାଇ ଆଣିବାରୁ ସେ ଚଢ଼େଇଟି ଆମ ପାଖରେ ଆସି ଉଡ଼ିବାକୁ ଲାଗିଲା । ହଜୁର୍ ସ:ଆ:ସ ଏହା ଦେଖି ପଚାରିଲେ-ଏ ଚଢ଼େଇଟିକୁ କିଏ କଷ୍ଟ ଦେଲା । ତା ଛୁଆକୁ ନେଇ ତା ବସାରେ ରଖ । (ସୁନନେ ଅବୁ ଦାଉଦ୍)

ହଜ୍‌ରତ୍ ଆଏଶା କହୁଛନ୍ତି- ଥରେ ମୁଁ ଏକ ଓଟ ଉପରେ ବସିଥିଲି । ସେ ଅମହଣ ଥିବା ଯୋଗୁ ମୋତେ ବ୍ୟସ୍ତ ଓ ବିବ୍ରତ କରିଦେଲା । ତେବେ ମୁଁ ତାକୁ ଏଣେତେଣେ ଦୌଡାଇବା ଆରମ୍ଭ କରିଦେଲି । ଏହା ଦେଖି ହଜୁର୍ ସ:ଆ:ସ କହିଲେ- ନମ୍ର ଆଚରଣ କର । (ସହି ମୁସ୍‌ଲିମ୍)

ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ସାହାବା ମାନଙ୍କ ସହିତ ଯାତ୍ରା କରୁଥିଲେ । ରାସ୍ତାରେ ଗୋଟିଏ ସ୍ଥାନରେ ଏକ ପକ୍ଷୀ ଅଣ୍ଡା ଦେଇଥିଲା । ଜଣେ ତା ଅଣ୍ଡା ଉଠାଇ ଆଣିଲେ । ସେହି ପକ୍ଷୀଟି ଆସି ହଜୁର୍ ସ:ଆ:ସ ଙ୍କ ଉପରେ ଦୁଃଖ ଓ କଷ୍ଟର ଆଚରଣ କରି ଉଡିବା ଆରମ୍ଭ

କରିଦେଲା । ସୁତରାଂ ହଜୁର୍ ସ:ଆ:ସ କହିଲେ ତୁମମାନଙ୍କ ମଧ୍ୟରୁ କିଏ ତା ଅଣ୍ଡା ନେଇ ତାକୁ କଷ୍ଟ ଦେଇଛି । ଜଣେ ଉତର ଦେଲେ ହଜୁର୍ ମୁଁ ଆଣିଛି । ହଜୁର୍ କହିଲେ ତା ଉପରେ ଦୟା କରି ତା ଅଣ୍ଡା ନେଇ ରଖିଦିଅ ।

ରିଓ୍ୱାୟତ୍‌ରେ ଆସୁଛି ଯେ ବହୁତ ଦୁର ରାସ୍ତାକୁ ଅତିକ୍ରମ କଲାବେଳେ ହଜୁର୍ ସ:ଆ:ସ ଓ ଆପଣଙ୍କ ସାହାବାମାନେ ପାଳି ବାଂଟି ଘୋଡା ଓ ଓଟ ଉପରେ ବସନ୍ତି । ଯଦ୍ୱାରା ଉକ୍ତ ପଶୁକୁ ସେହି କଠିନ ଓ ବାଲୁକା ରାସ୍ତାରେ ଅଧିକ ବୋଝ ଉଠାଇ ଚାଲିବା ଯୋଗୁ କଷ୍ଟ ଓ ଥକ୍କାପଣର ଶିକାର ହେବାକୁ ନପଡ଼ିବ । ବଳିଷ୍ଠ ନଥିବା ଏବଂ ସାମର୍ଥ୍ୟ ରଖୁନଥିବା ଜୀବକୁ ଅଧିକ ଓଜନ କିମ୍ୱା ତା ଉପରେ ତିନି ତିନିଜଣ ବ୍ୟକ୍ତି ବସିବାକୁ ପସନ୍ଦ କରୁନଥିଲେ । ହଜୁର୍ ସ:ଆ:ସ ପଶୁମାନଙ୍କ ଆରାମ ଓ ସେମାନଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଯାତ୍ରାର ମଝିରେ ମଝିରେ ରହିଯାଆନ୍ତି । ହଜୁର୍ ପଶୁମାନଙ୍କ ଉପରେ ଅତ୍ୟାଚାର କରିବା, ଦାଗ ଦେବା ଓ ପ୍ରତିଜ୍ଞା ପୂରଣ କରିବା ନିମନ୍ତେ ଜୀବନ୍ତ ପଶୁର ମାଂସ କାଟିବାକୁ ବାରଣ କରିଛନ୍ତି । ଏବଂ ଏପରି କରିବା ବ୍ୟକ୍ତିଙ୍କ ଉପରେ ବିରକ୍ତ ହୁଅନ୍ତି ।

ସେହିପରି ଜହ୍‌ରତ୍ ମୁହମ୍ମଦ୍ ସ:ଆ:ସ ଅଲ୍ଲାଃଙ୍କ ମାର୍ଗରେ ବ୍ୟବହୃତ ଯୋଦ୍ଧା ଘୋଡାମାନଙ୍କୁ ବହୁତ ପ୍ରେମ କରୁଥିଲେ । ଏବଂ ନିଜ ସାହାବା ମାନଙ୍କ ମଧ୍ୟରେ ଏହି ସ୍ୱଭାବକୁ ଉତ୍ପନ୍ନ କରାଇଲେ । ଯାହାର ଉଦାହରଣ ଅନ୍ୟ କୌଣସି ଅବତାରଙ୍କ ଇତିହାସ ପୃଷ୍ଠାରେ ଦେଖିବାକୁ ମିଳେନାହିଁ । ସେମାନଙ୍କର ନାମ ଖାଦିମ୍ ରଖିଲେ । ସେମାନଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟପେୟର ବିଶେଷ ଧ୍ୟାନ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅତଏବ ହଜୁର୍ ନିଜ ଅନୁଗାମୀ ମାନଙ୍କୁ କହିଲେ- ଅଲଖୈଲୁ ମାକୁଦୁନ୍ ଫି ନଓ୍ୱାସିହଲ୍ ଖୈରୁ ଇଲା ୟୋମିଲ୍ କିୟାମାଃ । ଅର୍ଥାତ୍- ଅଲ୍ଲାଃତାଲା ଏହା ନିଷ୍ପତି କରିଛନ୍ତି ଯେ କୟାମତ୍ ପର୍ଯ୍ୟନ୍ତ ମୋ ଅନୁଗାମୀ ମାନଙ୍କ ପାଇଁ ଘୋଡାର କପାଳରେ ଅଲ୍ଲାଃତାଲା ବରକତ୍ ରଖିଦେଇଛନ୍ତି । (ବୁଖାରୀ)

ସେହିପରି ଓଟ ଓ ଛେଳିର ଉପକାରିତା ବର୍ଣ୍ଣନା କରି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହୁଛନ୍ତି-ଅଲ୍ ଇବିଲୋ ଇଜ୍‌ଜୁନ୍ ଲିଅହ୍‌ଲିହା ଓ୍ୱଲ୍‌ଗନମୁ ବର୍‌କତୁନ୍ । ଅର୍ଥାତ୍ ଓଟ ନିଜ ମାଲିକ ପାଇଁ ଗର୍ବ ଓ ମର୍ଯ୍ୟାଦା ଆଣି ଦେଇଥାଏ । ଛେଳି ନିଜ ପାଳନକର୍ତା ପାଇଁ ବର୍‌କତ୍ ଆଣିଦେଇଥାଏ ।

ହଦିସ୍‌ରେ ଲେଖାଅଛି - ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଲେ- ଗଞ୍ଜାକୁ ଗାଳି କରନାହିଁ । କାରଣ ସେ ନମାଜ ପାଠ କରାଇବା ପାଇଁ (ଲୋକମାନଙ୍କୁ) ଜଗାଇଥାଏ । (ଅବୁଦାଉଦ୍)

ଗୋଟିଏ ଶୋଷିଲା କୁକୁରକୁ ପାଣି ପିଆଇ ବୈକୁଣ୍ଠ ପ୍ରାପ୍ତି କରାଇଥିବା ବେଶ୍ୟା ମହିଳା ଓ ଗୋଟିଏ ବିଲେଇକୁ ଭୋକିଲା ରଖି ନର୍କଗାମୀ ହୋଇଥିବା ମହିଳାର କାହାଣୀ ଶୁଣାଇ ହଜୁର୍ ସ:ଆ:ସ ନିଜ ଅନୁଯାୟୀମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଯେ ଜୀବଜନ୍ତୁ ମାନଙ୍କ ସହ ନମ୍ର ଆଚରଣ କରିବା ଓ ସେମାନଙ୍କ ଖାଦ୍ୟପେୟର ବ୍ୟବସ୍ଥା କରାଇବା ପ୍ରତିବଦଳରେ ଅଲ୍ଲାଃତାଲା ଅନେକ ପୁଣ୍ୟ ରଖିଛନ୍ତି ।

ଜାହିଲିୟତ୍ (ଅଜ୍ଞାନତା ଓ ଅନ୍ଧକାର) ଯୁଗରେ ଜୀବଜନ୍ତୁ ମାନଙ୍କ ସହିତ ଅତ୍ୟନ୍ତ ଖରାପ ବ୍ୟବହାର କରାଯାଉଥିଲା । ପରମ୍ପରା ଓ ପ୍ରଥା ପାଳନ କରିବାକୁ ଯାଇ ସେମାନଙ୍କ ଉପରେ ବିଭିନ୍ନ ପ୍ରକାର ଅତ୍ୟାଚାର କରାଯାଉଥିଲା । ଇହକାଳ ଓ ପରକାଳର ଦୟାର ପ୍ରତିମୂର୍ତୀ ସେ ସମସ୍ତ ରିତୀ, ପ୍ରଥା ଓ ପରମ୍ପରା ଅର୍ଥାତ୍ ଜୀବଜନ୍ତୁ ମାନଙ୍କୁ କୌଣସି ପ୍ରକାର କଷ୍ଟ ନଦେବା ପାଇଁ ନିଜ ସମ୍ପ୍ରଦାୟକୁ ନିର୍ଦ୍ଦେଶ ଦେଲେ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବାସ୍ ର:ଅ ବର୍ଣ୍ଣନା କରୁଛନ୍ତି- ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ତହ୍‌ରିଶ୍ ବଇନଲ୍ ବହାଇମ୍ । ଅର୍ଥାତ୍ ଜୀବଜନ୍ତୁଙ୍କୁ ପରସ୍ପର ମଧ୍ୟରେ ଲଢ଼େଇ କରାଇବାକୁ ମନା କରିଥିଲେ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ବର୍ଣ୍ଣନା କରୁଛନ୍ତି- ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଲେ- ତା ଉପରେ ଅଲ୍ଲାଃଙ୍କର କୋପ ବର୍ଷଣ ହେଉ ଯିଏ କୌଣସି ପ୍ରାଣୀର ଅଙ୍ଗ ଛେଦନ କରେ । ଏତଦ୍‌ବ୍ୟତୀତ ଲକ୍ଷବିଧ କରିବା ଖେଳ ଓ ମଜା ଖେଳ କୁଦ ପାଇଁ ଜିବୀତ ଜିବଜନ୍ତୁମାନଙ୍କୁ ବ୍ୟବହାର କରୁଥିବା ଲୋକମାନଙ୍କ ଉପରେ ଅଲ୍ଲାଃତାଲା କ୍ଷୋଭ ପ୍ରକାଶ କରିଥାନ୍ତି ।

ସେହିପରି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ନଷ୍ଟ କରିଥିବା ଓ କ୍ଷତି ପହଂଚାଉଥିବା ଜୀବଜନ୍ତୁକୁ ମାରିବା ପାଇଁ ଅବଶ୍ୟ ଆଦେଶ ଦେଇଛନ୍ତି- ଯେପରି ସାପ, ବିଛା ଇତ୍ୟାଦି । କିନ୍ତୁ ସେମାନଙ୍କୁ ମାରିବା ବେଳେ ମଧ୍ୟ ଦୟା ପ୍ରଦର୍ଶନ କରିବାର ଆଦେଶ ଦେଇଛନ୍ତି । ଉଦାହରଣ ସ୍ୱରୂପ- ସେମାନଙ୍କୁ ଅତ୍ୟାଚାର କରି ମାରନାହିଁ, ସେହିପରି ସେମାନଙ୍କୁ ଅଗ୍ନିରେ ନିକ୍ଷେପ କରନାହିଁ । ହଜୁର୍ ସ:ଆ:ସ ଜେବହ୍ (ହଲାଲ୍ କରାଯାଉଥିବା) ଜନ୍ତୁଙ୍କ ସହ ନମ୍ର ଆଚରଣ କରିବା ପାଇଁ ଆଦେଶ ଦେଇଛନ୍ତି ଯେ ଯେତେବେଳେ ତୁମେ କୌଣସି ଜୀବକୁ (ମାଂସ ପାଇଁ) ଜେବହ୍ କରି ତେବେ ନିଜ ଛୁରୀକୁ ଧାରୁଆ କର ଏବଂ ଚଂଚଳ ଜେବହ୍ କରି ତାଙ୍କୁ (ସେହି ବେଦନାରୁ) ଆରାମ ଦିଅ । (ତିରିମିଜି)

ସୁତରାଂ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କ ଦୟା ଓ କୃପାର ଆଚରଣ କେବଳ ମାନବ ଜାତିର ବିଭିନ୍ନ ଗୋଷ୍ଠୀଙ୍କ ପାଇଁ ସିମୀତ ନଥିଲା ବରଂ ଏହି ଗୁଣର ବ୍ୟାପକତା ଜୀବଜନ୍ତୁଙ୍କୁ ମଧ୍ୟ ଘେରି ରହିଥିଲା । ଏବଂ ସେମାନଙ୍କ ଅଧିକାର ପାଇଁ ଆପଣ ପ୍ରଚେଷ୍ଟା କରିଥିଲେ ଏବଂ ସେମାନଙ୍କୁ କରୁଣାର ଛତ୍ର ଛାୟା ତଳେ ଘୋଡାଇ ଦେଇଥିଲେ ।

ମହବତ୍ ସେ ଘାୟଲ୍ କିୟା ଆପ୍‌ନେ
ଦଲାଇଲ୍ ସେ କାୟଲ୍ କିୟା ଆପ୍‌ନେ
ଜହ୍‌ଲତ୍ କୋ ଜାଏଲ୍ କିୟା ଆପ୍‌ନେ
ଶରୀୟତ୍ କୋ କାମିଲ୍ କିୟା ଆପ୍‌ନେ
ବୟାଁ କରଦିଏ ସବ୍ ହଲାଲ୍ ଓ୍ୱ ହରାମ୍
ଆଲୈକସ୍‌ସଲାତୋ ଆଲୈକସ୍‌ସଲାମ୍

ମହାପୁରୁଷ ଶ୍ରେଷ୍ଠ ଦୟାଳୁ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କର ପୂର୍ଣ୍ଣ ଅନୁରୂପ ନବୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କର କଥନ ଦ୍ୱାରା ଏହି ବିଷୟ ବସ୍ତୁକୁ ସମାପ୍ତ କରୁଅଛି । ହଜୁର୍ ଆ:ସ କହୁଛନ୍ତି-

ମୁଁ ସର୍ବଦା ଆଶ୍ଚର୍ଯ ଚକିତ ଦୃଷ୍ଟିରେ ଦେଖୁଛି ଯେ ଏହି ଆରବୀ ନବୀ ଯାହାଙ୍କ ନାମ ମୁହମ୍ମଦ୍ (ତାଙ୍କ ଉପରେ ସହସ୍ର ଦରୁଦ୍ ଓ ସଲାମ୍) ସେ କିଭଳି ଉଚ୍ଚ ସ୍ତରୀୟ ନବୀ ଯାହାଙ୍କ ଶ୍ରେଷ୍ଠତାର କୌଣସି ସୀମା ନାହିଁ, ଯାହାଙ୍କ ପବିତ୍ର ପ୍ରଭାବକୁ ଅନୁମାନ ଲଗାଇବା ମନୁଷ୍ୟର କାର୍ଯ୍ୟ ନୁହେଁ । ସେ ଅଲ୍ଲାଃତାଲାଙ୍କ ସହ ସର୍ବୋଚ୍ଚସ୍ତରରେ ପ୍ରେମ କଲେ ଏବଂ ମାନବ ଜାତି ସହ ସର୍ବୋଚ୍ଚ ସ୍ତରର ସହାନୁଭୁତି ପ୍ରଦର୍ଶନ କଲେ । ତେଣୁ ଅଲ୍ଲାଃ ଯିଏ ତାଙ୍କ ଅନ୍ତର ସହ ଅବଗତ ଥିଲେ ତାଙ୍କୁ ସମସ୍ତ ଅବତାର ପୂର୍ବବର୍ତୀ ଓ ପରବର୍ତୀଙ୍କ ମଧ୍ୟରେ ଶ୍ରେଷ୍ଠତାର ଉପାଧି ପ୍ରଦାନ କଲେ । (ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଭାଗ-୨୨, ପୃଷ୍ଠା-୧୧୮)

ଯଦି କୌଣସି ନବୀଙ୍କର ଶ୍ରେଷ୍ଠତା ଏପରି କାର୍ଯ୍ୟ ଦ୍ୱାରା ପ୍ରମାଣିତ ହୋଇପାରେ ଯଦ୍ୱାରା ମାନବଜାତି ସହିତ ପ୍ରକୃତ ସହାନୁଭୁତି ସମସ୍ତ ନବୀଙ୍କ ଠାରୁ ଅଧିକ ପ୍ରକାଶ ପାଉଥିବ ତେବେ ହେ ଲୋକମାନେ! ଉଠ ଓ ସାକ୍ଷୀ ଦିଅ ଯେ ଏପରି ଗୁଣରେ ମୁହମ୍ମଦ୍ ସ:ଆ:ସଙ୍କର ସମକକ୍ଷ ଏ ସଂସାରରେ ଆଉ କେହି ନାହାଁନ୍ତି ।..... ଅଲ୍ଲାଃଙ୍କ ବ୍ୟତିତ ଅନ୍ୟମାନଙ୍କୁ ପୂଜା କରୁଥିବା ଅନ୍ଧବ୍ୟକ୍ତିମାନେ ଏହି ମହାତ୍ମା ଅବତାରଙ୍କୁ ଚିହ୍ନିପାରିଲେ ନାହିଁ ଯେ ସହାନୁଭୁତିର ସହସ୍ର ଉଦାହରଣ ପ୍ରଦର୍ଶନ କରି ଦେଖାଇଛନ୍ତି । (ତବ୍‌ଲିଗେ ରିସାଲତ୍, ଖଣ୍ଡ-୬, ପୃଷ୍ଠା-୧୦)

ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କର ଜୀବନ ପୂର୍ଣ୍ଣ ଓ ସଫଳ ଜୀବନ ଅଟେ । ନିଜ ଉତମ ଆଚରଣ ଦୃଷ୍ଟିକୋଣରୁ ତଥା ନିଜ ପବିତ୍ରତାର ଶକ୍ତି, ଅଦମ୍ୟ ସାହସ, ସୁନ୍ଦର ଶିକ୍ଷା, ଅନ୍ୟମାନଙ୍କ ପାଇଁ ଉତମ ନମୁନା ପ୍ରଦର୍ଶନ କରିବାରେ, ଦୁଆ ଗ୍ରହଣୀୟ ହେବା ଦୃଷ୍ଟିକୋଣରୁ ଇତ୍ୟାଦି ପ୍ରତ୍ୟେକ ଦିଗରୁ ଆପଣ ଉଜ୍ଜଳ ନକ୍ଷତ୍ର ପରି ଥିଲେ । ଯାହାଙ୍କୁ ଦେଖି ଗୋଟିଏ ମୁର୍ଖ ନିପଟ ଗାଉଁଲି ଲୋକ ଯା ହୃଦୟରେ ଅଯଥା ଜିଦ୍‌ଖୋର୍ ଏବଂ ଇର୍ଷା ପରାୟଣ ଭାବନା ନଥିବ, ସେ ଆପଣଙ୍କୁ ସମ୍ପୂର୍ଣ୍ଣ ରୂପେ ମାନିନେବ ଯେ, ଆପଣ ତଖଲ୍ଲକୁ ବିଅଖ୍‌ଲାକିଲ୍ ଲାହା ର ସମ୍ପୂର୍ଣ୍ଣ ନମୁନା ଓ ସମ୍ପୂର୍ଣ୍ଣ ମାନବ ଅଟନ୍ତି । (ଅଲ୍‌ହକମ୍ ନଂ-୧୩, ଖଣ୍ଡ-୨, ପୃଷ୍ଠା-୫, ୧୦ଏପ୍ରିଲ୍ ୧୯୦୨)

ୟାରବ୍‌ବି ସ୍ୱଲ୍ଲି ଆଲା ନବୀଇକା ଦାଇମନ୍ ଫିହାଜିହିଦ୍ ଦୁନିଆ ଓ୍ୱ ବାସିନ୍ ସାନି

# ତୃତୀୟ ବିଶ୍ୱଯୁଦ୍ଧର ଧ୍ୱଂସ ମୁଖରୁ ମାନବତାକୁ ରକ୍ଷା କରିବା ନିମନ୍ତେ ଯମାତ୍ ଅହେମଦୀୟାର ଉଲ୍ଲେଖନୀୟ ସେବାମୂଳକ କାର୍ଯ୍ୟ

(ହିଦାୟତୁଲ୍ଲାଃ ମଣ୍ଡାଶି, କାଦିଆନ୍)

ବର୍ତମାନ ଯୁଗରେ ଚତୁଃପାର୍ଶ୍ୱରେ ଅଶାନ୍ତି, ବିଶୃଙ୍ଖଳା, ଅନ୍ୟାୟ, ଅବିଚାର ଯୋଗୁଁ ପୃଥିବୀରେ ବିଚଳିତ ଓ ବିବ୍ରତ ଅବସ୍ଥା ଦେଖା ଦେଇଛି । ମନୁଷ୍ୟକୁ ଲୋଭ ଲାଳସା ଗ୍ରାସ କରିଛି । ମାନବଜାତି ଅସନ୍ତୋଷରେ ବାସ କରୁଥିବାବେଳେ ସମଗ୍ର ସୃଷ୍ଟି କ୍ଷଣ କ୍ଷଣ ଭୟାବହ ବିପଦକୁ ମଧ୍ୟ ଅନୁଭବ କରିପାରୁଛନ୍ତି । ଛୋଟ ଛୋଟ କଥାରେ ଗୋଟିଏ ଦେଶ ଅନ୍ୟ ଦେଶକୁ ପରମାଣୁ ବୋମାର ଧମକ ଦେଉଛି । ପ୍ରତ୍ୟେକ ରାଷ୍ଟ୍ର ନିଜର ସୁରକ୍ଷା ଓ ଶତ୍ରୁ ରାଷ୍ଟ୍ରକୁ ଶେଷ କରିବାର ଧମକ, ବିପଦଜନକ ଅସ୍ତ୍ର ତିଆରି କରିବା ପାଇଁ ଆଗତୁରା ମାନବ ଜାତିକୁ ଧ୍ୱଂସ କରିବାର ଉଦ୍ୟମ କରି ରାସାୟନିକ ବିଧ୍ୱଂଶକାରୀ ଅସ୍ତ୍ର ନିର୍ମାଣ କରୁଛି । ଏହି ସଂକଟଜନକ ପରିସ୍ଥିତିରେ ମଣିଷ ମନ ଅସ୍ଥିର,ଅଶାନ୍ତି ଓ ବିବ୍ରତ ରହିବା ସହିତ ଦେଶଗୁଡିକ ମଧ୍ୟ ଅଶାନ୍ତ ବାତାବରଣରେ ରହି ଅଶାନ୍ତି ଅନୁଭବ କରୁଛନ୍ତି ।

ଏହି ଦୁରାବସ୍ଥାର ମୁଖ୍ୟ ଓ ମୂଳ କାରଣ ହେଲା ଇଶ୍ୱରଙ୍କଠାରୁ ଦୂରତା ଏବଂ ସଦା କରୁଣାମୟ ପାଳନକର୍ତା ଅଲ୍ଲାଃଙ୍କର ପ୍ରେରିତ ଯୁଗାବତାର ହଜ୍‌ରତ୍ ମୁହମ୍ମଦ୍ ସ:ଅଙ୍କ ସଂଜିବନୀ ଐଶ୍ୱରିକ ବାର୍ତାର ଉପେକ୍ଷା ଓ ଅବଜ୍ଞା କରିବା । ଯାହା ସେ ଚିରସ୍ଥାୟୀ ଓ ବିଶ୍ୱବ୍ୟାପି ଅଲୌକିକ ସମ୍ବିଧାନ (ଗ୍ରନ୍ଥ) (କୋରାନ୍)ରେ ବର୍ଣ୍ଣନା କରାଯାଇଛି । ପବିତ୍ର କୋରାନ୍ ଶିକ୍ଷା ଅନୁସରଣ କରିବା ସଙ୍ଗେ ସଙ୍ଗେ ଅଲ୍ଲାଃଙ୍କ ସହ ନିବିଡ଼ ସମ୍ପର୍କ ସ୍ଥାପନ ନକଲେ ବାସ୍ତବିକ ଶାନ୍ତିରୁ ଦୁନିଆ ଦୁରେଇ ରହିବ । ଏଥିପାଇଁ ଅଲ୍ଲାଃତାଲା ଏହି ଐଶ୍ୱରିକ ଓ ଆଧାତ୍ମିକ ପୁସ୍ତକକୁ ବୁଝେଇବା ପାଇଁ ପ୍ରତ୍ୟେକ ଯୁଗରେ ମୁଜଦିଦ୍ (ଧର୍ମ ସୁଧାରକ) ଏବଂ ଅଉଲିଆ ଆଲା (ଅଲ୍ଲାଃଙ୍କ ସାନିଧ ପ୍ରାପ୍ତ କରିଥିବା ସିଦ୍ଧପୁରୁଷ) ପ୍ରେରିତ କରିଛନ୍ତି । ଚତୁର୍ଦ୍ଦଶ ଶତାବ୍ଦିରେ ନବିଶିରୋମଣୀ ହଜ୍‌ରତ୍ ମୁହମ୍ମଦ୍‌ଙ୍କର ଦ୍ୱିତୀୟ ଆବିର୍ଭାବର ସୁନିଶ୍ଚିତ ଥିଲା ଯାହା ବିଷୟରେ ପବିତ୍ର କୋରାନ୍ ମହମ୍ମଦ୍ ମହାନବୀଙ୍କର ବାଣୀ ହଦିସ୍‌ରେ ବର୍ଣ୍ଣିତ ଅଛି । ଅତଏବ ଐଶରିକ ପ୍ରତିଶୃତି ଏବଂ ମହାନବୀଙ୍କର ଆବିର୍ଭାବ, ମୁହମ୍ମଦ ସ:ଅଙ୍କର ପୁନଃ ଆବିର୍ଭାବର ପ୍ରତିଛବି ଅଟେ ।

ପ୍ରତିଶୃତି ମସିହ୍‌ଙ୍କ ବିଷୟରେ ଭବିଷ୍ୟବାଣୀ ଥିଲା ଯେ ସେ ଯୁଦ୍ଧକୁ ବିରାମଦେଇ ଧରାପୃଷ୍ଠରେ ଶାନ୍ତି ରାଇଜ ସ୍ଥାପନା କରିବେ । ତେଣୁ କରି ମସିହ୍ ମଉଦ୍ ଆ:ସ କହୁଛନ୍ତି – "ମୁଁ ଅତ୍ୟନ୍ତ ଶିଷ୍ଟାଚାର ଓ ବିନମ୍ରତାର ସହିତ ମୁସଲମାନ, ଖ୍ରୀଷ୍ଟିଆନ୍, ହିନ୍ଦୁସ୍ଥାନୀ ପଣ୍ଡିତ ପୁରୋହିତ ଓ ଜନସାଧାରଣ ଭାଇମାନଙ୍କୁ ବିଜ୍ଞାପନ ଜରିଆରେ ସୁଚିତ କରାଉଛି ଯେ ନୈତିକ, ଚାରିତ୍ରିକ ଓ ବିଶ୍ୱାସରେ ଥିବା ଦୁର୍ବଳତା ଏବଂ ତୃଟି ସଂଶୋଧନ ପାଇଁ ମୁଁ ଏହି ଦୁନିଆକୁ ପ୍ରେରିତ ହୋଇଅଛି । ମୋର ପଦକ୍ଷେପ ହଜ୍‌ରତ୍ ଇସାଙ୍କ ସଦୃଶ । ତେଣୁ କରି ଏଥିପାଇଁ ମୁଁ ପ୍ରତିଶୃତି ମସିହ୍ ବୋଲି ବିବେଚିତ । କାରଣ ମୋତେ ନିର୍ଦ୍ଦେଶ ମିଳିଛି ଯେ କେବଳ ମାତ୍ର ଅଲୌକିକ ଘଟଣା ଓ ବିଶୁଦ୍ଧ ଶିକ୍ଷା ଦ୍ୱାରା ସତ୍ୟତାକୁ ଏ ସଂସାରବାସୀକୁ ଅବଗତ କରାଇବି । ମୁଁ ଧର୍ମ ପାଇଁ ଖଣ୍ଡାର ଉପଯୋଗ କରି ଅଯଥା ନିର୍ଦ୍ଦୋଷ ଲୋକଙ୍କର ହତ୍ୟାକରିବା ର ବିରୋଧୀ ଅଟେ । ମୁଁ ପ୍ରତ୍ୟେକ ମୁସଲମାନ୍, ଖ୍ରୀଷ୍ଟିଆନ୍, ହିନ୍ଦୁ ଏବଂ ଆର୍ଯ୍ୟ ଭାଇମାନଙ୍କୁ ଜଣାଉଛି ଯେ ଏ ଦୁନିଆରେ ମୋର କେହି ଶତ୍ରୁ ନାହାଁନ୍ତି । ମୁଁ ମାନବଜାତିକୁ ଦୟାଶିଳ ମା' ସଦୃଶ ସ୍ନେହ କରୁଛି ବରଂ ଏହାଠୁ ଅଧିକ ସ୍ନେହ କରୁଛି । ମୁଁ କେବଳ ସେହି ଭ୍ରାନ୍ତ ବିଶ୍ୱାସର ବିରୋଧୀ ଯାହାଦ୍ୱାରା ସତ୍ୟତାର ହତ୍ୟା ହେଉଅଛି । ମାନବଜାତି ସହିତ ସହାନୁଭୁତି ଦେଖାଇବା ମୋର କର୍ତବ୍ୟ ଅଟେ ଏବଂ ମିଥ୍ୟା, ଶିର୍କ୍ (ଇଶ୍ୱରଙ୍କ ସହିତ ଅନ୍ୟ କାହାକୁ ତୁଳନା କରିବା), ଅତ୍ୟାଚାର ଏବଂ ପ୍ରତ୍ୟେକ ପ୍ରକାର ଅପକର୍ମ, ଅବିଚାର ଓ ଅନୈତିକତା ଠାରୁ ଦୂରେଇ ରହିବା ମୋର ସିଦ୍ଧାନ୍ତ ଅଟେ । (ଅରବଇନ, ରୁହାନି ଏଜାଏନ୍, ଖଣ୍ଡ-୧୭, ପୃଷ୍ଠା-୩୪୩-୩୪୪)

**ଇସ୍‌ଲାମ୍ ହେଉଛି ଶାନ୍ତି, ସୌହାର୍ଦ୍ଦ୍ୟ, ସୁଲାହ୍ ଓ ଭାଇଚାରାର ଧର୍ମ**

ଧର୍ମୀୟ ପରିବେଶରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏହା ଜରୁରୀ ଅଟେ ଯେ, ଧର୍ମପାଇଁ କୌଣସି ପ୍ରକାରର ଦମନକାରୀ କିମ୍ବା ହିଂସାବୃତି ଗ୍ରହଣ କରାନଯାଉ । ଅତଏବ ଐଶରିକ ବାଣୀ ଏପରି ଅଛି- *"ଲା ଇକରାହା ଫିଦ୍ଦିନ"* ଅର୍ଥାତ୍ ଧର୍ମ ସମ୍ବନ୍ଧରେ କୌଣସି ବାଧ୍ୟ ବାଧକତା ନାହିଁ । (ବକ୍‌ରା:୨୫୭)

ପୁଣି ଅଲ୍ଲାଃତାଲା କହୁଛନ୍ତି- ୱକୁଲିଲହକ୍‌କୋ ମିର୍ ରବ୍‌ବିକୁମ୍ ଫମନ୍ ଶାଆ ଫଲ୍‌ୟୁମିନ୍ ୱମନ୍ ଶାଆ ଫଲ୍‌ୟକ୍‌ଫୁର୍ । ଅର୍ଥାତ୍- ଏବଂ (ତୁମ୍ଭେ ଲୋକମାନଙ୍କୁ) କୁହ, "ଏହି ସତ୍ୟ ତୁମ ପାଳନକର୍ତାଙ୍କ ତରଫରୁ ହିଁ ଆସିଅଛି । ସୁତରାଂ ଯାହାର ଇଚ୍ଛା ସେ (ଏହାକୁ) ବିଶ୍ୱାସ କରୁ ଓ ଯାହାର ଇଚ୍ଛା ସେ (ଏହାକୁ) ପ୍ରତ୍ୟାଖ୍ୟାନ୍ କରୁ । (କହଫ୍:୩୦)

ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଏହା ମଧ୍ୟ ଶିକ୍ଷା ଦେଇଛି ଯେ ଏ ସଂସାରରେ ପ୍ରକଟ ହୋଇଥିବା ସମସ୍ତ ନବୀ, ରସୁଲ୍, ଋଷି, ମୁନି ଓ ଅବତାରମାନଙ୍କୁ ସମ୍ମାନୀୟ ଦୃଷ୍ଟିରେ ଦେଖିବା ଉଚିତ୍ । କାରଣ ପ୍ରତ୍ୟେକ ଜାତିରେ ଖୁଦାଙ୍କ ତରଫରୁ ସିଦ୍ଧ ପୁରୁଷ ଓ ସୁଧାରକ ଆସିଛନ୍ତି ।

ସୁତରାଂ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା କହୁଛନ୍ତି- ୱଲିକୁଲ୍ଲି କଓମିନ୍ ହାଦ୍ (ରାଆଦ୍:୮) ଅର୍ଥାତ୍- ପ୍ରତ୍ୟେକ ଜାତିରେ ଖୁଦାଙ୍କ ତରଫରୁ ସୁଧାରକ ଆସିଛନ୍ତି । ପୁଣି କହୁଛି ୱ ଇନ୍‌ମିନ୍ ଉମ୍ମତିନ୍ ଇଲ୍ଲା ଖଲାଫିହା ନଜିର୍ (ଫାତିର:୨୫)ଅର୍ଥାତ୍- ସଂସାରର ପ୍ରତ୍ୟେକ ଦେଶରେ ଖୁଦାଙ୍କ ତରଫରୁ ମୁନି, ଋଷି ଓ ପୈଗମ୍ବର ଆସିଛନ୍ତି ।

ହଜ୍‌ରତ୍ ପ୍ରତିଶୃତ ମସିହ୍ ଆ:ସଙ୍କ କହୁଛନ୍ତି- "ଇସ୍‌ଲାମ୍ ସେ ପବିତ୍ର ଓ ମିଳନ ସାଧକ ଧର୍ମ । ଯେ କୌଣସି ଜାତିର ପ୍ରତିଷ୍ଠାତାଙ୍କ ଉପରେ ଆକ୍ରମଣ କରିନାହିଁ । ଏବଂ ପବିତ୍ର କୋରାନ୍ ସେହି ସମ୍ମାନସ୍ପଦ ପୁସ୍ତକ ଅଟେ ଯେ ଜାତି ଜାତି ମଧ୍ୟରେ ସୁଲାହ୍‌ର ମୂଳଦୁଆ ପକାଇଛି ଓ ପ୍ରତ୍ୟେକ କୌମ୍‌ରେ ନବୀ ଆସିବାର କଥାକୁ ମାନିନେଇଛି ।" (ପୈଗାମେ ସୁଲାହ୍, ପୃଷ୍ଠା-୩୦)

ଇସ୍‌ଲାମ୍ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥାକୁ ଉପସ୍ଥାପନ କରେ କି- ମନୁଷ୍ୟ ହେଉଛି ସର୍ବଶ୍ରେଷ୍ଠ ସୃଷ୍ଟି ଏବଂ ଆଦମ୍‌ର ସନ୍ତାନ ହୋଇଥିବାରୁ ସମସ୍ତେ ସମାନ । ସେହିପରି ଇସ୍‌ଲାମ୍ ପ୍ରତ୍ୟେକ ଜାତୀବାଦକୁ ମିଟାଇ ଦେଇ ସମାନତା ପ୍ରତିଷ୍ଠା କରିଛି ।

ସୁତରାଂ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା କହୁଛନ୍ତି:- ୱ ଜାଅଲ୍‌ନାକୁମ୍ ଶୋଉବଉଁ ୱ କବାଇଲା ଲିତାଆରଫୁ ଇନ୍ନା ଅକରମକୁମ୍ ଇନ୍‌ଦଲ୍ଲାହି ଅତକାକୁମ୍ ଇନ୍ନଲ୍ଲାହା ଅଲିମୁନ୍ ଖବିର୍ । (ହୁଜୁରାତ:୧୪) ଅର୍ଥାତ୍ ଏବଂ ତୁମମାନଙ୍କୁ ଅନେକ ଜାତି ଓ ବଂଶରେ ବିଭକ୍ତ କରିଅଛୁ । ଯେପରିକି ତୁମେମାନେ ପରସ୍ପରକୁ ଚିହ୍ନିପାରିବ । ତୁମମାନଙ୍କ ମଧ୍ୟରୁ ଯିଏ ସବୁଠାରୁ ଅଧିକ ଧର୍ମନିଷ୍ଠ ସେ ଅଲ୍ଲାଃଙ୍କ ନିକଟରେ ସମସ୍ତ ଅପେକ୍ଷା ଅଧିକ ସମ୍ମାନିତ । ଅଲ୍ଲାଃ ନିଶ୍ଚିତ ରୂପେ ସର୍ବଜ୍ଞ ଓ ସର୍ବଜ୍ଞାତା ।

ତେଣୁକରି ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଦୁନିଆ ସମ୍ମୁଖରେ ଅଦ୍ୱିତୀୟ ଓ ଅତୁଳନୀୟ ଶିକ୍ଷା ଦେଇ କହିଲେ ଯେ "ହେ ମାନବଜାତି କର୍ଣ୍ଣପାତ କର ଯେ ତୁମ୍ଭ ସମସ୍ତଙ୍କର ପାଳନକର୍ତା ଏକ ଅଟେ ଓ ତୁମ୍ଭର ପିତା ମଧ୍ୟ ଏକ ଅଟନ୍ତି । ଆଉଥରେ ସମ୍ବୋଧନ କରି କହୁଅଛି ଯେ ନିଶ୍ଚିତ ରୂପେ ଶୁଣ ଯେ କୌଣସି ଆରବୀୟ ବ୍ୟକ୍ତି କୌଣସି ଅଣଆରବୀୟ ବ୍ୟକ୍ତିଙ୍କ ଠାରୁ ଉତ୍କୃଷ୍ଟ ନୁହଁ ଏବଂ ନା କୌଣସି ଅଣଆରବୀୟ ଆରବୀୟଙ୍କ ଠାରୁ ଉତ୍କୃଷ୍ଟ ଅଟେ । ନା ଗୋରା ଲୋକମାନଙ୍କୁ କଳାଲୋକ ମାନଙ୍କ ଉପରେ କୌଣସି ପ୍ରକାରର ପ୍ରାଧାନ୍ୟତା ଅଛି ନା କଳାଲୋକ ମାନଙ୍କୁ ଗୋରାଲୋକମାନଙ୍କ ଉପରେ କୌଣସି ପ୍ରାଧାନ୍ୟତା ଅଛି । କେବଳ ନିଜର ଉତମ ଗୁଣ ଦ୍ୱାରା (ଉତ୍କୃଷ୍ଟ ହୋଇପାରିବ) ଯାହା ମାଧମରେ ଜଣେ ବ୍ୟକ୍ତି ଅନ୍ୟଜଣଙ୍କ ଠାରୁ ଆଗକୁ ବଢ଼ିପାରେ । (ମସନଦ୍ ଅହମଦ୍ ବିନ୍ ହମ୍ବଲ୍)

ଆଜି ଯେଉଁଠି ଏ ଦୁନିଆ ଅଶାନ୍ତି, ଅରାଜକତାର ଶିକାର ହୋଇଛି । ଚାରିଆଡୁ ବିଶ୍ୱଯୁଦ୍ଧର ସଂକେତ ଦେଖାଯାଉଛି । ବର୍ତମାନ ପରିସ୍ଥିତିରେ ଏହା ଅତ୍ୟନ୍ତ ପ୍ରୟୋଜନ ଅଛି ଯେ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ବାର୍ତା ଓ ମୁହମ୍ମଦ୍ ସ:ଆ:ସ ଙ୍କର ଶେଷ ପରାମର୍ଶ ଓ ଉକ୍ତିକୁ ସମଗ୍ର ବିଶ୍ୱରେ ବିସ୍ତାର କରିବା ଦରକାର । ଦୁନିଆରେ ବାସ୍ତବିକ୍ ଶାନ୍ତି ସବୁବେଳେ ସେହି ଲୋକମାନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି ଯେଉଁମାନେ ଖୁଦାତାଲାଙ୍କ ତରଫରୁ ପ୍ରେରିତ ହୋଇଛନ୍ତି । ଏ ଯୁଗରେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସେ ହଜୁର୍ ସ:ଆ:ସ ଙ୍କ ଶାନ୍ତି ପ୍ରତିଷ୍ଠାର ସ୍ୱର୍ଣ୍ଣିମ

ନିୟମକୁ ସମଗ୍ର ସଂସାରରେ ପ୍ରସାର କରିଛନ୍ତି ।

**ହଜ୍‌ରତ୍ ପ୍ରତିଶ୍ରୃତ ମସିହ୍‌ଙ୍କର ବିଶ୍ୱ ଶାନ୍ତି ପ୍ରତିଷ୍ଠା ନିମନ୍ତେ ମହାନ୍ ପ୍ରଚେଷ୍ଟା**

ଅତଏବ ଅଲ୍ଲାଃତାଲା ଏହି ଅନ୍ଧକାରମୟ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ତାଙ୍କର ଉତରାଧିକାରୀ (ଖଲିଫା) ଓ ତାଙ୍କ ଯମାତ୍‌କୁ ସୃଷ୍ଟି କରିଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ପାଖାପାଖି ୮୦ ଗୋଟି ପୁସ୍ତକ ଲେଖିଛନ୍ତି, ଯେଉଁଥିରେ ଦୁନିଆର ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନା ନିମନ୍ତେ ଶିକ୍ଷା ଦିଆଯାଇଛି ଏବଂ ସେଥିରେ ସ୍ୱର୍ଣ୍ଣିମ ନିୟମ ଉପସ୍ଥାପନ କରାଯାଇଛି । ଆଜି ଯଦି ଏ ସଂସାରରେ ଶାନ୍ତି ସ୍ଥାପନ ହୋଇପାରିବ ତେବେ ଉକ୍ତ ନିୟମ ଅନୁସାରେ ପରିଚାଳିତ ହେବା ଦ୍ୱରା ହିଁ ସମ୍ଭବ ହୋଇପାରିବ ।

ହଜ୍‌ରତ୍ ମସିହ୍ ମଉଦ୍ ଜିହାଦ୍‌ର ଅସଲ ଅର୍ଥକୁ କୋରାନ୍, ହଦିସ୍ ଓ ସୁନ୍ନତ୍ ଅନୁସାରେ ବର୍ଣ୍ଣନା କରିବା ସହିତ ମୁସଲ୍‌ମାନ୍ ମାନଙ୍କ ଭିତରେ ଜିହାଦ୍ ବିଷୟରେ ଥିବା ଭୁଲ୍ ଧାରଣାକୁ ଖଣ୍ଡନ କରିଛନ୍ତି । ଏବଂ ଧର୍ମୀୟ ସନ୍ତ୍ରାସବାଦକୁ ନିଃଶେଷ କରିବା, ଅପରପକ୍ଷେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଥିରେ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଉପଦେଶ ମଧ୍ୟ ଦେଇଛନ୍ତି, ଯାହା ଉପରେ ଅମଲ ନକଲେ ଏହି ଧାର୍ମିକ କଠୋରବାଦ ଶେଷ ହେବା ଅସମ୍ଭବ । ତେଣୁ ସେ କହୁଛନ୍ତି-

"ବର୍ତମାନ ଯେଉଁ ଜିହାଦ୍‌ର ପ୍ରକ୍ରିୟା କୁ ଅଧିକାଂଶ ଅସଭ୍ୟ ଲୋକମାନେ ଗ୍ରହଣ କରିଛନ୍ତି ତାହା ଇସ୍‌ଲାମୀୟ ଜିହାଦ କଦାପି ନୁହେଁ ବରଂ ଏହା ଅସଭ୍ୟ ପ୍ରବୃତି ପ୍ରବଣତା ବା ସ୍ୱର୍ଗର ଲାଳସା ଦ୍ୱାରା ହିଁ ସେମାନଙ୍କ ଭିତରେ ପ୍ରସାର କରୁଅଛି" । (ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଏବଂ ଜିହାଦ୍, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୯-୧୦)

ପୁଣି ଆପଣ କହୁଛନ୍ତି- "ବାସ୍ତବରେ ଜିହାଦ୍‌ର ଯେଉଁ ଧାରଣା ସେମାନଙ୍କ ମନରେ ଅଛି ତାହା ଏକ ଭୁଲ୍ ଧାରଣା । ଏବଂ ସେମାନଙ୍କର ଯେଉଁ ପଦକ୍ଷେପ ଅଛି ତାହା ମନୁଷ୍ୟ ଜାତି ପ୍ରତି ସହାନୁଭୁତିର ମୃତ୍ୟୁ ଅଟେ ।"

ଆପଣ ଆ:ସ କହୁଛନ୍ତି କଣ ଏହା ପୁଣ୍ୟ କାର୍ଯ୍ୟ ହୋଇପାରିବ ଯେ ଜଣେ ବ୍ୟକ୍ତି ଉଦାହରଣ ସ୍ୱରୂପ ନିଜ ଚିନ୍ତାରେ ମଗ୍ନ ହୋଇ ବଜାରରେ ଚାଲୁଅଛି ଏବଂ ସେ ଆମପାଇଁ ଅଚିହ୍ନା ଓ ଅଜଣା । ଆମ୍ଭେ ତାକୁ ଏଭଳି ଅବସ୍ଥାରେ ଗୁଳି କରିବା କଣ ଧର୍ମୀୟ କାର୍ଯ୍ୟ ହେବ ? ଯଦି ଏହା ପୁଣ୍ୟ କାର୍ଯ୍ୟ ତାହାଲେ ଅମଣିଷ ଓ ଜଙ୍ଗଲର ହିଂସ୍ର ଜନ୍ତୁମାନେ ଏପରି କାର୍ଯ୍ୟ କରିବାରେ ମନୁଷ୍ୟଠାରୁ ଉତମ । କଣ ଅଲ୍ଲାଃତାଲା ଆମକୁ ଏହା ନିର୍ଦ୍ଦେଶ ଦେଇଛନ୍ତି ଯେ ଜଣେ ବିନା କୌଣସି କାରଣରେ ଆଉ ଜଣେ ଅଚିହ୍ନା ଅଜଣା ଓ ନିର୍ଦ୍ଦୋଶ ଲୋକକୁ ଛୁରୀ ଦ୍ୱାରା ଟୁକୁଡା ଟୁକୁଡା କରିଦେବ ବା ବନ୍ଧୁକ ଦ୍ୱାରା ତାର କାମ ଶେଷ କରିଦେବ, କଣ ଏପରି ଦୀନ୍ ଖୁଦାଙ୍କ ତରଫରୁ କେବେ ହୋଇପାରିବ ଯେ ଏହିପରି ନିଷ୍ପାପ ଓ ନିରୀହ ଲୋକମାନଙ୍କୁ କୌଣସି ପ୍ରକାର ତବ୍‌ଲିଗ୍ ନକରି ତାଙ୍କୁ ମାରି ଚାଲିବ, କଣ ଏହା ଦ୍ୱାରା ତୁମେ ସ୍ୱର୍ଗରେ ପ୍ରବେଶ କରିପାରିବ । ଏହା ବଡ଼ ଦୁଃଖର କଥା ଓ ଲଜ୍ଜାର ସ୍ଥାନ ଯେ ଜଣେ ବ୍ୟକ୍ତିଙ୍କ ସହିତ ଆମର ପୂର୍ବରୁ କୌଣସି ଶତ୍ରୁତା ନାହିଁ ବରଂ ତାକୁ ଆମେ ଚିହ୍ନିନାହୁଁ ଓ ସେ କୌଣସି ଦୋକାନରେ ନିଜ ପିଲାମାନଙ୍କ ପାଇଁ କିଛି ଜିନିଷ କିଣାକିଣି କରୁଛି ବା ନିଜର କୌଣସି ଅନ୍ୟ କାମରେ ବ୍ୟସ୍ତ ଥିବା ସମୟରେ ଆମେ ତା ଉପରକୁ ବିନା କାରଣରେ ପିସ୍ତଲ୍ ଚଳାଇ ତା ସ୍ତ୍ରୀ କୁ ବିଧବା କରିଦେବା । ଏବଂ ତାର ପିଲାମାନଙ୍କୁ ୟତିମ୍ (ଅନାଥ) କରିଦେବା । ଏବଂ ତା ଘରଲୋକମାନଙ୍କ ଭିତରେ ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଦେବା । ଏହା କେଉଁ ହଦିସ୍ ଓ କେଉଁ କୋରାନ୍‌ରୁ ସାବ୍ୟସ୍ତ ? କୌଣସି ମୌଲବୀ ଏହାର ଉତର ଦେଇପାରିବ । ଏ ମୁର୍ଖ ଲୋକମାନେ କେବଳ ଜିହାଦ୍‌ର ନାମକୁ ଶୁଣିନେଇଛନ୍ତି । ପୁଣି ଏପରି ବାହାନା କରି ନିଜର ମନୋବାଞ୍ଛାକୁ ପୁରଣ କରିବାକୁ ଚାହୁଁଛନ୍ତି ବା କେବଳ ପାଗଳଙ୍କ ପରି ରକ୍ତପାତ କରିଚାଲିଛନ୍ତି ।....ମୁଁ ଆଶ୍ଚର୍ଯ୍ୟଚକିତ ଅଛି ଯେ ବର୍ତମାନ ସମୟରେ କୌଣସି ବ୍ୟକ୍ତି ମୁସଲ୍‌ମାନ ମାନଙ୍କୁ ଧର୍ମ ନାମରେ ମଧ୍ୟ ହତ୍ୟା କରୁନାହିଁ ତେବେ ସେମାନେ କେଉଁ ପ୍ରକାର ନିର୍ଦ୍ଦେଶ ଅନୁସାରେ ଏପରି ନିରୀହ ମଣିଷ ମାନଙ୍କର ପ୍ରାଣ ନେଉଛନ୍ତି । (ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଏବଂ ଜିହାଦ୍, ରୁହାନି ଖଜାଏନ୍ ଖଣ୍ଡ-୧୭, ପୃଷ୍ଠା-୧୧-୧୩)

**ଜିହାଦ୍ ବିଷୟରେ ଭୁଲ୍ ଦୃଷ୍ଟିକୋଣ ହେଉଛି ଇସ୍‌ଲାହ୍ ପ୍ରତି ଧ୍ୟାନ ନ ଦେବାର କାରଣ**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କାବୁଲ୍‌ର ଅମୀରଓ୍ୱାଲିଙ୍କୁ ଜିହାଦ୍‌ର ଭୁଲ୍ ବୁଝାମଣା ଏବଂ ତାର ଇସ୍‌ଲାହ୍ ପ୍ରତି ଧ୍ୟାନ ଆକର୍ଷଣ କରାଇଲେ । ତତ୍ ସହିତ ଏହା ଦ୍ୱାରା ଉପୁଜୁଥିବା ବିପଦ ଗୁଡିକର ମଧ୍ୟ ଚିହ୍ନିତ କରାଇଥିଲେ । ଯାହା ଆଜି ସତ୍ୟରେ ପରିଣତ ହୋଇ ଆମ ସମ୍ମୁଖରେ ଦଣ୍ଡାୟମାନ । ଏହିପରି ବିଶ୍ୱାଶାନ୍ତିର ପ୍ରତିଷ୍ଠା ପାଇଁ ଖ୍ରୀଷ୍ଟିଆନ୍ ପାଦ୍ରୀ ଓ ହାକିମମାନଙ୍କୁ ଏ ପ୍ରସ୍ତାବ ଦେଲେ ଯେ ସେମାନେ ନ୍ୟାୟ ପ୍ରତି ମନୋନିବେଶ କରନ୍ତୁ । ଏପରି କ୍ରୋଧାଦ୍ଦିପନା କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- "ମୁଁ ବହୁତ ଥର ଲେଖିସାରିଛି ଯେ କୋରାନ୍ କଦାପି ଜିହାଦ୍‌ର ତାଲିମ୍ ଦେଉନାହିଁ । ବାସ୍ତବିକତା ଏହା ଅଟେ ଯେ ଇସ୍‌ଲାମ୍‌ର ପ୍ରାରମ୍ଭିକ ସମୟରେ ବିରୋଧିମାନେ ଇସ୍‌ଲାମ୍‌ର ମୁଳୋତ୍ପାଟନ ଓ ତାକୁ ଧ୍ୱଂସ କରିବା ନିମନ୍ତେ ଖଣ୍ଡା ତରବାରିର ଉପଯୋଗ କରିଥିଲେ । ଅତଏବ ଇସ୍‌ଲାମ୍ ମଧ୍ୟ ନିଜ ସୁରକ୍ଷା ଓ ପ୍ରତିରକ୍ଷା ପାଇଁ ତରବାରି ଉଠାଇଥିଲା । ଓ ସେମାନଙ୍କ ନିମନ୍ତେ ଏ ଆଦେଶ ପ୍ରସ୍ତାବିତ ହେଲା ଯେ ଇସ୍‌ଲାମ୍ ଗ୍ରହଣ କରନ୍ତୁ ନଚେତ୍ ହତ୍ୟା କରାଯିବ । ସୁତରାଂ ଏହି ନିର୍ଦ୍ଦେଶ ସେ ସମୟକୁ ଦେଖି ନିର୍ଦ୍ଧାରିତ କରାଯାଇଥିଲା, ଚିରକାଳ ପାଇଁ ନୁହେଁ । ଇସ୍‌ଲାମ୍ ସେ ସବୁ ନୃଶଂସ ସମ୍ରାଟମାନଙ୍କ କାର୍ଯ୍ୟକଳାପ ପାଇଁ ଦାୟୀ ନୁହେଁ, ଯାହା ନବୁଓ୍ୱତ୍‌ର ଯୁଗ ପରେ ଅମୁଳଚୁଳ ଭୁଲ୍ ଓ ଲୋଭ ଲାଳସା ଯୋଗୁଁ ପରିଦୃଷ୍ଟ ହୋଇଥିଲା । ବର୍ତମାନ ଯେଉଁ ବ୍ୟକ୍ତି ସାଧାରଣ ଓ ଅବୋଧ ଜନତାକୁ ଓ ସାଧାରଣ ମୁସଲ୍‌ମାନ ମାନଙ୍କୁ ଧୋକା ଦେବାପାଇଁ ଜିହାଦ୍ ବିଷୟ ସ୍ମରଣ କରାଉଛି ଅର୍ଥାତ୍ ସେ ତାର ବିଶାକ୍ତ ଅଭ୍ୟାସକୁ ଉତେଜିତ କରାଇବାକୁ ଚେଷ୍ଟା କରୁଅଛି । କେଡ଼େ ଭଲ ହୁଅନ୍ତା ଯଦି ପାଦ୍ରୀମାନେ ପ୍ରକୃତ ଘଟଣାକୁ ଆଖି ଆଗରେ ରଖି ଏକଥା ଉପରେ ଜୋର୍ ଦିଅନ୍ତେ ଯେ ଇସ୍‌ଲାମ୍‌ରେ ଜିହାଦ୍ ନାହିଁ । ଏବଂ ନା ଜୋର୍ ଜବର୍‌ଦସ୍ତି ମୁସଲ୍‌ମାନ୍ କରିବା ପାଇଁ କୌଣସି ନିର୍ଦ୍ଦେଶ ଅଛି । ଯେଉଁ ପୁସ୍ତକରେ ଏହି ଆୟତ ଏପର୍ଯ୍ୟନ୍ତ ଉପସ୍ଥିତ ଅଛି ଲା ଇକ୍‌ରାହା ଫିଦ୍‌ଦିନ୍ (ଅଲ୍‌ବକରା-୨୫୭) ଅର୍ଥାତ୍ ଧର୍ମପାଇଁ ବଳପ୍ରୟୋଗ କରିବା ଅନୁଚିତ୍ । କଣ ଏହାପ୍ରତି ଆମେ ଭାବିପାରିବା ଯେ ଏହି ଐଶ୍ୱରିକ ବାଣୀ ଜିହାଦ୍‌ର ଶିକ୍ଷା ଦେଉଛି ? ଏତତ୍‌ପଶ୍ଚାତ୍ ଆମେ କିପରି ମୌଲବୀ ମାନଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିବୁ । ଯେବେକି ଆମେ ପାଦ୍ରୀ ମାନଙ୍କର ଅଭିଯୋଗ କରୁଛୁ ଯେ ସେମାନେ ଯେଉଁ ପଥ ଅବଲମ୍ବନ କରୁଛନ୍ତି ସେ ପଥ ସତ୍ୟର ପଥ ନୁହେଁ । ଏବଂ ସରକାରଙ୍କ ନିମନ୍ତେ ମଧ୍ୟ ଲାଭଦାୟକ ନଥିଲା । (ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଏବଂ ଜିହାଦ୍, ରୁହାନି ଖଜାଏନ୍ ଖଣ୍ଡ-୧୭, ପୃଷ୍ଠା-୩୧-୩୨)

ପୁଣି ଆପଣ ଆ:ସ ସେ ସମୟର ବ୍ରିଟେନ୍ ସରକାରଙ୍କର ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇ କହୁଛନ୍ତି- "ମୋ ନିକଟରେ ଏହା ମଧ୍ୟ ଜରୁରୀ ଅଟେ ଯେ ହିତକାରୀ ଇଂରେଜ ସରକାର ଏହି ପାଦ୍ରୀ ସାହେବ୍‌ମାନଙ୍କୁ ଏପରି ବିପଦପୂର୍ଣ୍ଣ ମନଗଢ଼ା ମିଥ୍ୟା କଥାରୁ ବ୍ୟାହତ ରଖନ୍ତୁ । ଯାହା ଫଳରେ ଦେଶରେ ଅଶାନ୍ତି ଓ ବିଦ୍ରୋହ ଶେଷ ହୋଇଯିବ । ଏହା ସମ୍ଭବ ନୁହେଁ ଯେ ମୁସଲ୍‌ମାନ ମାନେ ଏହି ପାଦ୍ରୀମାନଙ୍କ ମନଗଢ଼ା ଅପବାଦ ଯୋଗୁ ଇସ୍‌ଲାମ୍‌କୁ ପରିତ୍ୟାଗ କରିଦେବେ । ଅପିତୁ ଏହାଦ୍ୱାରା ଜିହାଦ୍‌ର ସ୍ମରଣ ଅହରହ ଚାଲିବ ଏବଂ ଏହାଦ୍ୱାରା ସେମାନଙ୍କର ସୁପ୍ତ ଅବସ୍ଥା ଜାଗ୍ରତ ହୋଇଯିବ'' । (ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଏବଂ ଜିହାଦ୍, ରୁହାନି ଖଜାଏନ୍ ଖଣ୍ଡ-୧୭, ପୃଷ୍ଠା-୯)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେ ସମୟର ସରକାରୀ ପଦାଧିକାରୀଙ୍କୁ ସମ୍ବୋଧନ କରି ଶାନ୍ତିପ୍ରତିଷ୍ଠା, ଆପୋସି ଭାଇଚାରା ଓ ପ୍ରେମକୁ ବଜାୟ ରଖିବା ପାଇଁ ଲେଖିଲେ- "ମୋ ନିକଟରେ ଉତମ ପ୍ରସ୍ତାବ ତାହା ଅଛି ଯାହାକୁ ସାଂପ୍ରତିକ ରୋମି ସରକାର ଗ୍ରହଣ କରିଛନ୍ତି । ଏବଂ ତାହା ହେଉଛି ପରୀକ୍ଷା ମୂଳକ ଭାବେ କିଛି ବର୍ଷ ନିମନ୍ତେ ପ୍ରତ୍ୟେକ ଫିର୍‌କାକୁ ସମ୍ପୂର୍ଣ୍ଣ ରୂପେ ରୋକାଯିବ ଯେ ସେମାନେ ନିଜ ଲେଖାଦ୍ୱାରା ଓ ବକ୍ତବ୍ୟ ଦ୍ୱାରା କଦାପି ଅନ୍ୟ କୌଣସି ଧର୍ମକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଚର୍ଚ୍ଚା କରିବେ ନାହିଁ । ହଁ ସେମାନଙ୍କୁ ଏ ଅଧିକାର ହେବ ଯେ ତାଙ୍କ ନିଜ ଧର୍ମର ଉତମ ଶିକ୍ଷାଗୁଡିକୁ ବର୍ଣ୍ଣନା କରିପାରିବେ । ଏହାଦ୍ୱାରା ନୁଆ ନୁଆ ଦ୍ୱେଷାତ୍ମକ ବୀଜ ବୁଣିବାର ଅବରୋଧ ହେବ । ଏବଂ ପୁରୁଣା କାହାଣୀ ଗୁଡିକ ଭୁଲି ସେମାନେ ପରସ୍ପର ମଧ୍ୟରେ ପ୍ରେମ ଓ ସ୍ନେହ ବନ୍ଧନରେ ଆବଦ୍ଧ ହୋଇଯିବେ । ଦେଶରେ ସୀମାରେ ଥିବା ପାସବିକ ଚରିତ୍ରର ଲୋକମାନେ ମଧ୍ୟ ଏହି ପରିବର୍ତନକୁ ଲକ୍ଷ କରି ଏଥିରେ ପ୍ରଭାବିତ ହୋଇ ଖ୍ରୀଷ୍ଟିଆନ୍‌ମାନଙ୍କୁ ଏପରି ସହାନୁଭୁତି ଦେଖାଇବେ ଯେପରି ଜଣେ ମୁସଲ୍‌ମାନ୍ ନିଜ ମୁସଲ୍‌ମାନ ଭାଇପ୍ରତି ଦେଖାଇଥାଏ ।" *(ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଏବଂ ଜିହାଦ୍, ରୁହାନି ଖଜାଏନ୍ ଖଣ୍ଡ-୧୭, ପୃଷ୍ଠା-୨୨)*

ଅତ୍ୟନ୍ତ ଦୁଃଖଦ ଓ ଖେଦଜନକ ଯେ ଧର୍ମୀୟ ସହିଷ୍ଣୁତା ଓ ସାମାଜିକ ଶାନ୍ତି ପରିପ୍ରେକ୍ଷୀରେ ହଜ୍‌ରତ୍ ମସିହ୍ ମଉଦ୍

ଆ:ସ ଙ୍କ ଏହି ଫଳପ୍ରଦ ଓ ସୁଦୁର ପ୍ରସାର ପ୍ରସ୍ତାବ ଉପରେ ଅମଳ କରିବା ପାଇଁ କାହାକୁ ସୌଭାଗ୍ୟ ପ୍ରାପ୍ତ ହେଲାନାହିଁ । ଫଳତଃ ଆଜି ଶହେ ବର୍ଷ ପରେ ଆତଙ୍କବାଦୀ ନୃଶଂଶତା ପ୍ରତିଦିନର କାର୍ଯ୍ୟକଳାପ ହୋଇଯାଇଛି । ଏବଂ ଏହା ଦିନକୁ ଦିନ ଫସାଦ୍‌ର ଗଭୀର କାଦୁଅ ଭିତରେ ଧସି ଚାଲିଛି ।

**ବିଶ୍ୱବ୍ରହ୍ମାଣ୍ଡର ପାଳନକର୍ତାଙ୍କର ବିଶେଷ ଗୁଣ**

ଶାନ୍ତି ସ୍ଥାପନ ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଲ୍ଲାଃତାଲାଙ୍କ ଗୁଣବାଚକ ନାମ "ରବ୍‌ବୁଲ୍ ଆଲମିନ୍ (ବ୍ରହ୍ମାଣ୍ଡର ପାଳନକର୍ତା)"କୁ ଦୁନିଆ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଯେପରି ଆମର ପାଳନକର୍ତା ନିଜର ମାନ୍ୟକାରୀ ଏବଂ ଅମାନ୍ୟକାରୀ ଉଭୟଙ୍କ ସହିତ ବିନା ଭେଦଭାବରେ ସମାନ ବ୍ୟବହାର କରୁଛନ୍ତି ଠିକ୍ ସେହିପରି ଆମମାନଙ୍କର ଏହା କର୍ତବ୍ୟ ଅଟେ ଯେ ପ୍ରତ୍ୟେକ ମନୁଷ୍ୟକୁ ଆମେ ମନୁଷ୍ୟ ବୋଲି ଭାବି ଓ ଅଲ୍ଲାଃତାଲାଙ୍କର ସନ୍ତାନ ରୂପେ ବିବେଚନା କରି ତା ସହିତ ପ୍ରେମ, ସ୍ନେହ ଓ ସହାନୁଭୂତିର ସହିତ ବ୍ୟବହାର କରିବା ଉଚିତ୍ । ସେ ଯେକୌଣସି ଧର୍ମ, ଜାତି, ବଂଶ ବା ଦେଶର ହୁଅନ୍ତୁ ନା କାହିଁକି ।

ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- "ମୋର ଏ ଉସୁଲ୍(ସିଦ୍ଧାନ୍ତ) ଯେ ସମଗ୍ର ମାନବଜାତି ସହିତ କଲ୍ୟାଣ ଓ ସହାନୁଭୂତି ଦେଖାଓ । ଯଦି ଜଣେ ପଡ଼ୋଶୀ ସ୍ୱଚକ୍ଷୁରେ ଏହା ଦେଖୁଛି ଯେ ତା ପାଖ ଘରେ ଜଣେ ହିନ୍ଦୁଙ୍କ ଘରେ ନିଆଁ ଲାଗିଛି ଅଥଚ ସେ ନିଆଁକୁ ଲିଭାଇବା ପାଇଁ ତତ୍ପର ହେଉନାହିଁ ତେବେ ମୁଁ ସତ କହୁଅଛି ଯେ ଉକ୍ତ ବ୍ୟକ୍ତିର ମୋ ସହିତ କୌଣସି ସମ୍ପର୍କ ନାହିଁ । ଯଦି କିଏ ମୋ ଅନୁଗାମୀ ମାନଙ୍କ ଭିତରୁ ଏହା ଦେଖୁଛି ଯେ ଜଣେ ଖ୍ରୀଷ୍ଟିଆନ୍‌କୁ ହତ୍ୟା କରାଯାଉଛି । ମାତ୍ର ସେ ସେହି ହତ୍ୟାକାରୀଠାରୁ ତାକୁ ଛଡ଼ାଇବା ଉଦ୍ଦେଶ୍ୟରେ କୌଣସି ପ୍ରକାର ସାହାଯ୍ୟ ପାଇଁ ଆଗକୁ ଆସୁନାହିଁ, ତେବେ ଏହା ନିରାଟ ସତ୍ୟ ଯେ ସେ ବ୍ୟକ୍ତି ମଧ ଆମ ଭିତରେ ଅନ୍ତର୍ଭୁକ୍ତ ନୁହେଁ । ମୁଁ ରାଣ ଖାଇ କହୁଛି ଏବଂ ସତକଥା କହୁଛି ଯେ ମୋତେ କୌଣସି ଜାତି ସହିତ କୌଣସି ପ୍ରକାର ଶତୃତା ନାହିଁ । ହଁ ସମ୍ଭବତ ମୁଁ ସେମାନଙ୍କର ପ୍ରଥାର ଇସ୍‌ଲାହ୍ କରିବାକୁ ଚାହୁଁଛି । ଯଦି କିଏ ମୋତେ ଗାଳି ଦେଉଛି ତେବେ ମୁଁ କୌଣସି ଅନ୍ୟ ଅଦାଲତକୁ ନଯାଇ କେବଳ ଅଲ୍ଲାଙ୍କ ଦରବାରରେ ଫେରାଦ୍ ଜଣାଉଛି । ଏବଂ ମାନବ ଜାତି ସହିତ ସହାନୁଭୂତି ଦେଖାଇବା ହେଉଛି ଆମର କର୍ତବ୍ୟ ।" (ସିରାଜେ ମୁନିର୍, ରୁହାନି ଖଜାଏନ୍ ଖଣ୍ଡ-୧୨, ପୃଷ୍ଠା-୨୮)

**ସମସ୍ତ ଧର୍ମ ପ୍ରତିଷ୍ଠାତା ଓ ଧର୍ମୀୟ ନେତାମାନଙ୍କର ସମ୍ମାନ କରିବା ଉଚିତ୍**

ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ଗୋଟିଏ ସିଦ୍ଧାନ୍ତ ନିରୁପଣ କରିଛନ୍ତି ଓ କହୁଛନ୍ତି ଯେ ପ୍ରତ୍ୟେକ କୌମ୍‌ରେ ଖୁଦାଙ୍କ ପ୍ରିୟତମ ମନୁଷ୍ୟ ଜନ୍ମ ନେଇଛନ୍ତି । ତେଣୁ ସେହି ସମସ୍ତ ଗୁରୁମାନଙ୍କର ସମ୍ମାନ ଓ ସତ୍କାର କରାଯାଉ । ଏହି ଉପାୟରେ ଆପଣ ଆ:ସ ଆନ୍ତର୍ଜାତୀୟ ଏକତାର ଗୋଟିଏ ଅତ୍ୟନ୍ତ ମଜ୍‌ବୁତ୍ ମୂଳଦୁଆ ରଖିଛନ୍ତି ।

ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- "ହେ ପ୍ରିୟ ଲୋକମାନେ ! ପୁରାତନ ଅଭିଜ୍ଞତା ଓ ବାରମ୍ବାର ହୋଇଥିବା ପରୀକ୍ଷା ଦ୍ୱାରା ଏକଥାକୁ ସାବ୍ୟସ୍ତ କରୁଛି ଯେ ବିଭିନ୍ନ ଜାତିର ଧର୍ମାବତାର ଓ ରସୁଲ୍‌ମାନଙ୍କର ଅସମ୍ମାନ କରିବା ଓ ସେମାନଙ୍କୁ ଗାଳିଗୁଲଜ କରିବା ଏପରି ଏକ ଜହର ଅଟେ, ପରିଶେଷରେ ତାହା ନାଁ କେବଳ ଶରୀରକୁ ବିନାଶ କରିଥାଏ, ବରଂ ଆତ୍ମାକୁ ମଧ ବିନାଶ କରିଦିଏ । ଦୀନ୍ ଓ ଦୁନିଆର ଉଭୟକୁ ଧ୍ୱଂସ କରିଥାଏ । ଯାହାର ଅଧିବାସୀମାନେ ଏକ ଆରେକଙ୍କ ଧର୍ମାବତାରମାନଙ୍କର ପଦମର୍ଯ୍ୟାଦାରେ ଦୋଷାରୋପ ଲଗାଇଥାଆନ୍ତି, ସେ ଦେଶ ଆରାମ ସହକାରେ ରହିପାରେ ନାହିଁ, ଯେଉଁମାନେ ଆପୋଷରେ ଜଣେ ଆଉଜଣଙ୍କ ନବୀ ବା ଋଷି ବା ଅବତାରମାନଙ୍କୁ କୁଭାଷା ଓ ଭର୍ତ୍ସନା କରି ମନେ ପକାଇଥାଏ ସେହି କୌମ୍ ମାନଙ୍କରେ କଦାପି ବାସ୍ତବିକ ଅଖଣ୍ଡତା ବଜାୟ ରହିପାରିବ ନାହିଁ, " (ପୈଗାମେ ସୁଲାହା ରୁହାନି ଖଜାଏନ୍ ଖଣ୍ଡ-୨୩, ପୃଷ୍ଠା-୪୫୨)

ବର୍ତମାନ ଦୁନିଆର ଦେଶୀୟ ଏବଂ ଆନ୍ତର୍ଦେଶୀୟ ପରିବେଶକୁ ଖରାପ କରିବା ପାଇଁ ଉପରୋକ୍ତ କଥା ସହିତ ଆହୁରି ବହୁତ ଗୁଡିଏ କାରଣ ଅଛି । ସେଥିମଧ୍ୟରୁ ଗୋଟିଏ କାରଣ ହେଉଛି ପୁରାତନ ଧର୍ମୀୟ ଘଟଣା ଗୁଡିକ ଏବଂ ଅତ୍ୟାଚାରର କାହାଣୀଗୁଡିକୁ, ତାହା ଅବାସ୍ତବ ହୋଇଥିଲେ ମଧ ବା ବାସ୍ତବ ହୋଇଥାଉ ମଧ ସେ ସବୁକୁ ଦୋହରାଇ ଓ ସ୍ମରଣ କରାଇ ପୁସ୍ତକ ଓ ଖବରକାଗଜରେ ପ୍ରକାଶିତ କରି ଜାତି ଜାତି ମଧ୍ୟରେ ଘୃଣାଭାବ ଜନ୍ମାଇବା ଅଟେ । ଫଳତଃ ପୁରୁଣା କ୍ଷତ ସ୍ଥାନକୁ ଉଖୁରାଇ ମାନସିକ ଉତେଜନା ଓ ବିଭାଜନ କରିବା ଭଳି ବିଷାକ୍ତ ପରିବେଶକୁ ସୃଷ୍ଟି କରିଦିଆଯାଏ । ଯଦିଚ ଅତୀତର ଅତ୍ୟାଚାର କେବେଠୁ ବିତିସାରିଲାଣି ଏବଂ ଅତ୍ୟାଚାର କରିଥିବା ବ୍ୟକ୍ତିମାନେ ମଧ ଏ ସଂସାରରେ ନାହାଁନ୍ତି, ଯୁଗ ବଦଳି ଗଲାଣି, ଅବସ୍ଥାରେ ପରିବର୍ତନ ଆସିଗଲାଣି ଏବଂ ବର୍ତମାନ ପିଢ଼ୀ ଓ ଲୋକମାନଙ୍କର ସେହି ଅତ୍ୟାଚାର ସହିତ କୌଣସି ସମ୍ପର୍କ ନାହିଁ ।

ଏ ବିଷୟରେ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ପବିତ୍ର କୋରାନ୍ ଆଲୋକରେ ସଂସାରବାସୀଙ୍କୁ ଏକତ୍ରୀକରଣ, ଶାନ୍ତି ଓ ମଙ୍ଗଳକାମନାର ଶିକ୍ଷା ଦେଇଛନ୍ତି । ତାହା ହେଉଛି ଏପରି- ଆପଣ ଆ:ସ କହୁଛନ୍ତି-

"ଆମେ ଅତ୍ୟନ୍ତ ଦୁଃଖର ସହିତ ଏହା ଲେଖିବାକୁ ଚାହୁଁଛୁ ଯେ ଇସ୍‌ଲାମୀୟ ସମ୍ରାଟମାନଙ୍କ ସମୟରେ ଶିଖ୍ ଧର୍ମାବଲମ୍ବୀ ମାନଙ୍କ ସହିତ ମୁସଲମାନ୍ ଶାସକମାନେ କିଛି ମତଭେଦ ସୃଷ୍ଟି କଲେ ବା ତାଙ୍କ ସହିତ ଝଗଡ଼ା କଲେ । ଏହି ସବୁ କଥା ବାସ୍ତବରେ ସାଂସାରିକ କାର୍ଯ୍ୟକଳାପ ଥିଲା । ଏବଂ ଆବେଗପୂର୍ଣ୍ଣ କାରଣ ଯୋଗୁ ତାହା ବଢ଼ିଯାଇଥିଲା । ଏବଂ ସାଂସାରିକ ମୋହ ମାୟା ଏପରି ଝଗଡ଼ାକୁ ଆହୁରି ଅଧିକ ବଢ଼ାଇ ଦେଇଥିଲା । କିନ୍ତୁ ଏହି ସାଂସାରିକ ଲୋକମାନଙ୍କ ପାଇଁ କୌଣସି ଅବଶୋଷର ସ୍ଥାନ ନଥିଲା ବରଂ ଇତିହାସ ବହୁତ ଗୁଡିଏ ସାକ୍ଷୀ ଉପସ୍ଥାପନ କରୁଛି ଯେ ପ୍ରତ୍ୟେକ ଧର୍ମର ଲୋକମାନଙ୍କ ଭିତରେ ଏ ଦୃଷ୍ଟାନ୍ତ ଅଛି । ରଜା ଓ ସମ୍ରାଟମାନଙ୍କ ଶାସନ କାଳରେ ଭାଇ ଭାଇକୁ, ପୁତ୍ର ବାପକୁ ଓ ବାପ ପୁତ୍ରକୁ ହତ୍ୟା କରିଦେଉଥିଲା । ଏପରି ଲୋକମାନେ ଧର୍ମ, ସଂସାର ଏବଂ ପରକାଳର ଚିନ୍ତା କରିନଥାନ୍ତି ।....ପ୍ରତ୍ୟେକ ଗୋଷ୍ଠୀର ପୁଣ୍ୟବାନ୍ ଏବଂ ଉତମ ଚରିତ୍ର ଲୋକମାନଙ୍କୁ ଆବଶ୍ୟକ ଯେ ସ୍ୱାର୍ଥପର ସମ୍ରାଟ ଏବଂ ରାଜାମାନଙ୍କ କାହାଣୀ ଗୁଡିକୁ ବିନା କାରଣରେ ଭିତରେ ପୁରାଇ, ଅଯଥା ସେମାନଙ୍କର ପାର୍ଥିବ ସୁଖସ୍ୱଚ୍ଛନ୍ଦ ଯାହା ହିଂସାପରାୟଣତା ପାଇଁ ଥିଲା, ନିଜକୁ ସେପରି ନକରନ୍ତୁ । ତାହା ଗୋଟିଏ କୌମ୍ ଥିଲା, ଯାହା ବିତିଗଲାଣି । ସେ ତାଙ୍କର କର୍ମ ପାଇଁ ଓ ଆମେ ଆମ କର୍ମର ଉତରଦାୟୀ ଅଟୁ । ଆମ ପାଇଁ ଏହା ଅନୁଚିତ ଅଟେ ଯେ ସେମାନଙ୍କର କଂଟାକୁ ଆଣି ଆମ ରକ୍ଷ ଜମିରେ ବୁଣିବା । ଏବଂ ଆମର ମନକୁ କେବଳ ଏଥିପାଇଁ ଖରାପ କରିଦେବା ଯେ ଆମ ପୂର୍ବରୁ ଆମର କିଛି କୌମ୍ ଏପରି କାମ କରିଛନ୍ତି" । (ସତ୍ ବଚନ୍, ରୁହାନି ଖଜାଏନ୍, ଖଣ୍ଡ-୧୦, ପୃଷ୍ଠା-୨୫୨)

ଏହି ସ୍ୱର୍ଣ୍ଣିମ ସିଦ୍ଧାନ୍ତ ଜରିଆରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୟାମତ୍ ପର୍ଯ୍ୟନ୍ତ ଜୁଲୁମ୍ ଓ ଫିତ୍‌ନା ଫିସାଦ୍‌ର ମୁଳପ୍ରୋଚନ କରିଛନ୍ତି ଯାହା ଗୋଟିଏ ପିଢ଼ୀରୁ ଅନ୍ୟ ପିଢ଼ୀକୁ ପରିବର୍ତନ ହୋଇ ଏବଂ ମନୁଷ୍ୟକୁ ତାର ପାପ ଦ୍ୱାରା ନିଃଶେଷ କରିଦିଏ । ଏବଂ ପୁଣି ମନୁଷ୍ୟର ରକ୍ତରେ ସହରର ଗଳିକନ୍ଦିରେ ବହିବାକୁ ଲାଗିଥାଏ । ମନୁଷ୍ୟ ସଇତାନ୍‌ର ରୂପ ଧାରଣ କରି ବର୍ବରତାର ସହିତ ନାଚିଉଠେ ।

ଏହି ସ୍ୱର୍ଣ୍ଣିମ ସିଦ୍ଧାନ୍ତ ଅନ୍ତର୍ଗତ ଏହା ଜରୁରୀ ଅଟେ ଯେ ଅତୀତର ରଜା ମହାରାଜାଙ୍କର ଓ ଜାତିପାତର ନିଷ୍ଠୁରତାକୁ ଲୋକମାନଙ୍କର ସମ୍ମୁଖରେ ଆଣି ପରିବେଶକୁ ଦୂଷିତ ନକରାଯାଉ । ସେମାନେ ଯାହାକିଛି କରିଛନ୍ତି ତାହାର ଫଳ ସେମାନେ ଭୋଗିସାରିଛନ୍ତି । ସେ କଥାକୁ ଦୋହରାଇବା ଉଚିତ୍ ହେବନାହିଁ । ଆମକୁ ଆମର କାର୍ଯ୍ୟ ଓ ଚରିତ୍ରକୁ ସୁଧାରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଯଦି ଆମେ ଆମ ଭିତରେ ଶାନ୍ତି ସହିଷ୍ଣୁତା ଓ ଉଦାରତା ମନୋଭାବକୁ ଜନ୍ମାଇବା ତେବେ ତାର ମିଠାଫଳକୁ ଆମେ ନିଜେ ହିଁ ଖାଇବା ।

ଏପରି ଶାନ୍ତି ଓ ସୌହାର୍ଦ୍ଧ୍ୟ ପୂର୍ଣ୍ଣ ଶିକ୍ଷା ଓ ସିଦ୍ଧାନ୍ତକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପବିତ୍ର କୋରାନ୍ ଓ ଦୟାର ନବୀ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ପବିତ୍ର ଜିବନୀର ଆଲୋକରେ ଦୁନିଆର ସମ୍ମୁଖରେ ଉପସ୍ଥାପନ କଲେ । ଏଥିପାଇଁ ହଜୁର୍ ଆ:ସ ନିଜର ସମ୍ପୂର୍ଣ୍ଣ ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ଏହି ମହାନ୍ ଉଦ୍ଦେଶ୍ୟ ନିମନ୍ତେ ଆପଣ ଆପଣଙ୍କ ମୃତ୍ୟୁ (ଯାହା ୨୬ ମଇ ୧୯୦୮ ରେ ହୋଇଥିଲା) ର କେବଳ ଗୋଟିଏ ଦିନ ପୂର୍ବେ ନିଜର ବିଖ୍ୟାତ ଭାଷଣ 'ପୈଗାମେସୁଲାହ୍' ଲେଖିଛନ୍ତି । ଯେଉଁଥିରେ ଆପଣ ଆ:ସ ଶାନ୍ତି ସ୍ଥାପନ ନିମନ୍ତେ ଏପରି ସିଦ୍ଧାନ୍ତ ଓ ନିର୍ଦ୍ଦେଶମାନ ଲେଖିଛନ୍ତି ଯାହା ସମସ୍ତ କୌମ୍ (ଜାତି) ରେ ଏକତା ସୃଷ୍ଟି କରିବା ପାଇଁ ଅତ୍ୟନ୍ତ ଜରୁରୀ ଓ ଲାଭପ୍ରଦ ଅଟେ । ସୁତରାଂ ଆଜି ଆନ୍ତର୍ଜାତୀୟ ଏକତା ପାଇଁ ଏହା ଏକମାତ୍ର ମାଧମ ଅଟେ, ଯାହା ଦ୍ୱାରା ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି- "ସୁତରାଂ ଯେମିତି ଆଧାତ୍ମିକ ଉନ୍ନତି ପାଇଁ ହଜ୍‌ରତ୍ ମସିହ୍

ମଉଦ୍ ଆ:ସଙ୍କ ସହିତ ଜଡ଼ିତ ରହିବା ଆବଶ୍ୟକ ତଦାନୁରୂପ ସଂସାରକୁ ଶାନ୍ତିମୟ କରିବା ନିମନ୍ତେ ମଧ୍ୟ ମସିହ୍ ମଉଦ୍‌ଙ୍କ ସହିତ ଜଡ଼ିତ ରହିବା ଆବଶ୍ୟକ । କାରଣ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କର ନିତୀବାଣୀକୁ ପୁରଣ କରିଛନ୍ତି ଯେ ଦୁନିଆକୁ ଶାନ୍ତି, ପ୍ରେମ, ମୈତ୍ରୀ ଆଡକୁ ଡାକି ଏହାସବୁ କୁ ପ୍ରତିଷ୍ଠା କରିବା ପାଇଁ ଖୁଦାତାଲାଙ୍କ ହକ୍‌କୁ କାଏମ୍ କରିବା ପାଇଁ ଏବଂ ଅଲ୍ଲାଃତାଲାଙ୍କ ଜ୍ୟୋତିରୁ ପ୍ରଜ୍ୱଳିତ ହେବା ପାଇଁ ଦୁନିଆରେ ଶାନ୍ତିର ମାଧ୍ୟମ ହୋଇଯାଆନ୍ତୁ ।

ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଏହି ନିର୍ଦ୍ଦେଶ ଥିଲା କି ଯଜଉଲ୍ ହରବ ଅର୍ଥାତ୍ ଯେବେ ମସିହ୍ ଆସିବେ ତେବେ ସେ ଯୁଦ୍ଧକୁ ନିଃଶେଷ କରିଦେବେ ଏବଂ ଏହି ଯଜଉଲ୍ ହରବ ଯୋଗୁଁ ପୁଣି ଅମନ୍ ଏବଂ ଶାନ୍ତିର ବାର୍ତା ମଧ୍ୟ ପ୍ରସାର ହେବ ଏବଂ ଆପଣଙ୍କ ଶିକ୍ଷାର ଆଲୋକରେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶାବଳୀର ଆଲୋକରେ ହିଁ ସ୍ଥାୟୀ ଖିଲାଫତ୍‌ର ସିଲସିଲା ଏହାକୁ ପୁଣି ଆଗକୁ ବଢ଼ାଇ ଚାଲିବ । ଆଜି ମୁସ୍‌ଲିମ୍ ଉମ୍ମତ୍ ଯଦି ଏହି ବାସ୍ତବିକତାକୁ ବୁଝିନେବ ଅର୍ଥାତ୍ ଆମର ଯେଉଁ ବାକି ମୁସଲମାନ୍ ଭାଇମାନେ ଅଛନ୍ତି । ଯଦି ଏହି ବାସ୍ତବିକତାକୁ ବୁଝିନେବେ ତେବେ ପାଶ୍ଚାତ୍ୟରେ ଇସଲାମ୍ ବିରୋଧରେ ଯେଉଁ ପ୍ରତ୍ୟେକ ଦିନ ଆକ୍ରୋଷ ମନୋଭାବ ଉତ୍ପନ୍ନ ହେଉଛି ସେଥିପାଇଁ ସେମାନେ ସାହସ କରିବେ ନାହିଁ । ଏକତା ହିଁ ବଳ । ଏହାକୁ କାଏମ୍ କରିବା ପାଇଁ ଅଲ୍ଲାଃତାଲା ଏ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ପ୍ରେରଣ କରିଛନ୍ତି ।” (ଖୁତ୍‌ବା ଜୁମା ପ୍ରଦତ୍ତ ୪ ଡିସେମ୍ବର୍ ୨୦୦୯)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆବିର୍ଭାବ ହୋଇ ଏପରି ସିଦ୍ଧାନ୍ତ ଓ ଶିକ୍ଷାକୁ ସଂସାର ସମ୍ମୁଖରେ ରଖିଲେ ଯାହା ଦ୍ୱାରା ଦୁନିଆରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ଏବଂ ଏ ଦୁନିଆ ଧ୍ୱଂସ ମୁହଁରୁ ବଂଚିପାରିବ । ଆପଣଙ୍କ ମୃତ୍ୟୁ ପରେ ଆପଣଙ୍କ ସମ୍ମାନୀୟ ଖଲିଫାମାନେ ଏହି ମିଶନ୍‌କୁ ନେଇ ଦୁନିଆରେ ପରିବର୍ତନ ଆଣିବା ପାଇଁ ଚେଷ୍ଟା କରୁଛନ୍ତି ଓ ଆଜି ଏହି କାଫିଲା ମାନବଜାତିର ଉନ୍ନତି ନିମନ୍ତେ ଦୁନିଆର କୋଣ ଅନୁକୋଣରେ ଚେଷ୍ଟାରତ ।

ହଜ୍‌ରତ୍ ମୌଲାନା ହକିମ୍ ନୁରୁଦ୍ଦିନ୍ ସାହେବ୍ ଖଲିଫତୁଲ୍ ମସିହିଲ୍ ଅୱ୍‌ୱଲ୍ ର:ଅ ବର୍ଣ୍ଣନା କରୁଛନ୍ତି-

“ଯେପରି ଅଲ୍ଲାଃତାଲା ନିଜ ସୃଷ୍ଟି ଉପରେ ଦୟା ଓ ସହାନୁଭୁତି ଓ କରୁଣାର ଦୃଷ୍ଟି ରଖିଛି ତୁମେ ମଧ୍ୟ ତାର ସୃଷ୍ଟି ସହିତ ସଚ୍ଚାପ୍ରେମ ଏବଂ ବାସ୍ତବିକ ସହାନୁଭୁତିର ଆଚରଣ କର ।.... ଖୁଦାତାଲାଙ୍କର ଏହା ବିଶେଷ ଗୁଣ ଅଟେ ଯେ ଖଳ ପ୍ରକୃତିର ଲୋକେ ଓ ତାଠାରୁ ଦୂରେଇ ରହିଥିବା ଲୋକେ ମଧ୍ୟ ତା ରବୁବିୟତ୍ (ପାଳନକର୍ତାର କାର୍ଯ୍ୟ ନିର୍ବାହ କରୁଥିବା) ରୁ ଲାଭ ଓ ଭାଗ ପାଉଛନ୍ତି । ସୁତରାଂ ତୁମେ ମଧ୍ୟ ଖୁଦାଙ୍କ ସୃଷ୍ଟି ସହିତ କରୁଣା, ପୁଣ୍ୟ ଓ ଉତମ ବ୍ୟବହାର କରିବାରେ ନିୟୋଜିତ ହୋଇଯାଓ ଏବଂ ସମଗ୍ର ମାନବଜାତି ସହିତ ଉତମ ବ୍ୟବହାର କର । ଖୁଦା ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତା ଅଟନ୍ତି । ତେଣୁ ସେ ମଧ୍ୟ ବ୍ରହ୍ମାଣ୍ଡ ନିମନ୍ତେ କରୁଣା ହୋଇଯାଉ । ଅତଏବ ଏହାହିଁ ତକ୍‌ୱା ଅଟେ ।” (ଖୁତ୍‌ବାତେ ନୁର, ଖଣ୍ଡ-?, ପୃଷ୍ଠା-୩)

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଅୱ୍‌ୱଲ୍ ର:ଅ ଶାନ୍ତି ପ୍ରତିଷ୍ଠା ନିମନ୍ତେ କହୁଛନ୍ତି - “ଦୁନିଆର କାର୍ଯ୍ୟ ଶାନ୍ତି ଉପରେ ପର୍ଯ୍ୟବେଶିତ ଯଦି ଶାନ୍ତି ପ୍ରତିଷ୍ଠା ନହେବ ତେବେ କୌଣସି କାର୍ଯ୍ୟ ସମ୍ଭବ ହୋଇପାରିବ ନାହିଁ । ଅର୍ଥାତ୍-ଯେତେ ପରିମାଣରେ ଶାନ୍ତି ସ୍ଥାପନ ହେବ ସେତେ ପରିମାଣରେ ଇସ୍‌ଲାମ୍ ଉନ୍ନତି କରିବ । ସେଥିପାଇଁ ଆମ ନବୀ କରିମ୍ ସ:ଆ:ସ ସବୁବେଳେ ଶାନ୍ତିର ବାର୍ତାବହ ଥିଲେ । ଆପଣ ସ:ଆ:ସ ତୱାଏଫୁଲ୍ ମଲୁକି (ଦେଶାନ୍ତରଣ ସମୟରେ) ଯେତେବେଳେ ମକ୍କାରେ ଥିଲେ ଓ ଇସାଇମାନଙ୍କ ଦ୍ୱାରା ପରିଚାଳିତ ରାଜ୍ୟ ଯାହା ହବ୍‌ଶାରେ ଥିଲା, ସେତେବେଳେ ଆମକୁ ଏ ଶିକ୍ଷା ଦେଇଛନ୍ତି ଯେ ଅଣ ମୁସ୍‌ଲିମ୍ ରାଜ୍ୟ ଅନ୍ତର୍ଗତ ରହିବାକୁ ହେଲେ ଆମେ ଆମ ଜୀବନ କିପରି ବିତାଇବା ଉଚିତ୍ । ସେ ଜୀବନର ମଧ୍ୟ କିଛି କର୍ତବ୍ୟ ଅଛି, ତାହା ହେଉଛି ‘ଶାନ୍ତି’ । ଯଦି ଶାନ୍ତି ନାହିଁ ତେବେ କୌଣସି ପ୍ରକାର କାମ ତାହା ଧର୍ମୀୟ ହେଉ ବା ସାଂସାରିକ ହେଉ ସେ କାମ ଉତମ ରୂପେ ହୋଇପାରିବ ନାହିଁ । ସେଥିଯୋଗୁ ମୁଁ ତାଗିଦ୍ କରୁଛି ଯେ ଶାନ୍ତିର ପ୍ରସାର ନିମନ୍ତେ ଚେଷ୍ଟା କର ଓ ଶାନ୍ତି ପାଇଁ ଶକ୍ତିର ଆବଶ୍ୟକତା ଅଛି ଓ ତାହା ସରକାରଙ୍କ ପାଖରେ ଅଛି । ମୁଁ ଖୁସାମତ କରୁନାହିଁ ବରଂ ସତ୍ୟକୁ ପହଂଚାଇବା ନିୟତରେ କହୁଛି ଯେ ଯଦି ତୁମେ ଶାନ୍ତିପ୍ରିୟ ଯମାତ୍ ହୋଇଯିବ ତେବେ ତୁମେ ଉନ୍ନତି କରିପାରିବ ଓ ଶାନ୍ତିରେ ଜୀବନଯାପନ କରିପାରିବ । ଏହାର ପ୍ରତିବଦଳରେ ମଖ୍‌ଲୁକ୍ (ଲୋକମାନଙ୍କ) ଙ୍କ ଠାରୁ କିଛି ମାଗ ନାହିଁ । ଅଲ୍ଲାଃଙ୍କ ଠାରୁ ଏହାର ବଦଳା ମାଗ । ମନେରଖ ଯେ ଶାନ୍ତି ବିନା କୌଣସି ଧର୍ମ ପ୍ରସାର କରିପାରେ ନାହିଁ । ଏହା ସହିତ ମୁଁ ଏହା କହିବାକୁ ଚାହୁଁଛି ଯେ ହଜ୍‌ରତ୍ ସାହେବ୍ (ହଜ୍‌ରତ୍ ମସିହ୍ ମଉଦ୍) ଙ୍କ ପୁସ୍ତକ ଗୁଡିକରୁ ଜଣା ପଡୁଛି ଯେ ସରକାରଙ୍କ ଏହି ଉପକାରର ପ୍ରତି ବଦଳରେ ଆମେ ଯଦି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିବା ତେବେ ଅଲ୍ଲାଃତାଲା ଏହାର ସୁଫଳ ଆମକୁ ନିଶ୍ଚିତ ଦେବେ ଓ ଯଦି ଆମେ ଏହାକୁ ବିରୋଧ କରିବା ତେବେ ଏହାର କୁଫଳକୁ ଆମେ ଅପେକ୍ଷା କରିବା” । (ହକାଏକୁଲ୍ ଫୁର୍‌କାନ୍ ଖଣ୍ଡ-୪, ପୃଷ୍ଠା-୪୫୩-୪୫୪)

ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହ୍‌ମୁଦ୍ ଅହେମଦ୍ ଖଲିଫତୁଲ୍ ମସିହ୍ ସାନି ର:ଅ ସଂସାରରେ ଶାନ୍ତି ସ୍ଥାପନା ନିମନ୍ତେ କହୁଛନ୍ତି-

“ସୁତରାଂ ଇସ୍‌ଲାମ୍ କହୁଛି ଯେ ଏହି ଚାରିଟି ବିଷୟକୁ ଛାଡ଼ିଦେଲେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ । ପ୍ରଥମ-ଲିଗ୍ ପାଖରେ ସୈନ୍ୟବଳ ରହିବା ଆବଶ୍ୟକ । ଦ୍ୱିତୀୟ- ନ୍ୟାୟ ସହିତ ଆପୋଷରେ ସୁଲହା କରାଯାଉ । ତୃତୀୟ-ଯିଏ ନମାନିବ ତା ବିପକ୍ଷରେ ସମସ୍ତେ ମିଶି ଲଢ଼ନ୍ତୁ । ଚତୁର୍ଥ-ଏବଂ ଯଦି ସୁଲାହ୍ ହୋଇଯାଏ ତେବେ ସୁଲାହ୍ କରାଉଥିବା ଦଳ ଏଥିରୁ ନିଜର ଲାଭ ନ ଉଠାନ୍ତୁ ।

ଏହି ଚାରିଟି ସିଦ୍ଧାନ୍ତ ଲିଗ୍ ଅଫ୍ ନେସନ୍‌ସ (ଜାତିସଂଘ) ନିମନ୍ତେ ପବିତ୍ର କୋରାନ୍ ବର୍ଣ୍ଣନା କରିଛି । ଯେପର୍ଯ୍ୟନ୍ତ ଏହି ଚାରିଗୋଟି ଉପରେ ଅମଳ ନ କରାଯିବ ସେପର୍ଯ୍ୟନ୍ତ ବାସ୍ତବିକ ଶାନ୍ତି ସୃଷ୍ଟି ହୋଇପାରିବ ନାହିଁ । ପ୍ରଥମ ଲିଗ୍ ଅଫ୍ ନେସନ୍‌ସ ମଧ୍ୟ ଅସଫଳ ରହିଲା ଓ ବର୍ତମାନର ଲିଗ୍ ଅଫ୍ ନେସନ୍‌ସ ମଧ୍ୟ ଅସଫଳ ରହିବ । ସୁତରାଂ ଏହା ଜରୁରୀ ଅଟେ କି ଦୁନିଆ ଇସ୍‌ଲାମ୍‌ର ସିଦ୍ଧାନ୍ତକୁ ଆପଣାଉ ଏବଂ ତା ଉପରେ ଅମଳ କରିବା ପାଇଁ ଚେଷ୍ଟା କରୁ । କାରଣ ଯେପର୍ଯ୍ୟନ୍ତ ଏହି ଦଳଗତ ବ୍ୟବସ୍ଥା ଜାରି ରହିବ ଏବଂ ଯେପର୍ଯ୍ୟନ୍ତ ଏହି ବିଭେଦ ବାକି ରହିବା ଯେ ଏହା ଛୋଟ କୌମ୍ ଓ ତାହା ବଡ଼ କୌମ୍ ଅଟେ ଓ ଏହା ଦୁର୍ବଳ ସରକାର ଓ ତାହା ଶକ୍ତିଶାଳୀ ସରକାର ଅଟେ । ସେ ସମୟ ପର୍ଯ୍ୟନ୍ତ ଦୁନିଆରେ ଶାନ୍ତି ସ୍ଥାପନା ସ୍ୱପ୍ନ ମାତ୍ର ହୋଇ ରହିଯିବ । ସୁତରାଂ ଏହା ଜରୁରୀ ଅଟେ ଯେ ଏହି ପ୍ରଭେଦକୁ ହୃଦୟରୁ ଲିଭାଇ ଦିଆଯାଉ ।....

ସୁତରାଂ ଲିଗ୍ ଅଫ୍ ନେସନ୍‌ସ ତେବେ ଯାଇ ସଫଳ ହୋଇପାରିବ ଯେବେ ତାର ନିୟମଗୁଡିକ ଇସ୍‌ଲାମ୍‌ର ସିଦ୍ଧାନ୍ତ ମୁତାବକ ତିଆରି କରାଯିବ ଓ ଇସ୍‌ଲାମୀୟ ନିର୍ଦ୍ଦେଶ ଅନୁସାରେ ତା ଉପରେ ଅମଳ କରାଯିବ । ଲିଗ୍ ଅଫ୍ ନେସନ୍‌ସ ପରେ ଯଦି ଦୁନିଆ ଶାନ୍ତି ପାଇଁ ଆଶା କରୁଛି ତେବେ ତାକୁ ନିମ୍ନଲିଖିତ ଚାରିଟି ଗୁଣକୁ ଏକତ୍ର କରି ଚେଷ୍ଟା କରିବା ଉଚିତ୍ ହେବ । ଯଦି ଏହି ଚାରଟିକୁ ଏକାଠି କରିଦିଆଯାଏ ତେବେ ତାହା ଦୁନିଆରେ ଗୋଟିଏ ସରକାରର ସ୍ଥାପନ ହୋଇପାରିବ ।

(୧)ମୁଦ୍ରା ଓ ତାର ବିନିମୟ

(୨)ବ୍ୟବସାୟିକ ସୁସମ୍ପର୍କ

(୩)ଆନ୍ତର୍ଜାତୀୟ ଅଦାଲତ

(୪)ଗମନାଗମନର ମାଧ୍ୟମ ଅର୍ଥାତ୍ ପ୍ରତ୍ୟେକ ମନୁଷ୍ୟକୁ ଯାତ୍ରା କରିବାର ସୁବିଧା ମିଳିବା ଉଚିତ୍ । ଫଳତଃ ସେ ସ୍ୱାଧିନ ରୂପେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଯାତାୟତ କରିପାରିବ ।

ଏହି କାରଣ ଗୁଡିକ ଲିଗ୍ ଅଫ୍ ନେସନ୍‌ସ ଠାରୁ ମଧ୍ୟ ଅଧିକ ଜରୁରୀ ଅଟେ । କାରଣ ଲିଗ୍‌ର ଆବଶ୍ୟକତା ବେଳେବେଳେ ପଡ଼ିଥାଏ । କିନ୍ତୁ ଯାତ୍ରା ଏବଂ ବ୍ୟବସାୟିକ ସମ୍ପର୍କ ଇତ୍ୟାଦି ପ୍ରତ୍ୟେକ ଦିନର ବ୍ୟାପାର ଅଟେ । ବର୍ତମାନ କିଛି ଏପରି ଦେଶ ମଧ୍ୟ ଅଛନ୍ତି ଯେଉଁମାନେ ଏହି ନିୟମକୁ ବନାଇଛନ୍ତି ଯେ ଅନ୍ୟ ଦେଶର କୌଣସି ବ୍ୟକ୍ତି ଆମ ଦେଶରେ ଦାଖଲ ହୋଇପାରିବ ନାହିଁ । ଉଦାହରଣ ସ୍ୱରୂପ-ରୁଷ୍ ଏବଂ କିଛି ଅନ୍ୟଦେଶଗୁଡିକରେ ଏପରି ପ୍ରତିବନ୍ଧ ଲଗାଯାଇଛି ଯେ କୌଣସି ବାହାର ଦେଶର ଲୋକେ ଆମ ଦେଶକୁ ଆସିପାରିବେ ନାହିଁ । ଆମେ ଆମର ମୋବୋଲିଗ୍‌କୁ ସେଠାକୁ ପଠାଇବା ପାଇଁ ପାସ୍‌ପୋର୍ଟ ହାସଲ୍ କରିବା ନିମନ୍ତେ ବହୁତ ଚେଷ୍ଟା କଲୁ କିନ୍ତୁ ପାସ୍‌ପୋର୍ଟ ଦିଆଗଲା ନାହିଁ । ସୁତରାଂ ଯେପର୍ଯ୍ୟନ୍ତ ଭାବନାର ଆଦାନପ୍ରଦାନ କରିବା ପାଇଁ ଅନୁମତି ନହେବ ସେପର୍ଯ୍ୟନ୍ତ ଏକତା ହୋଇପାରିବ ନାହିଁ । କାରଣ ସରକାରର ଏକତା ନିମନ୍ତେ ଲୋକମାନଙ୍କର ଏକତା ଜରୁରୀ ଅଟେ । ଲୋକମାନଙ୍କ ଭିତରେ ଏକତା ସେପର୍ଯ୍ୟନ୍ତ ସୃଷ୍ଟି ହୋଇପାରିବନାହିଁ ଯେପର୍ଯ୍ୟନ୍ତ ସେମାନଙ୍କ ଭିତରେ ଭାବର ଆଦାନପ୍ରଦାନ ନହେବ । ତେଣୁ ଭାବର ଆଦାନପ୍ରଦାନ ସରକାର ସରକାର ମଧ୍ୟରେ ଏକତ୍ରୀକରଣ କରିବା ନିମନ୍ତେ ପ୍ରଥମ ପଦକ୍ଷେପ ଅଟେ । ତେଣୁ ଏହି ଚାରିଟି ଜିନିଷକୁ ଯଦି ଏକାଠି କରିଦିଆଯିବ ତେବେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

ଏହାପରେ ଦେଶର ଆଭ୍ୟନ୍ତରୀଣ ଝଗଡ଼ା ଦୂର କରିବା ପାଇଁ ଇସ୍‌ଲାମ୍ ଯେଉଁ ଶିକ୍ଷା ଦେଇଛି ଏବେ ମୁଁ ତାକୁ ବର୍ଣ୍ଣନା କରୁଅଛି ।

ପ୍ରଥମ ଜିନିଷ ହେଉଛି ଜାତିପ୍ରଥାର ବିଭେଦକୁ ନିଃଶେଷ କରି ଦିଆଯାଉ । ଅଲ୍ଲାଃତାଲା କହୁଛନ୍ତି-ଅର୍ଥାତ୍ ହେ ଲୋକମାନେ ! ଆମେ ତୁମକୁ ପୁରୁଷ ଓ ସ୍ତ୍ରୀ ରୂପେ ସୃଷ୍ଟି କରିଛୁ ଏବଂ ତୁମକୁ ଅନେକ ଗୋଷ୍ଠୀ ଓ କବିଲାରେ ବିଭାଜନ କରିଦେଇଛୁ । ଫଳତଃ ତୁମେ ପରସ୍ପର ଭିତରେ ପରିଚୟକୁ ପାଇପାରିବ । କିନ୍ତୁ ମନେରଖ ଯେ ତୁମ ମାନଙ୍କ ଭିତରୁ ଅଲ୍ଲାଃଙ୍କ ନିକଟରେ ଅଧିକା ସମ୍ମାନୀୟ ହେଉଛି ସେ ଯେ ସବୁଠାରୁ ଅଧିକ ମୁତ୍‌ତକି (ଧର୍ମପରାୟଣ) । ଏହି ଜାତି ଓ କବିଲା ଓ ଖାନ୍‌ଦାନ୍ କେବଳ ପରିଚୟ ପାଇବା ନିମନ୍ତେ ସୃଷ୍ଟି କରାଯାଇଛି । ଯେପରି ଲୋକଙ୍କୁ ଚିହ୍ନିବା ପାଇଁ ତାର ନାମ ରଖାହୁଏ । କିନ୍ତୁ କଣ ନାମ ଯୋଗୁ ହିଁ ତୁମେ ଏହା କେବେ ଭାବୁଛ ଯେ ଯେହେତୁ ତାର ନାମ ଅବ୍‌ଦୁଲ୍ଲାଃ ସେଥିପାଇଁ ସେ ଛୋଟ ଅଟେ ଓ ତାର ନାମ ରହ୍‌ମାନ୍ ସେଥିଯୋଗୁ ସେ ବଡ଼ ଅଟେ ବୋଲି । ବରଂ ଏହି ନାମଗୁଡିକ କେବଳ ଚିହ୍ନିବା ପାଇଁ । କିନ୍ତୁ କିଛି ଲୋକ ନିଜର ମୁର୍ଖତା ଯୋଗୁ ନିଜକୁ ଅନ୍ୟଲୋକମାନଙ୍କ ଠାରୁ ସମ୍ମାନୀୟ ବୋଲି ମନେକରନ୍ତି । ଯେପରି ମୁସଲ୍‌ମାନ୍ ମାନଙ୍କ ଭିତରେ ସୟଦ୍‌ମାନେ ଓ ହିନ୍ଦୁମାନଙ୍କ ଭିତରେ ବ୍ରହ୍ମଣ ସାଧାରଣତଃ ନିଜକୁ ସମସ୍ତଙ୍କ ଠାରୁ ବଡ଼ ବୋଲି ବିବେଚନା କରିଥାନ୍ତି । ସୁତରାଂ ଏହିଭଳି ଗୋଷ୍ଠୀ ଓ କବିଲାର ବିଭାଜନ ନିଜ ଭିତରେ କୌଣସି ସମ୍ମାନ ରଖେନାହିଁ । ବରଂ ଏହା ତ ଚିହ୍ନିବା ପାଇଁ ଅଟେ । ଯଦି ସମସ୍ତେ ଅବ୍‌ଦୁଲ୍ଲାଃନାମୀ ହୁଅନ୍ତେ ବା ସମସ୍ତଙ୍କର ନାମ ଚୁନୀଲାଲ୍ ବା ରାମ୍‌ଲାଲ୍ ରଖାଯାଇଥାଆନ୍ତା ତେବେ ଚିହ୍ନିବା କଠିନ ହୋଇଥାନ୍ତା । ସେଥିପାଇଁ ଏ ନାମ ଓ କବିଲା ଓ ଦେଶ ଇତ୍ୟାଦି ଆମପାଇଁ ଚିହ୍ନିବା ନିମନ୍ତେ ସହଜତା ସୃଷ୍ଟି କରିବାର ମାଧ୍ୟମ ଅଟନ୍ତି । ନଚେତ୍ ଇସ୍‌ଲାମ୍ କୌଣସି ମନୁଷ୍ୟକୁ ଅନ୍ୟ ମନୁଷ୍ୟ ଉପରେ କେବଳ କବିଲା ବା ଖାନ୍‌ଦାନ୍ ବା ଦେଶ ଯୋଗୁଁ ଉତ୍କୃଷ୍ଟତା ଦିଏନାହିଁ ।

ରସୁଲେ କରିମ୍ ସ:ଆ:ସ ଏକଦା କହିଲେ ଯେ ଆରବୀ ବ୍ୟକ୍ତିଙ୍କୁ ଅଜମି (ଅନ୍ୟଦେଶର ଲୋକ)ଙ୍କ ଉପରେ କୌଣସି ପ୍ରାଧାନ୍ୟ ନାହିଁ । ଏବଂ ନା କୌଣସି ଅଜମିକୁ ଆରବୀଙ୍କ ଉପରେ କୌଣସି ପ୍ରାଧାନ୍ୟ ଅଛି । ସମସ୍ତେ ଅଲ୍ଲାଃତାଲାଙ୍କ ଭକ୍ତ ଅଟନ୍ତି ।

ଦ୍ୱିତୀୟ କଥା ହେଉଛି ପକ୍ଷପାତକୁ ଶେଷ କରାଯାଉ । ସାଧାରଣତଃ ଦୁନିଆର ରିତୀ ଅନୁଯାୟୀ ଏହା ଦେଖାଯାଉଛି ଯେ ଲୋକମାନେ ନିଜ ବନ୍ଧୁକୁ ସାହାଯ୍ୟ କରିଥାନ୍ତି ଏବଂ ଯେଉଁ ଲୋକ ସହିତ ତାର କୌଣସି ମତଭେଦ ଥାଏ ତାକୁ ନିଛ ଦେଖାଇବା ପାଇଁ ଚେଷ୍ଟା କରିଥାନ୍ତି । ଏହିସବୁ କାର୍ଯ୍ୟ ଦ୍ୱାରା ଶାନ୍ତିକୁ ନଷ୍ଟ କରିଦିଆଯାଏ । ଅଲ୍ଲାଃତାଲା କହୁଛନ୍ତି ଯେ ଆମେ ତୁମକୁ ବନ୍ଧୁତ୍ୱ ସ୍ଥାପନ କରିବା ପାଇଁ ମନା କରୁନାହୁଁ । ତୁମେ ବନ୍ଧୁଙ୍କର ସାହାଯ୍ୟ ନିଶ୍ଚିତ ରୂପେ କର । କିନ୍ତୁ ତାହା ନେକି ଓ ତକ୍‌ୱା (ପୁଣ୍ୟ ଓ ଧର୍ମପରାୟଣତା) ର ସୀମା ଭିତରେ ରହି ଯାହା କିଛି ତାକୁ ହକ୍ ପହଂଚାଇବାର ହେଉଛି ତାହା ହିଁ ତାକୁ ପହଂଚାଓ ଏହା ନୁହେଁ ଯେ ଯେହେତୁ ସେ ତୁମର ବନ୍ଧୁ, ତେଣୁ ପାପ ଓ ଦୁଷ୍ଟତା କରିବାରେ ମଧ୍ୟ ତାର ତୁମେ ସାହାଯ୍ୟ କରିଚାଲ । (ଏହା ଠିକ୍ ନୁହେଁ) ରସୁଲେ କରିମ୍ ସ:ଆ:ସ ଥରେ ଜଣେ ସାହାବାକୁ କହିଲେ ଉନ୍‌ସୁରୁ ଅଖାକା ଜାଲିମନ୍ ଅଉ ମଜ୍‌ଲୁମନ୍ ଅର୍ଥାତ୍-ତୁମ ନିଜ ଭାଇକୁ ସାହାଯ୍ୟ କର । ସେ ଜାଲିମ୍ ହୋଇଥାଉ ବା ହୋଇଥାଉ । ସାହାବାମାନେ ପଚାରିଲେ ୟାରସୁଲଲ୍ଲାଃ ଯାହା ଉପରେ ଅତ୍ୟାଚାର କରାଯାଇଛି ତାକୁ ତ ଆମେ ସାହାଯ୍ୟ କରିବାର କଥା ବୁଝିପାରିବୁ କିନ୍ତୁ ଅତ୍ୟାଚାରୀକୁ କିପରି ଆମେ ସାହାଯ୍ୟ କରିବୁ ? ଆପଣ କହିଲେ ତାକୁ ଅତ୍ୟାଚାର କରିବାରୁ ରୋକ । ଏହା ତାହାପାଇଁ ସାହାଯ୍ୟ ହେବ । ଅର୍ଥାତ୍ ସବୁ ସମୟରେ ତୁମ ଭାଇକୁ ସାହାଯ୍ୟ କରିବା ତୁମ ପାଇଁ ଧାର୍ଯ୍ୟ ଅଟେ । ଯଦି ସେ ଅତ୍ୟାଚାରିତ ତେବେ ଅତ୍ୟାଚାରୀର ହାତକୁ ରୋକି ଦିଅ । ଯଦି ସେ ନିଜେ ଅତ୍ୟାଚାରୀ ତେବେ ତାକୁ ଅତ୍ୟାଚାର କରିବାରୁ ରୋକିଦିଅ । ସୁତରାଂ ନାର୍ଯ୍ୟ ସହାୟତା ବିଷୟରେ ଇସ୍‌ଲାମ୍ ନିର୍ଦ୍ଦେଶ ଦେଉଛି କିନ୍ତୁ ଅନାର୍ଯ୍ୟ ସାହାଯ୍ୟକୁ ବହୁତ ଦୃଢ଼ତାର ସହିତ ବାରଣ କରୁଛି । ଏବଂ ଏହା ନିର୍ଦ୍ଦେଶ ଦେଉଛି ଯେ ଖୁସି ହୋଇ ପ୍ରତ୍ୟେକ ଅନାର୍ଯ୍ୟ କାର୍ଯ୍ୟକୁ ସ୍ୱୀକାର କରନାହିଁ ।

ତୃତୀୟ କଥା ହେଉଛି ଧନୀ ଓ ଗରିବର ପାର୍ଥକ୍ୟକୁ ଶେଷ କରିବା । ଅଲ୍ଲାଃତାଲା କହୁଛନ୍ତି-ବସ୍ତିବାଲାଙ୍କର ଧନ ଅଲ୍ଲାଃତାଲା ନିଜ ରସୁଲ୍‌କୁ ପ୍ରଦାନ କରିଛନ୍ତି ତାହା ଅଲ୍ଲାଃ ଓ ତାର ରସୁଲ୍ ଓ ସମ୍ପର୍କୀୟଙ୍କର ଅଟେ । ସେହିପରି ଅନାଥ ଓ ନିସହାୟ ଓ ପର୍ଯ୍ୟଟକଙ୍କର ମଧ୍ୟ ଏହା ଅଟେ । ଏବଂ ଆମେ ଏହି କାନୁନ୍ ଏଥିପାଇଁ ତିଆରି କରିଛୁ ଧନ ସମ୍ପତି ଗୁଡିକ ତୁମମାନଙ୍କ ଭିତରେ ଥିବା ଧନୀ ଲୋକଙ୍କ ମଧ୍ୟରେ ଚଳପ୍ରଚଳ ନହେଉ । ବରଂ ଗରିବ ଲୋକଙ୍କର ଆବଶ୍ୟକତାକୁ ମଧ୍ୟ ଧ୍ୟାନ ରଖାଯାଉ । ହଁ ଇସ୍‌ଲାମ୍ ଏହା କହୁନାହିଁ ଯେ ଧନୀ ଲୋକଙ୍କର ଧନ ସମ୍ପତିକୁ ସମ୍ପୂର୍ଣ୍ଣ ରୂପେ ନେଇ ତାକୁ ନିର୍ଦ୍ଧନ କରି ଦିଆଯାଉ । ଓ ନିଶ୍ଚିତ ରୂପେ ସମାନତା କାଏମ୍ କରି ଦିଆଯାଉ ବୋଲି । ବରଂ ସେ ସମସ୍ତଙ୍କର ସ୍ୱାଧିନତାର ହକ୍‌କୁ ମଧ୍ୟ କାଏମ୍ ରଖୁଛି କିନ୍ତୁ ତତ୍ ସହିତ ସରକାରଙ୍କୁ ମଧ୍ୟ ଧ୍ୟାନ ଆକର୍ଷଣ କରାଉଛି ଯେ ନିଜର ଧନକୁ ଏପରି ଖର୍ଚ୍ଚ କର ଯଦ୍ୱାରା ଗରିବ ଲୋକମାନେ ଉନ୍ନତି କରିପାରିବେ ।

ଚତୁର୍ଥ କଥା ହେଉଛି ଜାତିବାଦର ଆତ୍ମାକୁ ଦୂର କରାଯାଉ । ଦୁନିଆରେ ଅଧିକାଂଶ ଲୋକ ଏପରି ଅଛନ୍ତି ଯେଉଁମାନେ କେବଳ ଏହା ଦେଖୁଛନ୍ତି ଯେ ଯେହେତୁ ଆମ କୌମ୍ ଅମକ କଥା କହିଛି ତେଣୁ ତାର କଥା ଠିକ୍ । ଓ ଏବେ ଆମ ଉପରେ ଏହା ଧାର୍ଯ୍ୟ ଯେ ଆମେ ଆମ କୌମ୍‌ର ପ୍ରତ୍ୟେକ କଥାକୁ ସମ୍ମତି ଦେବୁ । ସେମାନେ ଏହା ଦେଖୁନାହାଁନ୍ତି ଯେ ତାଙ୍କର କୌମ୍ ଠିକ୍ କଥା ଉପରେ ଅଛି ନା ଭୁଲ୍ କଥା କହୁଛି । ଏବଂ ଯେହେତୁ କୌମ୍‌କୁ ଏହା ଭରଷା ଅଛି ଯେ ଏ କୌମ୍‌ର ଲୋକମାନେ ନିଶ୍ଚିତ ରୂପେ ଆମ କଥାକୁ ସମ୍ମତି ଦେବେ ତେଣୁ ସେ ନ୍ୟାର୍ଯ୍ୟ ଓ ଅନାର୍ଯ୍ୟ ପ୍ରତ୍ୟେକ କିସମର କାମକୁ ନିଜପାଇଁ ଉଚିତ୍ ମଣୁଛି । ଅଲ୍ଲାଃତାଲା କହୁଛନ୍ତି ଅର୍ଥାତ୍ ହେ ବିଶ୍ୱାସକାରୀମାନେ ତୁମେ ଗୁରୁତ୍ୱପୂର୍ଣ୍ଣ କଥା ଉପରେ ମଶୁରା (ଚର୍ଚ୍ଚା) କର ଏବଂ ଏ ସମୟରେ ସବୁବେଳେ ଏକଥାକୁ ସମ୍ମୁଖରେ ରଖ ଯେ ଆମେ ପାପ ଓ ଅତ୍ୟାଚାର ଓ ନିଜର ରସୁଲ୍‌ଙ୍କର ଅମାନ୍ୟ କରିବୁନାହିଁ । ଏପରି ପରିସ୍ଥିତିରେ ନିଜ କୌମ୍‌ଠାରୁ ଅଲଗା ହୋଇଯିବୁ । ସୁତରାଂ ଇସ୍‌ଲାମ୍ ଏହିପରି କୌଣସି ପ୍ରକାରର ଦଳୀୟ ସଂଗଠନକୁ ଅବୈଧ ଘୋଷଣା କରିଥାଏ । ଯେଉଁଠି ପାପ, ଅତ୍ୟାଚାର ଓ ରସୁଲ୍‌ଙ୍କ ଅମାନ୍ୟକାରୀଙ୍କ ଠାରୁ ବଂଚିବା ପାଇଁ ଚେଷ୍ଟା କରାନଯାଏ । ହଁ ଇସ୍‌ଲାମ୍ ଏହା କହୁଛି ଯେ ଏପରି କମିଟି ତିଆରି କର ଯାହାର ମୂଳଦୁଆ ପୁଣ୍ୟ ଓ ଧର୍ମପରାୟଣତା ଉପରେ ପରିବେଷ୍ଟିତ ଓ ଅଲ୍ଲାଃତାଲାଙ୍କର ଭୟ ନିଜ ମନରେ ସୃଷ୍ଟି କର ଓ ତାର ସୀମାକୁ ଲଂଘିବା ପାଇଁ ଚେଷ୍ଟା କରନାହିଁ କାରଣ ତୁମର ଏହି ଦଳ ଏ ଦୁନିଆରେ ହିଁ ରହିଯିବେ । ତୁମେ ଅସ୍ଥାୟୀ ରୂପେ ଏହି ପରୀକ୍ଷା କ୍ଷେତ୍ରକୁ ଆସିଛ କିନ୍ତୁ ତୁମର ମୋକ୍ଷ ପରକାଳ ସହିତ ଜଡ଼ିତ । ସୁତରାଂ ଏପରି କୌଣସି କାର୍ଯ୍ୟ ନକର ଯଦ୍ୱାରା ତୁମର ଆସନ୍ତା ପିଢ଼ୀ ନଷ୍ଟ ହୋଇଯିବ । ଏହି ଚାରୋଟି ନିୟମ ଇସ୍‌ଲାମ୍ ବର୍ଣ୍ଣନା କରିଛି । ଯଦି ଦୁନିଆ ଏହା ଉପରେ ଅମଳ କରିବ ତେବେ ବର୍ତ୍ତମାନ ପରିସ୍ଥିତିରେ ଯେଉଁ ଅଶାନ୍ତି ସୃଷ୍ଟି ହୋଇଛି ସେଥିରୁ ମୋକ୍ଷ ପାଇପାରିବ । (ଅନୁଓ୍ୱାରୁଲ୍ ଓ୍ୱଲୁମ୍, ଖଣ୍ଡ-୧୮, ପୃଷ୍ଠା-୪୩୨-୪୩୭)

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ଙ୍କ ଖିଲାଫତ୍‌ର ଅବଧି ନଭେମ୍ବର ୧୯୬୫ ରୁ ଜୁନ୍ ୧୯୮୨ ପର୍ଯ୍ୟନ୍ତ ବିସ୍ତିର୍ଣ୍ଣ ଥିଲା । ଏହା ସେ ସମୟ ଥିଲା ଯେତେବେଳେ ସମଗ୍ର ବିଶ୍ୱ ଦୁଇଟି ବିଶ୍ୱ ଯୁଦ୍ଧରୁ ମୁକୁଳି ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଅଗ୍ରସର ହେଉଥିଲା । ଏହିପରି ବଂଶବାଦ ଓ ଜାତିବାଦର ଘୃଣା ବ୍ୟାପିଥିବା ସମୟରେ ବିଶ୍ୱବ୍ୟାପୀ ଯମାତ ଅହେମଦୀୟାର ତୃତୀୟ ଖଲିଫା ଏ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ଆଧାରିତ ସନ୍ଦେସଗୁଡିକ ଦ୍ୱାରା ସଂସାରବାସୀଙ୍କୁ ଅବଗତ କରାଇଲେ । ଓ ତାହା ଥିଲା ପ୍ରେମ ଓ ପ୍ରୀତିର ସନ୍ଦେଶ । ଗୋଟିଏ ଅବସରରେ ଆପଣ କହୁଛନ୍ତି-

"ମୁଁ ଶହ ଶହ ଥର ପବିତ୍ର କୋରାନ୍ ଉପରେ ଗଭୀର ଚିନ୍ତା କରି ଅଧ୍ୟୟନ କରି ଏହା ପାଇଛି ଯେ ଏହାର ଗୋଟିଏ ମଧ୍ୟ ଆୟତ ଏଭଳି ନୁହେଁ ଯାହା ସାଂସାରିକ ମାମଲାରେ ଜଣେ ମୁସ୍‌ଲିମ୍ ଓ ଜଣେ ଅଣମୁସ୍‌ଲିମ୍ ଭିତରେ ପାର୍ଥକ୍ୟ ସୃଷ୍ଟି କରିବା ପାଇଁ ଶିକ୍ଷା ଦେଇଥିବ । ଇସ୍‌ଲାମୀୟ ଶରିୟତ୍ ସମଗ୍ର ମାନବ ଜାତି ପାଇଁ କେବଳ କରୁଣା ଅଟେ । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଏବଂ ଆପଣଙ୍କ ସାହାବାମାନେ ଲୋକମାନଙ୍କ ହୃଦୟରେ ପ୍ରେମ ଓ ସହାନୁଭୁତି ସୃଷ୍ଟି କରି ତାକୁ ଜିତି ପାରିଥିଲେ । ଯଦି ଆମେ ମାନବ ଜାତିର ହୃଦୟକୁ ଜିତିବାକୁ ଚାହୁଁଛେ ତେବେ ଆମେ ମଧ୍ୟ ନିଶ୍ଚିତ ରୂପେ ସେମାନଙ୍କର ପଦକ୍ଷେପକୁ ଅନୁସରଣ କରି ଚାଲିବା ଉଚିତ୍ । ପବିତ୍ର କୋରାନ୍‌ର ସାରାଂଶ ହେଉଛି- ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ - Love for all Hatred for non ଅର୍ଥାତ୍- ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ । ଏହା ହେଉଛି ସେହି ଶୈଳୀ ବା ରାସ୍ତା

ଯାହା ଦ୍ୱାରା ଆମେ ହୃଦୟ ଉପରେ ବିଜୟ ପାଇପାରିବା । ଏତଦ୍‌ଭିନ୍ନ ଆଉ କୌଣସି ମାର୍ଗ ନାହିଁ ।" (ଖୁତାବ୍ ଜଲସା ସାଲାନା ବ୍ରିଟେନ୍ ଅକ୍ଟୋବର-୧୯୮୦, ବ ହଓ୍ୱାଲା ଦୌରା ମଗରିବ୍, ପୃଷ୍ଠା-୫୨୩-୫୨୪)

ଏତଦ୍‌ବ୍ୟତୀତ ହଜୁର୍ ଅନୁଓ୍ୱର୍ ର:ଅ ସମଗ୍ର ୟୁରୋପ୍ ଓ ଇଂଲଣ୍ଡବାସୀଙ୍କୁ ସେହିପରି ସମଗ୍ର ମାନବଜାତିକୁ ତୃତୀୟ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧରୁ ଦୂରେଇ ରହିବାକୁ ସଜାଗ କଲେ । ସୁତରାଂ କହିଲେ- "ଆପଣମାନେ ଜାଣିଛନ୍ତି ଯେ ୟୁରୋପ୍ ଗସ୍ତ ସମୟରେ ମୁଁ ଲଣ୍ଡନ୍‌ର ୱାଣ୍ଡଜ୍‌ୱାର୍ଥ ହଲ୍‌ରେ ଗୋଟିଏ ଅଂଗ୍ରେଜୀ ଭାଷାରେ ବକ୍ତବ୍ୟ ପଢ଼ିଥିଲି । ସେଥିରେ ୟୁରୋପ୍ ଓ ସମଗ୍ର ବିଶ୍ୱର ଗୋଷ୍ଠୀ ସମୁଦାୟକୁ ସମ୍ବୋଧନ କରି ଆହ୍ୱାନ ଦେଇଥିଲି ଯେ ଯଦି ସେମାନେ ନିଜର ପାଳନକର୍ତ୍ତା ଓ ସ୍ରଷ୍ଟା ଆଡ଼କୁ ନମୁହାଁଇବେ ଓ ମୁହମ୍ମଦ୍ ସ:ଆ:ସଙ୍କର ଧ୍ୱଜା ତଳେ ଏକତ୍ର ନହେବେ ତେବେ ଅତ୍ୟନ୍ତ ଭୟାବହ ବିନାଶ ସେମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଛି । ଯାହା କୟାମତ୍ ସଦୃଶ ହେବ ।" (ଖୁତ୍‌ବାତେ ନାସିର୍, ଖଣ୍ଡ-୧, ପୃଷ୍ଠା-୯୩୦)

ହଜରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ଶାନ୍ତି ପ୍ରତିଷ୍ଠା ପାଇଁ ଏବଂ ତୃତୀୟ ବିଶ୍ୱଯୁଦ୍ଧ ବିଷୟରେ ଅବଗତ କରିବା ପାଇଁ ଯେଉଁ ବିଷୟ ଆପଣ ପଢ଼ି ଶୁଣାଇଲେ ସେଥିରେ ଆପଣ କହୁଛନ୍ତି- "ଅହେମଦୀୟା ଯମାତ୍‌ର ଇମାମ୍ ହୋଇଥିବା ଦୃଷ୍ଟିକୋଣରୁ ମୋତେ ଗୋଟିଏ ଆଧ୍ୟାତ୍ମିକ ସ୍ଥାନରେ ସମ୍ମାନିତ କରାଯାଇଛି । ସେଥିଯୋଗୁ ମୋ ଉପରେ ଏପରି କିଛି ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ଯାହାକୁ ମୁଁ ମୋର ଶେଷ ନିଃଶ୍ୱାସ ଚାଲୁଥିବା ପର୍ଯ୍ୟନ୍ତ ଉପେକ୍ଷା କରିପାରିବି ନାହିଁ । ମୋର ଏହି ଗୁରୁ ଦାୟିତ୍ୱ ଗୁଡ଼ିକର ପରିସୀମା ସମଗ୍ର ମାନବଜାତି ନିମନ୍ତେ ବ୍ୟାପକ ଅଟେ । ଏବଂ ଏହି ଭାଇଚାର ଅନୁଯାଇ ମୁଁ ସମସ୍ତଙ୍କୁ ପ୍ରେମ କରେ ।" (ଖୁତ୍‌ବାତେ ନାସିର୍, ଖଣ୍ଡ-୧, ପୃଷ୍ଠା-୯୩୦-୯୩୫)

ବନ୍ଧୁଗଣ! ମାନବତା ବର୍ତ୍ତମାନ ଅତ୍ୟନ୍ତ ଭୟାବହ । ବିଧ୍ୱଂସ ସମ୍ମୁଖରେ ଦଣ୍ଡାୟମାନ । ଏପରି ଅବସ୍ଥାରେ ମୁଁ ଆପଣମାନଙ୍କ ନିମନ୍ତେ ଓ ଅନ୍ୟ ସମସ୍ତ ଲୋକମାନଙ୍କ ନିମନ୍ତେ ଗୋଟିଏ ଜରୁରୀ ବାର୍ତ୍ତା ନେଇ ଉପସ୍ଥିତ ହୋଇଛି । ଅବସର ମୁତାବକ ସମୟାନୁସାରେ ମୁଁ ଏହାକୁ ସଂକ୍ଷିପ୍ତରେ ବର୍ଣ୍ଣନା କରିବା ପାଇଁ ଚେଷ୍ଟା କରିବି । ମୋର ଏହି ବାର୍ତ୍ତା ଶାନ୍ତି, ମୈତ୍ରୀ, ସହାନୁଭୂତି ଓ ମାନବତା ପାଇଁ ଆଶାର ବାର୍ତ୍ତା ଅଟେ । ଏବଂ ଆଶା କରୁଛି ଯେ ଆପଣମାନେ ଗଭୀର ମନଧ୍ୟାନ ଦେଇ ମୋର ଏହି ସଂକ୍ଷିପ୍ତ କଥାକୁ ଶୁଣିବେ ଓ ମନରେ ବିଦ୍ୱେଷ ନରଖି ଉଦାର ମନଭାବ ସହିତ ଏହା ଉପରେ ବିଚାର କରିବେ । (ଖୁତ୍‌ବାତେ ନାସିର୍, ଖଣ୍ଡ-୧, ପୃଷ୍ଠା-୯୩୦-୯୩୫)

ଏହାପରେ ହଜୁର୍ ରହେମୁଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସଂକ୍ଷିପ୍ତ ଜୀବନି ଓ ନୈତିକତା ଉପରେ ଆଲୋକପାତ କରି ତାଙ୍କର ଦାବୀ ଓ ଆଗମନର ଭବିଷ୍ୟତବାଣୀ ଗୁଡ଼ିକ ଉପସ୍ଥାପିତ କରି କହିଲେ- ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଦୁଇଗୋଟି ବିଶ୍ୱଯୁଦ୍ଧର ଭବିଷ୍ୟବାଣୀ କରିଥିଲେ ତାହା ପୂରଣ ହୋଇସାରିଛି । ସେଠାରେ ଆପଣ ମଧ୍ୟ ତୃତୀୟ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧର ଭବିଷ୍ୟବାଣୀ କରିଛନ୍ତି । ସୁତରାଂ ହଜୁର୍ କହିଲେ-ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ତୃତୀୟ ଯୁଦ୍ଧର ମଧ୍ୟ ଖବର ଦେଇଛନ୍ତି । ଯାହା ପ୍ରଥମ ଦୁଇଟି ଯୁଦ୍ଧଠାରୁ ଅଧିକ ଭୟାବହ ହେବ । ଦୁଇଟି ବିରୋଧି ଦଳ ଆକସ୍ମିକ ଭାବେ ପରସ୍ପର ଭିତରେ ସଂଘର୍ଷରତ ହେବେ ଓ ଦୁନିଆ ହତପ୍ରଭ ହୋଇଯିବ । ଆକାଶରୁ ବିନାଶ ଓ ମୃତ୍ୟୁର ବର୍ଷା ହେବ । ଏବଂ ଭୟାବହ ଉଜ୍ଜଳ ଅଗ୍ନିଶିଖା ଭୂପୃଷ୍ଠକୁ ଆଚ୍ଛାଦିତ କରିଦେବ । ନୂଆ ସଭ୍ୟତାର ଯୁଗ ଧରାସାଇ ହେବ । ଯୁଦ୍ଧରତ ଗୋଷ୍ଠୀ ଦ୍ୱୟ ଅର୍ଥାତ୍ ଆମେରିକାର ମିତ୍ରଗୋଷ୍ଠୀ ଓ ରୁଷ୍‌ର ମିତ୍ରଗୋଷ୍ଠୀମାନେ ଧ୍ୱଂସ ହୋଇଯିବେ । ଏବଂ ସେମାନଙ୍କର ଶକ୍ତି ଖଣ୍ଡ ବିଖଣ୍ଡିତ ହୋଇଯିବ । ଏବଂ ସେମାନଙ୍କର ସଂସ୍କୃତି, ସଭ୍ୟତା, ସାହିତ୍ୟ ଓ କଳାସ୍ଥାପତ୍ୟ ସବୁ ବିଶୃଙ୍ଖଳିତ ହୋଇଯିବ । ବଂଚି ରହିଯାଇଥିବା ଲୋକମାନେ ହତପ୍ରଭ ଓ ଆଶ୍ଚର୍ଯ୍ୟଚକିତ ହୋଇ ରହିଯିବେ ।

ରୁଷ୍‌ର ନାଗରିକ ମାନେ ଅପେକ୍ଷାକୃତ ଅତିଶିଘ୍ର ଏଥିରୁ ମୁକ୍ତିଲାଭ କରିବେ । ବହୁତ ସ୍ପଷ୍ଟ ରୂପେ ଏହି ପେଶଗୋଇ କରାଯାଇଛି ଯେ ଦେଶର ଜନସଂଖ୍ୟା ପୁଣି ଶିଘ୍ର ଶିଘ୍ର ବଢ଼ିବ ଏବଂ ସେମାନେ ନିଜର ସ୍ରଷ୍ଟାଙ୍କ ଆଡ଼କୁ ମୁହାଁଇବେ ଏବଂ ସେ ଦୃଶ୍ୟ ଗୁଡ଼ିକରେ ବହୁ ସଂଖ୍ୟାରେ ଇସ୍‌ଲାମ୍ ପ୍ରସାର କରିବ ଓ ସେ ଜାତି ଯିଏ ଭୂପୃଷ୍ଠରୁ ଖୁଦାଙ୍କ ନାମ ଏବଂ ଆକାଶରୁ ତାର ଅସ୍ତିତ୍ୱ ନିଃଶେଷ କରିବା ପାଇଁ ଫୁଟାଣି ମାରୁଥିଲେ ସେମାନେ ନିଜର ଦୁରାଚାରକୁ ଜାଣିଯିବେ ଓ ଇସ୍‌ଲାମ୍ ଗ୍ରହଣ କରି ଏକଶ୍ୱରବାଦ ଉପରେ ଦୃଢ଼ ମନୋଭାବ ଆଣି ଅଗ୍ରସର ହେବେ । (ଖୁତ୍‌ବାତେ ନାସିର୍, ଖଣ୍ଡ-୧, ପୃଷ୍ଠା-୯୩୦-୯୩୫)

ଏହାପରେ ହଜୁର୍ ବର୍ଣ୍ଣନା କଲେ କି ଏହି ତୃତୀୟ ବିଶ୍ୱଯୁଦ୍ଧର ଭବିଷ୍ୟତବାଣୀ ଟଳି ମଧ୍ୟ ଯାଇପାରେ । ଯଦି ମନୁଷ୍ୟ ନିଜର ପାଳନକର୍ତ୍ତାଙ୍କ ଶରଣ ପଶିବ ଓ ତୌବା କରିବ, ହଜୁର୍ କହୁଛନ୍ତି- "ମନେରଖ ଯେ ଇସ୍‌ଲାମ୍‌ର ବିଜୟ ଓ ଇସ୍‌ଲାମୀୟ ସୁପ୍ରଭାତର ସୂର୍ଯ୍ୟୋଦୟର ଚିହ୍ନ ଦେଖାଯାଉଛି । ଯଦ୍ୟପି ତାହା ଅସ୍ପଷ୍ଟ ଅଛି କିନ୍ତୁ ଦେଖାଯାଉଅଛି । ଇସ୍‌ଲାମ୍‌ର ସୂର୍ଯ୍ୟ ନିଜର ଦିପ୍ତି ସହିତ ଉଦୟ ହେବ ଓ ଦୁନିଆକୁ ଆଲୋକିତ ଓ ମୁଖରିତ କରିବ କିନ୍ତୁ ଏହା ପୂର୍ବରୁ ମହାବିପର୍ଯ୍ୟୟ ଦେଇ ଏ ଦୁନିଆ ଗତି କରିବ । ଏଭଳି ଏକ ରକ୍ତାକ୍ତ ବିଧ୍ୱଂସତା ମନୁଷ୍ୟକୁ ଦୋହଲାଇ ରଖିଦେବ । ସୁତରାଂ ଏହା ମନେରଖିବା ଉଚିତ୍ ଯେ ଏହା ଏକ ଭୟବିତ କରୁଥିବା ଭବିଷ୍ୟବାଣୀ ଓ ଏ ଧରଣର ଭବିଷ୍ୟବାଣୀ ତୌବା ଓ ଇସ୍‌ତେଗ୍‌ଫାର୍ ଜରିଆରେ ମୁଲତବୀ ହୋଇଯାଇଥାଏ ବରଂ ଘୁଂଚି ଯାଇଥାଏ । ଯଦି ମନୁଷ୍ୟ ଅଲ୍ଲାଃତାଲା ଆଡ଼କୁ ରୁଜୁ (ଫେରିଆସିବ) କରି ତୌବା ଓ ଇସ୍‌ତେଗ୍‌ଫାର୍ କରିବ ଓ ନିଜର ଚାଲିଚଳନକୁ ସୁଧାରି ନେବ ତେବେ ସେ ଅଲ୍ଲାଃଙ୍କର ଗଜବ(ପ୍ରକୋପ) ରୁ ବଂଚିଯିବ । ଏବେ ମଧ୍ୟ ସେ ଖୁଦାଙ୍କ ଗଜବରୁ ବଂଚିପାରିବ ଯଦି ସେ ଧନ, ଶକ୍ତି, ସାମର୍ଥ୍ୟ, ଅହଂକାର ଓ ମିଥ୍ୟା ଖୁଦାଙ୍କର ଉପାସନାକୁ ଛାଡ଼ିଦେବ ଓ ନିଜ ପାଳନକର୍ତ୍ତାଙ୍କ ସହିତ ବାସ୍ତବିକ ସମ୍ପର୍କ ସ୍ଥାପନ କରିନେବ ଓ ପ୍ରତ୍ୟେକ ପ୍ରକାର କୁକର୍ମରୁ ନିଜକୁ ବଂଚିତ ରଖିବ ।

ହୁକୁକୁଲ୍ଲାଃ ଓ ହୁକୁକୁଲ୍ ଇବାଦ୍ (ଅଲ୍ଲାଃଙ୍କ ହକ୍ ଓ ତା ସୃଷ୍ଟିର ହକ୍) ପ୍ରଦାନ କରି ମଣିଷ ଜାତିର ଶୁଭାକାଂକ୍ଷୀ ହୋଇଯାଏ, କିନ୍ତୁ ଏହାର ଭାର ସେହି ରାଷ୍ଟ୍ରମାନଙ୍କ ଉପରେ ଅଛି ଯେଉଁମାନେ ବର୍ତ୍ତମାନ ଶକ୍ତି, ସାମର୍ଥ୍ୟ ଓ ଜାତିବାଦରେ ମଗ୍ନ ଅଛନ୍ତି । କଣ ସେମାନେ ଏହି ମଗ୍ନାତୁ ଛାଡ଼ି ଆଧ୍ୟାତ୍ମିକ ଆନନ୍ଦ ଭିତରକୁ ଆସିବା ପାଇଁ ଇଚ୍ଛୁକ ନାହାଁନ୍ତି ? ଯଦି ସେମାନେ ଦୁନିଆକୁ ତ୍ୟାଗ କଲେ ନାହିଁ ତେବେ ଏହି ବିନାଶକାରୀ ଭବିଷ୍ୟବାଣୀ ନିଶ୍ଚିତ ପୂରଣ ହେବ । ଏବଂ ଦୁନିଆର କୌଣସି କୃତ୍ରିମ ଖୁଦା କିମ୍ବା କୌଣସି ଶକ୍ତି ଏହାକୁ ରୋକି ପାରିବ ନାହିଁ । ସୁତରାଂ ନିଜ ଉପରେ ଏବଂ ନିଜର ଆସନ୍ତା ପିଢ଼ୀ ଉପରେ ଦୟା କରନ୍ତୁ ଓ କରୁଣାମୟ ଦୟାବାନ୍ ଖୁଦାଙ୍କ ବାଣୀକୁ ଶୁଣନ୍ତୁ । ଅଲ୍ଲାଃତାଲା ତୁମ ଉପରେ କୃପାବୃଷ୍ଟି କରନ୍ତୁ ଓ ସତ୍ୟକୁ ଗ୍ରହଣ କରି ସେଥିରୁ ଲାଭାନ୍ୱିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । *(ଖୁତ୍‌ବାତେ ନାସିର୍, ପ୍ରଥମ ଖଣ୍ଡ, ପୃଷ୍ଠା-୯୩୦-୯୩୫)*

ଯମାତ୍ ଅହେମଦୀୟାର ଚତୁର୍ଥ ଖଲିଫା ହଜ୍‌ରତ୍ ମିର୍ଜା ତାହେର୍ ଅହେମଦ୍ ର ସାହେବ ନିଜ ଯମାତ୍‌କୁ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବ ନିମନ୍ତେ ଏବଂ ତୃତୀୟ ବିଶ୍ୱଯୁଦ୍ଧରୁ ମନୁଷ୍ୟକୁ ବଂଚାଇବା ପାଇଁ ଉପଦେଶ ଦେଇ କହୁଛନ୍ତି:- "ଯମାତ୍ ଅହେମଦୀୟାର ଏହା କର୍ତ୍ତବ୍ୟ ଅଟେ ଯେ ସେ ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଶିକ୍ଷା ବିଷୟରେ ସାଂସାରିକ ରାଜନିତୀକୁ ଅବଗତ କରାଇବ । ଏବଂ ଅହେମଦୀମାନେ ଯେକୌଣସି ଦେଶରେ ରୁହନ୍ତୁ ନା କାହିଁକି, ସେଠାରେ ଏହି (ପବିତ୍ର ଶିକ୍ଷାର) ଜିହାଦ୍‌କୁ ଆରମ୍ଭ କରିଦିଅନ୍ତୁ । ସେଠିକାର ଦେଶବାସୀଙ୍କୁ ବତାଇ ଦିଅନ୍ତୁ ଯେ ତୁମ୍ଭର ଶେଷ ବିଶ୍ଳେଷଣ ଆମକୁ ଏହା ଜଣାଇଦେଉଛି ଯେ ତୁମ ଉପରେ ଆସୁଥିବା ପ୍ରତ୍ୟେକ ପ୍ରକାରର ବିପଦର ମୂଳ କାରଣ ହେଉଛି ସ୍ୱାର୍ଥପରତା ଓ ଅନ୍ୟାୟ ଉପରେ ପର୍ଯ୍ୟବେଶିତ ହେବା । ଦୁନିଆରେ ବିଭିନ୍ନ ଜାତି ମଧ୍ୟରେ ଯେତେ ପ୍ରକାରର ନୂଆ ନୂଆ ଚୁକ୍ତି ହେଉ ନା କାହିଁକି ଏବଂ ତାକୁ ନୂଆ ନୂଆ ରୂପ ଦିଅନ୍ତୁ ନା କାହିଁକି, ଯେପର୍ଯ୍ୟନ୍ତ ଇସ୍‌ଲାମୀୟ ନ୍ୟାୟ, ବିଚାରକୁ କିମ୍ବା ଯେପର୍ଯ୍ୟନ୍ତ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ, ଯିଏ ସମଗ୍ର ବିଶ୍ୱପାଇଁ ଦୟାର ପ୍ରତିମୂର୍ତ୍ତୀ ଥିଲେ, ତାଙ୍କର ନୈତିକତା ଓ ଉତ୍ତମ ଚରିତ୍ରର ଶରଣ ନ ନେବ ସେପର୍ଯ୍ୟନ୍ତ ସେ ମାନବତାକୁ ମହମ୍ମଦ୍ ସ:ଆ:ସ ଙ୍କର ଚରିତ୍ର ଚିତ୍ର ଅନୁଯାୟୀ ନ୍ୟାୟ ଶାନ୍ତି ପ୍ରତିଷ୍ଠା କରିପାରିବ ନାହିଁ । ବାକି ସବୁ ବିଷୟ ହେଉଛି ପାଖଣ୍ଡତା, ମିଥ୍ୟା, ରାଜନୀତିୟ ବିକାର ଓ କୁଟନିତୀୟ ପ୍ରବଂଚନା । ଏତଦ୍‌ବ୍ୟତୀତ ତାର କୌଣସି ପ୍ରକାରର ବାସ୍ତବିକତା ନାହିଁ । ସୁତରାଂ ସବୁ ସ୍ଥାନରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ବା ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ଆଜି କେବଳ ଯମାତ୍ ଅହେମଦୀୟା ହିଁ ସଠିକ୍ ମାର୍ଗରେ ଏକ ଆନ୍ତର୍ଜାତିୟ ଜିହାଦ୍‌ର ମୂଳଦୁଆ ରଖିଛି । ସେଥିଯୋଗୁ ମୁଁ ଆପଣ ସମସ୍ତଙ୍କୁ ଏ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରାଉଛି ଯେ ସଂସାରର କଳହ ବିରୋଧରେ ଜିହାଦ ଆରମ୍ଭ କରିଦିଅନ୍ତୁ । ରାଜନୀତି ସହିତ ନ୍ୟାୟକୁ ପରିଚିତ କରାଇବା ପାଇଁ ଜିହାଦ ଆରମ୍ଭ କରିଦିଅନ୍ତୁ ।" *(ଖୁତ୍‌ବା ଜୁମା, ପ୍ରଦତ-୧୬ ନଭେମ୍ବର ୧୯୯୦, ସ୍ଥାନ-ମସ୍‌ଜିଦ୍ ଫଜଲ, ଲଣ୍ଡନ)*

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ ସାରା ସଂସାରରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ତୃତୀୟ ବିଶ୍ୱଯୁଦ୍ଧର ଭୟାବହ ବିଧ୍ୱଂସକାରୀ ପରିସ୍ଥିତିରୁ ସଂସାରକୁ ବଂଚାଇବା ନିମନ୍ତେ କେବଳ ଅଲ୍ଲାହଙ୍କ ଖାତିର କାର୍ଯ୍ୟରତ । ଗୋଟିଏ ପଟେ ଯେଉଁଠି ଆପଣ ନିଜ ବକ୍ତବ୍ୟ ଦ୍ୱାରା ଏ ସଂସାରକୁ ଧ୍ୱଂସର ଭୟାବହତା ପ୍ରତି ସଚେତନ କରାଉଛନ୍ତି, ଯିଏ ଦୁନିଆକୁ ନିମିଷ ମାତ୍ରେ ଗିଳିଦେବାକୁ ପ୍ରସ୍ତୁତ ହୋଇ ରହିଛି । ଠିକ୍ ସେହିପରି ଅନ୍ୟପଟେ ସାରା ସଂସାରରେ ବୁଲିବୁଲି ସେମାନେ ଇସ୍‌ଲାମୀୟ ଶାନ୍ତିର ବାର୍ତ୍ତା ପହଂଚାଉଛନ୍ତି ।

ହଜୁର୍ ଅନୁୱର୍ ବାରମ୍ବାର ଏହି ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରାଉଛନ୍ତି ଯେ ଯଦି ଦୁନିଆ ଏଥିପ୍ରତି ସଜାଗ ନହେବ ତେବେ ତୃତୀୟ ବିଶ୍ୱଯୁଦ୍ଧ ସମ୍ଭବତଃ ଆରମ୍ଭ ହୋଇଯିବ । ବର୍ତ୍ତମାନ ସଂସାରର ଅବସ୍ଥା ଏପରି ହୋଇଯାଇଛି ଯେପରି ସାରା ସଂସାର ଗୋଟିଏ ବୋମା ପାହାଡ ଉପରେ ଛିଡ଼ା ହୋଇଛି । ସମଗ୍ର ଦୁନିଆରେ ହଜୁର୍ ଅନୁୱର୍ ଅ:ବ:ଅ ଗସ୍ତ କରି ଯେଉଁ ପ୍ରକାରର ସମୟ ଉପଯୋଗୀ ଅମୂଲ୍ୟ ବକ୍ତବ୍ୟ ଗୁଡିକୁ ପ୍ରଦାନ କରିଛନ୍ତି ସେଥିରୁ କେତେଗୁଡିଏ ସ୍ଥାନର ଚର୍ଚ୍ଚା ନିମ୍ନରେ ଦର୍ଶାଗଲା ।

(୧)ଗୋଟିଏ ଅଭିଭାଷଣ ହଜୁର୍ ଅନୁୱର୍ ବ୍ରିଟିଶ୍ ପାର୍ଲିଆମେଂଟ୍‌ର ହାଉସ୍ ଅଫ୍ କମନ୍‌ସ ଠାରେ ୨୨ ଅକ୍ଟୋବର ୨୦୦୮ କୁ ପ୍ରଦାନ କଲେ । (୨)ଗୋଟିଏ ଅଭିଭାଷଣ ହଜୁର୍ ଅନୁୱର୍ ଅ:ବ:ଅ ୨୦୧୨ ମସିହାରେ ଜର୍ମାନୀର ମିଲିଟାରୀ ହେଡ୍‌କ୍ୱାର୍ଟରରେ ପ୍ରଦାନ କଲେ । (୩)ଗୋଟିଏ ଅଭିଭାଷଣ ହଜୁର୍ ଅନୁୱର୍ ଅ:ବ:ଅ ୨୦୧୨ ମସିହାରେ ଆମେରିକାର ୱାସିଂଟନ୍‌ଠାରେ ଥିବା କ୍ୟାପିଟାଲ୍ ହିଲ୍‌ଠାରେ ପ୍ରଦାନ କଲେ । (୪)ଗୋଟିଏ ଅଭିଭାଷଣ ହଜୁର୍ ଅନୁୱର୍ ଅ:ବ:ଅ ଲଣ୍ଡନଠାରେ ନବମ ପିସ୍ ସିମ୍ପୋଜିୟମ୍‌ରେ ପ୍ରଦାନ କଲେ । (୫)ପଂଚମ ଅଭିଭାଷଣ ହଜୁର୍ ଅନୁୱର୍ ଅ:ବ:ଅ ଡିସେମ୍ବର ୨୦୧୨ ମସିହାରେ ବେଲ୍‌ଜିଅମ୍‌ରେ ୟୁରୋପିଆନ୍ ପାର୍ଲିଆମେଂଟ୍‌ର କାର୍ଯ୍ୟକର୍ତ୍ତା ଏବଂ ଅନ୍ୟାନ୍ୟ ବୁଦ୍ଧିଜିବୀମାନଙ୍କ ସମ୍ମୁଖରେ ପ୍ରଦାନ କଲେ । ଯେଉଁଠି ୩୦ଟି ଦେଶର କାର୍ଯ୍ୟକର୍ତ୍ତା ସାମିଲ୍ ଥିଲେ । (୬)ସେହିପରି ଗୋଟିଏ ଅଭିଭାଷଣ ହଜୁର୍ ଅନୁୱର୍ ଅ:ବ:ଅ ଜର୍ମାନୀର ହେମ୍ବର୍ଗ ସହରର ମସ୍‌ଜିଦ୍ ବଇତୁର୍ ରଶିଦ ଠାରେ ପ୍ରଦାନ କରିଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ ବିଶ୍ୱବ୍ୟାପି ଶାନ୍ତି ସ୍ଥାପନ ନିମନ୍ତେ ଦୁନିଆର ନିମ୍ନଲିଖିତ ବଡ ବଡ ଲିଡରମାନଙ୍କୁ ଓ ଧାର୍ମିକ ନେତାମାନଙ୍କୁ ଚିଠି ମଧ ଲେଖିଥିଲେ ।

| |
|---|
| Holiness Pope Benedict the XVI |
| Prime Minister of Israel |
| President of the Islamic Republic of Iran |
| President of the United States of America |
| Prime Minister of Canada |
| Custodian of the Two Holy Places the King of the Kingdom of Saudi Arabia |
| Premier of the State Council of the People's Republic of China |
| Prime Minister of the United Kingdom |
| The Chancellor of Germany |
| President of the French Republic |
| Her Majesty the Queen of the United Kingdom and Commonwealth Realms |
| The Supreme Leader of the Islamic Republic of Iran |

### ମାନବ ଜାତିକୁ ତୃତୀୟ ବିଶ୍ୱଯୁଦ୍ଧର ଭୟାବହତାରୁ ବଂଚାଇବା ନିମନ୍ତେ ଶାନ୍ତିସଭା

ଶାନ୍ତି ପ୍ରତିଷ୍ଠା ନିମନ୍ତେ ଯେଉଁ ଚେଷ୍ଟା କରାଯାଉଛି ସେଥି ମଧ୍ୟରୁ ଗୋଟିଏ ହେଉଛି ଅମନ୍ କନ୍‌ଫରେନ୍‌ସ (ଶାନ୍ତିସଭା) ଯାହା ପ୍ରତ୍ୟେକ ବର୍ଷ ଯମାତ୍ ଅହେମଦୀୟା ବ୍ରିଟେନ୍ ତରଫରୁ ବଇତୁଲ୍ ଫତୁହ୍‌ର ତାହେର୍ ହଲ୍‌ଠରେ ଅନୁଷ୍ଠିତ ହେଉଅଛି । ଏହି ଶାନ୍ତି ସଭାରେ ବିଭିନ୍ନ ସଂସ୍ଥାର ବୁଦ୍ଧିଜିବୀ ପୁରୁଷ ଓ ମହିଳାମାନେ ଓ ବିଭିନ୍ନ ପାର୍ଲିଆମେଂଟ୍‌ର ମେମ୍ବର୍‌ମାନେ, ଲଣ୍ଡନ୍ ସହରର ମେୟର, ସରକାରୀ ମନ୍ତ୍ରୀଗଣ, ବିଭିନ୍ନ ଦେଶର ରାଜଦୂତ ଓ ସମାଜର ଭିନ୍ନ ଭିନ୍ନ ଗୋଷ୍ଠୀ ସହିତ ସମ୍ପର୍କ ରଖିଥିବା ଅତିଥିଗଣ ଯମାତ୍ ଅହେମଦୀୟାର ନିମନ୍ତ୍ରଣରେ ଆସିଥାନ୍ତି । ଓ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଯମାତ୍ ଅହେମଦୀୟାର ଏହି ଚେଷ୍ଟାକୁ ଧନ୍ୟବାଦ ଅର୍ପଣ କରିଥାନ୍ତି । ଏହି କନ୍‌ଫରେନ୍‌ସର କେନ୍ଦ୍ରବିନ୍ଦୁ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଅଭିଭାଷଣ ହୋଇଥାଏ, ଯେଉଁଥିରେ ଆପଣ ଇସ୍‌ଲାମୀୟ ଶିକ୍ଷା ଓ ବିଶ୍ୱର ସମ ସାମୟିକ ଅବସ୍ଥାକୁ ବିଶ୍ଳେଷଣ କରି ବିଶ୍ୱଶାନ୍ତି ସ୍ଥାପନ ନିମନ୍ତେ ପରାମର୍ଶ ଦେଇଥାନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଦାସତ୍ୱରେ ଏବଂ ଆପଣଙ୍କ ପ୍ରତିନିଧିତ୍ୱରେ ଆପଣ ଆ:ସ ଙ୍କ ପବିତ୍ର ଖଲିଫା ହଜ୍‌ରତ୍ ମିର୍ଜା ମସରୁର୍ ଅହେମଦ୍ ଅ:ବ:ଅ ଧର୍ମ ନାମରେ ତରବାରି ଉଠାଇବାର ଭାବନାକୁ ଦୂର କରିବା ପାଇଁ ଏକ ମହାନ୍ ଅଭିଯାନ ନିଜ ହାତରେ ନେଇ ଖୁଦାତାଲାଙ୍କ ସାହାଯ୍ୟ ଓ ସହଯୋଗ ବଳରେ ଅତ୍ୟନ୍ତ ସଫଳତାର ସହିତ କୋରାନ୍ ଓ ହଦିସ୍ ଶିକ୍ଷା ମୁତାବକ ଓ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପବିତ୍ର ଆଦର୍ଶର ଆଲୋକରେ ସାରା ସଂସାରରେ ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ବାର୍ତ୍ତାର ପ୍ରଚାର ଓ ପ୍ରସାର ନିମନ୍ତେ ବାସ୍ତବିକ ଜିହାଦ୍‌ରେ ନିୟୋଜିତ ଅଛନ୍ତି ।

ବ୍ରିଟେନ୍‌ର ଦାରୁଲ୍ ଉଲୁମ୍ ହେଉ ବା ଆମେରିକାର କ୍ୟାପିଟାଲ୍ ହିଲ୍ ବା ବେଲ୍‌ଜିୟମ୍ ସ୍ଥିତ ୟୁରୋପିଆନ୍ ପାର୍ଲିଆମେଂଟ୍ ବା ଜର୍ମାନୀର କୋବଲ୍‌ଜ ଠାରେ ଥିବା ମିଲିଟାରୀ ହେଡ୍ କ୍ୱାର୍ଟର ବା ଆଫ୍ରିକାର ବିଭିନ୍ନ ଦେଶ ବା ଅଷ୍ଟ୍ରେଲିଆ ମହାଦେଶ, ସିଙ୍ଗାପୁର ବା ନିଉଜଲାଣ୍ଡ୍ ବା ଫିଜି ବା ଜାପାନ୍ ଆପଣ ଆ:ସ ସ୍ୱୟଂ ଦୁନିଆର ଦେଶରୁ ଦେଶ ଭ୍ରମଣ କରି ସେଠିକାର ରାଷ୍ଟ୍ରନେତା, ବୁଦ୍ଧିଜିବୀ ଓ ବିଭିନ୍ନ ଧର୍ମର ଧର୍ମଗୁରୁମାନଙ୍କୁ ସମ୍ମୁଖରେ ବସାଇ ଓ ବିଭିନ୍ନ ଦେଶର ରେଡିଓ, ଟିଭି ଏବଂ ଖବରକାଗଜର ପ୍ରତିନିଧିମାନଙ୍କ ସହିତ ସାକ୍ଷାତ୍‌କାର ସମୟରେ ବଡ଼ ସାହସ ଓ ବୁଦ୍ଧିମତାର ସହିତ ଜିହାଦ୍ ସମ୍ବନ୍ଧରେ ମୁସଲମାନ୍ ଓ ଅଣ ମୁସଲମାନଙ୍କ ଭିତରେ ଥିବା ଭୁଲ୍ ଭାବନାକୁ ଖଣ୍ଡନ କରି ପବିତ୍ର କୋରାନ୍‌ର ସତ୍ୟ, ସ୍ୱଷ୍ଟ, ପବିତ୍ର ଓ ଶାନ୍ତିପ୍ରିୟ ଶିକ୍ଷାକୁ ଉପସ୍ଥାପନ କରୁଛନ୍ତି । ତେବେ ପ୍ରତ୍ୟେକ ସୁଶୀଳ ଓ ଶାନ୍ତିପ୍ରିୟ ଲୋକମାନଙ୍କୁ ଏକଥା ମାନିବାକୁ ପଡୁଛି ଯେ ଇସ୍‌ଲାମ୍ କଦାପି ସନ୍ତ୍ରାସବାଦ୍‌ର ଶିକ୍ଷା ଦିଏନାହିଁ ବରଂ ଏହା ଆମୁଳେଚୁଳେ ଶାନ୍ତି ଓ ସୌହାର୍ଦ୍ଦ୍ୟର ଧର୍ମ ଅଟେ ଏବଂ ଏହା ସେହି ରାସ୍ତା ଯାହା ଉପରେ ପରିଚାଳିତ ହୋଇ ଦୁନିଆରୁ ପ୍ରତ୍ୟେକ ପ୍ରକାରର ସ୍ଥାନୀୟ ଜାତିବାଦ, ଧର୍ମୀୟ ବିଦ୍ୱେଶ ଓ ଘୃଣାଭାବକୁ ନିଃଶେଷ କରି ବାସ୍ତବିକ ଓ ସ୍ଥାୟୀ ଶାନ୍ତିକୁ ସ୍ଥାପନ କରିବା ସମ୍ଭବ ହେବ ।

ଏ ବିଷୟରେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଅଭିଭାଷଣ ଓ ଦୁନିଆର ବଡ଼ ବଡ଼ ଶକ୍ତି, କିଛି ଗୁରୁତ୍ୱପୂର୍ଣ୍ଣ ଦେଶଗୁଡିକୁ ଓ ଧର୍ମୀୟ ନେତାମାନଙ୍କ ନିକଟକୁ ପ୍ରେରଣ କରାଯାଇଥିବା ଚିଠି ଗୁଡିକର ସମାହାର ଉପରେ ସନ୍ନିବେଶିତ ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସୁନ୍ଦର ପୁସ୍ତକ World Crisis and Pathway to peace ପ୍ରକାଶ କରାଯାଇଛି ।

ହଜୁର୍ ଅନୁୱର୍ ଅ:ବ:ଅ ନିଜ ଖିଲାଫତ୍‌ର ଆରମ୍ଭରୁ ହିଁ ଏଥିପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି ଏବଂ ଅନେକଥର ନିଜର ଖୁତ୍‌ବା ଓ ଅଭିଭାଷଣ ଗୁଡିକରେ ନିଜ ଓ ପରଙ୍କ ସମ୍ମୁଖର ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷା ଏବଂ ଜିହାଦ୍‌ର ବାସ୍ତବିକତାକୁ ସ୍ୱଷ୍ଟ କରିଛନ୍ତି । ଏବଂ ଯମାତ୍‌ର ଲୋକମାନଙ୍କୁ ମଧ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ଯେ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ବାର୍ତ୍ତାକୁ ସମଗ୍ର ସଂସାରରେ ପ୍ରସାର ଓ ପ୍ରଚାର କରନ୍ତୁ । ସୁତରାଂ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସ୍ୱର୍ଗୀୟ ନେତୃତ୍ୱ ଦ୍ୱାରା ବିଶ୍ୱବ୍ୟାପି ଯମାତ୍ ଅହେମଦୀୟା ସହୃଦୟତାର ସହିତ ବିଶେଷ ରୂପେ ମାନବ ଜାତିର ସହାନୁଭୂତିକୁ ଦୃଷ୍ଟିରେ ରଖି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ବିରାଟ ଜିହାଦରେ ଲାଗି ରହିଛି ।

ଅହେମଦୀମାନଙ୍କର ଏ ଦାୟିତ୍ୱ ଯେ ଆମେ ନିଜ ଇମାମ୍‌ର ଅନୁସରଣରେ ଏହି ମହାନ୍ ଅଭିଯାନରେ ଭରପୁର୍ ଭାଗ ନେବା । ଏବଂ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଓ ବାସ୍ତବିକ ଶିକ୍ଷାକୁ ନା କେବଳ ନିଜ ଉପରେ ଲାଗୁ କରିବା ବରଂ ଅନ୍ୟମାନଙ୍କୁ ମଧ ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ଦୁର୍ଗ ଭିତରକୁ ପ୍ରବେଶ କରିବା ପାଇଁ ନିମନ୍ତ୍ରଣ ଦେବା, ଯଦ୍ୱାରା ଏ ପୃଥିବୀ ପୃଷ୍ଠରୁ ପ୍ରତ୍ୟେକ ପ୍ରକାରର ଅତ୍ୟାଚାର ଓ ଅକାରଣ ରକ୍ତପାତ ନିଃଶେଷ ହେବ । ଏବଂ ଏ ପୃଥିବୀ ନ୍ୟାୟ, ଶାନ୍ତି ଓ ସୌହାର୍ଦ୍ଦ୍ୟ ଦ୍ୱାରା ଭରିଯିବ ।

# ଜମାଅତ୍ ଅହମଦିଆର ମାନବ ସେବା ସମ୍ବନ୍ଧରେ ଅନ୍ୟ ବ୍ୟକ୍ତିବିଶେଷମାନଙ୍କ ମନ୍ତବ୍ୟ

**(ଏଚ୍ ଶମ୍‌ସୁଦ୍ଦିନ୍ କାୱାଶିରି, ଏଡିଟର୍-ସାପ୍ତାହିକ ବଦର୍ ମାଲାୟାଲମ୍)**

ଇସ୍‌ଲାମ୍ ଏକ ଏପରି ସମାନତା ପ୍ରଦାନକାରୀ ଧର୍ମ ଅଟେ ଯିଏ ଏକ ପୂର୍ଣ୍ଣ ସଫଳ ଜୀବନର ମାର୍ଗ ଉପସ୍ଥାପନ କରିଥାଏ, ଇସ୍‌ଲାମ୍ ସେ ସମସ୍ତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥାଏ ଯଦ୍ଵାରା ମଣିଷର ସାଂସାରିକ ଓ ଧାର୍ମିକ ଜୀବନ ସୁନ୍ଦର ଓ ସୁଖମୟ ହୋଇପାରିବ । ଏଥିପାଇଁ ଇସ୍‌ଲାମ୍‌ର ମୌଳିକ ନୀତି ହେଉଛି ଅଲ୍ଲାଃଙ୍କ କର୍ତ୍ତବ୍ୟ ଏବଂ ତା ସୃଷ୍ଟଜଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା । ଏହି ଉଭୟ କର୍ତ୍ତବ୍ୟ ସମ୍ପାଦନକାରୀ କେବଳ ଅଲ୍ଲାଃଙ୍କ ପ୍ରୀତିଭାଜନ ହାସଲ କରିନଥାଏ ବରଂ ଅଲ୍ଲାଃଙ୍କ ସୃଷ୍ଟଜ ମଧ୍ୟ ତାଙ୍କର ପ୍ରଶଂସା ଗାନ କରିଥାନ୍ତି ।

**ଅବତାରମାନଙ୍କ ଇତିହାସର ଅଭୁତପୂର୍ଣ୍ଣ ଉଦାହରଣ**

ମାନବସେବାର ଉଚ୍ଚକୋଟୀର ଉଦାହରଣ ଅବତାରମାନଙ୍କ ଇତିହାସରେ ଆମକୁ ଦେଖିବାକୁ ମିଳେ । ହଜ୍‌ରତ୍ ସ୍ଵାଲେହ୍ ଅହେମଦ୍‌ଙ୍କ ପ୍ରସିଦ୍ଧତା ସତ୍ତ୍ଵେ ତାଙ୍କ ବିରୋଧିମାନେ ଏକଥା ସ୍ଵୀକାର କରିବାକୁ ବାଧ୍ୟ ହେଲେ ଯେ *ୟା ସ୍ଵାଲେହୋ କଦ୍ କୁନ୍‌ତା ଫିନା ମରଜୁଓ୍ଵନ୍ କବ୍‌ଲା ହାଜା । (ହୁଦ୍-୬୩)* ଅର୍ଥାତ୍ ସେମାନେ କହିଲେ, "ହେ ସ୍ଵାଲେହ୍ ! ଏହା ପୂର୍ବରୁ ତୁମ୍ଭେ ଆମମାନଙ୍କ ପାଇଁ (ଭବିଷ୍ୟତର) ଆଶା ଥିଲ ।

ପ୍ରତ୍ୟେକ ନବୀ ସମ୍ବନ୍ଧରେ ସେମାନଙ୍କ ଗୋଷ୍ଠୀ ସମୂହ ମୁକ୍ତ ସ୍ଵରରେ ସ୍ଵୀକାର କରିଛନ୍ତି ଯେ ଏହି ବ୍ୟକ୍ତି ଓ ତାହାର ଅନୁଗାମୀମାନେ ମାନବ ସେବା କାର୍ଯ୍ୟରେ ସଦାସର୍ବଦା ଆଗରେ ରହିଛନ୍ତି । ଏହି ସୁନ୍ଦର ଇତିହାସର ସର୍ବୋଚ୍ଚ ଓ ଶ୍ରେଷ୍ଠ ନମୁନା ଆମ୍ଭର ପ୍ରିୟ ନବୀ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କ ପବିତ୍ର ଜୀବନୀରେ ଦେଖିବାକୁ ମିଳୁଅଛି । ଆପଣ କୁହନ୍ତି ସମସ୍ତ ସୃଷ୍ଟି ହେଉଛି ଅଲ୍ଲାଃଙ୍କ ପରିବାର । ଯେ କେହି ଅଲ୍ଲାଃଙ୍କ ପରିବାର ସହିତ ପ୍ରେମ କରେ ଓ ତାହାର ସେବା କରେ ଅଲ୍ଲାଃ ମଧ୍ୟ ତାହା ସହ ପ୍ରେମ କରିଥାନ୍ତି । ଏକଦା ଗୋଟିଏ ଭାର ବହନ କରି ଯାଉଥିବା ବୃଦ୍ଧ ମହିଳାଙ୍କୁ ସାହାଯ୍ୟ କରିବାକୁ ଯାଇ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ସେହି ବୃଦ୍ଧାଙ୍କ ଘର ପର୍ଯ୍ୟନ୍ତ ତାଙ୍କ ସାମଗ୍ରୀକୁ ନେଇ ପହଂଚାଇଦେଲେ । ଯେତେବେଳେ ସେଠାରୁ ଆପଣ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ଉକ୍ତ ବୃଦ୍ଧାଜଣକ କହିଲେ ହେ ପୁଅ ମୁଁ ତୁମକୁ ଉପଦେଶ ପୂର୍ବକ କହୁଛି ବର୍ତ୍ତମାନ ଯୁଗ ବହୁତ ଖରାପ । ତେଣୁ ତୁମେ ସଚେତନ ରହିବ । ମନେରଖିବୁ ମୁହମ୍ମଦ୍ ନାମକ ଜଣେ ବ୍ୟକ୍ତି ଗୋଟିଏ ନୂଆ ଧର୍ମ ଆଣି ଲୋକମାନଙ୍କୁ ପ୍ରବର୍ତ୍ତାଉଛି, ତେଣୁ ତୁମେ ଯେପରି ତା ଯାଦୁର ଶିକାର ହୋଇନଯାଓ । ଏହା ଶୁଣି ହଜୁର୍ ସ:ଆ:ସ ହସିଦେଇ କହିଲେ ! ଯେଉଁ ମୁହମ୍ମଦ୍ ସମ୍ବନ୍ଧରେ ତୁମେ ମୋତେ ଡରାଉଛ ସେହି ମୁହମ୍ମଦ୍ ହେଉଛି ମୁଁ । ଏହା ଶୁଣି ଉକ୍ତ ପୁଣ୍ୟବନ୍ତ ମହିଳାଜଣକ କହିଲେ-ଯଦି ତୁମେ ସେହି ମୁହମ୍ମଦ୍ ତେବେ ମୁଁ ଆପଣଙ୍କ ଯାଦୁର ଶିକାର ହୋଇଯାଇଛି । ଓ ଆପଣଙ୍କ ଧର୍ମକୁ ଗ୍ରହଣ କରୁଅଛି । ଅଲ୍ଲାହୁମ୍ମା ସ୍ଵଲେଆଲା ମୁହମ୍ମଦିନ୍ ୱବାରିକ୍ ୱସଲ୍ଲିମ୍ ଇନ୍ନାକା ହମିଦୁମ୍ ମଜିଦ୍ ।

କେତେବେଳେ ହିର୍‌କଲ୍ ର ଦରବାରରେ ଆପଣଙ୍କ ସବୁଠାରୁ ବଡ଼ଶତ୍ରୁ ଅବୁ ସୁଫିଆନ୍ ଆପଣଙ୍କର ସପକ୍ଷରେ ସାକ୍ଷୀ ଦେବା ପାଇଁ ବାଧ୍ୟ ହୋଇଥିଲା ତ କେତେବେଳେ ଶତ୍ରୁ ଆପଣଙ୍କ ପ୍ରଶସ୍ତ ହୃଦୟ ଦ୍ଵାରା ପ୍ରଭାବିତ ହୋଇ ଦୁର୍ଭିକ୍ଷ ପ୍ରପିଡୀତ ଲୋକମାନଙ୍କୁ ଶସ୍ୟ ପ୍ରଦାନ କରିବା ନିମନ୍ତେ ଆପଣଙ୍କ ନିକଟରେ ନିବେଦନ କରୁଛନ୍ତି । ଓ ଆପଣ ସେ ସମସ୍ତ ଶତୃଙ୍କ ଶତୃତାକୁ ଭୁଲିଯାଇ ସେମାନଙ୍କ ନିକଟକୁ ଖାଦ୍ୟ ଶସ୍ୟ ପଠାଇବାର ଆଦେଶ ଦେଉଛନ୍ତି ।

ୟୁରୋପୀୟ ଅଣ ମୁସ୍‌ଲିମ୍ ଦାର୍ଶନିକ ଉଇଲିୟମ୍ ମେୟର୍ ନିଜ ଲେଖାରେ ବର୍ଣ୍ଣନା କରିଛନ୍ତି:-ଯେପର୍ଯ୍ୟନ୍ତ ଇସ୍‌ଲାମୀୟ ଶାସନ ବ୍ୟବସ୍ଥା ରହିଥିଲା ସେପର୍ଯ୍ୟନ୍ତ କଏଦୀମାନଙ୍କ ପାଇଁ କଦାପି କଷ୍ଟକର ନଥିଲା ବରଂ ଏହା ଆଜିକାଲିର ରାଜକୀୟ ପ୍ରଣାଳୀରେ ଯେଉଁଭଳି କଏଦୀମାନଙ୍କୁ ଆରାମ ପ୍ରଦାନ କରାଯାଉଛି ଏହାଠାରୁ ବଳି ସେ ସମୟର କଏଦୀମାନଙ୍କୁ ଆରାମ ମିଳୁଥିଲା । ଏହାର କାରଣ ହେଉଛି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କ ଦ୍ଵାରା ଅଣାଯାଇଥିବା ସମ୍ପୂର୍ଣ୍ଣ ଶିକ୍ଷା ଓ ପ୍ରଶାସନିକ ସଚେତନା ତଦାରଖ । ଅମାନ୍ୟକାରୀ କଏଦୀମାନେ ଯେଉଁ ମୁସଲ୍‌ମାନ ପରିବାରରେ ରହୁଥିଲେ ସେମାନେ ଚାକର କିମ୍ବା ସେବକ ପରି ରହୁନଥିଲେ । ବରଂ ପରିବାରର ସଦସ୍ୟଙ୍କ ଭଳି ରହୁଥିଲେ । ସେମାନଙ୍କର ଚର୍ଚ୍ଚା ଅତିଥିଙ୍କ ପରି କରାଯାଉଥିଲା । ଆମେ ଏହା ଦେଖିସାରିଛେ ଯେ ବଦର୍ ଯୁଦ୍ଧର କଏଦୀମାନେ ଯେଉଁମାନେ ଇସ୍‌ଲାମ୍‌ର ଭୀଷଣ ଶତ୍ରୁ ଥିଲେ ତଥାପି ମୁସଲମାନେ ସେମାନଙ୍କୁ ଏଭଳି ଆରାମ ଓ ସୁଖରେ ରଖିଲେ ଯେ ସେମାନେ ସର୍ବଦା ମୁସଲ୍‌ମାନ୍ ମାନଙ୍କ ପ୍ରଶଂସା କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ ମୁସଲ୍‌ମାନ ମାନଙ୍କ ଏପରି ଉତ୍ତମ ଆଚରଣ ଦ୍ଵାରା ପ୍ରଭାବିତ ହୋଇ ଇସ୍‌ଲାମ୍ ଗ୍ରହଣ କରିନେଲେ । (ସିରତ୍ ଖାତମୁନ୍ ନବୀଇନ୍ ସ:ଆ:ସ, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ ର:ଅ, ପୃଷ୍ଠା-୪୬୫)

ସେହିପରି ଆପଣଙ୍କ ସଚ୍ଚୋଟ ପ୍ରେମୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମାନବ ଜାତିକୁ ଅତ୍ୟନ୍ତ ପ୍ରେମ କରୁଥିଲେ । ଏକଦା ଆପଣ କହିଛନ୍ତି ମୁଁ ମାନବଜାତିକୁ ଏଭଳି ଭଲ ପାଉଛି ଯେମିତି ଦୟାଳୁ, କୃପାଳୁ ମାତା ନିଜ ସନ୍ତାନ ମାନଙ୍କୁ ଭଲପାଇଥାଏ ବରଂ ତାଠାରୁ ମଧ୍ୟ ଅଧିକ । (ରୁହାନି ଖଜାଏନ୍, ଖଣ୍ଡ-୧୭, ଅରବଇନ୍, ନଂ-୧, ପୃଷ୍ଠା-୩୪୪)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କେତେ ସୁନ୍ଦର ରୂପେ ମତବ୍ୟକ୍ତ କରିଛନ୍ତି-

ଅହିନ୍ନୁ ଇଲା ମନ୍ ଲା ୟହିନ୍ନୁ ମହବତନ୍ ୱ ଅଦ୍‌ଉ ଲିମନ୍ ୟଦ୍‌ଉ ଅଲେୟା ୱ ୟହ୍‌ଜର୍ । ଅର୍ଥାତ୍-ମୁଁ ପ୍ରେମ କରିବା ଯୋଗୁ ସେମାନଙ୍କ ପ୍ରତି ଆକର୍ଷିତ ହେଉଅଛି ଯେଉଁମାନେ ମୋ ପ୍ରତି ଆକର୍ଷିତ ହୋଇନଥାନ୍ତି ଏବଂ ମୁଁ ସେମାନଙ୍କ ପାଇଁ ମଧ୍ୟ ଦୁଆ କରିଥାଏ ଯେଉଁମାନେ ମୋର ଅନିଷ୍ଟ କାମନା କରି ମୋ ପ୍ରତି କୁଭାଷା ପ୍ରୟୋଗ କରିଥାନ୍ତି । (ହମାମତୁଲ୍ ବୁଶ୍‌ରା, ରୁହାନି ଖଜାଏନ୍, ଖଣ୍ଡ-୭, ପୃଷ୍ଠା-୩୬୨)

**ଯମାତ୍ ଅହେମଦୀୟାର ମାନବସେବା ସମ୍ବନ୍ଧରେ ଅନ୍ୟ ଧର୍ମର ଲୋକମାନଙ୍କ ମନ୍ତବ୍ୟ**

ଭାରତ ଓ ପାକିସ୍ତାନ୍‌ର ବିଭାଜନକୁ ପାଖାପାଖି ଛଅ ସାତ ବର୍ଷ ହୋଇଥିବ ଯେ ୧୯୫୫ ମସିହାରେ ପଞ୍ଜାବର ବିଭିନ୍ନ ଜିଲ୍ଲାରେ ଭୟଙ୍କର ବନ୍ୟା ଆସିଥିଲା । କାଦିଆନ୍‌ରେ ସେତେବେଳେ ପାଖାପାଖି ୫୦୦ ଜଣ ଅହେମଦୀ ଥିଲେ । ସେମାନେ ମଧ୍ୟ ଏପରି ବନ୍ୟା ଯୋଗୁ ପ୍ରଭାବିତ ହୋଇଥିଲେ । କିନ୍ତୁ ସେମାନେ ତାଙ୍କ କ୍ଷତିକୁ ଖାତିର୍ ନକରି ନିଜ ପାଖରେ ଥିବା ଗହମ, ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀକୁ ବନ୍ୟା ପ୍ରପିଡିତ ଅନ୍ୟ ଧର୍ମର ଲୋକମାନଙ୍କ ମଧ୍ୟରେ ବାଂଟିଦେଲେ । ସେହି ସେମାନଙ୍କୁ ନିଜ ଅପେକ୍ଷା ଅନ୍ୟମାନଙ୍କର ଚିନ୍ତା ଅଧିକ ଘାରୁଥିଲା ଏବଂ ସେମାନେ କାଦିଆନ୍‌ରୁ ବାହାରକୁ ବାହାରି ମାନବ ସେବାର ଉତ୍ତମ ନମୁନା ପ୍ରଦର୍ଶନ କରିଥିଲେ । ଏହାର ଚର୍ଚ୍ଚା କରି ସରବଶନ୍ ସିଂ ସାହେବ୍ ନାଏବ ତହସିଲ୍‌ଦାର୍ ବିଟ୍ ବ୍ୟାସ୍ କହୁଛନ୍ତି- ମୁଁ ବିଟ୍ ବ୍ୟାସର ବିଭିନ୍ନ ବନ୍ୟାଂଚଳକୁ ୧୯୫୫ ମସିହା ୨୬ ଅକ୍ଟୋବର ଦିନ ଅନୁଧ୍ୟାନ କରି ଫେରୁଥିଲି । ମୁଁ ଏହା ଦେଖି ବେଶ୍ ଆନନ୍ଦିତ ହେଲି ଯେ ଯମାତ୍ ଅହେମଦୀୟା କାଦିଆନ୍‌ର ସଦସ୍ୟମାନେ ଉକ୍ତ ଅଂଚଳରେ ସ୍ଵାସ୍ଥ୍ୟ ସେବା ଓ ଅନ୍ୟାନ୍ୟ ସାହାଯ୍ୟ ବେଶ୍ ଉତ୍ସାହ ଓ ଆଗ୍ରହର ସହିତ କରୁଛନ୍ତି । ଯମାତ୍ ତରଫରୁ ମୌଜା ଫିରୋ ଚିଚି ଠାରେ ରିଲିଫ୍ କ୍ୟାମ୍ପ ଖୋଲାଯାଇଛି, ଯେଉଁଠାରେ ରୋଗୀ ଅସୁବିଧାରେ ପଡ଼ିଥିବା ଲୋକମାନଙ୍କୁ ସାହାଯ୍ୟ କରାଯାଉଅଛି । ଅହେମଦୀ ଯୁବକମାନେ ସାହାଯ୍ୟ, ଔଷଧ ବିତରଣ, ରାସନ ସାମଗ୍ରୀ, ପିନ୍ଧିବା ବସ୍ତ୍ର ଇତ୍ୟାଦି ନେଇ ଦଳଗତ ଭାବରେ ବିଭିନ୍ନ ବନ୍ୟାଂଚଳ ଲୋକମାନଙ୍କର ସାହାଯ୍ୟ କରୁଥିଲେ । ମୋତେ ଏକଥା ପ୍ରକାଶ କରିବାରେ ଅତ୍ୟନ୍ତ ଆନନ୍ଦ ଅନୁଭବ ହେଉଛି ଯେ ଯମାତ୍ ଅହେମଦୀୟା କାଦିଆନ୍‌ର ଅହେମଦୀ ବନ୍ଧୁମାନେ ସର୍ବସାଧାରଣଙ୍କ ସହିତ ସେବାପୂର୍ଣ୍ଣ ସହାନୁଭୂତିକୁ ବହୁତ ଉତ୍ସାହର ସହିତ ସମ୍ପାଦନ କରୁଛନ୍ତି । ଏତଦ୍ଵାରା ବିଟ୍ ବ୍ୟାସ୍ ଅଂଚଳର ଲୋକମାନଙ୍କୁ ବହୁତ ଆରାମ୍ ମିଳୁଅଛି । (ଅଖ୍‌ବାରେ ବଦର୍ ୧୪ ନଭେମ୍ବର୍ ୧୯୫୫, ପୃଷ୍ଠା-୮)

୧୯୯୦ ମସିହାରେ ଇରାନ୍‌ରେ ଗୋଟିଏ ବଡ ଭୂମିକମ୍ପ ଆସିଥିଲା । ସହସ୍ର ଲୋକେ ସଦାସର୍ବଦା ପାଇଁ ଏ ଦୁନିଆ ଛାଡ଼ି ଚାଲିଗଲେ । ଅହେମଦୀୟା ଯମାତ୍ ସଙ୍ଗେ ସଙ୍ଗେ ଇରାନ୍ ପ୍ରଶାସନକୁ ଦୁଇଲକ୍ଷ କୋଡିଏ ହଜାର ଟଙ୍କା ସହାୟତା ପ୍ରଦାନ କଲା । ଏହାର କୃତଜ୍ଞତା ଜ୍ଞାପନ କରି ଇରାନ୍ ର ରାଜଦୂତ କହିଲେ- ଭୂମିକମ୍ପ ଯୋଗୁ ଯମାତ୍ ଅହେମଦୀୟାର ଏଭଳି ସୁନ୍ଦର ସେବାକୁ ଆମେ ହୃଦୟର ଗଭୀରତାରୁ କୃତଜ୍ଞାତା ଜ୍ଞାପନ କରୁଅଛୁ । ଏବଂ ଆମର ଏହି କୃତଜ୍ଞ ଯମାତ୍ ଅହେମଦୀୟାର ମୁଖ୍ୟ ଓ ସଦସ୍ୟଙ୍କ ନିକଟରେ ପହଂଚାଇଦିଅନ୍ତୁ । (ଅଖ୍‌ବାରେ ବଦର୍, ୨୩ ନଭେମ୍ବର୍ ୨୦୦୦, ପୃଷ୍ଠା-୧୩୮)

ପାକିସ୍ତାନ୍ ପ୍ରଶାସନ ତରଫରୁ ଗୋଟିଏ ପୁସ୍ତକ 'କାରୱାଁ ସଖ୍‌ତ୍ ଯାଁ' ନାମରେ ପ୍ରକାଶିତ ହେଲା ଯେଉଁଥିରେ ଦେଶ ବିଭାଜନର ଇତିହାସ ଚର୍ଚ୍ଚା କରାଯାଇଥିଲା । ପାକିସ୍ତାନ୍ ପ୍ରଶାସନର ସୁରକ୍ଷା ବିଭାଗ ତରଫରୁ ପ୍ରକାଶିତ ଏହି ପୁସ୍ତକରେ କାଦିଆନ୍‌ର ଚର୍ଚ୍ଚା ଏପରି ଲେଖାଯାଇଛି ।

ଏହି ସ୍ଥାନଟି ନିଜ କଳାକୃତି ଓ ବ୍ୟବସାୟିକ ମାନ୍ୟତା ବ୍ୟତୀତ ଯମାତ୍ ଅହେମଦୀୟାର କେନ୍ଦ୍ର ହେବାଯୋଗୁ ବହୁତ ପ୍ରସିଦ୍ଧ ଅଟେ । ଏହାର ଚତୁର୍ପାର୍ଶ୍ଵରେ ଶିଖ୍ ଲୋକମାନେ ବସବାସ କରନ୍ତି । ଅତଏବ୍ ବିଭ୍ରାଟ ଓ ବିଶୃଙ୍ଖଳା ଦିନଗୁଡିକରେ କୋଡିଏ କୋଡିଏ ମାଇଲରୁ ମୁସଲ୍‌ମାନମାନେ ସରଣ ନେବା ପାଇଁ କାଦିଆନ୍ ଚାଲିଯାଇଥିଲେ । (ଖୁତ୍‌ବାତେ ତାହିର୍, ଖଣ୍ଡ-୪, ପୃଷ୍ଠା-୧୮୭)

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ଦେଶ ବିଭାଜନ ସମୟର ପରିସ୍ଥିତି ବିଷୟରେ ଚର୍ଚ୍ଚା କରି କୁହନ୍ତି ମୋର ମନେଅଛି ଉକ୍ତ ଶରଣାର୍ଥୀମାନଙ୍କୁ ନିୟମିତ ଖାଦ୍ୟ

ଦିଆଯାଉଥିଲା । ଯେହେତୁ ପରିସ୍ଥିତି ବେଶ୍ ସଙ୍କଟାପନ୍ନ ଜଣାପଡୁଥିଲା ତେଣୁ ମୁସ୍‌ଲେହ ମଉଦ୍ ର:ଅ ବହୁତ ବୁଦ୍ଧିମତାର ସହିତ ପରିସ୍ଥିତିକୁ ଅନୁଧାନ କରି ଜଲ୍‌ସାସାଲାନାର ଆବଶ୍ୟକତା ଠାରୁ ଅଧିକ ଗହମ ଏକାଠି କରି ରଖିଥିଲେ । ତେଣୁ ଅଲ୍ଲାଃଙ୍କ ଫଜଲ୍‌ରୁ ସେଠାରେ ଜଣେ ମଧ ମୁସଲମାନ୍ ଭୋକ ଯୋଗୁ ମରିନଥିଲେ । ବରଂ ଅଭାବି ଲୋକମାନଙ୍କର ଆବଶ୍ୟକତାକୁ ଅଗ୍ରାଧିକାର ଦିଆଯାଇଥିଲା । ଏପରିକି ଯୌତୁକରେ ଆସିଥିବା ମୂଲ୍ୟବାନ୍ ବସ୍ତ୍ର ସେହି ଅଭାବି ଲୋକମାନଙ୍କ ମଧ୍ୟରେ ବାଂଟି ଦିଆଗଲା । ଯମାତ୍ ଅହେମଦୀୟାର ତୃତୀୟ ଖଲିଫା ସ୍ୱୟଂ ନିଜ ପତ୍ନୀଙ୍କ ମୂଲ୍ୟବାନ୍ ବସ୍ତ୍ର ବାଂଟି ଏହାର ଶୁଭାରମ୍ଭ କରିଥିଲେ । ବେଗମ୍ ସାହିବା ଯେହେତୁ ମାଲେର୍ କୋଟେଲା ନବାବ୍ ପରିବାରର ଥିଲେ ତେଣୁ ତାଙ୍କ ନିକଟରେ ଏପରି କେତେ ମୂଲ୍ୟବାନ୍ ବସ୍ତ୍ର ଥିଲା ଯାହାକୁ ପରମ୍ପରା ରୂପେ ପୂର୍ବ ପୁରୁଷଙ୍କ ନିକଟରୁ ଚାଲିଆସିଥିଲା । ସେଗୁଡିକୁ ସେ ନିଜେ ମଧ ବ୍ୟବହାର କରୁନଥିଲେ, ଯେପରି ତାହା ଖରାପ ନହୋଇଯାଉ । କିନ୍ତୁ ତୃତୀୟ ଖଲିଫା ସମସ୍ତଙ୍କ ସମ୍ମୁଖରେ ଓ ସର୍ବପ୍ରଥମେ ନିଜ ଘରର କପଡା ବାକ୍ସକୁ ଖୋଲିବା ଆରମ୍ଭ କରିଦେଲେ ଏବଂ ଦେଖୁ ଦେଖୁ ଉକ୍ତ ଅଭାବି ଲୋକମାନଙ୍କୁ ଏପରି ବସ୍ତ୍ରକୁ ବାଂଟିଦେଲେ ଯାହାକୁ ସେମାନେ ସ୍ୱପ୍ନରେ ସୁଧା ଚିନ୍ତା କରିନଥିଲେ । ଏହାପରେ ପ୍ରତ୍ୟେକ ଘର, ପ୍ରତ୍ୟେକ କୋଠରୀରେ ଥିବା ବାକ୍ସ ଖୋଲିବା ଆରମ୍ଭ ହୋଇଗଲା । ଏବଂ ଯାହା କିଛି ସେମାନଙ୍କ ନିକଟରେ ଥିଲା ସେ ସବୁକୁ ଅସୁବିଧାରେ ପଡ଼ିଥିବା ଅଣ ଅହେମଦୀ ମୁସଲ୍‌ମାନଙ୍କ ମଧ୍ୟରେ ବାଂଟିଦେଲେ । ଶେଷରେ ଯେତେବେଳେ ମୁଁ କାଦିଆନ୍‌ରୁ ବାହାରିଲି ମୋ ନିକଟରେ ଗୋଟିଏ ଖାକି ବ୍ୟାଗ୍ ଥିଲା, ଯେଉଁଥିରେ ମାତ୍ର ଗୋଟିଏ ହଳ ପୋଷାକ ଥିଲା । ଏପରି ନୁହେଁ ଯେ କୌଣସି ଜିନିଷକୁ ସାଥିରେ ନେବାପାଇଁ ମନା କରାଯାଇଥିଲା । ବରଂ ଆମର ସମ୍ପୂର୍ଣ୍ଣ ଘର ଖାଲି ହୋଇଯାଇଥିଲା । ଯାହା କିଛି ଆମ ପାଖରେ ଥିଲା ସେ ସବୁକୁ ଆମେ ବାଂଟି ଦେଇଥିଲୁ ।"

"ଯେହେତୁ ସେହି ଶରଣାର୍ଥୀମାନଙ୍କୁ ଉପଦ୍ରବୀ ଲୋକେ ସମ୍ପୂର୍ଣ୍ଣ ରୂପେ ଦରିଦ୍ର କରିଦେଇଥିଲେ । ତେଣୁ କାଦିଆନ୍‌ର ଲୋକମାନେ ଉକ୍ତ ଅଭାବି ଲୋକମାନଙ୍କୁ ଅନୁକମ୍ପା ପ୍ରଦାନ କରିବାର ଭାର ବହନ କଲେ । ତେବେ ଏତେ ସଂଖ୍ୟକ ଲୋକଙ୍କୁ ଖାଦ୍ୟ ଯୋଗାଇବା ଓ ରହିବାର ବ୍ୟବସ୍ଥା ସାଧାରଣ କାର୍ଯ୍ୟ ନଥିଲା । ବିଶେଷତଃ ଏଭଳି ପରିସ୍ଥିତିରେ ଯେତେବେଳେ ଜୀବନର ମୌଳିକ ଆବଶ୍ୟକତା ପୂରଣ କରିବା କଷ୍ଟସାଧ । ସୁତରାଂ ସେହି ଅଭାବି ଅତିଥିମାନେ କାଦିଆନ୍‌ରେ ଯେପର୍ଯ୍ୟନ୍ତ ରହିଲେ ଓ ପ୍ରଶାସନ ଯେପର୍ଯ୍ୟନ୍ତ ତାଙ୍କୁ ଏଠାରେ ରହିବା ପାଇଁ ସୁଯୋଗ ଦେଲା ।" (ଖୁତ୍‌ବାତେ ତାହିର୍, ଖଣ୍ଡ-୪, ପୃଷ୍ଠା-୧୮୭)

ଅଖ୍‌ବାର୍ 'ଜମିଁଦାର୍' ଲେଖୁଛି:- ବଟାଲାର ଶରଣାର୍ଥୀଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ନା ସେମାନଙ୍କ ନିକଟରେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ଅଛି ନା ଖାଇବାକୁ କୌଣସି ଖାଦ୍ୟ ଅଛି । ଉପଦ୍ରବକାରୀମାନେ ଏକ ପ୍ରକାର ପ୍ରଳୟ ସୃଷ୍ଟି କରି ରଖିଛନ୍ତି । ପୂର୍ବେ ଧନରତ୍ନ ଓ ସୁନା ଗହଣା ଇତ୍ୟାଦି ଲୁଟି ନେଉଥିଲେ । କିନ୍ତୁ ବର୍ତମାନ ମହିଳାମାନଙ୍କ ଇଜ୍ଜତ୍ ଉପରେ ହାତ ମରାଯାଉଛି । ଦ୍ୱିତୀୟ କ୍ୟାମ୍ପ୍‌ଟି ଶ୍ରୀ ହରଗୋବିନ୍ଦପୁରରେ ରହିଛି । ସେଠିକାର ଅବସ୍ଥା ମଧ ବଟାଲାରୁ କିଛି କମ୍ ଭୟଙ୍କର ନୁହେଁ । ତୃତୀୟ କ୍ୟାମ୍ପ୍‌ଟି କାଦିଆନ୍‌ରେ ରହିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମିର୍ଜାଇମାନେ ମୁସଲ୍‌ମାନ ମାନଙ୍କର ଯେଉଁ ସେବା କରିଛନ୍ତି ସେଥିଯୋଗୁ ଆମେ ତାଙ୍କର କୃତଜ୍ଞ ହେବା ଉଚିତ୍ । ସହସ୍ର ଶରଣାର୍ଥୀମାନଙ୍କ ନିମନ୍ତେ ଅହେମଦୀମାନଙ୍କ ଘରୁ ଖାଇବା ପାଇଁ ରୋଟି ଦିଆଯାଉଥିଲା । କାଦିଆନୀ ମୁସଲ୍‌ମାନ୍ ମାନେ ସରକାରଙ୍କ ନିକଟରୁ ରାସନ ସାମଗ୍ରୀ ପାଇବା ପାଇଁ ଦରଖାସ୍ତ ଦେଇନାହାଁନ୍ତି" (ଜମିଁଦାର୍, ୧୬ ଅକ୍ଟୋବର୍ ୧୯୪୭, ବହୱାଲା ଖୁତ୍‌ବାତେ ତାହିର୍, ଖଣ୍ଡ-୪, ପୃଷ୍ଠା-୧୮୭)

୧୯୬୮ ମସିହା ଫେବୃଆରୀ ୨୯ ତାରିଖରେ ଶ୍ରୀମାନ୍ ଭି.କେ ଗୁପ୍ତା ସାହେବ୍ ଚିଫ୍ ମେଡିକାଲ୍ ଅଫିସର, ଗୁରଦାସପୁର, କାଦିଆନ୍‌ର ଗସ୍ତ କରି ଅହେମଦୀୟା ଚିକିତ୍ସାଳୟର ମଧ ଅନୁଧାନ କଲେ । ତାଙ୍କୁ ଏହା ଅବଗତ କରାଗଲା ଯେ ସବୁ କର୍ମଚାରୀ ଓ ସମସ୍ତ ଔଷଧର ଖର୍ଚ୍ଚ ସଦର ଅଞ୍ଜୁମନ୍ ଅହେମଦୀୟା ବହନ କରୁଅଛି । ରୋଗୀମାନଙ୍କ ନିରୀକ୍ଷଣ ଓ ଚିକିତ୍ସା ମାଗଣାରେ କରାଯାଉଛି । ପୁଣି ୧୯୪୮ ଜାନୁଆରୀ ମାସଠାରୁ ୧୯୬୭ ଡିସେମ୍ବର୍ ପର୍ଯ୍ୟନ୍ତ ୩୭୦୯୭୮ ମୁସଲ୍‌ମାନ୍ ଓ ୨୭୩୭୯୦ ଜଣ ଅଣମୁସଲ୍‌ମାନଙ୍କ ଚିକିତ୍ସା କରାଯାଇଛି । ଡାକ୍ତର ଗୁପ୍ତା ସାହେବ୍ ଚିକିତ୍ସାଳୟର ସମସ୍ତ ବିଭାଗକୁ ସମ୍ପୂର୍ଣ୍ଣ ରୂପେ ଅନୁଧାନ କଲେ । ଏବଂ ସେଠିକାର କର୍ମୀମାନଙ୍କର ଏପରି ମାନବସେବା ମୂଳକ ସୁନ୍ଦର ପ୍ରଚେଷ୍ଟା ଯାହା କିଛି ସେମାନେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ୧୯ ବର୍ଷ ପର୍ଯ୍ୟନ୍ତ ସେବା କରି ଆସୁଛନ୍ତି । ତେଣୁ ଏ ସବୁ ଦେଖି ବହୁତ ପ୍ରଶଂସା କଲେ । ଏବଂ ଇଂରାଜୀ ଭାଷାରେ ଗୋଟିଏ ଚିକିତ୍ସାଳୟର ଅବସ୍ଥାକୁ ନିଜର ମତାମତ ଦେଇ ଗୋଟିଏ ପୁସ୍ତକରେ ଲେଖିଛନ୍ତି, ଯାହାର ଉର୍ଦ୍ଦୁ ଭାଷାନ୍ତର ଏପରି ଅଟେ-ଚିକିତ୍ସାଳୟର ମୁଁ ଅନୁଧାନ କଲି । ଏହାକୁ ମୁସଲମାନ୍ ଓ ଅଣ ମୁସଲମାନ୍ ସମସ୍ତଙ୍କ ପାଇଁ ଏକପ୍ରକାର ସ୍ୱୀକାର ଯୋଗ୍ୟ ରୂପେ ଦେଖିବାକୁ ପାଇଲି । ସେତେବେଳେ ଡାକ୍ତର ଗୁଲାମ୍ ରବ୍‌ବାନୀ ସାହେବ୍ ଚିକିତ୍ସାଳୟର ନିର୍ଦ୍ଦେଶକ ଥିଲେ । (ତାରିଖେ ଅହେମଦୀୟତ୍, ଖଣ୍ଡ-୨୪, ପୃଷ୍ଠା-୭୬୨)

୨୦୧୬ ମସିହାର ସିରିଆଲିଓନ୍ ର ବାର୍ଷିକ ଧର୍ମ ସମ୍ମିଳନୀରେ ଯୋଗ ଦେଇଥିବା ଡେପୁଟି ଚେୟାରମ୍ୟାନ୍ ଅଫ୍ ନ୍ୟାସ୍‌ନାଲ୍ କାଉନ୍‌ସିଲ୍ ଅଫ ପାରାମାଉଂଟ୍ ଚିଫ୍‌ସ ନିଜ ବକ୍ତବ୍ୟରେ କହିଲେ ଯମାତ୍ ଅହେମଦୀୟା ଶିକ୍ଷା, ଚିକିତ୍ସା ଓ ଧାର୍ମିକ କ୍ଷେତ୍ରରେ ଯେଉଁ ସବୁ ସେବା କରୁଅଛି ମୁଁ ତାକୁ ପ୍ରଣାମ କରୁଅଛି । ସେ ଜଣେ ଖ୍ରୀଷ୍ଟିଆନ୍ ଥିଲେ କିନ୍ତୁ ଜଲ୍‌ସା ସାଲାନାର ବର୍‌କତ୍ ଓ ଅହେମଦୀୟତ୍‌ର ସତ୍ୟତାରେ ପ୍ରଭାବିତ ହୋଇ ସେହି ଜଲ୍‌ସାରେ ହିଁ ସେ ଇସ୍‌ଲାମ୍ ଗ୍ରହଣ କରିବାର ଘୋଷଣା କଲେ । ଅଲହମ୍‌ଦୋଲିଲ୍ଲାଃ ଆଲାଜାଲିକ୍ ।

ଗଏର୍ ଅହେମଦୀଙ୍କ ଚିଫ୍ ଇମାମ୍ BO District ର ଅଲ୍‌ହାଜ୍ ମୁସ୍ତଫା ନିଜ ବକ୍ତବ୍ୟରେ କହିଲେ ଯମାତ୍ ଅହେମଦୀୟା ଦୀର୍ଘ ସମୟ ହେବ କେବଳ ଶିକ୍ଷା କ୍ଷେତ୍ରରେ ସେବା କରୁନାହିଁ ବରଂ ଜାତି ଓ ଦେଶର ଉନ୍ନତି ନିମନ୍ତେ ମଧ ଦିନ ରାତି ଚେଷ୍ଟା କରିଚାଲିଛି । ଯମାତ୍ ଅହେମଦୀୟାର ଏପରି ପଦକ୍ଷେପକୁ ମୁଁ ସହୃଦୟରୁ ଅଭିନନ୍ଦନ ଜଣାଉଛି ।

ସିରିଆଲିଓନ୍ ମୁସ୍‌ଲିମ୍ କଂଗ୍ରେସ୍‌ର ସେକ୍ରେଟାରୀ ଜେନେରାଲ୍ ଅଲ୍‌ହାଜ୍ ପ୍ରଫେସର୍ ଏ.ବି କରିମ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଅହେମଦୀୟା ମୁସ୍‌ଲିମ୍ ଯମାତ୍ ସିରିଆଲିଓନ୍‌ର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେଉଁ ସବୁ ସେବା କରୁଅଛି, ସେ ସବୁକୁ ଅଣଦେଖା କରାଯାଇପାରିବ ନାହିଁ । ପୁଣି ସେ କହିଲେ ଏହି ଜଲ୍‌ସାରେ ଖ୍ରୀଷ୍ଟିଆନ୍ ଓ ମୁସଲମାନ ମାନଙ୍କର ଉପସ୍ଥିତି ସିରିଆଲିଓନ୍ ଓ ଯମାତ୍ ଅହେମଦୀୟା ମଧ୍ୟରେ ଧାର୍ମିକ ଭାଇଚରାର ପ୍ରମାଣ ଦେଉଛି ।

ସିରିଆଲିଓନ୍‌ର ରାଷ୍ଟ୍ରପତି ସାହେବ୍ Dr. Hon Ernest Bai Koroma ନିଜ ଅଭିଭାଷଣରେ କହିଲେ- ଆମେ ସମସ୍ତେ ସିରିଆଲିଓନ୍‌ରେ ଯମାତ୍ ଅହେମଦୀୟାର ସେବାକୁ ପ୍ରତ୍ୟେକ ମହଲରେ ସ୍ୱାଗତ କରୁଅଛୁ । ଅହେମଦୀୟା ଯମାତ୍ ଲୋକମାନଙ୍କୁ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ରେ ରହିବା ପାଇଁ ଶିକ୍ଷା ଦେଉଅଛି । ଇସ୍‌ଲାମ୍‌ର ପ୍ରକୃତ ବାର୍ତାକୁ ପହଂଚାଇବା, ଶାନ୍ତି, ଭାତୃଭାବ ଓ ସମସ୍ତଙ୍କର ମଙ୍ଗଳକାମନା କରିବାର ବାସ୍ତବିକତା ଆମକୁ କେବଳ ଯମାତ୍ ଅହେମଦୀୟାରେ ହିଁ ଦେଖିବାକୁ ମିଳିଥାଏ । ଏଥିପାଇଁ ମୁଁ ଯମାତ୍ ଅହେମଦୀୟାକୁ କୃତଜ୍ଞତା ଜ୍ଞାପନ କରୁଅଛି । ଯମାତ୍ ଅହେମଦୀୟା ହ୍ୟୁମାନିଟି ଫାଷ୍ଟକୁ କାର୍ଯ୍ୟରେ କରି ଦେଖାଇବାର ପ୍ରକୃତ ନମୁନା ଦେଖାଉଛି । (ଅଲ୍‌ଫଜଲ୍ ଇଂଟରନ୍ୟାସ୍‌ନାଲ୍ ୧୧ ନଭେମ୍ବର ୨୦୧୬, ପୃଷ୍ଠା-୧୬)

ଅମୀର୍ ସାହେବ୍ ବେନିନ୍ ଲେଖୁଛନ୍ତି ଯେ Natitingou ଅଂଚଳର କମିଶନର୍ ଆମ ନିମନ୍ତ୍ରଣରେ ମିଶନ୍ ହାଉସ୍ ଆସିଲେ ଓ କହିଲେ ବେନିନ୍‌ରେ ଯମାତ୍ ଅହେମଦୀୟା ଖୁବ୍ ତୀବ୍ରଗତିରେ ଉନ୍ନତି କରୁଅଛି । ସେଥିଯୋଗୁ ଆମେ ଟିକିଏ ଶଙ୍କାରେ ପଡ଼ିଯାଇଛୁ ଯେ ଯମାତ୍‌ର କୌଣସି ଗୁପ୍ତ ଓ ମନ୍ଦ ଉଦ୍ଦେଶ୍ୟ ତ ନାହିଁ । ସୁତରାଂ ପ୍ରଶାସନ ତରଫରୁ ଗୋଟିଏ ଉଚ୍ଚସ୍ତରୀୟ ଦଳ ଯମାତ୍‌ର ଅନସନ୍ଧାନ କଲା । ତା ପରେ ଆମେ ଜାଣିପାରିଲୁ କି ଯମାତ୍ ଅହେମଦୀୟା ହେଉଛି ଗୋଟିଏ ଶାନ୍ତିପ୍ରିୟ ସମ୍ପ୍ରଦାୟ ଏବଂ ସେ ମାନବ ସେବାରେ ସର୍ବଦା ଅଗ୍ରସର ରହିଛି । ଲୋକମାନେ ଯାହା କୁହନ୍ତୁ ନା କାହିଁକି କିନ୍ତୁ ଆମେ ଆପଣଙ୍କ ସମ୍ବନ୍ଧରେ ଭଲ ଭାବରେ ଅବଗତ ହୋଇସାରିଛୁ । ସେଥିଯୋଗୁ ମୁଁ ଏଠାକୁ ଆପଣମାନଙ୍କ ସହିତ ସାକ୍ଷାତ୍ କରିବାକୁ ଆସିଅଛି । (ଅଲ୍‌ଫଜଲ୍ ଇଂଟରନ୍ୟାସ୍‌ନାଲ୍ ୧ ଜାନୁଆରୀ ୨୦୧୬)

Haiti ରେ କିଛିବର୍ଷ ପୂର୍ବେ ଗୋଟିଏ ଭୀଷଣ ଭୂମିକମ୍ପ ହୋଇଥିଲା । ସେତେବେଳେ ଯମାତ୍ ଅହେମଦୀୟା ଅସୁବିଧାରେ ପଡ଼ିଥିବା ଲୋକମାନଙ୍କୁ ଉଦ୍ଧାର ଓ ସେମାନଙ୍କ ସେବା କରିବାର ସୌଭାଗ୍ୟ ପ୍ରାପ୍ତ କଲା । ଫଅଲହମ୍‌ଦୋଲିଲ୍ଲାଃ । ୨୦୧୫ ମସିହାରେ ବେନିନ୍‌ର ଜଲ୍‌ସା ସାଲାନାରେ Haiti ର ରାଜଦୂତ ଯୋଗଦେଇ କହିଲେ ଯମାତ୍ ଅହେମଦୀୟା ଆମର ବହୁତ ସେବା କର୍ଉଛି । ତେଣୁ ଆମେ ଯମାତ୍‌ର କାର୍ଯ୍ୟକୁ ପ୍ରଶଂସା କରୁଅଛୁ । (ଅଲ୍‌ଫଜଲ୍ ଇଂଟରନ୍ୟାସ୍‌ନାଲ୍ ୧ ଅପ୍ରେଲ୍ ୨୦୧୬)

Priyanka Radhi Krishna (Labour Party) ନିଜର ଭାବନା ବ୍ୟକ୍ତ କରି କହିଲେ-ଯେଉଁ କଥାକୁ ମୁଁ ବିଶେଷ ରୂପେ ପ୍ରଶଂସା କରିବାକୁ ଚାହୁଁଛି ତାହା ହେଉଛି ଯମାତ୍ ଅହେମଦୀୟାର ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଅହରହ ପ୍ରଚେଷ୍ଟା ଓ ସମସ୍ତ ପ୍ରକାର କଠୋରବାଦ ବିରୋଧରେ ଛିଡ଼ା ହେବାର ଦୃଢ଼ ନିଷ୍ଠା ଓ ମନୋବଳ ଅଟେ । ଏବଂ ଆପଣଙ୍କ ତରଫରୁ ମାନବଜାତି ପାଇଁ ଯେଉଁ ସବୁ ସେବାମୂଳକ କାର୍ଯ୍ୟ କରାଯାଉଛି ଏବଂ ଯେଉଁଥିରେ ଆପଣମାନେ ଅହରହ କାର୍ଯ୍ୟରତ ତାହା ବହୁତ ପ୍ରଶଂସାଯୋଗ୍ୟ ଅଟେ ।

Honourable Peseta Sam Lotu Liga (Minister for Ethnic Communities) କହିଲେ- "ମୁଁ ଶାନ୍ତିର ଏହି ବାର୍ତା ଗୁଡ଼ିକର ପ୍ରଚାର ଓ

ପ୍ରସାରକୁ ମଧ୍ୟ ପ୍ରଶଂସା କରିବାକୁ ଚାହୁଁଛି, ଯାହାକି (ଅହମଦୀୟା) ଖିଲାଫତ୍ ସମ୍ପାଦନ କରୁଅଛି । ନିଃସନ୍ଦେହ ଆପଣମାନେ ବିଶ୍ୱସ୍ତରରେ ମାନବତାର ଅଧିକାର ତଥା ସଂଖ୍ୟାଲଘୁ ଓ ମହିଳାମାନଙ୍କ ଅଧିକାର ଗୁଡିକୁ ପ୍ରଦାନ କରିବା ନିମନ୍ତେ ସ୍ୱର ଉତଳନ କରିବା ସ୍ୱାଗତ ଯୋଗ୍ୟ ଅଟେ । ଅହେମଦୀୟା ଖିଲାଫତ୍ ନିଶ୍ଚିତ ରୂପରେ ଶାନ୍ତି, ଭାତୃଭାବ ଓ ପ୍ରେମର ଶିକ୍ଷା ଦେଉଅଛି ।" (ଅଲଫଜଲ୍ ଇଂଟରନ୍ୟାସନାଲ, ୨୨ ଅପ୍ରେଲ୍ ୨୦୧୬)

କେନିଆର କୋସୋମୋ ଅଂଚଳରେ "ମସ୍‌ଜିଦ୍ ମସ୍‌ରୁର" ର ଉଦ୍‌ଘାଟନୀ ଉତ୍ସବରେ ଶ୍ରୀମାନ୍ ଏଡୱିନ୍ ଅଟୁୱିନ୍ ସାହେବ୍ ପୂର୍ବତନ ଅଧ୍ୟକ୍ଷ CDF Holo ନିଜର ମତ ପ୍ରକାଶ କରି କହିଲେ- ମୁଁ ବ୍ୟକ୍ତିଗତ ଭାବେ ଜାଣିଛି ଯେ ଯମାତ୍ ଅହେମଦୀୟା କୌଣସି ପ୍ରକାର ପାତର ଅନ୍ତର ନକରି ମାନବ ସେବା କରିଥାଏ ଏବଂ ଏହି ଅଂଚଳରେ ମଧ୍ୟ ଯମାତ୍ ଛାତ୍ରଛାତ୍ରୀ, ଗରିବ, ଅସହାୟ, ଅନାଥ ଓ ଅଭାବି ଲୋକମାନଙ୍କ ଆବଶ୍ୟକତା ପୁରଣ କରିବାରେ ଅଗ୍ରସର । ଯମାତ୍ ଏହି ଅଂଚଳରେ ସ୍ୱଚ୍ଛପାନୀୟ ଜଳର ବ୍ୟବସ୍ଥା କରିବା ନିମନ୍ତେ ବିଭିନ୍ନ ସ୍ଥାନରେ କୁଅ ଓ ନଳକୂପମାନ ଲଗାଇଛି । ଏ ସବୁଥିରୁ ଯମାତ୍ ଅହେମଦୀୟାର ମୋଟ Love for all, hatred for none ଉପସ୍ଥାପନ ହେଉଅଛି । ମୁଁ ଆଶା କରୁଛି ଯମାତ୍ ଅହେମଦୀୟା ଭବିଷ୍ୟତରେ ମଧ୍ୟ ଏଭଳି ସେବାମୂଳକ କାର୍ଯ୍ୟକୁ ଅବ୍ୟାହତ ରଖିବ । (ଅଲଫଜଲ୍ ୧୨ ଅଗଷ୍ଟ ୨୦୧୬)

ବେନିନ୍ ର ରାଷ୍ଟ୍ରପତି ମହୋଦୟ Hon Thomas Yayi Boni ନିଜ ବନ୍ଧୁ ଓ ନେତୃବୃନ୍ଦଙ୍କ ସହିତ ହଜରତ୍ ଅନୁୱର୍ ଅ:ବ:ଅ ଙ୍କ ସହ ସାକ୍ଷାତ୍ କରିବା ନିମନ୍ତେ ରାଷ୍ଟ୍ରପତି ମହଲର ସଭାପତିତ୍ୱ ଲଞ୍ଜ୍‌କୁ ଆସି କହିଲେ ଆପଣ ଯେଉଁ ସେବା କରୁଛନ୍ତି ତାହା ନିଶ୍ଚିତ ରୂପେ ବହୁତ ବଡ଼ କାର୍ଯ୍ୟ ଅଟେ । ମୁଁ ଆପଣଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି ଯେ ଆପଣମାନେ ଆମ ସହିତ ଦେଶ ସେବାରେ ସାମିଲ୍ ଅଛନ୍ତି । (ଅଲଫଜଲ୍ ଇଂଟରନ୍ୟାସନାଲ ୬-୧୨ ଜୁନ୍ ୨୦୦୮, ପୃଷ୍ଠା-୧୦)

ପ୍ରତିଦିନ ଖବରକାଗଜ "ନୱାଏ ୱକ୍ତ ଲାହୋର" ୧୭ ଜୁନ୍ ୧୯୬୯ ମସିହା ପ୍ରକାଶନର ପୃଷ୍ଠା-୫ ରେ "ମାନବ ସେବାର ସୁନ୍ଦର ପ୍ରଦର୍ଶନ" ପ୍ରବନ୍ଧରେ ଲେଖିଥିଲା ବିଗତ ଦିନ ରବୱା ଓ ଚିନ୍ନୋଟ୍ ମଧ୍ୟରେ ଗୋଟିଏ ରେଲଗାଡିର ଇଂଜିନ୍ ରେଲଧାରଣା ତଳକୁ ଖସିଗଲା । ଫଳତଃ ରେଳସେବା ବାଧାପ୍ରାପ୍ତ ହେଲା । ଓ ଅନେକ ଗାଡିକୁ ରବୱା ରେଲୱେ ଷ୍ଟେସନ୍‌ରେ ରୋକିବାକୁ ପଡ଼ିଲା । ମଧ୍ୟାହ୍ନ ସମୟରେ ପ୍ରଚଣ୍ଡ ଗ୍ରୀଷ୍ମ ତାତିରେ ରବୱା ଷ୍ଟେସନ୍‌ରେ ଛୋଟ ଛୋଟ ପିଲା ଓ ଯୁବକମାନେ ସଂଗଠିତ ଓ ଯୋଜନାବଦ୍ଧ ଭାବରେ ଯାତ୍ରୀମାନଙ୍କୁ ଶୀତଳ ଜଳ ଓ ଖାଦ୍ୟ ଯୋଗାଇଲେ । ଏହା ଏକ ଚର୍ଚ୍ଚାର ବିଷୟ ଅଟେ ଯେ ମାନବ ସେବାର ଏଭଳି ସୁନ୍ଦର ନମୁନା ପ୍ରଦର୍ଶନ କରୁଥିବା ପିଲା ଓ ଯୁବପିଢ଼ୀ ନିଜେ ଭୋକିଲା ଶୋଷିଲା ରହି ବିନା ପାରିଶ୍ରମିକରେ ଏପରି ନିଷ୍ପାପର ସେବା ସମ୍ପାଦନ କଲେ । ଅନୁମାନକ ସେମାନେ ଛଅ ହଜାର ଲୋକଙ୍କୁ ଥଣ୍ଡାପାଣି ଓ ଖାଦ୍ୟ ଯୋଗାଇଲେ ।" (ତାରିଖେ ଅହେମଦୀୟତ୍, ଖଣ୍ଡ-୨୫, ପୃଷ୍ଠା-୮୨)

ବେନିନ୍‌ର ସମାଜ କଲ୍ୟାଣ ମନ୍ତ୍ରାଳୟ ନିଜର ଆଠ ଜଣିଆ ପ୍ରତିନିଧି ବିଶିଷ୍ଟ ଏକ ଦଳ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କଲେ । ମନ୍ତ୍ରୀ କହିଲେ- "ଯମାତ୍ ଅହେମଦୀୟା ଅନ୍ୟାନ୍ୟ ଉପକାର ମୂଳକ କାର୍ଯ୍ୟ ସହିତ ଚଳିତ ବର୍ଷ ଇଦୁଲ୍ ଜୁହା ଅବସରରେ ପଚାଶଟି ଛେଳି ଅନାଥ ମାନଙ୍କ ପାଇଁ ପ୍ରେରଣ କଲା । ଏହିପରି ମନୋରାଜ୍ୟ ଓ କୋଫୁରାଜ୍ୟର ବାସିନ୍ଦାଙ୍କ ନିମନ୍ତେ ଖାଦ୍ୟ ଓ ମାଗଣା ଚିକିତ୍ସା କ୍ୟାମ୍ପ ଲଗାଇଲେ । ଏ ସବୁ ସେବା ଯୋଗୁ ସେହି ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍‌ଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କଲେ । (ଅଲଫଜଲ ଇଂଟରନ୍ୟାସନାଲ ୧୩-୧୯ ଜୁନ୍ ୨୦୦୮, ପୃଷ୍ଠା-୧୦)

ରାଜ୍ୟପାଳ ଲେଗୋସ୍ ଷ୍ଟେଟ୍ (ନାଇଜେରିଆ) ବଲଗାନ୍ ର ପ୍ରତିନିଧି ଅଲହାଜ୍ ଇବ୍ରାହିମ୍ ସାହେବ୍ କହିଲେ ଏଠାରେ ଖଲିଫତୁଲ୍ ମସିହ୍ ଇସ୍‌ଲାମୀୟ ସେଂଟର୍ ଖୋଲିବାର ଶିଳାନ୍ୟାସ କରିବା ଯୋଗୁ ମୁଁ ବେଶ୍ ଉଲ୍ଲସିତ ଅଛି । ଏହା ହେଉଛି ସଠିକ୍ ଓ ଅନୁପମ ପଦକ୍ଷେପ ଯାହା ଇସ୍‌ଲାମ୍‌ର ପ୍ରଚାର ଓ ପ୍ରସାରରେ ସହାୟକ ହେବ । ଯମାତ୍ ଅହେମଦୀୟାର ସମସ୍ତ ଯୋଜନା ତାହା ଶିକ୍ଷାଗତ ହେଉ ବା ବ୍ୟବସ୍ଥାମୂଳକ, ସେ ସମସ୍ତ କାର୍ଯ୍ୟ ମାନବ ସେବାରେ ଅଶେଷ ସାହାଯ୍ୟ ପ୍ରମାଣିତ ହୋଇଥାଏ । ମୁଁ ଅହେମଦୀୟା ଯମାତ୍‌ର ସମସ୍ତ ବନ୍ଧୁମାନଙ୍କୁ ଶୁଭେଚ୍ଛା ପ୍ରଦାନ କରୁଅଛି ।" (ଅଲଫଜଲ୍ ଇଂଟର ନ୍ୟାସନାଲ୍ ୨୦-୨୬ ଜୁନ୍ ୨୦୦୮, ପୃଷ୍ଠା-୧୧)

ୟୁରୋପିଆନ୍ ପାର୍ଲିଆମେଂଟ୍‌ର ସଦସ୍ୟ ମୋହତରମା ବେରଉନ୍‌ସ ଇମାନ୍‌କ୍ଲିସନ୍ ଶତବାର୍ଷିକୀ ଖିଲାଫତ ଜୁବୁଲି ଅବସରରେ ଶୁଭେଚ୍ଛା ଜଣାଇ କହିଲେ- ଯମାତ୍ ଅହେମଦୀୟା ସମଗ୍ର ବିଶ୍ୱରେ ଏକତା, ଶାନ୍ତି ଓ ମାନବ ସେବାର ଅତ୍ୟନ୍ତ ସ୍ୱୀକାର ଯୋଗ୍ୟ କାର୍ଯ୍ୟ ସମ୍ପାଦନ କରୁଅଛି । ଏହି ସବୁ କାର୍ଯ୍ୟରେ ଇଂଲଣ୍ଡର ପ୍ରଶାସନ ମଧ୍ୟ ଆପଣଙ୍କ ସହିତ ରହିଛି । (ଅଲ୍‌ଫଜଲ୍ ଇଂଟରନ୍ୟାସନାଲ, ୧୫-୨୧ ଅଗଷ୍ଟ ୨୦୦୮, ପୃଷ୍ଠା-୨)

ତ୍ରିନିଦାଦ୍ ଓ ଟୋବାଗୋ ର ରାଷ୍ଟ୍ରପତି ନିଜର ଏକ ବାର୍ତ୍ତା ଦେଇ କହୁଛନ୍ତି- "ଶହେ ବର୍ଷ ଏକ ଦୀର୍ଘ ସମୟ କାଳ ଏବଂ କୌଣସି ଯମାତ୍‌ର କାର୍ଯ୍ୟକଳାପକୁ ପରଖିବା ନିମନ୍ତେ ଏହା ଯଥେଷ୍ଟ ଅଟେ । ଯମାତ୍ ଅହେମଦୀୟା ମାନବ ସେବା କ୍ଷେତ୍ରରେ ଅନୁକରଣ ଯୋଗ୍ୟ ଗୋଷ୍ଠୀ ଅଟେ । ଯମାତ୍‌ର ମୋଟୋ ହେଉଛି Love for all, hatred for none ଏହା ସମଗ୍ର ବିଶ୍ୱରେ ସ୍ୱୀକାରଯୋଗ୍ୟ ସ୍ତର ପ୍ରାପ୍ତ କରିସାରିଲାଣି ।" (ଅଲଫଜଲ୍ ଇଂଟରନ୍ୟାସନାଲ, ୫-୧୧ ସେପ୍ଟେମ୍ବର୍ ୨୦୦୮, ପୃଷ୍ଠା-୨)

ଲାଇବେରିଆ ଦେଶର ସୂଚନା ଭ୍ରମଣ ମନ୍ତ୍ରୀ ଯନାବ ଓ୍ୱିଜଲି ମୋମୋ ଜାନ୍‌ସନ୍ ଲାଇବେରିଆ ଦେଶର ପ୍ରତିନିଧିତ୍ୱ କରି ଜଲ୍‌ସାସାଲାନା ୟୁ.କେ ୨୦୦୮ ମସିହାରେ ଯୋଗଦେଇ ଲାଇବେରିଆ ଓ ସେଠିକାର ବାସିନ୍ଦାଙ୍କ ତରଫରୁ ସଲାମ୍ (ଶାନ୍ତି)ର ବାର୍ତ୍ତା ପହଂଚାଇ କହିଲେ- ଅହେମଦୀୟା ମିଶନ୍ ଲାଇବେରିଆ ଅତ୍ୟନ୍ତ ସୁନ୍ଦର ଭାବରେ ଶାନ୍ତିର ବାର୍ତ୍ତା ସମଗ୍ର ଦେଶରେ ପ୍ରଚାର କରୁଅଛି । ଆମ ଦେଶରେ ଶାନ୍ତି ଓ ସମାନତା ସ୍ଥାପନ କରିବା ତଥା ଗରିବ ଦୂରୀକରଣ କରିବାର ଆବଶ୍ୟକ ରହିଛି । ଏ ସମ୍ପର୍କରେ ଯମାତ୍ ଅହେମଦୀୟାକୁ ପ୍ରଶାସନ ଓ ଜନସାଧାରଣଙ୍କ ତରଫରୁ ପୂର୍ଣ୍ଣ ସହଯୋଗ ହାସଲ ଅଛି । ଲାଇବେରିଆ ଦେଶ ଯମାତ୍ ଅହେମଦୀୟାର ସହଯୋଗ କ୍ରମେ ଉନ୍ନତି କରିଚାଲିଛି । (ଅଲଫଜଲ ଇଂଟରନ୍ୟାସନାଲ, ୨୬ ସେପ୍ଟେମ୍ବର୍ - ୨ ଅକ୍ଟୋବର ୨୦୦୮, ପୃଷ୍ଠା-୨)

ପଞ୍ଜାବ୍‌ର ପୂର୍ବତନ ମନ୍ତ୍ରୀ ନଥା ସିଂ ଦାଲମ୍ ଗୁଜୁରାଟ୍‌ରେ ଆସିଥିବା ଭୂମିକମ୍ପ ପାଇଁ କାଦିଆନ୍‌ରୁ ରିଲିଫ୍ ଟିମ୍‌କୁ ପଠାଇବା ଅବସରରେ କହିଲେ- "ରୋଗୀ, ଅଭାବି ଓ ଦରିଦ୍ର ଲୋକମାନଙ୍କ ସେବା କରିବା ହେଉଛି ସଂସାରର ସବୁଠାରୁ ଶ୍ରେଷ୍ଠ ସେବା । ସଂସାରର ସମସ୍ତ ଧର୍ମ ମାନବସେବା ଓ ପରସ୍ପରକୁ ପ୍ରେମ କରିବାର ଶିକ୍ଷା ଦେଉଛି । ଶ୍ରୀମାନ୍ ଦାଲମ୍ ଯମାତ୍ ଅହେମଦୀୟା ମାଧ୍ୟମରେ ହେଉଥିବା ସାମାଜିକ ମଙ୍ଗଳ ଓ ଉନ୍ନତି ମୂଳକ କାର୍ଯ୍ୟର ପ୍ରଶଂସା କରି କହିଲେ ଏହି ଯମାତ୍ ଦେଶରେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିବା ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାହାଯ୍ୟ ଓ ସହାୟତା କରିବା ନିମନ୍ତେ ଆଗଧାଡ଼ିରେ ଛିଡା ହୋଇଥାଏ । ମାନବ ସେବା ଓ ଗୁଜୁରାଟ୍‌ର ଭୂମିକମ୍ପ ସମୟରେ ୩୫ ଲକ୍ଷ୍ୟ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ସେ କହିଲେ ଯମାତ୍‌ର ମୁଖ୍ୟ କେନ୍ଦ୍ର ଗୁଜୁରାଟ୍‌ର ରିଲିଫ୍ ଫଣ୍ଡକୁ ମୋଟା ଅଙ୍କର ଅର୍ଥ ପ୍ରଦାନ କରି ନିଜର ଅବଦାନ ପ୍ରଦାନ କରିଛି । ଅହେମଦୀୟା ଯମାତ୍ ଲଣ୍ଡନ୍ ଓ ଅନ୍ୟାନ୍ୟ ଦେଶରୁ ଆସିଥିବା ଦଳଗୁଡିକ ସବୁଠାରୁ ଅଧିକ ପ୍ରଭାବିତ ଅଂଚଳ ଭୁଜ୍‌ରେ ଯେଉଁ ସେବା କରିଛନ୍ତି ତାହା ଅତ୍ୟନ୍ତ ପ୍ରଶଂସାଯୋଗ୍ୟ ।" (ରୋଜ୍‌ନାମା ଦୈନିକ ଜାଗରଣ, ଜଲନ୍ଧର, ୨୩ ମାର୍ଚ୍ଚ ୨୦୦୧)

୧୯୯୨ ମସିହାରେ ଭାରତର ଉତରପ୍ରଦେଶ ରାଜ୍ୟରେ ବିଶୃଙ୍ଖଳାର ଯେଉଁ ଅଗ୍ନି ବ୍ୟାପିଥିଲା ସେତେବେଳେ ଯମାତ୍ ଅହେମଦୀୟାର ସେବାମୂଳକ କାର୍ଯ୍ୟଗୁଡିକୁ ଚର୍ଚ୍ଚା କରି ଗୋଟିଏ ଖବରକାଗଜ ଲେଖିଥିଲା- ଏ ସମୟରେ ପ୍ରଭାବିତ ହୋଇଥିବା ଲୋକମାନଙ୍କର ସେବା କରିବା ନିମନ୍ତେ ଯମାତ୍ ଅହେମଦୀୟା ତରଫରୁ ରିଲିଫ୍ କମିଟି ଗଠନ ହେଲା, ଯେଉଁଠାରୁ ବିଭିନ୍ନ କ୍ୟାମ୍ପକୁ ସାହାଯ୍ୟ ସହଯୋଗ କରାଯାଉଅଛି । ଖାଦ୍ୟ, ପାନୀୟ ସାମଗ୍ରୀ ତଥା ଘୋଡିହେବା ପାଇଁ କମ୍ବଳ, ବାସନ ଓ ଔଷଧ ଇତ୍ୟାଦି ବିତରଣ କରାଗଲା ଏବଂ ବର୍ତ୍ତମାନ ସୁଧା ଏହା ଅବ୍ୟାହତ ରହିଛି । ଅହେମଦୀୟା ରିଲିଫ୍ କ୍ୟାମ୍ପ ତରଫରୁ ଏପରି ଲୋକେ ଯେଉଁମାନେ ହସ୍ତଶୂନ୍ୟ ହୋଇଯାଇଥିଲେ ଏବଂ ନିଜ ଦେଶକୁ ଫେରିବାକୁ ଚାହୁଁଥିଲେ, ଅତ୍ୟାଧିକ ମାତ୍ରାରେ ଟିକେଟ୍ କିଣି ସେମାନଙ୍କୁ ପ୍ରଦାନ କରାଗଲା । କ୍ୟାମ୍ପ ଗୁଡିକରେ ଏପରି ମହିଳା ଯେଉଁମାନେ ପ୍ରଶବ କରିବା ଅବସ୍ଥାରେ ଥିଲେ, ସେମାନଙ୍କୁ ନର୍ସିଂ ହୋମ୍‌ରେ ଭର୍ତି କରାଇବା ଓ ସମସ୍ତ ଖର୍ଚ୍ଚ ବହନ କରିବାର ବ୍ୟବସ୍ଥା କଲେ । ଅହେମଦୀୟା ରିଲିଫ୍ କମିଟି କେତେକ ଲୋକମାନଙ୍କୁ ଗୃହ ନିର୍ମାଣ କରି ପ୍ରଦାନ କରିବାର ଲକ୍ଷ୍ୟ ରଖିଛି । ସେଥିପାଇଁ ସର୍ବେକ୍ଷଣ କରାଯାଉଛି । (ରୋଜ୍‌ନାମା ହିନ୍ଦୁସ୍ତାନ୍ ଉର୍ଦ୍ଦୁ, ୨୪ ଜାନୁଆରୀ ୧୯୯୩...)

ଯମାତ୍ ଅହେମଦୀୟା ସାରା ବିଶ୍ୱରେ ନିଜ ଖଲିଫାଙ୍କ ନିର୍ଦ୍ଦେଶ ଅନୁସାରେ ମାନବ ସେବାର ସର୍ବୋତମ କର୍ତବ୍ୟ ସମ୍ପାଦନ କରୁଅଛି । ଏବଂ ଯମାତ୍ ସର୍ବଦା ଏହି ନୀତି ଅନୁସାରେ ମାନବ ସେବାର ମାର୍ଗରେ ବିରାଜମାନ ଯେ *ଇନ୍ ଅଜ୍‌ରି ଇଲ୍ଲା ଅଲା ରବ୍ବିଲ୍ ଆଲମିନ୍ (ଶୋଅରା:୧୬୫)* ଅର୍ଥାତ୍ ଆମର ପାରିତୋଷିକ ତ ସମସ୍ତ ଜଗତର ପାଳନକର୍ତାଙ୍କ ଠାରେ ରହିଅଛି । ପୁଣି ଉଚ୍ଚ ସ୍ୱରରେ ଘୋଷଣା କରୁଅଛି *ଲା ନୁରିଦୁ ମିନ୍‌କୁମ୍ ଜଜାଅଉଁ ୱଲା ଶକୁରା (ଦହର:୧୦)* ଅର୍ଥାତ୍ ଆମେମାନେ ତୁମମାନଙ୍କ ଠାରୁ (ଏଥିପାଇଁ) କୌଣସି ପୁରସ୍କାର ମାଗୁନାହୁଁ କି କୃତଜ୍ଞତା ଲୋଡୁନାହୁଁ ।

ଅଲ୍ଲାହ୍‌ତାଲା ଯମାତ୍‌ର ସଦସ୍ୟମାନଙ୍କୁ ନିଜ ଶିକ୍ଷାର ଆଲୋକରେ ଅସିମୀତ ଓ ନିଷ୍ପାପର ସେବା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

# ହୋମିଓପାଥି ଚିକିତ୍ସା ମାଧ୍ୟମରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥ ର:ଅ ଙ୍କ ମହତ୍ୱପୂର୍ଣ୍ଣ ସେବା

(ଫଲାହୁଦ୍ଦିନ୍ କମର୍, ମୁରବୀ ସିଲ୍‌ସିଲା)

ପାଠକେ! ଖୁଦାତାଲା ମନୁଷ୍ୟକୁ ବହୁତ ସୁନ୍ଦର ରୂପେ ଗଢ଼ି ତୋଳିଛି । ଅର୍ଥାତ୍ ତାକୁ ନିର୍ମାଣ କରିବାରେ ସନ୍ତୁଳନ ଓ ସମାନତା ରକ୍ଷା କରିଛି । ଏବଂ ତାକୁ ଗୋଟିଏ ସ୍ୱାସ୍ଥ୍ୟବାନ୍ ଶରୀର ଗଢ଼ିବା ପାଇଁ ନିର୍ଦ୍ଦେଶ ଓ ମାର୍ଗଦର୍ଶନ ମଧ୍ୟ କରିଛି । କିନ୍ତୁ ମନୁଷ୍ୟ ନିଜେ ଅସନ୍ତୁଳିତ ରହିବା ଯୋଗୁ ଏହି ମହିମାଶାଳି କୃପାକୁ ହରାଇ ବସେ । କିନ୍ତୁ ଖୁଦାତାଲା ଅତ୍ୟନ୍ତ କରୁଣାମୟ । ସେ ମନୁଷ୍ୟ ସ୍ୱାସ୍ଥ୍ୟର ପୁନଃ ସ୍ଥାପନ ନିମନ୍ତେ ସାଧନ ମଧ୍ୟ ସୃଷ୍ଟି କରିଛି । ଯେପରି ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି:- *ଓ଼ ଇଜା ମରିଜ୍‌ତୁ ଫହୁଅ ୟଶ୍‌ଫିଇନ୍ (ଅଶ୍‌ଶୋଅରା:୮୧)* ଅର୍ଥାତ୍ ମୁଁ ଯେବେ ବେମାର ହୁଏ ତୁ ହିଁ ମୋତେ ଆରୋଗ୍ୟ ପ୍ରଦାନ କରିଥାଉ । ସେହିପରି ପବିତ୍ର ହଦିସ୍‌ରେ ମଧ୍ୟ ଆସୁଛି ଯେ *ଲିକୁଲି ଦାଇନ୍ ଦଓ୍ୱାଉନ୍ ଇଲ୍ଲଲ୍ ମଉତି* ଅର୍ଥାତ୍ ପ୍ରତ୍ୟେକ ରୋଗ ପାଇଁ ଔଷଧ ଅଛି ।

ପବିତ୍ର ହଦିସ୍‌ରେ ବର୍ଣ୍ଣନା ଅଛି ହଜ୍‌ରତ୍ ଇମାମ୍ ଶାଫି କହୁଛନ୍ତି:- "*ଅଲ୍‌ଇଲ୍‌ମୁ ଇଲ୍‌ମାନି ଇଲ୍‌ମୁଲ୍ ଅବ୍‌ଦାନି ଓ଼ ଇଲ୍‌ମୁଲ୍ ଅଦ୍‌ୟାନି*" ଅର୍ଥାତ୍ ଜ୍ଞାନ ଦୁଇ ପ୍ରକାର । ଶାରିରୀକ ଜ୍ଞାନ ଅର୍ଥାତ୍ ଚିକିତ୍ସା ଜ୍ଞାନ ଏବଂ ଅଦ୍‌ୟାନ୍ ଅର୍ଥାତ୍ ଧର୍ମଜ୍ଞାନ । ଏ ଯୁଗରେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ମାଧ୍ୟମରେ ଏହି ଦୁଇଜ୍ଞାନର ନଦୀ ଅତ୍ୟନ୍ତ ତୀବ୍ର ବେଗରେ ବହି ଚାଲିଛି । ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁଠି ଦୁନିଆକୁ ଧର୍ମଜ୍ଞାନ ଦ୍ୱାରା ପରିପୂର୍ଣ୍ଣ କରିଛନ୍ତି, ସେଠାରେ ଆପଣଙ୍କର ଆଧ୍ୟାତ୍ମିକ ସନ୍ତାନ ଓ ଚତୁର୍ଥ ଖଲିଫା ହୋମିଓପାଥି ଜରିଆରେ ଖୁଦାଙ୍କ ସୃଷ୍ଟଜଙ୍କ ଅମୂଲ୍ୟ ସେବା କରିଛନ୍ତି । ଏ ସନ୍ଦର୍ଭରେ ତାଙ୍କ ଦ୍ୱାରା କରାଯାଇଥିବା ମାନବ ସେବା ବିଷୟରେ ମୁଁ କିଛି ଉପସ୍ଥାପନ କରିବି ।

### ଆଦରଣୀୟା ଜନନୀଙ୍କ ଇଚ୍ଛା ପୂରଣ ହେଲା ।

ଚତୁର୍ଥ ଖଲିଫାଙ୍କ ସ୍ୱର୍ଗୀୟ ମାତାଙ୍କର ଆନ୍ତରିକ ଇଚ୍ଛା ଥିଲା ଯେ ତାଙ୍କ ପୁତ୍ର ଡାକ୍ତର ହୁଅନ୍ତୁ । ଏହାକୁ ବର୍ଣ୍ଣନା କରି ଚତୁର୍ଥ ଖଲିଫା କହୁଛନ୍ତି:- "ମୋ ମା'ଙ୍କର ଇଚ୍ଛା ଥିଲା ଯେ ମୁଁ ଡାକ୍ତର ହେବି । ସବୁବେଳେ ମୋତେ କହୁଥିଲେ ଯେ ଡାକ୍ତର ହୁଅ । ପାଠ ପଢ଼" ।

ଯେପରିକି ହଜ୍‌ରତ୍ ସାହେବ୍‌ଜାଦା ସାହେବ୍ ନିଜେ ବର୍ଣ୍ଣନା କଲେ କି ସେ ସ୍କୁଲ୍ ଓ କଲେଜର ପାଠ ପଢ଼ାକୁ ଧ୍ୟାନ ଦେଇ ପଢୁନଥିଲେ । ପାଠ୍ୟ ପୁସ୍ତକ ପଢ଼ି ସଫଳତା ଲାଭ କରି ଶିକ୍ଷା ହାସଲ କରି ଚାଲିଥିଲେ କିନ୍ତୁ ଏହି ସଫଳତା ନିୟମ ପୂର୍ବକ ମେଡିକାଲ୍ କଲେଜ୍‌ରେ ନାମ ଲେଖାଇବା ସ୍ତରକୁ ପୁରା କରୁନଥିଲା । ତେଣୁ ସେ ନିଜର ଶିକ୍ଷା ଗ୍ରହଣ ସମୟରେ ଏଥିପ୍ରତି ଧ୍ୟାନ ଦେଲେନାହିଁ । ଅଲ୍ଲାଃଙ୍କ ସୁନ୍ନତ୍ ଏହା ଅଟେ ଯେ ଅଲ୍ଲାଃତାଲା ତା ଭକ୍ତମାନଙ୍କ ଇଚ୍ଛା ଯଦି ପୁରା କରେନାହିଁ ତେବେ ସେ ତାଙ୍କର ଇଚ୍ଛାକୁ ଗ୍ରହଣୀୟ ଦୁଆ(ପ୍ରାର୍ଥନା)ରେ ପରିବର୍ତନ କରିଦିଏ । ଏବଂ ନିଜର ବିଶେଷ ନିତୀ ଅନ୍ତର୍ଗତ ସେ ଏହାକୁ କୌଣସି ଅନ୍ୟ ଉତମ ଉପାୟରେ ଗ୍ରହଣ କରିଥାଏ । ହଜ୍‌ରତ୍ ଉମ୍ମେ ତାହେର୍ ର:ଅ ଦୁଆଗୁ (ପ୍ରାର୍ଥନାକାରିଣୀ) ମଧ୍ୟ ଥିଲେ । ଓ ତାଙ୍କ ଦୁଆ ଗ୍ରହଣ ମଧ୍ୟ ହୋଇଥିଲା । ଅଲ୍ଲାଃତାଲା ମରହୁମାଙ୍କ ଦୁଆକୁ ଯେପରି ଗ୍ରହଣ କରିଲେ ତାର ଚର୍ଚ୍ଚା କରି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ କହୁଛନ୍ତି:- "ଅଲ୍ଲାଃତାଲା ଏହିପରି ମୋତେ ହୋମିଓପାଥି ଡାକ୍ତର ବନାଇଦେଲେ । ଏବେ ମୁଁ ସାରା ଦୁନିଆର ସେବା କରୁଅଛି । ଏ ବିଷୟରେ ପୁସ୍ତକ ଲେଖିଛି । ଲୋକମାନଙ୍କୁ ଔଷଧ ପଠାଉଛି । ଏହାଦ୍ୱାରା ମୋ ମା' ଙ୍କର ଇଚ୍ଛା ମଧ୍ୟ ପୁରଣ ହୋଇଗଲା ଓ ମୋତେ ମଧ୍ୟ ସେବା କରିବା ପାଇଁ ଅବସର ମିଳିଗଲା । ଯଦି ମୁଁ ଡାକ୍ତର ହୋଇଥାଆନ୍ତି ତେବେ ବର୍ତମାନ ଯେଉଁ କାର୍ଯ୍ୟର ଭାର ମୋ ଉପରେ ଅଛି ତାକୁ କରିବା ପାଇଁ କଷ୍ଟ ହୋଇଥାଆନ୍ତା" *(ଅଲ୍‌ଫଜଲ, ୨୯ ଜାନୁଆରୀ ୨୦୦୧)* ହଜୁର୍ ର:ଅ ଙ୍କ ଜରିଆରେ ହୋମିଓପାଥି ର ପ୍ରଚାର ଓ ପ୍ରସାର

ଖଲିଫା ହେବା ପୂର୍ବରୁ ହୋମିଓପାଥି ଏବଂ ତା ମାଧ୍ୟମରେ ମାଗଣା ଚିକିତ୍ସା କରିବା ପାଇଁ ପ୍ରବଳ ଆଗ୍ରହ ଆପଣଙ୍କ ଭିତରେ ଭରି ରହିଥିଲା । ୧୯୬୦ ମସିହା ବେଳକୁ ଆପଣ ନିଜ ଘରୁ ଔଷଧ ଦେବା ଆରମ୍ଭ କଲେ । ପୁଣି ୧୯୬୮ ମସିହାରେ ଓ଼କ୍‌ଫେ ଯଦିଦ୍ ରେ ମାଗଣା ହୋମିଓପାଥି ଡିସ୍‌ପେନ୍‌ସାରିର ଆରମ୍ଭ କଲେ । ଏବଂ ରୋଗୀମାନଙ୍କର ଉପଚାର କରୁଥିଲେ । ସେ ୨୩ ମାର୍ଚ୍ଚ ୧୯୯୪ ରେ ଏମ୍.ଟି.ଏ ମାଧ୍ୟମରେ ହୋମିଓପାଥି କ୍ଲାସ୍ ଆରମ୍ଭ କଲେ । ଏବଂ ବହୁତ ବ୍ୟାପକ ରୂପେ ବିଭିନ୍ନ ରୋଗ ଏବଂ ଔଷଧର ପ୍ରକୃତି ଓ ତାର ପ୍ରଭାବ ଓ ଆରୋଗ୍ୟ ବିଷୟରେ ଆଶ୍ଚର୍ଯ୍ୟାନିତ ଘଟଣାବଳୀ ଗୁଡିକୁ ବର୍ଣ୍ଣନା କରିଛନ୍ତି । ସେ ପାଖାପାଖି ୧୭୦ ଟି କ୍ଲାସ୍ ରେକର୍ଡିଂ କରାଇବା ପରେ ସେହି ସମସ୍ତ କ୍ଲାସ୍ ଗୁଡିକୁ ପୁସ୍ତକ ଆକାରରେ 'ଇଲାଜ୍ ବିଲ୍‌ମିସଲ୍' ଅର୍ଥାତ୍ ହୋମିଓପାଥି ନାମରେ ପ୍ରକାଶ କରାଯାଇଛି । ଏପର୍ଯ୍ୟନ୍ତ ତାର ଅନେକ ଏଡ଼ିଶନ୍ ପ୍ରକାଶ ହୋଇସାରିଛି ।

ହଜୁର୍ ଏହା ମଧ୍ୟ ତେହ୍‌ରିକ୍ କରିଛନ୍ତି ଯେ ବହୁମାତ୍ରାରେ ମାଗଣା ହୋମିଓପାଥି ଡିସ୍‌ପେନ୍‌ସାରୀ ସ୍ଥାପନ କରାଯାଉ । ଯେଉଁଠି ମାଗଣା ଚିକିତ୍ସା କରାଯିବ ଏବଂ ଯମାତ୍‌ର ଲୋକମାନଙ୍କୁ ଏ ବିଷୟ ଅବଗତ କରାଯାଉ । ସୁତରାଂ ବ୍ରିଟେନ୍ ସମେତ ଦୁନିଆର ବହୁତ ଦେଶରେ ଏହିପରି ସେଂଟର୍ ସ୍ଥାପନ ହୋଇସାରିଛି, ଯେଉଁଠି ଅହେମଦୀ ଓ ଅଣ ଅହେମଦୀ ଲୋକେ ଔଷଧ ମାଗଣାରେ ପାଇପାରୁଛନ୍ତି । ହଜୁରଙ୍କର ଲେକ୍‌ଚର୍ ଓ ପୁସ୍ତକ ମାଧ୍ୟମରେ ଘରେ ଘରେ ଛୋଟ ଛୋଟ ହୋମିଓପାଥି ଡକ୍ଟର୍ ସୃଷ୍ଟି ହୋଇଗଲେଣି, ଯେଉଁମାନେ ସାଧାରଣ ରୋଗର ପ୍ରାଥମିକ ଚିକିତ୍ସା କରିବାକୁ ସମର୍ଥ । ସେହିପରି ବହୁତ ପ୍ରବୀଣ ହୋମିଓପାଥି ଡାକ୍ତରମାନେ ମଧ୍ୟ ହଜୁରଙ୍କର ଏହି ବିଶ୍ଳେଷଣ ଓ ମହାନ୍ କାର୍ଯ୍ୟର ଭୂୟସି ପ୍ରଶଂସା କରିଛନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏକଦା ଏଲ୍‌ହାମ୍ (ସ୍ୱର୍ଗବାଣୀ) ହେଲା- ଇନ୍‌ଦି ମୁଆଲିଜାତୁନ୍ । ୧୮ ଅକ୍ଟୋବର ୧୯୦୨ ରେ ହଜ୍‌ରତ୍ ଅମ୍ମାଜାନ୍ ସ୍ୱପ୍ନରେ ଦେଖିଲେ କି ଶେଖ୍ ରହେମ୍‌ତୁଲ୍ଲାଃ ସାହେବ୍‌ଙ୍କ ତରଫରୁ ଔଷଧରେ ପରିପୁର୍ଣ୍ଣ ଗୋଟିଏ ସିନ୍ଦୁକ ଆସିଅଛି, ଯାହା ଭିତରେ ଡବା ଓ ଛୋଟ ଛୋଟ କାଚ ବୋତଲ ଭରି ରହିଛି ।

ଏହି ସ୍ୱପ୍ନ ହଜୁରଙ୍କ ସମୟରେ ହୋମିଓପାଥିର ପ୍ରଚାର ପ୍ରସାର ଓ ଔଷଧରେ ପରିପୁର୍ଣ୍ଣ ଡବା ଗୁଡିକ ସାରା ସଂସାରରେ ପ୍ରେରଣ କରିବା ଦ୍ୱାରା ପୁରଣ ହେଲା । *(ଅଲ୍‌ଫଜଲ, ୧୬ ଅଗଷ୍ଟ ୧୯୯୯, ପୃଷ୍ଠା-୨, ରୋଜ୍‌ନାମା ଅଲ୍‌ଫଜଲ୍ ସୟଦ୍‌ନା ତାହେର୍ ନଂ-୨୭ ଡିସେମ୍ବର୍ ୨୦୦୩, ପୃଷ୍ଠା-୩୫)*

ନିଶ୍ଚିତ ରୂପେ ଏହି ପ୍ରକାରର ଚିକିତ୍ସା କରିବାର ଆବିଷ୍କାରକ ଜର୍ମାନୀର ଡାକ୍ତର ହ୍ୟାନିମେନ୍ ସାମୁଏଲ୍ ଥିଲେ । କିନ୍ତୁ ଏହାକୁ ଗୋଟିଏ ବିଶ୍ୱବ୍ୟାପି ଓ ସୁସଂଗଠିତ ଯମାଅତ୍ ମାଧ୍ୟମରେ ସାରା ଦୁନିଆରେ ପ୍ରସିଦ୍ଧ କରିବା ପାଇଁ ଓ ଅଗଣିତ ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ଆନ୍ତର୍ଜାତୀୟ ସଂସ୍ଥା ପ୍ରତିଷ୍ଠା କରିବାର ଶ୍ରେୟ ହଜ୍‌ରତ୍ ମିର୍ଜା ତାହେର୍ ଅହେମଦ୍ ଖଲିଫତୁଲ୍ ମସିହ୍ ରାବେ ର:ଅଙ୍କୁ ଦିଆଯାଏ । ଆପଣଙ୍କ ପବିତ୍ର ହୃଦୟ ସଦାସର୍ବଦା ଦୁଃଖୀ ଦରିଦ୍ର ଲୋକଙ୍କ ନିମନ୍ତେ ବ୍ୟାକୁଳ ରହୁଥିଲା । *(ରୋଜ୍‌ନାମା ଅଲ୍‌ଫଜଲ, ସୟଦ୍‌ନା ତାହେର୍ ନଂ-୨୭ ଡିସେମ୍ବର୍ ୨୦୦୩, ପୃଷ୍ଠା-୨୨)*

### ହଜୁରଙ୍କର ହୋମିଓପାଥି ଉପରେ ଅନୁଗ୍ରହ

ହୋମିଓପାଥି ସହିତ ସଠିକ୍ ହୋମିଓପାଥି ନିୟମ ଗୁଡିକ ମଧ୍ୟ ଭୁଲି ଯାଉଥିଲା । ଏବଂ ହୋମିଓପାଥି ଡାକ୍ତରମାନେ ନିଜେ ଏହି ସଠିକ୍ ନିୟମ ଗୁଡିକ ବିଷୟରେ ଅନଭିଜ୍ଞ ଥିଲେ ବା ନିଶ୍ଚିତ ରୂପେ ଭୁଲି ଯାଇଥିଲେ । ପ୍ରକୃତରେ ହୋମିଓପାଥିର ମୂଳଦୁଆ ଯେଉଁ ନିୟମ ଉପରେ ପର୍ଯ୍ୟବେଶିତ ତାକୁ ଆପଣେଇବା ବିନା ଏହି ପ୍ରକାରର ଉପଚାର ଶୈଳୀରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଯାଇପାରିବ ନାହିଁ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ଙ୍କ ଏହା ହେଉଛି ଗୋଟିଏ ବଡ଼ ଅନୁଗ୍ରହ ମଧ୍ୟ ଯେ ହୋମିଓପାଥିର ସଠିକ୍ ତତ୍ତ୍ୱଜ୍ଞାନ ପ୍ରତି ସେ ଧ୍ୟାନ ଆକର୍ଷଣ କରାଇଛନ୍ତି । ଏବଂ ହୋମିଓପାଥି ଡାକ୍ତରମାନଙ୍କୁ ସଠିକ୍ ଉପଚାର ଶୈଳୀ ମୁତାବକ ଅଭ୍ୟାସ କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି । କେବଳ ଟଙ୍କା ଉପାର୍ଜନ ବା ବେପାର କରିବା ପାଇଁ ହୋମିଓପାଥିର ମୌଳିକ ତତ୍ତ୍ୱ ଜ୍ଞାନକୁ ବିକୃତ କରିବାକୁ ମନା କରିଛନ୍ତି ।

ହୋମିଓପାଥି ଦ୍ୱାରା ଚିକିତ୍ସା କରି ସେ ହୋମିଓପାଥିର ବ୍ୟକ୍ତିଗତ ନିୟମ ଅର୍ଥାତ୍ Individualization ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ପ୍ରତ୍ୟେକ ରୋଗୀଙ୍କ ଲକ୍ଷଣ ଅଲଗା ଅଲଗା ଥାଏ । ତେଣୁ ରୋଗୀଙ୍କୁ ଅଲଗା ଅଲଗା ନିରୀକ୍ଷଣ କରି ଔଷଧ ଦେବା ଉଚିତ୍ । ରୋଗର ନାମକୁ ଦେଖି ଔଷଧ ଦେବା ପରିବର୍ତେ ରୋଗୀର ଲକ୍ଷଣ ଅନୁସାରେ ଔଷଧ ନିର୍ଣ୍ଣୟ କରିବା ଉଚିତ୍ ।

ତେଣୁ ହଜୁର୍ ର:ଅ କହିଲେ- "ହୋମିଓପାଥିରେ କୌଣସି ପ୍ରକାରର ପ୍ରଚଳିତ ବିଧି / ଉପଚାର ଚାଲିପାରିବ ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହା ହେଉଛି ଯେ କିଛି ସମୟ ପାଇଁ ରୋଗକୁ ଭୁଲି ଯାଇ କେବଳ ରୋଗୀଙ୍କୁ ଦେଖି ଓ ତା ନିଜର ଓ ତାର ଲକ୍ଷଣ ଗୁଡିକୁ ଦୃଷ୍ଟିରେ ରଖନ୍ତୁ । ଗରମ ଏବଂ ଥଣ୍ଡା ଔଷଧ ଗୁଡିକୁ ମୁଣ୍ଡରେ ଅଲଗା

ଅଲଗା ରଖିବା ଉଚିତ୍ । ଏହାଦ୍ୱାରା ବହୁତ ଲାଭ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି ରୋଗୀଙ୍କର ସ୍ୱଭାବ ଗରମ ତେବେ ତାକୁ ଥଣ୍ଡା ଔଷଧ ଦେଲେ ଲାଭ ପରିବର୍ତେ କ୍ଷତି ହୋଇଥାଏ । ରୋଗୀର ଗୁଣ ଓ ସ୍ୱଭାବକୁ ଭଲ ରୂପେ ମୁଣ୍ଡରେ ରଖିବା ଉଚିତ୍ ଯେ ଏପରି କୌଣସି ରୋଗୀ ଅଛନ୍ତି ଯାହାଙ୍କୁ ଗରମ କ୍ଷତି ପହଂଚାଇଥାଏ ବା ଥଣ୍ଡା ଦ୍ୱାରା କଷ୍ଟ ବଢ଼ିଯାଏ ବା ଚଳପ୍ରଚଳ କରିବା ଦ୍ୱାରା କ୍ଷତି ପହଂଚିଥାଏ ଓ ଆରାମ କରିବା ଦ୍ୱାରା କଷ୍ଟ ବଢ଼ିଯାଇଥାଏ । ଯଦି ଏହିସବୁ ଗୁଣଗୁଡିକୁ ମୁଣ୍ଡରେ ରଖିବ ତେବେ ରୋଗୀଙ୍କ ସହିତ କଥା ହେବା ସମୟରେ ରୋଗଠାରୁ ଅଲଗା ହୋଇ ରୋଗୀ ପ୍ରତି ଧ୍ୟାନ ଦିଆଯାଇପାରିବ ।" *(ରୋଜ୍‌ନାମା ଅଲ୍‌ଫଜଲ୍, ୧୫ ଏପ୍ରିଲ୍ ୧୯୯୫)*

ଦୁନିଆର ପ୍ରତ୍ୟେକ ଅହେମଦୀମାନଙ୍କ ହୃଦୟରେ ସେ ହୋମିଓପାଥି ଉପଚ଼ାର ଶୈଳୀର ଏକ ପ୍ରେମ ଓ ସ୍ନେହ ସୃଷ୍ଟି କରିଛନ୍ତି । ତେଣୁ ଘରେ ଘରେ ଗାଁ ଗାଁରେ ଓ ସହର ସହରରେ ହୋମିଓପାଥି ଡିସ୍‌ପେନ୍‌ସାରି ଖୋଲିବାର ମୂଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଏମ୍.ଟି.ଏ ରେ ଆପଣଙ୍କର ଲେକ୍‌ଚର୍ ଶୁଣି ଏବଂ ସେହିପରି ୧୯୯୬ ମସିହାରେ ଆପଣଙ୍କ ପୁସ୍ତକ 'ହୋମିଓପାଥି ତରିକେ ଇଲାଜ୍ ବିଲ୍‌ମିସଲ୍' ଛପାଯାଇ ସର୍ବସାଧାରଣ କରାଯାଇଛି । ଏହା ସାହାଯ୍ୟରେ ଘରେ ଘରେ ହୋମିଓପାଥି ଡାକ୍ତର ସୃଷ୍ଟି ହୋଇଛନ୍ତି । ମାନବଜାତିକୁ ଏହି ଚିକିତ୍ସା ପଦ୍ଧତି ଦ୍ୱାରା ଲାଭ ପହଂଚାଇବାରେ ତାଙ୍କର ଚେଷ୍ଟା ଅନୁପମ ଓ ଅଦ୍ୱିତୀୟ । ଜଣେ ମହାନ୍ ଆଧାତ୍ମିକ ଗୁରୁ ହେବା ସହିତ ଶାରିରୀକ ଆରୋଗ୍ୟ ଏବଂ ଚିକିତ୍ସାଶାସ୍ତ୍ରରେ ମଧ୍ୟ ଆପଣଙ୍କୁ ଚମତ୍କାର ସିଦ୍ଧି ପ୍ରାପ୍ତ ହୋଇଥିଲା କାରଣ ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସହଯୋଗ ଆପଣଙ୍କ ସହିତ ଥିଲା । ଶହଶହ ଅସାଧ ରୋଗୀମାନେ ଆପଣଙ୍କ ଔଷଧ ଓ ପ୍ରାର୍ଥନା ଦ୍ୱାରା ନୂଆ ଜୀବନ ପାଇପାରୁଥିଲେ ।

## ହଜୁର୍ ରଃଅ ଙ୍କ ହୋମିଓପାଥିକ୍ କ୍ଲାସ୍ ଓ ଲେକ୍‌ଚର୍

ହଜୁର୍‌ଙ୍କର ମାନଜାତି ଉପରେ ଏହା ବହୁତ ବଡ଼ ଅନୁଗ୍ରହ ଅଛି ଯେ ସେ ହୋମିଓପାଥି ଚିକିତ୍ସା ଶୈଳୀକୁ ପ୍ରତ୍ୟେକ ବ୍ୟକ୍ତି ପର୍ଯ୍ୟନ୍ତ ପହଂଚାଇଲେ ଓ ଏମ୍.ଟି.ଏ ମାଧ୍ୟମରେ ସଂସାରରେ ହୋମିଓପାଥିର ଏହି ଚିକିତ୍ସା ଶୈଳୀକୁ ପ୍ରସିଦ୍ଧି ଦେଲେ । ଏବଂ କିଛି ବର୍ଷ ମଧ୍ୟରେ ହଜାର ହଜାର ଲୋକେ ଏହି ଜ୍ଞାନରେ ପ୍ରବୀଣ ହୋଇଗଲେ ଏବଂ ଦୁନିଆର କୋଣ ଅନୁକୋଣରେ ଲୋକମାନେ ଏହି ଚିକିତ୍ସା ପଦ୍ଧତିରୁ ଲାଭାନ୍ୱିତ ହେଲେ । ହଜୁର୍ ରଃଅ ୨୩ ମାର୍ଚ୍ଚ ୧୯୯୪ ରେ ହୋମିଓପାଥି କ୍ଲାସ୍‌ର ଶୁଭାରମ୍ଭ କଲେ । ଏହି କ୍ଲାସ୍ ଗୁଡିକରେ ସେ ହୋମିଓପାଥି ଲେକ୍‌ଚର୍ ଦିଅନ୍ତି ଏବଂ ବିଭିନ୍ନ ରୋଗ ଗୁଡିକର ଚିକିତ୍ସା ନିମନ୍ତେ ଔଷଧ ନିର୍ଣ୍ଣୟ କରନ୍ତି । ଏବଂ ରୋଗକୁ ଚିହ୍ନଟ କରି ନିର୍ଦ୍ଧାରିତ ଔଷଧ ଗୁଡିକୁ ବ୍ୟବହାର କରିବା ପାଇଁ ମଧ୍ୟ ସ୍ୱଷ୍ଟ କରନ୍ତି । ଏହାପରେ ତାଙ୍କର ଏହି ଶିକ୍ଷାଗୁଡିକୁ ଦୁନିଆର କୋଣ କୋଣରେ ପ୍ରସାର କରାଗଲା । ଫଳତଃ ହୋମିଓପାଥି ଚିକିତ୍ସା ପଦ୍ଧତି ଏକ ସାଧାରଣ ବ୍ୟକ୍ତିଙ୍କ ଦ୍ୱାରା ସମ୍ଭବ ହୋଇପାରିଲା । ବର୍ତମାନ ଏହି ପୁସ୍ତକ ସାରା ଦୁନିଆରେ ପ୍ରତ୍ୟେକ ଚିକିତ୍ସା ପାଇଁ ମାର୍ଗ ଦର୍ଶନ କରୁଅଛି । ଏହାର ଅଂଗ୍ରେଜୀ ଅନୁବାଦ ମଧ୍ୟ Homeopathy like cures like ନାମରେ ଉପଲବ୍ଧ । ମୋକରମ୍ ସୟଦ୍ ସାଜିଦ୍ ଅହେମଦ୍ ସାହେବ୍ ଅଫ୍ ଆମେରିକା ହୋମିଓପାଥିର ଏହି ସର୍ବସାଧାରଣ ଅନୁଗ୍ରହ ବିଷୟରେ ଲେଖି କହୁଛନ୍ତି– "ଏହି ସବୁ କ୍ଲାସ୍ ଗୁଡିକ ଦ୍ୱାରା ଆମେ ବର୍ଷ ବର୍ଷ ଧରି ନିଜ ଘରେ ଜଳବାୟୁ ପରିବର୍ତନ ଜନିତ ରୋଗର ଉପଚ଼ାର ମାମୁଲି ଖର୍ଚ୍ଚର ଔଷଧ ଦ୍ୱାରା କରୁଅଛୁ । ଥରେ ଜଣେ ଡାକ୍ତର ମୋତେ ଗୋଟିଏ ଅପରେସନ୍ କରିବାର ନିମନ୍ତେ ଏହାର ଖର୍ଚ୍ଚ ବାବଦରେ ଅନୁମାନ ଲଗାଇ କହିଲେ ଯେ ହଜାରରୁ ଉର୍ଦ୍ଧ୍ୱ ଆମେରିକୀୟ ଡଲାର୍ ହେବ । ମୁଁ ଭାବିଲି ଯେ ପ୍ରଥମେ ହୋମିଓପାଥିକୁ ପରୀକ୍ଷା କରିବା ଉଚିତ୍ । ଯାହା କିଛି ମୁଁ ହଜୁର୍‌ଙ୍କ ପୁସ୍ତକ ଓ ଲେକ୍‌ଚର୍‌ରୁ ବୁଝିଥିଲି ତା ମୁତାବକ ଔଷଧ ଆରମ୍ଭ କଲି ଏବଂ ତତ୍ ସହିତ ଦୁଆ କଲି । ଏବଂ କିଛି ଦିନ ପରେ ଯେତେବେଳେ ସେହି ଡାକ୍ତରଜଣକ ମୋ ନାକକୁ ପରୀକ୍ଷା କରି ଦେଖିଲେ, ସେତେବେଳେ ସେ ବହୁତ ଆଶ୍ଚର୍ଯ୍ୟ ହୋଇଗଲେ ଯେ ସବୁ ପଲିପ୍‌ସ୍ (Polyps) ଉଭେଇ ଯାଇଥିଲେ । ଏବଂ ତାକୁ ଏକଥାରେ ଆହୁରି ଅଧିକ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଲା ଯେ ଏହାର ଔଷଧର ଖର୍ଚ୍ଚ କିଛି ଡଲାର୍‌ରୁ ଅଧିକ ନଥିଲା । *(ଖୋଲୋଫାଏ ଅହେମଦୀୟତ୍ କି ତେହ୍‌ରିକାତ୍ ଅଓର୍ ଆପ୍‌କେ ଶିରିଁ ସମ୍‌ରାତ୍, ପୃଷ୍ଠା–୪୬୯–୪୬୯)*

## ଜଣେ ଡାକ୍ତର ଭାବେ ହଜୁର୍‌ଙ୍କର ଡାକ୍ତରୀ ସେବା

ହଜୁର୍ ଜଣେ ସଫଳ ଓ ଉତମ ହୋମିଓପାଥି ଡାକ୍ତର ଥିଲେ । ତାଙ୍କ ପାଖରେ ଏପରି କୌଣସି ଡିଗ୍ରୀ ବା ସାର୍ଟିଫିକେଟ୍ ତ ନଥିଲା, ନାଁ ସେ କୌଣସି ମେଡିକାଲ୍ କଲେଜ୍‌ରେ ନାମ ଲେଖାଇଥିଲେ କିନ୍ତୁ ଖୁଦାତାଲା ତା କରୁଣାରୁ ହଜୁର୍‌ଙ୍କୁ ଏ ଜ୍ଞାନ ପ୍ରଦାନ କରିଥିଲା ଯେ ଆପଣ ଏକ ସଫଳ ଚିକିତ୍ସକ ରୂପେ ପରିଗଣିତ ହେଲେ ।

ହୋମିଓପାଥି ଚିକିତ୍ସା କ୍ଷେତ୍ରରେ ହଜୁର୍ ରଃଅ ଙ୍କ ସେବା ବିଶ୍ୱବ୍ୟାପକ ଥିଲା । ଆପଣଙ୍କ କରୁଣାର ପରିସୀମା କୌଣସି ଗୋଟିଏ ଦେଶ ମଧ୍ୟରେ ସିମୀତ ନଥିଲା । ବରଂ ଦୁନିଆର ବଡ଼ ଓ ଛୋଟ ଦେଶ ମାନଙ୍କରେ ମଧ୍ୟ ବ୍ୟାପି ଯାଇଥିଲା । ପ୍ରତ୍ୟେକ କିସମର ରୋଗୀ ଆପଣଙ୍କ ସହିତ ସମ୍ପର୍କ ରଖି ଅଲ୍ଲାଃତାଲାଙ୍କ କରୁଣା ଦ୍ୱାରା ଆରୋଗ୍ୟ ଲାଭ କଲେ । ତାଙ୍କ ହାତରେ ଅଗଣତି ଲୋକେ ଆରୋଗ୍ୟ ହୋଇଛନ୍ତି ଏବଂ ବହୁତ ଇମାନ୍ ଅଫ୍‌ରୋଜ୍ ଘଟଣା ଓ ଆଶ୍ଚର୍ଯ୍ୟଜନକ ଘଟଣା ମଧ୍ୟ ଘଟିଛି । ଏହିପରି ଆରୋଗ୍ୟ ଲାଭ କରିଥିବା ଲୋକମାନେ ଦୁନିଆର ପୂର୍ବ ଓ ପଶ୍ଚିମରେ ଭରି ରହିଛନ୍ତି ।

## ହଜୁର୍ ନିଜ ଉପରେ ହୋମିଓପାଥିର ପ୍ରୟୋଗ ଓ ପରୀକ୍ଷା କଲେ

ହଜୁର୍ ନିଜ ଉପରେ ବହୁତ ସଫଳତାର ସହିତ ହୋମିଓପାଥିକୁ ପ୍ରୟୋଗ କରିଛନ୍ତି । ଏବଂ ନିଜ ଘରଲୋକଙ୍କ ଉପରେ ମଧ୍ୟ ସଫଳ ଚିକିତ୍ସା କରିଛନ୍ତି । ଏହାପରେ ସର୍ବ ସାଧାରଣ ଲୋକମାନଙ୍କ ନିମନ୍ତେ ଔଷଧ ଚୟନ କରି ଦେବା ଆରମ୍ଭ କଲେ । ଏହିପରି ଧିରେ ଧିରେ ଆପଣ ଜଣେ ସଫଳ ହୋମିଓପାଥି ଡାକ୍ତର ହୋଇଗଲେ । ଆପଣ ନିଜ ଉପରେ ହୋମିଓପାଥିର ପ୍ରୟୋଗ କରି ଯେଉଁ ସଫଳତା ହାସଲ କରିଥିଲେ ସେଥି ମଧ୍ୟରୁ କିଛି ମୁଁ ଉପସ୍ଥାପନ କରୁଅଛି ।

ହଜୁର୍ କହୁଛନ୍ତି:– "ହିନ୍ଦୁସ୍ତାନ୍ ବିଭାଜନ ପରେ ପାକିସ୍ତାନ ନିର୍ମାଣ ହେବାର ପ୍ରଥମ ବର୍ଷର କଥା । ମୋତେ ବାରମ୍ବାର ମୁଣ୍ଡବିନ୍ଧା ରୋଗ ହେଉଥିଲା, ଯାହାକୁ ଇଂରାଜୀରେ ମାଇଗ୍ରେନ୍ ଏବଂ ଉର୍ଦ୍ଦୁରେ ଦର୍‌ଦେ ଶକିକା କୁହାଯାଏ । ଏହା ବହୁତ କଷ୍ଟଦାୟକ ମୁଣ୍ଡବିନ୍ଧା ହୁଏ । ତତ୍‌ସହିତ ମୁଣ୍ଡ ଘୁରାଇବା, ବାନ୍ତି ଲାଗିବା ଏବଂ ସ୍ନାୟୁଜନିତ ସମସ୍ୟା ମଧ୍ୟ ସୃଷ୍ଟି ହୁଏ । ମୁଁ ବହୁତ ଦିନ ଏହି ରୋଗରେ ପିଡ଼ୀତ ରହୁଥିଲି । ଚିକିତ୍ସା ନିମନ୍ତେ ଆସ୍‌ପ୍ରିନ୍ ବ୍ୟବହାର କରେ । ଫଳତଃ ପେଟର ଝିଲି ଏବଂ କିଡିନ୍ ଉପରେ ତାର ବହୁତ ଖରାପ ପ୍ରଭାବ ପଡ଼ିଲା । ଏବଂ ହୃଦୟର ସ୍ପନ୍ଦନ ମଧ୍ୟ ବଢ଼ିଯାଏ । ମୋର ସ୍ୱର୍ଗୀୟ ପିତା ଗୋଟିଏ ଏଲପାଥିକ୍ ଔଷଧ ଯାହାର ନାମ ସେଣ୍ଡୋଲ୍ ଥିଲା । ତାକୁ ସେ ପାଖରେ ରଖନ୍ତି । ତାକୁ ମଧ୍ୟ ଏହାର ଆବଶ୍ୟକତା ରହୁଥିଲା । ଉପମହାଦେଶର ବିଭାଜନ ପରେ ଏହି ଔଷଧ ପାକିସ୍ତାନ୍‌ରେ ମିଳୁନଥିଲା ବରଂ କଲିକତାରୁ ମଗାଇବାକୁ ପଡୁଥିଲା । ଏହାଦ୍ୱାରା ମୋର ରୋଗ ଶିଘ୍ର ଭଲ ହୋଇଯାଏ । ସେ କହୁଛନ୍ତି ଯେ ଥରେ ଯେତେବେଳେ ମୋର ମୁଣ୍ଡବିନ୍ଧା ହୋଇ ଅତ୍ୟଧିକ କଷ୍ଟ ହେଲା ସେ ସମୟରେ ଅବାଜାନ୍‌ଙ୍କ ପାଖରେ ସେଣ୍ଡଲ୍ ନଥିଲା । ତେଣୁ ଆପଣ ତା ସ୍ଥାନରେ ଗୋଟିଏ ହୋମିଓପାଥି ଔଷଧ ପଠାଇଦେଲେ । ସେତେବେଳେ ହୋମିଓପାଥି ଉପରେ ମୋର କୌଣସି ବିଶ୍ୱାସ ନଥିଲା । କିନ୍ତୁ ତବର୍‌ରୁକନ୍ (ପ୍ରସାଦ) ଭାବି ଏହି ଔଷଧ ଖାଇନେଲି । ଅଚାନକ ମୁଁ ଏହା ଅନୁଭବ କଲି ଯେ ମୋ ମୁଣ୍ଡବିନ୍ଧା ଶେଷ ହୋଇଯାଇଛି । ଏବଂ ମୁଁ ଆଖି ବନ୍ଦ୍ କରି ଶୋଇରହିଛି । ଏହାପୂର୍ବରୁ ମୋ ଉପରେ ଏପରି କୌଣସି ଔଷଧ ଅସାଧାରଣ ରୂପେ କାମ କରିନଥିଲା ଓ ଏତେ ପ୍ରଭାବ ପକାଇ ନଥିଲା । *(ପୁସ୍ତକ ହୋମିଓପାଥି ଇଲାଜ୍ ବିଲ୍‌ମିସଲ୍ ଦିବାଚା)*

ପୁଣି ଗୋଟିଏ ସ୍ଥାନରେ ହଜୁର୍ କହୁଛନ୍ତି– "୧୯୬୦ ବା ୧୯୬୨ ମସିହାରେ ମୋତେ ଆପେଣ୍ଡିକ୍‌ସ ସମସ୍ୟା ହେଲା । ମୁଁ ଆର୍ନିକା ଖାଇଲି । ଅଲ୍ଲାଃତାଲାଙ୍କ ଦୟାବଳରୁ ମୁଁ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କଲି । ଏହାପରେ ବେଳେବେଳେ କଷ୍ଟ ହୁଏ, ପୁଣି ସେହି ଔଷଧ ଦ୍ୱାରା ଠିକ୍ ମଧ୍ୟ ହୋଇଯାଏ । ଅପରେସନ୍ ହେବାର ଆବଶ୍ୟକ ପଡ଼ିଲା ନାହିଁ । ଏତଦ୍‌ବ୍ୟତୀତ ୧୯୭୨ ଯାତ୍ରା ସମୟରେ ମୁଁ ବେମାର ପଡ଼ିଗଲି । ସେତେବେଳେ ମୁଁ କାର୍ ମଧ୍ୟ ଚଳାଉଥିଲି । ମୋ ପିଲାମାନେ ମୋ ସହିତ ଥିଲେ । ଜର ଛାଡୁନଥିଲା । ମୁଁ ଏହିପରି ୪୦୦ ମାଇଲ୍ ଯାତ୍ରା କରି କରାଚିରେ ପହଂଚିଲି । ଏବଂ ଏହି ଯାତ୍ରା ସମୟରେ ଔଷଧ ମଧ୍ୟ ଖାଇ ଚାଲିଥିଲି । ଯେତେବେଳେ ଡାକ୍ତର ମୋତେ ଅପରେସନ୍ କଲେ ସେମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଯେ ଆପେଣ୍ଡିକ୍‌ସ୍‌ଟି ଫାଟି ଯାଇଥିଲା ଏବଂ ସେଥିରେ ସ୍ଥାନେ ସ୍ଥାନେ କଣା ଥିଲା । ସେଥିରୁ ପୁଜ ବାହାରି ଶୁଖି ଯାଇଥିଲା । ତାଙ୍କ କହିବା ମୁତାବକ ଏପରି ରୋଗୀ କିଛି ଘଂଟା ଭିତରେ ମରିଯାଆନ୍ତି । କିନ୍ତୁ ଏହି ନୁସ୍‌ଖା (ଔଷଧ) ଟି ମୋତେ ବିପଦ ସମୟରେ ସମ୍ଭାଳି ରଖିଲା । *(ପୁସ୍ତକ ହୋମିଓପାଥି ଇଲାଜ୍ ବିଲ୍‌ମିସଲ୍, ପୃଷ୍ଠା–୧୧୮)*

## ହଜୁର୍ ନିଜେ ସର୍ବସାଧାରଣ ଲୋକଙ୍କ ଚମତ୍କାର ଆରୋଗ୍ୟ ଲାଭ ବିଷୟରେ କରିଥିବା ଘଟଣାବଳୀର ବର୍ଣ୍ଣନା

ହଜୁର୍ ନିଜ ଉପରେ ଓ ନିଜ ନିକଟ ସମ୍ପର୍କୀୟଙ୍କ ଉପରେ ହୋମିଓପାଥିର ସଫଳ ପ୍ରୟୋଗ କରିବା ପରେ ସର୍ବସାଧାରଣଙ୍କ ଚିକିତ୍ସା ଆରମ୍ଭ କଲେ । ଅଲ୍ଲାଃତାଲାଙ୍କ କୃପା ବଳରେ ହଜୁର୍‌ଙ୍କ ମାଧ୍ୟମରେ ଲକ୍ଷ ଲକ୍ଷ

ରୋଗୀ ଆରୋଗ୍ୟ ଲାଭ କରିଛନ୍ତି ।

**ଅପସ୍ମାର୍ ରୋଗର ଚିକିତ୍ସା ବାବଦରେ ହଜୁର୍ କହୁଛନ୍ତି:-** "ଏହାକୁ ମନେରଖିବା ଉଚିତ୍ ଯେ ଏପରି ରୋଗୀ ଯେଉଁମାନେ ଗଭୀର ଓ ପୁରୁଣା ରୋଗରେ ପିଡ଼ୀତ ଅଛନ୍ତି । ଉଦାହରଣ ସ୍ୱରୁପ-ଶ୍ୱାସ ରୋଗ, ଅପସ୍ମାର୍ ରୋଗ ଇତ୍ୟାଦି । ସେମାନଙ୍କୁ ଉପର ଠାଉରିଆ ଭାବେ ଔଷଧ ଦେବା ଠିକ୍ ହେବନାହିଁ । ବରଂ ସମୟ ବାହାର କରି ଏପରି ରୋଗୀଙ୍କର ସମ୍ପୂର୍ଣ୍ଣ ରୂପେ ଇଂଟରଭ୍ୟୁ ନେବା ଉଚିତ୍ । ରୋଗ ବିଷୟରେ ପ୍ରତ୍ୟେକ କଥା ପଚାରିବୁଝି ତାଙ୍କ ସ୍ୱାଭାବ ଅନୁସାରେ ଔଷଧ ଦେବା ଉଚିତ୍ ।..... କିଛି ଔଷଧ ଏପରି ଅଛି ଯାହାକୁ ଅପସ୍ମାର୍ ରୋଗରେ ବ୍ୟବହାର କରାଯାଏ ନାହିଁ । ଉଦାହରଣ ସ୍ୱରୂପ- ଜଣେ ରୋଗୀର ମୁଣ୍ଡରେ ଶବ୍ଦ ଅନୁଭବ ହେଉଥିଲା । ଏ ଶବ୍ଦ ଦ୍ୱାରା ଆଘାତ ମଧ୍ୟ ଲାଗିଥାଏ । ଫଳତଃ ସେ ଡରିଯାଏ ଓ ତାକୁ ନିଦ ଆସେନାହିଁ । ମୁଣ୍ଡ ଓ ହୃଦୟ ସଂକୋଚିତ ହେଲା ଭଳି ଅନୁଭବ ହେଉଥିଲା । ତାକୁ ମୁଁ କାକ୍ଟସ୍ (Cactus) ଦେଲି । ଫଳତଃ ସେ ଆରାମ୍‌ରେ ଶୋଇଗଲା । ତାକୁ ଅପସ୍ମାର୍ ରୋଗରୁ ମୁକ୍ତି ମିଳିଗଲା । ଯଦିଚ କାକ୍ଟସ୍ ଅପସ୍ମାର୍‌ର ଔଷଧ ନୁହେଁ ।" *(ପୁସ୍ତକ ହୋମିଓପାଥି ଇଲାଜ୍ ବିଲ୍‌ମିସଲ୍, ନୂତନ ପ୍ରକାଶନ, ପ୍ରଥମ ଓ ଦ୍ୱିତୀୟ ଖଣ୍ଡ, ଦିବାଚା, ପୃଷ୍ଠା-XI)*

**କିଡ୍‌ନି ଜନିତ ପୀଡ଼ାର ଉପଚାର ବିଷୟରେ ହଜୁର୍ କହୁଛନ୍ତି:-** "ଜିଦିଆ ରୋଗ ବିଷୟରେ ରୋଗୀକୁ ସମ୍ମୁଖରେ ବସାଇ ତା ଠାରୁ ସବୁକଥା ଟିକିନିଖି ଭାବରେ ବୁଝିବା ଉଚିତ୍ । ଥରେ ଏହିପରି ଜଣେ କିଡ୍‌ନି ରୋଗୀର ବିଷୟରେ ମୋର ଅନୁଭବ ବର୍ଣ୍ଣନା କରୁଛି । ଯେତେବେଳେ ମୁଁ ତାକୁ ଏଡି ପୀଡ଼ାର ଉପଶମ ନିମନ୍ତେ ଏକୋନାଇଟ୍ (Aconitum) ଏବଂ ବେଲାଡୋନା (Belladonna) ଔଷଧ ଦେଇ ଚାଲିଲି । ସେଥିରୁ ତାଙ୍କୁ କୌଣସି ପ୍ରକାର ଉପଶମ ମିଳିଲା ନାହିଁ । ସେ ସମୟରେ ମୋ ଖିଆଲ୍ ଆସିଲା ଯେ ମୁଁ ତାକୁ ଏପରି ଔଷଧ ଦେଉଛି, ତାହା ସେତେବେଳେ କାମ କରେ ଯେବେ ରୋଗୀକୁ ଗରମ କ୍ଷତି ପହଂଚାଏ ଓ ଥଣ୍ଡାରୁ ଲାଭ ମିଳେ । କିନ୍ତୁ ଏହି ରୋଗୀକୁ ତ ଥଣ୍ଡା ପାଣିରେ ଗାଧୋଇବା ଦ୍ୱାରା ବହୁତ କଷ୍ଟ ହୁଏ । ମୁଁ ଏକଥା ଧ୍ୟାନରେ ରଖି ଔଷଧ ବଦଳାଇ ତାଙ୍କୁ ମ୍ୟାଗନେସିଆ ଫସ୍ (Mag phos) ଏବଂ କୋଲୋସିନ୍ଥ (Colocynthis) ମିଶାଇ କରି ଦେଲି । ଦେଖୁ ଦେଖୁ ସେ ଠିକ୍ ହୋଇଗଲେ ।" *(ପୁସ୍ତକ ହୋମିଓପାଥି ଇଲାଜ୍ ବିଲ୍‌ମିସଲ୍, ନୂତନ ଏଡିଶନ, ପ୍ରଥମ ଓ ଦ୍ୱିତୀୟ ଖଣ୍ଡ, ଦିବାଚା, ପୃଷ୍ଠା-XII)*

ବିଶାକ୍ତ ଘା' ପରି ଘାତକ ରୋଗର ଘଟଣା ବର୍ଣ୍ଣନା କରି ସେ କହୁଛନ୍ତି:- "ଜଣେ ଯୁବକଙ୍କ ହାତ ମେସିନ୍ ଦ୍ୱାରା ଭାଙ୍ଗି ଗୁଣ୍ଡ ହୋଇଗଲା । ତାଙ୍କର ଘା' ଶୁଖିଲା ନାହିଁ ଏବଂ ତାହା ବିଶାକ୍ତ ହୋଇ ବହୁତ ଖରାପ ହୋଇଗଲା । ଡାକ୍ତରମାନେ ପ୍ରଥମେ ଆଙ୍ଗୁଠି ଓ ପୁଣି ହାତ କାଟିବା ପାଇଁ ପରାମର୍ଶ ଦେଲେ, କିନ୍ତୁ ମୁଁ ସେ ଯୁବକଙ୍କ ନିମନ୍ତେ ଆର୍ସେନିକ୍ CM (Arsenic) ଦେଲି ଏବଂ ଏକସପ୍ତାହ ଦଶଦିନ ପରେ ତାକୁ ପୁନର୍ବାର ନେବା ପାଇଁ କହିଲି । କିଛି ସପ୍ତାହ ପରେ ସେ ମୋ ପାଖକୁ ଲେଖିଲେ ଯେ ଦରଜ ତ ଅଛି କିନ୍ତୁ କଳାପଡ଼ିଯାଇଥିବା ଯାଗା ଧିରେ ଧିରେ ଲାଲ୍ ହୋଇଯାଉଛି । ସେ କିଛି ଦିନ ପରେ ଅଲ୍ଲାହ୍‌ଙ୍କ କୃପାରୁ ସମ୍ପୂର୍ଣ୍ଣ ରୂପେ ଠିକ୍ ହୋଇଗଲା । ହାତ କାଟିବା ତ ଦୂରର କଥା ଆଙ୍ଗୁଠି କାଟିବାକୁ ମଧ୍ୟ ପଡ଼ିଲା ନାହିଁ ।" *(ସେହି ପୁସ୍ତକର ପୃଷ୍ଠା-୯୬)*

କ୍ୟାନ୍ସର୍ ପରି ବିପଦପୂର୍ଣ୍ଣ ରୋଗରୁ ଆଶ୍ଚର୍ଯ୍ୟଜନକ ଆରୋଗ୍ୟ ଲାଭ କରିବା ସମ୍ପର୍କରେ ସେ କହୁଛନ୍ତି:- "ଯଦି ପ୍ରୋସ୍‌ଟେଷ୍ଟ ଗ୍ଲାଣ୍ଡ୍‌ଜ, କିଡ୍‌ନି ଏବଂ ମୁତ୍ରାଶୟର ରୋଗରେ ଆର୍ସେନିକ୍‌ର ଲକ୍ଷଣ ମିଳେ, କିନ୍ତୁ ଆର୍ସେନିକ୍ ଏକୁଟିଆ ଯଦି ଠିକ୍ ନକରେ ତେବେ ତାର ସାହାଯ୍ୟକାରୀ ଔଷଧ ହେଉଛି ଫସ୍‌ଫରସ୍ । ଦୁଇଟି ଯାକ ଗୋଟିଏ ପରେ ଗୋଟିଏ ଦେବା ମଧ୍ୟ ଲାଭଦାୟକ ହୋଇଥାଏ । ଏହି ଔଷଧ କ୍ୟାନ୍ସର୍ ରୋଗକୁ ଭଲ କରିଥାଏ । ଏହି ଔଷଧ ଗୋଟିଏ ଏପରି ରୋଗୀ ଉପରେ ମଧ୍ୟ ବ୍ୟବହାର କରାଯାଇଥିଲା, ଯାହାଙ୍କ ବିଷୟରେ ଡାକ୍ତରମାନେ ଏହା ନିଷ୍ପତି ନେଇଥିଲେ ଯେ ସେ ଗୋଟିଏ ସପ୍ତାହରୁ ଅଧିକ ବଂଚିବ ନାହିଁ, କିନ୍ତୁ ଏହି ଔଷଧ ଦ୍ୱାରା ତାକୁ ବହୁତ ଆରାମ ଲାଗିଲା ଓ ସେ ଏହାପରେ ଏକବର୍ଷ ପର୍ଯ୍ୟନ୍ତ ବିନା କୌଣସି କଷ୍ଟରେ ବଂଚି ରହିଲା ।" *(ସେହି ପୁସ୍ତକର ପୃଷ୍ଠା-୯୭)*

**ପୋଲିଓ ରୋଗର ଉପଚାର ବିଷୟରେ ହଜୁର୍ ବତାଉଛନ୍ତି:-** "ଗୋଟିଏ ପିଲାର ଗୋଡ ପୋଲିଓ ଯୋଗୁ ବଙ୍କା ହୋଇଯାଇଥିଲା । ତାକୁ ସଲ୍‌ଫର୍ (Sulpher) ଓ ବ୍ରାଇଟା କାର୍ବ (Baryta carb) ଦିଆଗଲା । ସେଥିରୁ ତାକୁ ଏତେ ଲାଭ ହେଲା ଯେ ସେ ପିଲା ଏବେ ସାଧାରଣ ଲୋକଙ୍କ ପରି ଜୀବନ ଅତିବାହିତ କରୁଛି । ଯଦି ତ ସମ୍ପୂର୍ଣ୍ଣ ରୂପେ ସେ ଆରୋଗ୍ୟ ହେଲାନାହିଁ କିନ୍ତୁ ଚଲାବୁଲା କରୁଛି । ତାକୁ ଡାକ୍ତରମାନେ କହିଥିଲେ ଯେ ତା ବୟସ ବଢ଼ିବା ସଙ୍ଗେ ସଙ୍ଗେ ତାର କଷ୍ଟ ମଧ୍ୟ ବଢ଼ିଚାଲିବ ।" *(ସେହି ପୁସ୍ତକର ପୃଷ୍ଠା-୧୩୧)*

**ଫୁସ୍‌ଫୁସ୍‌ରେ ହୋଇଥିବା କଣା ଗୁଡିକ ବନ୍ଦ ହେବାର ଉପଚାର ବିଷୟରେ ବତାଇଲେ:-** "ଜଣେ ମହିଳାଙ୍କ ଫୁସ୍‌ଫୁସ୍‌ରେ ଜଣ୍ଡିସ୍ ଯୋଗୁ କଣା ହୋଇଯାଇଥିଲା ଏବଂ ଡାକ୍ତରଙ୍କ ପାଖରେ କୌଣସି ପ୍ରକାର ଉପଚାର ନଥିଲା । ଯେତେବେଳେ ହୋମିଓପାଥି ଔଷଧ ଦ୍ୱାରା ତାଙ୍କର ଚିକିତ୍ସା ମାର୍କସୋଲ୍-୨୦୦ ଏବଂ କାଲିକାର୍ବ-୩୦ ମାଧ୍ୟମରେ କରାଗଲା । ତେବେ ସେ କିଛି ମାସ ଭିତରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଗଲା । ଯେତେବେଳେ ଡାକ୍ତରଖାନାର ଡାକ୍ତରମାନେ ତାଙ୍କର ଏକ୍‌ସରେ କରାଇଲେ, ତାଙ୍କର କଣାଗୁଡିକର ଚିହ୍ନ ବର୍ଣ୍ଣ ଧ ପାଇଲେ ନାହିଁ । ସେମାନେ ଏହାକୁ ବିଶ୍ୱାସ କରିପାରୁନଥିଲେ ଯେ ଏ କଣ ସେହି ରୋଗୀ ଅଟନ୍ତି ।" *(ସେହି ପୁସ୍ତକର ପୃଷ୍ଠା-୧୬୪)*

**ଶ୍ୱାସ ରୋଗର ଉପଚାର ବିଷୟରେ ଚର୍ଚ୍ଚା କରି କହୁଛନ୍ତି:-** "ଥରେ ଜଣେ ଶ୍ୱାସ ରୋଗୀଙ୍କ ଅବସ୍ଥା (ଛାତିରେ କଫ ଜମା ହୋଇଯିବା ଯୋଗୁ) ବହୁତ ଖରାପ ଥିଲା । ମୁଁ ତାଙ୍କୁ କାର୍ବୋଭେଜ୍ ଦେଲି । ଫଳତଃ ତାକୁ ଟିକେ ଶକ୍ତି ମିଳିଲା ଓ ତାର କଫ ବାହାରିଗଲା । ଶ୍ୱାସ କଷ୍ଟ ଯୋଗୁ ତାର ଯେଉଁ ନିଃଶ୍ୱାସ ବନ୍ଦ ହୋଇ ଯାଉଥିଲା ଏ ଔଷଧ ଖାଇବା ପରେ ପୁନର୍ବାର ନିଶ୍ୱାସ ପ୍ରଶ୍ୱାସ ଠିକ୍‌ରେ ଚାଲିଲା । ଏହାପରେ ଶ୍ୱାସ ରୋଗର ଚିକିତ୍ସା କରାଗଲା । ଫଳତଃ ସେହି ରୋଗୀ ଜଣକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟବାନ୍ ହୋଇଗଲେ । କାର୍ବୋଭେଜ୍ ଔଷଧଟି ଘଡି ସନ୍ଧି ମୁହୂର୍ତ୍ତରେ କାର୍ଯ୍ୟରେ ଆସେ । ଶ୍ୱାସ ରୋଗୀଙ୍କର ଗୋଟିଏ ଏହା ଲକ୍ଷଣ ଯେ ତାଙ୍କଠାରୁ ଥଣ୍ଡା ଝାଳ ବୋହିଥାଏ, ଫଳତଃ ସାରା ଦେହ ଭିଜିଯାଏ । କିନ୍ତୁ ତାକୁ ପବନ ଦରକାର ହୁଏ ସୁତରାଂ ବେଳେବେଳେ ତା ମୁହଁ ସାମନାରେ ଅତ୍ୟାଧିକ ପବନ ଦରକାର ହୁଏ ।" *(ସେହି ପୁସ୍ତକର ପୃଷ୍ଠା-୨୪୨-୨୪୩*

**ଖାଇ ହାଡ କ୍ୟାନ୍‌ସର ଚିକିତ୍ସା ବିଷୟରେ କହୁଛନ୍ତି:-** "ଜଣେ ମହିଳା ରୋଗୀ ଏହି ରୋଗରେ ବଡ଼ ଦୁଃଖ ଅନୁଭବ କରୁଥିଲେ । ମୁହଁର ଗୋଟିଏ ପଟ ଫୁଲି ଯାଇଥିଲା । ଆଖି ଉପରେ ଚାପ ଥିଲା ଏବଂ ଏତେ ପୀଡ଼ା ହେଉଥିଲା ଯେ ସେ ବହୁତ ଚିତ୍କାର କରୁଥିଲେ । ବହୁତ ସମୟ ସେ ଗୋଟିଏ ଭଲ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । କିନ୍ତୁ ଡାକ୍ତରମାନେ କୌଣସି ପ୍ରକାର ରାସ୍ତା ନପାଇଁ ପରିଶେଷରେ ତାଙ୍କୁ ଏହି ରୋଗ ଠିକ୍ ନହେବା କହି ଡାକ୍ତରଖାନାରୁ ବିଦା କରିଦେଲେ । ମୁଁ ତାଙ୍କୁ Sulpher CM ର ଗୋଟିଏ ପାନ ଦେଲେ । ଯାହା ଫଳରେ ତାଙ୍କର ପୀଡ଼ା କମ୍ ହୋଇଗଲା ଏବଂ ଦୁଇ ସପ୍ତାହ ମଧ୍ୟରେ ତାଙ୍କ ଫୁଲା ମଧ୍ୟ କମିଗଲା । ପୁଣି ମୁଁ ତାଙ୍କୁ Silicea CM ର ଗୋଟିଏ ପାନ ଦେଲି । ଫଳତଃ ତାର ସ୍ୱାସ୍ଥ୍ୟ ଅବସ୍ଥା ସୁଧାରିବାକୁ ଲାଗିଲା । ଏହାର କିଛି ଦିନ ପରେ Sulpher CM ପୁନର୍ବାର ଦେଲି । ଫଳତଃ ଏ ରୋଗର ଚିହ୍ନବର୍ଣ୍ଣ କିଛି ରହିଲା ନାହିଁ । ଏ କଥାକୁ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେ ସମ୍ପୂର୍ଣ୍ଣ ରୂପେ ଠିକ୍ ଠାକ୍ ଅଛନ୍ତି ଓ ସ୍ୱାସ୍ଥ୍ୟବାନ୍ ଅଛନ୍ତି ।" *(ସେହି ପୁସ୍ତକର ପୃଷ୍ଠା-୪୨୭-୪୨୮)*

**ଆପେଣ୍ଡିକ୍‌ସ ରୋଗରୁ ଆଶ୍ଚର୍ଯ୍ୟଜନକ ଆରୋଗ୍ୟ ଲାଭ:-** "ମୁଁ Iris Tenax କୁ Arnica ଓ Bryonia ସହିତ ମିଶାଇ ୨୦୦ ପୋଟେନ୍‌ସି ରେ ଆପେଣ୍ଡିକ୍‌ସ୍ କଷ୍ଟ ନିବାରଣ ନିମନ୍ତେ ଅନେକଥର ବ୍ୟବହାର କରିଛି । ଏବଂ ଏହା ବହୁତ ଫଳପ୍ରଦ ଔଷଧ ରୂପେ ପ୍ରମାଣିତ ହେଲା । ବହୁତ ଆଶ୍ଚର୍ଯ୍ୟଜନକ ରୂପେ ଏହାର ପ୍ରଭାବ ପଡ଼ିଛି । ଯଦି ଯନ୍ତ୍ରଣାର ଲକ୍ଷଣ ଗୁଡିକ ପ୍ରକାଶ ହୁଏ ତେବେ Bryonia ଜାଗାରେ Belladona ବ୍ୟବହାର କରିବା ଉଚିତ୍ । ବେଳେବେଳେ ଆପେଣ୍ଡିକ୍‌ସ୍ ଯୋଗୁ ବହୁତ ବିପଦ ସୃଷ୍ଟି ହୋଇଯାଇଥାଏ । ଯଦି ଏହି ତିନୋଟି ଯାକ ଔଷଧ ମିଶାଇ କରି ଦିଆଯାଏ ତେବେ ଏହି ରୋଗକୁ ଆୟତ କରାଯାଇପାରିବ ।" *(ସେହି ପୁସ୍ତକର ପୃଷ୍ଠା-୪୮୦-୪୮୧)*

**ପଚି ସଢ଼ି ଯାଇଥିବା ଘା'ର ଚିକିତ୍ସା ବିଷୟରେ କହୁଛନ୍ତି:-** "ଅନ୍ତନାଡିରେ ବା ଅନ୍ୟ କୌଣସି ସ୍ଥାନରେ ଘା' ଯଦି ହୋଇଯାଏ ତେବେ ଏହା ଜାଣିବା ଉଚିତ୍ ଯେ ରୋଗୀର ଲକ୍ଷଣ କେଉଁ ପୋଟାସିୟମ୍‌ର ଲୁଣ ସହିତ ମିଶୁନାହିଁ । ଜଣେ ରୋଗୀଙ୍କର ଗୋଡରେ ବହୁତ ପୁରୁଣା ଓ ଗଭୀର କ୍ଷତ ଥିଲା । ତାଙ୍କୁ ମୁଁ Kali Iodatum ଦେଇ ଦେଖିଲି ଯେ ଦେଖୁଦେଖୁ ତାଙ୍କର କ୍ଷତ କୁଆଡେ ଉଭେଇଗଲା । ଏହା ପୂର୍ବରୁ ସେ ଗୋଟିଏ ଭଲ ସୈନିକ ଡାକ୍ତରଖାନାରେ ଆଡ୍‌ମିଟ୍ ହୋଇ ଚିକିତ୍ସା କରାଇଥିଲେ । ମୁଁ କେବଳ ଏଥିପାଇଁ ଏହି ଔଷଧ ନିର୍ଣ୍ଣୟ କରିଥିଲି ଯେ ତାଙ୍କର ବାକି ସମସ୍ତ ଲକ୍ଷଣ ପୋଟାସିୟମ୍ ସହିତ ମିଶୁଥିଲା ।" *(ହୋମିଓପାଥି ଇଲାଜ୍ ବିଲ୍‌ମିସଲ୍, ପୃଷ୍ଠା-୪୮୬)*

**ମଦ ଅଭ୍ୟାସରୁ ମୁକ୍ତି:-** "ମଦ୍ୟ

ପାନରେ ଅଭ୍ୟସ୍ତ ଥିବା ଜଣେ ବ୍ୟକ୍ତି ମଦ ନିଶାରେ ଏତେ ଅଭ୍ୟସ୍ତ ହୋଇଯାଇଥିଲେ ଯେ ସେ ମଦ ବିନା ଗୋଟିଏ ଘଂଟା ମଧ୍ୟ ରହିପାରୁ ନଥିଲେ । ସେ ଏହି ଶାପରୁ ମୁକ୍ତି ପାଇବାକୁ ଚାହୁଁଥିଲେ । କିନ୍ତୁ କୌଣସି ଡାକ୍ତରଙ୍କ ଠାରୁ ସେ ଲାଭ ପାଇଲେ ନାହିଁ । ମୁଁ ସଲଫ୍ୟୁରିକ୍ ଏସିଡ୍‌ର ଗୋଟିଏ ବୁନ୍ଦା ପାଣି ଗ୍ଲାସ୍‌ରେ ମିଶାଇ କରି ସେହି ପାଣିକୁ ଦିନରେ ତିନିଥର ବ୍ୟବହାର କରିବା ପାଇଁ କହିଲି । ସେ ତିନିମାସ ପରେ ମୋତେ ଏ ବିଷୟରେ ସୂଚନା ଦେଲେ ଯେ ସେ ସମ୍ପୂର୍ଣ୍ଣ ରୂପେ ଠିକ୍ ହୋଇଯାଇଛନ୍ତି । ବାସ୍ତବରେ କିଛି ଦିନ ଭିତରେ ହିଁ ତାଙ୍କର ଚରିତ୍ର ବଦଳି ଯାଇଥିଲା । ଏବଂ ତାଙ୍କର ମଦ୍ୟପାନ ପ୍ରତି ଘୃଣାଭାବ ଆସିଥିଲା ।" *(ହୋମିଓପାଥି ଇଲାଜ୍ ବିଲ୍‌ମିସଲ, ପୃଷ୍ଠା-୭୯୭)*

**ଅସାଧ ରୋଗୀଙ୍କ ହଜୁରଙ୍କ ଦ୍ୱାରା ସଫଳ ଚିକିତ୍ସା:-** ନିମ୍ନରେ ମୁଁ ଏପରି କେତେ ରୋଗୀଙ୍କ ଘଟଣା ଉପସ୍ଥାପନ କରିବାକୁ ଯାଉଛି, ଯେଉଁ ରୋଗୀମାନଙ୍କର ଚିକିତ୍ସା ହୋଇପାରିବ ନାହିଁ ବୋଲି ଡାକ୍ତର କହିଥିଲେ ବା ଏହାର ଚିକିତ୍ସା କେବଳ ଅପରେସନ୍ ମାଧ୍ୟରେ ହେବ ବୋଲି କହିଥିଲେ, ଏହିପରି ରୋଗୀଙ୍କର ସଫଳ ଉପଚାର ବିଷୟରେ କିଛି ଘଟଣାବଳୀ ଦର୍ଶାଯାଉଛି ।

ହଜୁର୍ Varicose Veins ର ବିଷୟକୁ ବର୍ଣ୍ଣନା କରି କହୁଛନ୍ତି:- "ବେଳେବେଳେ ଗୋଡରେ ନୀଳ ଶିରଟି ଫୁଲି ଜାଲି ସଦୃଶ ମୋଡି ହୋଇଯାଏ, ଯାହାକୁ Varicose Veins କୁହାଯାଏ । ମହିଳାମାନଙ୍କର ଏହା ଅଧିକ ହୋଇଥାଏ । ଶିରରେ ରକ୍ତ ଜମାଟ ବାନ୍ଧିଦିଏ । ଏହାର ଉପଚାର ଏଲପାଥି ଦ୍ୱାରା କେବଳ ଅପରେସନ୍ ଦ୍ୱାରା ସମ୍ଭବ ହୋଇଥାଏ । କିନ୍ତୁ ହୋମିଓପାଥିରେ ବହୁତ ଏପରି ଔଷଧ ଅଛି, ଯାହାଦ୍ୱାରା ଏହାର ଉପଚାର କରାଯାଇପାରିବ । ତା ମଧ୍ୟରୁ ଗୋଟିଏ ହେଉଛି ସଲଫର୍ ।" *(ହୋମିଓପାଥି ଇଲାଜ୍ ବିଲ୍‌ମିସଲ, ପୃଷ୍ଠା-୮୦୧-୮୦୨)*

**ଲିଭର୍ କ୍ୟାନ୍ସର୍ ରୋଗର ଉପଚାର ବିଷୟରେ ହଜୁର୍ କହୁଛନ୍ତି:-** "ଲିଭର୍ କ୍ୟାନ୍ସର୍‌ରେ ପିଡୀତ ଏପରି କିଛି ରୋଗୀ ମୋ ଅନୁଭବରେ ଆସିଛନ୍ତି ଯାହାକୁ ଡାକ୍ତରମାନେ ପ୍ରତ୍ୟେକ ପ୍ରକାର ରେଡିଏଶନ୍ ଓ ଔଷଧ ଇତ୍ୟାଦି ବ୍ୟବହାର କରିବାକୁ ଦେବା ପରେ ଅସାଧ ଘୋଷଣା କରିଛନ୍ତି । ଯେତେବେଳେ ସେମାନେ ଏହା ଅନୁଭବ କଲେ ଏବେ ରୋଗୀଟି ଦୁଇ ତିନିଦିନର ଅତିଥି ସେତେବେଳେ ତାକୁ ଡାକ୍ତରଖାନାରୁ ବିଦାୟ ଦେଇ ଘରକୁ ପଠାଇଦେଲେ । ଏ ସମୟରେ ଯଦି ଉକ୍ତ ଔଷଧ (ସଲଫର୍-୩୦, ବ୍ରାୟୋନିଆ-୨୦୦ ଏବଂ କାରଡୋସ୍ ମେରିଆନ୍ସ ମଦର୍ ଟିଙ୍କଚର୍) ଦ୍ୱାରା ଚିକିତ୍ସା କରାଇଲେ ତେବେ ତିନିଦିନ ପରେ ମରିବା ପରିବର୍ତ୍ତେ ସେ ସ୍ୱାସ୍ଥ୍ୟବାନ୍ ହେବାକୁ ଲାଗିଲେ ।" *(ହୋମିଓପାଥି ଇଲାଜ୍ ବିଲ୍‌ମିସଲ, ପୃଷ୍ଠା-୧୯୦)*

ଏହି ବନ୍ଧୁଜଣକ ଯାହାଙ୍କ ନାମ ମୋକରମ୍ ଉସ୍‌ମାନ୍ ଅହେମଦ୍ ସାହେବ୍ ସେ ୱକ୍‌ଫେ ଯଦିଦ୍‌ର କର୍ମୀ ଥିଲେ । ସେ ଆହୁରି ଚଉଦ ବର୍ଷ ବଂଚିଲେ ।

ସୂର୍ଯ୍ୟ ଗ୍ରହଣ ଦ୍ୱାରା ଅନ୍ଧ ହୋଇଯାଇଥିବା ଜଣେ ବ୍ୟକ୍ତିଙ୍କର ଘଟଣାକୁ ହଜୁର୍ ବର୍ଣ୍ଣନା କରି କହୁଛନ୍ତି:- "ସୂର୍ଯ୍ୟଗ୍ରହଣ ସମୟରେ ସୂର୍ଯ୍ୟକୁ ଦେଖିବା ଦ୍ୱାରା ଆଖିର ରେଟିନା ପରଦା ବହୁତ ପ୍ରଭାବିତ ହୋଇଥାଏ । ଏ ବିଷୟ ଶିଘ୍ର ଜଣାପଡ଼େନାହିଁ । ଅନେକ ବର୍ଷ ପରେ ଧିରେ ଧିରେ ଏହାର ପ୍ରଭାବ ପଡ଼ିଥାଏ । ସ୍ଥାନେ ସ୍ଥାନେ କଳାଦାଗ ଦୃଷ୍ଟିଗୋଚର ହୁଏ । କେତେବେଳେ ଡାହାଣ ତ କେତେବେଳେ ବାମ ଆଖି । ଏହିପରି ରୋଗୀଟି ଧିରେ ଧିରେ ସମ୍ପୂର୍ଣ୍ଣ ରୂପେ ଅନ୍ଧ ହୋଇଯାଏ । ଏବଂ ଏପରି ଅନ୍ଧଙ୍କର କୌଣସି ଚିକିତ୍ସା ସୁବିଧା ନାହିଁ । ଆଜିକାଲି କିରଣ ଦ୍ୱାରା ଏହାର ଉପଚାର କରିବା ପାଇଁ ଚେଷ୍ଟା କରାଯାଉଛି । କିନ୍ତୁ ଏଥିରୁ ଅସ୍ଥାୟୀ ଲାଭ ମିଳିଥାଏ । ଏ ବାବଦରେ ମର୍କକାର ହେଉଛି ଉତ୍କୃଷ୍ଟ ଔଷଧ । ଏକଲକ୍ଷ୍ୟ ପୋଟେନ୍‌ସିର ଦୁଇପାନ ମାସେ ଛଡା ମାସେ ଦେବା ଦ୍ୱାରା ଅଲ୍ଲାହ୍‌ଙ୍କ କୃପାରୁ ବହୁତ ଲାଭ ପହଂଚେ ।" *(ହୋମିଓପାଥି ଇଲାଜ୍ ବିଲ୍‌ମିସଲ, ପୃଷ୍ଠା-୫୫୬)*

ହଜୁରଙ୍କର ଚେଷ୍ଟା ଏପରି ରୋଗ ସମ୍ବନ୍ଧୀୟ ଯାହାର ଆଶୁ ଚିକିତ୍ସା ଏପର୍ଯ୍ୟନ୍ତ ଏଲୋପାଥି ଚିକିତ୍ସା ପ୍ରଣାଳୀରେ ନାହିଁ । ଏହି ବିଷୟଟି ବିଶେଷରୂପେ ଡାକ୍ତର ମାନଙ୍କର ଧ୍ୟାନ ଆକର୍ଷଣ କରେ ଯେ ନୁଆ ନୁଆ ରୋଗର ନିବାରଣ ନିମନ୍ତେ ଔଷଧର ଆବିଷ୍କାର ଏବଂ ନୂତନ ଚିକିତ୍ସାର ପ୍ରଣାଳୀକୁ କିଭଳି ଲୋକମାନଙ୍କ ସମ୍ମୁଖକୁ ଅଣାଯାଇପାରିବ । ସୁତରାଂ ବର୍ତ୍ତମାନ ସମୟରେ କିଛି ନିର୍ଦ୍ଦିଷ୍ଟ ରୋଗଗୁଡିକର ହୋମିଓପାଥି ଦ୍ୱାରା ହଜୁର୍ ସଫଳ ଉପଚାର କରିଛନ୍ତି । ଯାହାକୁ ନିମ୍ନରେ ପ୍ରଦତ୍ତ କରାଗଲା ।

(୧)ଏଡ୍‌ସ୍ ରୋଗର ଚିକିତ୍ସା:- ବର୍ତ୍ତମାନ ସମୟରେ ଏଡ୍‌ସ୍ ରୋଗ ସମଗ୍ର ସଂସାର ପାଇଁ ବହୁତ ବିପଦପୂର୍ଣ୍ଣ ହୋଇଯାଇଛି । ଏଲୋପାଥି ଦ୍ୱାରା ଏହାର ସଫଳ ଉପଚାର ଏପର୍ଯ୍ୟନ୍ତ ହୋଇପାରିନାହିଁ । କିନ୍ତୁ ହଜୁର୍ ଏମ୍.ଟି.ଏ ମାଧ୍ୟମରେ ଏହି ରୋଗର ଔଷଧ ଗୁଡ଼ିକୁ ଘୋଷଣା କଲେ । ଏବଂ ଏହି ରୋଗ ନିମନ୍ତେ Silicea CM ଚୟନ କଲେ ଏବଂ ଆପଣ ସେହି ଦୃଷ୍ଟାନ୍ତକୁ ମଧ୍ୟ ଉପସ୍ଥାପନ କଲେ ଯେଉଁମାନେ ଏହି ଔଷଧକୁ ବ୍ୟବହାର କରି ଅଲ୍ଲାହ୍‌ତାଲାଙ୍କ ଦୟାବଳରୁ ଏଡ୍‌ସ୍ ଭଳି ଘାତକ ରୋଗରୁ ମୁକ୍ତି ପାଇଛନ୍ତି ।

ଏହି ଚମତ୍କାରି ଆରୋଗ୍ୟ ବିଷୟରେ ଚର୍ଚ୍ଚା କରି ହଜୁର୍ କହୁଛନ୍ତି- "ଏଡ୍‌ସ୍ ମଧ୍ୟ କ୍ୟାନ୍ସର୍ ପରି ଗୋଟିଏ ଅସାଧ ରୋଗ ବିବେଚନା କରାଯାଏ । ବିଭିନ୍ନ ଦେଶଗୁଡିକରେ ମୋ ତତ୍ୱବଧାନରେ ଏଡ୍‌ସ୍ ରୋଗୀଙ୍କୁ Silicea CM ର ପ୍ରୟୋଗ କରାଗଲା । ଏହି ଔଷଧଟି ବହୁତ ରୋଗୀଙ୍କ ଉପରେ ଆଶ୍ଚର୍ଯ୍ୟଜନକ ରୂପେ ପ୍ରଭାବ ପକାଇଲା ।" *(ହୋମିଓପାଥି ଇଲାଜ୍ ବିଲ୍‌ମିସଲ, ପୃଷ୍ଠା-୨୫୭)*

(୨)ଆଣବିକ ଧ୍ୱଂସତାରୁ ସୁରକ୍ଷା- ସଂସାର ବର୍ତ୍ତମାନ ଆଣବିକ ଧ୍ୱଂସତାର ଭୟରେ ଭୟଭିତ । ଯେଉଁ ସମୟରେ ପାକିସ୍ତାନ୍ ଓ ହିନ୍ଦୁସ୍ତାନ୍ ଆଣବିକ ପରୀକ୍ଷା କଲେ, ସେତେବେଳେ ଉପମହାଦେଶର ଲୋକମାନଙ୍କ ନିମନ୍ତେ ବିଶେଷ ରୂପେ ଓ ସମଗ୍ର ସଂସାର ନିମନ୍ତେ ସାଧାରଣତଃ ହଜୁର୍ ଆଣବିକ ବିସ୍ଫୋରଣର କୁପ୍ରଭାବରୁ ବଂଚିବା ପାଇଁ ଔଷଧ ଚୟନ କରିଥିଲେ । ଏହି ଔଷଧ ଗୁଡିକ ଆସନ୍ତା ସମୟରେ ମଧ୍ୟ ଏହିପରି ବିପଦ ସମୟରେ ବ୍ୟବହାର କରାଯାଇପାରିବ । ସୁତରାଂ ଚତୁର୍ଥ ଖଲିଫା ର:ଅ Carcinosin CM ଅର୍ଥାତ୍ ଏକ ଲକ୍ଷ୍ୟ ପୋଟେନ୍‌ସିରେ ଓ Redium Bromide CM ଅର୍ଥାତ୍ ଏକ ଲକ୍ଷ୍ୟ ପୋଟେନ୍‌ସିର ଚୟନ କଲେ । ଏହି ଔଷଧ ଗୁଡିକୁ ବହୁଳ ରୂପେ ବ୍ୟବହାର କରାଗଲା ।

(୩) ଆଲୁମିନିୟମ୍ ବିଷରୁ ସୁରକ୍ଷା:- ପୁରୁଣା ଯୁଗରେ ଆଲୁମିନିୟମ୍ ପାତ୍ର ବ୍ୟବହାର କରାଯାଉଥିଲା । କିନ୍ତୁ ବାସ୍ତବିକତା ଏହା ଅଟେ ଯେ ଆଲୁମିନିୟମ୍‌ରେ ଥିବା ବିଷ ମଣିଷ ଶରୀର ଭିତରୁକ ଧିରେ ଧିରେ ପ୍ରବେଶ କରିଯାଏ । ଓ ଏହାଦ୍ୱାରା ଅନେକ ରୋଗ ସୃଷ୍ଟି ହୋଇଥାଏ । ହଜୁରଙ୍କର ମାନବ ଜାତି ଉପରେ ଏହା ବଡ଼ ଅନୁଗ୍ରହ ଯେ, ସେ ଏହି ପାତ୍ରଗୁଡିକ ପ୍ରଭାବ ବିଷୟରେ ସୂଚନା ଦେବେ ଓ ଏହା ନିର୍ଦ୍ଦେଶ ଦେଲେ କି ଏହି ସବୁ ପାତ୍ରଗୁଡିକର ବ୍ୟବହାର କରାନଯାଉ । ସେ ଏହ ବିଷର କୁପ୍ରଭାବରୁ ବଂଚିବା ପାଇଁ Alumina-1000 ବ୍ୟବହାର କରିବା ପାଇଁ ଉପଦେଶ ଦେଲେ । *(ରୋଜ୍‌ନାମା ଅଲ୍‌ଫଜଲ, ୨୭ ଡିସେମ୍ବର୍ ୨୦୦୩, ପୃଷ୍ଠା-୬୬)*

(୪)ସେହିପରି କ୍ୟାନ୍ସର୍‌ର ଗିଲ୍‌ଟିର ଉପଚାର ବିଷୟରେ କହୁଛନ୍ତି- "କ୍ୟାନ୍ସର୍‌ର ଗିଲ୍‌ଟି ଯାହା ଚମଡ଼ା ଉପରେ ଦେଖାଯାଏ ସେଥିପାଇଁ କୋନିୟମ୍ ବହୁତ ଲାଭଦାୟକ । କାରଣ ପ୍ରଥମରୁ କ୍ୟାନ୍ସର ଚିହ୍ନିତ ହୋଇଯାଏ । ଏହିପରି ଫୁଲା ସ୍ଥାନରେ ଯଦି ଘା' ସୃଷ୍ଟି ହେବାକୁ ଲାଗେ ତେବେ ବିଶୁଦ୍ଧ ମହୁର ଲେପ ଲଗାଇବା ଦ୍ୱାରା ମଧ୍ୟ ଲାଭ ମିଳିଥାଏ । ଏକଥା ଡାକ୍ତରୀ ଗବେଷଣା ଦ୍ୱାରା ମଧ୍ୟ ପ୍ରମାଣିତ ହୋଇସାରିଛି ଯେ ଯେଉଁଠାରେ କୌଣସି ଲେପ କାମ ଦିଏ ନାହିଁ ସେଠାରେ ମହୁ ଲେପ ଆଶ୍ଚର୍ଯ୍ୟଜନକ ଭାବେ କାମ ଦିଏ ।" *(ଅଲ୍‌ଫଜଲ୍ ଇଂଟରନ୍ୟାଶ୍‌ନାଲ୍, ୩୧ ମାର୍ଚ୍ଚ ୨୦୦୦, ପୃଷ୍ଠା-୧୦)*

ମୋକରମ୍ ମୌଲବୀ ଅବ୍‌ଦୁଲ୍ କରିମ୍ ଖାଲିଦ୍ ସାହେବ୍ ଘାନା ବ୍ଲଡ୍ କ୍ୟାନ୍ସର୍ ରୋଗରେ ପିଡ଼ୀତ ଥିଲେ । ତାଙ୍କ ଚିକିତ୍ସା ନିମନ୍ତେ ହଜରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ଗୋଚରେ ଦୁଆ କରିବା ପାଇଁ ଲେଖାଗଲା । ଆପଣ ତାଙ୍କ ମେଡିକାଲ୍ ରିପୋର୍ଟ ମଗାଇଲେ । ଏବଂ ଲଣ୍ଡନ୍‌ରେ ଅହେମଦୀ ଡାକ୍ତରମାନଙ୍କର ଗୋଟିଏ ବୋର୍ଡ ଗଠନ କରି ସେମାନଙ୍କୁ ଏହି ରିପୋର୍ଟ୍‌ସ୍ ଅନୁସାରେ ମତବ୍ୟକ୍ତ କରିବା ପାଇଁ ଆଦେଶ ଦେଲେ । ଏହି ରୋଗ ନିମନ୍ତେ ଏଲୋପାଥି ଚିକିତ୍ସା ନଥିବାରୁ ହଜୁର୍ ବୋର୍ଡ୍‌ର ମତ ଅନୁସାରେ ହୋମିଓପାଥି ଚିକିତ୍ସା ପ୍ରଣାଳୀ ଆପଣେଇବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ ଦୁଆ ମଧ୍ୟ କଲେ । ସେ ସମୟରେ ତାଙ୍କର ଏପରି ଅବସ୍ଥା ଥିଲା ଯେ ପ୍ରତ୍ୟେକ ସପ୍ତାହରେ ତାକୁ ତାଜା ରକ୍ତ ଦିଆଯାଉଥିଲା । ରକ୍ତର ସ୍ତର ଅତ୍ୟନ୍ତ ନିମ୍ନ ଥିଲା । ସେ ଇକ୍‌ରା ର ଗୋଟିଏ ବଡ଼ ଗବେଷଣା ଡାକ୍ତରଖାନାରେ ଆଡ୍‌ମିଟ୍ ଥିଲେ, ଯେଉଁଠି ପ୍ରଫେସରଙ୍କର ତତ୍ୱାବଧାନରେ ତାଙ୍କର ଚିକିତ୍ସା କରାଯାଉଥିଲା କିନ୍ତୁ କୌଣସି ଲାଭ ମିଳିଲା ନାହିଁ । ବର୍ତ୍ତମାନ ତାଙ୍କର ହୋମିଓପାଥି ଚିକିତ୍ସା ଆରମ୍ଭ ହୋଇଗଲା । ହଜୁରଙ୍କର ବିଶେଷ ରୂପେ ତାଙ୍କ ପାଇଁ କରାଯାଇଥିବା ସହାନୁଭୂତି ମୂଳକ ଦୁଆର ବରକତ୍ ଯୋଗୁ ଖୁଦାତାଲାଙ୍କ କୃପାବଳରୁ ମୌଲବୀ ସାହେବ୍‌ଙ୍କ ରୋଗ ଆଶ୍ଚର୍ଯ୍ୟଜନକ ରୂପେ ଠିକ୍ ହେବା ଆରମ୍ଭ ହୋଇଗଲା । କିଛି ସପ୍ତାହ ଭିତରେ ସେ ସୁସ୍ଥ ହୋଇଗଲେ । ଡାକ୍ତରମାନେ ଆଶ୍ଚର୍ଯ୍ୟ ଥିଲେ ଯେ ଏହା କିପରି ସମ୍ଭବ ହୋଇପାରିଲା । ଶେଷରେ ଡାକ୍ତରମାନେ ତାଙ୍କର ପ୍ରତ୍ୟେକ ପ୍ରକାରର ପରୀକ୍ଷା କରି ତାଙ୍କୁ ସ୍ୱାସ୍ଥ୍ୟବାନ୍ ବୋଲି

ଘୋଷଣା କରି ଡାକ୍ତରଖାନାରୁ ବିଦାୟ ଦେଇ ଘରକୁ ପଠାଇଦେଲେ ।

ଏହି ଅବସରରେ (ହକିକତୁଲ୍ ୱିହି, ପୃଷ୍ଠା-୪୮୦-୪୮୧ ରେ ବର୍ଣ୍ଣିତ) ସେହି "ଅବ୍‌ଦୁଲ୍ କରିମଙ୍କ କଥା ମନେପଡ଼ିଯାଏ ଯାହାଙ୍କୁ ହଜରତ୍ ମସିହ୍ ମଉଦ୍‌ଙ୍କ ସମୟରେ ପାଗଳା କୁକୁର କାମୁଡ଼ି ଦେଇଥିଲା । ତାଙ୍କୁ ଡାକ୍ତରମାନେ 'Nothing can be don for Abdul Karim' କହିବା ସତ୍ତ୍ୱେ ମଧ୍ୟ ହଜରତ୍ ମସିହ୍ ମଉଦ୍ ଦୁଆର ବରକତ୍‌ରୁ ସେ ମୃତ୍ୟୁମୁଖରୁ ବଂଚିଗଲେ ଓ ନୂଆ ଜୀବନ ପାଇଲେ ।

ସୁତରାଂ ମୋକରମ୍ ମୌଲବୀ ଅବ୍‌ଦୁଲ୍ କରିମ୍ ଖାଲିଦ୍ ସାହେବ ସ୍ୱାସ୍ଥ୍ୟ ଲାଭ କରି ବ୍ରାଙ୍ଗ୍ ଯାହାଙ୍କୁ ପହଂଚିଲେ ଓ ଜଣେ ମୋବେଲିଗ୍ ରୂପେ ନିଜର ଦାୟିତ୍ୱକୁ ତୁଲାଇବା ଆରମ୍ଭ କରିଦେଲେ । (ପୁସ୍ତକ ସିରତ୍ ଓ ସ୍ୱାନେହ, ହଜରତ୍ ମିର୍ଜା ତାହେର୍ ଅହେମଦ୍, ଅଧ୍ୟାୟ "ଏକ୍ କାମିୟାବ୍ ହୋମିଓପାଥ୍")

**ହଜୁରଙ୍କ ପ୍ରୟୋଗାତ୍ମକ ଚିକିତ୍ସା ଦୃଷ୍ଟିକୋଣରୁ ହୋମିଓପାଥି ଦ୍ୱାରା ମାନସିକ, ଚାରିତ୍ରିକ ଓ ଆଧାତ୍ମିକ ରୋଗର ଉପଚାର**

ହଜରତ୍ ଖଲିଫତୁଲ୍ ମସିହ୍ ରାବେ ର: ନିଜର ହୋମିଓପାଥି ପୁସ୍ତକରେ ବିଭିନ୍ନ ଅବସରରେ ଏକଥାକୁ ବହୁତ ସ୍ପଷ୍ଟ ରୂପେ ଉପସ୍ଥାପନ କରିଛନ୍ତି ଯେ କିଛି ରୋଗ ଯାହା ସାଧାରଣତଃ ଚାରିତ୍ରିକ ଓ ଆଧାତ୍ମିକ ରୋଗ ବୋଲି ଜଣାପଡ଼ିଥାଏ, ବାସ୍ତବରେ ତାହା ଶାରିରୀକ ରୋଗ ଅଟେ ଏବଂ ତାର ଚିକିତ୍ସା ହୋମିଓପାଥି ଔଷଧ ଦ୍ୱାରା ବହୁତ ଉତ୍ତମ ରୂପେ ଚିକିତ୍ସା କରାଯାଇପାରେ । ଉଦାହରଣ ସ୍ୱରୂପ କିଛି ଘଟଣା ଏଠାରେ ପାଠକଙ୍କ ନିମନ୍ତେ ବର୍ଣ୍ଣନା କରାଯାଉଛି ।

Lachesis ନାମକ ଗୋଟିଏ ହୋମିଓ ଔଷଧ ଅଛି । ତା ବିଷୟରେ ଆପଣ କହୁଛନ୍ତି- "Lachesis ର ରୋଗୀର ଲକ୍ଷଣ ହେଉଛି ସେ ଅତ୍ୟଧିକ ସନ୍ଦେହ ଓ ଶଙ୍କାର ବଶବର୍ତୀ ହୋଇଯାଏ । ଆରମ୍ଭରେ ସେମାନେ ଭାବନ୍ତି ଯେ ସବୁଲୋକମାନେ ତାଙ୍କ ବିପକ୍ଷରେ କଥା ହେଉଛନ୍ତି ବା ସେମାନଙ୍କର ଖାଦ୍ୟ ପେୟରେ କିଛି ମିଶାଇ ଦେଉଛନ୍ତି । ସେ ରୋଗୀ ନିଜର ନିକଟ ସମ୍ପର୍କୀୟଙ୍କ ଉପରେ ମଧ୍ୟ ସନ୍ଦେହ କରେ । ପଣେ ଲକ୍ଷଣ ଗୁଡ଼ିକ ବଢ଼ିଚାଲେ । ଏପରି ରୋଗୀକୁ Lachesis ଦେବା ଜରୁରୀ ଅଟେ ।" (ହୋମିଓପାଥି ପୁସ୍ତକ, ନୂତନ ଏଡ଼ିଶନ, ପ୍ରଥମ ଓ ଦ୍ୱିତୀୟ ଖଣ୍ଡ..... ପୃଷ୍ଠା-୫୪୭)

ଏହି ଔଷଧ ସମ୍ବନ୍ଧରେ ପୁଣି ଆପଣ କହୁଛନ୍ତି- "ଏ ରୋଗରେ ପିଡୀତ ଗୋଟିଏ ଝିଅ ମୋ ପାଖକୁ ଆସିଲେ । ଚୋରିକରିବା ଯାହାଙ୍କର ବଦ ଅଭ୍ୟାସ ଥିଲା । ପଚାରିବାରୁ କହୁଥିଲା ଏହା ଅଲ୍ଲାହଙ୍କ ନିର୍ଦ୍ଦେଶ, ତେଣୁ ମୁଁ ଏପରି କରୁଛି । ଏହିପରି ରୋଗୀଙ୍କର ଚିକିତ୍ସା Lachesis ଦ୍ୱାରା କରିବା ଉଚିତ୍ । ଯେଉଁମାନେ ଖୁଦାଙ୍କ ନିର୍ଦ୍ଦେଶ ଗୁଡ଼ିକର ଅବମାନନା କରିଥାନ୍ତି ।.....ଧାର୍ମିକ ଭାବନାର ସେମାନେ ଅସାଧାରଣ ରୂପେ ବଶବର୍ତୀ ହୋଇଯାଆନ୍ତି । ଏହି ଲକ୍ଷଣ Lachesis ର ମଧ୍ୟ ଅଛି । କିନ୍ତୁ ଏହାର ସବୁଠାରୁ ବିପଦପୂର୍ଣ୍ଣ ଲକ୍ଷଣ ହେଉଛି ସେମାନଙ୍କ ମନରେ ବେଳେବେଳେ ଏ ଭାବନା ସୃଷ୍ଟି ହୋଇଥାଏ ଯେ ଅଲ୍ଲାହଙ୍କର ନିର୍ଦ୍ଦେଶ ଅଛି ଯେ ସେ ଅମୁକ ଲୋକକୁ ହତ୍ୟା କରିଦେଉ ।.....ଏହି ରୋଗୀମାନେ ବେଳେବେଳେ ପ୍ରକୃତରେ ହତ୍ୟା କରିଦେଇଥାନ୍ତି ବା ହତ୍ୟା କରିବା ପାଇଁ ନିଶ୍ଚିତ ରୂପେ ଚେଷ୍ଟା ମଧ୍ୟ କରିଥାନ୍ତି ।" (ପୁସ୍ତକ ହୋମିଓପାଥି, ନୂତନ ଏଡ଼ିଶନ୍, ପ୍ରଥମ ଓ ଦ୍ୱିତୀୟ ଖଣ୍ଡ.....ପୃଷ୍ଠା-୫୪୮)

ପୁଣି ହଜୁର୍ କହୁଛନ୍ତି:- "ଡାକ୍ତର କେଂଟ୍‌ଙ୍କର ଭାବନା ଅଛି ଯେ ଏହି ଔଷଧର ବିଶେଷ ସ୍ଥାନ ସହିତ ସମ୍ପର୍କ ନାହିଁ ବରଂ ସମଗ୍ର ଦୁନିଆର ପ୍ରତ୍ୟେକ ସ୍ଥାନରେ ଏହି ଔଷଧଟି କାମ କରିଥାଏ । ଲାକିସିସ୍‌ର ଜହରରେ ଯେଉଁ ବ୍ୟଗ୍ରତା ଓ ବ୍ୟତିକ୍ରମ ଦେଖାଯାଏ ତାହା ଦୁନିଆର ପ୍ରତ୍ୟେକ ଦୁରାଚାର ଓ ମତିଭ୍ରମ ହୋଇଥିବା ଲୋକଙ୍କ ନିକଟରେ ମିଳିଥାଏ । ଅର୍ଥାତ୍-ଭୀଷଣ ଇର୍ଷା, ଦୁଷ୍ଟାମୀ ଓ ଖଳ ଭାବନା ଇତ୍ୟାଦି ପ୍ରତି ଆକର୍ଷଣ ହେବା" (ପୁସ୍ତକ ହୋମିଓପାଥି, ନୂତନ ଏଡ଼ିଶନ୍, ପ୍ରଥମ ଓ ଦ୍ୱିତୀୟ ଖଣ୍ଡ.....ପୃଷ୍ଠା-୫୪୦)

ଆଉ ଗୋଟିଏ ହୋମିଓପାକ ଔଷଧ Sulpher ବିଷୟରେ ହଜୁର୍ କହୁଛନ୍ତି:- "ସଲ୍‌ଫର୍ ରୋଗୀକୁ ଦାର୍ଶନିକ ହେବା ପାଇଁ ବହୁତ ଇଛା ଥାଏ । ତାଙ୍କ ପ୍ରକୃତିରେ କିଛିଟା ଦାର୍ଶନିକତା ମଧ୍ୟ ଥାଏ । ଯଦି ଏହି ଇଛା ଚରମସୀମାରେ ପହଂଚିଯାଏ ତେବେ ସେମାନଙ୍କୁ ଅଧିକ ପୋଟେନ୍‌ସିର ସଲ୍‌ଫର୍ ଗୋଟିଏ ବା ଦୁଇଟି ପାନ ଦେବା ଦ୍ୱାରା ବହୁତ ଲାଭ ହୋଇଥାଏ । ସେମାନଙ୍କ ମଧ୍ୟରୁ କିଛି ଆର୍ଥିକ ଦାର୍ଶନିକ ହୋଇଥାନ୍ତି, ଯିଏ ସବୁବେଳେ ଯୋଜନା ତିଆରି କରିଥାନ୍ତି । କିନ୍ତୁ କାର୍ଯ୍ୟରେ କିଛି କରିନଥାନ୍ତି ।..... ବହୁତ ଅଳସୁଆ ପ୍ରକୃତିର ହୋଇଥାନ୍ତି, କେଉଁ କାମରେ ତାଙ୍କୁ ମନ ଲାଗେନାହିଁ । ନିଜ ଭାବନାରେ ବାନ୍ଧି ହୋଇଥାନ୍ତି । ସେମାନଙ୍କର ଚିକିତ୍ସା ମଧ୍ୟ ସଲଫର୍‌ର ଉଚ୍ଚ ପୋଟେନ୍‌ସି ଦ୍ୱାରା ସମ୍ଭବ ହୋଇଥାଏ ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଔଷଧ, ଯାହାର ନାମ କ୍ୟାମୋମିଲା, ସେ ରୋଗୀର ଲକ୍ଷଣ ଗୁଡ଼ିକୁ ଚିହ୍ନିବା ବିଷୟରେ ହଜୁର୍ କହୁଛନ୍ତି:- "କ୍ୟାମୋମିଲାର ପ୍ରକୃତିର ସବୁବେଳେ ଲକ୍ଷଣ ଥାଏ କି ସେ ରୋଗୀ ଭିତରେ ଖୋଲା ହୃଦୟର ଅଭାବ ଦେଖାଯାଏ ଏବଂ ସଂକୀର୍ଣ୍ଣ ମନୋଭାବ ରଖିଥାଏ । କାହାର ଖାତିର୍ କରନ୍ତି ନାହିଁ ନା କାହାର ଦୁଃଖ ଅନୁଭବ କରିଥାନ୍ତି ନା କାହାର ଆବଶ୍ୟକତାକୁ ଧ୍ୟାନ ରଖିଥାନ୍ତି । କିନ୍ତୁ ନିଜ ମାମଲାରେ ବହୁତ ସମ୍ବେଦନଶୀଳ ରହିଥାନ୍ତି । ସବୁବେଳେ ନିଜର ଭାବନାରେ ବୁଡ଼ି ରହିଥାନ୍ତି ଏବଂ ନିଜ ଲାଭକୁ ଦୃଷ୍ଟିରେ ରଖିଥାନ୍ତି । ଅନ୍ୟଙ୍କ ଉପରେ ଅଚାନକ ରାଗିଯିବା ମଧ୍ୟ ଏମାନଙ୍କର ଲକ୍ଷଣ ଅଟେ ।" (ପୁସ୍ତକ ହୋମିଓପାଥି, ନୂତନ ଏଡ଼ିଶନ୍, ପ୍ରଥମ ଓ ଦ୍ୱିତୀୟ ଖଣ୍ଡ.....ପୃଷ୍ଠା-୨୭୧)

ଆଉଗୋଟିଏ ଗୁରୁତ୍ୱପୂର୍ଣ୍ଣ ଔଷଧ ହେଉଛି Natrum Mur ଏହା ବିଷୟରେ ହଜୁର୍ କହୁଛନ୍ତି:- "Natrum Mur ର ରୋଗୀ କଳ୍ପିତ ପ୍ରେମଦ୍ୱାରା ପ୍ରଭାବିତ ହୋଇଥାଏ । କିଛି ବୟସ୍କା ମହିଳାମାନେ ମଧ୍ୟ ଏହି କଳ୍ପିତ ପ୍ରେମର ବଶବର୍ତୀ ହୋଇଥାନ୍ତି । ଯଦି ପ୍ରେମର ଚିକିତ୍ସା ଔଷଧ ଦ୍ୱାରା ସମ୍ଭବ ଥାଏ ତେବେ ଏପରି ମହିଳାମାନଙ୍କର ଚିକିତ୍ସା Natrum Mur ଦ୍ୱାରା କରାଯାଇପାରିବ ।"(ପୁସ୍ତକ ହୋମିଓପାଥି, ନୂତନ ଏଡ଼ିଶନ, ପ୍ରଥମ ଓ ଦ୍ୱିତୀୟ ଖଣ୍ଡ.....ପୃଷ୍ଠା-୬୧୯)

**ଶେଷକଥା**

ହଜୁର୍ ରହେମୁଲ୍ଲାହ ତାଲା ହୋମିଓପାଥି ଚିକିତ୍ସା ପଦ୍ଧତିକୁ ଯମାତ୍‌ରେ ପରିଚୟ କରାଇ ତା ମାଧ୍ୟମରେ ମାଗଣା ଚିକିତ୍ସାକୁ ସର୍ବସାଧାରଣ କରି ମନୁଷ୍ୟ ଜାତି ଉପରେ ବହୁତ ବଡ଼ ଅନୁଗ୍ରହ କରିଛନ୍ତି । ଏବଂ ନିଶ୍ଚିତ ରୂପେ ଲକ୍ଷ ଲକ୍ଷ ଅହେମଦୀ ବର୍ତମାନ ଦୈନନ୍ଦିନ ହେଉଥିବା ରୋଗ କଷ୍ଟର ଚିକିତ୍ସା ନିଜେ ହିଁ ହୋମିଓପାଥି ଜରିଆରେ କରିପାରୁଛନ୍ତି । ଏହିପରି ନା କେବଳ ସେମାନଙ୍କର ସ୍ୱାସ୍ଥ୍ୟ ଭଲ ରହୁଛି ବରଂ ଡାକ୍ତରମାନଙ୍କର ମୋଟା ଅଙ୍କର ଫିସ୍, ଡାକ୍ତରଖାନାକୁ ବାରମ୍ବାର ଦୌଡ଼ିବା ଓ ବହୁତ ଦାମିକା ଔଷଧ କିଣିବାରୁ ମୁକ୍ତି ପାଉଛନ୍ତି । ଏବଂ ନିଜ ନିଜ ପରିସରରେ ସେମାନେ ହୋମିଓପାଥି ଜରିଆରେ ଅନ୍ୟ ମାନଙ୍କର ମଧ୍ୟ ମାଗଣା ଚିକିତ୍ସା କରି ମାନବ ସେବାରେ ନିୟୋଜିତ ଅଛନ୍ତି ।

ଆମର ବର୍ତମାନ ଇମାମ୍ ହଜରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ବ ଡାକ୍ତର, ଗବେଷଣା କରୁଥିବା ଲୋକେ ଓ ରୋଗୀମାନଙ୍କୁ ଉଦଦେଶ ଦେଇ କହୁଛନ୍ତି:- "ପ୍ରତ୍ୟେକ ଅହେମଦୀ ଡାକ୍ତର ଏବଂ ଗବେଷଣା କରୁଥିବା ଲୋକମାନଙ୍କୁ ସେମାନଙ୍କ ରୋଗୀମାନଙ୍କ ନିମନ୍ତେ ମାନବିକ ସହାନୁଭୂତିର ଭାବନା ଦେଖାଇ କାମ କରିବା ଉଚିତ୍ । ଅଲ୍ଲାହତାଲାଙ୍କ କୃପାରୁ ଆମ ଡାକ୍ତରମାନେ (ରବ୍‌ୱା ଓ ଆମେରିକାର ଡାକ୍ତରମାନେ ମଧ୍ୟ) ନିଜ ଔଷଧ ଚିଠା ଉପରେ ହୁଓ୍ୱଶ୍ ଶାଫି ଲେଖୁଛନ୍ତି । ଯଦି ଦୁନିଆର ପ୍ରତ୍ୟେକ ଡାକ୍ତର ଏହି ସ୍ଥାନରେ ଏପରି ଲେଖନ୍ତେ ଏବଂ ତତ୍ ସହିତ ତାର ଅନୁବାଦ ମଧ୍ୟ ଲେଖନ୍ତେ ତେବେ ଏହା ମଧ୍ୟ ଅନ୍ୟମାନଙ୍କ ଉପରେ ଏକ ପ୍ରକାର ପୁଣ୍ୟ ପ୍ରଭାବ ପକାଇବ । ଏବଂ ଅଲ୍ଲାହତାଲାଙ୍କ କୃପା ମଧ୍ୟ ଲାଭ କରିପାରିବେ । ଏବଂ ଏଥିଯୋଗୁ ଅଲ୍ଲାହତାଲା ତାଙ୍କ ହାତରେ ଆରୋଗ୍ୟତା ପ୍ରଦାନ କରିଥାନ୍ତି । ସେହିପରି ରୋଗୀମାନଙ୍କୁ ମଧ୍ୟ ଏହା ଭାବିବା ଉଚିତ୍ ନୁହେଁ ଯେ ଅମୁକ ଡାକ୍ତର ଯଦି ଚିକିତ୍ସା କରିବେ ତେବେ ମୁଁ ଠିକ୍ ହୋଇଯିବି, ବା ଅମୁକ ଡାକ୍ତରଖାନା ବହୁତ ଭଲ, ସେଠାକୁ ଗଲେ ମୁଁ ଠିକ୍ ହୋଇଯିବି । ସୁବିଧାର ଲାଭ ଉଠାଇବା ଉଚିତ୍ କିନ୍ତୁ ତା ଉପରେ ସମ୍ପୂର୍ଣ୍ଣ ରୂପେ ଭରଷା କରିବା ଉଚିତ୍ ନୁହେଁ । ବରଂ ସର୍ବଦା ଏହା ଭାବିବା ଉଚିତ୍ ଯେ ଶାଫି (ଆରୋଗ୍ୟ ପ୍ରଦାନକାରୀ) ହେଉଛନ୍ତି ଖୁଦାତାଲା ନିଜେ ।" (ଖୁତ୍‌ବା ଜୁମା, ପ୍ରଦତ୍ତ ୧୯ ଡିସେମ୍ବର୍ ୨୦୦୮)

ଅଲ୍ଲାହତାଲାଙ୍କ ନିକଟରେ ଏ ପ୍ରାର୍ଥନା କରାଯାଉଛି ଯେ ଅଲ୍ଲାହତାଲା ଆମ ସମସ୍ତଙ୍କୁ ହଜୁରଙ୍କ ଉପଦେଶ ଅନୁସାରେ ହୋମିଓପାଥି ଚିକିତ୍ସା ପଦ୍ଧତିକୁ ବୁଝିବା ପାଇଁ ଏବଂ ଏଥିରୁ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏବଂ ଅଲ୍ଲାହତାଲା ପ୍ରତ୍ୟେକ ଅହେମଦୀଙ୍କୁ ଶାରିରୀକ, ଆଧାତ୍ମିକ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ରଖନ୍ତୁ । ସମସ୍ତ ରୋଗୀମାନଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ । ସେହିପରି ଆମ ସମସ୍ତଙ୍କୁ ଗ୍ରହଣୀୟ ସେବାର ସୌଭାଗ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

# ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ପଂଚମ ଅଃବ ଙ୍କ ବିଶ୍ୱବ୍ୟାପି ପ୍ରୟାସ

(ଅବ୍‌ଦୁଲ୍ ଅଲିମ୍ ଆଫ୍‌ତାବ୍, ନୁରୁଲ୍ ଇସ୍‌ଲାମ୍ ବିଭାଗ, କାଦିଆନ୍)

ଆଜି ଦୁନିଆ ଗୋଟିଏ ଭୟାବହ ପରିସ୍ଥିତି ଦେଇ ଗତି କରୁଛି, ଯେଉଁଠି ସଂଘର୍ଷ, ଅଶାନ୍ତି ଓ ଉପଦ୍ରବଗୁଡିକ ଗୋଟିଏ ବନ୍ୟା ସଦୃଶ ବଢ଼ି ଚାଲିଛି । କିଛି ଦେଶ ଗୁଡିକରେ ନାଗରିକ ମାନେ ନିଜ ମଧ୍ୟରେ ଯୁଦ୍ଧ କରୁଛନ୍ତି ଏବଂ କିଛି ଦେଶ ଗୁଡିକରେ ନାଗରିକ ସରକାରଙ୍କ ସହିତ ବା ସରକାର ନାଗରିକଙ୍କ ବିରୋଧରେ ଯୁଦ୍ଧ କରୁଛି । ସନ୍ତ୍ରାସବାଦ ଗୋଷ୍ଠୀ ନିଜର ହିତ ସାଧନ ନିମନ୍ତେ ଅବବ୍ୟସ୍ଥା ଏବଂ ଅଶାନ୍ତିର ଅଗ୍ନିକୁ ଭଡକାଉଛନ୍ତି । ତତ୍ ସହିତ ନିରୀହ ମହିଳା, ଛୋଟ ପିଲା ଏବଂ ବୁଢ଼ାବୁଢ଼ୀମାନଙ୍କୁ ହତ୍ୟା କରିଚାଲିଛନ୍ତି । କିଛି ଦେଶ ଗୁଡିକରେ ରାଜନୀତି ପାର୍ଟିଗୁଡିକ ଦେଶର ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ପରିବର୍ତେ ନିଜ ହିତ ସାଧନ ନିମନ୍ତେ ଜଣେ ଅନ୍ୟଜଣକ ସହିତ ଲଢୁଛି । କିଛି ଦେଶମାନେ କିଛି ଅନ୍ୟ ଦେଶଗୁଡିକର ପ୍ରାକୃତିକ ସମ୍ପଦା ଗୁଡିକ ଉପରେ ଲୋଲୁପ ଦୃଷ୍ଟି ନିକ୍ଷେପ କରୁଛନ୍ତି । ଦୁନିଆର ବଡ଼ ବଡ଼ ଶକ୍ତି ନିଜର ଉଚ୍ଚ ସ୍ତର ଓ ଆଧିପତ୍ୟକୁ ପ୍ରତିଷ୍ଠା ରଖିବା ନିମନ୍ତେ ନା କେବଳ ପ୍ରବଳ ଚେଷ୍ଟା କରୁଛନ୍ତି ବରଂ ନିଜର ଏହି ଲକ୍ଷ୍ୟ ସାଧନ ନିମନ୍ତେ କୌଣସି ସୁଯୋଗକୁ ହାତଛଡା କରୁନାହାଁନ୍ତି ।

ବିଶ୍ୱର ଆର୍ଥିକ ସଙ୍କଟ ଯୋଗୁ ପ୍ରତ୍ୟେକ ସପ୍ତାହରେ ନୂଆ ନୂଆ ଏବଂ ପୂର୍ବରୁ ବଳି ବିପଦ ସୃଷ୍ଟି ହେଉଛି । ଏହି ଦିନ ଗୁଡିକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବଦିନ ଗୁଡିକ ସହିତ ତୁଳନା କରାଯାଉଛି । ଏବଂ ଏହା ସ୍ୱଷ୍ଟ ରୂପେ ଦୃଷ୍ଟିଗୋଚର ହେଉଛି ଯେ ଏପରି ପରିସ୍ଥିତି ଓ ଘଟଣା ଗୁଡିକ ଏ ଦୁନିଆକୁ ଅସାଧାରଣ ରୂପରେ ଗୋଟିଏ ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଠେଲି ନେଇଯାଉଛି । ଏକଥାକୁ ବହୁତ ଗମ୍ଭୀରତାର ସହିତ ଅନୁଭବ କରାଯାଉଛି ଯେ ବର୍ତମାନ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଅଛି । ଏବଂ ଏପରି ପରିସ୍ଥିତିରେ ଲୋକମାନେ ଏପରି ଜଣେ ବ୍ୟକ୍ତିଙ୍କ ଅପେକ୍ଷାରେ ଅଛନ୍ତି ଯିଏ ସମ୍ମୁଖକୁ ଆସନ୍ତୁ ଓ ଏପରି ଗମ୍ଭୀର ସମସ୍ୟାର ମାର୍ଗଦର୍ଶନ କରନ୍ତୁ, ଯାହା ଭରସାଯୋଗ୍ୟ ହେବ, ଯାହାର କଥା ଗୁଡିକ ହୃଦୟ ଓ ବୁଦ୍ଧି ଦୁଇଟିଯାକ ଉପରେ ଏକା ପ୍ରଭାବ ପକାଉଥିବ ଏବଂ ସେ ଲୋକମାନଙ୍କୁ ଏପରି ଗୋଟିଏ ରାସ୍ତାର ଆଶା ଦେଖାଇବ, ତାହା ହେବା ଶାନ୍ତିର ରାସ୍ତା । ବର୍ତମାନ ଯୁଗରେ ଯଦି ଗୋଟିଏ ପରମାଣୁ ଯୁଦ୍ଧ ହୋଇଯିବ ତେବେ ତାହା ଏତେ ଭୟାବୟ ଧ୍ୱଂସକାରୀ ହେବ ଯେ ଠିକ୍‌ରୂପେ ତାର ଅନୁମାନ ଲଗାଇବା ଅସମ୍ଭବ ।

ଏହିପରି ପରିସ୍ଥିତିରେ ଜଣେ ଶାନ୍ତିର ରାଜଦୂତ ଯିଏ ମାନବ ଜାତି ପାଇଁ ଅତ୍ୟନ୍ତ ସମ୍ବେଦନ ଓ ସହାନୁଭୂତି ନିଜ ଭିତରେ ରଖିଛି ଏହି ଦୁଃଖୀ ମଣିଷଙ୍କୁ ବଂଚାଇବା ନିମନ୍ତେ ଏକାକୀ ସମ୍ମୁଖକୁ ଆସୁଛନ୍ତି, ଯାହାଙ୍କ ଜ୍ୟୋତିର୍ମୟ ଚେହେରାର ଗୋଟିଏ ଦୃଶ୍ୟ କୌଣସି ବ୍ୟକ୍ତିଙ୍କୁ ମଧ୍ୟ ବଶିଭୂତ କରିଦିଏ, ଯାହାଙ୍କର ଶବ୍ଦ ବହୁତ ଧିର କିନ୍ତୁ ହୃଦୟ ଓ ମସ୍ତିଷ୍କ ଉପରେ ଜାଦୁକରୀ ପ୍ରଭାବ ପକାଏ, ଯାହାଙ୍କ ଦୃଷ୍ଟି ବିଜୁଳିର ଜ୍ୟୋତିକୁ ନିଜ ଭିତରେ ରଖିଛି ଏବଂ ଯାହାଙ୍କର ଗୋଟିଏ ମୁରୁକି ହସକୁ ଦେଖିବା ପାଇଁ ଲୋକେ ନିଜର ସବୁକିଛି କୁର୍ବାନ୍ (ତ୍ୟାଗ) କରିଦେବା ପାଇଁ ପ୍ରସ୍ତୁତ ହୋଇଯାଉଛନ୍ତି, ଯାହାଙ୍କ ସାନିଧ ପ୍ରତ୍ୟେକ ପ୍ରକାର ଘନ ଅନ୍ଧାରରୁ ବାହାର କରି ସମ୍ପୂର୍ଣ୍ଣ ଜ୍ୟୋତି ଆଡକୁ ନେଇଆସେ । ମୋ କହିବାର ଅର୍ଥ ହେଉଛି ମସିହ୍ ଆଖିରି ଜମାଁ (ଶେଷ ଯୁଗର ମସିହ୍) ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀଙ୍କ ପଂଚମ ଖଲିଫା ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅଟନ୍ତି । ଯିଏ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିଜର ମୁନୀବ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ଶିକ୍ଷାର ଆଲୋକରେ ଓ ଶେଷ ଯୁଗର ମସିହ୍ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ କାଦିଆନୀଙ୍କ ମାର୍ଗ ଦର୍ଶନରେ ଏପରି ସଂଗଠିତ ଓ ଦୃଢ଼ ପଦକ୍ଷେପ ଉଠାଇଛନ୍ତି ଯାହାର ଦୃଷ୍ଟାନ୍ତ ଏ ଯୁଗରେ ମିଳେନାହିଁ ।

ସେ ଖଲିଫତୁଲ୍ ମସିହିଲ୍ ଖାମିସ୍ ନିର୍ବାଚିତ ହେବା ପରେ ଦୁନିଆରେ ଶାନ୍ତି ସ୍ଥାପନା ବାବଦରେ ଇସ୍‌ଲାମ୍‌ର ବାର୍ତା ପହଂଚାଇବା ପାଇଁ ପ୍ରିଂଟ୍ ମିଡ଼ିଆ ଏବଂ ଡିଜିଟାଲ୍ ଇଲେକ୍‌ଟ୍ରୋନିକ୍‌ସ୍ ମିଡିଆ ଜରିଆରେ ଗୋଟିଏ ଅଭିଯାନ୍ ଆରମ୍ଭ କରିଦେଇଛନ୍ତି । ଆପଣଙ୍କ ମାର୍ଗଦର୍ଶନ ଦ୍ୱାରା ଯମାତ୍ ଅହେମଦୀୟା ମୁସ୍‌ଲିମାର ଚ୍ୟାନେଲ୍ ଗୁଡିକ ଏପରି ଚେଷ୍ଟା ଜାରି ରଖିଛନ୍ତି, ଯଦ୍ୱାର ଇସ୍‌ଲାମ୍‌ର ସତ୍ୟ ଓ ଶାନ୍ତିପୁର୍ଣ୍ଣ ଶିକ୍ଷାର ପ୍ରଚାର ହେଉଅଛି । ଅହେମଦୀ ମୁସଲ୍‌ମାନ୍ ମାନେ ମୁସଲ୍‌ମାନ୍ ଏବଂ ଅଣ ମୁସଲ୍‌ମାନ୍ ଦୁନିଆରେ ଶାନ୍ତିର ବାର୍ତା ସ୍ୱରୂପ ଲକ୍ଷ୍ୟ ଲକ୍ଷ୍ୟ ବରଂ କୋଟି କୋଟି ଇସ୍ତେହାର ବାଂଟିବାରେ ଲାଗି ରହିଛନ୍ତି । ଧର୍ମ ଧର୍ମ ମଧ୍ୟରେ ପ୍ରେମଭାବନା, ଭାତୃଭାବ, ସେହିପରି ଶାନ୍ତିସଭା ଅନୁଷ୍ଠିତ କରୁଛନ୍ତି । ପବିତ୍ର କୋରାନ୍‌ର ପ୍ରଦର୍ଶନୀ ଲଗାଯାଉଛି । ଯଦ୍ୱାରା ପବିତ୍ର କୁରୁଆନ୍‌ର ପବିତ୍ର ବାର୍ତା ସାରା ସଂସାରର ଲୋକମାନଙ୍କୁ ପହଂଚୁ । ଏହି ଅନୁପମ ଚେଷ୍ଟାକୁ ସାରା ସଂସାରର ମିଡ଼ିଆରେ ସ୍ୱୀକୃତି ହାସଲ ହେଉଅଛି । ଏବଂ ଏହା ପ୍ରମାଣିତ ହେଉଅଛି ଯେ ଇସ୍‌ଲାମ୍ ଶାନ୍ତି, ଦେଶପ୍ରେମ ଏବଂ ମାନବସେବାର ଧ୍ୱଜାବାହକ ଅଟେ ।

ଶାନ୍ତି ସ୍ଥାପନା ନିମନ୍ତେ ଆପଣଙ୍କର ଚେଷ୍ଟା ଦୁନିଆର ପ୍ରତ୍ୟେକ ଗୋଷ୍ଠୀର ଲୋକଙ୍କୁ ଅର୍ଥାତ୍ ସାଧାରଣ ଲୋକଙ୍କ ଠାରୁ ନେଇ ଦୁନିଆର ବଡ଼ ବଡ଼ ପଲିସି ମେକର୍, ସିନେଟର୍, ପଲିଟିସିଆନ୍, ଫେଥ୍ ଆଣ୍ଡ ସିଭିକ୍ ଇଂଟେଲେକ୍‌ଚୁଆଲ୍ ଓ ଶାସକ ମାନଙ୍କୁ ଟାର୍ଗେଟ୍ କରାଯାଇଛି । ମୁଁ ଏହି ପ୍ରବନ୍ଧରେ ହଜୁରଙ୍କ ଦ୍ୱାରା କରାଯାଇଥିବା ଚେଷ୍ଟାଗୁଡିକ ମଧ୍ୟରୁ କିଛିଟା କ୍ରମାନୁସାରେ ଆଲୋକପାତ କରିବି ।

**ପାର୍ଲିଆମେଂଟ୍ ଗୁଡିକରେ ଅଭିଭାଷଣ**

ଆପଣ ଦୁନିଆର ଅନେକ ମହଲରେ ଉଦାହରଣ ସ୍ୱରୂପ-

| |
|---|
| The British Parliament House of Commons |
| Military Headquarters Koblenz Germany |
| Capital Hill Washington D.C.USA |
| Europion Parliament Brussels, Belgium |
| New zealand Parliament |
| Canadian Parliament |

ଇତ୍ୟାଦି ଅନେକ ସ୍ଥାନକୁ ଯାଇ ସଂସାରରେ ଶାନ୍ତି ସ୍ଥାପନା ହେବା ନିମନ୍ତେ ଅଭିଭାଷଣ ପ୍ରଦାନ କରିଛନ୍ତି । ମୁଁ ସେମାନଙ୍କ ମଧ୍ୟରୁ କିଛିର ଚର୍ଚ୍ଚା ନମୁନା ରୂପେ କରିବି ।

**ବ୍ରିଟେନ୍‌ର ପାର୍ଲିଆମେଂଟ୍ House of Commons ରେ ଅଭିଭାଷଣ**

ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ୨୦୦୮ ମସିହାରେ ବ୍ରିଟେନ୍‌ର ପାର୍ଲିଆମେଂଟ୍ The House of Commons ଠାରେ "ବିଶ୍ୱର ସଙ୍କଟାପନ୍ନ ପରିସ୍ଥିତି ବାବଦରେ ଇସ୍‌ଲାମୀୟ ଦୃଷ୍ଟିକୋଣ" ବିଷୟରେ ଅଭିଭାଷଣ ପ୍ରଦାନ କଲେ । ଆପଣ ଆ:ସ କହୁଛନ୍ତି:-ବାସ୍ତବିକ ନ୍ୟାୟ ଏହା ଚାହେଁ ଯେ ଲୋକମାନଙ୍କର ଭାବନା ଏବଂ ଧାର୍ମିକ ପ୍ରୟାସର ମଧ୍ୟ ସମ୍ମାନ କରାଯାଉ । ଏହା ସେହି ରାସ୍ତା ଅଟେ ଯାହାକୁ ଗ୍ରହଣ କରି ଲୋକମାନଙ୍କ ମନରେ ଶାନ୍ତି ସ୍ଥାପନା କରାଯାଇପାରିବ । ଆମକୁ ମନେରଖିବା ଉଚିତ୍ ଯେ ଯଦି କୌଣସି ଲୋକର ମନର ଶାନ୍ତି ଉଡିଯାଏ ତା ଦ୍ୱାରା ସମାଜରେ ଶାନ୍ତି ମଧ୍ୟ ପ୍ରଭାବିତ ହୋଇଯାଏ... । କିନ୍ତୁ ଯଦି ଧର୍ମ ନାମରେ କରାଯାଇଥିବା ପ୍ରୟାସ ଅନ୍ୟମାନଙ୍କ ପାଇଁ କ୍ଷତିକାରଣ ସାବ୍ୟସ୍ତ ହେବ ଓ ଦେଶର କାନୁନ୍ ବ୍ୟବସ୍ଥାର ଖିଲାଫ୍ ହେବ ତେବେ ସେହି ଦେଶର କାନୁନ୍ ବ୍ୟବସ୍ଥାକୁ ଲାଗୁ କରୁଥିବା ଲୋକେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ । କାରଣ ଯଦି କାହାର ଧର୍ମରେ ଅତ୍ୟାଚାର ମୂଳକ କାର୍ଯ୍ୟପନ୍ଥା ଅବଲମ୍ବନ କରାଯାଉଥିବ ତେବେ ତାହା କଦାପି କୌଣସି ଏପରି ଶିକ୍ଷାର ଅଂଶିଦାର ହୋଇପାରେନାହିଁ ଯାହାକୁ ଖୁଦାତାଲା କୌଣସି ନବୀଙ୍କୁ ମଧ୍ୟ ଦେଇଥିବେ । ସ୍ଥାନୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଶାନ୍ତି ସ୍ଥାପନ କରିବା ପାଇଁ ଏହା ହେଉଛି ଏକ ମୌଳିକ ନିୟମ ।

କୌଣସି ସମାଜ, ଗୋଷ୍ଠୀ ବା ସରକାର ଯଦି ଆପଣମାନଙ୍କର ଧାର୍ମିକ କର୍ତବ୍ୟ ଗୁଡିକୁ ପାଳନ କରିବା ପାଇଁ ଅବରୋଧ କରନ୍ତି ଏବଂ ଆସନ୍ତାକୁ ପରିସ୍ଥିତି ଆପଣଙ୍କ ସପକ୍ଷରେ ଯାଏ, ତେବେ ଇସ୍‌ଲାମ୍ ଆମକୁ ଏ ଶିକ୍ଷା ଦେଉଛି ଯେ କଦାପି ମଧ୍ୟ ନିଜ ମନରେ ସେମାନଙ୍କ ପାଇଁ କୌଣସି ପ୍ରକାର କପଟତା ବା ଘୃଣାଭାବ ରଖିବ ନାହିଁ । ଆପଣମାନଙ୍କୁ କଦାପି ମଧ୍ୟ ପ୍ରତିଶୋଧ ନେବାର ଧ୍ୟାନ ଆସିବା ଉଚିତ୍ ନୁହେଁ । ବରଂ ଆପଣଙ୍କର ଏହା କର୍ତବ୍ୟ ହେବା ଉଚିତ୍ ଯେ ନ୍ୟାୟର ପ୍ରତିଷ୍ଠ ହେଉ । ପବିତ୍ର କୋରାନ୍ ନିର୍ଦ୍ଦେଶ ଦେଉଛି:- "ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ସଙ୍ଗତ ଭାବରେ ସାକ୍ଷ୍ୟ ପ୍ରଦାନ କରି ଅଲ୍ଲାହ୍‌ଙ୍କ ଉଦ୍ଦେଶ୍ୟରେ ଦୃଢ଼ ରୁହ ଏବଂ କୌଣସି ସମ୍ପ୍ରଦାୟର

ଶତୃତା ତୁମମାନଙ୍କୁ ନ୍ୟାୟଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତ୍ତାଉ। ତୁମେମାନେ ନ୍ୟାୟ କର। ତାହା ଧର୍ମପରାୟଣତାର ଅଧିକ ନିକଟବର୍ତୀ। ଏବଂ ଅଲ୍ଲାଃଙ୍କୁ ଭୟ କର। ତୁମେମାନେ ଯାହା କରୁଅଛ, ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି। (ମାଏଦା:୯)

ପୁଣି ହଜୁର୍ କହୁଛନ୍ତି- ପବିତ୍ର କୋରାନ୍ ସଂସାରରେ ଶାନ୍ତି ସ୍ଥାପନ କରିବା ନିମନ୍ତେ କିଛି ସ୍ୱର୍ଣ୍ଣିମ ନିୟମ ପ୍ରଦାନ କରିଛି। ଏହା ଏକ ପ୍ରମାଣସିଦ୍ଧ ସତ୍ୟକଥା ଅଟେ ଯେ ଲୋଭରୁ ଶତୃତା ବଢ଼ିଥାଏ। କେତେବେଳେ ଏହି ଲୋଭ ଦ୍ୱାରା ପ୍ରାକୃତିକ ସମ୍ପଦ ଉପରେ କବ୍‌ଜା କରିବାକୁ ମନ ବଳାଇଥାଏ ଏବଂ ବେଳେବେଳେ ଏହି ଲୋଭ ନିଜର ବଡ଼ପଣିଆକୁ ଅନ୍ୟଙ୍କ ଉପରେ ଜାହିର୍ କରିବା ପାଇଁ ଦୃଷ୍ଟିଗୋଚର ହୁଏ। ଏହି ଲୋଲୁପ ଦୃଷ୍ଟି ପରିଶେଷରେ ଅତ୍ୟାଚାର ଆଡକୁ ଟାଣିନିଏ, ତାହା ନିଷ୍ଠୁର ପ୍ରଶାସକଙ୍କ ଦ୍ୱାରା ହୋଇଥାଉ ଯିଏ ନିଜ ସ୍ୱାର୍ଥ ହାସଲ ପାଇଁ ଲୋକମାନଙ୍କର ହକ୍‌କୁ ଛଡାଇ ନେଇ ନିଜର ବଡ଼ ପଣିଆକୁ ପ୍ରମାଣିତ କରିବାକୁ ଚାହୁଁଥିବେ ବା ଆକ୍ରମଣକାରୀ ସେନାଙ୍କ ହାତଦ୍ୱାରା ହେଉ। ସେ ଯାହାହେଉ, ଏହିପରି ପରିସ୍ଥିତିରେ ଆଁ ହଜରତ୍ ସ:ଆ:ସ ଆମକୁ ଗୋଟିଏ ସ୍ୱର୍ଣ୍ଣିମ ନିୟମ ଶିଖାଇଛନ୍ତି-ଜାଲିମ (ଅତ୍ୟାଚାରୀ) ଏବଂ ମଜଲୁମ୍ (ଯାହାଙ୍କ ଉପରେ ଅତ୍ୟାଚାର ହେଉଛି), ଏହି ଦୁଇଗୋଷ୍ଠୀଙ୍କୁ ସାହାଯ୍ୟ କର। ସାହାବାମାନେ ପଚାରିଲେ ଯେ ମଜଲୁମ୍‌ଙ୍କୁ ସାହାଯ୍ୟ କରିବା କଥା ତ ଆମେ ବୁଝିପାରିଲୁ, କିନ୍ତୁ ଜାଲିମ୍‌କୁ କିପରି ସାହାଯ୍ୟ କରାଯିବ? ଆପଣ ସ:ଆ:ସ କହିଲେ ତାର ହାତକୁ ରୋକି ଦେବା ଦ୍ୱାରା। କାରଣ ଅନ୍ୟଥା ତାର ଅତ୍ୟାଚାର ବଢ଼ି ଚାଲିବ। ଫଳତଃ ସେ ଖୁଦାଙ୍କ ଦଣ୍ଡରେ ଦଣ୍ଡିତ ହେବ। ତେଣୁ ତା ଉପରେ ଦୟା କରି ତାକୁ ବଂଚାଇବାକୁ ଚେଷ୍ଟା କର। (ସହି ବୁଖାରୀ, କିତାବୁଲ୍ ଇକ୍‌ରାହ୍...)

ଏହା ହେଉଛି ସେହି ପ୍ରିୟ ନିୟମ ଯାହା ସମାଜରେ ଛୋଟରୁ ଛୋଟ ସ୍ତର ଠାରୁ ନେଇ ଆନ୍ତର୍ଜାତିକ ସ୍ତର ପର୍ଯ୍ୟନ୍ତ ଲାଗୁହେବ। ଏ ବିଷୟରେ ପବିତ୍ର କୋରାନ୍ ନିର୍ଦ୍ଦେଶ ଦେଉଛି- ଏବଂ ଯଦି ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଦୁଇଗୋଟି ଗୋଷ୍ଠୀ ପରସ୍ପର ମଧ୍ୟରେ କଳହ କରନ୍ତି, ତେବେ ସେ ଉଭୟଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରାଇଦିଅ। ଏବଂ ଶାନ୍ତି ସ୍ଥାପନ କରେ ଯଦି ସେମାନଙ୍କ ମଧ୍ୟରୁ କେହି ଅନ୍ୟ ଉପରେ ଆକ୍ରମଣ କରେ, ତେବେ ସମସ୍ତେ ଏକତ୍ରିତ ହୋଇ ଆକ୍ରମଣକାରୀ ବିରୁଦ୍ଧରେ ଯୁଦ୍ଧକର, ଯେପରିକି ସେ ଅଲ୍ଲାଃଙ୍କ ଆଦେଶ ପ୍ରତି ଫେରିଆସିବ; ଏହାପରେ ଯଦି ସେ ଅଲ୍ଲାଃଙ୍କ ଆଦେଶ ପ୍ରତି ଫେରିଆସେ, ତେବେ ସେ (କଳହକାରୀ) ମାନଙ୍କ ମଧ୍ୟରେ ନ୍ୟାୟପୂର୍ବକ ଶାନ୍ତି ସ୍ଥାପନ କର, ଏବଂ ନ୍ୟାୟ ବିଚାରକୁ ପ୍ରାଧାନ୍ୟ ଦିଅ; (କାରଣ) ଅଲ୍ଲାଃ ନ୍ୟାୟ ବିଚାରକାରୀକୁ ପସନ୍ଦ କରିଥାନ୍ତି। (ହୁଜୁରାତ୍:୧୦)

ହଜୁର୍ ପୁଣି କହୁଛନ୍ତି ଯଦି ଚ ଏହି ଶିକ୍ଷା ମୁସଲମାନ୍ ନିମନ୍ତେ ଅଛି, କିନ୍ତୁ ଏହି ନିୟମକୁ ଗ୍ରହଣ କରି ବିଶ୍ୱଶାନ୍ତି ସ୍ଥାପନର ମୂଳ ଦୁଆ ରଖାଯାଇପାରିବ। ତେଣୁ ଯଦି ଦୁଇଟି ଦେଶ ମଧ୍ୟରେ ମନୋମାଳିନ୍ୟ ହୋଇ ଯୁଦ୍ଧର ପରିସ୍ଥିତି ସୃଷ୍ଟି ହୋଇଯାଏ ତେବେ ଅନ୍ୟ ଦେଶଗୁଡିକ ମାନଙ୍କୁ ଆବଶ୍ୟକ ଯେ ସେମାନେ ତାଙ୍କୁ ବାର୍ତାଳାପ/ତର୍କ ବିତର୍କ ଓ ରାଜନୈତିକ ସୁସମ୍ପର୍କ ସ୍ଥାପନା ଆଡକୁ ଟାଣି ଆଣିବା ପାଇଁ ଆହ୍ୱାନ କରନ୍ତୁ। ଫଳତଃ ସେମାନେ କଥାବାର୍ତା ଆଧାରରେ ସୁଲାହ୍ (ସୁଧାର) ଆଡକୁ ଆସିପାରିବେ, କିନ୍ତୁ ଯଦି ଗୋଟିଏ ପକ୍ଷ ସୁଲାହ୍‌ର ସର୍ତାବଳୀ ଗୁଡିକୁ ନମାନେ ଏବଂ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରେ ତେବେ ସମସ୍ତ ଦେଶ ଗୁଡିକ ତାକୁ ରୋକିବା ପାଇଁ ଏକତ୍ର ଭାବେ ତା ସହିତ ଯୁଦ୍ଧ କରନ୍ତୁ। ଯେବେ ଆକ୍ରମଣକାରୀ ଦେଶ ହାରିଯାଇ ଆପୋଷ ବୁଝାମଣା କରିବା ପାଇଁ ରାଜି ହୋଇଯାଏ ତେବେ ବାକି ସବୁ ପକ୍ଷ ଏପରି ଗୋଟିଏ ଚୁକ୍ତି କରିବାକୁ ଚେଷ୍ଟା କରନ୍ତୁ ଯାହା ଫଳରେ ସୁଲାହ୍ ହୋଇପାରିବ ଏବଂ ବହୁତ ସମୟ ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ ହୋଇପାରିବ। ଏପରି କଠିନ ଓ ଅନ୍ୟାୟଚିତ ସର୍ତଗୁଡିକୁ ଲାଗୁ କରିବା ଉଚିତ୍ ନୁହେଁ ଯାହା ଗୋଟିଏ ଜାତିର ହାତ ଗୋଡ଼କୁ ବାନ୍ଧି ଦେବା ସହ ସମାନ ହେବ। କାରଣ ଏହି ସବୁ ସର୍ତାବଳୀ ଦ୍ୱାରା ଏପରି ଅଶାନ୍ତି ସୃଷ୍ଟି ହେବ ଯାହା ବଢ଼ି ବଢ଼ି ଚାଲିବ ଏବଂ ପରିଶେଷରେ ଅଧିକ ଫସାଦ୍‌ର କାରଣ ହେବ। ତେଣୁ ଏପରି ପରିସ୍ଥିତିରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସୁଲାହ୍ କରିବା ପାଇଁ ମଧ୍ୟସ୍ଥିର ଦାୟିତ୍ୱ ତୁଲାଇବ ତେବେ ତାକୁ ସମ୍ପୂର୍ଣ୍ଣ ରୂପେ ନିଷ୍ଠାର ସହିତ ଏବଂ ନିଷ୍ପକ୍ଷ ହୋଇ କାର୍ଯ୍ୟ କରିବା ଉଚିତ୍। ଯଦି କୌଣସି ଦଳ ତା ବିରୁଦ୍ଧରେ କିଛି କହେ ତେବେ ମଧ୍ୟ ଏହି ନିଷ୍ପକ୍ଷତା କାଏମ୍ ରହିବା ଉଚିତ୍। ସୁତରାଂ ଏହିଭଳି ପରିସ୍ଥିତିରେ ମଧ୍ୟସ୍ଥିକୁ କୌଣସି ପ୍ରକାରର କ୍ଷୋଭ ପ୍ରକାଶ ବା କୌଣସି ପ୍ରକାର ପ୍ରତିଶୋଧ ନେବା ଉଚିତ୍ ନୁହେଁ ଏବଂ କୌଣସି ପ୍ରକାରର ଅନ୍ୟାୟ କରିବା ଉଚିତ୍ ହେବନାହିଁ। ପ୍ରତ୍ୟେକ ଗୋଷ୍ଠୀକୁ ସେମାନଙ୍କର ଉଚିତ୍ ଅଧିକାର ମିଳିବା ଉଚିତ୍।

**କ୍ୟାପିଟାଲ୍ ହିଲ୍ ୱାଶିଂଟନ୍ ଡି.ସି ଆମେରିକା ରେ ଅଭିଭାଷଣ**

୨୭ ଜୁନ୍ ୨୦୧୨ ମସିହାରେ କ୍ୟାପିଟାଲ୍ ହିଲ୍ ୱାଶିଂଟନ୍ ଡି.ସି ଠାରେ ଗୋଟିଏ ଐତିହାସିକ ଘଟଣା ଘଟିଥିଲା, ଯେଉଁଠି ଇମାମ୍ ଯମାତ୍ ଅହେମଦୀୟା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ କଂଗ୍ରେସ୍ ଓ ସିନେଟ୍‌ର ମୁଖ୍ୟ କାର୍ଯ୍ୟକର୍ତା ଓ ପ୍ରତିନିଧି, ରାଜଦୂତ, ହ୍ୱାଇଟ୍ ହାଉସ୍ ଓ ଷ୍ଟେଟ୍ ଡିପାର୍ଟମେଂଟ୍‌ର ଷ୍ଟାଫ୍, ଅଣ ସରକାରୀ ଅନୁଷ୍ଠାନ ଗୁଡିକର ମାର୍ଗ ଦର୍ଶକ, ଧାର୍ମିକ ନେତାଗଣ, ଶିକ୍ଷକଗଣ, ଓକିଲଗଣ, ଥିଙ୍କ୍ ଟେଂକ୍‌ସ୍ ଏବଂ ପେଂଟାଗନ୍‌ର ପ୍ରତିନିଧି ମଣ୍ଡଳୀ ଓ ମିଡିଆର ସଦସ୍ୟମାନଙ୍କୁ ନ୍ୟାୟର ମାର୍ଗ ବିଷୟରେ ସମ୍ବୋଧନ କଲେ।

ହଜୁର୍ କହୁଛନ୍ତି ପ୍ରକୃତ କଥା ହେଉଛି ଏହା ଯେ ଶାନ୍ତି ଓ ନ୍ୟାୟକୁ ଅଲଗା ଅଲଗା କରାଯିବା ଉଚିତ୍ ନୁହେଁ। ଏହି ଦୁଇଟି ହେଉଛି ପରିପୂରକ। ଏହା ସେହି ନିୟମ ଯାହାକୁ ଦୁନିଆର ପ୍ରତ୍ୟେକ ବୁଦ୍ଧିଜିବୀ ହୃଦୟଙ୍ଗମ କରୁଛନ୍ତି। ଖଳଲୋକଙ୍କ ବ୍ୟତୀତ ବାସ୍ତବରେ କୌଣସି ଲୋକ ଏହା କହିପାରିବ ନାହିଁ ଯେ କୌଣସି ସମାଜ, ଦେଶ ବା ଦୁନିଆରେ ନ୍ୟାୟ ପ୍ରତିଷ୍ଠା ହେବା ସତ୍ତ୍ୱେ ଫସାଦ ହୋଇପାରେ। କିନ୍ତୁ ବର୍ତମାନ ଦୁନିଆର ବହୁତ ଭାଗରେ ଅଶାନ୍ତି ଓ ଫସାଦ ଦୃଷ୍ଟିଗୋଚର ହେଉଅଛି।

ପୁଣି ସେ କହୁଛନ୍ତି-ପ୍ରଥମ ବିଶ୍ୱଯୁଦ୍ଧର ପରିସମାପ୍ତି ପରେ କିଛି ଦେଶ ନେତାମାନଙ୍କର ଏ କଥା ଭାବୁଥିଲେ ଯେ ଯେ ଭବିଷ୍ୟତରେ ଉତମ ଓ ଶାନ୍ତିପୂର୍ଣ୍ଣ ଆନ୍ତର୍ଜାତିକ ସମ୍ପର୍କ ସ୍ଥାପନ ହୋଇପାରିବ। ତେଣୁ ବିଶ୍ୱଶାନ୍ତି ସ୍ଥାପନ ପାଇଁ ଚେଷ୍ଟା କରି ସେମାନେ ଲିଗ୍ ଅଫ୍ ନେସନ୍‌ସ ପ୍ରତିଷ୍ଠା କଲେ। ଏହାର ମୂଳ ଉଦ୍ଦେଶ୍ୟ ଥିଲା ବିଶ୍ୱରେ ଶାନ୍ତି ସ୍ଥାପନ କରିବା ଏବଂ ଆସନ୍ତାକୁ ଯୁଦ୍ଧରୁ ନିବୃତ ରଖିବା। ଦୁର୍ଭାଗ୍ୟ ବଶତଃ ଏହି ଲିଗ୍‌ର ନିୟମ ଓ ଏହାର ପ୍ରସ୍ତାବ ଗୁଡିକରେ ଦୋଷତୃଟି ରହିଯାଇଥିଲା। ତେଣୁ ସେମାନେ ପ୍ରତ୍ୟେକ ଦେଶର ଅଧିକାରକୁ ସମାନ୍ତରାଳ ଭାବେ ସୁରକ୍ଷା ଦେଇପାରିଲେ ନାହିଁ। ଏହି ଅସମାନତାର ଏ ଫଳ ହେଲା ଯେ ଲିଗ୍ ବହୁତ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରିଲା ନାହିଁ। ଏବଂ ତାର ପ୍ରୟାସ ବୃଥା ହେଲା। ଏବଂ ଏହାର ପ୍ରତ୍ୟକ୍ଷ ପ୍ରଭାବ ଦ୍ୱାରା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ଭବ ହେଲା।

ଏହାପରେ ଯେପରି ଧ୍ୱଂସ ଓ ଅନିଷ୍ଟ ହେଲା ଆମେ ସେ ବିଷୟରେ ସମସ୍ତେ ଜାଣିଛେ। ସେଥିଯୋଗୁ ସାତକୋଟି ପଚାଶ ଲକ୍ଷ ଲୋକ ଜୀବନ ହାରିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ନିରୀହ ନାଗରିକ ଥିଲେ। ଏହି ଯୁଦ୍ଧ ଦୁନିଆର ଆଖି ଖୋଲିଦେବା ପାଇଁ ଯଥେଷ୍ଟ ହେବା କଥା। ଏପରି ପଲିସି ତିଆରି କରାଯିବାର ଥିଲା, ଯାହା ମାଧ୍ୟମରେ ନ୍ୟାୟର ସହିତ ପ୍ରତ୍ୟେକ ପକ୍ଷକୁ ସେମାନଙ୍କର ପ୍ରକୃତ ଅଧିକାର ମିଳିବା ଉଚିତ୍ ଥିଲା। ଫଳତ ଅନୁଷ୍ଠାନଟି ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରମାଣିତ ହୋଇପାରିଥାଆନ୍ତା।..... ବର୍ତମାନ ଆମେ ଶକ୍ତିଶାଳୀ ଓ ଦୁର୍ବଳ ଦେଶଗୁଡିକ ମଧ୍ୟରେ ବ୍ୟବଧାନ ଓ ଫରକକୁ ଦେଖିପାରୁଛୁ। ଉଦାହାଣ ସ୍ୱରୂପ ଆମକୁ ଏହା ଦେଖିବାକୁ ମିଳୁଛି ଯେ କିଛି ଦେଶ ଗୁଡିକ ମଧ୍ୟରେ ଏକ ପ୍ରକାର ପ୍ରଭେଦ ମିଳୁଅଛି। ତେଣୁ ସିକ୍ୟୁରିଟି କାଉନ୍‌ସିଲ୍‌ରେ କିଛି ସ୍ଥାୟୀ ସଦସ୍ୟ ଅଛନ୍ତି ଓ କିଛି ଅସ୍ଥାୟୀ ସଦସ୍ୟ ମଧ୍ୟ ଅଛନ୍ତି। ଏହି ପ୍ରକାର ପ୍ରଭେଦ ଓ ବିଭାଜନ ଦ୍ୱାରା ଏକ ପ୍ରକାର ଆଭ୍ୟନ୍ତରୀଣ ଅଶାନ୍ତି ସୃଷ୍ଟି କରିବାର ମାଧ୍ୟମ ହେଉଛି। ଏପରି ରିପୋର୍ଟ ଦ୍ୱାରା ଜଣାପଡୁଛି ଯେ କିଛି ଦେଶ ଏହିପରି ଅସମାନତା ଯୋଗୁ ବିରୋଧ ପ୍ରକାଶ କରୁଛନ୍ତି।

ହଜୁର୍ ପୁଣି କହୁଛନ୍ତି- ଇସ୍‌ଲାମ୍ ପ୍ରତ୍ୟେକ ମାମଲାରେ ସମ୍ପୂର୍ଣ୍ଣ ନ୍ୟାୟ ଓ ସମାନତାର ଶିକ୍ଷା ଦେଇଥାଏ। ସୁତରାଂ ସୁରା ମାଏଦାର ଆୟତ ନଂ-୩ ରେ ଆମକୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମାର୍ଗଦର୍ଶନ କାରୀ ନିୟମ ମିଳୁଛି। ନ୍ୟାୟର ସର୍ତକୁ ପୁରା କରିବା ପାଇଁ ହେଲେ ଏହା ଜରୁରୀ ହେବ ଯେ ସେମାନଙ୍କ ସହିତ ମଧ୍ୟ ନ୍ୟାୟ ଓ ଉଚିତ୍ ବ୍ୟବହାର କରାଯାଉ ଯେଉଁମାନେ ତୁମ ସହିତ ଶତୃତା କରୁଛନ୍ତି ଓ ତୁମକୁ ଦୁଆ କରି ସୀମା ପାର୍ କରିସାରିଛନ୍ତି।

ଗୋଟିଏ ପ୍ରଶ୍ନ ସ୍ୱତଃପ୍ରୂତ ଭାବେ ସୃଷ୍ଟି ହେଉଛି ଯେ ଇସ୍‌ଲାମ୍ ଯେଉଁ ନ୍ୟାୟର ଅପେକ୍ଷା କରୁଛି ଏହାର ସ୍ତର କଣ ହେବ। ଏ ବିଷୟରେ ସୁରା ନିସା ଆୟତ ନଂ-୧୩୬ ରେ ଅଲ୍ଲାଃତାଲା କହୁଛନ୍ତି- ଯଦିଚ ଏହା ତୁମମାନଙ୍କ ନିଜ ବିରୁଦ୍ଧରେ ବା ତୁମମାନଙ୍କ ପିତାମାତ ଓ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ସାକ୍ଷୀ ଦେବାକୁ ପଡ଼ିଥାଏ ତେବେ ମଧ୍ୟ ତୁମକୁ ନ୍ୟାୟ

ବିଷୟରେ ସମ୍ପୂର୍ଣ୍ଣ ଭାବେ ସୁଦୃଢ଼ ରହି ସତ୍ୟକୁ କାଏମ୍ ରଖିବା ପାଇଁ ସାକ୍ଷ ପ୍ରଦାନକାରୀ ହୋଇଯାଅ । (ଅଭିଭାଷଣ, ହଜୁର୍ ଅନୁଓ୍ୱର୍ "ବିଶ୍ୱସଙ୍କଟ ଏବଂ ଶାନ୍ତିର ମାର୍ଗ")

### ହଲାଣ୍ଡ୍ର ପାର୍ଲିଆମେଂଟ୍‌ରେ ଅଭିଭାଷଣ

ହଜୁର୍ କହୁଛନ୍ତି- "ପବିତ୍ର କୁରୁଆନ୍‌ର ସୁରା ନହଲ୍‌ର ଆୟତ ନଂ-୧୨୭ ରେ ଇସ୍‌ଲାମୀୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ଯଦି କେବେ ତାଙ୍କ ଉପରେ ଆକ୍ରମଣ ହୁଏ ତେବେ ସେମାନେ କେବଳ ପ୍ରତିରକ୍ଷା ମୂଳକ ଏହି ଆକ୍ରମଣର ଉତର ଦେବେ । ତେଣୁ ପବିତ୍ର କୋରାନ୍‌ର ଶିକ୍ଷାଗୁଡିକ ବହୁତ ସ୍ପଷ୍ଟ ଯେ ଦଣ୍ଡ ପ୍ରକୃତ ଅପରାଧ ମୁତାବକ ମିଳିବା ଉଚିତ୍ । ଏହାଠାରୁ ଅଧିକ ନୁହେଁ । ସୁରା ଅନ୍‌ଫାଲ୍‌ର ଆୟତ ନଂ-୬୨ ରେ ଅଲ୍ଲାଃତାଲା କହୁଛନ୍ତି- ଯଦି ତୁମର ଶତୃ ଖରାପ ଉଦ୍ଦେଶ୍ୟ ରଖି ତୁମ ଉପରେ ଆକ୍ରମଣ କରିବାକୁ ମନ ବଳାଇଥାଏ କିନ୍ତୁ ପୁଣି ପରେ ସନ୍ଧି ସ୍ଥାପନ ପାଇଁ ଓ ସୁଲାହ୍ କରିବା ପାଇଁ ଆଗ୍ରହୀ ହୁଏ ତେବେ ତୁମେ ଯଥାଶିଘ୍ର ତାର ପ୍ରସ୍ତାବକୁ ଗ୍ରହଣ କରି ଶାନ୍ତିର ମାର୍ଗ ଆଡକୁ ଅଗ୍ରସର ହୁଅ । ଏବଂ ଏହା ଭାବନାହିଁ ଯେ ସେମାନଙ୍କର ପୂର୍ବରୁ କଣ ଉଦ୍ଦେଶ୍ୟ ଥିଲା ।

ପବିତ୍ର କୋରାନ୍‌ର ଏହି ଶିକ୍ଷା ଆନ୍ତର୍ଜାତିୟ ଶାନ୍ତି ସ୍ଥାପନ ନିମନ୍ତେ ଏକ ସ୍ୱର୍ଣ୍ଣିମ ନିୟମ ଅଟେ । ବର୍ତମାନ ଦୁନିଆରେ ବହୁତ ଏପରି ଉଦାହରଣ ଅଛି ଯେଉଁଠାରେ କିଛି ଦେଶଗୁଡିକ କେବଳ ଭ୍ରମ ଅନୁମାନ ଭିତିରେ ଅନ୍ୟ କୌଣସି ଦେଶ ଗୁଡିକ ଉପରେ ଆକ୍ରମଣ କରିବାର ପନ୍ଥା ଅବଲମ୍ବନ କରିଛି । ଏପରି ଜଣାପଡୁଛି ଯେ ଯେପରି ସେମାନେ ଏହି ନିୟମ ଉପରେ କାର୍ଯ୍ୟ କରୁଛନ୍ତି କି It is better to destroy them, before they destroy us ଅର୍ଥାତ୍-ଶତୃମାନେ ଆକ୍ରମଣ କରିବା ପୂର୍ବରେ ତାଙ୍କ ଉପରେ ଆକ୍ରମଣ କରିଦିଅ । ଇସ୍‌ଲାମ୍‌ର ତ ଶିକ୍ଷା ଏହା ଯେ ଶାନ୍ତିସ୍ଥାପନା ନିମନ୍ତେ କୌଣସି ମଧ୍ୟ ଅବସରକୁ ହାତଛଡ଼ା କରାନଯାଉ । ପବିତ୍ର କୋରାନ୍‌ର ସୁରା ମାଏଦାର ଆୟତ ନଂ-୯ ରେ ଅଲ୍ଲାଃତାଲା କହୁଛନ୍ତି- କୌଣସି ସମ୍ପ୍ରଦାୟର ଶତୃତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତାଉ । ଇସ୍‌ଲାମ୍ ଶିଖାଉଛି ଯେ ପରିସ୍ଥିତି କେତେ ଜଟିଳ ହେଉ ନା କାହିଁକି ନ୍ୟାୟ ଓ ସମାନତାକୁ ଛାଡ଼ିବା ଉଚିତ୍ ନୁହେଁ । ତେଣୁ ଯୁଦ୍ଧ ସମୟରେ ମଧ୍ୟ ନ୍ୟାୟ ପ୍ରତିଷ୍ଠା କରିବା ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଅଟେ ଏବଂ ଯୁଦ୍ଧ ପରେ ବିଜୟୀ ଦଳଙ୍କ ନିମନ୍ତେ ଏହା ଅନିର୍ବାର୍ଯ୍ୟ ଅଟେ ଯେ ସେମାନେ ନ୍ୟାୟର ସହିତ କାମ ନିଅନ୍ତୁ ଏବଂ କେବେ ମଧ୍ୟ କାହା ଉପରେ ଅତ୍ୟାଚାର ନକରନ୍ତୁ । କିନ୍ତୁ ଆଜି ଦୁନିଆରେ ଏପରି ଉଦାର ମନୋଭାବ ଦେଖିବାକୁ ମିଳୁନାହିଁ । ବରଂ ଯୁଦ୍ଧର ପରିସମାପ୍ତି ପରେ ବିଜୟୀ ଦେଶଗୁଡିକ ଏପରି ପ୍ରତିବନ୍ଧ ଓ ପ୍ରତିରୋଧ ଲଗାଇ ଦେଉଛନ୍ତି ଯେ ଯାହା ଫଳରେ ହାରିଯାଇଥିବା ଦେଶର ଉନ୍ନତିର ଆଶାକୁ ସୀମାବଦ୍ଧ କରି ତାର ସ୍ୱାଧିନତା ଓ ବିବେକକୁ ବାନ୍ଧି ରଖୁଛନ୍ତି । ଏପରି କାର୍ଯ୍ୟଶୈଳୀ ଆନ୍ତର୍ଜାତୀୟ ସମ୍ପର୍କକୁ ବିଗାଡ଼ି ଦେଇଥାଏ । ଫଳତ ଅଶାନ୍ତି ଓ ବିଯୁକ୍ତାତ୍ମକ ପ୍ରଭାବ ପଡ଼ିଥାଏ । ଯେ ପର୍ଯ୍ୟନ୍ତ ସମାଜର ପ୍ରତ୍ୟେକ ସ୍ତରରେ ନ୍ୟାୟ ପ୍ରତିଷ୍ଠା ନହୋଇଛି ସେ ପର୍ଯ୍ୟନ୍ତ ସମାଜରେ ଶାନ୍ତି ତିଷ୍ଠିପାରିବ ନାହିଁ ।

### Peace Symposiums ର ପ୍ରତିଷ୍ଠା

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ତରଫରୁ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଯେଉଁ ପ୍ରୟାସ କରାଯାଇଛି ତାର ମଧ୍ୟରୁ ଗୋଟିଏ ହେଉଛି Peace Symposiums ର ପ୍ରତିଷ୍ଠା କରିବା, ଯାହାର ଶୁଭାରମ୍ଭ ହଜୁର୍ ୨୦୦୪ ମସିହାରେ କରିଛନ୍ତି । ଏହିପରି Peace Symposiums ନା କେବଳ ବ୍ରିଟେନ୍, ହିନ୍ଦୁସ୍ତାନ୍‌ରେ ଅନୁଷ୍ଠିତ କରାଯାଇଛି ବରଂ ଦୁନିଆର ପ୍ରତ୍ୟେକ ଭାଗରେ ପ୍ରତିଷ୍ଠା କରାଯାଉଛି । ଏହି କନ୍‌ଫରେନ୍‌ସ ରେ ଶାନ୍ତି ଓ ଭାଇଚାରାର ଭାବନାକୁ ବୃଦ୍ଧି କରିବା ନିମନ୍ତେ ପ୍ରତ୍ୟେକ ବର୍ଗର ବୁଦ୍ଧିଜୀବି ମାନେ ସାମିଲ୍ ହେଉଛନ୍ତି । ସେମାନଙ୍କ ମଧ୍ୟରୁ କେତେକଙ୍କ ଉଦାହରଣ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଅଛି:-

(୧)ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ୨୪ ମାର୍ଚ୍ଚ ୨୦୧୨ ମସିହାରେ ନବମ ବାର୍ଷୀକ ଶାନ୍ତି କନ୍‌ଫରେନ୍‌ସ ବଇତୁଲ୍ ଫତୁହ୍ ମର୍ଡନ୍ ଠାରେ ଆଣବିକ ଯୁଦ୍ଧ ଏବଂ ତାର ଭୟାବହ ଫଳ ଓ ସମ୍ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା ବିଷୟରେ ଗୋଟିଏ ଅଭିଭାଷଣ ପ୍ରଦାନ କରି କହୁଛନ୍ତି:-

"ମୋର ମନେ ଅଛି କିଛି ବର୍ଷ ପୂର୍ବେ ଏହି ହଲ୍‌ରେ ଆମର ଗୋଟିଏ ଶାନ୍ତି କନ୍‌ଫରେନ୍‌ସ୍ ଚାଲିଥିବା ସମୟରେ ମୁଁ ଏକ ଭାଷଣ ଦୁନିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ଉପାୟ ଏବଂ ଏହାର ସାଧନ ବିଷୟରେ ବ୍ୟାପକ ରୂପେ ଆଲୋକପାତ କରିଥିଲି । ଏବଂ ମୁଁ ଏହା ମଧ୍ୟ ଚର୍ଚ୍ଚା କରିଥିଲି ଯେ ଜାତିସଂଘକୁ କିପରି କାମ କରିବା ଉଚିତ୍ । ପରେ ଆମର ବହୁତ ସମ୍ମାନୀୟ ବନ୍ଧୁ ଲର୍ଡ ୟର୍କ୍ ଅୟୋବରି କହିଲେ ଯେ ଏହି ଅଭିଭାଷଣଟିକୁ ଜାତିସଂଘକୁ ଶୁଣିବାର ଥିଲା । ଏହା ତାଙ୍କର ବିଶାଳ ହୃଦୟକୁ ପ୍ରଦର୍ଶନ କରୁଥିଲା ଯେ ସେ ବହୁତ ସାହସ ଓ ପ୍ରେମର ସହିତ ଏ କଥାକୁ ପ୍ରକାଶ କଲେ । ସେ ଯାହା ହେଉ ମୁଁ ଏହା କହିବାକୁ ଚାହୁଁଛି ଯେ କେବଳ ବକ୍ତବ୍ୟ ଓ ଭାଷଣ ପ୍ରଦାନ କରିବା ଓ ଏହାକୁ ଶୁଣିନେବା ଯଥେଷ୍ଟ ନୁହେଁ । ଏବଂ ଏହାଦ୍ୱାରା କଦାପି ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ । ଏହି ଗୁରୁତ୍ୱପୁର୍ଣ୍ଣ ଲକ୍ଷ୍ୟକୁ ହାସଲ କରିବା ପାଇଁ ମୂଳ ସର୍ତ ହେଉଛି ପ୍ରତ୍ୟେକ ମାମଲାରେ ସମ୍ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା । ପବିତ୍ର କୋରାନ୍‌ର ସୁରା ନଂ-୪ ଓ ଆୟତ ନଂ-୧୩୬ ରେ ଆମକୁ ଏ ବିଷୟରେ ଗୋଟିଏ ସ୍ୱର୍ଣ୍ଣିମ ନିୟମର ଶିକ୍ଷା ଦିଆଯାଇଛି । ଏଥିରେ କୁହାଯାଇଛି ଯେ ନ୍ୟାୟର ସମସ୍ତ ସର୍ତକୁ ପୁରା କରିବା ଉଚିତ୍ । ଯଦିଚ ଏହା ତୁମ ମାନଙ୍କ ନିଜ ବିରୁଦ୍ଧରେ, ତୁମ ମାନଙ୍କ ପିତା ମାତା ବା ବନ୍ଧୁବାନ୍ଧବ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ହୋଇଥାଉ । ଏହା ବାସ୍ତବିକ ନ୍ୟାୟ ଅଟେ ଯେଉଁଥିରେ ଲୋକହିତ ପାଇଁ ନିଜର ସ୍ୱାର୍ଥକୁ ତ୍ୟାଗ କରିଦିଆଯାଏ ।

ଯଦି ଆମେ ଏହି ନିୟମକୁ ସମ୍ପୂର୍ଣ୍ଣ ରୂପେ ଅନୁଧ୍ୟାନ କରିବା ତେବେ ଆମକୁ ଏହା ଅନୁଭବ ହେବ ଯେ ଅନ୍ୟାୟ ଉପାୟରେ ଯୋଜନା ଗୁଡିକୁ ମନାଇବା ପାଇଁ ଯେଉଁ ଶୈଳୀ ଅଛି, ଅର୍ଥାତ୍ ଧନଦ୍ୱାରା ଓ ପ୍ରଭାବଶାଳୀ ଶକ୍ତିଦ୍ୱାରା ଯାହା ଗ୍ରହଣ କରାଯାଉଛି ସେଗୁଡିକୁ ତ୍ୟାଗ କରିଦେବା ଉଚିତ୍ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଦେଶର ପ୍ରତିନିଧି ଓ ରାଜଦୂତମାନଙ୍କୁ ସହୃଦୟତାର ସହିତ ନ୍ୟାୟ ଓ ସମାନତାର ନିୟମ ଗୁଡିକର ସମର୍ଥନ କରି ଆଗକୁ ଆସିବା ଉଚିତ୍ । ଆମକୁ ସବୁ ପ୍ରକାରର ବିଦ୍ୱେଷଭାବ ଓ ବିଭେଦଭାବକୁ ତ୍ୟାଗ କରିବାକୁ ହେବ । କାରଣ ଶାନ୍ତିପ୍ରତିଷ୍ଠା ପାଇଁ ଏହା ହିଁ ଏକ ମାର୍ଗ ଅଟେ । ଯଦି ଆମେ ଜାତିସଂଘର ଜେନେରାଲ୍ ଆସେମ୍ବ୍ଲି ବା ସୁରକ୍ଷା ସମିତିର ଅନୁଧ୍ୟାନ କରିବା ତେବେ ଆମକୁ ଏହା ଦେଖିବାକୁ ମିଳିବ ଯେ ସେଠାରେ ହେଉଥିବା ବକ୍ତବ୍ୟ ଓ ଜାରି କରାଯାଉଥିବା ନିର୍ଦ୍ଦେଶ ଗୁଡିକର ବହୁତ ପ୍ରଶଂସା କରାଯାଉଛି । କିନ୍ତୁ ଏହା ନିଷ୍ଫଳ ଅଟେ । କାରଣ ଅସଲ ନିଷ୍ପତି ତ ପ୍ରଥମରୁ ହୋଇସାରିଥାଏ, ତେଣୁ ଯେଉଁଠାରେ ବଡ଼ ବଡ଼ ଶକ୍ତିଗୁଡିକର ପ୍ରଭାବ ଅନ୍ତର୍ଗତ ବାସ୍ତବିକ ନ୍ୟାୟର ସର୍ତ ଖିଲାଫ୍ କାର୍ଯ୍ୟ ହୁଏ ତେବେ ଏପରି ବକ୍ତବ୍ୟ ଓ ଭାଷଣଗୁଡିକ ଫମ୍ପା ଓ ନିରର୍ଥକ ହୋଇଥାଏ । ଯାହା କେବଳ ଧୋକା ଦେବାପାଇଁ କାମ ଦିଏ ।

ତେଣୁ ଯଦି ବଡ଼ ବଡ଼ ଶକ୍ତି (ଦେଶ) ଗୁଡିକ ନ୍ୟାୟ ଉପାୟରେ କାର୍ଯ୍ୟ କରୁନାହାନ୍ତି ଏବଂ ଛୋଟ ଛୋଟ ଦେଶଗୁଡିକର ଆତ୍ମହୀନତାକୁ ନିଃଶେଷ ନକରନ୍ତୁ ଓ ପ୍ରକୃତ କାର୍ଯ୍ୟପନ୍ଥା ଗୁଡିକୁ ନ ଆପଣାନ୍ତି ତେବେ ପରିସ୍ଥିତି ଶେଷରେ ନିୟନ୍ତ୍ରଣରୁ ବାହାରକୁ ଚାଲିଯିବ । ଫଳରେ ଯେଉଁ ବିଧ୍ୱଂସତା ଓ ବିନିଷ୍ଟ ହେବ ତାହା ଆମ ଭାବନାଠାରୁ ବଳିକରି ହେବ ବରଂ ଦୁନିଆର ଅଧିକାଂଶ ଲୋକେ ଯେଉଁମାନେ ଶାନ୍ତି ଚାହୁଁଛନ୍ତି ସେମାନେ ମଧ୍ୟ ଏହି ବିଧ୍ୱଂଶତାର ଶିକାର ହୋଇଯିବେ । ତେଣୁ ମୋର ଆନ୍ତରିକ ଇଛା ଓ ଅଭିଳାଷା ହେଉଛି ବଡ଼ ବଡ଼ ଦେଶମାନଙ୍କର ନେତାମାନେ ଏହି ଭୟଙ୍କର ବାସ୍ତବିକତାକୁ ବୁଝନ୍ତୁ ଏବଂ ଆକ୍ରମଣ କରିବାର ପନ୍ଥା ଓ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ବଳ ପ୍ରୟୋଗ କରିବା ପରିବର୍ତେ ଏପରି ସୁକାର୍ଯ୍ୟ ପନ୍ଥା ଗ୍ରହଣ କରିବା ପାଇଁ ଚେଷ୍ଟା କରନ୍ତୁ ଯାହା ଜରିଆରେ ନ୍ୟାୟ ପ୍ରତିଷ୍ଠା କରାଯାଇପାରିବ ।

(୨)ସେହିପରି ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ୧୪ ମାର୍ଚ୍ଚ ୨୦୧୫ ମସିହାରେ ଦ୍ୱାଦଶ ବାର୍ଷୀକ ଶାନ୍ତି କନ୍‌ଫରେନ୍‌ସ ବଇତୁଲ୍ ଫତୁହ୍ ମର୍ଡନ୍ ବ୍ରିଟେନ୍ ଠାରେ 'ଶାନ୍ତି ପ୍ରତିଷ୍ଠା ନିମନ୍ତେ ସ୍ୱର୍ଣ୍ଣିମ ନିୟମାବଳୀ' ବିଷୟରେ ଗୋଟିଏ ଅଭିଭାଷଣ ପ୍ରଦାନ କରି କହୁଛନ୍ତି:-

"ଏହା ବହୁତ ସ୍ପଷ୍ଟ ଯେ ଯଦି କିଏ କେଉଁଠାରେ ନିଜ ଘୃଣ୍ୟ ଅତ୍ୟାଚାର ଓ ଅନ୍ୟାୟର ପ୍ରୋତ୍ସାହନକୁ ଇସ୍‌ଲାମ୍ ନାମରେ କରିବା ପାଇଁ ଚେଷ୍ଟା କରେ ତେବେ ତାର ନିଶ୍ଚିତ ରୂପେ ନିନ୍ଦା କରାଯିବା ଉଚିତ୍ । ଏବଂ ଏହା ମଧ୍ୟ ବିଲ୍‌କୁଲ୍ ସତ୍ୟ ଯେ ଏପରି ଅତ୍ୟାଚାର ଓ ଅନ୍ୟାୟ ଅନିତୀ ଇସ୍‌ଲାମର ବାସ୍ତବିକ ଶାନ୍ତିପ୍ରିୟ ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ ।

ହଜୁର୍ ପୁଣି କହିଲେ ଯେ ଯେପରି ମୁଁ ପୂର୍ବରୁ ମଧ୍ୟ କହିଥିଲି କି ମୁଁ ଏହା ମାନିବାକୁ ପ୍ରସ୍ତୁତ ନୁହେଁ ଯେ ବର୍ତମାନ ପରିସ୍ଥିତିରେ ପଲିସି ମେକର୍‌ସ୍ Policy Makers ଏବଂ ସରକାରଙ୍କ ତରଫରୁ ସନ୍ତ୍ରାସବାଦକୁ ଶେଷ କରିବା ପାଇଁ କୌଣସି ପ୍ରକାର ପ୍ରଭାବଶାଳୀ ପଦକ୍ଷେପ ନିଆଯାଇଛି ।

ମୋ ମତରେ ଏହା ବହୁତ ଭଲ ଓ ପ୍ରଭାବଶାଳୀ ହେବ ଯେ ବଡ଼ ବଡ଼ ଦେଶଗୁଡିକ ସ୍ଥାନୀୟ ସରକାରଗୁଡିକୁ ସାହାଯ୍ୟ କରନ୍ତୁ । ସରକାର ସ୍ଥାନୀୟ ବିଦ୍ରୋହୀମାନଙ୍କୁ ଫୌଜି ଟ୍ରେନିଂ ଓ ଅସ୍ତ୍ରଶସ୍ତ୍ର ଦେବା ପରିବର୍ତେ ସେମାନଙ୍କୁ ନିଜ ଭରଷାରେ ନେଇ ଏବଂ ଜଣେ ଅନ୍ୟଜଣକ ସହିତ ଭରଷା ଦେବାର ବିଶ୍ୱାସକୁ ସୁଦୃଢ଼ କରି ଏବଂ ପରସ୍ପର ମଧ୍ୟରେ ସାହାଯ୍ୟ କରିବାର ବିଶ୍ୱାସ ଜନ୍ମାଇ ଗୋଟିଏ ଗ୍ରହଣୀୟ କାର୍ଯ୍ୟପନ୍ଥା ଅବଲମ୍ବନ କରି କଠୋରପନ୍ଥୀ ଚିନ୍ତାଧାରାର ପ୍ରସାରକୁ ରୋକିବା ପାଇଁ ଚେଷ୍ଟା କରିବା ଉଚିତ୍ । ଏହି କାର୍ଯ୍ୟପନ୍ଥା ତା ଠାରୁ ବହୁତ ପ୍ରଭାବଶାଳୀ ହେବ ।....

ଏହା ପୂର୍ବରୁ କିଛି ବର୍ଷ ପୂର୍ବେ କିଛି ବଡ଼ ବଡ଼ ଦେଶଗୁଡିକ ଶିରିୟା ସରକାରଙ୍କ ବିଦ୍ରୋହୀମାନଙ୍କୁ ମିଲିଟାରୀ ଟ୍ରେନିଂ ଦେଇଥିଲେ । ସେମାନଙ୍କ ବିଷୟରେ ଏହା ମଧ ଖବର ମିଳୁଛି ଯେ ସେହି ବିଦ୍ରୋହୀମାନେ ଫୌଜି ଟ୍ରେନିଂ ଓ ନୁଆ ନୁଆ ଅସ୍ତ୍ରଶସ୍ତ୍ର ହାସଲ କରିବା ପରେ ସନ୍ତ୍ରାସବାଦ ଗୋଷ୍ଠୀମାନଙ୍କ ସହିତ ମିଶିଗଲେ । ଏହା ସତ୍ତ୍ୱେ ମଧ ବର୍ତମାନ ଶିରିଆ ସରକାରଙ୍କ ହଜାର ହଜାର ବିଦ୍ରୋହୀଙ୍କୁ ତୁର୍କି, କତର୍ ଓ ସାଉଦିଆରବ୍‌ରେ ଫୌଜି ଟ୍ରେନିଂ ଦିଆଯାଉଅଛି ।

ମୁଁ ଏହା ବିଶ୍ୱାସ ରଖୁଛି ଯେ ଏହା ବହୁତ ଭଲ ହେବ ଯଦି ବଡବଡ ଦେଶ ଗୁଡିକ ଭିତରେ ଆପୋଷରେ ଭରଷା ରଖି ସନ୍ତ୍ରାସବାଦ୍‌କୁ ନିଃଶେଷ କରିବା ପାଇଁ ସ୍ଥାନୀୟ ସରକାରଗୁଡିକୁ ସାହାଯ୍ୟର ସହଯୋଗ କରନ୍ତୁ । ଏବଂ ଏହି ସାହାଯ୍ୟ ସହଯୋଗ ଏ ସର୍ତରେ କରାଯିବା ଉଚିତ୍ ହେବ ଯେ ସେମାନେ ନିଜ ଦେଶର ଜନସାଧାରଣଙ୍କ ସହିତ ନ୍ୟାୟ କରିବେ ଏବଂ କୌଣସି ପ୍ରକାର ସେମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରିବେ ନାହିଁ ।

ସଂକ୍ଷେପରେ ମୁଁ ଏହା କହିବାକୁ ଚାହୁଁଛି ଯେ ଚରମପନ୍ଥୀ ଗୋଷ୍ଠୀଙ୍କୁ ଶେଷ କରିବା ନିମନ୍ତେ ଯେଉଁ ସବୁ ପଦକ୍ଷେପ ଆଜି ପର୍ଯ୍ୟନ୍ତ ନିଆଯାଇଛି ତାହା ପ୍ରଭାବଶାଳୀ ହୋଇନାହିଁ । ଯଦି ଆମେ ଲିବିୟା ର ସମସ୍ୟା ଗୁଡିକ ଉପରେ ଦୃଷ୍ଟିନିକ୍ଷେପ କରିବା ତେବେ ଆମେ ଏହା ପାଇବା ଯେ ଏବେ କିଛି ବର୍ଷ ପୂର୍ବେ ବଡ଼ ବଡ଼ ଶକ୍ତି ଗୁଡିକ ଏକତ୍ରିତ ହୋଇ ଜେନେରାଲ୍ କଜାଫିର ସରକାରକୁ ଶେଷ କରିବା ପାଇଁ ସ୍ଥାନୀୟ ବିଦ୍ରୋହୀମାନଙ୍କର ସାହାଯ୍ୟ ନେଇଥିଲେ । କିନ୍ତୁ ଫଳ କଣ ହେଲା ? କଣ ଏହାର କିଛି ଲାଭ ହେଲା କି ? ଲିବିୟାର ଜନସାଧାରଣ ମାନଙ୍କର କୌଣସି ପ୍ରକାର ଉନ୍ନତି ହେଲା କି ? ନିଶ୍ଚିତରୂପେ ନୁହେଁ ବରଂ ଏହା ପରିବର୍ତେ ସମ୍ପୂର୍ଣ୍ଣ ଦେଶଟି ଧ୍ୱଂସ ହେଲା ଓ ସନ୍ତ୍ରାସବାଦୀଙ୍କ ନିମନ୍ତେ Breeding Ground ହୋଇଗଲା ।

**ଅହେମଦୀୟା ମୁସ୍‌ଲିମ୍ ପିସ୍ ପ୍ରାଇଜ୍**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶାନ୍ତି ପ୍ରତିଷ୍ଠାର ପ୍ରୟାସକୁ ଆହୁରି ଅଧିକ କରିବା ପାଇଁ ବର୍ଷ ୨୦୦୯ ଠାରୁ Peace Symposium ବ୍ରିଟେନ୍ ଅବସର ରେ ଏପରି ସଂଗଠନ ଓ ସଂସ୍ଥା ବା ସଦସ୍ୟମାନଙ୍କୁ, ଯେଉଁମାନେ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଅହରହ ଚେଷ୍ଟା କରୁଛନ୍ତି, ଚୟନ କରି Ahmadiyya Muslim Peace Prize ଦେବାର ଶୁଭାରମ୍ଭ କରାଗଲା, ଯେଉଁଥିରେ ସମ୍ମାନଜନକ ପୁରସ୍କାର ସହିତ ୧୦ହଜାର୍ ପାଉଣ୍ଡସ୍ ନଗଦ ପୁରସ୍କାର ରାଶି ଦିଆଯାଉଛି ।

ଏ ସମ୍ବନ୍ଧରେ ସୟଦ୍‌ନା ହଜୁର୍ ଅନୁଓ୍ୱର୍‌ଙ୍କ ତରଫରୁ ସର୍ବପ୍ରଥମେ ୨୦୦୯ ରେ Ahmadiyya Muslim Peace Prize ମୋକରମ୍ Lord Eric Avebury ଙ୍କୁ ତାଙ୍କଦ୍ୱାରା କରାଯାଇଥିବା ମାନବିକ ଅଧିକାର ପ୍ରତିଷ୍ଠା ନିମନ୍ତେ ଅହରହ ଚେଷ୍ଟାକୁ ଆଧାରରେ ଦିଆଗଲା ।

ସେହିପରି ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ହିନ୍ଦୁସ୍ତାନ୍‌ର ମହାରାଷ୍ଟ୍ର ରାଜ୍ୟର ମୋକରମା ସନ୍ଧୁ ତାଇ ସ୍କଲ ସାହିବା Mother of Orphans ଙ୍କୁ ପିସ୍ ସିମ୍ପୋଜିୟମ୍ ବ୍ରିଟେନ୍ ୨୦୧୫ ଅବସରରେ ତାଙ୍କ ତରଫରୁ ଅନାଥ ଓ ଅସହାୟ ପିଲାମାନଙ୍କ ଥଇଥାନ ଉନ୍ନତି ନିମନ୍ତେ କରାଯାଇଥିବା ସେବାକୁ ସମ୍ମାନ ଦୃଷ୍ଟିରେ ଦେଖି ଏହି ସମ୍ମାନରେ ସମ୍ମାନିତ କଲେ ।

**ଦୁନିଆର ବଡ଼ ବଡ଼ ନେତା ଓ ଧର୍ମଗୁରୁ ମାନଙ୍କ ନିକଟକୁ ଚିଠି**

ସେହିପରି ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ବିଶ୍ୱରେ ଶାନ୍ତି ସ୍ଥାପନ କରିବା ପାଇଁ ଗୋଟିଏ ପ୍ରଶଂସନୀୟ କାର୍ଯ୍ୟ ଅନ୍ତର୍ଗତ ଦୁନିଆର ଧାର୍ମିକ ଓ ରାଜନୀତିଜ୍ଞଙ୍କ ନିକଟକୁ ଚିଠି ଲେଖିଛନ୍ତି, ଯେଉଁଥିରେ ହଜୁର୍ ସେ ସମସ୍ତଙ୍କୁ ଏ ବିଶ୍ୱାସ ଦେବାପାଇଁ ଚେଷ୍ଟା କରିଛନ୍ତି ଯେ ଆଜି ଦୁନିଆ ବିଶେଷ ରୂପେ ମାନବଜାତିକୁ କେଉଁ ପ୍ରକାରର ବିପଦର ସମ୍ମୁଖିନ ହେବାକୁ ପଡୁଛି । ତତ୍ ସହିତ ସେ ଇସ୍‌ଲାମୀୟ ଶିକ୍ଷାର ଆଲୋକରେ ସମସ୍ତଙ୍କୁ ଏହା ମଧ ବତାଇଛନ୍ତି ଯେ ମାନବ ଜାତି ଓ ଏହି ସଂସାରକୁ ବଂଚାଇବା ନିମନ୍ତେ ଆମେ ଆମର ଦାୟିତ୍ୱ ଗୁଡିକୁ କିପରି ତୁଲାଇବାକୁ ହେବ । ଏହି ଚିଠିମାନଙ୍କ ମଧ୍ୟରୁ କିଛିଟା ମୁଁ ନିମ୍ନରେ ଉପସ୍ଥାପନ କରୁଅଛି-

**(୧)ଇସ୍‌ରାଇଲ୍‌ର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖୁଛନ୍ତି:-** "ମୁଁ ଆପଣଙ୍କ ନିକଟରେ ନିବେଦନ କରୁଛି ଯେ ଏ ଦୁନଆକୁ ଯୁଦ୍ଧର ଅଗ୍ନି କୁଣ୍ଡରେ ପହଂଚାଇବା ପରିବର୍ତେ ନିଜ ସାମର୍ଥ୍ୟ ଅନୁସାରେ ଚେଷ୍ଟା କରନ୍ତୁ କି ଏ ମାନବଜାତି ଧ୍ୱଂସ ମୁଖରୁ ବଂଚିଯାଉ । ଆପୋଷ ଝଗଡ଼ାକୁ ଶକ୍ତି ପ୍ରୟୋଗ କରି ମିମାଂସା କରିବା ପରିବର୍ତେ କଥାବାର୍ତା, ତର୍କ ଓ ଚର୍ଚ୍ଚାର ମାର୍ଗକୁ ଆପଣାଇବା ପାଇଁ ଚେଷ୍ଟା କରନ୍ତୁ । ଯଦ୍ୱାରା ଆମେ ଆମର ଆସନ୍ତା ପିଢ଼ୀକୁ ଅକ୍ଷମତାର ଉପହାର ଦେବା ପରିବର୍ତେ ଏକ ଉଜ୍ଜଳ ଭବିଷ୍ୟତ ଦେଇପାରିବା ।

**(୨)ଇସ୍‌ଲାମୀୟ ରାଷ୍ଟ୍ର ଇରାନ୍‌ର ରାଷ୍ଟ୍ରପତିଙ୍କୁ ଆପଣ ଧ୍ୟାନ ଆକର୍ଷଣ କରାଇ ଲେଖୁଛନ୍ତି:-** ବର୍ତମାନ ଚାରିଆଡେ ଅଧିରତା ଓ ଅଶାନ୍ତି ବ୍ୟାପି ରହିଛି ଅର୍ଥାତ୍ ଦୁନିଆର କିଛି ଭାଗରେ ଛୋଟ ଛୋଟ ଯୁଦ୍ଧ ଆରମ୍ଭ ହୋଇଯାଇଛି ଏବଂ କିଛି ସ୍ଥାନରେ ବଶ୍ୱ ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ଶାନ୍ତି ସ୍ଥାପନା କରିବା ଆଳରେ ହସ୍ତକ୍ଷେପ କରି ବାଧା ସୃଷ୍ଟି କରୁଛନ୍ତି । ଆଜି ସଂସାରର ପ୍ରତ୍ୟେକ ଦେଶ କୌଣସି ଦେଶର ଶତ୍ରୁ ଦେଶଙ୍କ ବିପକ୍ଷରେ ଅଂଟା ଭିଡି ଛିଡ଼ା ହୋଇଛି ବା ଆଉ କୌଣସି ଦେଶର ସହଯୋଗୀ ରୂପେ ଉଭା ହୋଇଛି । କିନ୍ତୁ ନ୍ୟାୟର ମୌଳିକ ଆବଶ୍ୟକତାକୁ ପୂରଣ କରିବା ପ୍ରତି କୌଣସି ଧ୍ୟାନ ଦେଉନାହାଁନ୍ତି । ବିଶ୍ୱର ଏପରି ସଙ୍କଟାପନ୍ନ ଅବସ୍ଥାକୁ ଦେଖି ଅତ୍ୟନ୍ତ ଦୁଃଖର ସହିତ କହିବାକୁ ପଡୁଛି ଯେ ବର୍ତମାନ ଆଉ ଏକ ବିଶ୍ୱଯୁଦ୍ଧର ମୂଳଦୁଆ ପଡ଼ିସାରିଛି ।

**(୩)ଆମେରିକାର ପୂର୍ବତନ ରାଷ୍ଟ୍ରପତି ଓବାମାଙ୍କୁ ଲେଖୁଛନ୍ତି:-** ଆମେ ସବୁ ଜାଣିଛେ କି ଦ୍ୱିତୀୟ ବିଶ୍ୱଯୁଦ୍ଧର ମୂଳ କାରଣ ଭିତରୁ ଲିଗ୍ ଅଫ୍ ନେସନ୍‌ସ ର ବିଫଳତା ଓ ୧୯୩୨ ରେ ଘଟିଥିବା ଆର୍ଥିକ ସଂକଟର ସର୍ବାଗ୍ରେ ଥିଲା । ଆଜି ଦୁନିଆର ବଡ଼ ବଡ଼ ଅର୍ଥଶାସ୍ତ୍ରୀମାନେ ଏହା କହୁଛନ୍ତି ଯେ ବର୍ତମାନ ସମୟରେ ହୋଇଥିବା ଆର୍ଥିକ ସଂକଟ ଓ ୧୯୩୨ ରେ ହୋଇଥିବା ସଂକଟ ଭିତରେ ବହୁତ ସମାନତା ଅଛି । ରାଜନୈତିକ ଓ ଆର୍ଥିକ ସମସ୍ୟା ଗୁଡିକ ଅନେକ ଛୋଟ ଛୋଟ ଦେଶଗୁଡିକୁ ପୁଣି ଥରେ ଯୁଦ୍ଧ କରିବା ପାଇଁ ବାଧ୍ୟ କରିଦେଇଛି । ଏବଂ ଆଉ କିଛି ଗୁଡିଏ ଦେଶ ଭିତରେ ବାହ୍ୟ ଅଶାନ୍ତି ପ୍ରବେଶ କରିବା ଦ୍ୱାରା ଅସନ୍ତୁଳତା ଦେଖାଦେଇଛି । ଏହି ସବୁ ସମସ୍ୟା ଗୁଡିକର ଫଳ ଗୋଟିଏ ବିଶ୍ୱଯୁଦ୍ଧରେ ହିଁ ପରିଣତ ହେବ ।

ଯଦି ଛୋଟ ଛୋଟ ଦେଶଗୁଡିକର ଝଗଡ଼ା ଗୁଡିକୁ ରାଜନୈତିକ ପ୍ରଣାଳୀ ଓ ପ୍ରତିନିଧିତ୍ୱ ଜରିଆରେ ସମସ୍ୟାକୁ ସମାଧାନ କରାନଯାଏ ତେବେ ନିଶ୍ଚିତ ରୂପେ ଦୁନିଆରେ ନୁଆ ନୁଆ ଗୋଷ୍ଠୀ ଏବଂ ନୁଆ ବ୍ଲକ୍ ସୃଷ୍ଟି ହେବେ । ଏବଂ ଏହା ନିଶ୍ଚିତ ରୂପେ ତୃତୀୟ ବିଶ୍ୱଯୁଦ୍ଧର ମୂଳଦୁଆ ହେବ । ଏପରି ପରିସ୍ଥିତିରେ ଦୁନିଆର ଉନ୍ନତି ପ୍ରତି ଧ୍ୟାନ କେନ୍ଦ୍ରିତ କରିବା ପରିବର୍ତେ ଅଧିକ ଜରୁରୀ ଅଟେ ଯେ ଆମେ ଦୁନିଆକୁ ଏହି ମହାବିପତିରୁ ବଂଚାଇବା ପାଇଁ ଚେଷ୍ଟା କରିବା । ମାନବଜାତି ବର୍ତମାନ ଯଥାଶିଘ୍ର ଇଶ୍ୱରଙ୍କୁ ଚିହ୍ନୁ ଯିଏ ସମସ୍ତଙ୍କର ପାଳନକର୍ତା ଅଟନ୍ତି । ଏବଂ ମାନବଜାତିର ଉନ୍ନତି କରିବା ପାଇଁ ଏହା ହିଁ ଏକମାତ୍ର ମାର୍ଗ ନଚେତ୍ ଏ ସଂସାର ଧିରେ ଧିରେ ଧ୍ୱଂସ ହେବାକୁ ଅଗ୍ରସର ହେବ ।

**(୪)ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀଙ୍କୁ ଲେଖୁଛନ୍ତି:-** ମୋର ନିବେଦନ ହେଉଛି ଆମେ ପ୍ରତ୍ୟେକ କୋଣରୁ ଓ ପ୍ରତ୍ୟେକ ପାର୍ଶ୍ୱରୁ ଆମର ସମସ୍ତ ପ୍ରଚେଷ୍ଟା କରି ଏ ଦୁନିଆରୁ ଘୃଣାଭାବକୁ ମିଟାଇଦେବା । ଯଦି ଆମେ ଏହି ଚେଷ୍ଟାରେ ସଫଳ ହୋଇଯିବା ତେବେ ଏହି ସଫଳତା ଆମର ଆସନ୍ତା ପିଢ଼ୀକୁ ଉଜ୍ଜଳ ଭବିଷ୍ୟତ ଦେଇପାରିବ । ଏବଂ ଏଥିରେ ଅସଫଳ ହେବାଦ୍ୱାରା ଆମର ଆସନ୍ତା ପିଢ଼ୀ ଆମର ଉଚିତ୍ କାର୍ଯ୍ୟପନ୍ଥା ଉପରେ ଅମଳ ନକରିବା ଯୋଗୁ ପରମାଣୁ ଯୁଦ୍ଧ ଯୋଗୁ ପ୍ରତ୍ୟେକ ସ୍ଥାନରେ ବିଧ୍ୱଂସକାରୀ ଫଳାଫଳର ସମ୍ମୁଖିନ ହେବେ । ଏବଂ ଆମେ ଆସନ୍ତା ପିଢ଼ୀକୁ ପରମାଣୁ ଯୁଦ୍ଧ ଦ୍ୱାରା ବ୍ୟାପୁଥିବା ନିରନ୍ତର ଧ୍ୱଂସର ଉପହାର ଦେବା । ଏବଂ ଏହି ପିଢ଼ୀ ନିଜର ବଡ଼ମାନଙ୍କୁ, ଯେଉଁମାନେ ଏ ସଂସାରକୁ ଏପରି ବିଧ୍ୱଂସତା ଆଡକୁ ଠେଲିଦେଇଛନ୍ତି, କଦାପି କ୍ଷମା ଦେବେ ନାହିଁ ।

ମୁଁ ପୁଣିଥରେ ଆପଣଙ୍କର ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଛି ଯେ ବ୍ରିଟେନ୍ ଗୋଟିଏ ଏପରି ବିଶ୍ୱଶକ୍ତି ଯିଏ ବିକାଶଶୀଳ ରାଷ୍ଟ୍ରମାନଙ୍କ ସହିତ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କ ଉପରେ ମଧ ପ୍ରଭାବ ପକାଇପାରିବ । ତେଣୁ ଯଦି ଆପଣ ଚାହାଁନ୍ତି

ତେବେ ନ୍ୟାୟର ସବୁ ସର୍ତଗୁଡିକୁ ପୁରା କରି ଏ ଦୁନିଆର ମାର୍ଗଦର୍ଶକ ସାଜିପାରିବେ । ସୁତରାଂ ବ୍ରିଟେନ୍ ଏବଂ ଅନ୍ୟାନ୍ୟ ବିଶ୍ୱଶକ୍ତି ଗୁଡିକ ଏ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ୍ । ଅଲ୍ଲାଃତାଲା ଆପଣଙ୍କୁ ଏବଂ ଅନ୍ୟ ନେତାମାନଙ୍କୁ ଏହି ବାର୍ତାକୁ ବୁଝିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

**ଲିଫ୍‌ଲେଟ୍‌ସ୍ ବଂଟନ**

ସୟଦ୍‌ନା ହଜୁର୍ ଅନୱର୍ ଅ:ବ:ଅ ଶାନ୍ତି ପ୍ରତିଷ୍ଠା କରିବାର ଚେଷ୍ଟାରେ ଦୁନିଆର ପ୍ରତ୍ୟେକ ବର୍ଗକୁ ଟାର୍ଗେଟ୍ କରିଛନ୍ତି ଏବଂ ପ୍ରତ୍ୟେକ ବିଶେଷ ଓ ସାଧାରଣ ଲୋକମାନଙ୍କୁ ଏହି ଶାନ୍ତି ମିସନ୍ ସହିତ ଯୋଡ଼ିବା ପାଇଁ ଚେଷ୍ଟା କରିଛନ୍ତି । ଆପଣ ଯେକୌଣସି ଦେଶର ସାଧାରଣ ବର୍ଗଙ୍କୁ ସମ୍ବୋଧନ କରିବା ନିମନ୍ତେ ଇସଲାମ୍‌ର ଶାନ୍ତିପ୍ରିୟ ଓ ବାସ୍ତବିକ ଶିକ୍ଷା ଆଲୋକରେ ଶାନ୍ତିମୂଳକ ବିଷୟବସ୍ତୁ ଉପରେ ଆଧାରିତ ଲିଫ୍‌ଲେଟ୍‌ସ୍ ବଂଟନ କରିବା ପାଇଁ ବିଶ୍ୱବ୍ୟାପି ଯମାତ୍ ଅହେମଦୀୟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆପଣଙ୍କ ଏହି ନିର୍ଦ୍ଦେଶ ମୁତାବକ ଯମାତ୍ ଅହେମଦୀୟାର ଲକ୍ଷ୍ୟ ଲକ୍ଷ୍ୟ ଶ୍ରଦ୍ଧାଳୁ ଦୁନିଆର କୋଣ ଅନୁକୋଣରେ କୋଟି କୋଟି ସଂଖ୍ୟକ ଶାନ୍ତିମୂଳକ ବିଷୟବସ୍ତୁ ଉପରେ ଆଧାରିତ ଲିଫ୍‌ଲେଟ୍‌ସ୍ ପ୍ରକାଶନ କରି ବାଂଟି ଚାଲିଛନ୍ତି । ଏବଂ ଶାନ୍ତିର ଏହି ମିଶନ୍ ସହିତ ସାଧାରଣ ଲୋକଙ୍କୁ ଯୋଡ଼ି ଚାଲିଛନ୍ତି ।

ସୟଦ୍‌ନା ହଜୁର୍ ଅନୱର୍ ୨୩ ନଭେମ୍ବର୍ ୨୦୧୫ ମସିହାରେ ହିଲଟେନ୍ ହୋଟେଲ୍, ଊଡାଇବା ଟୋକିଓ ଜାପାନ୍ଠାରେ ସମ୍ମାନୀୟ ବ୍ୟକ୍ତିବିଶେଷଙ୍କୁ ସମ୍ବୋଧନ କରି କହୁଛନ୍ତି:-

ମୁଁ ଆପଣ ସମସ୍ତଙ୍କୁ ନିବେଦନ କରୁଛି ଯେ ନିଜର ସାମର୍ଥ୍ୟକୁ ବ୍ୟବହାର କରି ଦୁନିଆରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ନିମନ୍ତେ ଚେଷ୍ଟା କରିଚାଲନ୍ତୁ । ଆମ ସମସ୍ତଙ୍କ ଉପରେ ଏ ଦାୟିତ୍ୱ ଅଛି ଯେ ଯଦି ଆମେ ଦୁନିଆରେ କେଉଁଠି ଅଶାନ୍ତିର ବାତାବରଣକୁ ଦେଖିବା ସେଠାରେ ଆମେ ନ୍ୟାୟ ପାଇଁ ସ୍ୱର ଉତଳନ କରିବା ଏବଂ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଚେଷ୍ଟା କରିବା । ଯଦ୍ଦ୍ୱାରା ଆମେ ସେହିପରି ଭୟାନକ ଯୁଦ୍ଧରୁ ସୁରକ୍ଷା ପାଇପାରିବା, ଯାହା ଆଜିଠାରୁ ୭୦ ବର୍ଷ ପୂର୍ବେ ଅନୁଷ୍ଠିତ ହୋଇଥିଲା ଏବଂ ଯାହାର ବିଧ୍ୱଂସକାରୀ ପ୍ରଭାବ ଅନେକ ଦଶକ ପର୍ଯ୍ୟନ୍ତ ଜାରି ରହିଥିଲା । ବରଂ ଆଜି ପର୍ଯ୍ୟନ୍ତ ମଧ୍ୟ ଅନୁଭବ କରାଯାଉଛି । ଯଦିଚ ଏହା ବହୁତ କମ୍ ମାତ୍ରାରେ । ବର୍ତମାନ ଗୋଟିଏ ବିଶ୍ୱଯୁଦ୍ଧର ଆରମ୍ଭ ହୋଇସାରିଛି । କିନ୍ତୁ ଆମପାଇଁ ଏହା ଉଚିତ୍ ହେବ ଯେ ଆମେ ନିଜର ଦାୟିତ୍ୱଗୁଡିକୁ ସମୟ ମୁତାବକ ନିର୍ବାହ କରିବା ନଚେତ୍ ଏହାର କୁପ୍ରଭାବ ସାରା ସଂସାରକୁ ନିଜ ଆୟତରେ ନେଇନେବ । ସେହି ହତ୍ୟାକାରୀ ଓ ଘାତକ ଅସ୍ତ୍ର ଶସ୍ତ୍ର ଗୁଡିକ ପୁନର୍ବାର ବ୍ୟବହାର ହେବା ଦ୍ୱାରା ଆମ ଆସନ୍ତା ପିଢ଼ୀକୁ ଧ୍ୱଂସ କରିଦେବ ।

ସୁତରାଂ ଆସନ୍ତୁ ସମସ୍ତେ ମିଳିମିଶି ନିଜ ଉପରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱଗୁଡିକୁ ନିର୍ବାହ କରିବା । ବିରୁଦ୍ଧାଚରଣକୁ ପରିତ୍ୟାଗ କରି ଆମେ ସମସ୍ତେ ଏକାଠି ହୋଇ ଜଣେ ଅନ୍ୟଜଣଙ୍କର ସହଯୋଗ କରିବା ଉଚିତ୍ । ଏତଦ୍‌ବ୍ୟତୀତ ଆମ ପାଖରେ ଆଉ କୌଣସି ରାସ୍ତା ନାହିଁ । କାରଣ ଯଦି ତୃତୀୟ ବିଶ୍ୱଯୁଦ୍ଧ ନିୟମ ପୂର୍ବକ ଆରମ୍ଭ ହୋଇଯିବ ତେବେ ଏହାର ଫଳାଫଳ ବହୁତ ଭୟଙ୍କର ହେବ । ତେଣୁ ଏହି ସଙ୍ଗୀନ ପରିସ୍ଥିତିକୁ ନିଶ୍ଚିତ ରୂପେ ବୁଝିବାକୁ ହେବ ନଚେତ୍ ବହୁତ ଡେରି ହୋଇଯିବ । ତତ୍‌ସହିତ ମାନବଜାତି ଇଶ୍ୱରଙ୍କ ନିକଟରେ ନତମସ୍ତକ ହୋଇ ଇଶ୍ୱରଙ୍କ ଅଧିକାର ଓ ଆପୋଷରେ ଥିବା ଅଧିକାରକୁ ପ୍ରଦାନ କରିବା ଉଚିତ୍ ।

ଯେଉଁମାନେ ଧର୍ମ ନାମରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛନ୍ତି, ଅଲ୍ଲାଃତାଲା ସେମାନଙ୍କୁ ବୁଦ୍ଧି ଓ ଜ୍ଞାନ ପ୍ରଦାନ କରନ୍ତୁ । ଅଲ୍ଲାଃ କରନ୍ତୁ ଯେ ଦୁନିଆର ପ୍ରତ୍ୟେକ ଭାଗରେ ଅଧିକ ସମୟ ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ ହେଉ । ଆମିନ୍ ।

**ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସତ୍ୟତାର ଏକ ମହାନ୍ ପ୍ରମାଣ**

''ୱଲଓ ତକୱ୍ୱଲା ଆଲୈନା ବାଜଲ ଅକାୱିଲ୍ ଲଅଖଜ୍‌ନା ମିନ୍‌ହୁ ବିଲୟମିନ୍ ସୁମ୍ମା ଲକତ୍‌ଅନା ମିନ୍‌ହୁଲ୍ ୱ୍‌ତିନ୍'' (ଅଲ୍‌ହାକା - ୪୫-୪୭)

ଅର୍ଥାତ୍-ଯଦି ସେ କିଛି କଥାକୁ ମିଥ୍ୟାରୂପେ ମୋ ତରଫରୁ ଆସିଅଛି ବୋଲି କହିଥାନ୍ତା ତେବେ ଆମେ ନିଶ୍ଚିତରୂପେ ଡ଼ାହାଣ ହାତରେ ତାକୁ ଧରିଥାନ୍ତୁ (ଦଣ୍ଡିତ କରିଥାନ୍ତୁ) । ପୁଣି ଆମ୍ଭେ ନିଶ୍ଚିତ ରୂପେ ତାର ଗଳାକୁ କାଟିଦେଇଥାନ୍ତୁ । ଯମାତ୍ ଅହେମଦୀୟାର ସଂସ୍ଥାପକ, ହଜ୍‌ରତ୍ ଅକ୍‌ଦସ ମିର୍ଜା ଗୁଲାମ୍ ଅହେମଦ୍ ସାହେବ କାଦିୟାନି ମସିହ୍ ମଉଦ ଓ ମେହଦି ମାହୁଦ୍ ଆ:ସ ଇସ୍‌ଲାମର ସତ୍ୟତା ଏବଂ ଆଁ ହଜ୍‌ରତ ସ:ଆ:ସ ଙ୍କ ସହିତ ତାଙ୍କର ଆଧାତ୍ମିକ ସମ୍ପର୍କ ଥିବାର ବାରମ୍ବାର ଅଲ୍ଲାଃତାଲାଙ୍କ ରାଣ ଖାଇ ଜଣାଇଲେ ଯେ ମୁଁ ଅଲ୍ଲାଃଙ୍କ ତରଫରୁ ଆସିଅଛି ।

ଏହିପରି ଏକାଧିକ ବାଣୀକୁ ଏକତ୍ରିତ କରି ଗୋଟିଏ ପୁସ୍ତକ

**''ଖୁଦା କି କସମ୍''**

ନାମରେ ପ୍ରକାଶ କରାଯାଇଅଛି । ଏହି ପୁସ୍ତକଟିକୁ ପାଇବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନରେ ଦିଆଯାଇଥିବା ଠିକଣା ମାଧ୍ୟମରେ ମାଗଣାରେ ହାସଲ କରନ୍ତୁ ।

E-Mail : javidashu123@gmail.com
Mobile: 9866358609, 7569355609
Postal Address : Muhammad Javed Ahmad
H.No. 3-4-772, Opp. C.C.Shroff Hospital
BARKATPURA, KACHIGUDA
HYDRABAD-500027(T.S)

**ଅଖ୍‌ବାର୍ (ସମାଚାର ପତ୍ର) ବଦର୍ ନିଜେ ପଢ଼ନ୍ତୁ ଓ ନିଜ ସାଙ୍ଗସାଥି ମାନଙ୍କୁ ପଢ଼ିବା ପାଇଁ ମଧ୍ୟ ପ୍ରୋତ୍ସାହିତ କରନ୍ତୁ ।**

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଡିସେମ୍ବର୍ ୨୦୧୪ ବଦର୍ ର ବିଶେଷାଙ୍କ ନିମନ୍ତେ ନିଜ ବାର୍ତାଦେଇ କହୁଛନ୍ତି:-

"ଏ କଥାକୁ ବଦର୍ ର କାର୍ଯ୍ୟାଳୟ ଓ ପାଠକେ ସର୍ବଦା ମନେରଖିବା ଉଚିତ୍ ଯେ ଏହି ସମାଚାର ପତ୍ରଟିକୁ ଯମାତ୍‌ର ସଦସ୍ୟମାନଙ୍କର ଆଧାତ୍ମିକ ସୁଧାର ଓ ଆଧାତ୍ମିକ ଉନ୍ନତି ପାଇଁ ପ୍ରଚଳନ କରାଯାଇଥିଲା । ଏବଂ ଆମ ସମ୍ମାନସ୍ପଦ ପୂର୍ବଜ ପ୍ରତିକୂଳ ପରିସ୍ଥିତି ରହିବା ସତ୍ତ୍ୱେ ମଧ୍ୟ ବହୁତ ପରିଶ୍ରମ କରି ଏହାକୁ ସର୍ବଦା ଜାରି ରଖିବା ପାଇଁ ବହୁତ ଚେଷ୍ଟା କରିଛନ୍ତି । ସେମାନଙ୍କ ଦୁଆ ଓ ପବିତ୍ର ପ୍ରୟାସର ବର୍‌କତ୍ ଯୋଗୁ ଆଜି ପର୍ଯ୍ୟନ୍ତ ଏହା ଜାରି ରହିଛି । ଏବଂ ଏ କଥାରୁ ଏହା ଆଶା କରାଯାଉଛି ଯେ ଅଧିକରୁ ଅଧିକ ଅହେମଦୀ ଏହାକୁ ପଢ଼ନ୍ତୁ ଓ ଏଥିରୁ ଲାଭ ଉଠାନ୍ତୁ । ଅଲ୍ଲାଃତାଲା ତାଙ୍କ ଅସୀମ କରୁଣା ଦ୍ୱାରା ବିଶେଷତଃ ହିନ୍ଦୁସ୍ତାନ୍‌ର ଅହେମଦୀ ଓ ସାଧାରଣତଃ ବାକି ଦୁନିଆରେ ରହୁଥିବା ଅହେମଦୀମାନଙ୍କୁ ଏହାକୁ ପଢ଼ିବା ପାଇଁ ଓ ଏ ସମ୍ବନ୍ଧିତ ବର୍‌କତ୍‌କୁ ପ୍ରାପ୍ତ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍"

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାରଗର୍ଭକ ଉପଦେଶକୁ ଦୃଷ୍ଟିରେ ରଖି ଯମାତ୍ ଅହେମଦୀୟା ଭାରତଙ୍କ ଗୋଚରେ ନିବେଦନ କରାଯାଉଛି ଯେ ପ୍ରତ୍ୟେକ ଘରେ ଅଖ୍‌ବାର୍ ବଦର୍ ଅଧ୍ୟୟନକୁ ନିଶ୍ଚିତ କରାଇବା ଜରୁରୀ ଅଟେ । ଏଥିରେ କୁରୁଆନ୍, ହଦିସ୍ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପଦେଶାବଳୀ ଗୁଡିକ ବ୍ୟତୀତ ହଜୁର୍ ଅନୱର୍‌ଙ୍କ ଖୁତ୍‌ବା ଜୁମା ଓ ଅଭିଭାଷଣ ଗୁଡିକ ସହିତ ହଜୁର୍ ଅନୱର୍‌ଙ୍କ ବିଭିନ୍ନ ଦେଶର ଗସ୍ତ ବାବଦରେ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟ ଗୁଡିକ ପ୍ରକାଶ କରାଯାଉଛି, ଯାହାର ଅଧ୍ୟୟନ କରିବା ପ୍ରତ୍ୟେକ ଅହେମଦୀଙ୍କ ନିମନ୍ତେ ଜରୁରୀ ଅଟେ । ଅଲ୍ଲାଃଙ୍କ କରୁଣାରୁ ଏବେ ଏହି ଅଖ୍‌ବାର୍ (ସମାଚାର ପତ୍ର) ହିନ୍ଦି, ବଙ୍ଗଳା, ତାମିଲ୍, ତେଲଗୁ, ମାଲାୟାଲମ୍ ଓ ଓଡ଼ିଆ ଭାଷାରେ ମଧ୍ୟ ପ୍ରକାଶ କରାଯାଉଛି । ଯେଉଁ ଅହେମଦୀ ବନ୍ଧୁମାନେ ଏପର୍ଯ୍ୟନ୍ତ ଅଖ୍‌ବାର୍ ବଦର୍‌କୁ ନିଜ ନାମରେ ମଗାଉ ନାହାଁନ୍ତି ସେମାନଙ୍କୁ ନିବେଦନ କରାଯାଉଛି ଯେ ଅଖ୍‌ବାର୍ ବଦର୍ ନିଜ ନାମରେ ମଗାଇ ନିଜେ ମଧ୍ୟ ପଢ଼ନ୍ତୁ ଏବଂ ନିଜ ପିଲାମାନଙ୍କୁ ଓ ଘରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ଏହାର ଅଧ୍ୟୟନ ନିମନ୍ତେ ଅବସର ଯୋଗାଇଦିଅନ୍ତୁ । ଅଲ୍ଲାଃତାଲା ଆମକୁ ହଜୁର୍ ଅନୱର୍‌ଙ୍କ ଉପଦେଶ ମୁତାବକ ପରିଚାଳିତ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଅଖ୍‌ବାର୍ ବଦର୍ ପ୍ରାପ୍ତ ନହେବା ସମ୍ବନ୍ଧରେ ଯଦି କୌଣସି ପ୍ରକାର ଅଭିଯୋଗ ଥାଏ ବା ଏହାର ଚାନ୍ଦା ପଇଠ କରିବା ବିଷୟରେ ଜାଣିବା ପାଇଁ ନିମ୍ନରେ ଦିଆଯାଇଥିବା ଫୋନ୍ ନମ୍ବର୍ ରେ ଯୋଗାଯୋଗ କରନ୍ତୁ ।

(ନୱାବ୍ ଅହମଦ୍, ମ୍ୟାନେଜର୍ ଅଖ୍‌ବାର୍ ବଦର୍)

+୯୧ ୧୮୭୨ ୨୨୪୭୫୭ +୯୧ ୯୪୧୭୦ ୨୦୬୧୬ managerbadrqnd@gmail.com